

# ଶ୍ରୀକ୍ଷେତ୍ରରେ ଶ୍ରୀକ୍ଷେତ୍ର ମହୋତ୍ସବ

ରାଜକିଶୋର ମିଶ୍ର

**ଶ୍ରୀ** ବା ଲକ୍ଷ୍ମୀଙ୍କର କ୍ଷେତ୍ର ଶ୍ରୀକ୍ଷେତ୍ର । ଉତ୍କଳ ଲକ୍ଷ୍ମୀଙ୍କର ନିବାସଭୂମି, ଶ୍ରୀୟା ଚାଣ୍ଡାଳୁଣୀର ଉତ୍କର୍ଷ ଭକ୍ତି-ଭୂମି, କମଳାକାନ୍ତଙ୍କର ବିହାରସ୍ଥଳୀ, ପୁରୁଷୋତ୍ତମ-ଜଗନ୍ନାଥ-ଜଗଦୀଶ ବିଷ୍ଣୁଙ୍କର ଏ ହେଉଛି ନିତ୍ୟ ବୈକୁଣ୍ଠ । ଧରାବତରିତ ବ୍ରହ୍ମଦାରୁଙ୍କର ଲୀଳାବିଳାସର ପାବନ କ୍ଷେତ୍ର ପୁରୀଧାମ । ଆର୍ଯ୍ୟାବର୍ତ୍ତ ଓ ଦକ୍ଷିଣାବର୍ତ୍ତ-ଭାରତଭୂମିର ନାଭିପ୍ରଦେଶରେ ପୂର୍ବସାଗରକୁ ତରଙ୍ଗାୟିତ କରି ଓ ସେଇ ମହୋଦଧିର ଉଚ୍ଛଳ ଶରୀରରେ ପତିତପାବନ ବାନାର ସ୍ପନ୍ଦନକୁ ପୁଲକିତ କରି, ସମଗ୍ର ଭାରତବର୍ଷକୁ ସୁରଭିତ କରି ନୀଳକନ୍ଦରରେ ବିରାଜୁଥିବା ଅପାଣି-ପାଦ, ଅକର୍ଣ୍ଣ, ଜ୍ୟୋତିର୍ମୟ, ଆଶୀର୍ମୟ, ମମତାମୟ, ବପୁଷ୍ମାନ୍ ଦାରୁବ୍ରହ୍ମଙ୍କର ବିଳାସଭୂମି ଶ୍ରୀକ୍ଷେତ୍ର ପୁରୀ ।

ବିଶ୍ୱ ମାନଚିତ୍ରରେ ୧୯°୨୮' ଅକ୍ଷାଂଶ ଏବଂ ୮୪°୨୯' ଦ୍ରାଘିମାରେ ଅବସ୍ଥିତ ଏହି କ୍ଷେତ୍ର ଆଜି ସମଗ୍ର ପୃଥିବୀର ଆଧ୍ୟାତ୍ମିକ ଜିଜ୍ଞାସାର ଏକ ରହସ୍ୟମୟ ବିନ୍ଦୁ ପାଲଟି ଯାଇଛି । ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରୁ ଏହି ଗୁପ୍ତ ଲୀଳା କ୍ଷେତ୍ର ଗୋଚରୀଭୂତ ହେବା କଥା ଇତିହାସ କହେ । ହେଲେ, ପୁରାଣ କିନ୍ତୁ ଘାଣ୍ଟି ଯାଏ ଅତୀତର ନିଥର ଗହ୍ୱରକୁ । ବ୍ରହ୍ମାଙ୍କର ପଞ୍ଚମ ପୁରୁଷ ଇନ୍ଦ୍ରଦ୍ୟୁମ୍ନ, ମାଳବର ରାଜା । ସେ ନିଜର ଯଜ୍ଞାଦି ଅଭିଷେକ ପରେ ହଠାତ୍ ଜଣେ ଜଟାଜୁଟ ତପସ୍ୱୀଙ୍କୁ ସାକ୍ଷାତ କରନ୍ତି । ସେଇ ରହସ୍ୟମୟ ତପସ୍ୱୀ ରାଜାଙ୍କୁ ପରାମର୍ଶ ଦିଅନ୍ତି :

ଉକ୍ତବାନ୍ ସହସାଶ୍ଚର୍ଯ୍ୟଂ ରୋମାଞ୍ଚିତ ବପୁର୍ଦ୍ଧରଃ
ଆକର୍ଣ୍ଣୟ ନୃପଶ୍ରେଷ୍ଠ କ୍ଷେତ୍ରେ ଶ୍ରୀପୁରୁଷୋତ୍ତମେ
ନୀଳାଚଳେଽସ୍ତି ପରମସ୍ତତ୍ର ନୀଳବପୁର୍ଦ୍ଧରଃ
ମାଧବୋଽସ୍ତି ଧରାନାଥ ପ୍ରତ୍ୟହଂ ଦେବତାର୍ଚ୍ଚିତଃ ।।

'ନୀଳାଚଳରେ ବିରାଜୁଥିବା ନୀଳବପୁ ପରମପ୍ରଭୁ ନୀଳମାଧବଙ୍କୁ ଯାଇ ଦର୍ଶନ କର ।' କେଉଁ ଦିଗରେ କେତେ ଦୂରରେ ଏ ବିସ୍ମୟ-ନୀଳାଚଳ ? ରାଜାଙ୍କର ଏହି ପ୍ରଶ୍ନର ଉତ୍ତରରେ ସୂର୍ଯ୍ୟତେଜପ୍ରଭ ଜଟିଳ ତପସ୍ୱୀ ବେଶଧାରୀ ବ୍ରହ୍ମାଣ୍ଡଠାକୁର କୁହନ୍ତି :

ଲବଣାମ୍ଭୋନିଧେସ୍ତୀରେ ଚୋତ୍ତରେଽତିମନୋହରେ
ଓଡ୍ରୋଦେଶୋଽସ୍ତି ବିଖ୍ୟାତୋ ନାନାତୀର୍ଥ ବିଭୂଷିତଃ
ତସ୍ମିନ୍ନାସ୍ତେ ମହାକ୍ଷେତ୍ରଂ ପବିତ୍ରଂ ପୁରୁଷୋତ୍ତମଂ
ତତ୍ର ନୀଳାଚଳେ ରମ୍ୟେ ମାଧବୋ ନୀଳସୁନ୍ଦରଃ ।।

'ଲବଣ ସମୁଦ୍ରର ଉତ୍ତର ଦିଗରେ ଯେଉଁ ଓଡ଼ିଶା ଦେଶ ଅଛି, ସେଇ ଦେଶରେ ଅଛି ପବିତ୍ର ପୁରୁଷୋତ୍ତମ ନୀଳାଚଳ କ୍ଷେତ୍ର ଏବଂ ସେଠାରେ ଥିବା ନୀଳ ପର୍ବତରେ ନୀଳସୁନ୍ଦର ନୀଳମାଧବ ଅଛନ୍ତି । ସେଠି ଏକକୋଶବ୍ୟାପୀ ମହାବଟ କଳ୍ପଦ୍ରୁମ ଅଛି । ସେହି ବଟର ପଶ୍ଚିମ ପଟରେ ଶବରପଲ୍ଲୀ ଆଶ୍ରମ । ହେ ରାଜା, ତୁମେ ଯାଇ ସେ ଆଶ୍ରମରେ ଅବସ୍ଥାନ କର ।' ଏହା କହି ଜଟାରୂପୀ ମାଧବ-ଜଗନ୍ନାଥ ନିଜ ଗଳାରୁ କାଢ଼ି ଇନ୍ଦ୍ରଦ୍ୟୁମ୍ନ ରାଜାଙ୍କୁ ନିଜର ଅପୂର୍ବ ଦିବ୍ୟ ଆଜ୍ଞାମାଳ ପ୍ରଦାନ କରି ଶ୍ରୀକ୍ଷେତ୍ର-ପୁରୀକୁ ଆସିବାକୁ ଆମନ୍ତ୍ରଣ ଜଣାଇଥିବାର ଉଜ୍ଜ୍ୱଳ କାହାଣୀ 'ଶ୍ରୀନୀଳାଦ୍ରି ମହୋଦୟ' ଗ୍ରନ୍ଥରେ ଉତ୍କୀର୍ଣ୍ଣ ହୋଇଛି । ପ୍ରଭୁଙ୍କର ପ୍ରଥମ ନିମନ୍ତ୍ରଣ ତାଙ୍କର ପରମଭକ୍ତ ଇନ୍ଦ୍ରଦ୍ୟୁମ୍ନ ରାଜାଙ୍କୁ । କାଳକ୍ରମେ ବିଦ୍ୟାପତି, ପରେ ସ୍ୱୟଂ ରାଜା, ଋଷିବର ନାରଦଙ୍କ ସହିତ ଶ୍ରୀକ୍ଷେତ୍ରକୁ ଆସିଛନ୍ତି । 'ଅଘଟନଘଟନନାଟକସ୍ୟାଭିନେତା' ସ୍ୱୟଂ ବିଷ୍ଣୁ ଦାରୁରୂପୀ ହୋଇ ଅଜସ୍ର ଅଲୌକିତା ଦେଖେଇଛନ୍ତି । ନୀଳାଚଳକୁ 'ଲୀଳାଚଳ ବିଳାସଭୂମି' କରିବା ପାଇଁ ସମୁଦ୍ର ଉପକଣ୍ଠରେ ଥିବା ଜନଜାତିକୁ ସମ୍ମୋହିତ କରି ସେମାନଙ୍କୁ ଲୀଳା-ସହଚର କରିଛନ୍ତି । ବର୍ଷସାରା ଯାନିଯାତ୍ରାର ମହକରେ ପ୍ରଭୁଙ୍କର ଲୀଳାକ୍ଷେତ୍ରଟି ପୁଲକିତ ହୋଇ ଉଠିଛି । ଭକତ ବତ୍ସଳର ଅଲୌକିକ ମଧୁରିମାରେ ସଭିଙ୍କୁ ଚମକିତ କରି ମର୍ତ୍ତ୍ୟରେ ଅମର୍ତ୍ତ୍ୟର ପାରିଜାତ ରେଣୁ ବିଞ୍ଚି ବିଞ୍ଚି ଚାଲିଛନ୍ତି ସେ ଯୁଗ ଯୁଗ ଧରି ।

ଶ୍ରୀମନ୍ଦିରରେ ପ୍ରତ୍ୟହ ଯାହା ଘଟେ, ତା'ର ଛିଟା ପଡ଼େ ସମଗ୍ର ଓଡ଼ିଶାରେ । ତା'ର ଜ୍ୟୋତି ବିଚ୍ଛୁରିତ ହୁଏ ସମଗ୍ର ଭାରତରେ । ତା'ର ମଧୁର ନିକ୍ୱଣ ସ୍ପନ୍ଦିତ କରେ ସମଗ୍ର ଧରାଧାମକୁ । ସେଇଥି ପାଇଁ ଛୁଟି ଆସନ୍ତି ଅସୁମାରୀ ବ୍ୟାକୁଳ ହୃଦୟ । ସମୁଦ୍ର ଉଛୁଳି ଉଠେ ବାଇଶି ପାହାଚ ପର୍ଯ୍ୟନ୍ତ । ଲହଡ଼ି ଭାଙ୍ଗେ ଜନ ସମୁଦ୍ର । ଆର୍ତ୍ତିର, ଆନନ୍ଦର, ବ୍ୟାକୁଳ ପ୍ରତୀକ୍ଷାର ଅଶ୍ରୁଳ ବୀଚିବିକ୍ଷୁବ୍ଧ ଜନ-ସମୁଦ୍ର ବାସ୍ତବିକ ଅନିର୍ବଚନୀୟ । ସାଧୁସନ୍ଥଙ୍କର, ଭକ୍ତଜନଙ୍କର ବାସ୍ତବାୟିତ ସ୍ୱପ୍ନଗୁଡ଼ିକ ଏଠି ଭାସି ଉଠେ ସବୁରି ଅଲକ୍ଷ୍ୟରେ ।

ଏଇ ଅପୂର୍ବ କ୍ଷେତ୍ରର କ୍ଷେତ୍ରାଧିପତି କେତେ ଭଜନପ୍ରିୟ, ଭୋଜନପ୍ରିୟ, କୌତୁକ ପ୍ରିୟ, ଆମୋଦପ୍ରିୟ ସତେ ? ନନ୍ଦବଳା କାହ୍ନୁଙ୍କର ଏ କ'ଣ ଷୋଳଗୁଣା ନୁହନ୍ତି ? ସତ୍, ଚିତ୍ ଓ ଆନନ୍ଦର ଜୀଅନ୍ତା ଠାକୁର ରକ୍ତମାଂସର ମଣିଷଭଳି ସଭିଙ୍କ ସାଙ୍ଗରେ ସବୁବେଳେ

ରହିବାକୁ କେତେ ଭଲ ପାଆନ୍ତି ସତେ ? କେତେକ କହନ୍ତି ଅଯୋନିଜନ୍ମା ମେରୀ ପୁତ୍ର ଯୀଶୁ କୁଆଡ଼େ ଆସି କେତେଦିନ ଏଠି ରହିବାର ଲୋଭ ସମ୍ବରଣ କରିପାରିନଥିଲେ ।

କାହିଁ କେତେ ଦିନର କାହାଣୀ ସେ । ନବମ ଶତାବ୍ଦୀରେ ମୁରାରୀ ମିଶ୍ରେ 'ଅନର୍ଘ ରାଘବ ନାଟକ' ସଂସ୍କୃତରେ ରଚନା କରି ପୁରୁଷୋତ୍ତମଙ୍କର ଶ୍ରୀକ୍ଷେତ୍ର ମହୋତ୍ସବରେ ନାଟକର ଅଭିନୟ ସମର୍ପଣ କଲେ । ଦ୍ୱାଦଶ ଶତାବ୍ଦୀରେ ଶ୍ରୀଜୟଦେବ ଗୀତଗୋବିନ୍ଦ ରଚନା କରି ନିଜ ପତ୍ନୀ ପଦ୍ମାବତୀଙ୍କ ସହ ନୃତ୍ୟାଭିନୟ ବାଢ଼ି ଦେଲେ ପ୍ରଭୁଙ୍କ ଆଗରେ । ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରେ ନଦିଆ ନବଦ୍ୱୀପରୁ ସନ୍ନ୍ୟାସୀ ଶ୍ରୀଚୈତନ୍ୟ ଆସିଆସି ଅଠରନଳା ଅତିକ୍ରମ କରୁ କରୁ ଭାବବିହ୍ୱଳ ହୋଇ ଉଠିଲେ । ପ୍ରାୟ ଦୁଇ ଦଶକ ଧରି ସେ ଅପୂର୍ବ ନୃତ୍ୟ ଛନ୍ଦରେ ପ୍ରଭୁଙ୍କ ଆଗରେ ନାଚି ଉଠିଲେ । ତାଙ୍କର ପୁରୀ ଆଗମନ ପୂର୍ବରୁ ପ୍ରତାପରୁଦ୍ର ମହାରାଜାଙ୍କର ରାଜଗୁରୁ କବି ଡିଣ୍ଡିମ ଜୀବଦେବାଚାର୍ଯ୍ୟ 'ଭକ୍ତି ବୈଭବ ନାଟକ' ରଚନା କରି ଶ୍ରୀମନ୍ଦିର ପ୍ରାଙ୍ଗଣରେ ଦୋଳଯାତ୍ରା ସମୟରେ ଅଭିନୟ ଅର୍ପଣ କଲେ । ପଦାଧିକାରୀ ରାମାନନ୍ଦ ପଟ୍ଟନାୟକ 'ଜଗନ୍ନାଥ ବଲ୍ଲଭ ନାଟକ' ଲେଖି ଶ୍ରୀକ୍ଷେତ୍ରରେ ଏକ ନାଟ୍ୟ ମଞ୍ଚରେ ତାଙ୍କ ନାଟକକୁ ପରିବେଷଣ କଲେ । ଓଡ଼ିଶାରେ ପ୍ରଥମ କରି ରସିକଶେଖର ଶ୍ରୀଜଗନ୍ନାଥଙ୍କ ପ୍ରୀତି ଉଦ୍ଦେଶ୍ୟରେ ସେ ନାରୀ ଚରିତ୍ରର ନୃତ୍ୟାଭିନୟ ପ୍ରଭୁଙ୍କୁ ସମର୍ପଣ କରିବା ପାଇଁ ଉତ୍କଣ୍ଠିତ ହୋଇ ଉଠିଥିଲେ । କୁହାଯାଏ ଅନ୍ୟ ଏକ ଜୟଦେବ (?) 'ପିୟୂଷ ଲହରୀ' ଏକାଙ୍କିକା ରଚନା କରି ମନ୍ଦିର ପ୍ରାଙ୍ଗଣରେ ପ୍ରଭୁଙ୍କୁ ଦେଖାଇଥିଲେ । ସେହିପରି ୧୫୭୫ ମସିହାରେ ଗଜପତି ରାମଚନ୍ଦ୍ରଦେବ 'ଶ୍ରୀକୃଷ୍ଣ ଭକ୍ତବାତ୍ସଲ୍ୟଚରିତମ୍' ନାମକ ସ୍ୱରଚିତ ଏକାଙ୍କିକାକୁ ରଥଯାତ୍ରା ସମୟରେ ପ୍ରଭୁଙ୍କୁ ନୈବେଦ୍ୟ ଦେଇଥିଲେ । ଓଡ଼ିଆ କଣ୍ଠର ଉଚ୍ଚାରଣର ସ୍ପନ୍ଦନ ହେଉଛନ୍ତି ଶ୍ରୀଜଗନ୍ନାଥ । ତାଙ୍କର ଶକ୍ତିରୂପା ମା' ସାରୋଳାଙ୍କ ଇଙ୍ଗିତରେ ଶାରଳା ଦାସ ରଚନା କଲେ ମହାଭାରତ । ଜଗମୋହନରେ ପ୍ରଭୁଙ୍କ ସହ ନିବିଡ଼ ସାନ୍ନିଧ୍ୟ ଲାଭ କରି ବଳରାମ ଦାସ ରଚନା କଲେ ଜଗମୋହନ ରାମାୟଣ । ଜଗନ୍ନାଥ ଦାସ ଶ୍ରୀମଦ୍ ଭାଗବତର ଅନୁପମ ଓଡ଼ିଆ ଅନୁବାଦ କରି ବଟମୂଳରେ ଶ୍ୱେତ ଗଣେଶଙ୍କ ପାଖେ ବସି ଅସୁମାରୀ ଭକ୍ତଙ୍କୁ ଶୁଣାଇଲେ ଏ ଜାତିର ପ୍ରଥମ ମହାକାବ୍ୟ - ଓଡ଼ିଆ ଭାଗବତ ।

ଜଗନ୍ନାଥଙ୍କର ପ୍ରୋତ୍ସାହନରେ ଶ୍ରୀଧର ସ୍ୱାମୀ ଗୋବର୍ଦ୍ଧନ ମଠର ମହନ୍ତ ହୋଇ ଶ୍ରୀମଦ୍ ଭାଗବତର ଅମୂଲ୍ୟ ଟୀକାଗ୍ରନ୍ଥ ରଚନା କଲେ । ଶ୍ରୀଚୈତନ୍ୟ ତାଙ୍କର ଦିବ୍ୟ ଶରୀର ଏହି କ୍ଷେତ୍ରରେ ବିସର୍ଜନ କରି ଶ୍ରୀଧାମର ଶାଶ୍ୱତ ସତ୍ତାରେ ହଜି ଯିବାର ଅପୂର୍ବ ଲୀଳାଦର୍ଶ ଦେଖାଇଗଲେ । ଏହି ଶ୍ରୀକ୍ଷେତ୍ର ମଧ୍ୟଯୁଗରେ ଜ୍ଞାନ ଓ ପ୍ରଜ୍ଞାର ଏକ ମହାନ୍ ବିଶ୍ୱବିଦ୍ୟାଳୟ ପାଲଟି ଯାଇଥିଲା । ମୁକ୍ତିମଣ୍ଡପର ସିଦ୍ଧାନ୍ତ ଓ ସ୍ୱୀକୃତି ସମଗ୍ର ଦେଶରେ ମାନ୍ୟତା ଲାଭ କରିଥିଲା । ଊନବିଂଶ ଶତାବ୍ଦୀରେ ପଠାଣି ସାଆନ୍ତେ ଅଦ୍ୱିତୀୟ ସିଦ୍ଧାନ୍ତ ଦର୍ପଣ ଜ୍ୟୋତିର୍ଗ୍ରନ୍ଥ ରଚନା କରି ଶ୍ରୀଜଗନ୍ନାଥଙ୍କୁ ସମର୍ପଣ କଲେ ଏବଂ ଶେଷ ଜୀବନରେ ମହୋଦଧି ଓ କଳ୍ପବଟର ମଧ୍ୟସ୍ଥାନରେ ଶେଷ ନିଃଶ୍ୱାସ ତ୍ୟାଗ କରିବା ସକରୁଣ କୃପା ଲାଭ କଲେ ।

ରସରାଜ ଶ୍ରୀଜଗନ୍ନାଥଙ୍କର ମାଦକଭରା ଚାହାଣି, ଅପୂର୍ବ ଲାସ୍ୟଭଙ୍ଗୀ, ବେଶଭୂଷାର ପରିପାଟି, ଅଳସ-ପହଣ୍ଡି, ରାଜକୀୟ ଠାଣି ସମଗ୍ର ଶ୍ରୀକ୍ଷେତ୍ରକୁ ସ୍ୱପ୍ନାଚ୍ଛନ୍ନ କରି ରଖିଛି । ଭୋଗ ଓ ତ୍ୟାଗର ବିଳାସଭୂମି ଶ୍ରୀଧାମ ଶ୍ରୀକ୍ଷେତ୍ର । ବିବିଧ ମାନସିକତାର ଏକ ସନ୍ତୁଳିତ ଐକିକ ଆବେଗ ଏହି କ୍ଷେତ୍ରରେ ବିଦ୍ୟମାନ । ଭାରତରେ ଦେବତାମାନେ ପଥର ପାଲଟି ଯାଇଛନ୍ତି, କିନ୍ତୁ ଏଠି କ୍ଷେତ୍ରରାଜ ଶ୍ରୀଜଗନ୍ନାଥ ଦେବନାଶନ ବଟ ସମୀପରେ ସବୁ ଦୁଃଖ, ସ୍ୱାଭିମାନ, ଆଧ୍ୟାତ୍ମିକ ବିବିଧତା ଓ ସକଳ ବିଭେଦକୁ ବିଦାରଣ କରି କପଟଦାରୁମୂର୍ତ୍ତି ଧାରଣ କରି, ବାନା ଉଡେଇ, ବାଜା ବଜେଇ, ଦାଣ୍ଡକୁ ବାହାରି ଆସି, କେତେବେଳେ ଯୁଦ୍ଧକ୍ଷେତ୍ରରେ ପହଞ୍ଚି, କେତେବେଳେ ବାଲିରଥରେ ବିଜେ ହୋଇ, କେତେବେଳେ ମହାଭାରତର ଶ୍ରୀକୃଷ୍ଣ ସାଜି, କେତେବେଳେ ବାଲ୍ମୀକିଙ୍କର ମର୍ଯ୍ୟାଦା ପୁରୁଷୋତ୍ତମ ରୂପେ ବିଜେ ହୋଇ, କେତେବେଳେ ବା ପ୍ରଚ୍ଛନ୍ନ ବୁଦ୍ଧ ଭାବରେ, କେତେବେଳେ ବା ଏକଦନ୍ତ ମହାକାୟ ମହାବିନାୟକ, କେତେବେଳେ ବା ଅର୍ଦ୍ଧନାରୀଶ୍ୱର ଭାବରେ - ଏମିତି କେତେ ଯେ କେତେ ରୂପ ଓ ଠାଣିରେ ଆସି ଆମକୁ ଡୁହାଇ ଡୁହାଇ କହି ଯାଉଛନ୍ତି 'ହେ ଭଗତେ, ତୁମେମାନେ ଶାନ୍ତି ଓ ମୈତ୍ରୀର ଉପାସନା କରି ବିଶ୍ୱଭ୍ରାତୃତ୍ୱ ମନ୍ତ୍ରରେ ଦୀକ୍ଷିତ ହୁଅ ।' ଡକ୍ଟର ସୁବାସ ପାଣି ତାଙ୍କର Blue Hill : Hymns to Lord Jagannath (2004) ଗ୍ରନ୍ଥର ଆମୁଖରେ ନିଜର ଅନୁଭବକୁ ଲିପିବଦ୍ଧ କରିଛନ୍ତି - 'He (Jagannath) is the fountain-head of a consciousness that cannot be confined to the limits of a traditional religious-theological order, a cult, a faith or even a philosophical system.' କୌଣସି ପାରମ୍ପରିକ ଧାର୍ମିକ ଚେତନା ବା ବିଶ୍ୱାସର ଆବେଷ୍ଟନୀ ଭିତରେ ଜଗନ୍ନାଥ ଚେତନା ଆବଦ୍ଧ ନୁହେଁ ।

'ତର୍କେ ବହୁ ଦୂର ।' କୌଣସି ଶାଶ୍ୱତ ଅନୁଭବକୁ ନିଜର ସର୍ବାନ୍ତଃକରଣରେ ସଞ୍ଚାରିବା ପାଇଁ କୋମଳ ହୃଦୟଟିଏ ଲୋଡ଼ା । ସେହି ହୃଦୟଟି ଏକ ସୁବାସିତ ଆଲୋକ ଶିଖା ହେବା ଉଚିତ । ଶ୍ରୀକ୍ଷେତ୍ରରେ ସେଇ ମଧୁର ସୁବାସିତ ଆଲୋକ ସ୍ତମ୍ଭ ରହିଛି । ସେଇ ଆଲୋକର ଜ୍ୟୋତିପାତ ହୋଇଛି ଶରଧାବାଲିର ପ୍ରତିଟି ରେଣୁରେ, ଉଚ୍ଛଳ ଜଳଧିର ସିକ୍ତ ଆଶ୍ଳେଷରେ, କ୍ଷେତ୍ରଜୀବୀଙ୍କର ଜୀବନଚର୍ଯ୍ୟାରେ ଏଠାରୁ ଗୁଞ୍ଜରି ଉଠୁଥିବା ଛନ୍ଦୋମୟ ବାଗ୍‌ବିଳାସରେ । ଉତ୍ସବମୁଖର କମ୍ବୁକଟକ ପୁରୀଧାମରେ ପ୍ରାୟୋଜିତ ଏହି ଶ୍ରୀକ୍ଷେତ୍ର ମହୋତ୍ସବ ସାଂସ୍କୃତିକ ବୈଚିତ୍ର୍ୟର ଅନୁପମ ସ୍ମାରକୀ ହେଉ । 'ସେ କମ୍ବୁକଟକ ରାଜା ନାଥ ଜଗନ୍ନାଥ / ଚାରିବର୍ଣ୍ଣେ ଚଉବର୍ଗ ଦେବାକୁ ସମର୍ଥ ହେ ।'

ଏନ୍.-୧/୨୭ଏ
ଆଇ.ଆର୍.ସି. ଭିଲେଜ୍
ଭୁବନେଶ୍ୱର-୧୪



# ପ୍ରବାଦ କ୍ଷେତ୍ର 'ପୁରୀ'ର ପ୍ରାଧାନ୍ୟ

ଶରତ କୁମାର କର

**ଶ୍ରୀ**କ୍ଷେତ୍ର, ପୁରୁଷୋତ୍ତମ କ୍ଷେତ୍ର, ନୀଳାଚଳ, ଜଗନ୍ନାଥ ଧାମ, ପତିତପାବନ କ୍ଷେତ୍ର, ଶଙ୍ଖ କ୍ଷେତ୍ର, ସାଗରତୀର୍ଥ, ଚକ୍ରତୀର୍ଥ, ବିଷ୍ଣୁପୁରୀ, ମର୍ତ୍ତ୍ୟ ବୈକୁଣ୍ଠ, ବ୍ରହ୍ମକ୍ଷେତ୍ର, ଜଗଦୀଶପୁରୀ, ଲୀଳାକ୍ଷେତ୍ର, ଅନ୍ନକ୍ଷେତ୍ର, ମହାପ୍ରସାଦ ପୁରୀ, ନିର୍ମାଲ୍ୟ ପୁରୀ, ମୋକ୍ଷ ପୁରୀ ବା ମୋକ୍ଷ କ୍ଷେତ୍ର, ସ୍ୱର୍ଗଦ୍ୱାର, ସ୍ୱର୍ଗପୁରୀ, ସଦାଶ୍ରମପୁରୀ ବା ସଦାଶ୍ରମ କ୍ଷେତ୍ର ଇତ୍ୟାଦି ନାନା ତାତ୍ତ୍ୱିକ, ପ୍ରାମାଣିକ, ଐତିହାସିକ, ପ୍ରବାଦପୂର୍ଣ୍ଣ ନାମରେ କଥିତ, ନାମିତ ଓ ବିଦିତ ହୋଇଛି ପୁରୀ ଅଞ୍ଚଳଟି ।

ଆମ ରାଜ୍ୟର ତଥା ଭାରତର ପୂର୍ବ ଉପକୂଳର ଏହି ସାଗର ତଟ ନଗର ବା ସହରର ଐତିହ୍ୟ କିମ୍ବଦନ୍ତୀ, ତଥ୍ୟ, ପ୍ରମାଣ, ଭୂମିକା ଉପରେ ସାଧାରଣ ଲୋକଙ୍କର କିଛି ଧାରଣା ଥାଇପାରେ ବା ନଥାଇ ପାରେ କିନ୍ତୁ ଐତିହାସିକ, ସାହିତ୍ୟିକ, ଗବେଷକ, ପର୍ଯ୍ୟଟକ ମଧ୍ୟ ଏହାର ସଠିକ୍ ହିସାବ ରଖିନାହାନ୍ତି କିମ୍ବା ତା'ର ଗାମ୍ଭୀର୍ଯ୍ୟ ଉପଲବ୍ଧି କରି ନାହାନ୍ତି । ଅଥଚ ଭାରତରେ ଓଡ଼ିଆ ବା ଓଡ଼ିଶାବାସୀଙ୍କୁ ଜଗନ୍ନାଥ ପୁରୀର ଅଧିବାସୀ ବୋଲି କହିଲେ ତାଙ୍କ ପରିଚୟ ମିଳେ ବା ତାଙ୍କୁ ଜାଣିପାରନ୍ତି ଭାରତବାସୀ ।

ଏ ନଗଣ୍ୟ ଲେଖକ ବହୁବାର ଭାଷଣ, ପ୍ରବଚନ ବା ଆଲୋଚନା ଟିପ୍ପଣୀ ବେଳେ ରଥଯାତ୍ରା ବର୍ଣ୍ଣନା (Commentary) ସମୟରେ କହିଥାଏ ଯେ ସମଗ୍ର ବିଶ୍ୱର ବା ବିଶ୍ୱ ବ୍ରହ୍ମାଣ୍ଡାଦି (Multi-universe)ର ଆଧାତ୍ମିକ ରାଜଧାନୀ (କେନ୍ଦ୍ରସ୍ଥଳୀ) । ଧର୍ମ, ଦର୍ଶନ, ସୃଷ୍ଟି-ସ୍ରଷ୍ଟା ତତ୍ତ୍ୱର ସମନ୍ୱୟ ବା ମିଳନସ୍ଥଳୀ ହେଉଛି ପୁରୀ । ସେଥିପାଇଁ ଏ କ୍ଷେତ୍ରକୁ ନାନା ମତ, ବାଦ, ପନ୍ଥା, ମାର୍ଗର ପ୍ରଚାରକ ପ୍ରବକ୍ତା ଓ ଅନୁସନ୍ଧିତ୍ସୁ ପୁରୀକୁ ଆସିଛନ୍ତି । ମତ ସମନ୍ୱୟ ବା ଆଦାନ ପ୍ରଦାନ କରି ମଠ, ଆଶ୍ରମ ବସାଇ ବା ଏହାର ପ୍ରଭାବରେ ନିଜ ଅଞ୍ଚଳରେ ନିଜର ପରିବର୍ତ୍ତିତ, ପ୍ରତିବର୍ଦ୍ଧିତ ଦର୍ଶନ, ମତ ବା ପନ୍ଥାର ଆଶ୍ରମ ଗଠନ କରି ଶିଷ୍ୟ ସୃଷ୍ଟି କରି ଯାଇଅଛନ୍ତି । ତାଙ୍କୁ ଦିବ୍ୟ ଦର୍ଶନ ମିଳିଛି ଏହି ମହାନ୍ ମେଳା, ଲୀଳା-ଖେଳା କ୍ଷେତ୍ର ଶ୍ରୀକ୍ଷେତ୍ର ପୁରୀରୁ । ଆଧାତ୍ମିକ କାଳରୁ ଶଙ୍କରାଚାର୍ଯ୍ୟ, ବୁଦ୍ଧ, ଜୈନ, ଚୈତନ୍ୟ, କବୀର, ତୁଳସୀ, ଜୟଦେବ, ମହାରାଷ୍ଟ୍ରର ଭଟ୍ଟ, ଆସାମର ଶ୍ରୀଦେବ, ଗୁରୁ ନାନକ ଏପରିକି ଯୀଶୁଙ୍କର ଖ୍ରୀଷ୍ଟଧର୍ମ ପ୍ରଚାର ପୂର୍ବରୁ ପୁରୀ ଆଗମନକୁ ଶିବାନନ୍ଦଙ୍କ ପରି ଗୁରୁ ସମର୍ଥନ କରିଛନ୍ତି ।

ପୁରୀ ସର୍ବସମ୍ମତକ୍ରମେ ଏକ ସାର୍ବଭୌମ ମାନବିକ ଜ୍ଞାନ, ବିଜ୍ଞାନ, ଦର୍ଶନ, ସଦ୍‌ଜ୍ଞାନର ପୀଠ । ପୁରୀ ବୈଦିକ ଯୁଗ ପରମ୍ପରା କାଳରୁ ଏ ଯୁଗ ଏକବିଂଶ ଶତାବ୍ଦୀର ଧର୍ମଧାରଣା ଚେତନା, ଅବଚେତନାର ସଙ୍କଟ, ଆହ୍ୱାନର ସମାଧାନ ରୂପେ ମାନବ ସମାଜ ସମ୍ମୁଖରେ ପ୍ରତିଷ୍ଠିତ ହୋଇ କର୍ମ ପ୍ରେରଣାର ଲୀଳାଭୂମିରେ ଗୋଟିଏ ମାର୍ଗ ଦର୍ଶାଇ ଥାଏ - ଯାହା ଅନନ୍ତ ଆକାଶର ଦିଗବଳୟ ପରି ସୁଦୂର ପ୍ରସାରୀ, ସାଗରର ଅନବରତ ଅବିଚ୍ଛିନ୍ନ ଉତ୍ତାଳ ତରଙ୍ଗ ପରି ସଦା ଚଳଚଞ୍ଚଳ, ଶ୍ରୀମନ୍ଦିରର ସୁଦର୍ଶନ ଚକ୍ର ପରି ସ୍ଥିର ଓ ପତିତପାବନ ବାନାର ଆଶ୍ରୟ ଆଶ୍ୱାସନା ଓ ଉଦ୍ଧାର ପ୍ରଦାନ ପାଇଁ ସତତ ପ୍ରସ୍ତୁତ । ଆଧାତ୍ମିକ, ଆଧିଭୌତିକ ଭାବଧାରା ସମୂହର ଯଥା- ବେଦ, ଭାଗବତ, ଉପନିଷଦ, ପୁରାଣ, ଗୀତାର ଜ୍ୟୋତି ଦର୍ପଣରେ ପ୍ରତିଫଳିତ ହୋଇ ବିଚ୍ଛୁରିତ ହେଲାଭଳି ପୁରୀର ଜୀବନଯାତ୍ରାରେ ପ୍ରତିଫଳିତ, ପ୍ରତିବିମ୍ବିତ ହୁଏ ।

ପୁରୀର ଭୌତିକ ଭୌଗଳିକ ସ୍ଥୂଳ ଶରୀରର ଏକ ଆଧାତ୍ମିକ-ଗାମ୍ଭୀର୍ଯ୍ୟ ପରିପୂର୍ଣ୍ଣ ଏକ ଦାର୍ଶନିକ-ମହତ୍ତ୍ୱ ଭରା ଆତ୍ମା ଆମକୁ ଆକର୍ଷଣ କରେ । ତାହା ହିଁ 'ପୁରୀ' - ସର୍ବକାର୍ଯ୍ୟ, ଚିନ୍ତା, ସଙ୍କଟମୋଚନ ଭାବରେ ଜୀବନର ପ୍ରଶ୍ନ ଓ ଉତ୍ତର ଭାବେ ପରିପୂର୍ଣ୍ଣ । କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଭାଷାରେ - 'ଯେଣୁ ନାରାୟଣ ଦେହୀ ତେଣୁ ସେହି ନାମ ।' ଅର୍ଥାତ୍ ଯେହେତୁ ପରଂବ୍ରହ୍ମ ପୁରୁଷୋତ୍ତମଙ୍କ ଅଂଶରେ ପୁରୀର ମାଟି ପାଣି ପବନର ଦେହ ଗଢ଼ା ତେଣୁ ତା'ର ନାମ ପୁରୁଷୋତ୍ତମ କ୍ଷେତ୍ର ବା ପୁରୀ । ତେଣୁ ପୁରୀ ପରଂବ୍ରହ୍ମଙ୍କ ଧାମ । ଭାରତର ଚତୁର୍ଦ୍ଧାମ ମଧ୍ୟରୁ ପରମ ଧାମ । ସ୍ୱୟଂ ପରଂବ୍ରହ୍ମଙ୍କ ଦେହ ଆତ୍ମା ଏଇଠି ସଠିକ୍ ମିଳେ ବୋଲି ଯୁଗ ଯୁଗରୁ ତଥ୍ୟ, ପ୍ରମାଣ, ଆଖ୍ୟାୟିକା, ପ୍ରବାଦ ରହି ଆସିଛି । କବି, ଭକ୍ତ, ସନ୍ଥଙ୍କ ଭୁରି ଭୁରି ସ୍ୱଷୋକ୍ତି, ଅନୁଭୂତି ଓ ଶୂନ୍ୟବାଣୀ, ସନ୍ଥବାଣୀ ରହିଛି । ପୁରୀ ମାଟିରେ କେତେ ସନ୍ଥ, ଭକ୍ତଙ୍କ ପାଦ ପଡ଼ିଛି, କେତେ ବାଣୀ, କେତେ ବିସ୍ମୟକାରୀ ଘଟଣା ଘଟିଛି, ତାହା ସଂକଳନ କରିବା କାଠିକାର ପାଠ ।

ଏହିପରି ଏକ ତୀର୍ଥ ସମ୍ପର୍କରେ ମୁଁ କିଞ୍ଚିତ ସୂଚନା ଦେବାକୁ ଯାଉଛି । ପୁରୀ କେବଳ ଏକ ପର୍ଯ୍ୟଟନ କେନ୍ଦ୍ର ନୁହେଁ, ଆଧୁନିକ ଭାଷା ଅନୁସାରେ ଯୁଗ ଯୁଗ ଧରି ଧାର୍ମିକ, ଆଧ୍ୟାତ୍ମିକ, ସାଧୁସନ୍ଥ, ଭକ୍ତ, ଦାର୍ଶନିକ, ଦୁଃଖୀ, ରଙ୍କ, ରାଜା, ଅତ୍ୟାଚାରୀ, ଧର୍ମଦ୍ରୋହୀମାନଙ୍କର ଚରାଭୁଇଁ ସାଜିଛି ପୁରୀ । ସମସ୍ତଙ୍କ ଅନ୍ତରରେ, ମନ ପ୍ରାଣରେ ଏକ ସମାଧାନ, ସମନ୍ୱୟର ଏକ ସ୍ୱର ସୃଷ୍ଟି କରି ସେମାନଙ୍କୁ ତାଙ୍କ ଗତିପଥରେ ପରିବର୍ତ୍ତନ କରି ଫେରାଇ ଦେଇଛି । ପତିତପାବନ କ୍ଷେତ୍ରରେ ମଣିଷ ଓ ଈଶ୍ୱରଙ୍କ ଆନ୍ତରିକ ସମ୍ପର୍କ ଦ୍ୱାରା କାହାକୁ ମୋକ୍ଷ, କାହାକୁ ସ୍ୱର୍ଗ, କାହାକୁ ଆଶା, ଭରସା, ଆଶ୍ୱସନା ଦେଉଛି ବା ଦେଇଆସିଛି । କାହାରି ସର୍ବନାଶ କରି ନାହିଁ ବରଂ ତାକୁ 'ପୂର୍ଣ୍ଣତା' ଦେଇଛି ଜୀବନରେ, ଦୁଃଖସୁଖର ଊର୍ଦ୍ଧ୍ୱକୁ ଟୋଳି ଦେଇଛି ଅନିସନ୍ଧିତ୍ସୁମାନଙ୍କୁ । ସନାତନ ଧର୍ମର ସନାତନତ୍ୱ ବା ଚିରନ୍ତନତା ଓ ବିବିଧତା, ଅନ୍ୟାନ୍ୟ ଧର୍ମାବଲମ୍ବୀମାନଙ୍କୁ ତାଙ୍କ ନିଜ ଧର୍ମମତବାଦକୁ ଆଲୋକିତ କରି ସତ୍‌ମାର୍ଗ ଦର୍ଶନ ଦେଇଛି ପୁରୀ । ସୃଷ୍ଟି ସ୍ରଷ୍ଟାର ମେଳ, ଘେନାଘେନି ଭାବ, ଲୀଳାଖେଳା, ଯାତ୍ରା ମହୋତ୍ସବ, ଭଜନ ଭୋଜନ, ଶ୍ରବଣ ପ୍ରବଚନ, ଆଚରଣ ସମର୍ପଣ ମାଧ୍ୟମରେ ମଣିଷକୁ ଚେତେଇ ଦେଇଛି ଭଗବାନ ଓ ଭକ୍ତର ଅଭିନ୍ନତା, ଜୀବନର ସାରତତ୍ତ୍ୱ, କର୍ମର ମଧ୍ୟ ବାଧ୍ୟ ବାଧକତା ଅଥଚ କର୍ମରୁ ନିବୃତ୍ତି ଓ ଫଳପ୍ରାପ୍ତି ଆଶାରୁ ନିବୃତ୍ତି ହିଁ କିପରି କାମ୍ୟ - ତାହା ସନ୍ଦେଶ ଦିଏ ପୁରୀ ଧାମ ।

ଧର୍ମର ଶାସ୍ତ୍ର ଓ ଶାସ୍ତ୍ରୀୟ ଆଚରଣ ବିଧିର ଊର୍ଦ୍ଧ୍ୱରେ ଧର୍ମ ଧାରଣା ଓ କାର୍ଯ୍ୟର ବାସ୍ତବିକ ବ୍ୟବହାରିକ ପ୍ରକ୍ରିୟା କିପରି ଅଧିକ ଆବଶ୍ୟକ ତାହା ପରଂବ୍ରହ୍ମଙ୍କ, ଦାରୁବ୍ରହ୍ମଙ୍କ ରାଜରାଜାଧିଶ୍ୱର ତଥା ସାଧାରଣ ମଣିଷ ପରି ଆଚରଣ ବିଧି ଜନଗଣମାନଙ୍କୁ କିପରି ସଦାସର୍ବଦା (ଆଠ କାଳି ବାରମାସ) ଆକର୍ଷିତ କରି ରଖିଥାଏ - ତାହା ପୁରୀରୁ ହିଁ ଶିକ୍ଷାଲାଭ ହୁଏ ବା ଶ୍ରୀକ୍ଷେତ୍ର ସେ ଚେତନା ଆମକୁ ଦିଏ । ନିରାକାରବାଦୀ, ଦାର୍ଶନିକ, ଶୂନ୍ୟବାଦୀ, ତଥ୍ୟ ତତ୍ତ୍ୱରେ ଭ୍ରମଣ କରୁ କରୁ ବେଳେ ବେଳେ ଭ୍ରମ କରନ୍ତି । ଅନ୍ୟକୁ ଏ ବିଷୟରେ ଚେତନା ଦେବାକୁ ସମ୍ପୂର୍ଣ୍ଣ କ୍ଷମ ହୋଇପାରନ୍ତି ନାହିଁ । ଅଥଚ ପୁରୀରେ ସହଜରେ ଏକଥା ବୁଝି ହୋଇଯାଏ । ପୁରୀରେ ପାଦ ଦେଲେ ଆପେ ଆପେ 'ଭାଗବତ ଗୀତା' ବେଦ, ବାଇବେଲର ସାରକଥା ଚେତନା ଭିତରକୁ ଆସିଯାଏ ଯାହାକୁ ଶହେ ବାର ପଢ଼ି, ବୁଝି ଶୁଣି ମଧ୍ୟ ଚୈତନ୍ୟ ଉଦୟ ହୁଏନା । ଏହାହିଁ ପୁରୀର ମହାନ୍ ଆକର୍ଷଣ ଓ ମାନବସମାଜକୁ ମହତ୍ତ୍ୱପୂର୍ଣ୍ଣ ଦାନ ।

ଯଥାର୍ଥରେ କୁହାଯାଇଛି 'Jagannath is a living God' ଜଗନ୍ନାଥ ଏକ ଜୀବନ୍ତ ଦେବତା । ପୁରୀରେ ତାଙ୍କର ଅବସ୍ଥିତି, ଅସ୍ତିତ୍ୱ, ଆକର୍ଷଣ ଆକସ୍ମିକ ନୁହେଁ ସନାତନ, ଚିରନ୍ତନ, ଚେତନା ପରିପୂର୍ଣ୍ଣ । ମନୁଷ୍ୟ ସମାଜକୁ ସର୍ବଦ୍ରଷ୍ଟା ଚକାଡୋଳାରେ ଜଗି ରହିଛନ୍ତି, ଆଖି ଆଖିରେ ଦର୍ଶନ ଦେଇ ମନ ଚୈତନ୍ୟକୁ ଦିଗ୍‌ଦର୍ଶନ ଦେଉଛନ୍ତି । ସର୍ବଶକ୍ତିମାନ ବଳୀଆରଭୁଜ ଟେକି ସାହାଭରସା ଦେଇ ଉଦ୍ଧାର କରୁଛନ୍ତି ପ୍ରତି ମୁହୂର୍ତ୍ତରେ ଦର୍ଶନ ମାତ୍ରେ । ସେଇଠି ପୁରୀରେ ବସି ସର୍ବତ୍ର ବିଦ୍ୟମାନ ଅଛନ୍ତି । ସେ Omni-potent, Omni-scient, Omni-present, ତା ନହୋଇ ଥିଲେ ଏତେ ଉତ୍ଥାନ, ପତନ, ଯୁଗ ପରେ ଯୁଗ ଗଡ଼ିଗଲା ପରେ ମଧ୍ୟ ସମସ୍ତେ ପୁରୀକୁ ଗଡ଼ନ୍ତେ (ଆସନ୍ତେ) ନାହିଁ ।

ଦାରୁବ୍ରହ୍ମଙ୍କ କାହାଣୀ, ତଥ୍ୟ, ତତ୍ତ୍ୱ, ରୂପର ମାହାତ୍ମ୍ୟ, ଯାତ୍ରା (ରଥଯାତ୍ରା ସମେତ) ପତିତପାବନ ଭାବ, ମହାପ୍ରସାଦ ଭୋଜନ, ସାମ୍ୟ, ମୈତ୍ରୀ, ଆନନ୍ଦ ଭକ୍ତିର ବର୍ଣ୍ଣନ ଆଦି ଯେତେ ଲୀଳା, ଖେଳା ଠାକୁରଙ୍କୁ ନେଇ, ତାହା କେଉଁ ଧର୍ମକୁ ବାଦ ଦେଇଛି ଭଲା କହିଲେ ?

ବରଂ ପ୍ରମାଣ କରି ମୁଁ କହିପାରେ ସମସ୍ତ ଧର୍ମଧାରଣା, ଦାର୍ଶନିକ ତଥ୍ୟ, ବେଦଠାରୁ ବାଇବେଲ, ତ୍ରିପିଟକଠାରୁ କୋରାନ୍, ଜୋରାଷ୍ଟ୍ରିୟନ, ଜୈନ, ଆଦିବାସୀ, ଆର୍ଯ୍ୟ, ଅନାର୍ଯ୍ୟ, ଉଗ୍ରବାଦୀ ଚରମ ପନ୍ଥୀଙ୍କ ଧର୍ମ, ଅଧର୍ମ, ଆଦର୍ଶ, ବିଶ୍ୱାସ ଓ ସାହସର ଭିତ୍ତିଭୂମି ଯାହା ହୋଇଥାଉ ପଛକେ ତା'ର ପ୍ରତିଧ୍ୱନିତ ପ୍ରତିଫଳନ ପୁରୀରେ ଜଗନ୍ନାଥଙ୍କ ପରମ୍ପରାରେ ଲେପି ହୋଇଯାଇଛି । ସବୁର ସମନ୍ୱୟ ଅଛି ବୋଲି ସର୍ବଭୂମିର ସାର୍ବଭୌମ ଦେବତା ସେ । ସେ ନିରାକାର, ସାକାର, ଆକାରଶୂନ୍ୟ, ସତ୍, ଚିତ୍, ଆନନ୍ଦ । ପୁଣି ଭକ୍ତ, ଦୁଃଖୀ ରଙ୍କୀ, ଜ୍ଞାନୀ ଅଜ୍ଞାନୀ, ଚେତନା ଅବଚେତନାର ମୂଳ, ସାର, ବୀଜ, ଆଦର୍ଶ ଓ ପ୍ରେରଣା । ପୁଣି ସର୍ବୋପରି ଗଣଦେବତା । ମଣିଷର ସମସ୍ତ ଆବଶ୍ୟକତା ଭିତରେ ସେ ଏକ ଅତ୍ୟନ୍ତ ଦରକାରୀ ଇହକାଳ, ପରକାଳ ପାଇଁ ।

ସବୁ ଧାରଣାକୁ ତୁଚ୍ଛ କରି ପୁରୀରେ ପରଂବ୍ରହ୍ମଙ୍କୁ ମଣିଷ ତା'ର ଦେହ, ମନ, ଆତ୍ମା, କର୍ମ, ଆଶାକୁ ସମର୍ପଣ କରିବାର ଅଭ୍ୟାସ କଲେ ମଣିଷ ଜନ୍ମ ପୂର୍ଣ୍ଣାଙ୍ଗ, ପରିପୂର୍ଣ୍ଣ ହୋଇଯିବ । ତେଣୁ ଏ କ୍ଷେତ୍ର ସମସ୍ତଙ୍କ ପୁର ବା ପୁରୀ । ମଣିଷ ଯେଉଁ ଧର୍ମାବଲମ୍ବୀ ହୋଇଥାଉ ତା ଧର୍ମରେ ସ୍ୱର୍ଗ, ମୋକ୍ଷ, ମୁକ୍ତି, ଶାନ୍ତି ଆନନ୍ଦ ପାଇବାକୁ ଚାହେଁ । ସମସ୍ତ ପ୍ରାପ୍ତି ଏହିଠାରେ ହୋଇଥାଏ ବୋଲି ଏହା ପୁରୀ, ପୁରୁଷୋତ୍ତମ କ୍ଷେତ୍ର, ପୁରୁଷ ବା ମଣିଷର ଶ୍ରେଷ୍ଠ କ୍ଷେତ୍ର ଶ୍ରୀକ୍ଷେତ୍ର । ଏଠି ଜୀବନକୁ ଆଧ୍ୟାତ୍ମିକ ଲୀଳାନୁସାରେ ଦର୍ଶକ, ଗ୍ରାହକ, ଶ୍ରୋତା, ଭୋକ୍ତା ସାଜି ଯେଉଁ ଅନୁଭବ ମିଳିବ ତାକୁ ଅଙ୍ଗେ ନିଭାଇ ସମୁଦ୍ର କୂଳରେ ଅନନ୍ତ ଆକାଶ ଓ ତରଙ୍ଗମାଳାକୁ ଘଣ୍ଟା ଘଣ୍ଟା ଧରି ଦେଖି ମନନ କରନ୍ତୁ । ଶ୍ରୀମନ୍ଦିରର ନୀଳଚକ୍ର ଓ ପତିତପାବନ ବାନାରେ ଲୟ ରଖନ୍ତୁ, ଜଗନ୍ନାଥର ଚକାଡୋଳାରେ ଡୋଳା ମିଶାଇ ଏକ ଲୟରେ ଚାହିଁ ରହନ୍ତୁ, ମହାପ୍ରସାଦ ପାଇବାରେ ଆଗ୍ରହ ରଖନ୍ତୁ, ଖାଆନ୍ତୁ, ଖୁଆନ୍ତୁ, ଯାତ୍ରାମାନଙ୍କରେ ନିଜକୁ ମିଶାଇ ଦିଅନ୍ତୁ । ଚେତନା, ଭାବନା ଆପେ ଉଦୟ ହେବ । ସାରା ସଂସାର, ପରିବାର, ବିଶ୍ୱର ମାୟା, ଜ୍ୱାଳାରୁ ମୁକ୍ତ ହୋଇ ଦେଖିବେ ଏକ ନୂଆ ଆଲୋକ, ଉଦ୍ଭାସିତ ଜ୍ୟୋତି ତାହା ହିଁ ମନୁଷ୍ୟ ଜୀବନକୁ ପୂର୍ଣ୍ଣ କରିବାର ପ୍ରୟାସ ।

ଏ ସମସ୍ତ ଗୁଣରେ ପରିପୂର୍ଣ୍ଣ କ୍ଷେତ୍ର ପୁରୀ । ପୁରୀରେ ଏହି ଭାବନା ଜାଗ୍ରତ ହୁଏ । ବିଶ୍ୱର କୌଣସି ସ୍ଥାନରେ ଏହି ଭାବ ସହଜରେ ଉଦ୍ରେକ ହୁଏନା, ଜଗନ୍ନାଥ ସ୍ୱାମୀ - ନୟନପଥଗାମୀ । ସେ ନୟନ ପଥ ଦେଇ ଗମନ କରନ୍ତି । ତାଙ୍କୁ ବାରମ୍ବାର ଦେଖିଲେ ପଥ ଦିଶିଯାଏ, ଜୀବନ ଭରି ଉଠେ, ପୁରି ଉଠେ । ତେଣୁ ସେ କ୍ଷେତ୍ର ପୁରୀ ପୁରୁଷୋତ୍ତମ ଧାମ ।

ଓଡ଼ିଶାର କଳା, ସାହିତ୍ୟ, ଭକ୍ତି, ଦର୍ଶନ, ରାଜନୀତି କ୍ଷମତାର ଊର୍ଦ୍ଧ୍ୱରେ ରାଜଶକ୍ତିର ସେବକ ଭାବ, ଆଚଣ୍ଡାଳ ବ୍ରାହ୍ମଣର ସାମ୍ୟଭାବ ଆଦି ଅସଂଖ୍ୟ ମାନବିକ, ବିଶ୍ୱଭ୍ରାତୃତ୍ୱ, ସାମ୍ୟ-ମୁକ୍ତି-ଶାନ୍ତି, ଅହିଂସା ଭାବ- ଯାହାକି ଜଗନ୍ନାଥ ପୁରୀ, ନୀଳାଚଳ ଧାମର ମାହାତ୍ମ୍ୟ - ତାହା ସମଗ୍ର ବିଶ୍ୱକୁ ଧ୍ୱଂସ ମୁଖରୁ ରକ୍ଷା କରିବା ପାଇଁ ଓ ମାନବଜୀବନକୁ ପୂର୍ଣ୍ଣାଙ୍ଗ ପରିପୂର୍ଣ୍ଣ କରିବାକୁ ସମର୍ଥ ।

ପୁରୀ ତେଣୁ ସମଗ୍ର ମାନବସମାଜକୁ ଆହ୍ୱାନ ଦେଉଛି - ଆସ ଦେଖିଯାଅ, ଅଙ୍ଗେ ନିଭାଇ ଯାଅ, ଚେତନା ଜ୍ଞାନ, ପ୍ରେମ, ସ୍ନେହ, ଭକ୍ତି ଆଶୀର୍ବାଦ ନେଇ ବଞ୍ଚିଯାଅ ଓ ଅନ୍ୟକୁ ବଞ୍ଚାଅ ।

ପୁରୀର ଏହି ପ୍ରାଧାନ୍ୟ କେବଳ ପ୍ରବାଦ (Legend) ବା ତଥ୍ୟ ସମ୍ବଳିତ ନୁହେଁ, ବେଦ ଯୁଗଠାରୁ ଏବେ ମଧ୍ୟ ପରୀକ୍ଷିତ, ପ୍ରମାଣିତ । ପୁରୀ ପରିସର ଓ ପରିଚୟ ସମ୍ପର୍କରେ ଏତିକି ମୋର ସଂକ୍ଷିପ୍ତ ବକ୍ତବ୍ୟ । ଆଲୋଚନା ବାରାନ୍ତରେ ଅଧିକ ବ୍ୟାଖ୍ୟା ପ୍ରମାଣ ଦିଆଯାଇପାରେ । ଆଶା, ଏତିକି ପାଠକମାନଙ୍କୁ ଚିନ୍ତା କରିବାକୁ ପ୍ରେରଣା ଯୋଗାଇ ଦେବ ।

ଶହୀଦ ନଗର
ଭୁବନେଶ୍ୱର


# ସାନିଟାରୀ ମାର୍ଟ ଯୋଜନା

ସଫେଇ କର୍ମଚାରୀ ଓ ସେମାନଙ୍କ ଉପରେ ନିର୍ଭରଶୀଳ ପରିବାରବର୍ଗଙ୍କୁ ବିକଳ୍ପ ଅର୍ଥନୈତିକ ଥଇଥାନ ଯୋଗାଇ ଦେବାର ଲକ୍ଷ୍ୟ ନେଇ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଏବଂ ଜାତୀୟ ସଫେଇ କର୍ମଚାରୀ ଅର୍ଥ ଉନ୍ନୟନ ନିଗମର ମିଳିତ ସହାୟତାରେ 'ସାନିଟାରୀ ମାର୍ଟ' ଯୋଜନା ୨୦୦୦-୦୧ ଆର୍ଥିକ ବର୍ଷରୁ ରାଜ୍ୟରେ ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଅର୍ଥ ସମବାୟ ନିଗମ ଦ୍ୱାରା କାର୍ଯ୍ୟକାରୀ ହେଉଅଛି ।

ସାବୁନ୍, ବ୍ଲିଚିଂ ପାଉଡ଼ର, ଫିନାଇଲ, ଝାଡୁ, ପାଇଖାନା ସଫା ବ୍ରସ୍ ଇତ୍ୟାଦି ପ୍ରସ୍ତୁତ, ପକ୍କା ସେପ୍‌ଟିକ୍ ପାଇଖାନା ନିର୍ମାଣ, ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଥିବା କଚ୍ଚା ଓ ଉଠା ପାଇଖାନାର ବିଲୋପ ଓ ଜନସାଧାରଣଙ୍କ ମଧ୍ୟରେ ପରିମଳ ସଚେତନତା ସୃଷ୍ଟି ଓ ପ୍ରସାର ନିମନ୍ତେ ଏହି ଯୋଜନା ମାଧ୍ୟମରେ ହିତାଧିକାରୀଙ୍କୁ ଋଣ ଯୋଗାଇ ଦିଆଯାଉଛି । ଯେହେତୁ ଉପରୋକ୍ତ କାର୍ଯ୍ୟକ୍ରମଗୁଡ଼ିକ ସାନିଟାରୀ ମାର୍ଟ ଯୋଜନାର ଅନ୍ତର୍ଭୁକ୍ତ ଅଟେ ।

ସାନିଟାରୀ ମାର୍ଟ ଯୋଜନାରେ ବ୍ୟକ୍ତିଗତ ଋଣ ହିତାଧିକାରୀଙ୍କୁ ଦିଆଯାଏ ନାହିଁ ୨୫ ଜଣ ବ୍ୟକ୍ତିଙ୍କୁ ନେଇ ଗଠିତ ଗୋଷ୍ଠୀ ହିତାଧିକାରୀଙ୍କୁ ଋଣ ଦିଆଯାଇଥାଏ ।

ଏହି ଯୋଜନାରେ ଋଣ ଶୁଝିବାର ବିଶେଷତ୍ୱ ହେଲା ୫ ବର୍ଷ ପର୍ଯ୍ୟନ୍ତ ଋଣ ପରିଶୋଧ କରାଯାଏ ନାହିଁ । ତତ୍ପରେ ସଫେଇ କର୍ମଚାରୀ ହିତାଧିକାରୀମାନେ ଋଣ ପରିଶୋଧ କରିଥାଆନ୍ତି । ସାନିଟାରୀ ମାର୍ଟ ଯୋଜନା ମାଧ୍ୟମରେ କେନ୍ଦ୍ରାପଡ଼ା ଜିଲ୍ଲାର ସଫେଇ କର୍ମଚାରୀ ହିତାଧିକାରୀମାନେ ଅଧିକ ସଫଳତା ପାଇଥିବା ସହିତ ୨୦୦୪-୦୫ ଆର୍ଥିକ ବର୍ଷରେ ୧୧୩ ଗୋଟି ପରିବାରଙ୍କୁ ଋଣ ଆକାରରେ ୬.୯୭ ଲକ୍ଷ ଏବଂ ୦.୮୦ ଲକ୍ଷ ଟଙ୍କା ସରକାରୀ ସହାୟତା ଆକାରରେ ନିଗମ ଋଣ ଯୋଗାଇ ଦେଇଛି ବୋଲି ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଅର୍ଥ ସମବାୟ ସୂତ୍ରରୁ ପ୍ରକାଶ ।



# ସମୟ ସ୍ରୋତରେ ଶ୍ରୀକ୍ଷେତ୍ର

ଡକ୍ଟର ନୀଳକଣ୍ଠ ମିଶ୍ର

**ଶ୍ରୀ**କ୍ଷେତ୍ର ହିନ୍ଦୁଧର୍ମର ଏକ ପ୍ରଧାନ ପୀଠ । ଏହା ବୌଦ୍ଧ, ଜୈନ ତଥା ଅନ୍ୟାନ୍ୟ ଧର୍ମାବଲମ୍ବୀମାନଙ୍କୁ ଯୁଗେ ଯୁଗେ ଆକର୍ଷିତ କରି ଆସିଛି ।

ହାତୀଗୁମ୍ଫା ଶିଳାଲେଖ ଅନୁସାରେ ନନ୍ଦବଂଶର ରାଜା ମହାପଦ୍ମ ନନ୍ଦ ମତାନ୍ତରେ ଧର୍ମାନନ୍ଦ କଳିଙ୍ଗର ଉପାସ୍ୟ ଜୀନାସନକୁ ମଗଧ ନେଇଯାଇଥିଲେ । ମୌର୍ଯ୍ୟ ସମ୍ରାଟ ବିନ୍ଦୁସାରଙ୍କ ପୁତ୍ର ଅଶୋକ (ଖ୍ରୀ:ପୂ: ୨୭୩-ଖ୍ରୀ:ପୂ:୨୩୨)ଙ୍କ ମୃତ୍ୟୁର ୨୫ ବର୍ଷ ପରେ ମହାମେଘବାହନ ଐର ଖାରବେଳ ଅପହୃତ ଏହି ଜୀନାସନ ଉଦ୍ଧାର କରି ପୁନଃ ପ୍ରତିଷ୍ଠା କରିଥିଲେ । କେତେକଙ୍କ ମତରେ ଏହି ଜୀନାସନ ପୁରୀରେ ବର୍ତ୍ତମାନ ଉପାସିତ ଶ୍ରୀଜଗନ୍ନାଥଙ୍କ ସହିତ ଘନିଷ୍ଠ ଭାବେ ଜଡ଼ିତ । ପଣ୍ଡିତ ନୀଳକଣ୍ଠ ଦାସଙ୍କ ମତରେ, ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ ସଂସ୍କୃତି ଜୈନ ଜଗତର ଏକ ପ୍ରଧାନ ପୀଠ ଥିଲା । ନାଥାନ୍ତ ଶବ୍ଦରୁ (ଋଷଭ ନାଥ ଆଦି), କଳ୍ପବଟ ଉପାସନାରୁ, ଝୁଲଣ ଦ୍ୱାର (ମୁକ୍ତିମଣ୍ଡପ ଆଗ ଦ୍ୱାର)ରେ ସ୍ଥାପିତ ଓ ଅର୍ଚ୍ଚିତ ଜୈନ ପ୍ରତିମା ଦୃଷ୍ଟିରୁ ଶ୍ରୀକ୍ଷେତ୍ର ଜୈନ ଉପାସନାର ଏକ ମୁଖ୍ୟସ୍ଥଳୀ ଥିବା ଅନୁମିତ ହୁଏ । ଜୈନମାନେ ଶ୍ରୀଜଗନ୍ନାଥଙ୍କୁ ପୁରିସର୍ତ୍ତ ବା ପୁରୁଷୋତ୍ତମ ଭାବେ ପୂଜା କରିଥାନ୍ତି । ଓଡ଼ିଆ ଭାଗବତର ୬ଷ୍ଠ ସ୍କନ୍ଧରେ ବର୍ଣ୍ଣିତ ଋଷଭନାଥଙ୍କ ବିଷୟ ସାମାଜିକ ଜୀବନରେ ଜୈନଧର୍ମର ପ୍ରଭାବ ବିଷୟରେ ସମ୍ୟକ ସୂଚନା ଦିଏ ।

ଶ୍ରୀକ୍ଷେତ୍ର ବୌଦ୍ଧଧର୍ମର ଏକ ସ୍ନାୟୁ କେନ୍ଦ୍ର ଥିବାର ବିଭିନ୍ନ ସୂତ୍ରରୁ ପ୍ରମାଣ ମିଳେ । ଜାତକ ଗଳ୍ପ ଅନୁସାରେ ବୁଦ୍ଧଙ୍କ ଜ୍ଞାନ ଲାଭ ପରେ ତପୁସ ଓ ଭଲ୍ଲୁକ ନାମକ ଦୁଇଜଣ ଉତ୍କଳୀୟ ବଣିକ ମୁମୁର୍ଷୁ ବୁଦ୍ଧଙ୍କୁ ତରଳ ପାନୀୟ ଦେଇ ତାଙ୍କ ପ୍ରାଣ ରକ୍ଷା କରିଥିଲେ । କାଳକ୍ରମେ କଳିଙ୍ଗର ରାଜଧାନୀ ଦନ୍ତପୁରୀ ପୁରୀରେ ପରିଣତ ହୋଇଛି ବୋଲି କେତେକେ ମତ ଦିଅନ୍ତି । ବୌଦ୍ଧ ଧର୍ମର ଧର୍ମ, ବୁଦ୍ଧ ଓ ସଂଘର ପ୍ରତୀକାତ୍ମକ ଅଭିବ୍ୟକ୍ତି ଶ୍ରୀମନ୍ଦିରର ତ୍ରିମୂର୍ତ୍ତି ବୋଲି କେତେକଙ୍କ ମତ । ଶ୍ରୀମନ୍ଦିର କୂର୍ମବେଢ଼ା ମଧ୍ୟରେ ଥିବା ବର୍ତ୍ତମାନର ସୂର୍ଯ୍ୟମନ୍ଦିର, ଯାହାର ପ୍ରାଚୀନ ନାମ 'ନୀଳାଦ୍ରିବିଜେ' ମନ୍ଦିର (ଯେଉଁଠାରେ କୋଣାର୍କ ମନ୍ଦିର ଭଗ୍ନ ହେଲା ପରେ ଅର୍ଚ୍ଚିତ ବିଗ୍ରହ ସୂର୍ଯ୍ୟ ନାରାୟଣ (ଉତ୍ତରାୟଣ ଓ ଦକ୍ଷିଣାୟନ ସୂର୍ଯ୍ୟ ପୂଜା ପାଉଛନ୍ତି), ସେ ମନ୍ଦିରରେ ଅର୍ଚ୍ଚିତ ପାଷାଣ ବିଗ୍ରହର ପୃଷ୍ଠଭାଗରେ ଅନ୍ୟ ଏକ ଭଗ୍ନ ପାଷାଣ ପ୍ରତିମା ଅଛନ୍ତି । ଏହି ବିଗ୍ରହକୁ କେହି କେହି ଇନ୍ଦ୍ରମୂର୍ତ୍ତି କହୁଛନ୍ତି । ଏହି ସୂତ୍ରରୁ ଆଧାର କରି ଏହା ବୌଦ୍ଧ ସାଧକ ଇନ୍ଦ୍ରଭୂତି ବା ଧ୍ୟାନୀବୁଦ୍ଧଙ୍କ ବିଗ୍ରହ ବୋଲି ମତ ପ୍ରକାଶ ପାଇଥାଏ । ଶ୍ରୀକ୍ଷେତ୍ରସ୍ଥ ଶ୍ରୀଲୋକନାଥ ବୌଦ୍ଧଧର୍ମର ଅବଲୋକିତେଶ୍ୱରଙ୍କ ରୂପାନ୍ତରିତ ରୂପ ବୋଲି କେତେକ ଗ୍ରହଣ କରିଥାନ୍ତି । ପୁରୀର ଏକ ପ୍ରସିଦ୍ଧ ସ୍ଥାନରେ ବୁଦ୍ଧଙ୍କ ଦନ୍ତ ପୂଜା ହେଉଥିବାର ବର୍ଣ୍ଣନା ବିଭିନ୍ନ ବୌଦ୍ଧ ଉପାଖ୍ୟାନରେ ରହିଛି । ଶୈଳୋଦ୍ଭବ ରାଜବଂଶ ପରେ ଭୌମକର ରାଜବଂଶ ଶାସନ କାଳରେ ବୌଦ୍ଧଧର୍ମ ଓଡ଼ିଶାର ରାଜଧର୍ମ ହୋଇ ସାରିଥିଲା । ସେତେବେଳେ ଶ୍ରୀକ୍ଷେତ୍ର ଏକ ପ୍ରସିଦ୍ଧ ପୀଠ ଥିଲା ।

ବର୍ତ୍ତମାନର ସୂର୍ଯ୍ୟମନ୍ଦିର (ପ୍ରାଚୀନ ନାମ ନୀଳାଦ୍ରି ବିଜେ ମନ୍ଦିର) ଆକାରଗତ ସାମ୍ୟ ନହେଲେ ମଧ୍ୟ ଗଠନ ରୀତି ଦୃଷ୍ଟିରୁ ଶ୍ରୀମନ୍ଦିର ସହ (ମନ୍ଦିରର ଗର୍ଭ ଗୃହ, ଜଗମୋହନ) ତୁଳନୀୟ । ଏହି ମନ୍ଦିରର ନାମ ନୀଳାଦ୍ରି ବିଜେ ମନ୍ଦିର କେଉଁ ପରିପ୍ରେକ୍ଷୀରେ ହେଲା, ତା' ଅନୁସନ୍ଧାନ କଲେ କିଛି ନୂତନ ତଥ୍ୟ ଆବିଷ୍କୃତ ହୋଇପାରେ ।

ମାଦଳାପାଞ୍ଜି ବର୍ଣ୍ଣିତ ତଥା ଇତିହାସ ସମର୍ଥିତ ତଥ୍ୟ ଅନୁସାରେ ସମ୍ରାଟ ଶୋଭନଦେବଙ୍କ ରାଜତ୍ୱରେ ଯବନ ସମ୍ରାଟ ରକ୍ତବାହୁ ଶ୍ରୀକ୍ଷେତ୍ର ଆକ୍ରମଣ କରିଥିଲା । ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମାକୁ ଆଘାତ ପହଞ୍ଚାଇବାର ଆଶଙ୍କା ଥିବାରୁ ବୈଷ୍ଣବଧର୍ମୀ ଭଞ୍ଜବଂଶୀୟ ରାଜାମାନେ, ଯେଉଁମାନେ ପୂର୍ବରୁ ଗନ୍ଧବରାଢ଼ୀ (ଗାନ୍ଧାର ବାଡ଼ୀ ?)ଠାରେ ଶ୍ରୀନୀଳମାଧବଙ୍କ ଉପାସକ ଥିଲେ, ସେମାନେ ଶ୍ରୀଜଗନ୍ନାଥଙ୍କ ବିଗ୍ରହକୁ ଭଞ୍ଜ ଶାସିତ ଉଡ୍ରମଣ୍ଡଳ (ଆଧୁନିକ ବୌଦ)ରେ ଥିବା ଧୃତିପୁରାକୁ ନେଇ ଯାଇଥିଲେ, କାରଣ ଶ୍ରୀଜଗନ୍ନାଥ (ପୁରୁଷୋତ୍ତମ)ଙ୍କୁ ସେମାନେ ପରମ ବିଷ୍ଣୁ ଜ୍ଞାନ କରୁଥିଲେ ଅର୍ଥାତ୍ ଏହି ସମୟକୁ ଶ୍ରୀକ୍ଷେତ୍ର ପରମବିଷ୍ଣୁଙ୍କ ଆବାସସ୍ଥଳୀ ବୋଲି ଉତ୍କଳ ମଣ୍ଡଳରେ ପ୍ରସିଦ୍ଧିଲାଭ କରିସାରିଥିଲା । ଭଞ୍ଜବଂଶୀୟ ରାଜାଙ୍କ ରାଜଧାନୀ ସୁବର୍ଣ୍ଣପୁର (ସୋନପୁର) ନିକଟସ୍ଥ ବୌଦ ସୀମାନ୍ତରୁ

ମାତ୍ର ବାରମାଇଲ ଦୂର ଗୋପାଳିଗ୍ରାମଠାରେ ମହାପ୍ରଭୁଙ୍କୁ ପାତାଳୀ କରାଇ ସେହି ସ୍ଥାନରେ ବରଗଛଟିଏ ରୋପଣ କରାଯାଇଥିଲା, ଯାହାକୁ ଲୋକେ ଶ୍ରଦ୍ଧାରେ ଦିଅଁବର ବୋଲି କହୁଥିଲେ ।

ଐତିହାସିକ ହଣ୍ଟର ମାଦଳାପାଞ୍ଜିକୁ ବିଶ୍ଳେଷଣ କରି ଖ୍ରୀ:୩୧୮ ବେଳକୁ ଶ୍ରୀପୁରୁଷୋତ୍ତମ ଜଗନ୍ନାଥଙ୍କ ପ୍ରତିଷ୍ଠା ଓ ଖ୍ୟାତି ସାରା ଭାରତରେ ପରିବ୍ୟାପ୍ତ ହୋଇଥିଲା ବୋଲି ମତ ଦିଅନ୍ତି । ଶ୍ରୀକ୍ଷେତ୍ରର ଏହି ଗୌରବାବହ ସ୍ମୃତି ବହୁ ଯବନ ଆକ୍ରମଣକାରୀଙ୍କୁ ପ୍ରଲୁବ୍ଧ କରିଥିବା କଥା ବିଭିନ୍ନ ଉପାଖ୍ୟାନରୁ ଜଣାଯାଏ ।

ଖ୍ରୀ:୩୩୧ରେ ଚୀନର ସାନସୀ ପ୍ରଦେଶରେ ଜନ୍ମଗ୍ରହଣ କରିଥିବା କୁଙ୍ଗ, ଯାହାଙ୍କୁ ବୌଦ୍ଧଧର୍ମ ଗ୍ରହଣ ସମୟରେ ନମ୍ରତାର ପ୍ରତିମୂର୍ତ୍ତି ବା ଫାହିୟାନ ନାମରେ ନାମିତ କରାଯାଇଥିଲା, ସେ ଖ୍ରୀ:୩୯୯ ବା ୬୮ ବର୍ଷରେ ତୀର୍ଥାଟନ ପାଇଁ ଭାରତ ଆସି ସ୍ୱଭ୍ରମଣ ବୃତ୍ତାନ୍ତ ଫୋକିଭକି (ବୁଦ୍ଧ ଜନ୍ମସ୍ଥାନର ବିବରଣୀ) ପୁସ୍ତକ ରଚନା କରିଥିଲେ । ଫାହିୟାନଙ୍କ ଭ୍ରମଣ ବୃତ୍ତାନ୍ତରେ ଶ୍ରୀକ୍ଷେତ୍ରର ଏକ ବିରାଟ ଉତ୍ସବ (ରଥଯାତ୍ରା) ଦେଖି ସେ ଅତ୍ୟନ୍ତ ମୁଗ୍ଧ ହୋଇଥିବା କଥା ଉଲ୍ଲେଖ କରିଛନ୍ତି । ଗବେଷକ ଡଃ ସତ୍ୟନାରାୟଣ ରାଜଗୁରୁ ଖ୍ରୀଷ୍ଟୀୟ ଚତୁର୍ଥ ଶତକ ବେଳକୁ ଉଡ୍ର ଦେଶରେ ସମୁଦ୍ର ତୀରବର୍ତ୍ତୀ ଏକ ସ୍ଥାନରେ ପୁରୁଷମଣ୍ଡପ ନାମରେ ଏକ ପ୍ରସିଦ୍ଧ ମଣ୍ଡପ ଥିଲା ଏବଂ ସେଠାରେ ପୁରୁଷୋତ୍ତମଙ୍କ ପ୍ରସ୍ତର ବିଗ୍ରହ ବ୍ରାହ୍ମଣମାନଙ୍କ ଦ୍ୱାରା ଅର୍ଚ୍ଚିତ ହେଉଥିଲା ବୋଲି କହନ୍ତି । ଏହାଛଡ଼ା ବ୍ରାହ୍ମଣମାନେ ଏଠାରେ ପ୍ରତ୍ୟହ ସନ୍ଧ୍ୟା ବନ୍ଦାପନା, ପୁରୁଷ ସୂତ୍ର ଆଦି ପାଠ କରୁଥିଲେ । ପୁରୁଷମଣ୍ଡପ ନିକଟରେ ଉଭୟ ବ୍ରାହ୍ମଣ ଓ ବୌଦ୍ଧ ବସତି ଥିଲା । ସେଠାରେ ବ୍ରାହ୍ମଣ ଓ ବୌଦ୍ଧମାନେ ବସି ଶାସ୍ତ୍ର ଆଲୋଚନା କରୁଥିଲେ ବୋଲି ସେ ଉଲ୍ଲେଖ କରିଛନ୍ତି । ଉତ୍କଳର ଚୈତ ବଂଶୀ ସମ୍ରାଟ ଖାରବେଳ ଓ ତାଙ୍କ ପୁତ୍ର କନ୍ଦର୍ପ ଶ୍ରୀଙ୍କ ଶାସନ ପରେ ଶୈଳୋଦ୍ଭବ ବଂଶର ରାଜତ୍ୱ ସମୟରେ କଳିଙ୍ଗରୁ କନୌଜ ଓ ତୋଷାଳୀ ଅଲଗା ହୋଇଯାଇଥିଲା ।

ସପ୍ତମ ଶତାବ୍ଦୀ ବେଳକୁ ଭାରତ ଭୂଖଣ୍ଡରେ କୌଣସି ଏକ ସ୍ଥାନ ପୁରୁଷୋତ୍ତମ ଉପାସନା ପାଇଁ ଅତ୍ୟନ୍ତ ପବିତ୍ର ସ୍ଥାନ ବୋଲି ବିବେଚିତ ହେଉଥିଲା । ଏହି ସମୟକୁ ଶବରୀ ନାରାୟଣ ବା ନୀଳମାଧବ କ୍ରମଶଃ ପୁରୁଷୋତ୍ତମ ରୂପେ ପ୍ରସିଦ୍ଧି ଲାଭ କରିସାରିଲେଣି । ତେଣୁ ଏହି ପବିତ୍ର ସ୍ଥାନ ଓ ଏକମାତ୍ର ଓଡ଼ିଶାରେ ପ୍ରଚଳିତ ପୁରୁଷୋତ୍ତମ ଉପାସନା ପ୍ରଭୃତି ତତ୍ତ୍ୱକୁ ବିଚାରକୁ ନେଇ ଐତିହାସିକ ଦୀନେଶଚନ୍ଦ୍ର ସରକାର ଏ ସ୍ଥାନ ଶ୍ରୀକ୍ଷେତ୍ର ବୋଲି ମତ ଦିଅନ୍ତି ।

ଏହି ସପ୍ତମ ଶତାବ୍ଦୀରେ ଶୈଳୋଦ୍ଭବ ବଂଶଙ୍କ ଦ୍ୱାରା କଙ୍ଗୋଦ (ଚିଲିକାର ଆଖପାଖ ଅଞ୍ଚଳ) ଶାସିତ ହେଉଥିଲା । ଚକ୍ରଧର ମାଧବ କଙ୍ଗୋଦ ରାଷ୍ଟ୍ରର ରାଷ୍ଟ୍ରଦେବ ରୂପେ ପ୍ରତିଷ୍ଠା ଲାଭ କରିଥିଲେ । ସମସାମୟିକ ଦକ୍ଷିଣ କୋଶଳ (ବର୍ତ୍ତମାନର ପଶ୍ଚିମ ଓଡ଼ିଶାରେ) ଶବରୀ ନାରାୟଣ ଓ ଉପକୂଳବର୍ତ୍ତୀ ଉତ୍କଳ ମଣ୍ଡଳରେ ପୁରୁଷୋତ୍ତମ ରାଷ୍ଟ୍ରଦେବତା ରୂପେ ଖ୍ୟାତି ଲାଭ କରିଥିଲେ । ହୁଏନ୍‌ସା ଖ୍ରୀ:୬୩୯ରେ ସମୁଦ୍ରତଟର ପ୍ରସିଦ୍ଧ ଚେଲିତୋଳ ସହରର ଯେଉଁ ବିବରଣୀ ଦେଇଛନ୍ତି, ତା'ର ବହୁ ସାମ୍ୟ ଶ୍ରୀକ୍ଷେତ୍ର ସହିତ ରହିଛି ।

ଅଷ୍ଟମ ଶତାବ୍ଦୀ ବେଳକୁ ଶବରୀ ନାରାୟଣ, ନୀଳମାଧବ, ଚକ୍ରଧର ମାଧବ, ପୁରୁଷୋତ୍ତମ କମଳାକ୍ଷ ଦେବ, ବୁଦ୍ଧ, ଜୀନ - ଏ ସମସ୍ତେ ଶ୍ରୀଜଗନ୍ନାଥଙ୍କ ବିଶାଳତ୍ୱରେ ବିଲୀନ ହୋଇଗଲେ । ଏ ସମୟରେ ପ୍ରାଚୀନ ଉତ୍କଳ ଯଦିଓ ଚାରି ଭାଗରେ ଯଥା- କଳିଙ୍ଗ (ଗଞ୍ଜାମ), ତୋଷାଳୀ (ଉତ୍ତର ଓଡ଼ିଶା ମୟୂରଭଞ୍ଜ ଆଦି), କଙ୍ଗୋଦ (ଚିଲିକା/ରମ୍ଭା ଆଦି) ଦକ୍ଷିଣ କୋଶଳ (ପଶ୍ଚିମ ଓଡ଼ିଶା) ନାମରେ ବିଭକ୍ତ ହୋଇଥିଲା ତଥାପି ଶ୍ରୀକ୍ଷେତ୍ରସ୍ଥ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ସର୍ବଜନ ପୂଜ୍ୟ ହୋଇ ସାରିଥିଲେ ।

ଭୌମକର ବଂଶର ପତନ ପରେ ନିଜ କନ୍ୟା ଦଣ୍ଡୀ ମହାଦେବୀଙ୍କ ଅନୁରୋଧରେ କୋଶଳ ସମ୍ରାଟ ସୋମବଂଶୀ ଯଯାତିକେଶରୀ କୋଶଳ ଓ ତୋଷାଳୀକୁ ଏକତ୍ର କରି ଦଶମ ଶତାବ୍ଦୀରେ ଯାଯନଗ୍ର (ଆଧୁନିକ ଯାଜପୁର)କୁ ସ୍ୱରାଜଧାନୀ ସ୍ଥାନାନ୍ତରିତ କରିଥିଲେ । ଯଯାତିକେଶରୀ ଓ ତାଙ୍କ ପୁତ୍ର ଉଦ୍ୟୋତ କେଶରୀ ଉଭୟ ଶୈବଧର୍ମାବଲମ୍ବୀ ଥିବାରୁ ଭୁବନେଶ୍ୱରସ୍ଥ କୃତ୍ତିବାସ (ଆଧୁନିକ ଲିଙ୍ଗରାଜ) ମନ୍ଦିର ନିର୍ମାଣ କଲେ, ଯଦିଓ ପୂର୍ବରୁ ଶ୍ରୀକ୍ଷେତ୍ରରେ ଭୌମକର ବଂଶୀୟା ମହାରାଣୀ ପରମବୈଷ୍ଣବୀ ତ୍ରିଭୁବନ ମହାଦେବୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ପୁରୁଷୋତ୍ତମ ମନ୍ଦିର ଅସଂପୂର୍ଣ୍ଣ ହୋଇ ରହିଥିଲା ।

ଅଷ୍ଟମ ଶତାବ୍ଦୀରେ ଗଙ୍ଗ ସମ୍ରାଟ ଦେବେନ୍ଦ୍ର ବର୍ମାଙ୍କ ପ୍ରଦତ୍ତ ତାମ୍ରଶାସନରୁ ଶ୍ରୀକ୍ଷେତ୍ର ପୁରୁଷବନ ନାମରେ ନାମିତ ହୋଇଥିବାର ଜଣାପଡ଼େ । ଶ୍ରୀକ୍ଷେତ୍ରର ସମୁଦ୍ର ତୀରବର୍ତ୍ତୀ ତମାଳ ଅରଣ୍ୟ ରାଜି ମଧ୍ୟରେ ପୁରୁଷୋତ୍ତମଙ୍କ ସୁଦୃଶ୍ୟ ପ୍ରାସାଦ ଥିବା କଥା ସଂସ୍କୃତ ନାଟ୍ୟକାର ମୁରାରୀ ମିଶ୍ରଙ୍କ 'ଅନର୍ଘ ରାଘବ' ନାଟକରୁ ଜଣାପଡ଼େ । ଏ ନାଟକ ମହତୀ ଉତ୍ସବ ରଥଯାତ୍ରା ଅବସରରେ ଅଭିନୀତ ହୋଇଥିଲା ବୋଲି ଜଣାପଡ଼େ । ନାଟକରେ ଏହି ଯାତ୍ରାରେ ଭାଗ ନେବା ଲାଗି ଅନୁରୋଧ କରି ସୂତ୍ରଧର କହୁଛନ୍ତି -

ଭୋ ଭୋ ଲବଣାବଧି ବେଳା ବନାନୀ
ତମାଳତରୁ କଲ୍ଲକ ତ୍ରିଭୁବନ ମୌଳିମଣ୍ଡନସ୍ୟ
ମହାନୀଳମଣେ କମଳା କୁଚ କଳସକେଳି ପତ୍ରାଙ୍କୁରସ୍ୟ
ଭଗବତାଃ ପୁରୁଷୋତ୍ତମସ୍ୟ ଯାତ୍ରାୟାମୁପସ୍ଥାପନୀୟା ସଭାସଦଃ

ଏ ଶ୍ଳୋକରୁ ଲବଣାଦବେଳା ବନାନୀ, ତମାଳ ତରୁ ମଧ୍ୟରେ ମହାନୀଳମଣି ପୁରୁଷୋତ୍ତମଙ୍କ ସ୍ଥିତି ବୋଲି ଜଣାପଡ଼େ । ତେଣୁ

ମହାନୀଳମଣି ବା ଶ୍ରୀନୀଳମାଧବ ଧାରଣାରୁ ପୁରୁଷୋତ୍ତମ ଧାରଣାକୁ ଜନସ୍ୱୀକୃତି ୯ମ ଶତାବ୍ଦୀ ବେଳକୁ ମିଳିସାରିଲାଣି, ଏହା ଅନୁମାନ କରାଯାଇପାରେ ।

ପ୍ରବୋଧ ଚନ୍ଦ୍ରୋଦୟ ନାଟକରେ ନାଟ୍ୟକାର କୃଷ୍ଣ ମିଶ୍ର ମଧ୍ୟ ଏ ସତ୍ୟକୁ ପୁନଃ ପ୍ରତିଷ୍ଠା କରିଛନ୍ତି ।

ଅହମୁତ୍କଳ ଦେଶାଦାଗତେସ୍ମି
ଅସ୍ତି ତତ୍ର ସାଗରତୀରେ ପୁରୁଷୋତ୍ତମ ମାଖ୍ୟମଂ ଦେବାୟତନମ୍ ।

ଏସବୁ ତତ୍ତ୍ୱକୁ ବିଶ୍ଳେଷଣ କରି ଗବେଷକ ରାଜଗୁରୁ କହନ୍ତି, ଶ୍ରୀପୁରୁଷୋତ୍ତମଙ୍କ ମନ୍ଦିର ସମୁଦ୍ର କୂଳରେ ଥିଲା । ଏଠାରେ ପ୍ରଶ୍ନ ଉଠେ, ନବମ ଶତାବ୍ଦୀ ବେଳକୁ ବର୍ତ୍ତମାନ ଯେଉଁଠାରେ ମନ୍ଦିର ଅଛି (ସିଂହଦ୍ୱାର ସନ୍ନିକଟ) ସେଠାରେ ଥିଲା ଓ ଏହାର ଉପକଣ୍ଠରେ ସମୁଦ୍ର ଥିଲା ନା ବର୍ତ୍ତମାନ ଯେଉଁଠାରେ ସମୁଦ୍ର ଅଛି (କଚେରୀ ସେପଟେ ଦିଗବାରଣୀ ଖୁଣ୍ଟି ପାଖେ) ସେଠାରେ ସମୁଦ୍ର ଥିଲା ଓ ତାହାର କୂଳରେ ପୁରୁଷୋତ୍ତମଙ୍କ ମନ୍ଦିର ଥିଲା ? ଗବେଷକମାନଙ୍କ ଆଲୋଚନା ପାଇଁ କେତେକ ସମ୍ଭାବନା ଏଠାରେ ଉପସ୍ଥାପିତ କରାଗଲା ।

୧. ଅନର୍ଘ ରାଘବ ନାଟ୍ୟକାର ଓ କବି କୃଷ୍ଣ ମିଶ୍ର ଉଭୟ ପୁରୁଷୋତ୍ତମଙ୍କ ମନ୍ଦିର ସମୁଦ୍ରକୂଳ ତମାଳ ଅରଣ୍ୟ ଭିତରେ ଥିବାର ଉଲ୍ଲେଖ କରିଛନ୍ତି ।

୨. ଦାମୋଦର ନାମକ ବାଳକ ପୁରୁଷୋତ୍ତମଙ୍କୁ ଦର୍ଶନ କରି ପ୍ରାଣତ୍ୟାଗ କରିଥିବା କଥା ମଧ୍ୟପ୍ରଦେଶର ସାତନା ଜିଲ୍ଲାର ଚୌହାରଠାରେ ଥିବା ସରସ୍ୱତୀ ମନ୍ଦିର ଅଭିଲେଖର ୩୫ ଶ୍ଲୋକରୁ ଜଣାପଡ଼େ ।

ଏହାକୁ ରାଜଗୁରୁ ବିଶ୍ଳେଷଣ କରି କହନ୍ତି -

'The name of Puri derived from Purusottama Khetra which is the seat of lord purusottama. His temple was located on the seashore. Before he was removed to a newly built temple to a higher ground level in or about the Tenth Century A.D. (Inscriptions of the temple of Puri and Origin of the Purusottama Jagannath, p.45).'

ପୂର୍ବୋକ୍ତ ସଂସ୍କୃତ ଓ ଇଂରାଜୀ ଉଦ୍ଧୃତିର ପୂର୍ବାପର ପ୍ରସଙ୍ଗ ଉଦ୍ଧାର କରି କୁହାଯାଇପାରେ, ସରସ୍ୱତୀ ମନ୍ଦିର ତାମ୍ର ଅଭିଲେଖ ଅନୁସାରେ ଦାମୋଦର ନାମକ ଶିଶୁ ଶ୍ରୀକ୍ଷେତ୍ର ସାଗରରେ ସ୍ନାନ କଲାବେଳେ ଗଭୀର ପାଣିରେ ବୁଡ଼ି ମରିଗଲା ଓ ମଲାବେଳେ ସେ ପୁରୁଷୋତ୍ତମଙ୍କ ଦର୍ଶନ ଲାଭ କରିଥିଲା । ଏଥିରୁ ଅନୁମାନ କରାଯାଇପାରେ, ପୁରୁଷୋତ୍ତମଙ୍କ ମନ୍ଦିର ବର୍ତ୍ତମାନ ଥିବା ସମୁଦ୍ର କୂଳରେ ଥିଲା, ଯାହା ଫଳରେ ମରିବା ଅବସ୍ଥାରେ ଦାମୋଦର ପୁରୁଷୋତ୍ତମଙ୍କ ଦର୍ଶନ ପାଇପାରିଲା । ଏହାର ଅନ୍ୟ ଏକ ଅର୍ଥ କରାଯାଇପାରେ ବର୍ତ୍ତମାନର ମନ୍ଦିରକୁ ନେଇ । ସମୁଦ୍ରର ଭିତରକୁ ବହୁଦୂର ଚାଲିଗଲେ ଜ୍ୟାମିତିକ ନ୍ୟାୟରେ ନୀଳଚକ୍ର ବା ଚକ୍ରନାରାୟଣ ଦୃଷ୍ଟ ହୁଅନ୍ତି । ପୁରୀ ଲୋକେ ଚକ୍ର ନାରାୟଣଙ୍କୁ ପୁରୁଷୋତ୍ତମ ଜ୍ଞାନ କରନ୍ତି । ତେଣୁ ଚକ୍ର ମଣୋହି/ଚକ୍ର ସମର୍ପଣ ଦ୍ୱାରା ସାଧାରଣ ଭୋଗକୁ ମାହାର୍ଦ୍ଧର ସ୍ୱୀକୃତି ମିଳିଥାଏ । ଏ ଦୃଷ୍ଟିରୁ ଦାମୋଦର ସମୁଦ୍ରରେ ଅତି ଦୂରକୁ ଚାଲିଯିବା ଫଳରେ ବର୍ତ୍ତମାନ ମନ୍ଦିର ଶୀର୍ଷସ୍ଥ ନୀଳଚକ୍ର ବା ଚକ୍ର ନାରାୟଣଙ୍କୁ ହୁଏତ ଦର୍ଶନ କରିଥିଲା, ଏହା ଗ୍ରହଣ କରାଯାଇପାରେ । ମାତ୍ର ଏ ଘଟଣା ୧୦ମ ଶତାବ୍ଦୀ ପୂର୍ବର । ଦଶମ ଶତାବ୍ଦୀ ବେଳକୁ ଗଙ୍ଗ ରାଜତ୍ୱ ଆରମ୍ଭ ହୋଇନାହିଁ । ସୋମବଂଶୀ ସମ୍ରାଟ ଯଯାତି ମହାଶିବଗୁପ୍ତଙ୍କୁ ରାଜଧାନୀ ଯାଜନଗ୍ରରେ ସାକ୍ଷାତ କରି ଆଦି ଶଙ୍କର (ଖ୍ରୀ:୭୮୮-୮୨୦) ବଇତମ ମନ୍ଦିରର ଜୀର୍ଣ୍ଣ ସଂସ୍କାର ତଥା ଠାକୁରଙ୍କ ବ୍ରହ୍ମ ଉଦ୍ଧାର କରି ଦୀର୍ଘ ୧୪୪ ବର୍ଷ ପରେ (ଶୋଭନ ଦେବଙ୍କ ସମୟରେ ଯବନ ରକ୍ତବାହୁ ଶ୍ରୀକ୍ଷେତ୍ର ଆକ୍ରମଣ କରିବାରୁ ଦେବ ପ୍ରତିମା ସ୍ଥାନାନ୍ତରିତ ହୋଇଥିଲେ ବୋଲି ମାଦଳାପାଞ୍ଜିରେ ଉଲ୍ଲେଖ ଅଛି) ମନ୍ଦିରରେ ତ୍ରୈଲୋକ୍ୟନାଥ ବା କମଳାକ୍ଷ ଦେବ ବା ପୁରୁଷୋତ୍ତମଙ୍କର ପ୍ରତିଷ୍ଠା କଲେ । ଐତିହାସିକମାନଙ୍କ ମତ ଅନୁସାରେ ଏ ମନ୍ଦିର ବର୍ତ୍ତମାନର ମୁକ୍ତିମଣ୍ଡପ ନିକଟସ୍ଥ ନୃସିଂହ ମନ୍ଦିର । ସମୁଦ୍ରର ଯେତେ ଭିତରକୁ ଗଲେ ମଧ୍ୟ ନୃସିଂହ ମନ୍ଦିରର ଉଚ୍ଚତା କମ୍ ଥିବାରୁ ଏହା ଶୀର୍ଷସ୍ଥ ଚକ୍ର ନାରାୟଣ ଦର୍ଶନ ବୋଧହୁଏ ସମ୍ଭବ ହେବ ନାହିଁ । ତେଣୁ ବର୍ତ୍ତମାନ ସ୍ଥିତ ମନ୍ଦିର ଗଙ୍ଗ ରାଜତ୍ୱ ବେଳେ ନିର୍ମିତ ହୋଇଥିଲା । ଗଙ୍ଗବଂଶର ପ୍ରଥମ ଉତ୍କଳ ବିଜେତା ଅନନ୍ତ ବର୍ମନ ଚୋଡ଼ଗଙ୍ଗ ଦେବ ସୋମବଂଶୀ ସମ୍ରାଟ କର୍ଣ୍ଣକେଶରୀଙ୍କୁ ଖ୍ରୀ:୧୧୧୨ରେ (ଡ. ନବୀନ ସାହୁଙ୍କ ମତରେ ଖ୍ରୀ:୧୧୧୦ରେ) ପରାଜିତ କରି ଉତ୍କଳ ଅଧିକାର କରିଥିଲେ ମଧ୍ୟ ଉତ୍କଳର ଆଭ୍ୟନ୍ତରୀଣ ଗଣ୍ଡଗୋଳ ଯୋଗୁଁ ନିଜେ ଶାସନ ଡୋରି ହାତକୁ ନନେଇ ଅଧୀନସ୍ଥ କର୍ଣ୍ଣକେଶରୀଙ୍କୁ ଉତ୍କଳ ଶାସନ କରିବାକୁ ଦେଇଥିଲେ ଓ ଅନ୍ୟାନ୍ୟ ସୋମବଂଶୀ ଶାସିତ ଭୂଖଣ୍ଡ ଦୀର୍ଘ ୧୩/୧୪ ବର୍ଷ ପରେ (ଖ୍ରୀ:୧୧୨୬)ରେ କରଗତ କରି ସ୍ୱଶାସନ ପ୍ରତିଷ୍ଠା କରିଥିଲେ । ତେଣୁ ଦଶମ ଶତାବ୍ଦୀ ପୂର୍ବରୁ ବର୍ତ୍ତମାନର ଉତ୍ତୁଙ୍ଗ ମନ୍ଦିର ନିର୍ମାଣ ହୋଇ ନଥିବାରୁ ଦାମୋଦର ସମୁଦ୍ର ଭିତରୁ ବର୍ତ୍ତମାନ ମନ୍ଦିର ଶୀର୍ଷସ୍ଥ ନୀଳଚକ୍ରକୁ ଦେଖିବା ସମ୍ଭାବନା କମ୍ ବୋଲି କୁହାଯାଇପାରେ ।

ଅନନ୍ତ ବର୍ମନ ଚୋଡ଼ଗଙ୍ଗ ନିଜକୁ ପରମ ମାହେଶ୍ୱର ପରମ ଶିବ ଶାବର (ଜାଙ୍ଗଳିକ ମନ୍ତ୍ର) ବିଦ୍ୟା ପ୍ରବୀଣ ଘୋଷଣା କଲେ ମଧ୍ୟ ଏହାଙ୍କ ବଂଶ ଲତା ବିଶ୍ଳେଷଣରୁ ଏ ବୈଷ୍ଣବ ଧର୍ମାନୁରାଗୀ ଥିବାର ପ୍ରମାଣ ମିଳେ । ଏହାଙ୍କୁ ଶଶୁର ବୀରଚୋଡ଼ (କୁଲୋତ୍ତୁଙ୍ଗ ଦେବଙ୍କର ତୃତୀୟ ପୁତ୍ର) ବର୍ତ୍ତମାନର ଗୋଦାବରୀ ଜିଲ୍ଲାର ସର୍ପାବରମଠାରେ

ପୁରୁଷୋତ୍ତମଙ୍କର ବିରାଟ ମନ୍ଦିର ନିର୍ମାଣ କରିଥିଲେ । ବୀରଚୋଡ଼ଙ୍କ କନ୍ୟା ଚୋଡ଼ଗଙ୍ଗ ଦେବଙ୍କ ପାଟମହିଷୀ ଗଣ୍ଡଚୋଡ଼ ବା ଜୟଚୋଡ଼ଙ୍କ ଆଗ୍ରହରୁ ଗୁଣ୍ଡିଚାଯାତ୍ରାର ସୃଷ୍ଟି ଓ ଅଭିବୃଦ୍ଧି ବୋଲି ବିଶ୍ୱାସ କରାଯାଏ । ଚୋଡ଼ଗଙ୍ଗଙ୍କ କନିଷ୍ଠ ଭ୍ରାତା ପରମାର୍ଦ୍ଦ ଦେବ ଓ ତାଙ୍କ ପତ୍ନୀମାନେ ଶ୍ରୀପୁରୁଷୋତ୍ତମଙ୍କର ପରମ ଭକ୍ତ ଥିବାର ପ୍ରମାଣ ମିଳେ । ଚୋଡ଼ଗଙ୍ଗଙ୍କ ଶାସନ କାଳରେ ଶ୍ରୀ ସଂପ୍ରଦାୟର ପ୍ରବର୍ତ୍ତକ ପ୍ରଚାରକ ଶ୍ରୀ ରାମାନୁଜାଚାର୍ଯ୍ୟ ମେଲୁକୋଟରୁ ଦିଲ୍ଲୀ ପର୍ଯ୍ୟନ୍ତ ଯାତ୍ରା ଅବସରରେ ଦୀର୍ଘ ଚାରିବର୍ଷ (୧୧୧୩-୧୧୧୭) ଶ୍ରୀକ୍ଷେତ୍ରରେ ରହି ପରମ ମାହେଶ୍ୱର ଚୋଡ଼ଗଙ୍ଗ ଦେବଙ୍କୁ ପରମ ବୈଷ୍ଣବରେ ରୂପାନ୍ତର କରିଥିଲେ ।

ଐତିହାସିକ ମନମୋହନ ଚକ୍ରବର୍ତ୍ତୀ ମଧ୍ୟ ବର୍ତ୍ତମାନର ପୁରୁଷୋତ୍ତମଙ୍କ ମନ୍ଦିର ଖ୍ରୀ:୧୦୮୫-୧୦୯୦ ମଧ୍ୟରେ ହୋଇଥିଲା ବୋଲି କହନ୍ତି ।

ପ୍ରତ୍ନତତ୍ତ୍ୱବିତ୍ ତଥା ଐତିହାସିକ ପ୍ରର୍ସିବ୍ରାଉନ୍ ମଧ୍ୟ ବର୍ତ୍ତମାନର ମନ୍ଦିର ପୂର୍ବରୁ ବହୁବାର ଭାଙ୍ଗିଥିଲା ଓ ଏହାର ଉଚ୍ଚ ମୂଳଦୁଆ ଉପରେ ନୂତନ ମନ୍ଦିର ନିର୍ମିତ ହୋଇଥିଲା ବୋଲି ମତ ଦେଇଛନ୍ତି । ତେଣୁ ପରୋକ୍ଷରେ ୧୦ମ ଶତାବ୍ଦୀ ବେଳକୁ ଉଚ୍ଚଭୂମିରେ ମନ୍ଦିର ନିର୍ମାଣ ଓ ପ୍ରତିମା ସ୍ଥାନାନ୍ତର କଥାକୁ ଅସ୍ୱୀକାର କରାଯାଇନପାରେ । ଭୌଗଳିକ ଦୃଷ୍ଟିକୋଣରୁ ମଧ୍ୟ ବର୍ତ୍ତମାନ ମନ୍ଦିରର ସ୍ଥିତି ତଥା ସମୁଦ୍ରର ପତ୍ତନ ବିଚାରକୁ ନେଲେ ସମୁଦ୍ର ଅପେକ୍ଷାକୃତ ନିମ୍ନ ଭୂମିରେ ରହିଛି - ଏହା ଜଣାପଡ଼େ । ବର୍ତ୍ତମାନ ମନ୍ଦିର ଚାରିପାଖେ ଥିବା ହରଚଣ୍ଡି ସାହି, ବାଲିସାହି, ବାସେଳୀ ସାହି, କାଳିକା ଦେବୀ ସାହି ଆଦି ସମୁଦ୍ର ପତ୍ତନଠାରୁ ଉଚ୍ଚରେ ଥିବାରୁ ଆଜି ମଧ୍ୟ ଏ ଅଞ୍ଚଳକୁ ଜଳଯୋଗାଣ କଷ୍ଟକର ବ୍ୟାପାର ହୋଇପଡୁଛି । ଏହାଛଡ଼ା କଚେରୀ ବା ମୋଚି ସାହି ଛକରୁ ନାରୀ ସେବା ସଦନ, ନୋଳିଆ ସାହି ଦେଇ ସମୁଦ୍ର କୂଳକୁ ଯାଇଥିବା ରାସ୍ତାକୁ ଦେଖିଲେ ଶ୍ରୀକ୍ଷେତ୍ର ଯେ ପଶ୍ଚିମରୁ ପୂର୍ବାଭିମୁଖୀ ହୋଇ ନିମ୍ନ ହୋଇଛି, ଏହା ଜଣାପଡ଼େ ।

ଗବେଷକ ରାଜଗୁରୁ ପୁରୀ ସମୁଦ୍ର କୂଳରେ ୪ର୍ଥ ଶତାବ୍ଦୀ ବେଳକୁ ଏକ ମଣ୍ଡପ ବା ଧର୍ମ ଅର୍ଚ୍ଚନା ସ୍ଥଳୀ ଥିବାର ଉଲ୍ଲେଖ କରିଛନ୍ତି । ଏହି ମଣ୍ଡପରେ ପୁରୁଷ ସୂକ୍ତ ପାଠ ହେଉଥିବାରୁ ପରବର୍ତ୍ତୀ ଅବସ୍ଥାରେ ଏହା ପୁରୁଷୋତ୍ତମ ମନ୍ଦିରରେ ହୁଏତ ପରିଣତ ହୋଇପାରେ ।

ମାଦଳାପାଞ୍ଜି ବର୍ଣ୍ଣନା ଅନୁସାରେ ସମୁଦ୍ରର ବାରମ୍ବାର ଜୁଆର ଭଟ୍ଟା ଓ ପ୍ଲାବନ ଭୟ ଯୋଗୁଁ ଠାକୁରଙ୍କୁ ପୁରୁଷୋତ୍ତମ କ୍ଷେତ୍ରରୁ ବୌଦ୍ଧ ସୋମବଂଶୀ ରାଜାଙ୍କ ରାଜ୍ୟ ଦକ୍ଷିଣ କୋଶଳର ପ୍ରଥମ ରାଜଧାନୀ ସୁବର୍ଣ୍ଣପୁର (ସୋନପୁର) ସୀମାବର୍ତ୍ତୀ ବିନିକା ଗ୍ରାମକୁ ନିଆଯାଇଥିଲା, ଯାହା ମହାଭବଗୁପ୍ତ ଯଯାତିଙ୍କ ଦ୍ୱାରା ଉଦ୍ଧାର ଓ ମନ୍ଦିରରେ ପ୍ରତିଷ୍ଠା ହୋଇ ସେହି ଦିବସର ସ୍ମରଣରେ ଠାକୁରଙ୍କ ପାଖେ ସ୍ୱର୍ଣ୍ଣମୁଦ୍ରା ଭେଟି ଦେଇ ସେହି ଦିନଠାରୁ ସୁନିଆ ଓ ନୂତନ ଅଙ୍କ ଗଣନା କରାଯାଇଥିବାର ସମର୍ଥିତ ତଥ୍ୟ ମିଳୁଛି ।

ରକ୍ତବାହୁ ବା ଯବନ ଆକ୍ରମଣ ଯୋଗୁଁ ଠାକୁରମାନେ ସ୍ଥାନାନ୍ତରିତ ହେବାରୁ ମନ୍ଦିର ଅପାଂକ୍ତେୟ ଅଲୋଡ଼ା ହୋଇ ପଡ଼ିଥିବ । ଏଥିଯୋଗୁଁ ପରବର୍ତ୍ତୀ ଅବସ୍ଥାରେ ଦଇତା ହେବା ଯୋଗୁଁ ଭାଙ୍ଗି ଯାଇଥିବ ବା ସଂସ୍କାରର ଆବଶ୍ୟକତା ପଡ଼ିଥିବ । ଦ୍ୱାଦଶ ଶତାବ୍ଦୀରେ ସାଗର ତୀରସ୍ଥ ମଣ୍ଡପ ବା ମନ୍ଦିର ଭୌଗଳିକ (ଲୁଣି ପବନ ଆଦି) ଓ ସାମାଜିକ କାରଣ ଯୋଗୁଁ ବିପର୍ଯ୍ୟସ୍ତ ହୋଇ ଯାଇଥିବା କଥା ବର୍ଣ୍ଣନା କରାଯାଇଛି । ତେଣୁ ୧୨ଶ ଶତାବ୍ଦୀ ପର୍ଯ୍ୟନ୍ତ ସମୁଦ୍ର ତୀରରେ ଆଧ୍ୟାତ୍ମିକ ସାଧନାସ୍ଥଳୀ ଥିବାର ସ୍ୱୀକାର କରାଯାଇପାରେ ।

ବର୍ତ୍ତମାନର ସ୍ୱର୍ଗଦ୍ୱାର ତଥା ଚକ୍ରତୀର୍ଥ ହିନ୍ଦୁଜଗତର ଦୁଇଟି ପ୍ରଧାନସ୍ଥାନ । ମୃତଦେହ ଦାହ ହେବାର ସ୍ଥାନକୁ ଶ୍ମଶାନ କୁହାଯିବା ବେଳେ ଶ୍ରୀକ୍ଷେତ୍ରରେ ଏହା ସ୍ୱର୍ଗର ପଥ । ଅମାବାସ୍ୟା ଦିନ ଏଠାକୁ ଅମାବାସ୍ୟା ନାରାୟଣ ସାଗର ସ୍ନାନ ପାଇଁ ଆସି ଦେବନୀତି କରିଥାନ୍ତି । ଏ ସ୍ୱର୍ଗଦ୍ୱାର ଦେବତା, ଗନ୍ଧର୍ବ ଆଦିଙ୍କ ଶ୍ରୀକ୍ଷେତ୍ର ପ୍ରବେଶ ପଥ । ଏଠାରେ ବିଭୀଷଣ ମନ୍ଦିରର ମୁଖ୍ୟ ସେବାନାୟକ ପଟ୍ଟଯୋଶୀ ମହାପାତ୍ରଙ୍କୁ ରତ୍ନକଙ୍କଣ ଦେଇଥିବାର କିମ୍ବଦନ୍ତୀ ରହିଛି ।

ଶ୍ରୀକ୍ଷେତ୍ରର ସୀମାବଳୟ ଭିତରେ ଏକ ପ୍ରାନ୍ତରେ ସ୍ୱର୍ଗଦ୍ୱାର ଥିବାବେଳେ ଅନ୍ୟପ୍ରାନ୍ତର ଚକ୍ରତୀର୍ଥ ବିସ୍ତୀର୍ଣ୍ଣ ବାଲୁକା ପ୍ରାନ୍ତର ଭିତରେ ଦୁଇଟି ପୁଷ୍ପ ତୋରଣ । ଚକ୍ରତୀର୍ଥରେ ସୁଦର୍ଶନ ଚକ୍ର ପଡ଼ିଥିଲେ । ଏଠାରେ ମାଳିନୀ ନଦୀ ବାଙ୍କି ମୁହାଣରେ ମିଶିଥିଲା ଓ ବାଙ୍କି ମୁହାଣରେ ଶଙ୍ଖ ଚକ୍ର ଚିହ୍ନିତ ଦାରୁ ଲାଗିଥିଲା । ଏଠାରେ ମନ୍ଦିର ପୋତି ହୋଇଥିଲା ।

ଗାଲମାଧବ ଉପାଖ୍ୟାନରୁ ଜଣାପଡ଼େ, ସମୁଦ୍ରକୂଳରେ ଘୋଡ଼ା ଛୁଟାଇ ଯିବାବେଳେ ପୋତି ହୋଇଥିବା ମନ୍ଦିରର ଚକ୍ର ଘୋଡ଼ା ଟାପୁରେ ବାଜିଥିଲା । ଏଥିରୁ ସମୁଦ୍ର କୂଳରେ ମନ୍ଦିର ଥିବା ଅନୁମିତ ହୁଏ ।

ଦ୍ୱିତୀୟ ଯୁକ୍ତିଟି ବର୍ତ୍ତମାନ ମନ୍ଦିର ଯେଉଁଠାରେ ଅଛି, ସେଠାରେ ମନ୍ଦିର ଥିଲା । ସମୁଦ୍ର ଏ ମନ୍ଦିର ପାଖରେ ହିଁ ଥିଲା । ସମୟକ୍ରମେ ସମୁଦ୍ର ଘୁଞ୍ଚି ଯାଇଛି ।

୧. ଏ ଯୁକ୍ତିକୁ ପର୍ଯ୍ୟାଲୋଚନା କଲେ ଜଣାଯାଏ, ଶିଶୁ ଦାମୋଦରର ପ୍ରାଣ ସମୁଦ୍ରରେ ସ୍ନାନ କରୁଥିବାବେଳେ ଶ୍ରୀପୁରୁଷୋତ୍ତମଙ୍କ ଦର୍ଶନ କରୁ କରୁ ଚାଲିଯାଇଥିଲା । ତେଣୁ ମନ୍ଦିର ନିକଟରେ ହିଁ ସମୁଦ୍ର ଥିଲା । ଏତେ ନିକଟରେ ଥିଲା ଯେ ପାଣିରେ ବୁଡୁ ବୁଡୁ ମଧ୍ୟ ଦାମୋଦର ପୁରୁଷୋତ୍ତମଙ୍କ ଦର୍ଶନ ପାଇପାରିଥିଲା । ଏଠାରେ ଚକ୍ରନାରାୟଣଙ୍କ ଦର୍ଶନ କଥା ଯଦି ଚିନ୍ତା କରାଯାଏ, ତେବେ ବର୍ତ୍ତମାନର ମନ୍ଦିର, ଯାହା ଗଙ୍ଗ ରାଜତ୍ୱରେ ନିର୍ମିତ ହୋଇଥିଲା । ତାହା ଦଶମ ଶତାବ୍ଦୀ ପୂର୍ବରୁ ନିର୍ମିତ ହୋଇନଥିଲା । ନବମ ଶତାବ୍ଦୀରେ

ଯେଉଁ ନୃସିଂହ ମନ୍ଦିର ନିର୍ମିତ ହୋଇଥିଲା, ତାହା ଏତେ ଉଚ୍ଚ ନଥିଲା, ଯାହାର ଚୂଡ଼ାସ୍ଥିତ ନୀଳଚକ୍ର ଦୁଇ ତିନି କିଲୋମିଟର ଦୂରକୁ ଦେଖାଯିବ ।

୨. ସମୁଦ୍ର ଯେ କ୍ରମଶଃ ଘୁଞ୍ଚି ଯାଉଛି, ଏହା ସତ୍ୟ । ଜନବସତି ପାଇଁ ଭୂଭାଗର ଆବଶ୍ୟକତା, ନଦୀ ଉପକୂଳ ବା ମୁହାଣ କ୍ରମଶଃ ପୋତି ହେବା ତଥା ଅନ୍ୟ ପ୍ରାକୃତିକ କାରଣ ଯୋଗୁଁ ସମୁଦ୍ର ଓ ଅନ୍ୟ ଜଳଭାଗ କ୍ରମଶଃ ପୋତି ହୋଇଯାଉଛି ବା ଦୂରକୁ ଘୁଞ୍ଚି ଯାଉଛି । କୋଣାର୍କର ବର୍ତ୍ତମାନ ସ୍ଥିତି ଦେଖିଲେ ଏ ଧାରଣା ଦୃଢ଼ ହୁଏ । ସମ୍ରାଟ ଅନଙ୍ଗଭୀମ ତୃତୀୟ (୧୨୧୫-୧୨୪୨) ମତାନ୍ତରେ (ଖ୍ରୀ:୧୨୧୧-୧୨୫୮)ଙ୍କ ସୁଯୋଗ୍ୟ ପୁତ୍ର ନରସିଂହ ଦେବ ଗୌଡ଼ (ବର୍ତ୍ତମାନର ବଙ୍ଗ) ଦେଶ ଜୟ କରିବାର ସ୍ମାରକୀ ରୂପେ ବିଜୟ ଲବ୍ଧ ସମ୍ପଦରେ ଚନ୍ଦ୍ରଭାଗା ନଦୀ ଓ ସାଗର ସମୀପସ୍ଥ ପଦ୍ମତୋଳା ଗଣ୍ଡ ପୋତାଇ (ମନ୍ତ୍ରୀ ତଥା ସୁପତି ଶିବେଇ ସାନ୍ତାରାଙ୍କ ଜାଉଖିଆ ଉପାଖ୍ୟାନ ସ୍ମରଣୀୟ) କୋଣାର୍କ ମନ୍ଦିର ନିର୍ମାଣ କରିଥିଲେ ।

ବାର ବର୍ଷ ପରେ ମନ୍ଦିର ନିର୍ମାଣ ସଂପୂର୍ଣ୍ଣ ହେବା ମୁହୂର୍ତ୍ତରେ ମାନବ ଜାତିର ସ୍ୱାଭିମାନ ଓ ପ୍ରତିଭାର ପ୍ରତୀକ ଧର୍ମପଦ କୋଣାର୍କ ମନ୍ଦିର ଚୂଡ଼ାରୁ ପଦ୍ମତୋଳା ଗଣ୍ଡକୁ ଲମ୍ଫ ଦେଇ ଆତ୍ମାହୂତି ଦେଇଥିଲା । ବର୍ତ୍ତମାନର ମନ୍ଦିରଠାରୁ ସମୁଦ୍ର ଘୁଞ୍ଚିଯାଇ ପ୍ରାୟ ୩ କିଲୋମିଟର ଦୂରରେ ଅଛି । ଏତେଦୂର ଧର୍ମପଦ କେବେ ଲମ୍ଫ ମାରି ସମୁଦ୍ର ଭିତରେ ଆତ୍ମାହୂତି କରିବା ଅସମ୍ଭବ । ତେଣୁ ମନ୍ଦିର ନିକଟରେ ସମୁଦ୍ର ଥିଲା, ଯାହା କ୍ରମଶଃ ଘୁଞ୍ଚି ଯାଇଛି ।

୩. ସାଧାରଣତଃ ଦେବାଳୟ ସାଗର, ନଦୀ, ଜଳାଶୟ ତୀରରେ ସ୍ଥାପନ କରିବା ଶାସ୍ତ୍ରବିଧି । ତେଣୁ ସାଗର ଶ୍ରୀମନ୍ଦିର ନିକଟରେ ହିଁ ଥିବ ।

୪. ଆଜି ସମୁଦ୍ର ଶ୍ରୀମନ୍ଦିରଠାରୁ ଯେତିକି ବାଟ, କୋଣାର୍କଠାରୁ ଅବଲୁପ୍ତ ଚନ୍ଦ୍ରଭାଗା ନଦୀ ଓ ସାଗର ସାମାନ୍ୟ କମ୍ ବା ସେତିକି ବାଟ । ତେଣୁ ସମୟକ୍ରମେ ସମୁଦ୍ର ସ୍ୱସ୍ଥିତିରୁ ଅପସରି ଯାଇଛି, ଏହା ସତ୍ୟ ।

୫. ସମୁଦ୍ର ଅପସରି ଯିବା କିମ୍ବଦନ୍ତୀ ସ୍ୱୀକୃତ । ଅତିବଡ଼ୀ ଜଗନ୍ନାଥ ଦାସଙ୍କର ପ୍ରାର୍ଥନାରେ ଦୁଷ୍ଟ ସମୁଦ୍ର ସାତ ଲହଡ଼ି ପଛକୁ ଫେରିଯାଇ ତାଙ୍କ ଭଜନ ସାଧନ ଲାଗି ଭୂଭାଗ ଦେଇଥିଲା ।

୬. ସମୁଦ୍ର ଘୁଞ୍ଚିଯିବା କଥା ଶ୍ରୀକ୍ଷେତ୍ରର ଭୌଗଳିକ ଅବସ୍ଥିତି ତଥା ସ୍ଥପତି ବିଜ୍ଞାନ ଦ୍ୱାରା ସ୍ୱୀକୃତ ।

କ. ବର୍ତ୍ତମାନର ସହରର ମଧ୍ୟଭାଗରେ ମନ୍ଦିର ପାଖରେ ସମୁଦ୍ର ଥିଲା ଓ ସମୁଦ୍ରର ବାଲି ଉପରେ ବିଭିନ୍ନ ବସତି ଗଢ଼ି ଉଠିଥିଲା । ତେଣୁ ଏବେ ମଧ୍ୟ ବିଭିନ୍ନ ସାହିରେ ପ୍ରଭୂତ ବାଲିବନ୍ତ ଦୃଷ୍ଟିଗୋଚର ହୁଏ ।

ଖ. ସମୁଦ୍ର ବାଲିର ପ୍ରାବଲ୍ୟ ଓ ସାଗରର ସନ୍ନିକଟ ଯୋଗୁଁ କେତେକ ସାହିର ନାମ (ଯଥା- ବାଲିସାହି) ଅନୁରୂପ ହୋଇଥିବ ଏହା ଅନୁମାନ କରାଯାଇପାରେ ।

ଗ. ପୁରୀ ସହରର ବସତି ସ୍ଥାପନ ବିଶ୍ଳେଷଣ କଲେ ଜଣାଯାଏ, ପୂର୍ବ ପୁରୀ ଯେଉଁଠାରେ ମୁଖ୍ୟତଃ ମନ୍ଦିର ସେବକ ସଂପ୍ରଦାୟଙ୍କ ଆଦ୍ୟ ବସତି ଥିଲା, ତା'ର ଗୃହଗୁଡ଼ିକ ଉଚ୍ଚଭୂମିରେ ପ୍ରତିଷ୍ଠିତ ଓ ଏହାର ପିଣ୍ଡା ସବୁ ବହୁ ଉଚ୍ଚା ଅନୁମିତ ହୁଏ । ଅପସୃୟମାନ ସମୁଦ୍ର ଛାଡ଼ି ଯାଉଥିବା ବାଲିସ୍ତୁପ ଉପରେ ଏମାନେ ବସତି ସ୍ଥାପନ କରିଥିବେ । ତା'ଛଡ଼ା ଶ୍ରୀମନ୍ଦିରରେ ପ୍ରତ୍ୟହ ପୂଜା ଅର୍ଚ୍ଚନା କରିବାକୁ ଥିବାରୁ ଏମାନେ ମନ୍ଦିରଠାରୁ ଦୂରରେ ବସତି ସ୍ଥାପନକୁ ପସନ୍ଦ କରିନଥିବେ । ତେଣୁ ଉଚ୍ଚଭୂମି ହେଲେ ମଧ୍ୟ ଏଠାରେ ବାସ କରିବା ତାଙ୍କ ପାଇଁ ସ୍ପୃହଣୀୟ ହୋଇଥିବ ।

ଘ. ସମୁଦ୍ର ଘୁଞ୍ଚି ଯିବା ପରେ ପୁଣି ଜୁଆର ଭଟ୍ଟା ବା କାଳେ ପୁଣି ସମୁଦ୍ର ମାଡ଼ି ଆସିବ, ଏ ଆଶଙ୍କାରେ ଗୃହକୁ ତଥା ଗୃହର ପ୍ରବେଶ ପଥ ଦାଣ୍ଡପିଣ୍ଡା ସବୁକୁ ଉଚ୍ଚା କରିଥିବେ । ଏହି ଉଚ୍ଚା କରିବା ଫଳରେ ପଛପଟେ ଥିବା ନୀଚ ସ୍ଥଳଭାଗ ମଧ୍ୟରେ ଏକ ଭାରସାମ୍ୟ ରଖାଯାଇ ପାରିଥିବ । ଏ ସମ୍ଭ୍ରାନ୍ତ ଗୋଷ୍ଠୀଙ୍କ ବସତି ଓ ଦୀନଚର୍ଯ୍ୟା ସ୍ଥାନୀୟ ଜନଜୀବନକୁ ପ୍ରଭାବିତ କରିଥିବ । ଜନଚେତନାରେ ଉଦ୍‌ଭବ ହୋଇଥିବ । ଉଚ୍ଚ ପିଣ୍ଡାରେ ବସିବ, କୋକିଳ ପରି ଭାସିବ, ଯାହା ପରବର୍ତ୍ତୀ ଅବସ୍ଥାରେ 'ବିନୟ ମଧୁର ବଚନ, କହି ତୋଷିବ ଜନମନ' ଭଳି ଆପ୍ତ ବାକ୍ୟରେ ପରିଣତ ହୋଇଛି ।

ଙ. ସମୁଦ୍ର ଶୁଖି ଯିବାର ଅନ୍ୟ ଏକ ପ୍ରମାଣ ମଶାଣି ମହାବୀରଙ୍କ ସ୍ଥିତି । ମଶାଣି ପାଖେ ମଶାଣି ମହାବୀର ଏକଦା ପ୍ରତିଷ୍ଠିତ ହୋଇଥିବେ । ମାତ୍ର ବର୍ତ୍ତମାନ ମଶାଣି ଓ ମଶାଣି ମହାବୀରଙ୍କ ଦୂରତ୍ୱ ଅନ୍ୟୂନ ଦେଢ଼ କିଲୋମିଟର । କାରଣ ପୂର୍ବ ସ୍ଥାନରୁ ସମୁଦ୍ର ଘୁଞ୍ଚି ଘୁଞ୍ଚି ଯାଇ ବର୍ତ୍ତମାନ ସ୍ଥିତିରେ ପହଞ୍ଚିଛି । ତେଣୁ ସମୁଦ୍ର ଘୁଞ୍ଚିବା ପ୍ରମାଣସିଦ୍ଧ ।

୭. ପୁରୀ ସହରର ଭୂଖନନ (ଦୋଳ ମଣ୍ଡପ ସାହି, କାଳିକା ଦେବୀ ସାହି)ରୁ ଜଣାପଡ଼େ ସହରର ଅନ୍ୟୂନ ସତୁରୀ /ଅଶୀ ଫୁଟ ତଳେ ପଟୁମାଟି ଅଛି । ତେଣୁ ଏହା ନଦୀ-ସାଗର ସଙ୍ଗମ ସ୍ଥଳ ଥିଲା ବୋଲି ଅନୁମାନ । ଏ ସବୁକୁ ବିଚାର କଲେ ଅନୁମାନ ହୁଏ ସମୁଦ୍ର ମନ୍ଦିର ସନ୍ନିକଟରେ ଥିଲା ଓ ଏହା ତମାଳ ଆଦି ଅରଣ୍ୟାନୀ ଦ୍ୱାରା ପରିବେଷ୍ଟିତ ହୋଇଥିଲା ।

ଏ ଉଚ୍ଚଭୂମି କ'ଣ ବର୍ତ୍ତମାନର ରତ୍ନସିଂହାସନ, ଯାହା ମୁକ୍ତିମଣ୍ଡପ ନିକଟସ୍ଥ ନୃସିଂହ ମନ୍ଦିର ସିଂହାସନ ଅପେକ୍ଷା ଅଧିକ ଉଚ୍ଚରେ ଅବସ୍ଥିତ ? ମାତ୍ର ଦଶମ ଶତାବ୍ଦୀ ବେଳକୁ ବର୍ତ୍ତମାନର ମନ୍ଦିର ନିର୍ମିତ ହୋଇ ନଥିଲା । ଏ ମନ୍ଦିରର ଭିତ୍ତି ପ୍ରସ୍ତର ଅନନ୍ତ ବର୍ମନ ଚୋଡ଼ଗଙ୍ଗଙ୍କ ସମୟରେ ହୋଇଥିଲେ ମଧ୍ୟ କମଳାକ୍ଷ ଦେବ ବା ତ୍ରୈଲୋକ୍ୟ ନାଥଙ୍କ

ମନ୍ଦିର ନିର୍ମାଣ ପ୍ରତିଷ୍ଠା ଅନଙ୍ଗଭୀମ ତୃତୀୟଙ୍କ ସମୟରେ ହୋଇଥିଲା । ମତାନ୍ତରେ ପ୍ରତ୍ନତତ୍ତ୍ୱବିଦ୍ ପର୍ସିବ୍ରାଉନ୍ ଏ ମନ୍ଦିର ବହୁ ବିଧ୍ୱସ୍ତ ମନ୍ଦିରର କ୍ରମ ଉଚ୍ଚତର ଭିତ୍ତିଭୂମି ଉପରେ ଗଢ଼ି ଉଠିଥିବା ସିଦ୍ଧାନ୍ତ ଦେଇଛନ୍ତି ।

ଚୋଡ଼ଗଙ୍ଗ ଦକ୍ଷିଣ କୋଶଳ (ଅଧୁନା ପଶ୍ଚିମ ଓଡ଼ିଶା), ତୋଷାଳୀ (ଉତ୍ତର ଓଡ଼ିଶା) କଳିଙ୍ଗ (ଦକ୍ଷିଣ ଓଡ଼ିଶା-ଗଞ୍ଜାମ) କଙ୍ଗୋଦ (ଚିଲିକା ତୀରବର୍ତ୍ତୀ), ମହାକାନ୍ତାର ବୌଦ ପ୍ରଭୃତି ଅଞ୍ଚଳ)କୁ ଉତ୍କଳ ଭୂଖଣ୍ଡ (ଉପକୂଳବର୍ତ୍ତୀ ଅଞ୍ଚଳ)ରେ ମିଶାଇ ପ୍ରଜା ବିଦ୍ରୋହ ଉପଶମ କରି ପ୍ରଜାଚିତ୍ତ ଜୟ କରିବାକୁ ବିଜିତ ରାଜ୍ୟର ଉପାସ୍ୟ ଶ୍ରୀପୁରୁଷୋତ୍ତମଙ୍କ ଉପାସନା ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ, ଯଦିଓ ସେତେବେଳକୁ ପ୍ରୋକ୍ତ ରାଜ୍ୟମାନଙ୍କରେ ହରିହର ଉପାସନାର ପ୍ରାବଲ୍ୟ ଥିଲା । ଏଥିପାଇଁ ସେ ସୋମବଂଶୀ ସମ୍ରାଟ ଯଯାତିଙ୍କ ଉପାସିତ ଶ୍ରୀନୃସିଂହ ମନ୍ଦିରର ଉତ୍ତର ଦିଗରେ ଆଧୁନିକ ଶ୍ରୀମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନର ବ୍ୟବସ୍ଥା କରିଥିଲେ । ଶ୍ରୀକ୍ଷେତ୍ରରେ ପୁରୁଷୋତ୍ତମ ଉପାସନାର ପ୍ରାଧାନ୍ୟ ଥିବାବେଳେ ଚୋଡ଼ଗଙ୍ଗ ଦେବ କଳିଙ୍ଗରେ ଚୋଡ଼ଗଙ୍ଗେଶ୍ୱର ଶିବ ମନ୍ଦିର ପ୍ରତିଷ୍ଠା କରି ହରିହର ଉପାସନାର ଭାରସାମ୍ୟ ରଖିଥିଲେ । ତତ୍କାଳୀନ ଶ୍ରୀକ୍ଷେତ୍ରରେ ମନ୍ଦିର ଚତୁଃପାର୍ଶ୍ୱରେ ବ୍ରାହ୍ମଣ ମୁଖ୍ୟତଃ ସେବାୟତ ସଂପ୍ରଦାୟ ରହୁଥିଲେ ମଧ୍ୟ ଶ୍ରୀକ୍ଷେତ୍ରର ଅନ୍ୟ ଅଞ୍ଚଳରେ ଜନବସତି ଏତେ ସାନ୍ଦ୍ର ନଥିଲା । ଏଥିପାଇଁ ଚୋଡ଼ଗଙ୍ଗ ତନ୍ତ୍ର ବିଦ୍ୟାର ପ୍ରୟୋଗଶାଳା ରୂପେ ଚୋଡ଼ଗଙ୍ଗ (ଚୂଡ଼ଙ୍ଗ) ସାହି ପ୍ରତିଷ୍ଠା କରି ଯୋଗିନୀ (ନାରୀ) ସାଧିକାମାନଙ୍କୁ ରଖିଥିଲେ । ଏବେ ମଧ୍ୟ ବଡୁ ମହାପାତ୍ର ଜାଗାରେ ଚୋଡ଼ଗଙ୍ଗଙ୍କର ଏକ ପ୍ରତିମା ଥିବାର ଗବେଷକମାନେ ମତ ଦିଅନ୍ତି ।

ଗଙ୍ଗ ରାଜତ୍ୱର ବିଭିନ୍ନ ସମୟରେ ଶ୍ରୀକ୍ଷେତ୍ରକୁ ରାମାନୁଜାଚାର୍ଯ୍ୟ, ମାଧବାଚାର୍ଯ୍ୟ, ତାଙ୍କ ଅନୁଗାମୀ ନରହରି ମୁନି, ତାଙ୍କ ଶିଷ୍ୟ କଳିଙ୍ଗ ସମ୍ରାଟଙ୍କ ମନ୍ତ୍ରୀ ପରମ ବୈଷ୍ଣବ, ପରମ ଯୋଦ୍ଧା ନରହରି ତୀର୍ଥ, ବିଷ୍ଣୁ ସ୍ୱାମୀ ରାମାନନ୍ଦ ତଥା ଅନ୍ୟ ସମ୍ପ୍ରଦାୟର ବହୁସାଧୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଆସି ମନ୍ଦିର ନିକଟରେ ଛତା ପୋତି (ସାନ ଛତା, ବଡ଼ ଛତା) ଜଗନ୍ନାଥ ଓ ସ୍ୱ-ଇଷ୍ଟ ଦେବଙ୍କ ନାମରେ (ନାରାୟଣ ଛତା) ମଠ ସ୍ଥାପନ କରିଥିଲେ ।

ଶ୍ରୀକ୍ଷେତ୍ରର ତତ୍କାଳୀନ ସୀମା ମର୍କିକୋଟର ସାମାନ୍ୟ ଆଗକୁ ଉତ୍ତର-ପଶ୍ଚିମ ପଟରେ (ବର୍ତ୍ତମାନର ନରେନ୍ଦ୍ର ପୁଷ୍କରିଣୀ ସ୍ଥାନରେ) ଆନୁମାନିକ ତ୍ରୟୋଦଶ ଶତାବ୍ଦୀ ପରଠାରୁ ମୁସଲମାନ ଆକ୍ରମଣ ଯୋଗୁଁ ବା ସୁଫି ସନ୍ଥଙ୍କ ଆଗମନ ଯୋଗୁଁ ମୁସଲମାନ ବସତିମାନ ଗଢ଼ି ଉଠିଥିଲା । ପାରମ୍ପରିକ ବିଶ୍ୱାସ ଯୋଗୁଁ ସେବାୟତ ସମ୍ପ୍ରଦାୟ ତାଙ୍କର ନିଜସ୍ୱ ସଂସ୍କୃତି ତଥା ଚଳଣିକୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ମନ୍ଦିର ପାଖାପାଖି ବସତି କରି ଅନ୍ୟ ଜାତି ସମ୍ପ୍ରଦାୟ ଲୋକଙ୍କଠାରୁ ଦୂରରେ ରହୁଥିଲେ । ସେହିପରି ସ୍ୱକୀୟ ସଂସ୍କୃତି ସମୃଦ୍ଧ ଆରଣ୍ୟକ ଜାତି (ଦଇତା ଗୋଷ୍ଠୀ) ନଗର (ମର୍କିକୋଟ) ସୀମା ବାହାରେ ବଳଗଣ୍ଡି ମଧ୍ୟରେ ସ୍ୱ-ବସତି କରିଥିଲେ । ଆରଣ୍ୟକ ସଂସ୍କୃତି ଅନୁସାରେ ସେମାନଙ୍କ ଇଷ୍ଟଦେବୀ ବସତି ନିକଟସ୍ଥ ଜଳଉତ୍ସ ନିକଟରେ ପ୍ରତିଷ୍ଠିତ ହୋଇଥାନ୍ତି । ପଣ୍ଡିତ ସଦାଶିବ ରଥଶର୍ମାଙ୍କ ମତରେ ବର୍ତ୍ତମାନର ମାଉସୀ ମା' (ଅର୍ଦ୍ଧାଶନୀ ଅପଭ୍ରଂଶରେ ଅର୍ଦ୍ଧ ଶୋଷଣୀ) ଦଇତାମାନଙ୍କ ଇଷ୍ଟଦେବୀ । ଏ ଇଷ୍ଟଦେବୀ ଶ୍ରୀକ୍ଷେତ୍ରକୁ ଦୁଇଭାଗ କରୁଥିବା ମାଳିନୀ ନଦୀକୂଳରେ ଅରଣ୍ୟ ମଧ୍ୟରେ ବିରାଜିତ ହୋଇଥିଲେ ।

ପୁରାଣ ଆଖ୍ୟାନରେ ଇନ୍ଦ୍ରଦ୍ୟୁମ୍ନଙ୍କ ପଟ୍ଟମହିଷୀ ଗୁଣ୍ଡକେରୀ ଲୋକମୁଖରେ ଗୁଣ୍ଡିଚାଙ୍କ ପ୍ରୋତ୍ସାହନ ଓ ସ୍ମୃତିରେ ରଥଯାତ୍ରା ସୃଷ୍ଟି ହେବାରୁ ଏହାର ଅନ୍ୟନାମ ଗୁଣ୍ଡିଚା ଯାତ୍ରା । ଅନ୍ୟମତରେ ଅନନ୍ତ ବର୍ଦ୍ଧନ ଚୋଡ଼ଗଙ୍ଗଙ୍କ ପାଟମହିଷୀ ଗଣ୍ଡଚୋଡ଼ (କସ୍ତୁରୀ କମୋଦିନୀ-ମାମୁଁ ବୀର ଚୋଡ଼ଙ୍କ କନ୍ୟା)ଙ୍କ ନାମ ଅନୁସାରେ ଗୁଣ୍ଡିଚା ଯାତ୍ରା ନାମିତ ।

ପଣ୍ଡିତ ନୀଳକଣ୍ଠ ଦାସ, ଡ: ମହତାବ ଗୁଣ୍ଡିଚା ଶବ୍ଦର ଅର୍ଥ ଉଦ୍ୟାନଗୃହ ଓ ଏହା ଏକ ଦ୍ରାବିଡ଼ ଶବ୍ଦ ବୋଲି ମତ ଦେବାବେଳେ ଡଃ ବେଣୀମାଧବ ପାଢ଼ୀ ଗୁଣ୍ଡିଚା ଶବ୍ଦ ସୌରାଶବ୍ଦ କୁନ୍ ଡିଦା (ସେହି ଗଣ୍ଡି) ଶବ୍ଦରୁ ସୃଷ୍ଟି ବୋଲି ମତ ଦିଅନ୍ତି । ଗବେଷକ ସିଦ୍ଧେଶ୍ୱର ମହାପାତ୍ର ଏ କୁନ-ଡିଦାର ପରିବର୍ତ୍ତିତ ଅର୍ଥ ଶ୍ରୀଜଗନ୍ନାଥଙ୍କ ଜନ୍ମସ୍ଥାନ ବୋଲି ମତ ଦିଅନ୍ତି । ପଶ୍ଚିମା ଛତିଶଗଡ଼ ଯାତ୍ରୀମାନେ ମଧ୍ୟ ଗୁଣ୍ଡିଚା ଘରକୁ ଜନକପୁରୀ, ପ୍ରଭୁଙ୍କ ଜନ୍ମସ୍ଥାନ ଆଦି ଭାବରେ ଗ୍ରହଣ କରିଥାନ୍ତି ।

ଶ୍ରୀକ୍ଷେତ୍ରର ପ୍ରାଚୁର୍ଯ୍ୟ ପ୍ରଲୁବ୍ଧ କରିଛି ଯବନ ଆକ୍ରମଣକାରୀମାନଙ୍କୁ । ତେଣୁ ଏ ବାହ୍ୟ ଆକ୍ରମଣର ପ୍ରତିରୋଧ ପାଇଁ ବିଭିନ୍ନ ସମୟରେ ସମ୍ରାଟମାନେ ସ୍ଥାନୀୟ ଶକ୍ତିର ଆହ୍ୱାନ ଓ ବିନିଯୋଗ କରିଛନ୍ତି । ଧର୍ମଭିତ୍ତିକ ଆକ୍ରମଣ ମନ୍ଦିର ଉପରେ ବାରମ୍ବାର ହେବାରୁ ସମୟକ୍ରମେ ମନ୍ଦିରକୁ କେନ୍ଦ୍ରକରି ଛାଉଣୀମଠ, ନିର୍ମୋହୀ ଆଖଡ଼ା, ବାଘ ଆଖଡ଼ା, ବଡ଼ ଆଖଡ଼ା ପ୍ରଭୃତି ମଠ ପ୍ରତିଷ୍ଠା ହୋଇ ଆଧ୍ୟାତ୍ମିକ ସାଧନା ସହିତ ଶରୀର ଚର୍ଚ୍ଚା ଉପରେ ଗୁରୁତ୍ୱ ଦିଆଗଲା । ଶ୍ରୀମନ୍ଦିରକୁ କେନ୍ଦ୍ରକରି ଶ୍ରୀକ୍ଷେତ୍ରରେ ସାତସାହି, ବୟାଳିଶ କନ୍ଦି, ପଞ୍ଚପଡ଼ା ଓ ବିବିଧ ପାଟଣା ଗଢ଼ି ଉଠିଥିଲା । ଏ ସାହିମାନଙ୍କରେ ଜାଗା, କୋଟ ପ୍ରଭୃତି ସ୍ଥାପିତ ହୋଇ ସାହିକୁ ସଂଘବଦ୍ଧ କରିବା ସହିତ ଶ୍ରୀମନ୍ଦିର ନୀତିରେ ଭାଗ ନେବାର ବ୍ୟବସ୍ଥା ହେଲା । ମାର୍କଣ୍ଡେଶ୍ୱର ସାହି, ହରଚଣ୍ଡି ସାହି, ବାସେଳୀ ସାହି, ବାଲି ସାହି, ଦୋଳମଣ୍ଡପ ସାହି, କୁଣ୍ଡାଇ ବେଣ୍ଟ ସାହି, ମାଟିମଣ୍ଡପ ସାହି, ଗୌଡ଼ବାଡ଼ ସାହି, ଶ୍ରୀକ୍ଷେତ୍ରର ସାତ ସାହି, ବୟାଳିଶ କନ୍ଦି ମଧ୍ୟରେ ବଣିଆ ଗଳି, ଶ୍ୟାମକୁଞ୍ଜ ଗଳି, ମର୍କିକୋଟ ଗଳି, ପାତ୍ରଗଳି, ସଙ୍କଟ ଜାଗା ଗଳି, ଶୀତଳ ପିଣ୍ଡା ଗଳି, ମହାସୁଆର ସାହି ଗଳି, କର୍ତ୍ତିଗଳି, ଚିତ୍ରକାର ସାହି ଗଳି, (୨ଟି - ଗୋଟିଏ କୁଣ୍ଡେଇ ବେଣ୍ଟ ସାହିରେ ଅନ୍ୟଟି ହରଚଣ୍ଡି ସାହିରେ), ଯମେଶ୍ୱର ଗଳି, ଭଣ୍ଡାରୀ ଗଳି (ବାଲିସାହି), ଧାନକୁଟି ସାହି ଗଳି, ତଳୁଛ ଗଳି, ବନଦୁର୍ଗା ଗଳି, ତିଆଡ଼ି ସାହି

ଗଳି, ଖଟୁଆ ସାହି ଗଳି, ନେଉଳ ଦାସ ମଠ ଗଳି, ନହର ଗଳି, ପଥୁରିଆ ସାହି ଗଳି ପ୍ରଭୃତି ଏ କନ୍ଦି/ଗଳି ମଧ୍ୟରେ ଅନ୍ତର୍ଭୁକ୍ତ । ମାଟିଆପଡ଼ା, ଟିକରପଡ଼ା, କୁମ୍ଭାରପଡ଼ା, ଦଇତାପଡ଼ା (ମ୍ୟୁନିସିପାଲିଟି ମାର୍କେଟ ନିକଟରେ), ଖଣ୍ଡୁଆ ପଡ଼ା (ବିମାନ ବଡୁ ସାହି, ଆଦି ପଞ୍ଚପଡ଼ା ସହିତ କୁମୁଟି ପାଟଣା, ସିଦ୍ଧ ମହାବୀର ପାଟଣା, ନୂଆପାଟଣା (ବର୍ତ୍ତମାନର ଇନ୍ଦ୍ରଦ୍ୟୁମ୍ନ ଉପର ମହାନ୍ତି ସାହିସ୍ଥ), ଗେଲବସର ପାଟଣା (ବାସେଳୀ ସାହିସ୍ଥିତ) ଆଦି ପାଟଣାମାନ ଶ୍ରୀକ୍ଷେତ୍ରରେ ଅବସ୍ଥିତ ।

ସମୟକ୍ରମେ ଶ୍ରୀକ୍ଷେତ୍ରରେ ବିକଶିତ ହୋଇଥିଲା, ସାତଶହ ବାବନ ମଠ । ଏ ମଠମାନ ବିଭିନ୍ନ ସାହିରେ ବିଦ୍ୟମାନ ଥିଲା । ସାହିମାନଙ୍କର ସାଙ୍ଗଠନିକତାକୁ ବିଶ୍ଳେଷଣ କରି ଗବେଷକମାନେ କହନ୍ତି ଖ୍ରୀ:୧୦୮୭ରେ ଯବନ ଆକ୍ରମଣକୁ ପ୍ରତିହତ କରିବାକୁ ଚୋଡ଼ଗଙ୍ଗଦେବ ଚୋଡ଼ଙ୍ଗ କୋଟ ସ୍ଥାପନ କରିଥିଲେ । ପରେ ୧୦୯୦ ଖ୍ରୀ:ରେ ଅଯୋଧ୍ୟାର ସାଧକ ସୀତାରାମ ବାବାଙ୍କ ପ୍ରଚେଷ୍ଟାରେ କୋଟର ଏକ ମାର୍ଜିତ ରୂପ ପ୍ରକାଶ ପାଇଲା 'ଆଖଡ଼ା' ନାମରେ । ଖ୍ରୀ:୧୨୭୦ରେ ରାଜଗୁରୁ ନୀଳକଣ୍ଠ ବାଜପେୟୀ ମହାପାତ୍ର ସୃଷ୍ଟି କଲେ 'ଜାଗା' ଅନୁଷ୍ଠାନ । ତେବେ ଏ ଜାଗା ପ୍ରଭୃତିର ସୁବର୍ଣ୍ଣ ଯୁଗ ହେଉଛି ଦ୍ୱିତୀୟ ଦିବ୍ୟସିଂହ ଦେବଙ୍କ (୧୭୪୧) ରାଜତ୍ୱ କାଳ । ଖ୍ରୀ:୧୭୪୧ରେ ଦେଉଳକରଣ ଘନଶ୍ୟାମ ସାମନ୍ତରାୟ ଓ ଭ୍ରମରବର ବକ୍ସିରାୟଙ୍କୁ ଆଦେଶନାମା ଦେଇଥିଲେ ଯେ-

'ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଭୋଗ ବିଶୋଇ, ସାଇ ବାହକ ଓ ତିନି ପରିଚ୍ଛାଙ୍କୁ ହୁକୁମ ହେଲା କି ଭ୍ରମରବରଙ୍କୁ ଘେନି ତୁମ୍ଭେ ଦେଉଳ କରଣ ସ୍ୱର୍ଗଦ୍ୱାରଠାରୁ ବନ୍ତ ପର୍ଯ୍ୟନ୍ତକେ, ତାହାପରେ ବନ୍ତଠାରୁ ଶଙ୍କରେଶ୍ୱର ଦେଇ ହୁଳୁହୁଳିଆ କୂଳ ପର୍ଯ୍ୟନ୍ତ, ହୁଳୁହୁଳିଆ କୂଳରୁ ପଞ୍ଚା ପର୍ଯ୍ୟନ୍ତ ଏ ଯେଉଁ କଟକ ଏହା ମଧ୍ୟେ ଗମି, କାର୍ଯ୍ୟଙ୍କୁ ଗମାଇ ଦେଉଳ, ପୋଖରୀ, ସାଗର, ତୋଟା, ଯେଗା, ଜୁଆର, ଖାଇ, ପଦା, ଦଣ୍ଡା ଆଦି କରି ସ୍ଥାନମାନଙ୍କ ତକ ଅଧିକାରୀ କେ ଅଞ୍ଜାମ କରୁଛନ୍ତି ତା' ମଣାଇ କନ୍ୟା ଦଶମୀ ଦିନ ପୁରୁଣା ନହର ନେହରଣରେ ଦାଖଲ କରିବ । ଏଥକୁ ତୁମ୍ଭକୁ ଚଉତିରିଶ ମାଢ଼ ଯଥାଏ କରି ମିଳିବ । ଏ ହୁକୁମ ତାମିଲକୁ ବନ୍ଦୋବସ୍ତ ଖାରଦ କରିଣ ଚିନ୍ତାମଣି ପାଞ୍ଜିଆ ମିଳି ଯେଗା ଚକଡ଼ା କଲେ ।'

ଏ ଜାଗା ଆଖଡ଼ାର ସ୍ୱରୂପ ନିରୂପଣ କରି କୁହାଯାଇଛି - ଶହେ ଭେଣ୍ଡିଆରେ ଗଡ଼ ବୋଲାଇ, ପଚାଶେ ଭେଣ୍ଡିଆ କୋଟରେ ଥାଇ ଜାଗାରେ ଅଙ୍ଗିଲା ବାଡ଼ ନଥାଇ, ନଗର ରକ୍ଷାକୁ ଜାଗା ବୋଲାଇ ।

ଏ ଜାଗା ଆଖଡ଼ାରେ ମଲ୍ଲବିଦ୍ୟା ସାଧନ, ଅବସର ବିନୋଦନ ପାଇଁ ପଶା, ଗଞ୍ଜପା ଖେଳ, ନୃତ୍ୟ ସଙ୍ଗୀତ (ରାବଣ, ନାଗା, ମେଢ଼, ଚନ୍ଦନ ଯାତ୍ରାରେ ଚାପରେ ଓ ଜଗମୋହନରେ ଗୋଟି ପିଲା ନୃତ୍ୟ) ନ୍ୟାୟ ନିଶାପ ସହିତ ଶ୍ରୀମନ୍ଦିରର ବିଭିନ୍ନ ନୀତି ସମ୍ପାଦନ କରୁଥିଲେ । ଉଦାହରଣ ସ୍ୱରୂପ ଶ୍ରୀରାମ ଜନ୍ମଠାରୁ ରାବଣ ବଧ ପର୍ଯ୍ୟନ୍ତ ବିଭିନ୍ନ ଲୀଳା ସୁଆଙ୍ଗ ବିଭିନ୍ନ ସାହି ଆୟୋଜନ କରି ଜନ ମନୋରଞ୍ଜନ ଓ ଆଧ୍ୟାତ୍ମିକ ଜାଗୃତି ଆଣୁଥିଲା । କାଳିକା ଦେବୀ ସାହି ଶ୍ରୀରାମ ନବମୀ ଦିନ ଶ୍ରୀରାମ ଜନ୍ମର ତିଥି ନକ୍ଷତ୍ର ଅନୁସାରେ ଜନ୍ମ ଉତ୍ସବ ପାଳନ, ଦଶମୀ ତିଥିରେ ହରଚଣ୍ଡୀ ସାହିର ନାକ କାନ (ପୂର୍ବେ ନାକ, କାନ ଲୀଳା ମାଟିମଣ୍ଡପ ସାହିର ଥିଲା), ଏକାଦଶୀ ଦିନ ହରଚଣ୍ଡୀ ସାହିର ପର୍ଶୁରାମ, ଦ୍ୱାଦଶୀ ଦିନ ମାର୍କଣ୍ଡେଶ୍ୱର ସାହିର ବନବାସ ଲୀଳା, ତ୍ରୟୋଦଶୀରେ କୁଣ୍ଢେଇ ବେଣ୍ଟ ସାହିର ମାୟା ରାବଣ (ଏକ ଯୋଗୀ), ଚତୁର୍ଦ୍ଦଶୀ ଦିନ ଲଙ୍କାପୋଡ଼ି ହନୁମାନ ଦୋଳମଣ୍ଡପ ସାହି ପକ୍ଷରୁ ବାହାରେ । ଏହାପରେ ବାଲିସାହି ଦ୍ୱାରା ସେତୁବନ୍ଧନ ଓ ରାବଣ ବଧ ଲୀଳା ଅନୁଷ୍ଠିତ ହୁଏ । ଅବଶେଷରେ ଗୌଡ଼ବାଡ଼ ସାହିର ଅଭିଷେକ ତିଥି ଆସିଲେ ହନୁମାନଙ୍କ ଦ୍ୱାରା ଅଭିଷେକ ଲୀଳା ସମ୍ପାଦିତ ହୁଏ । ତେବେ କୌଣସି ତିଥି ଗୁରୁବାରରେ ପଡ଼ିଲେ ତା'ପରଦିନ ପ୍ରୋକ୍ତ ସାହି ସେ ଲୀଳା ସମ୍ପାଦନ କରିଥାଏ ।

ସାହିମାନଙ୍କର ଏ ଉନ୍ନତ ସାଂସ୍କୃତିକ ପରମ୍ପରା ଶ୍ରୀକ୍ଷେତ୍ରର ପ୍ରକୃଷ୍ଟ ଆଧ୍ୟାତ୍ମିକ ଜୀବନ । ସୁସଂଯତ ଜୀବନଶୈଳୀ ନାଗରିକ ଜୀବନକୁ ପ୍ରଭୂତ ପ୍ରାଚୁର୍ଯ୍ୟରେ ଭରି ଦେଇଥିଲା । ଏହାରି ପ୍ରଲୋଭନରେ ବହୁଯାତ୍ରୀ ତଥା ସମୟେ ସମୟେ ଅନୁପ୍ରବେଶକାରୀ ଶ୍ରୀକ୍ଷେତ୍ର ଭିତରକୁ ପ୍ରବେଶ କରିବାର ଉଦ୍ୟମ କରିଥିଲେ । ଏ ଯାତ୍ରୀମାନଙ୍କ ସଂଖ୍ୟା ଊନବିଂଶ ଶତାବ୍ଦୀରେ ରାସ୍ତାଘାଟର ଉନ୍ନତି ହେବା ପରେ ବିଶେଷ ବଢ଼ିବାକୁ ଲାଗିଲା । ଏହା ଏକ ଆୟର ପନ୍ଥା ମନେ କରି ବିଭିନ୍ନ ସମୟରେ ଶାସନ ପକ୍ଷରୁ ଯାତ୍ରୀକର ଆଗନ୍ତୁକମାନଙ୍କ ଉପରେ ଧାର୍ଯ୍ୟ କରାଯାଉଥିଲା । ଲାଲଯାତ୍ରୀ (ସବୁଠାରୁ ଧନୀଯାତ୍ରୀ) ଉପଯୁକ୍ତ କର ଦେଇ ଅଠରନଳା ଦେଇ ଶ୍ରୀକ୍ଷେତ୍ର ପ୍ରବେଶ କରୁଥିଲେ । ଏହାଛଡ଼ା ଶ୍ରୀକ୍ଷେତ୍ରର ବିଭିନ୍ନ ଦିଗରେ ତନଖି ଫାଟକମାନ ରହି ଯାତ୍ରୀମାନଙ୍କଠାରୁ କର ଆଦାୟ କରୁଥିଲା । ଅଠରନଳାଠାରେ ବଡ଼ ତନଖି ଫାଟକ ଥିଲା । ଆଗନ୍ତୁକ ଯାତ୍ରୀମାନଙ୍କ ବିଶ୍ରାମ ପାଇଁ ଏଠାରେ ଏକ ଡାକବଙ୍ଗଳା ଓ କୂଅ ମଧ୍ୟ ଥିଲା ।

ଷୋଡ଼ଶ ଶତାବ୍ଦୀ ବେଳକୁ ଶ୍ରୀକ୍ଷେତ୍ର ଏକ ସର୍ବଧର୍ମ ସମନ୍ୱୟର ପୀଠ ହୋଇଥିଲା । ଶ୍ରୀକ୍ଷେତ୍ରରେ ହିନ୍ଦୁ-ମୁସଲମାନ ଏକତ୍ର ସହାବସ୍ଥାନ ଓ ମହାପ୍ରସାଦ ଗ୍ରହଣ କରୁଥିବା କଥା ପରିବ୍ରାଜକ ମହମ୍ମଦ ଅମୀର ୱାଲି ୧୬୨୬ ମସିହା ମେ ମାସ କୋଡ଼ିଏ ତାରିଖରେ ଶ୍ରୀକ୍ଷେତ୍ର ପରିଭ୍ରମଣ କରିଥିବାବେଳେ ଲକ୍ଷ୍ୟ କରିଥିଲେ । ଶ୍ରୀମନ୍ଦିରଠାରୁ ଗୁଣ୍ଡିଚା ମଣ୍ଡପ ପର୍ଯ୍ୟନ୍ତ ରାଜରାସ୍ତାର ଉଭୟ ପାର୍ଶ୍ୱରେ ବନ ଉପବନ, ମଠ, ମଣ୍ଡପ, ରାଜପ୍ରାସାଦ ଆଦି ଥିଲା । ଶ୍ରୀଚୈତନ୍ୟଙ୍କ ସମୟରେ ଗଜପତି ପ୍ରତାପରୁଦ୍ର ଦେବଙ୍କ ପ୍ରଦତ୍ତ ଜଗନ୍ନାଥ ବଲ୍ଲଭ ମଠ ବଗିଚାରେ ପୂର୍ବତନ ରାଜମହେନ୍ଦ୍ରୀସ୍ଥ ରାଜ ପ୍ରତିନିଧି ରାୟ ରାମାନନ୍ଦ (ବ୍ରହ୍ମଗିରି ନିକଟସ୍ଥ ବେଣ୍ଟପୁର ଯାହାଙ୍କ ଜନ୍ମସ୍ଥାନ) ବାସ କରି ଦେବଦାସୀମାନଙ୍କୁ

ରାଧାମାଧବ ଲୀଳାତତ୍ତ୍ୱ ଶିକ୍ଷା ଦେଉଥିଲେ । ସେତେବେଳେ ନରେନ୍ଦ୍ର ପୁଷ୍କରିଣୀ ସମତେ ଜଗନ୍ନାଥ ବଲ୍ଲଭ ମଠକୁ ବସନ୍ତ ବଗିଚା ପେଟା କୁହାଯାଉଥିଲା । ଆଜିପରି (ଶ୍ରୀରାମ ଲୀଳାରେ ଏହା ନନ୍ଦିଗ୍ରାମ, ବେଣ୍ଟ ଉତ୍ସବରେ ଏହା ଆଖେଟ ସ୍ଥଳୀ, ଦଶହରା ସମୟରେ ଦୁର୍ଗାମାଧବ ଉପାସନା ଅବକାଶରେ ଏହା ବିଜୟ ପଡ଼ିଆ) ସେତେବେଳେ ମଧ୍ୟ ଜଗନ୍ନାଥବଲ୍ଲଭ ମଠ ଶ୍ରୀମନ୍ଦିର ନୀତି ସହିତ ଘନିଷ୍ଠ ଭାବେ ଜଡ଼ିତ ଥିଲା । ଏ ଜଗନ୍ନାଥ ବଲ୍ଲଭ ମଠ ସମ୍ମୁଖରେ ବଳଭଦ୍ର ବଲ୍ଲଭ ନାମକ ବଗିଚା ଥିଲା, ଯାହା ବର୍ତ୍ତମାନ ବଳଭଦ୍ର ଗଳିରେ ରୂପାନ୍ତରିତ ହୋଇଛି । ବଳଭଦ୍ର ବଲ୍ଲଭର ଏକ ଅଂଶ ମ୍ୟୁନିସିପାଲଟି ବିପଣୀ ଓ ଅନ୍ୟ ଅଂଶ ପାଖରୀଆ (ଯେଉଁଠାରେ ଗଭୀର ପୁଷ୍କରିଣୀ ଥିଲା) ଅଞ୍ଚଳରେ ଜନବସତି ଗଢ଼ି ଉଠିଲାଣି ।

୧୮୦୩ ମସିହା ସେପ୍ଟେମ୍ବର ୧୮ରେ ତାରିଖରେ ଇଷ୍ଟଇଣ୍ଡିଆ କମ୍ପାନୀ ଶ୍ରୀକ୍ଷେତ୍ର ଅଧିକାର ଓ ମନ୍ଦିର ପରିଚାଳନା ଦାୟିତ୍ୱ ନେବା ପରେ ଶ୍ରୀକ୍ଷେତ୍ର ତଥା ତା'ର ଆଖପାଖ ଅଞ୍ଚଳ ଟଙ୍କି ମାହାଲ ନାମରେ ନାମିତ ହେଲା । ତତ୍କାଳୀନ ଭାଇସ୍‌ରାୟ ଲର୍ଡ଼ ୱେଲସଲି ମଠ ମନ୍ଦିର ପରିଚାଳନାରେ କୌଣସି ହସ୍ତକ୍ଷେପ ନକରିବାକୁ ତଥା ବ୍ରାହ୍ମଣମାନଙ୍କୁ ସମ୍ପୂର୍ଣ୍ଣ ନିଷ୍କର ଭୂମିବାଡ଼ ଭୋଗ ଦଖଲ କରିବାକୁ ପ୍ରଶାସନିକ ନିର୍ଦ୍ଦେଶ ଦିଅନ୍ତେ ବ୍ରାହ୍ମଣମାନେ ବିନା କର / ଖଜଣାରେ ଭୂମିବାଡ଼ ଭୋଗ କରିବାକୁ ଅନିଚ୍ଛା ପ୍ରକାଶ କଲେ । ତେଣୁ ବହୁ ବିଚାର ବିମର୍ଶପରେ ମାଣ ବା ମାହାଲପ୍ରତି ଏକ ଟଙ୍କା ଖଜଣା ଧାର୍ଯ୍ୟ ହେବାରୁ ଶ୍ରୀକ୍ଷେତ୍ର ଓ ଏହାର ଆଖପାଖ ଅଞ୍ଚଳ ଟିଙ୍କି ମାହାଲ ନାମରେ ନାମିତ ହେଲା ।

ହିନ୍ଦୁ ଜଗତରେ ଶ୍ରୀକ୍ଷେତ୍ରରେ ସର୍ବମାନ୍ୟତା ଲକ୍ଷ୍ୟ କରି ଆଗତ ଯାତ୍ରୀମାନଙ୍କର ସୁବିଧା କରି ହିନ୍ଦୁମାନଙ୍କର ପ୍ରିୟ ହେବା ଲାଗି ଇଂରେଜମାନେ ଖ୍ରୀ:୧୮୧୨ରେ ଅଠରନଳା ପାଖରେ ୧ଟି କୂପ ଓ ଦୁଇଟି ଅସ୍ଥାୟୀ ଆଶ୍ରୟସ୍ଥଳୀ ନିର୍ମାଣ କରିଥିଲେ । ଏହି ସମୟରେ ଜଳେଶ୍ୱର (ବର୍ତ୍ତମାନର ବାଲେଶ୍ୱର ଜିଲ୍ଲାରେ)ଠାରୁ ପୁରୀଯାଏ ଶ୍ରୀଜଗନ୍ନାଥ ସଡ଼କ ୧୮୧୨-୧୮୨୫ ମତାନ୍ତରେ ୧୮୨୨-୧୮୨୬ ମଧ୍ୟରେ ନିର୍ମିତ ହୋଇଥିଲା । କ୍ରମଶଃ ଶ୍ରୀକ୍ଷେତ୍ରର ପ୍ରସିଦ୍ଧି ଭାରତର ବିଭିନ୍ନ ପ୍ରାନ୍ତରୁ ବହୁ ଲୋକଙ୍କୁ ଆକୃଷ୍ଟ କଲା । ଏ ସଦ୍ୟ ମୁକ୍ତିପଦ ଧାମକୁ ୧୮୩୯ ମସିହାରେ ରଥଯାତ୍ରାରେ ୫୩ ହଜାର ଯାତ୍ରୀ ଆସିଥିଲେ । ଇଂରେଜମାନେ ୧୮୪୦ ମସିହାରେ ଯାତ୍ରୀକର ଉଠାଇ ଦେଇଥିଲେ । ଏ ସମୟରେ ଶ୍ରୀକ୍ଷେତ୍ରର ଜନସଂଖ୍ୟା ୨୩୮୩୭, ଆୟତନ ୪୮୭୪ ଏକର, ଆବାସ ସଂଖ୍ୟା ୬୬୨୦ ଥିବାର ଜଣାପଡ଼େ । ଶ୍ରୀକ୍ଷେତ୍ରରେ ବୃତ୍ତିଗତ ଉନ୍ନତି ତଥା ଜାତିପ୍ରଥାର ପ୍ରାଧାନ୍ୟ ଯୋଗୁଁ ଗୋଟିଏ ଗୋଟିଏ ବୃତ୍ତିର ଲୋକ ଏକତ୍ର ଅବସ୍ଥାନ କରୁଥିଲେ । ସୁଆରସାହି, ବଣିଆଗଳି, ପାନରା ସାହି, ଚିତ୍ରକାର ସାହି, ତଲୁଛ ସାହି, ଧୋବା ସାହି, କୁମ୍ଭାର ପଡ଼ା, ଖଟୁଆ ସାହି, ହାଡ଼ି ସାହି ପ୍ରଭୃତି ଏହାର କେତେକ ଉଦାହରଣ ।

୧୮୪୦ ମସିହାରେ ଯାତ୍ରୀକର ଉଚ୍ଛେଦ ପରେ ଶ୍ରୀକ୍ଷେତ୍ରକୁ ସମାଗତ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇଲା । ଏ ଯାତ୍ରୀମାନେ ଲୋକନାଥ ଘାଟ, ବାଲିଘାଟ (କୋଣାର୍କ ଯିବା ରାସ୍ତାରେ) ହରିଣୀ ଘାଟ (କୁମ୍ଭାରପଡ଼ା ଥାନା ନିକଟରେ) ହୁଳୁହୁଳିଆ ଘାଟ (ଶ୍ରୀକ୍ଷେତ୍ରର ପଶ୍ଚିମ ଉତ୍ତର ଦିଗରେ ପ୍ରତିଷ୍ଠିତ ମଧୁପୁର ନଈ/ମାଟିଆ ନଈ/ନଟିଆଣି ବା ମୂଷାନଈ ନିକଟସ୍ଥ ଟିକରପଡ଼ା ସାହିରେ), ବାଙ୍କି ମୁହାଣ ଘାଟ ଦେଇ କ୍ଷେତ୍ରରେ ପ୍ରବେଶ କରୁଥିଲେ । ଏ ଘାଟମାନଙ୍କରେ ମଙ୍ଗଳା, ଆଲାମଚଣ୍ଡୀ, ରାମଚଣ୍ଡୀ, ଘାଟ ମଙ୍ଗଳା ପ୍ରଭୃତି ଘାଟ ରକ୍ଷା ପାଇଁ ସ୍ଥାପିତ ହୋଇଥିଲେ । ଏହାଛଡ଼ା ଏ ଘାଟଗୁଡ଼ିକରେ ଘାଟ ପଡ଼ିଆରୀ (ଘାଟ ସୃଷ୍ଟି ନାମରେ ନାମିତ) ଓ ତାଙ୍କୁ ସାହାଯ୍ୟ କରିବାକୁ ପାଇକମାନେ ରହି ଯାତ୍ରୀ ଓ ଘାଟର ସୁରକ୍ଷା କରୁଥିଲେ ।

ମଙ୍ଗଳଘାଟ ପାଖର ପାଇକସାହି, ହରେକୃଷ୍ଣପୁର ସନ୍ନିକଟ ଖଣ୍ଡାୟତ ଓ ପ୍ରଧାନ ବସ୍ତି ଏହାର କେତେକ ଉଦାହରଣ । ଏ ଘାଟରେ ଘାଟ ପଡ଼ିଆରୀ ଯାତ୍ରୀ କଉଡ଼ି ଓ ପଣ୍ଡା ନିଜ ଯାତ୍ରୀ ସଂଗ୍ରହ କରୁଥିଲେ । ଘାଟ ସୃଷ୍ଟିମାନଙ୍କର ଅସମୟ ରହଣି ପାଇଁ ଘାଟ ଘର ଥିଲା । ପ୍ରବେଶ ଦ୍ୱାରମାନ ନଦୀପଥ ଥିବାରୁ ଘାଟାଚାପ ଜଳେଇମାନେ ରହି ନାଉରୀ ସେବା କରୁଥିଲେ ।

ଯାତ୍ରୀ କର ଉଚ୍ଛେଦ ପରେ ୧୮୪୧ରେ ୧ ଲକ୍ଷ ୧୨ ହଜାର, ୧୮୬୧ରେ ୨ ଲକ୍ଷ ୧୦ ହଜାର ଯାତ୍ରୀ ରଥଯାତ୍ରା ସମୟରେ ଶ୍ରୀକ୍ଷେତ୍ରକୁ ଆସିଥିଲେ ।

ଏହି ଯାତ୍ରୀମାନଙ୍କ ପ୍ରଗାଢ଼ ନିଷ୍ଠା ସମ୍ମୁଖରେ ମୃତ୍ୟୁ ପରାସ୍ତ ହେଉଥିଲା । ପଥରେ ବହୁ ଯାତ୍ରୀ ତସ୍କର ଆକ୍ରମଣ, ହିଂସ୍ରଜନ୍ତୁ ତଥା ସର୍ପାଘାତ, ବଢ଼ି ମରୁଡ଼ି, ମହାମାରୀ ଆଦି ରୋଗରେ ପଡ଼ି ପ୍ରାଣତ୍ୟାଗ କରୁଥିବାର ଏକ ଦୃଶ୍ୟ ଏବେ ମଧ୍ୟ ଗୁଣ୍ଡିଚା ଘର ଜଗମୋହନର ବହିଃକାନ୍ଥର ପ୍ରସ୍ତର ଫଳକରେ ଅଙ୍କିତ । ଯାତ୍ରୀମାନଙ୍କର ପ୍ରବଳ ନିଷ୍ଠା ଇଂରେଜ ପ୍ରଶାସନକୁ ଚକିତ କରି ଦେଇଥିଲା । ଏମାନଙ୍କର ସୁରକ୍ଷା ଲାଗି ଖ୍ରୀ:୧୮୬୮ରେ ପୁରୀ ମ୍ୟୁନିସିପାଲଟି ଓ ଲଜିଂ ହାଉସ ଫଣ୍ଡ ସୃଷ୍ଟି ହୋଇ ଶ୍ରୀକ୍ଷେତ୍ରର ପରିବେଶ, ପରିମଳ ତଥା ପାନୀୟ ଜଳର ସୁବ୍ୟବସ୍ଥା ପାଇଁ ତତ୍କାଳୀନ ପରିମଳ କମିଶନର ମି. ସ୍ମିଥ ଧ୍ୟାନ ଦେଇଥିଲେ । ଏହାର ବହୁବର୍ଷ ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ର ବଡ଼ଦାଣ୍ଡ ଏକ ବିସ୍ତୀର୍ଣ୍ଣ ଧାନ କ୍ଷେତ ଥିଲା । ଆଜି ଶ୍ରୀକ୍ଷେତ୍ରର ବିସ୍ତୃତି ଘଟିଥିଲେ ମଧ୍ୟ କ୍ରମଶଃ ଶ୍ରୀହୀନ ହୋଇଉଠୁଛି । ବିଭିନ୍ନ ମଠ, ମନ୍ଦିରର ଉପବନ, ବଗିଚା, ତୋଟା ଆଦି ଜନବସତି ଉଦ୍ଦେଶ୍ୟରେ ବିକ୍ରୟ ହୋଇ ଏହି ପୀଠର ସ୍ଥିତି ସଂକୁଚିତ ହୋଇପଡୁଛି ।

ଶ୍ରୀ ସିଦ୍ଧ ତପୋବନ
ଟିକରପଡ଼ା ସାହି, ପୁରୀ-୨

# ରହସ୍ୟମୟ ପୁରୁଷୋତ୍ତମ ଧାମ

ପଣ୍ଡିତ ନରହରି ଦାଶ

କପିଳ ସଂହିତାରେ ଉଲ୍ଲେଖ ରହିଛି - ସର୍ବଂ ରହସ୍ୟ ପୁରୁଷୋତ୍ତମସ୍ୟ - ଦେବାନଜାନାତି କୁତଃ ମନୁଷ୍ୟାଃ ଅଗତିର ଗତି ଅଶରଣର ଶରଣ, ଅମୋକ୍ଷର ମୋକ୍ଷ, ସର୍ବବେଦର ଅଚିନ୍ତ୍ୟ, ଅଗମ୍ୟ ଅବ୍ୟକ୍ତ ଅଦୃଷ୍ଟ ଦ୍ରଷ୍ଟା ଅକୃତକର୍ତ୍ତା ସର୍ବ କାରଣର କାରଣ, ସର୍ବ ରହସ୍ୟର ରହସ୍ୟ, ଦେବାଧିଦେବ, ରାଜାଧିରାଜା ପରଂବ୍ରହ୍ମ ଶ୍ରୀଜଗନ୍ନାଥ ଯେପରି ରହସ୍ୟମୟ ତାଙ୍କର ଧାମ, ଲୀଳା, କାହାଣୀ ବାଣୀ, ଶ୍ରୁତି କିମ୍ବଦନ୍ତୀ, ସେବା, ସେବକ, ସେବାୟତ, ପୂଜାଅର୍ଚ୍ଚନା, ମହାତ୍ମ୍ୟ, ସଂସ୍କୃତି, ସେହିପରି ପରମ ରହସ୍ୟମୟ । ଏହି ରହସ୍ୟ, ମହାତ୍ମ୍ୟକୁ ବ୍ରହ୍ମା ଶଙ୍କର ଇନ୍ଦ୍ରଚନ୍ଦ୍ର, ବୃହଷ୍ପତିମାନଙ୍କୁ ଅଗୋଚର । ମାନବମାନେ ଏହି ରହସ୍ୟ ଭେଦ କରିବାକୁ ଅକ୍ଷମ । ତାଙ୍କର କୃପା କଟାକ୍ଷ ନୟନ ଯାହାଙ୍କ ଉପରେ ସାମାନ୍ୟ ପ୍ରତିଭାତ ହୁଏ, ସେହି ଏ ରହସ୍ୟ ଉନ୍ମୋଚନ ଓ ଭେଦ କରିପାରେ । ଏଣୁ ଶ୍ରୀମନ୍ ଚୈତନ୍ୟ ମହାପ୍ରଭୁ ଚୈତନ୍ୟ ଚରିତାମୃତରେ ଉଲ୍ଲେଖ କରିଛନ୍ତି ।

'ଈଶ୍ୱର କୃପା ଲେସ ହଇଛଯାରେ - ଈଶ୍ୱର କଥା ସେହି ବର୍ଣ୍ଣିପାରେ ।'

ଭାରତୀୟ ବେଦ, ପୁରାଣ, ଉପନିଷଦ, ଗୀତା ଭାଗବତ ଏହି ରହସ୍ୟ ଭେଦ କରିବାକୁ ସକ୍ଷମ ହୋଇ ନଥାନ୍ତି । ତେଣୁ ପରଂବ୍ରହ୍ମ ଶ୍ରୀଜଗନ୍ନାଥ ଯେପରି ରହସ୍ୟମୟ ତାଙ୍କର ଧାମ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ପୁରୀ ମଧ ସେହି ପରି ରହସ୍ୟମୟ । ଯେଉଁଠାରେ ପରଂବ୍ରହ୍ମ, ପରମାତ୍ମା, ଭଗବାନ, ଈଶ୍ୱର ବା ପରମେଶ୍ୱରୀ, ମା' ଭଗବତୀ, ସରସ୍ୱତୀ, ଅମ୍ବା, ଜଗଦମ୍ବା, ଲକ୍ଷ୍ମୀ ଲୀଳା କରିଥାନ୍ତି ତାହା ହିଁ ଧାମ ନାମରେ ପରିଚିତ ।

ଆର୍ଯ୍ୟାବର୍ତ୍ତ ଭାରତ ଭୂଖଣ୍ଡ ଜମ୍ବୁଦ୍ୱୀପରେ ଯେତେ ପୂତ ପାବନ ଧାମ, ତୀର୍ଥ କ୍ଷେତ୍ର ରହିଛି ତନ୍ମଧ୍ୟରୁ ପରମ ପାବନ ଧାମ ହେଉଛି ପୁରୁଷୋତ୍ତମ ଧାମ ପୁରୀ । ଏଣୁ ନୀଳାଦ୍ରି ମହୋଦୟରେ ଉଲ୍ଲେଖ ଅଛି, କୃତେଃ ବଦ୍ରିନାଥଶ୍ଚ ତ୍ରେତୟା ରାମେଶ୍ୱରମ୍ - ଦ୍ୱାପରେ ଦ୍ୱାରିକାନାଥଂ କଲୌ ଶ୍ରୀପୁରୁଷୋତ୍ତମ - ସତ୍ୟଯୁଗରେ ବଦ୍ରିକାଧାମ, ତ୍ରେତୟା ଯୁଗରେ ରାମେଶ୍ୱର ଧାମ ଦ୍ୱାପରରେ ଦ୍ୱାରକାଧାମ, କଳିରେ ଶ୍ରୀପୁରୁଷୋତ୍ତମ ଧାମ । ଯୁଗକାଳ ଅନୁସାରେ ପରମାତ୍ମାଙ୍କ ନାମ ସତ୍ୟଯୁଗରେ ବଦ୍ରିନାଥ, ତ୍ରେତୟା ଯୁଗରେ ରାମନାଥ, ଦ୍ୱାପରଯୁଗରେ ଦ୍ୱାରିକାନାଥ, କଳିଯୁଗରେ ଜଗନ୍ନାଥ । ପରଂବ୍ରହ୍ମ ବଦ୍ରିକାରେ ସ୍ନାନ, ଦ୍ୱାରିକାରେ ଶୃଙ୍ଗାର (ବେଶ) ରାମେଶ୍ୱର ଶୟନ ଓ ପୁରୁଷୋତ୍ତମ ପୁରୀ ଧାମରେ ଭୋଜନ କରନ୍ତି । ବଞ୍ଚିବା ପାଇଁ କଳିଯୁଗରେ ଅନ୍ନ ବା ଖାଦ୍ୟ ଶ୍ରେଷ୍ଠ । ଏଣୁ ପୁରୁଷୋତ୍ତମ ଧାମରେ ଶ୍ରୀମହାପ୍ରଭୁ ଅନ୍ନବ୍ୟଞ୍ଜନ ଭୋଜନ କରୁଥିବାରୁ ଏ ଧାମ ଚାରି ଧାମ ମଧ୍ୟରୁ ଶ୍ରେଷ୍ଠ । ଏହି ଧାମର ଭୋଗ, ନୈବେଦ୍ୟ, ଶ୍ରେଷ୍ଠ ପ୍ରସାଦ ମହାପ୍ରସାଦ ନାମରେ ନାମିତ ।

ବଦ୍ରିନାଥ ଧାମ ହିମାଳୟ ପାଦଦେଶରେ ଅବସ୍ଥିତ । ଏହି କ୍ଷେତ୍ର ପରମ ପାବନ । ଏହି କ୍ଷେତ୍ରରେ ଭଗବାନ ଶ୍ରୀବିଷ୍ଣୁ ନାରାୟଣ ନାମରେ ଜଗତମାତା ଲକ୍ଷ୍ମୀଙ୍କ ସହିତ ବିଦ୍ୟମାନ । ଏହି କ୍ଷେତ୍ରରେ ଭଗବାନ ବ୍ୟାସଦେବ, ଅଷ୍ଟାଦଶ ପୁରାଣ ଓ ଶ୍ରୀମଦ୍ ଭାଗବତ ମହାପୁରାଣ ରଚନା କରିଥିଲେ ।

ରାମନାଥ ଧାମ ତାମିଲନାଡୁ ଖଣ୍ଡରେ ଅବସ୍ଥିତ । ଏଠାରେ ଭଗବାନ ଶ୍ରୀରାମଚନ୍ଦ୍ର ମାତା ପୁଣ୍ୟଶ୍ଳୋକା ଜନକତନୟା ଜାନକୀଙ୍କ ସହିତ ବିଦ୍ୟମାନ ।

ଦ୍ୱାପର ଯୁଗରେ ଦ୍ୱାରିକା ଧାମରେ ଭଗବାନ ଶ୍ରୀକୃଷ୍ଣ ଜଗତମାତା ରୁକ୍ମଣୀଙ୍କ ସହିତ ବିଦ୍ୟମାନ ହୋଇ ଭକ୍ତମାନଙ୍କ ମନୋବାଞ୍ଛା ପୂରଣ କରିଥାନ୍ତି । ଏହିଠାରେ ଭଗବାନ ଶ୍ରୀକୃଷ୍ଣଙ୍କ ସହିତ ଭକ୍ତ ସୁଦାମାଙ୍କ ମିଳନ ହୋଇଥିଲା । ଦ୍ୱାରିକାର ଅନତି ଦୂରରେ ଏହି ସ୍ଥାନ ଭେଟ ଦ୍ୱାରିକା ନାମରେ ପରିଚିତ । ଶ୍ରୀପୁରୁଷୋତ୍ତମ ପୁରୀ ଧାମରେ, କଳିଯୁଗରେ କଳି କଳାହୁତ ପାପ ତାପ, କ୍ଲେଶ ଦୁଃଖ ଦୈନ୍ୟ, ଆଧିଭୌତିକ, ଆଧିଦୈବିକ ଆଧ୍ୟାତ୍ମିକ ତ୍ରିତାପ, ନାଶ ଓ ଚତୁର୍ବର୍ଗ ଫଳ ପ୍ରଦାନ କରିବା ପାଇଁ ଭଗବାନ ଶ୍ରୀଜଗନ୍ନାଥ ନିଜର ଅଗ୍ରଜ ବଳଭଦ୍ର ଓ ଭଗ୍ନୀ ସୁଭଦ୍ରା ସହିତ ବିଦ୍ୟମାନ । ବ୍ରହ୍ମପୁରାଣ, ବ୍ରହ୍ମବୈବର୍ତ୍ତ ପୁରାଣ, ସ୍କନ୍ଦପୁରାଣ, ନୀଳାଦ୍ରି ମହୋଦୟ, ଜଗନ୍ନାଥ ଭାଗବତ, ପଦ୍ମପୁରାଣ ଇତ୍ୟାଦି, ଶାସ୍ତ୍ରମାନଙ୍କରେ ଏହି କ୍ଷେତ୍ରର ମହାତ୍ମ୍ୟ ବିଶେଷ ଭାବରେ ବର୍ଣ୍ଣିତ ହୋଇଛି । ଏହି କ୍ଷେତ୍ର ନାମାନୁସାରେ ବହୁ

ବିଭିନ୍ନ ମହାତ୍ମ୍ୟ ରହିଛି । ଏହି କ୍ଷେତ୍ର ଓ ଧାମର ମଧ୍ୟ ବହୁନାମ ରହିଛି । ୧. ଶ୍ରୀକ୍ଷେତ୍ର, ୨. ପୁରୁଷୋତ୍ତମ କ୍ଷେତ୍ର, ୩. ନୀଳାଚଳ କ୍ଷେତ୍ର, ୪. ଶଙ୍ଖ କ୍ଷେତ୍ର, ୫. ଜଗନ୍ନାଥ ଧାମ, ୬. ଯମନୀକ ତୀର୍ଥ, ୭. ମର୍ତ୍ତ୍ୟବୈକୁଣ୍ଠ, ୮. ନୀଳଗିରି, ୯. ଉଡ୍ଡୀୟାନ ପୀଠ, ୧୦. ପୁରୀ, ୧୧. ଦଶାବତାର କ୍ଷେତ୍ର ଓ ୧୨. ଭୌମ କ୍ଷେତ୍ର ।

ଶ୍ରୀକ୍ଷେତ୍ର - ଏହି କ୍ଷେତ୍ରରେ ଜଗତମାତା, ଜଗତଜନନୀ ମହାଲକ୍ଷ୍ମୀ ସ୍ୱୟଂ ବିଦ୍ୟମାନ ହୋଇ, ଶ୍ରୀଜଗନ୍ନାଥଙ୍କ ନିମିତ୍ତ ବୈଷ୍ଣବାଗ୍ନିରେ ଅନ୍ନ, ବ୍ୟଞ୍ଜନ ପ୍ରସାଦ ପ୍ରସ୍ତୁତ କରନ୍ତି । ଏଣୁ ଲକ୍ଷ୍ମୀଙ୍କ ଅନ୍ୟ ନାମ 'ଶ୍ରୀ' ହୋଇଥିବାରୁ ଏହି କ୍ଷେତ୍ରର ନାମ ଶ୍ରୀକ୍ଷେତ୍ର ।

ଶଙ୍ଖକ୍ଷେତ୍ର - ଶ୍ରୀବିଷ୍ଣୁଙ୍କ ଆୟୁଧ ହେଉଛି ଶଙ୍ଖ । ଶ୍ରୀଶଙ୍ଖା ସୁରଙ୍କୁ ଶ୍ରୀବିଷ୍ଣୁ ମୁଖବାଦ୍ୟନ (ଫୁଙ୍କି) ପ୍ରାଣନାଶ କରିଥିଲେ । ଶଙ୍ଖାସୁର ବର ମାଗିଥିଲେ ଯେ ତା'ର ଶରୀର ଶଙ୍ଖ ଆକୃତି ହେବ, ସମସ୍ତ ପୂଜାପାର୍ବଣ, ହୋମ ଯଜ୍ଞ, ଦେବାର୍ଚ୍ଚନ, ବେଦପାଠ, ଗୀତା ପାଠ, ସଦ୍‌ଗ୍ରନ୍ଥ ପାଠ, ସତ୍‌ସଂଘ, ବିବାହ, ବ୍ରତ, ସମସ୍ତ ପୁଣ୍ୟକର୍ମରେ ଶଙ୍ଖ ବାଦନ, କରାହେବ ଏବଂ ସେ ଶ୍ରୀବିଷ୍ଣୁ ହସ୍ତରେ ସର୍ବଦା ବିଦ୍ୟମାନ ହେବ । ମହାପ୍ରଭୁ ତଥାସ୍ତୁ କହିଥିଲେ । ଏଣୁ ଶ୍ରୀଜଗନ୍ନାଥଙ୍କ ଶୂନ୍ୟ ହସ୍ତରେ ଶଙ୍ଖ ଚିହ୍ନ ରହିଅଛି ଏବଂ ନବକଳେବର ଦାରୁରେ ଶଙ୍ଖ ଚିହ୍ନ ଥାଏ । ପୁରୀ କ୍ଷେତ୍ରର ଆକୃତି ଠିକ୍ ଶଙ୍ଖ ପରି ।

**ପୁରୁଷୋତ୍ତମ -** ପୁରୁଷାନାଂ ପୁରୁଷେଷୁତ୍ତମଃ ପୁରୁଷୋତ୍ତମ । ସମସ୍ତ ଦେବତା ଦେବୀଙ୍କ ମଧ୍ୟରେ ଶ୍ରୀଜଗନ୍ନାଥ ଶ୍ରେଷ୍ଠ ହୋଇଥିବାରୁ ତାଙ୍କ ନାମ ପୁରୁଷୋତ୍ତମ । ସେ ସ୍ୱୟଂ ବିଷ୍ଣୁ ଏବଂ ଶ୍ରୀକୃଷ୍ଣ ହୋଇଥିବାରୁ ତାଙ୍କର ଶ୍ରୀମୁଖ ନିସୃତ ବାଣୀ ଗୀତାର ଶ୍ରେଷ୍ଠ ଯୋଗର ନାମ ପୁରୁଷୋତ୍ତମ ଯୋଗ ଅଟେ ।

ଜଗତ ପ୍ରଭୁଂ ଦେବ ଦେବ ମନନ୍ତଂ ପୁରୁଷୋତ୍ତମ ।
ସ୍ତୁବନାମ ସହସ୍ରେଣ ପୁରୁଷଃ ସତତୋତ୍‌ଥିତଃ ॥
- ବିଷ୍ଣୁ ସହସ୍ରନାମଃ

**ଦଶାବତାର କ୍ଷେତ୍ର -** ବିଶ୍ୱର ମଙ୍ଗଳ ପାଇଁ ଭଗବାନଙ୍କ ବିଭିନ୍ନ ଅବତାରମାନ ବିଭିନ୍ନ ସ୍ଥାନରେ ଲୀଳାକରି ସ୍ୱସ୍ଥାନକୁ ଫେରିଥାନ୍ତି କିମ୍ବା ସ୍ୱୟଂ ବିଷ୍ଣୁଙ୍କ ଦେହରେ ଲୀନ ହୋଇଥାନ୍ତି । ଜନହିତ, ଲୋକ ହିତ ପାଇଁ ମତ୍ସ୍ୟକୁର୍ମ, ନରସିଂହ, ହଳଧର, ବାମନ ଆଦି ଅବତାରମାନ, ସୃଷ୍ଟି ହୋଇଥିଲେ ଏବଂ ଏହି ଅବତାରମାନଙ୍କ ଲୀଳା ଜଗନ୍ନାଥ କ୍ଷେତ୍ରରେ ପରିଦୃଷ୍ଟ ହୁଏ । ଶ୍ରୀଜଗନ୍ନାଥଙ୍କ ଦଶଅବତାର ଯାତ୍ରା ମଧ୍ୟ ରଥଯାତ୍ରା ମଧ୍ୟରେ ଅନୁଷ୍ଠିତ ହୁଏ । ଶ୍ରୀଜଗନ୍ନାଥ ମଧ୍ୟ ଦଶଅବତାର ବେଶ ହୁଅନ୍ତି । ଏଣୁ ଏହି କ୍ଷେତ୍ରର ନାମ ଦଶାବତାର କ୍ଷେତ୍ର । ଶ୍ରୀଜଗନ୍ନାଥ ଦେବତାଙ୍କ ମଧ୍ୟରେ ଶ୍ରେଷ୍ଠ ଓ ରାଜା ହୋଇଥିବାରୁ ତାଙ୍କ କ୍ଷେତ୍ରର ନାମ ପୁରୁଷୋତ୍ତମ କ୍ଷେତ୍ର । ସେ ଯେପରି ରହସ୍ୟମୟ ତାଙ୍କର ଧାମ ମଧ୍ୟ ରହସ୍ୟମୟ । ସେଥିପାଇଁ କୁହାଯାଇଛି -

ସର୍ବେଷାଂ ସର୍ବ କ୍ଷେତ୍ରଣାଂ ରାଜା ଶ୍ରୀପୁରୁଷୋତ୍ତମଃ
ସର୍ବେଷାଂ ସର୍ବ ଦେବାଣାଂ ରାଜା ଶ୍ରୀପୁରୁଷୋତ୍ତମଃ ।

ଏହି ଧାମ ଶଙ୍ଖ ଆକୃତ୍ତି ହୋଇଥିବାରୁ ଏହାକୁ ଶଙ୍ଖକ୍ଷେତ୍ର, ଶଙ୍ଖନାଭି ମଣ୍ଡଳ କୁହାଯାଏ ।

**ଶଙ୍ଖ କ୍ଷେତ୍ରର ବିସ୍ତୃତି -** ଏହି ଶଙ୍ଖାକୃତି କ୍ଷେତ୍ରର ପଶ୍ଚିମ ସୀମାରେ ମସ୍ତକ । ପୂର୍ବ ଭାଗରେ ନୀଳକଣ୍ଠେଶ୍ୱର ରୁଦ୍ରଠାରୁ ଦକ୍ଷିଣ ପୂର୍ବରେ ବିଲେଶ୍ୱର ରୁଦ୍ର ପର୍ଯ୍ୟନ୍ତ ବିସ୍ତୃତି । ଏହି ଶଙ୍ଖକ୍ଷେତ୍ରର ନାଭି ପଦ୍ମରେ ରୋହିଣୀ କୁଣ୍ଡ ସ୍ଥାପିତ । ଏହା ମଧ୍ୟରେ ଅକ୍ଷୟ କଳ୍ପବଟ, ନାଭିଦେଶରେ ସ୍ୱୟଂ ଜଗନ୍ନାଥ, ବଳଭଦ୍ର, ମାତା ସୁଭଦ୍ରା ଓ ଚକ୍ର ସୁଦର୍ଶନ ବିଦ୍ୟମାନ । କପାଳମୋଚନଠାରୁ ଅର୍ଦ୍ଧାଶନି ଯାଏ ଶଙ୍ଖର ମଧ୍ୟଭାଗ, ଶଙ୍ଖର ତୃତୀୟ ସ୍ଥାନରେ ଆଦ୍ୟାଶକ୍ତି ବିମଳା । ଶଙ୍ଖର ପଶ୍ଚିମଭାଗରେ ଶ୍ୱେତମାଧବ । ଏହିଠାରେ ଚାରିଧାମର ପୁଣ୍ୟ ମିଳେ । ଏହି କ୍ଷେତ୍ରରେ ଭଗବାନ ଶ୍ରୀଜଗନ୍ନାଥ ରୁଦ୍ରଙ୍କୁ ସକଳ ଭାଗରେ ସ୍ଥାପନ କରି ନିଜେ ମଧ୍ୟଭାଗରେ ବିଦ୍ୟମାନ । ଏହି କ୍ଷେତ୍ରରେ ରୁଦ୍ର କ୍ଷେତ୍ରପାଳ ଭାବେ ରହିଛନ୍ତି । ଆଦ୍ୟରେ କପାଳମୋଚନ, ମହାଦେବ, କ୍ଷେତ୍ରପାଳ, ମହାଦେବ ଯମେଶ୍ୱର, ମାର୍କଣ୍ଡ, ଇଶ୍ୱର, ଇଶାନେଶ୍ୱର, ବିଲେଶ୍ୱର, ନୀଳକଣ୍ଠେଶ୍ୱର, ବଟେଶ୍ୱର ଆଦି ଅଷ୍ଟରୁଦ୍ର ମଧ୍ୟ ଅଛନ୍ତି । ଏହି କ୍ଷେତ୍ରରେ ଅଷ୍ଟଶମ୍ଭୁ (ରୁଦ୍ରଙ୍କ) ଥିବାରୁ ଅଷ୍ଟଶକ୍ତିମାନେ ମଧ୍ୟ ରହିଛନ୍ତି । ସେମାନେ ହେଲେ ଶ୍ରୀକ୍ଷେତ୍ର ପ୍ରବେଶ ଦ୍ୱାରରେ ବାଟମଙ୍ଗଳା, ପଶ୍ଚିମରେ ବିମଳା, ପୂର୍ବରେ ମଙ୍ଗଳା, ଉତ୍ତରରେ ଅର୍ଦ୍ଧାଶନୀ (ମାଉସୀମା) ଆଲମ୍ବା (ଆଲମ ଚଣ୍ଡିକା) ଦକ୍ଷିଣରେ କାଳରାତ୍ରି (କାଳିକା) ପୂର୍ବରେ ମାତା ମରିଚିକା ଓ ଚଣ୍ଡରୂପା ବା ଚାମୁଣ୍ଡା । ଏହି ଅଷ୍ଟରୁଦ୍ର, ମହାକାଳ ଓ ଅଷ୍ଟଦୁର୍ଗା, ଚଣ୍ଡୀକା ମଧ୍ୟରେ ଏହି ଧାମ ସୁରକ୍ଷିତ । ଏହି ରୁଦ୍ର ଓ ଶକ୍ତିଙ୍କ ଶରଣାପନ୍ନରେ ଜୀବ, ଅଶ୍ୱମେଧ ଯଜ୍ଞର ଫଳ ଲାଭ କରେ ।

**ନୀଳାଚଳ କ୍ଷେତ୍ର -** ଅଦ୍ୟାପି ଶ୍ରୀଜଗନ୍ନାଥ ଯେଉଁଠାରେ ଅଛନ୍ତି ସେଠାରୁ ଅନତି ଦୂରରେ ପର୍ବତମାଳରେ ଶ୍ରୀଜଗନ୍ନାଥ ନୀଳମାଧବ ରୂପେ ପୂଜା ପାଉଥିଲେ । ଏହି କ୍ଷେତ୍ରରେ ନୀଳମାଧବ ବିଦ୍ୟମାନ ଥିବାରୁ ଏହି କ୍ଷେତ୍ର ନୀଳାଚଳ କ୍ଷେତ୍ର । କେତେକଙ୍କ ମତରେ ଏହି ପର୍ବତର ନାମ ନୀଳପର୍ବତ । ଏହି ନୀଳଗିରି ପର୍ବତରେ ଶ୍ରୀଜୀଉ ପୂଜା ପାଉଥିବାରୁ ତାଙ୍କର ଅନ୍ୟ ନାମ ନୀଳଗିରି, ନୀଳାଦ୍ରିନାଥ, ନୀଳମଣି, ନୀଳାଦ୍ରିପତି ।

**ଯମନିକ କ୍ଷେତ୍ର -** ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ ଧ୍ୟାନ ସ୍ମରଣ କରି ପାପୀ ମଲେ ବୈକୁଣ୍ଠ ଯାତ୍ରା କରେ । ଯମଯନ୍ତ୍ରଣାରୁ ଏହି କ୍ଷେତ୍ର ପାପୀମାନଙ୍କୁ ମୁକ୍ତି ଦେଉଥିବାରୁ ଏହା ଯମନିକ କ୍ଷେତ୍ର । ସେହି ସ୍ଥାନେ ନାହିଁ ଯମଦଣ୍ଡ ଅଧିକାର - ଆମିକରି ଭଲମନ୍ଦ ବିଚାର ସବାର - 'ଶ୍ରୀଚୈତନ୍ୟ ଭାଗବତ' ।

**ମର୍ତ୍ତ୍ୟ ବୈକୁଣ୍ଠ -** ବୈକୁଣ୍ଠରେ ବୈକୁଣ୍ଠାଧିପତି ଶ୍ରୀବିଷ୍ଣୁ ମାତା ଶ୍ରୀଲକ୍ଷ୍ମୀଙ୍କ ସହିତ ତେତିଶ କୋଟି ଦେବତା ଓ ଦେବୀ ଗଣ ଥାନ୍ତି ।

ଏହି ପୁରୀ ଧାମେ ତେତିଶ କୋଟି ଦେବତା ଓ ଦେବୀଗଣ ସୂକ୍ଷ୍ମ ରୂପରେ ବିଦ୍ୟମାନ ଏବଂ ପ୍ରତ୍ୟହ ପ୍ରାତଃ ସମୟରେ ଶ୍ରୀଜୀଉଙ୍କ ମଙ୍ଗଳ ଆରତି ସୂକ୍ଷ୍ମ ରୂପରେ ଦର୍ଶନ କରନ୍ତି ।

**ଉଡ୍ଡୀୟାନ ପୀଠ -** ତନ୍ତ୍ରଶାସ୍ତ୍ରମାନଙ୍କୁ ପର୍ଯ୍ୟାଲୋଚନା କଲେ ଜଣାଯାଏ, ସ୍ୱାୟମ୍ଭୁବ ମନ୍ୱନ୍ତରେ ଦ୍ୱିତୀୟ ପରାର୍ଦ୍ଧେ ଦକ୍ଷ ଯଜ୍ଞରେ ଦାକ୍ଷାୟଣୀ ସତୀଙ୍କ ଆତ୍ମାହୂତି ପରେ ତାଙ୍କ ଦେହର ବିଭିନ୍ନ ଅଂଶ ଭାରତଖଣ୍ଡ ୫୧ଟି ପୀଠ ଓ ୨୬ଟି ଉପପୀଠରେ ପଡ଼ିଥିଲା । ଏହି ମଧ୍ୟରୁ ଚାରିଗୋଟି ପୀଠ ଶାକ୍ତ ଜଗତରେ ପ୍ରତିନିଧିତ୍ୱ କରେ । ଉଡ୍ଡୀୟାନ୍ ପୀଠ ବିମଳା, କାମରୂପରେ କାମାକ୍ଷୀ, ପୂର୍ଣ୍ଣଗିରିରେ ପୂର୍ଣ୍ଣେଶ୍ୱରୀ, ଜାଳାନ୍ଧରେ ଜ୍ୱାଳାମୁଖୀ ପୀଠେଶ୍ୱରୀ ଭାବେ ପୂଜିତ । ଏହି ଚତୁର୍ଦ୍ଧା ପୀଠ ତନ୍ତ୍ରଶାସ୍ତ୍ରରେ ଉଲ୍ଲେଖିତ ରହିଛି -

ଉଡ୍ଡୀୟାନ ପୂର୍ଣ୍ଣଗିରି ଜାଳନ୍ଧର ସ୍ତଥୈବଚ ।<br>
କାମରୂପ, ଇତିକ୍ଷାତଃ ଶୈଳପୀଠ ଚତୁଷ୍ଟୟମ୍ ॥

ସ୍ୱୟଂ ବିମଳା, ଶ୍ରୀମନ୍ଦିର ବେଢ଼ାରେ ସ୍ୱୟଂ ଉପସ୍ଥିତ ଥାନ୍ତି, ତାଙ୍କ ମନ୍ଦିର ଶ୍ରୀଜଗନ୍ନାଥ ମନ୍ଦିର ବେଢ଼ାରେ ଅବସ୍ଥିତ । ବିମଳା ସମସ୍ତ ଶକ୍ତିମାନଙ୍କର ପ୍ରତିନିଧିତ୍ୱ କରନ୍ତି । ଏଣୁ ଏହି ଧାମର ଅନ୍ୟ ନାମ ଉଡ୍ଡୀୟାନ ପୀଠ । ବିମଳାଙ୍କୁ ଶ୍ରୀଜଗନ୍ନାଥଙ୍କ ପ୍ରସାଦ, ଭୋଗ ଅର୍ପଣ କଲେ ଏହା ମହାପ୍ରସାଦ ନାମରେ ନାମିତ ହୁଏ । ତନ୍ତ୍ରଶାସ୍ତ୍ରରେ ଶ୍ରୀଜଗନ୍ନାଥଙ୍କୁ ଦକ୍ଷିଣ କାଳିକା କୁହାଯାଇଛି । ବୃହତ୍‌କାଳିକା ପୁରାଣରେ ଉଲ୍ଲେଖ ଅଛି ଶ୍ରୀଜଗନ୍ନାଥ ଭୈରବ ।

ନୀଳାଦ୍ରୋ ଶ୍ରୀଜଗନ୍ନାଥ ଦକ୍ଷିଣ କାଳିକା,<br>
ଉତ୍କଳେ ନାଭି ଦେଶେ ବିମଳା ପୁରୁଷୋତ୍ତମେ<br>
ବିମଳା ଭୈରବୀ ଯତ୍ର ଜଗନ୍ତାସ୍ତୁ ଭୈରବ<br>
ତାରା ଯନ୍ତ୍ରେ ମହାଶେଷ ସୁଭଦ୍ରା ଭୁବନେଶ୍ୱରୀ<br>
ଶ୍ୟାମ ଚକ୍ରେ ଜଗନ୍ନାଥ ଦକ୍ଷିଣ କାଳିକା ସ୍ୱୟମ୍ ॥

ଶ୍ରୀଜଗନ୍ନାଥ ଧାମ - ଜଗତର ନାଥ ଶ୍ରୀଜଗନ୍ନାଥ ଏହି ଧାମରେ ବିଦ୍ୟମାନ ଥିବାରୁ, ଏହି କ୍ଷେତ୍ରର ନାମ ଜଗନ୍ନାଥ ଓ ପୁରୀ ଧାମ କ୍ଷେତ୍ର । ବିଶ୍ୱ ବ୍ରହ୍ମାଣ୍ଡର ସମସ୍ତ ଦେବାଦେବୀ ଏହି କ୍ଷେତ୍ରରେ ଉପସ୍ଥିତ ଥିବାରୁ ଏହି କ୍ଷେତ୍ରର ନାମ ପୁରୀ । ପୁନଶ୍ଚ ଏହି କ୍ଷେତ୍ରାଧିପତି, ଶ୍ରୀଜଗନ୍ନାଥ ସମସ୍ତଙ୍କ ଘଟରେ ପୁରୀ ରହିଥିବାରୁ, ସେ ସ୍ୱୟଂ ଯେଉଁଠାରେ ବିଦ୍ୟମାନ ତାହା ମଧ୍ୟ ପୁରୀ । ଏଣୁ ପରମଭକ୍ତ ଶ୍ରୀ ଅଭିରାମ ପରମହଂସ କଳି ଭାଗବତରେ ଲେଖିଛନ୍ତି -

ପୁରୁଷ ଉତ୍ତମଟି ଯେଣୁ - ପୁରୁଷୋତ୍ତମ ନାମ ତେଣୁ<br>
ସକଳ ଘଟେ ଅଛ ପୁରୀ - ତେଣୁ କହନ୍ତି ସିନା ପୁରୀ ।

**ଧାମର ଅବସ୍ଥିତି -** କଟକରୁ ପ୍ରାୟ ୯୦ କି.ମି. ଦୂରତ୍ୱ । ବଙ୍ଗୋପସାଗର କୂଳରେ ଅବସ୍ଥିତ । ଏହା ଦଶ ଯୋଜନ ବ୍ୟାପି ରହିଛି । ଶ୍ରୀଜଗନ୍ନାଥ ମହିମା ଲୀଳା, ଗୁଣ, ରୂପ, ଅନନ୍ତ ପରି ଏହି ପୁରୁଷୋତ୍ତମ ପୁରୀଧାମର ମହିମା ଲୀଳା, ଅବ୍ୟକ୍ତ ଓ ଅନନ୍ତ ଅଟେ । ସଂକ୍ଷେପରେ ଏହି ଧାମ ମହିମା ବର୍ଣ୍ଣନା କରାଗଲା ।

**ମହୋଦଧି -** ଏହି ପୁରୀ କ୍ଷେତ୍ର ସର୍ବଶ୍ରେଷ୍ଠ ପାବନ କ୍ଷେତ୍ର । ବିଶ୍ୱ ବ୍ରହ୍ମାଣ୍ଡର ସମସ୍ତ ତୀର୍ଥର ପୁଣ୍ୟ ଫଳ ମିଳିଥାଏ । ଏଠାକାର ଥିବା ବଙ୍ଗୋପସାଗର ନାମ ମହୋଦଧି । ଏହି ମହୋଦଧିରେ ସ୍ନାନ ମାତ୍ରେ ପାପ ନାଶ ହୁଏ । ବିଶିଷ୍ଟ ପୁଣ୍ୟ ତିଥିର ଯଥା- ଯୋଗବାରିଣୀ, ମହାବାରିଣୀ ସ୍ନାନରେ ଜୀବ ସ୍ୱର୍ଗଲୋକ ପ୍ରାପ୍ତ ହୋଇଥାଏ ।

ଉତ୍କଳୋ ନାମୋ ଦେଶୋଽସ୍ତି ଖ୍ୟାତଃ ପରମ ପାବନଃ<br>
ଯତ୍ର ତୀର୍ଥାନ୍ୟ ନେକାନି ପୁଣ୍ୟା ନ୍ୟାୟ ତାନିଚ ।<br>
ଉତ୍ତମଂ ସର୍ବକ୍ଷେତ୍ରଣାଂ ଧନ୍ୟଂ ସଂସାର ତାରଣଂ<br>
ଗୋବ୍ରାହ୍ମଣ ହିତଂ ପୁଣ୍ୟ ଚାତୁର୍ବର୍ଣ୍ୟ ସୁଖୋଦୟମ୍ ।<br>
ମହାପୁଣ୍ୟଂ ତୁସର୍ବେଷାଂ ସିଦ୍ଧିଂଚ ବୈପିତାମହ<br>
ତସ୍ମାଦାସୀତ୍ ସମୁତପନ୍ନମ୍ ତୀର୍ଥ ରାଜ ସନାତମ୍ ।<br>
(ବ୍ରହ୍ମପୁରାଣ - ୪୫-୪୮)

ବ୍ରହ୍ମା କହିଲେ- ହେ ଦ୍ୱିଜୋତ୍ତମଗଣ, ଉତ୍କଳ ନାମରେ ଦକ୍ଷିଣ ସମୁଦ୍ର କୂଳରେ ଏକ ପରମ ପବିତ୍ର ପୁଣ୍ୟ କ୍ଷେତ୍ର ରହିଛି । ଏହି କ୍ଷେତ୍ର ସଂସାରକୁ ଉଦ୍ଧାରକାରୀ, ଗୋବ୍ରାହ୍ମଣ ହିତକର, ପୁଣ୍ୟ ସ୍ୱରୂପ, ଚାତୁବର୍ଣ୍ଣ ସୁଖକର, ମନୁଷ୍ୟମାନଙ୍କ ଭୁକ୍ତି, ଭକ୍ତି ମୁକ୍ତି ପ୍ରଦାୟକ ଓ ପରମ ଦୁର୍ଲଭ କ୍ଷେତ୍ର । ଏହି କ୍ଷେତ୍ର ସମସ୍ତଙ୍କୁ ସିଦ୍ଧି ଦାନ କରନ୍ତି ।

ଏହି କ୍ଷେତ୍ର ଭକ୍ତମାନଙ୍କ ପ୍ରିୟ ଓ ଏହା ନୀଳାଦ୍ରି ବିହାରୀ ନୀଳମଣି ଶ୍ରୀଜଗନ୍ନାଥ ନୀଳଜଳକାନ୍ତି ଅଟେ । ଏହାର ଆୟତନ ଦଶ ଯୋଜନ ଉର୍ଦ୍ଧତା ଅର୍ଦ୍ଧ ଯୋଜନ ଅଟେ ।

ନୀଳାଚଳଂ ମହାପୁଣ୍ୟଂ ନାରଦାଭ ପ୍ରିୟଂ ମହତ୍<br>
ଦଶଯୋଜନ ବିସ୍ତୀର୍ଣ୍ଣ ମୂର୍ତିତଂ ଯୋଜନାର୍ଦ୍ଧକମ୍ ।<br>
କପିଳ ସଂହିତା

ଏହି କ୍ଷେତ୍ରର ସମସ୍ତ ପ୍ରାଣୀ, କୀଟ ପତଙ୍ଗ, ତୃଣ, ବୃକ୍ଷ, ଲତା, ଗୁଳ୍ମ ଆଦି ସମସ୍ତେ ସୂକ୍ଷ୍ମରେ ଚର୍ତୁଭୁଜ ଅଟନ୍ତି ଓ ବିଷ୍ଣୁଙ୍କ ସ୍ୱରୂପ ପ୍ରତ୍ୟୟମାନ ।

ତତ୍ରସ୍ଥା ଦେହିନୋ ଦେବୈ ଦୃଶ୍ୟନ୍ତେ ଚ ଚତୁର୍ଭୁଜାଃ<br>
ପ୍ରବିଶନ୍ତୁ ତତ୍‌କ୍ଷେତ୍ରମ୍ ସର୍ବେ ସ୍ୟୁ ର୍ବିଷ୍ଣୁମୂର୍ତ୍ତୟଃ<br>
(ପଦ୍ମ ପୁରାଣ - ୧୧ ଅଧ୍ୟାୟ)

ଶ୍ରୀଚୈତନ୍ୟ ଭାଗବତରେ ଶ୍ରୀବୃନ୍ଦାବନ ଦାସ ଠାକୁର ଏହି କଥା ଲେଖିଛନ୍ତି । ଏହି କ୍ଷେତ୍ର ପ୍ରଳୟରେ କଦାପି ଧ୍ୱଂସ ବା ନାଶ ଯାଏ ନାହିଁ । ଶ୍ରୀଜଗନ୍ନାଥ ସର୍ବଦା ଏହିଠାରେ ଭୋଜନ କରନ୍ତି । ସିନ୍ଧୁ ତୀରେ ବଟ ମୂଳେ ନୀଳାଚଳ ନାମ - କ୍ଷେତ୍ର ଶ୍ରୀପୁରୁଷୋତ୍ତମ ଅତିରମ୍ୟ

ସ୍ଥାନ । ଅନନ୍ତ ବ୍ରହ୍ମାଣ୍ଡ କାଳେ ଯଖନ ସଂହାରେ - ତବୁ ସେ ସ୍ଥାନର କିଛୁ କରିତେ ନପାରେ । ସର୍ବକାଳ ସେଇ ସ୍ଥାନେ ଆମର ବସତି - ପ୍ରତିଦିନ ଆମାର ଭୋଜନ ହୟତିଥି । ସେ ସ୍ଥାନର ପ୍ରଭାବେ ଯୋଜନ ଦଶ ଭୂମି - ତାହାତ ବସୟେ ଯତ ଯନ୍ତୁ କୀଟ କୃମି । ସବାରେ ଦେଖ ଯେ ଚତୁର୍ଭୁଜ ଦେବଗଣେ - 'ଭୁବନ ମଙ୍ଗଳ' କରି କହିୟେ ଯେ ସ୍ଥାନେ ।

ଏହି କ୍ଷେତ୍ରକୁ ଶ୍ରୀକୃଷ୍ଣଙ୍କ ଗୋପ୍ୟ ପୁରୀ କୁହାଯାଏ । ଶ୍ରୀଜଗନ୍ନାଥ ହେଉଛନ୍ତି ବ୍ରଜ ବିହାରୀ ଶ୍ରୀକୃଷ୍ଣ । ଶ୍ରୀଜଗନ୍ନାଥଙ୍କ ସମସ୍ତ ଲୀଳାଙ୍କୁ ଶ୍ରୀକୃଷ୍ଣ ଲୀଳା ବୋଲି ଶ୍ରୀଚୈତନ୍ୟ ମହାପ୍ରଭୁ ଉପଲବ୍ଧି କରି ଜଗନ୍ନାଥଙ୍କ ଭକ୍ତି ପାଇଁ ଗମ୍ଭୀରା ପୀଠରେ ଗୁପ୍ତ ଅଠର ବର୍ଷ ରହିଥିଲେ । ତେଣୁ ଏହିକ୍ଷେତ୍ର ପରମଭକ୍ତି ଅଟେ । ଏହି କ୍ଷେତ୍ର ଦଶଯୋଜନ ବ୍ୟାପି ୮୪ କ୍ରୋଶ ପର୍ଯ୍ୟନ୍ତ ପରିବ୍ୟାପ୍ତ ରହିଛି । ଏହିକ୍ଷେତ୍ର ୮୪ କ୍ରୋଶ ପାଦରେ ପରିକ୍ରମା କଲେ ଅନନ୍ତ ଜନ୍ମର ପାପ ନଷ୍ଟ ହୁଏ । ଯେଉଁମାନେ ଏହି କ୍ଷେତ୍ର ପରିକ୍ରମା ପାଦରେ ଥରେ କରନ୍ତି ଏଥିରେ ଜାତ ହେଉଥିବା ପୁଣ୍ୟ ବିଶ୍ୱବ୍ରହ୍ମାଣ୍ଡ ଶହେ ଥର ପରିକ୍ରମଣ ସହିତ ସମାନ ଅଟେ । ରଥଯାତ୍ରା ସମୟରେ ଏହି କ୍ଷେତ୍ର ଗୋଟିଏ ଗୋଟିଏ ପାଦ ସ୍ଥାପନ ଗୋଟିଏ ଗୋଟିଏ ଅଶ୍ୱମେଧ ଯଜ୍ଞର ଫଳ ପ୍ରଦାନ କରେ । ଏହି କ୍ଷେତ୍ରକୁ ବ୍ରହ୍ମ ପ୍ରଳୟ, ଶିବ ପ୍ରଳୟ, ବିଶ୍ୱ ପ୍ରଳୟ ହେଲେ ସୁଦ୍ଧା ପରଂବ୍ରହ୍ମ ଜଗନ୍ନାଥ କୁତ୍ରାପି ତ୍ୟାଗ କରନ୍ତି ନାହିଁ । ବିଶ୍ୱ ପ୍ରଳୟରେ କଳ୍ପବୃକ୍ଷର ବଟପତ୍ର ଉପରେ ଶୟନ କରନ୍ତି । ଇନ୍ଦ୍ରଦ୍ୟୁମ୍ନଙ୍କ ସ୍ତୁତିରେ ଶ୍ରୀଜଗନ୍ନାଥ ତାଙ୍କୁ ବର ଦେଇ ମଧ୍ୟ କହିଲେ କୌଣସି ପରିସ୍ଥିତିରେ ଏହି କ୍ଷେତ୍ର ତ୍ୟାଗ କରିବେ ନାହିଁ ।

'ସତ୍ୟଂ ସତ୍ୟଂ ପୁନଃ ସତ୍ୟଂ ସତ୍ୟମେବ ପୁନଃ ପୁନଃ
ପ୍ରତିମା ପ୍ରସାଦ ହୀନେ ନଜାମି କଦାଚନ ।'

ଇନ୍ଦ୍ର ନୀଳମଣି, ନୀଳାଦ୍ରି ମହୋଦୟ ଗ୍ରନ୍ଥ ଆଲୋଚନା କଲେ ମାର୍ଗଶିର ମାସ (ନଭେମ୍ବର ୧୫ରୁ ଡିସେମ୍ବର ୧୫) ଏହିକ୍ଷେତ୍ର ପରିକ୍ରମାରେ ଅଦ୍ଭୁତ ଫଳ ମିଳେ । ମାର୍ଗଶିର କୃଷ୍ଣ ପଞ୍ଚମୀ ତିଥିରେ ଭଗବାନଙ୍କ ଆୟୁଧ ଶଙ୍ଖ ପଞ୍ଚଜନ୍ୟ ଆବିର୍ଭାବ ହୋଇଥିଲା । ଏହି ତିଥିରେ ଶଙ୍ଖ କ୍ଷେତ୍ର ପରିକ୍ରମା, ପ୍ରଦକ୍ଷିଣରେ ସବୁଠାରୁ ବେଶୀ ପୁଣ୍ୟ ଫଳ ମିଳିଥାଏ ଓ ଚାରିଧାମ ପରିକ୍ରମାର ଫଳ ମିଳିଥାଏ ।

ମାର୍ଗଶୀର୍ଷେ ଅସିତେ ପକ୍ଷେ ପଞ୍ଚମ୍ୟାଂ ଶୁଭବାସରେ
ପରିକ୍ରମ୍ୟ ମହାଶଙ୍ଖ ଭକ୍ତ୍ୟା କୃଷ୍ଣାନୁକୀର୍ତ୍ତୟେତ୍ - ଇନ୍ଦ୍ରନୀଳମଣି
ତେଷାମୟଂ ତୀର୍ଥରାଜଃ କୀର୍ତ୍ତିତଃ ପୁରୁଷୋତ୍ତମ
ସର୍ବେଷାଂ ମୁକ୍ତି କ୍ଷେତ୍ରାଣାମିଦଂ ସଂସ୍ଥ୍ୟଯ୍ୟଦଂ ମତମ୍ । (ସ୍କନ୍ଦପୁରାଣ)

ଏହି ଶ୍ରୀକ୍ଷେତ୍ର, ପୁରୀ, ଓଡ଼ିଶାର ତଥା ସାରା ଭାରତର ସର୍ବଶ୍ରେଷ୍ଠ ତୀର୍ଥ ରାଜ ରୂପେ ପରିଗଣିତ ହୋଇଥିବାରୁ ବହୁ ସାଧୁ ସଜ୍ଜନ, ପୁଣ୍ୟାତ୍ମା, ମହାତ୍ମା, ମୁନିରଷିଗଣ, ବୈଷ୍ଣବ, ଆଚାର୍ଯ୍ୟ ଗଣ ଶ୍ରୀକ୍ଷେତ୍ର ପରିକ୍ରମା ପୂର୍ବକ ଶ୍ରୀଜୀଉଙ୍କ ଦର୍ଶନ କରିଥିଲେ । ନିଜର ମତ ଓ ପନ୍ଥ ଅନୁସାରେ ନିଜ ଅନୁଗାମୀମାନଙ୍କ ପାଇଁ ଏହି କ୍ଷେତ୍ରରେ ତୀର୍ଥ ଦର୍ଶନର ସୁବିଧା ପାଇଁ ମଠମାନ ପ୍ରତିଷ୍ଠା କରିଥିଲେ । ଏହି କ୍ଷେତ୍ରରେ ଆଚାର୍ଯ୍ୟ ଶଙ୍କରାଚାର୍ଯ୍ୟ ମଠ ଓ ପୀଠ ପ୍ରତିଷ୍ଠା କରିଥିଲେ । ଗୁରୁନାନକ, ସନ୍ଥ ତୁଳସୀ ଦାସ, ଗଣପତି ଭଟ୍ଟ, ଉଦୟାନ ଚାର୍ଯ୍ୟ, ଶ୍ରୀମନ ଚୈତନ୍ୟ ମହାପ୍ରଭୁ, ସାରାବିଶ୍ୱରେ ଶ୍ରୀକୃଷ୍ଣଙ୍କୁ ପ୍ରତିଷ୍ଠା କରିଥିବା ଅଭୟଚରଣ ସ୍ୱାମୀ ପ୍ରଭୁପାଦ, ଗୌଡ଼ୀୟ ବୈଷ୍ଣବ ଆଚାର୍ଯ୍ୟ ଗଣ, ଶ୍ରୀଜୀଉଙ୍କୁ ଦର୍ଶନ ପୂର୍ବକ ଏହି କ୍ଷେତ୍ରର ପୁଣ୍ୟ ଓ ଆଧ୍ୟାତ୍ମିକତା ସମ୍ପର୍କରେ ବହୁ ମହାତ୍ମ୍ୟ ଲେଖିଛନ୍ତି ଓ ମଠ ଆଦି ପ୍ରତିଷ୍ଠା କରିଛନ୍ତି ।

**ପୁରୀର ସାହି ମହାତ୍ମ୍ୟ -** ପ୍ରାଚୀନ କାଳରେ ଏହି ଶ୍ରୀକ୍ଷେତ୍ର ପୁରୀ ବହୁ ସାହି, ଆଖଡ଼ା ଜେଗାରେ ବିଭକ୍ତ ହୋଇ ହିନ୍ଦୁଧର୍ମକୁ ସୁରକ୍ଷା ପ୍ରଦାନ କରୁଥିଲା । ଏହି ସାହି ବାସିନ୍ଦାମାନେ ବିଧର୍ମୀମାନଙ୍କୁ ଶ୍ରୀକ୍ଷେତ୍ରରୁ ବିତାଡ଼ିତ କରିବା ପାଇଁ ଅଙ୍ଗ ବଳ ସୌଷ୍ଠବ ରକ୍ଷା କରିବା ପାଇଁ କୁସ୍ତି କସରତ ଶିକ୍ଷା ଓ ସମରଶିକ୍ଷା କରୁଥିଲେ । ମାତ୍ର ସେମାନଙ୍କ ହୃଦୟରେ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ର ଓ କ୍ଷେତ୍ରାଧିପତିଙ୍କ ପାଇଁ ଅଶେଷ ଭକ୍ତି ରହିଥିଲା । 'ମାଦଳାପାଞ୍ଜି' ଜେରୀ ଚକଡ଼ା ଭଉଁରିଆରେ' ଏହା ଉଲ୍ଲେଖ ରହିଛି । ପ୍ରାଚୀନ କବି ଜଗଦେବ ମିଶ୍ର 'ସହରୀ ଜାଲମ'

ପୁସ୍ତକରେ ଏହି କଥା ଲେଖିଛନ୍ତି-

ଶହେ ଭେଣ୍ଡିଆରେ ଗଡ଼ ବୋଲାଇ - ପାଞ୍ଚଶ ଭେଣ୍ଡିଆ କୋଟ କେଥାଇ
ଜେଗାରେ ଆଙ୍ଗିଲା ବାଡ଼ନଥାଇ - ନଗର ରକ୍ଷାକୁ ଜେଗା ବୋଲାଇ

ସମରଶିକ୍ଷା ନିପୁଣ ଶହେ ଭେଣ୍ଡିଆ ଯୁବକ ଥିବା ସ୍ଥାନର ନାମଗଡ଼ - ପାଞ୍ଚ ଶହ ସମରଶିକ୍ଷା ଲାଭ କରିଥିବା ଯୁବକମାନଙ୍କ ଦ୍ୱାରା, 'କୋଟ' ହେଉଥିଲା । କେତେ ଗୋଟି 'କୋଟ' (Defence unit) ମିଶି ଜେଗା ହେଉଥିଲା । ବିଧର୍ମୀମାନଙ୍କୁ 'ଜେଗା'ରେ ଥିବା ଭେଣ୍ଡିଆମାନେ ଓ ଜେଗାର ମୁଖ୍ୟ ଜେଗାଦାର ବାନାୟକମାନେ ଯୁଦ୍ଧ କରି ଘଉଡାଇ ଦେଉଥିଲେ । ଜେଗା ବା ଜାଗା ସ୍ଥାନମାନଙ୍କରେ କୁସ୍ତିକସରତ, ଦଣ୍ଡବୈଠକ, ଗଦାଯୁଦ୍ଧ, ମୁଷ୍ଟିଯୁଦ୍ଧ, ଧନୁଯୁଦ୍ଧ ଆଦି ଶିକ୍ଷା ଦିଆଯାଉଥିଲା ।

୧୮୫୭ ସିପାହୀ ବିଦ୍ରୋହରେ ପୁରୀର ଜେଗା ଆଖାଡ଼ାର ମୁଖ୍ୟ ନାୟକ ଶ୍ରୀଚନ୍ଦନ ହଜୁରୀ, ଓରଫ ତାଖି ଖୁଣ୍ଟିଆ ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈଙ୍କ ମୁଖ୍ୟ ଉପଦେଷ୍ଟା ଥିଲେ ଓ ସିପାହୀ ବିଦ୍ରୋହରେ ମୁଖ୍ୟ ଅଂଶ ଗ୍ରହଣ କରିଥିଲେ ।

କେତେକ ମତରେ ଗଜପତି କପିଳେନ୍ଦ୍ର ତନ୍ତ୍ର ସାଧିକା ନିତେଇ ଧୋବଣୀ ସାହାଯ୍ୟରେ ଉତ୍କଳର ଗଜପତି ପଦିପଦ ଲାଭ କରିଥିଲେ । ଉତ୍କଳର ଗଜପତିମାନେ ପୁରୀର ବସ୍ତିକୁ ସାହି ସାହି ବିଭକ୍ତ କରିଥିଲେ । ପ୍ରତିସାହିର ନାମକରଣ ଆରାଧ ଦେବ ବା ଦେବୀଙ୍କ ନାମରେ ହୋଇଥିଲା । ପ୍ରାୟତ ମୁଖ୍ୟସାହିମାନଙ୍କର ନାମକରଣ ଦେବୀମାନଙ୍କର

ନାମ ଅନୁସାରେ ହୋଇଥିଲା । ମାତା ବିମଳାଙ୍କୁ ଆଦ୍ୟାଶକ୍ତି ବୋଲି ଶ୍ରୀକ୍ଷେତ୍ରରେ ଗଣନା କରାଯାଏ । ମହାଷ୍ଟମୀ ଦୁର୍ଗାପୂଜାରେ ଏଠାରେ ମହାଷ୍ଟମୀ ନୀତି କରାଯାଏ । ବିମଳା ସ୍ତୁତିରେ ଲେଖାଅଛି -

'ତ୍ରାହିମାଂ ବିମଳେ ସଦାସୁଖକରୀ ଶ୍ରୀକ୍ଷେତ୍ରେ ରାଜେଶ୍ୱରୀ'

ପୁରୀର ବହୁ ସାହି ଦେବ ବା ଦେବୀଙ୍କ ନାମରେ ନାମିତ ହୋଇଛି । ଦକ୍ଷିଣ କାଳୀଙ୍କ ନାମ ଅନୁସାରେ - କାଳିକା ଦେବୀ ସାହି, ଶ୍ୟାମାକାଳୀଙ୍କ ନାମ ଅନୁସାରେ - ବାଲିସାହି ବା ବାରହୀଙ୍କ ନାମ ଅନୁସାରେ - ବାଲିସାହି, ବାରାହି ସାହି, ରାମଚଣ୍ଡୀଙ୍କ ନାମ ଅନୁସାରେ - ରାମଚଣ୍ଡୀ ସାହି, ହରଚଣ୍ଡୀଙ୍କ ନାମ ଅନୁସାରେ - ହରଚଣ୍ଡୀ ସାହି, ବାସେଳୀ ଠାକୁରାଣୀ ନାମ ଅନୁସାରେ - ବାସେଳୀ ସାହି, ମାର୍କଣ୍ଡେୟ ମହାଦେବ ନାମ ଅନୁସାରେ - ମାର୍କଣ୍ଡ ସାହି, ମାର୍କଣ୍ଡେଶ୍ୱରୀ ସାହି, ମଣିକର୍ଣ୍ଣିକା ତୀର୍ଥ ଅନୁସାରେ - ମଣିକର୍ଣ୍ଣିକା ସାହି, ଶ୍ରୀଜଗନ୍ନାଥ ଦୋଳବେଦୀ ଅନୁସାରେ - ଦୋଳମଣ୍ଡପ ସାହି, ମାଟିରେ ମୂର୍ତ୍ତି କୁମ୍ଭେଇ ତିଆରି ହେଉଥିବା ସାହିର ନାମ କୁମ୍ଭେଇ ସାହି, ମାଟି ମଣ୍ଡପ ସାହିର ନାମ ଜଗନ୍ନାଥଙ୍କ ବେଣ୍ଟ ଯାତ୍ରା ହେଉଥିବା ସାହିର ନାମ - ବେଣ୍ଟସାହି, ହରଗୌରୀଙ୍କ ନାମ ଅନୁସାରେ - ହରଗୌରୀ ସାହି ।

### ଗୌଡ଼ବାଡ଼ ସାହି

କଥିତ ଅଛି, ଗୌଡ଼ ଦେଶର ରାଜା ( ବଙ୍ଗଳା ରାଜ୍ୟ, ବଂଗ) ଲକ୍ଷ୍ମଣ ସେନ ପରାସ୍ତ ହୋଇ ଉତ୍କଳ ଗଜପତିଙ୍କ ସହ ବନ୍ଧୁତା କଲେ । ତତ୍କାଳୀନ ଗଜପତି ମୁକୁନ୍ଦ ଦେବ ଯମେଶ୍ୱର ମହାଦେବଙ୍କଠାରେ ତାଙ୍କୁ ଶରଣାପନ୍ନ ହେବାକୁ କହିଲେ ଏବଂ ଦୁଇଗୁଣ୍ଠ ଜମି ତାଙ୍କୁ ପ୍ରଦାନ କରିଥିଲେ । ମୁକୁନ୍ଦ ଦେବ ଦାନ କରିଥିବା ଜମିର ଯେଉଁ ସାହିରେ ଅବସ୍ଥିତ ତାହା ଗୌଡ଼ବାଡ଼ ସାହି ନାମରେ ପରିଚିତ । ଏହି ସାହିରୁ ଜାତି ଅନୁସାରେ ବହୁ ଉପସାହି ସୃଷ୍ଟି ହେଲେ । ଜାତି ସଂଖ୍ୟା ଗରିଷ୍ଠତା ଅନୁସାରେ ଏହିମାନଙ୍କର ନାମକରଣ କରାଗଲା । ସୁଆରମାନେ ରହୁଥିବା ସ୍ଥାନର ନାମ ଅନୁସାରେ ସୁଆର ସାହି । ଦଇତାମାନେ ରହୁଥିବା ସ୍ଥାନର ନାମ ଦୟିତା ସାହି, କରିତିଆମାନେ ରହୁଥିବା ସାହିର ନାମ କରତିଆ ସାହି । ବଢ଼େଇମାନେ ରହୁଥିବା ସ୍ଥାନର ନାମ ବଢ଼େଇ ସାହି । ବ୍ରାହ୍ମଣମାନଙ୍କ ସଞ୍ଜ୍ଞା ଅନୁସାରେ କେତେକ ସାହିର ନାମକରଣ ହୋଇଥିଲା ଯଥା - ତିଆଡ଼ି ସାହି, ଗରାବଡୁ ସାହି, ରଥ ସାହି, ମିଶ୍ର ସାହି, ହଜୁରି ସାହି, ମାଟିଆ ସାହି, ଖୁଣ୍ଟିଆ ସାହି, ଖଟୁଆ ସାହି ଇତ୍ୟାଦି ଅନ୍ୟ ଜାତିମାନଙ୍କ ନାମରେ ନାମିତ ହୋଇଥିଲା । ବହୁ ଦେବୀଙ୍କ ନାମରେ ପୁରୀ ଛକମାନ ମଧ୍ୟ ନାମିତ ହୋଇଛି । ବିଶେଶ୍ୱରୀ ଦେବୀଙ୍କ ନାମ ଅନୁସାରେ ନରେନ୍ଦ୍ର କୋଣ ଛକରେ ନାମିତ ହୋଇଛି । କାକୁଡ଼ିଖାଇ ଦେବୀଙ୍କ ନାମ ଅନୁସାରେ ଖଜାପଟିକା ଛକ ନାମିତ ହୋଇଛି । ମର୍ଚ୍ଚିକା ଦେବୀଙ୍କ ନାମ ଅନୁସାରେ ମର୍ଚ୍ଚିକା ଦେବୀ କୋଟ ଛକ ନାମିତ ହୋଇଛି । ଅଲେଇ ଦେବୀଙ୍କ ନାମ ଅନୁସାରେ ମିଶ୍ର ସାହି ଛକ ନାମିତ ହୋଇଛି । ବୁଢ଼ୀମା ଦେବୀଙ୍କ ନାମ ଅନୁସାରେ ହେରାଗୌରୀ ସାହି ଛକରେ ନାମିତ ହୋଇଛି । ଝାଡେଶ୍ୱରୀ ଦେବୀଙ୍କ ନାମ ଅନୁସାରେ ଆୟୁର୍ବେଦ କଲେଜ ଛକରେ ନାମିତ । ମଶାଣୀ ଚଣ୍ଡୀ ଦେବୀଙ୍କ ନାମ ଅନୁସାରେ କଟକିପେଣ୍ଠ ଛକ । ରାମଚଣ୍ଡୀ ଦେବୀଙ୍କ ନାମ ଅନୁସାରେ ରେଡକ୍ରସ ରୋଡ଼ ଚକ । ଜହ୍ନି ଖାଇ ଦେବୀଙ୍କ ନାମ ଅନୁସାରେ ଜହ୍ନିମୁଣ୍ଡିଆ ଛକ । ଏତଦ୍‌ବ୍ୟତୀତ ପ୍ରତି ସାହିରେ ବହୁ ଦେବୀ ଓ ଦେବ ମନ୍ଦିର ରହିଛି ।

ପୁରୀରେ ଶ୍ରୀଜଗନ୍ନାଥ, ଜଗତର ନାଥ ବିଦ୍ୟମାନ ଥିବାରୁ ଏଠାକାର, ରଥ, ପଥ, ଧୂଳି ମଳି, ପାଣି ପବନ, ଶ୍ମଶାନ, ରାସ୍ତାଘାଟ ସବୁଦିବ୍ୟ ଓ ପାବନ ଓ ଭକ୍ତିମୁକ୍ତି ପ୍ରଦାନ କରେ ।

ପୂର୍ବେ ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରେ ଶରଧା ନଈ ଥିଲା । ଏହି ନଦୀର ବାଲିକୁ ଶରଧାବାଲି କୁହାଯାଉଥିଲା । କାଳକ୍ରମେ ନଦୀର ଗତିପଥ ପରିବର୍ତ୍ତନ ହେବାରୁ ଏହି କ୍ଷେତ୍ର ବାଲିରେ ପୂରି ରହିଥିଲା । ଏହି ବାଲିରେ ଶ୍ରୀଜଗନ୍ନାଥ ମହାପ୍ରଭୁ ରଥରେ ଯାତ୍ରା କରୁଥିବାରୁ ଏବଂ ଅସଂଖ୍ୟ ଭକ୍ତଗଣଙ୍କ ପଦରଜ ପଡ଼ିଥିବାରୁ ଏହାପୂତ ଓ ପବିତ୍ର । ଏଣୁ ଓଡ଼ିଆ ଭକ୍ତକବି ବନମାଳୀ ଗାଇଛନ୍ତି -

'ଜଗନ୍ନାଥ ହୋ କିଛି ମାଗୁନାହିଁ ତୋତେ
ଧନ ମାଗୁ ନାହିଁ ଜନ ମାଗୁ ନାହିଁ
ମାଗୁଛି ଶରଧା ବାଲିରୁ ହାତେ ।
ମୋ ହସ୍ତ ଅଙ୍ଗୁଳିରାମ ବନମାଳୀ, ସଦା ସଦା ଜପୁଥାଉ
କହେ ବନମାଳୀ ମୋ ବେନି ଚରଣ ତୋ ତୀର୍ଥ ଦର୍ଶନେ ଯାଉ
ମହାପ୍ରଭୁ ।'

ଏହି କ୍ଷେତ୍ରର ଶବଦାହ କରାଯାଉଥିବା ଶ୍ମଶାନ ନାମ ସ୍ୱର୍ଗଦ୍ୱାର । ଏଠାରେ ଶବଦାହ କଲେ ଆତ୍ମା ସଦ୍‌ଗତି ଲାଭ କରି ସ୍ୱର୍ଗ ଗମନ କରେ । ଭୂପୃଷ୍ଠରେ ମୃତ୍ୟୁ ହେଲେ ଜୀବ କର୍ମ ଅନୁସାରେ ସ୍ୱର୍ଗ ବା ନର୍କ ଗମନ କରେ । ମାତ୍ର ଏହି କ୍ଷେତ୍ରରେ ମୃତ୍ୟୁ ହେଲେ ପାପୀ ତତ୍‌କ୍ଷଣାତ୍ ସ୍ୱର୍ଗ ଗମନ କରେ ।

ଶ୍ରୀ ଶଙ୍କର ଦେବ, ଆସାମର ପ୍ରସିଦ୍ଧ ଭକ୍ତକବି ଶ୍ରୀଜଗନ୍ନାଥ ନାମ, ଲୀଳା, ଗୁଣ, ରହସ୍ୟ, ଧାମ ସମ୍ପର୍କରେ ବହୁ ପୁରାଣ ରଚନା କରିଛନ୍ତି । ଶ୍ରୀଧାମ, ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ ବିଦ୍ୟମାନ ଥିବାରୁ ଏହିଧାମରେ ଧର୍ମ, ଭକ୍ତି ମୁକ୍ତିର ଅମୃତ ବ୍ୟାପି ରହିଛି । ଭକ୍ତ ଅଭକ୍ତ, ପାପୀ ତାପି, ଭୋଗୀ ଯୋଗୀ, ରୋଗୀ ସାଧୁ ସଜ୍ଜନ, ରାଣ୍ଡ, ଭଣ୍ଡ ପାଷାଣ୍ଡ, ରାଜା ପ୍ରଜା, ବ୍ରାହ୍ମଣ, ପଠାଣ, ପାଣ, ଖିରସ୍ତାନ, ଯବନ, ଜାତି-ବର୍ଣ୍ଣ-ଧର୍ମ ନିର୍ବିଶେଷରେ ସମସ୍ତ ଜୀବ, ଏହି ଧାମରେ ପ୍ରବେଶ ମାତ୍ରକେ ସେହି ଅମୃତ ପାନ କରିପାରିବେ ଏଥିରେ ଦ୍ୱିଧା ମତ ହେବାର କାହାର ନାହିଁ ।

'ଜଗନ୍ନାଥ ଆହେ ରାଇଜର କାରନେ - କିଦିଆ ପୂଜିମ ହରି ଦୁଖାନି ଚରନେ ।'

ଜଗନ୍ନାଥ ଆହିଛି ବାଟତେ ବହିଛି ମାରିଛି ଧରମର ଖୁଣ୍ଟି
ଅଧାବାଟର ପରା ସୁଧା ପୁଚା କରି ରାଇଜ ଖାନ ସର୍ବେ ସୁଖୀ ।
ଶଙ୍କର ଦେବ


ଅର୍ଥାତ୍ ସ୍ୱର୍ଗରାଜ୍ୟରୁ ମର୍ତ୍ତ୍ୟରେ ଆସି ଶ୍ରୀଜଗନ୍ନାଥ ଧରମର ଖୁଣ୍ଟି ପୁରୀରେ ପୋତିଥିବାରୁ ଏ ବିଶ୍ୱ ବ୍ରହ୍ମାଣ୍ଡ ତାଙ୍କର ନାମ ଧାମର ଅମର ଅମୃତ ପାନ କରି ସୁଖୀ ହେବେ । ରାଇଜର କାରଣରେ ଜଗନ୍ନାଥ ଆସିଛନ୍ତି - ମୁଁ କ'ଣ ଦେଇ ତାଙ୍କ ପାଦପୂଜା କରିବି ।

ଉପସଂହାରରେ ଏତିକି କୁହାଯାଇପାରେ କଳି କଳାହୃତ ଜୀବ ଓ ମାନବ ଜୀବନ ଯୌବନ, ମନ, ଜ୍ଞାନ, ବିବେକ ଧନ୍ୟ ହେବ । ଜ୍ଞାତ ବା ଅଜ୍ଞାତରେ ଯଦି ସେ ପୁରୀ ଧାମରେ କସ୍ମିନ କାଳେ ପ୍ରବେଶ କରି ମହୋଦଧିରେ ସ୍ନାନ ଶରଧା ବାଲିରେ ଅବଗାହନ, ଜଗନ୍ନାଥ ନାମ ଗାନ, ଜଗନ୍ନାଥ ଦର୍ଶନ କଲେ ସମସ୍ତ ପାପରୁ ମୁକ୍ତ ହୋଇପାରିବ । ଏଥିପାଇଁ ଶ୍ରୀମନ୍ ଚୈତନ୍ୟ ମହାପ୍ରଭୁ (କେତେକଙ୍କ ମତରେ ଶଙ୍କରାଚାର୍ଯ୍ୟ) ପାବନ ପୁରୀଧାମରେ ପ୍ରବେଶ କରି ଗାଇ ଉଠିଥିଲେ -

'ହେ ମହାପ୍ରଭୁ ମୋର ଅସାର ସଂସାର ଦୂରକରି
ହେ ଯଦୁପତି ମୋର ପାପର ଭାର ଦୂର କରି
ମୋତେ ମୋକ୍ଷ ଦାନ କରି ମୋ ନୟନ ପଥର ପଥିକ ହୁଅନ୍ତୁ ।
ହରତ୍ୱଂ ସଂସାରଂ ଦ୍ରୁତରେ ମସାଂର ସୁରପତେ
ହରତ୍ୱଂ ପାପାନାଂ ବିତତିମ ପରାଂ ଯାଦବ ପତେ
ଅହୋ ଦୀନନାଥୋ ନିହିତମଚଳଂ ନିଶ୍ଚିତ ପଦମ୍
ଜଗନ୍ନାଥଃ ସ୍ୱାମୀ ନୟନପଥ ଗାମୀ ଭବତୁମେ ।'

ତେଣୁ ଏହି ପାବନ ଶ୍ରୀକ୍ଷେତ୍ର ପୁରୀ ଧାମ ସର୍ବତ୍ର ସର୍ବକାଳେ ସମସ୍ତଙ୍କର ପୂଜ୍ୟ, ଆରାଧ । ଏହି ଧାମର ଜୟଗାନ କରି ବୈଷ୍ଣବ, ସାଧୁଗଣ ଜୀବନ ଧନ୍ୟ କରିଛନ୍ତି । ତେବେ ଆସନ୍ତୁ ଏହି ପାବନ ଧାମ ପୁରୀ ଶ୍ରୀଜଗନ୍ନାଥ ନାମର ଜୟଗାନ କରି ଆମେ ଆମ ଜୀବନକୁ ଧନ୍ୟ କରିବା ।

ପ୍ରବଚକ, ଗବେଷକ
ଶ୍ରୀଜଗନ୍ନାଥ ତତ୍ତ୍ୱ ଓ ସଂସ୍କୃତି
ଦୂରସଞ୍ଚାର କେନ୍ଦ୍ର, ବନ୍ତଛକ
ଭଦ୍ରକ-୭୫୬୧୦୦



ଶ୍ରୀକ୍ଷେତ୍ର :

# ମାଣବସା ଗୁରୁବାର

ଓମ୍ ପ୍ରକାଶ ମହାପାତ୍ର

ହେମନ୍ତ ବିଦାୟେ ମଗୁଶିର ଗୁରୁବାର
ଚିତା ପଡ଼ିଥାଏ, ମାଣ ବସିଥାଏ ଘର ଘର ।
ପରମ୍ପରା ଉତ୍କଳର ପୂଜା ମା' ଲକ୍ଷ୍ମୀର
ଛାଡ଼ି ଶ୍ରୀକ୍ଷେତ୍ର ଶ୍ରୀମନ୍ଦିର ବୁଲେ ଦ୍ୱାର ଦ୍ୱାର
ନରଖି ବାଛ ବିଚାର ବ୍ରାହ୍ମଣ ଚଣ୍ଡାଳର ।
କିମ୍ବଦନ୍ତୀ କହେ ଯାଇ ପଶିଥିଲା ଚଣ୍ଡାଳ ଘର
ସ୍ୱାମୀ ଦେଢ଼ଶୂର ବାସନ୍ଦେ କରିଲେ ଦେଉଳୁ ବାହାର ।
କି ଦଶା ଭୋଗିଲେ ଧରି ଭିକ୍ଷା ଥାଳ ପଶିଲେ ଛତର
ଆଉଟି ପାଉଟି ଭୋକର ଶିରି ତୁଟିଗଲା ଶ୍ରୀମନ୍ଦିରର ।
ଷାଠିଏ ପଉଟି ଭୋଗ ହଜିଗଲା ପ୍ରଭୁ କାଳିଆର
ପଣ୍ଡା ପଡ଼ିଆରୀ ଦେଉଳୁ ଫେରିଲେ ନିଜ ଘର ।
ବେତାଳ ଭାଂଗିଲେ ନଷ୍ଟଭ୍ରଷ୍ଟ କଲେ ଆବାସ ପତର
ତାଲା ପଡ଼ିଗଲା ସିଂହ ଦୁଆର ଭକତେ ହାହାକାର ।
ଛୁଆଁ ଅଛୁଆଁର ଭେଦଭାବ ନାହିଁ କାଳିଆର
ବଡ଼ଦାଣ୍ଡେ ମିଶେ ଭକତେ କେତେ ଦେଶ ବିଦେଶର
ମା' ଲକ୍ଷ୍ମୀ କିଆଁ ନ ତୋଷିବ ଭକ୍ତି ଶ୍ରଦ୍ଧା ଶ୍ରୀୟାର ।
ନାରୀ ପୁରୁଷ ସଂସାରେ ବିଚରେ ଧରି ସମ ଅଧିକାର
ଲିଙ୍ଗ ଭେଦର ବାଛ ବିଚାର ଭକ୍ତି ଭାବରେ ଅନ୍ୟାୟ ଘୋର
ସୀମା ଟପିଗଲେ ସବୁକିଛି ଧ୍ୱଂସର ଦୁଆର ।

ଉପଶାସନ ସଚିବ
ସୂଚନା ଓ ଲୋକ ସଂପର୍କ ବିଭାଗ
ଭୁବନେଶ୍ୱର

# ଶ୍ରୀକ୍ଷେତ୍ରର ପ୍ରାଚୀନତା ଓ ମହନୀୟତା

ଡକ୍ଟର ଜନ୍ମେଜୟ ଚୌଧୁରୀ

**ବ**ହୁ ପୁରାତନ କାଳରୁ ପୁରୀ, ଶ୍ରୀକ୍ଷେତ୍ର ବା ଶ୍ରୀପୁରୁଷୋତ୍ତମ କ୍ଷେତ୍ର ନାମରେ ପରିଚିତ । ଏହି କ୍ଷେତ୍ରର ବର୍ଣ୍ଣନା ବ୍ରହ୍ମ ପୁରାଣ, ସ୍କନ୍ଦ ପୁରାଣ, ପଦ୍ମ ପୁରାଣ ପ୍ରଭୃତି ତଥା ଶ୍ରୀକ୍ଷେତ୍ର ମାହାତ୍ମ୍ୟ ଓ ପୁରୁଷୋତ୍ତମ ମାହାତ୍ମ୍ୟ ଆଦିରେ ବର୍ଣ୍ଣିତ ଅଛି । ଅନେକ ଆଲୋଚକଙ୍କ ମତରେ ଶ୍ରୀ ଅର୍ଥ ଲକ୍ଷ୍ମୀ । ତେଣୁ ଲକ୍ଷ୍ମୀଙ୍କ ନାମାନୁଯାୟୀ ଏହି କ୍ଷେତ୍ରକୁ ଶ୍ରୀକ୍ଷେତ୍ର କୁହାଯାଏ । ଆଉ କେତେକ କୁହନ୍ତି ଯନ୍ତ୍ରରାଜ ଶ୍ରୀଚକ୍ର ଉପରେ ପୁରୁଷୋତ୍ତମଙ୍କ ବିଗ୍ରହ ସ୍ଥାପିତ ହୋଇଥିବାରୁ ଏହି କ୍ଷେତ୍ରର ନାମ ଶ୍ରୀକ୍ଷେତ୍ର ହୋଇଛି ଓ ଏହି ଶ୍ରୀକ୍ଷେତ୍ର ନାମଟି ସଂପୂର୍ଣ୍ଣ ଶାକ୍ତମତ ଉପରେ ପ୍ରତିଷ୍ଠିତ ଏବଂ ପରବର୍ତ୍ତୀ ସମୟରେ ଶ୍ରୀ ସଂପ୍ରଦାୟ ଦ୍ୱାରା ଏହା ମାନ୍ୟତା ପ୍ରାପ୍ତ । ତେଣୁ ପୁରୁଷୋତ୍ତମ କ୍ଷେତ୍ର ନାମଟିର ଯଥାର୍ଥତା ଏହି କ୍ଷେତ୍ରରେ ଅଧିଷ୍ଠିତ ଦେବତାଙ୍କ ନାମ ସହିତ ସଂପୃକ୍ତ । 'କପିଳ ସଂହିତା'ରେ କୁହାଯାଇଛି -



'ସର୍ବେଷାଂ ସର୍ବ କ୍ଷେତ୍ରାଣାଂ ରାଜାଶ୍ରୀ ପୁରୁଷୋତ୍ତମଃ
ସର୍ବେଷାଂ ସର୍ବ ଦେବାନାଂ ରାଜାଶ୍ରୀ ପୁରୁଷୋତ୍ତମଃ ।'

ଶ୍ରୀଜଗନ୍ନାଥ ପୂର୍ବରୁ ଶ୍ରୀପୁରୁଷୋତ୍ତମ ଭାବରେ ପ୍ରସିଦ୍ଧି ଲାଭ କରିଥିଲେ । ଗଙ୍ଗବଂଶର ଶିଳାଲେଖରେ ଶ୍ରୀଜଗନ୍ନାଥଙ୍କ ନାମ ନଥାଇ ଶ୍ରୀପୁରୁଷୋତ୍ତମ ନାମ ଉଲ୍ଲେଖ ଥିବାରୁ ଶ୍ରୀଜଗନ୍ନାଥ ନାମ ବହୁ ପରବର୍ତ୍ତୀ ବୋଲି ଜଣାଯାଏ । ତେଣୁ ବର୍ତ୍ତମାନ ଲୋକମୁଖରେ ଶ୍ରୀକ୍ଷେତ୍ର ପୁରୁଷୋତ୍ତମ କ୍ଷେତ୍ର ବା 'ପୁରସ୍ତମ' ନାମରେ କଥିତ । ପୁରୁଷୋତ୍ତମଙ୍କ ଅଧିଷ୍ଠିତ କ୍ଷେତ୍ରକୁ ପୁରୁଷୋତ୍ତମ କ୍ଷେତ୍ର କୁହାଯାଏ । ଏହି କ୍ଷେତ୍ରର ପରିସର ଦଶଯୋଜନ ଓ ଆୟତନ ପାଞ୍ଚଯୋଜନ ଥିଲା । ସ୍କନ୍ଦ ପୁରାଣରେ ଏହି କ୍ଷେତ୍ରକୁ ଶଙ୍ଖକ୍ଷେତ୍ର ନାମରେ ମଧ୍ୟ ଅଭିହିତ କରାଯାଇଛି । ଏହି ଶଙ୍ଖାକାର କ୍ଷେତ୍ରର ମୂର୍ଦ୍ଧନୀ ହେଉଛି ପଶ୍ଚିମ ସୀମା । ନୀଳକଣ୍ଠ ଏହି ଶଙ୍ଖର ଅଗ୍ରଭାଗରେ ଅବସ୍ଥାନ କରୁଛନ୍ତି । ଶଙ୍ଖର ନାଭି ଦେଶରେ ରୋହିଣୀକୁଣ୍ଡ, ଅକ୍ଷୟବଟ ଓ ଶ୍ରୀଜଗନ୍ନାଥଙ୍କ ଆସ୍ଥାନ । ଅର୍ଦ୍ଧାଶନୀ ଶଙ୍ଖର ମଧ୍ୟଭାଗରେ ଅବସ୍ଥାନ କରିଛନ୍ତି । ପୁରୁଷୋତ୍ତମ କ୍ଷେତ୍ର ଭାରତର ଚାରିଧାମ ମଧ୍ୟରୁ ପ୍ରସିଦ୍ଧତମ । ହିନ୍ଦୁ ଧର୍ମରେ ଏହି ଚାରିଧାମର ପବିତ୍ରତା ସ୍ୱୀକାର୍ଯ୍ୟ ଓ ଏହା ଯଥାକ୍ରମେ ଜ୍ଞାନ, ଭକ୍ତି, କର୍ମ ଓ ଭୋଗ କ୍ଷେତ୍ର ଭାବରେ ପ୍ରସିଦ୍ଧ । ଉତ୍କଳ ଯୁଗେ ଯୁଗେ ଶ୍ରୀଜଗନ୍ନାଥଙ୍କ ଯୋଗୁଁ ହିଁ ସମଗ୍ର ହିନ୍ଦୁଜଗତର ପ୍ରଧାନ ତୀର୍ଥ ଭାବରେ ସମାଦୃତ ହୋଇ ଆସୁଛି । ହିନ୍ଦୁଧର୍ମର ସାମ୍ୟ ଓ ମୈତ୍ରୀ ଭାବର ପରିଚାୟକ ଭାବେ ମଧ୍ୟ ଜଗତରେ ଖ୍ୟାତି ଲାଭ କରିଛି । ସ୍କନ୍ଦ ପୁରାଣ ଅନୁସାରେ ଏହି କ୍ଷେତ୍ର ସ୍ୱୟଂ ଶ୍ରୀପୁରୁଷୋତ୍ତମ ଜଗନ୍ନାଥଙ୍କ ଶରୀର ସଦୃଶ । ଏଠାରେ କ୍ଷେତ୍ର ଓ କ୍ଷେତ୍ରାଧିପତି ଅଭିନ୍ନ ଭାବରେ ପରିଗୃହୀତ ହୋଇଛନ୍ତି । ପୁରୁଷୋତ୍ତମ ଦେହ ଧାରଣ ପୂର୍ବକ ଉକ୍ତ କ୍ଷେତ୍ରରେ ଅଧିଷ୍ଠାନ କରିଥାନ୍ତି, ଯାହା ପ୍ରଳୟର ପ୍ରଭାବରୁ ମଧ୍ୟ ମୁକ୍ତ । ଏଥିପାଇଁ ଦେବଲୋକ, ନାଗଲୋକ, ମର୍ତ୍ତ୍ୟଲୋକ ସମସ୍ତଙ୍କ ପାଇଁ ଏହି କ୍ଷେତ୍ର ଦୁର୍ଲ୍ଲଭ । ଏହା ସମସ୍ତଙ୍କ ପାଇଁ ମୋକ୍ଷପ୍ରଦ । ଏଠାରେ ଯମରାଜାଙ୍କର କୌଣସି କର୍ତ୍ତୃତ୍ୱ ନ ଥାଏ । ସମୁଦ୍ର କୂଳରୁ କଳ୍ପବଟ ମଧ୍ୟରେ କୀଟ, ପକ୍ଷୀ ଓ ମନୁଷ୍ୟ ଆଦି ପ୍ରାଣ ତ୍ୟାଗ କଲେ ମୁକ୍ତିଲାଭ କରିଥାନ୍ତି । ଏହି କ୍ଷେତ୍ରରେ ଅବସ୍ଥିତ ଅନ୍ତର୍ବେଦୀ ପରମ ପବିତ୍ର ସ୍ଥାନ ଅଟେ । ସେଥିପାଇଁ ଦେବତାମାନେ ମଧ୍ୟ ଏଠାରେ ବାସ କରିବା ପାଇଁ ଆଶାୟୀ ହୋଇଥାନ୍ତି ।

ଓଡ଼ିଶାରେ ମନ୍ଦିର ସଂସ୍କୃତି ଷଷ୍ଠ ବା ସପ୍ତମ ଶତାବ୍ଦୀରୁ ଆରମ୍ଭ ହୋଇଥିଲା । ଏହାପୂର୍ବରୁ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ନିଶ୍ଚିତ ଭାବରେ ମହୋଦଧି ତଟସ୍ଥ ଏକ ମଣ୍ଡପରେ ଉପାସିତ ହେଉଥିଲେ । ପୁରୁଷୋତ୍ତମ କ୍ଷେତ୍ରକୁ ମହାଭାରତ ବନପର୍ବରେ ଦୈତବନ ଓ ପଞ୍ଚଯଜ୍ଞ ତପୋଭୂମି

ଭାବରେଐତିହାସିକମାନେ ମତପ୍ରକାଶ କରିଛନ୍ତି । ପୁରୁଷୋତ୍ତମପୁର ଗ୍ରାମ, ପୁରୁଷମଣ୍ଡପ, ପୁରୁଷୋତ୍ତମ ନାମ ଏବଂ ଏପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ପୁରୁଷସୂକ୍ତ ପାଠ ଇତ୍ୟାଦିରୁ ଅନୁମାନ କରାଯାଏ ଭଗବାନ ବିଷ୍ଣୁଙ୍କୁ ଶ୍ରୀପୁରୁଷୋତ୍ତମ ଭାବରେ ଆରାଧନା କରାଯାଉଥିଲା । ଶ୍ରୀମନ୍ଦିର ପୂଜାବିଧିରେ ଅନୁସୃତ କାଶ୍ମୀରର ଲକ୍ଷ୍ମଣ ଦେଶିକ କୃତ 'ଶାରଦା ତିଳକ' ଗ୍ରନ୍ଥରେ ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଛି । ବିଷ୍ଣୁ ପ୍ରତିମା ଉପାସନାର ଶ୍ରେଣୀ ବିଭାଗ କ୍ରମରେ ବିଷ୍ଣୁ, ନୃସିଂହ ଏବଂ ପୁରୁଷୋତ୍ତମ ଭେଦରେ ବିଭକ୍ତ କରିଛନ୍ତି । ଏହି ଗ୍ରନ୍ଥରେ ବିଷ୍ଣୁ ପ୍ରକରଣ ପର୍ଯ୍ୟାୟରେ ବିଷ୍ଣୁଙ୍କୁ ବାସୁଦେବ, ଦଧିବାମନ, ହୟଗ୍ରୀବ, ବରାହ, ରାମ ଏବଂ ହନୁମାନ ରୂପରେ ବର୍ଣ୍ଣନା କରାଯାଇଛି । ନୃସିଂହ ଏବଂ ସୁଦର୍ଶନ ଚକ୍ର ପର୍ଯ୍ୟାୟରେ ତ୍ରୈଲୋକ୍ୟମୋହନ ଶ୍ରୀକର ବା ଶ୍ରୀଧର, କୃଷ୍ଣ ଏବଂ କାମରୂପରେ ବର୍ଣ୍ଣନା କରାଯାଇଛି । ତେଣୁ ଶ୍ରୀମଦ୍ ଭାଗବତରେ ବର୍ଣ୍ଣିତ ବାସୁଦେବ ଉଗ୍ରରୂପରେ ଉପାସିତ ନୃସିଂହ । ଗୋପୀଜନ ବଲ୍ଲଭ ଭାବରେ ଶ୍ରୀକୃଷ୍ଣ ଓ କାମ ବା ପ୍ରଦ୍ୟୁମ୍ନ ଭାବରେ ସେ ସଂପୂର୍ଣ୍ଣ ପ୍ରେମମୟ ଏବଂ ତ୍ରୈଲୋକମୋହନ ଭାବରେ ତିନିପୁରର ସେ ଅଧିଶ୍ୱର ଦେବତା । ଏକାଦଶ ଶତାବ୍ଦୀର ପୂଜାରୀ ପାଲି ଶିଳାଲେଖରେ ଏହି ପୁରୁଷୋତ୍ତମ କ୍ଷେତ୍ରକୁ ଭାରତର ଏକ ପ୍ରଧାନକ୍ଷେତ୍ର ଭାବରେ ବର୍ଣ୍ଣନା କରାଯାଇଛି । ଶ୍ରୀମନ୍ଦିରସ୍ଥ ନୃସିଂହ ମନ୍ଦିରରୁ ମିଳିଥିବା ଶିଳାଲେଖରୁ ଜଣାଯାଏ । ଜଣାଯାଏ ଯେ, ଚୋଳଗଙ୍ଗ ଦେବ (ଖ୍ରୀ:ଅ:୧୦୭୮-୧୧୪୬) ଏବଂ ଅନଙ୍ଗଭୀମ ଦେବ ତୃତୀୟଙ୍କ (ଖ୍ରୀ:ଅ:୧୧୯୮-୧୨୩୮)ର ରାଜତ୍ୱ ସମୟ ୧୩୩ ବର୍ଷ ମଧ୍ୟରେ ଶ୍ରୀପୁରୁଷୋତ୍ତମ ଜଗନ୍ନାଥଙ୍କ ପୂଜା ଅଖଣ୍ଡଦୀପ ଏବଂ ନୈବେଦ୍ୟ ନିମନ୍ତେ ଦାନ କରିବାର ପ୍ରମାଣ ରହିଛି । ଖ୍ରୀ:ଅ:୧୨୩୦ରେ ମହାରାଜା ଶ୍ରୀ ଅନଙ୍ଗଭୀମ ଦେବ ତୃତୀୟ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରି ଶ୍ରୀପୁରୁଷୋତ୍ତମ, ବଳଭଦ୍ର ଓ ସୁଭଦ୍ରା ମୂର୍ତ୍ତି ସ୍ଥାପନ କରିଥିଲେ । ତାଙ୍କ ପତ୍ନୀ ସୋମଳା ମହାଦେବୀ ଦକ୍ଷିଣରୁ ଆଗତ 'ଅଲୱାର'ମାନଙ୍କୁ ଭୂମିଦାନ କରିଥିଲେ । ମାଧବ ରୂପୀ ଏହି ବିଷ୍ଣୁ ପ୍ରତିମା ଓଡ଼ିଶାରେ ସପ୍ତମ ଶତାବ୍ଦୀରୁ ପୂଜା ପାଉଥିଲେ । ବୌଦ ଗନ୍ଧରାଡ଼ିର ନୀଳମାଧବ, ମହାନଦୀକୂଳର କଣ୍ଟିଲୋ ନୀଳମାଧବ, ଲୋକମାଧବ, ମୁଦ୍‌ଗଲ ମାଧବ ଏବଂ ପୁରୀ ଶ୍ୱେତଗଙ୍ଗା କୂଳରେ ଥିବା ଶ୍ୱେତମାଧବ ଏହାର ପ୍ରମାଣ । ଶ୍ରୀମନ୍ଦିର ପରିସରରେ ଥିବା ନୃସିଂହ ମନ୍ଦିର ଏକ ସୋମବଂଶୀ ରାଜାଙ୍କର କୀର୍ତ୍ତି । ଏହା ଶ୍ରୀମନ୍ଦିରଠାରୁ ବହୁ ପ୍ରାଚୀନ । ନୃସିଂହ ମନ୍ତ୍ରରେ ଶ୍ରୀଜଗନ୍ନାଥଙ୍କର ଦାରୁ ପ୍ରତିଷ୍ଠା ହେଉଥିବାରୁ ଜର୍ମାନ୍ ଗବେଷକମାନେ ଶ୍ରୀଜଗନ୍ନାଥଙ୍କ ବିଗ୍ରହଙ୍କୁ ନୃସିଂହଙ୍କର ବସିଥିବା ରୂପ ବୋଲି କହିଛନ୍ତି । ଏହି ନୃସିଂହ ମନ୍ଦିରରେ ଶ୍ରୀପୁରୁଷୋତ୍ତମ ପ୍ରଥମେ ପୂଜିତ ହେଉଥିଲେ ଏବଂ ପରବର୍ତ୍ତୀ କାଳରେ ଅର୍ଥାତ୍ ଭାନୁଦେବ ଦ୍ୱିତୀୟଙ୍କ କାଳରେ ଚତୁର୍ଦ୍ଧାମୂର୍ତ୍ତି ଦାରୁ ବିଗ୍ରହ ରୂପେ ପରିବର୍ତ୍ତିତ ହେଲେ ବୋଲି କେତେକ ମତବ୍ୟକ୍ତ କରିଛନ୍ତି ।

ଶ୍ରୀକ୍ଷେତ୍ର ବା ପୁରୀରେ ଶ୍ରୀଜଗନ୍ନାଥଙ୍କ ପ୍ରତିଷ୍ଠା କେବେ ଓ କେଉଁ ରାଜାଙ୍କ ରାଜତ୍ୱରେ ପ୍ରତିଷ୍ଠା ହୋଇଥିଲା ତାହା ଏ ଯାବତ୍ ରହସ୍ୟାବୃତ । ମାତ୍ର ଅନୁମାନ କରାଯାଏ ଗଙ୍ଗବଂଶର ରାଜା ଚୋଡ଼ଗଙ୍ଗ ଦେବଙ୍କ ରାଜତ୍ୱରେ ଏହା ସମ୍ପାଦିତ ହୋଇଥିଲା । ଚୋଡ଼ଗଙ୍ଗ ଦେବଙ୍କ ପିତା ରାଜରାଜଦେବ ପ୍ରଥମ ଖ୍ରୀ:୧୦୬୦ରେ କଳିଙ୍ଗ ସିଂହାସନରେ ଅଧିଷ୍ଠିତ ହେବା ପରେ କାଞ୍ଚି ରାଜ୍ୟର ଚୋଳବଂଶୀୟ ମହାରାଜା କୁଳୋତ୍ତୁଙ୍ଗ ରାଜେନ୍ଦ୍ର ଚୋଡ଼ଙ୍କ ସଙ୍ଗେ ତାଙ୍କର ଭୀଷଣ ଯୁଦ୍ଧ ହୋଇଥିଲା । ଏଥିରେ ରାଜେନ୍ଦ୍ର ଚୋଡ଼ ପରାଜିତ ହୋଇ ସ୍ୱୀୟ କନ୍ୟା ରାଜସୁନ୍ଦରୀଙ୍କୁ ରାଜା ରାଜରାଜଙ୍କ ହସ୍ତରେ ଅର୍ପଣ କଲେ । ରାଜସୁନ୍ଦରୀଙ୍କ ଗର୍ଭରୁ ଚୋଡ଼ଗଙ୍ଗ ଓ ପେମ୍ମାଡ଼ି ନାମରେ ଦୁଇ ସନ୍ତାନ ଜାତ ହେଲେ । ମାତ୍ର ଏହି ବିବାହର ସାତ ବର୍ଷ ପରେ ରାଜା ରାଜରାଜ ଦେବଙ୍କର ମୃତ୍ୟୁ ଖ୍ରୀ:ଅ:୧୦୭୭ରେ ହେଲା । ଫଳରେ କଳିଙ୍ଗ ସାମ୍ରାଜ୍ୟରେ ଅରାଜକତା ଦେଖାଦେଲା । ଏଭଳି ପରିସ୍ଥିତିରେ ଅନାଥିନୀ ରାଣୀ ରାଜସୁନ୍ଦରୀ ନିଜ ଦୁଇ ଶିଶୁ ପୁତ୍ରଙ୍କ ପ୍ରାଣରକ୍ଷା ସମେତ ସାମ୍ରାଜ୍ୟ ରକ୍ଷା ପାଇଁ ନିଜର ଭ୍ରାତା ବେଙ୍ଗିର ଶାସନକର୍ତ୍ତା ବୀର ଚୋଡ଼ଙ୍କ ସାହାଯ୍ୟ ଭିକ୍ଷା କଲେ । ଏ ସମୟରେ ବୀରଚୋଡ଼ ବେଙ୍ଗିର ଶାସନ ପରିତ୍ୟାଗ କରି ପ୍ରଥମେ କଳିଙ୍ଗର ସାମ୍ରାଜ୍ୟକୁ ରକ୍ଷା କରି ଜ୍ୟେଷ୍ଠ ଭଣଜା ଚୋଡ଼ଗଙ୍ଗ ଦେବଙ୍କର ରାଜ୍ୟାଭିଷେକ ବିଧିବଦ୍ଧ ଭାବରେ ଖ୍ରୀ:୧୦୭୭ରେ ସମ୍ପାଦନ କଲେ । ଏହି ସମୟରେ ଚୋଡ଼ଗଙ୍ଗ ଦେବଙ୍କ ବୟସ ମାତ୍ର ପାଞ୍ଚ ବର୍ଷ ହୋଇଥିଲା । ଶାସ୍ତ୍ରାନୁସାରେ କୌଣସି ରାଜାଙ୍କ ଅଭିଷେକ ବେଳେ ତାଙ୍କ ପଟ୍ଟ ମହିଷୀଙ୍କ ଅଭିଷେକ ମଧ୍ୟ ସମ୍ପନ୍ନ ହେବା ଦରକାର । ସୁତରାଂ ଦକ୍ଷିଣ ଭାରତରେ ପ୍ରଚଳିତ ମାତୁଳ କନ୍ୟା ବିବାହ ନିୟମକୁ ରକ୍ଷା କରି ବୀରଚୋଡ଼ ନିଜର ଶିଶୁକନ୍ୟା ଚୋଡ଼ଦେବୀଙ୍କୁ ଭଣଜା ଚୋଡ଼ଗଙ୍ଗ ଦେବଙ୍କ ସହିତ ବିବାହ କ୍ରିୟା ସମ୍ପନ୍ନ କରିସାରି କଳିଙ୍ଗ ସିଂହାସନରେ ନିଜର ଭଣଜାଙ୍କ ଅଭିଷେକ ୯୯୯ ଶକାବ୍ଦ କୁମ୍ଭ ମାସରେ ସମ୍ପନ୍ନ କଲେ । ରାଜା ଚୋଡ଼ଗଙ୍ଗ ଦେବଙ୍କ ବୁଦ୍ଧି ଓ ପରାକ୍ରମ କ୍ରମେ ବଢ଼ିବାକୁ ଲାଗିଲା । ଯେତେବେଳେ ସେ ପୂର୍ଣ୍ଣ ଯୌବନରେ ପଦାର୍ପଣ କରି ନିଜ ରାଜ୍ୟରେ ସାମରିକ ସାମର୍ଥ୍ୟ ଲାଭ କଲେ, ସେତେବେଳେ ତାଙ୍କ ମାମୁଁ ବୀରଚୋଡ଼ ତାଙ୍କର ପ୍ରବୀଣ ଉପଦେଷ୍ଟା ଭାବରେ ରହିଲେ । ଚୋଡ଼ଗଙ୍ଗଙ୍କ ପ୍ରାୟ ୩୦ ବର୍ଷ ବୟସରେ ସେ ଉତ୍କଳର ସୋମବଂଶୀ ମହାରାଜା କର୍ଣ୍ଣକେଶରୀଙ୍କୁ ଯୁଦ୍ଧରେ ପରାଜିତ କରି କଳିଙ୍ଗ ସଙ୍ଗେ ଯେତେବେଳେ ସମଗ୍ର ଉତ୍କଳକୁ ମିଶ୍ରଣ କରି ଏକ ବିଶାଳ ସାମ୍ରାଜ୍ୟ ଗଠନ କଲେ, ସେତେବେଳେ ତାଙ୍କର ଶାସନ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ପ୍ରସାରିତ ହେଲା । ଚୋଡ଼ଗଙ୍ଗଙ୍କ ଉତ୍କଳ ଜୟ ପରେ ତତ୍ରସ୍ଥ ବ୍ରାହ୍ମଣ ଓ ବୌଦ୍ଧ ଧର୍ମାବଲମ୍ବୀ ତଥା ବିଭିନ୍ନ ଶ୍ରେଣୀର ଧର୍ମ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ସେ ମନୋନିବେଶ କଲେ । ମହାରାଜା ଚୋଡ଼ଗଙ୍ଗ ଖ୍ରୀ:୧୧୪୨ରେ ୭୦ ବର୍ଷ ବୟସରେ ଶାସନ କାର୍ଯ୍ୟରୁ ନିଜେ ଅବ୍ୟାହତି ନେଇ ଧର୍ମ କାର୍ଯ୍ୟରେ ଆତ୍ମନିବେଶ କରିବାକୁ ଲାଗିଲେ । ଅର୍ଥାତ୍ ତାଙ୍କ ଜୀବନର ଶେଷ ୪/୫ ବର୍ଷ ସେ ଧର୍ମକାର୍ଯ୍ୟରେ ବ୍ରତୀ ହେଲେ । ଏହି ଅବସର ସମୟରେ ବୋଧହୁଏ ଶ୍ରୀନୃସିଂହ ମନ୍ଦିରରେ

ନୀଳମାଧବ ରୂପୀ ଶ୍ରୀପୁରୁଷୋତ୍ତମଙ୍କ ସହିତ ରୁଦ୍ରରୂପୀ ଶ୍ରୀବଳଭଦ୍ର ଏବଂ ଶକ୍ତିସ୍ୱରୂପିଣୀ ଦେବୀ ସୁଭଦ୍ରାଙ୍କୁ ମିଶାଇ ତିନିମୂର୍ତ୍ତିଙ୍କୁ ଏକତ୍ର ସିଂହାସନରେ ସ୍ଥାପନ କରି ବିଭିନ୍ନ ସମ୍ପ୍ରଦାୟଙ୍କ ଆରାଧନା ନିମନ୍ତେ ଦ୍ୱାର ଉନ୍ମୋଚନ କରିଦେଲେ । ଫଳରେ ଶୈବ, ବୈଷ୍ଣବ ଓ ତାନ୍ତ୍ରିକ ଧର୍ମାବଲମ୍ବୀମାନେ ସମ୍ମିଳିତ ହୋଇ ତ୍ରିମୂର୍ତ୍ତିଙ୍କୁ ଆରାଧନା କରିବା ପଦ୍ଧତିର ସୂତ୍ରପାତ୍ର ହେଲା । ଶ୍ରୀପୁରୁଷୋତ୍ତମଙ୍କୁ ଭାଗବତ ପୁରାଣୋକ୍ତ ଶ୍ରୀକୃଷ୍ଣ ଓ ଶ୍ରୀବଳଭଦ୍ରଙ୍କୁ ତାଙ୍କ ଜ୍ୟେଷ୍ଠ ଭ୍ରାତା ଓ ଦେବୀ ସୁଭଦ୍ରାଙ୍କୁ ତାଙ୍କ ଭଗ୍ନୀ ରୂପେ କଳ୍ପନା କରାଗଲା । ନିମ୍ବାର୍କ ତଥା ମାଧବାଚାର୍ଯ୍ୟଙ୍କ ପ୍ରତିଷ୍ଠିତ ପଦ୍ଧତି ଅନୁସାରେ ଶ୍ରୀକୃଷ୍ଣଙ୍କ ଆରାଧନା ବିଧି ଓ ଭକ୍ତିବାଦ ସେଥିରେ ପ୍ରଚଳିତ ହେଲା । ବୌଦ୍ଧ ମତବାଦୀଙ୍କ ପାଇଁ ଶ୍ରୀପୁରୁଷୋତ୍ତମଙ୍କୁ ଅର୍ଥାତ୍ ଶ୍ରୀକୃଷ୍ଣଙ୍କୁ ବୁଦ୍ଧାବତାର ବୋଲି କେହି କେହି ଗ୍ରହଣ କଲେ । ଶେଷରେ ଚୋଡ଼ଗଙ୍ଗ ଦେବ ଦେଖିଲେ ଯେ, ତିନିମୂର୍ତ୍ତିଙ୍କ ସ୍ଥାପନ ପରେ ତାଙ୍କ ନୀତିମାନ ବିଧିବଦ୍ଧ ଭାବେ ସମ୍ପନ୍ନ କରିବା ପାଇଁ ନୃସିଂହ ମନ୍ଦିରରେ ସ୍ଥାନର ଅଭାବ ରହିଛି । ତେଣୁ ଶାସ୍ତ୍ରୋକ୍ତ ବିଧିରେ ଏକ ବିରାଟ ମନ୍ଦିର ନିର୍ମାଣ ପାଇଁ ସେ ବ୍ୟବସ୍ଥା କଲେ । ନୃସିଂହ ମନ୍ଦିରର ଉତ୍ତର ଭାଗରେ ଶ୍ରୀପୁରୁଷୋତ୍ତମ ମନ୍ଦିରର ଶୁଭ ପଡ଼ି ମନ୍ଦିର ନିର୍ମାଣ ହେଲା । ମନ୍ଦିରର କେତେକ ଅଂଶ ତାଙ୍କ ଜୀବନ କାଳ ମଧ୍ୟରେ ସମ୍ପୂର୍ଣ୍ଣ ହୋଇନଥିଲେ ମଧ୍ୟ ସେହି ମନ୍ଦିରର କର୍ତ୍ତା ଭାବରେ ତାଙ୍କ ପ୍ରଶଂସା ବଙ୍ଗବଂଶର ପରବର୍ତ୍ତୀ ରାଜାମାନେ କୀର୍ତ୍ତନ କରିଅଛନ୍ତି । ସେ ଓଡ଼ିଶାରେ ଯେଉଁ 'ସର୍ବଧର୍ମର ସମନ୍ୱୟ' କରି ନବ ରାଜନୀତି ଓ ଧର୍ମନୀତିକୁ ପ୍ରାଣବନ୍ତ କରିଥିଲେ, ତାହା ବିଶ୍ୱରେ ଦୁର୍ଲ୍ଲଭ ଅଟେ । ଶ୍ରୀପୁରୁଷୋତ୍ତମ ବିଷ୍ଣୁଙ୍କ ମନ୍ଦିର ନିର୍ମାଣ କରି ବୈଷ୍ଣବ ଧର୍ମର ପ୍ରସିଦ୍ଧି ମହାରାଜା ଚୋଡ଼ଗଙ୍ଗ ହିଁ ସର୍ବପ୍ରଥମେ ଓଡ଼ିଶାରେ ପ୍ରସାର କଲେ । ସର୍ବଭାରତୀୟ ସ୍ତରରେ ନୀଳାଚଳ ଧାମର ପୁଣ୍ୟ ଖ୍ୟାତି ପ୍ରଚଳିତ ହେଲା । ଭାରତର ଚତୁର୍ଦ୍ଧାମ ମଧ୍ୟରେ ଏହା ହେଲା ଶ୍ରେଷ୍ଠତମ ।

ଇତିହାସ ବିଭାଗ
ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ
କାଇପଦର, ଖୋର୍ଦ୍ଧା

# ଭିନ୍ନକ୍ଷମ ପିଲାମାନଙ୍କୁ ସହାୟକ ଉପକରଣ ବଣ୍ଟନ

ବରଗଡ଼ ଜିଲ୍ଲା ଅତାବିରା ବ୍ଲକ୍ ଗୋଷ୍ଠୀ ସାଧନ କେନ୍ଦ୍ରଠାରେ ରାଜ୍ୟ ସରକାରଙ୍କ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଭିନ୍ନକ୍ଷମ ପିଲାମାନଙ୍କୁ ବିଭିନ୍ନ ସହାୟକ ଉପକରଣ ବଣ୍ଟନ କରାଯାଇଛି ।

ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉତ୍ସବରେ ଜିଲ୍ଲାପାଳ ଶ୍ରୀ ଜ୍ୟୋତିପ୍ରକାଶ ଦାସ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଜିଲ୍ଲାର ୬୩ ଜଣ ଭିନ୍ନକ୍ଷମ ପିଲାମାନଙ୍କୁ ୨୪ଟି ଟ୍ରାଇ ସାଇକେଲ, ୧୭ ଗୋଟି ହୁଇଲ୍ ଚେୟାର, ୧୨ଟି ଆଶାବାଡ଼ି ଏବଂ ୧୦ ଜଣ ପିଲାଙ୍କୁ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ବଣ୍ଟନ କରି କହିଲେ ଯେ ଭିନ୍ନକ୍ଷମ ପିଲାମାନଙ୍କୁ ନ୍ୟୂନ ଭାବିବା ଉଚିତ୍ ନୁହେଁ । ସେହି ପିଲାମାନେ କିପରି ସୁବିଧାରେ ସ୍କୁଲକୁ ଆସିବେ ଓ ସେମାନଙ୍କର ପାଠପଢ଼ାରେ ଯେପରି କୌଣସି ପ୍ରତିବନ୍ଧକ ସୃଷ୍ଟି ନହୁଏ, ସେଥିପ୍ରତି ଶିକ୍ଷକ ଓ ଭି.ଇ.ସି.ମାନେ ଯତ୍ନବାନ ହେବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ରାଜ୍ୟରେ ସର୍ବଶିକ୍ଷା ଅଭିଯାନ ପ୍ରଚଳନ ହେବା ଫଳରେ ଜିଲ୍ଲାର ସମସ୍ତ ୬-୧୪ ବର୍ଷ ପିଲାମାନଙ୍କ ମାଗଣା ଶିକ୍ଷା ଦେବା ସମ୍ଭବ ହୋଇପାରିଛି ବୋଲି କହିଥିଲେ : ପ୍ରକଳ୍ପ ଅଧିକାରୀ ଶ୍ରୀ ପରିଡ଼ା ଏହି ସାମଗ୍ରୀ ବଣ୍ଟନର ଉଦ୍ଦେଶ୍ୟ ସଂପର୍କରେ ବୁଝାଇ ଥିଲେ ।

ଏହି ଅବସରରେ ପିଲାମାନଙ୍କୁ ସହାୟକ ସାମଗ୍ରୀ ବ୍ୟବହାର ସଂପର୍କରେ ତାଲିମ୍ ଦିଆଯାଇଥିଲା । ସର୍ବଶିକ୍ଷା ଅଭିଯାନ ଦ୍ୱାରା ନିର୍ମିତ ଚାରିଗୋଟି ବିଦ୍ୟାଳୟକୁ ମଧ୍ୟ ମୁଖ୍ୟ ଅତିଥି ଉଦ୍‌ଘାଟନ କରିଥିଲେ । ଏହି ସମସ୍ତ କାର୍ଯ୍ୟକୁ ଆଇ.ଇ.ଡ଼ି. କୋ-ଅଡିନେଟର ଶ୍ରୀ କାର୍ତ୍ତିକେଶ୍ୱର ପ୍ରଧାନ ପରିଚାଳନା କରିଥିଲେ । ଏହି ଉତ୍ସବରେ ଜିଲ୍ଲାର ବରିଷ୍ଠ ଅଧିକାରୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।

# ପୁରୁଷୋତ୍ତମ କ୍ଷେତ୍ରର ଶ୍ରୀଜଗନ୍ନାଥ ସଂସ୍କୃତି

ଭାସ୍କର ମିଶ୍ର

**ଭା**ରତବର୍ଷର ପ୍ରମୁଖ ତୀର୍ଥସ୍ଥଳୀ ରୂପେ ପୁରୁଷୋତ୍ତମ କ୍ଷେତ୍ର ତଥା ଶ୍ରୀକ୍ଷେତ୍ର ସନାତନ ଧର୍ମର ଏକ ପ୍ରଧାନ ପୀଠ ରୂପେ ସର୍ବଜନ ବିଦିତ । ଏହା ବୌଦ୍ଧ, ଜୈନ, ଶିଖ, ଶୈବ, ଶାକ୍ତ, ବୈଷ୍ଣବ ତଥା ଅନ୍ୟାନ୍ୟ ଧର୍ମାବଲମ୍ବୀମାନଙ୍କୁ ପ୍ରାଚୀନ ସମୟରୁ ଆକର୍ଷିତ କରି ଆସିଛି । ସ୍କନ୍ଦ ପୁରାଣ ଅନୁସାରେ ଏ ଧାମର ନାମ ଶ୍ରୀପୁରୁଷୋତ୍ତମ, ଦେବତାଙ୍କ ନାମ ଶ୍ରୀପୁରୁଷୋତ୍ତମ । ୧୨ ଶତାବ୍ଦୀର ପ୍ରାରମ୍ଭରେ ମାଳବର ଜନୈକ ରାଜାଙ୍କର ଏକ ଶିଳାଲିପିରେ ପୁରୁଷୋତ୍ତମ ନାମର ଉଲ୍ଲେଖ ଅଛି । ଏହି ଶିଳାଲିପିକୁ ନାଗପୁର ଶିଳାଲିପି କୁହାଯାଏ । ଏହା ଖ୍ରୀ:୧୧୦୪ରେ ଖୋଦିତ ବୋଲି ଜଣାଯାଏ । ଏଥିରେ ଉଲ୍ଲେଖ ରହିଛି ଯେ -

‘ଦେବୋଽସୌ ପୁରୁଷୋତ୍ତମଃ ସଭଗବାନାଶିଶ୍ରୟେ ଯଃ ଶ୍ରିୟା
ଯେନେଦଂ ବଳି ବୈରିବନ୍ଧବିଧିନା ବିଶ୍ୱଂ ସମାଶ୍ୱାସିତଂ
ଯେନେଧାରି ବସୁନ୍ଧରେତି ଦଧତଃ ସାନନ୍ଦମନ୍ଦାକ୍ଷତାଂ
ତସ୍ୟ ପ୍ରାଚ୍ୟ ପୟୋନିଧୌ ବୁଧଜନୈଃ ବ୍ୟାଜସ୍ତୁତି ପ୍ରସ୍ତୁତା ।’

ଏତଦ୍‌ବ୍ୟତୀତ, ପୁରୁଷୋତ୍ତମଙ୍କ ଉପସ୍ଥିତି ଯୋଗୁଁ ଏହି କ୍ଷେତ୍ର ଯେ ଜଗତରେ ଏକ ଦୁର୍ଲ୍ଲଭ କ୍ଷେତ୍ର ଏବଂ ଉତ୍କଳ ଦେଶ ମଧ୍ୟ ଜଗତରେ ଶ୍ରେଷ୍ଠ ବୋଲି ବ୍ରହ୍ମ ପୁରାଣରେ ଅବତାରଣା କରାଯାଇ କୁହାଯାଇଛି -

‘ଆସ୍ତେ ତତ୍ର ମୁନିଶ୍ରେଷ୍ଠ ବିଖ୍ୟାତ ପୁରୁଷୋତ୍ତମଃ
ଯାବତ୍ ଉତ୍କଳ ମର୍ଯ୍ୟାଦାଦିକ୍‌କ୍ରମେଣ ପ୍ରକୀର୍ତ୍ତିତା
ତାବତ୍ କୃଷ୍ଣ ପ୍ରସାଦେନ ଦେଶଃ ପୁଣ୍ୟ ତମୋହି ସଃ
ଯତ୍ର ତିଷ୍ଠତି ବିଶ୍ୱାତ୍ମା ଦେଶେ ସ ପୁରୁଷୋତ୍ତମଃ ।’

ଅର୍ଥାତ୍, ‘ହେ ମୁନିମାନେ, ସେହି କ୍ଷେତ୍ରରେ ବିଖ୍ୟାତ ପୁରୁଷୋତ୍ତମ ବିରାଜମାନ । ଦିଗବିଭାଗ ଅନୁସାରେ ଯେତେ ଦୂର ପର୍ଯ୍ୟନ୍ତ ଉତ୍କଳ ଦେଶର ସୀମା ଅଛି, ଯେଉଁଠାରେ ବିଶ୍ୱାତ୍ମା ପୁରୁଷୋତ୍ତମ ଜଗନ୍ନାଥ ବିରାଜମାନ, କୃଷ୍ଣଙ୍କର ପ୍ରସାଦରେ ସେହି ଦେଶ ପୁଣ୍ୟତମ ।’

ତନ୍ତ୍ର ଯାମଳ ଗ୍ରନ୍ଥର ୧୭ଶ ଖଣ୍ଡରେ ଉଲ୍ଲେଖ ଅଛି ଯେ -

‘ଭାରତେ ଚୋତ୍କଳେ ଦେଶେ ଭୂସ୍ୱର୍ଗେ ପୁରୁଷୋତ୍ତମେ
ଦାରୁରୂପୀ ଜଗନ୍ନାଥୋ ଭକ୍ତନାମ ଭୟପ୍ରଦଃ ।’

ଗବେଷକମାନଙ୍କ ମତାନୁଯାୟୀ ତନ୍ତ୍ର ଯାମଳ ଗ୍ରନ୍ଥ ପ୍ରାୟ ଚତୁର୍ଥ ଶତାବ୍ଦୀ ବା ତତ୍‌ପୂର୍ବରୁ ରଚିତ ହୋଇଥିବାର ଜଣାଯାଏ । ଅତଏବ ଖ୍ରୀଷ୍ଟୀୟ ୪ର୍ଥ ଶତାବ୍ଦୀ ପୂର୍ବରୁ ପୁରୁଷୋତ୍ତମ କ୍ଷେତ୍ରର ପ୍ରସିଦ୍ଧି ପ୍ରତିଷ୍ଠିତ ହୋଇ ସାରିଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ସେହିପରି ନବମ ଶତାବ୍ଦୀରେ ମୁରାରୀ ମିଶ୍ରଙ୍କ ରଚିତ ‘ଅନର୍ଘ ରାଘବ’ ନାଟକରେ ଶ୍ରୀଜଗନ୍ନାଥଙ୍କୁ ପୁରୁଷୋତ୍ତମ ରୂପରେ ବର୍ଣ୍ଣନା କରାଯାଇଛି । ଏଥିରେ ଉଲ୍ଲେଖ ଅଛି ଯେ -

‘ଭଗବତଃ ଶ୍ରୀପୁରୁଷୋତ୍ତମସ୍ୟ ଯାତ୍ରାୟାମୁପସ୍ଥାନୀୟ ସଭାସଦଃ ।’

ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଦକ୍ଷିଣ କଳିଙ୍ଗର ଗଙ୍ଗବଂଶୀୟ ରାଜା ଅନନ୍ତ ବର୍ମା ଚୋଡ଼ଗଙ୍ଗ ଦେବ ଓଡ଼ିଶାକୁ ଜୟ କରିବା ପରେ ସେ ଓ ତାଙ୍କ ବଂଶଧରମାନେ ପ୍ରାୟ ତିନି ଶହ ବର୍ଷ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ମନ୍ଦିର ସହିତ ଘନିଷ୍ଠ ଭାବରେ ସମ୍ପୃକ୍ତ ଥିବା ବହୁ ଅଭିଲେଖ ଓ ଗ୍ରନ୍ଥମାନଙ୍କରୁ ପ୍ରମାଣ ମିଳେ । Epigraphica India vol.18 - Journal of Asiatic Society of Bengal vol.-65ରୁ ଜଣାଯାଏ ଯେ ପୂର୍ବ ରାଜାମାନଙ୍କ ଦ୍ୱାରା ଉପେକ୍ଷିତ ହୋଇଥିବା ପୁରୁଷୋତ୍ତମଙ୍କ ନିମନ୍ତେ ଏକ ମନ୍ଦିର ନିର୍ମାଣ କାର୍ଯ୍ୟ ଚୋଡ଼ଗଙ୍ଗ ଦେବ କରିଥିଲେ । ଚୋଡ଼ଗଙ୍ଗଙ୍କ କୀର୍ତ୍ତି ପ୍ରସଙ୍ଗରେ କୁହାଯାଇଛି ଯେ -

‘ପ୍ରସାଦଂ ପୁରୁଷୋତ୍ତମସ୍ୟ ନୃପତିଃ କୋ ନାମ କର୍ତ୍ତୁଂକ୍ଷମଃ
ତସ୍ୟେତ୍ୟାଦି ନୃପୈରୁପେକ୍ଷିତ ମୟଂ ଚକ୍ରେୟତଥ ଗଙ୍ଗେଶ୍ୱରଃ ।’
(୧୧୯୮ ଖ୍ରୀଷ୍ଟାବ୍ଦ ଦାସଗୋବା ତାମ୍ର ଶାସନ)

ଉପରୋକ୍ତ ଶିଳାଲିପିରୁ ଚୋଡ଼ଗଙ୍ଗ ଦେବଙ୍କ ପୂର୍ବରୁ ଜଗନ୍ନାଥଙ୍କ ଜୀର୍ଣ୍ଣ ମନ୍ଦିରର ଅବସ୍ଥିତି ବିଷୟରେ ସୂଚନା ମିଳେ । ସ୍କନ୍ଦ ପୁରାଣର ଉତ୍କଳଖଣ୍ଡ ଷଷ୍ଠ ଅଧ୍ୟାୟ ୨ ଶ୍ଳୋକଠାରୁ ୮ ଶ୍ଳୋକ ମଧ୍ୟରେ ଉତ୍କଳର ପ୍ରଶସ୍ତି ସହିତ ପବିତ୍ର ପୁରୁଷୋତ୍ତମ କ୍ଷେତ୍ରର ମାହାତ୍ମ୍ୟ ବର୍ଣ୍ଣିତ ହୋଇଛି । ଏଥିରେ ଶ୍ରୀ ଜୈମିନୀ ଋଷି କହିଛନ୍ତି ଯେ - ଉତ୍କଳ ନାମରେ ଏକ ପରମ ପବିତ୍ର ବିଖ୍ୟାତ ଦେଶ ଅଛି । ଉକ୍ତ ଦେଶରେ ଅନେକ ତୀର୍ଥ ଓ ପୁଣ୍ୟ ସ୍ଥାନ ରହିଛି । ସେହି ଦେଶ ଦକ୍ଷିଣ ସମୁଦ୍ରର ତୀର

ଭାଗରେ ପ୍ରତିଷ୍ଠିତ । ସେଠାକାର ଲୋକ ସମୂହ ସଦାଚାର ପରାୟଣ, ବ୍ରାହ୍ମଣ ଗଣ ବେଦଜ୍ଞ ଓ ବେଦ ଅଧ୍ୟୟନ ତତ୍ପର ଏବଂ ଯଥା ବିଧାନରେ ଯାଗକର୍ତ୍ତା ଅଟନ୍ତି । ପୁନଶ୍ଚ ସ୍କନ୍ଦ ପୁରାଣର ଉତ୍କଳଖଣ୍ଡ ୭ମ ଅଧ୍ୟାୟର ୨୪ ଶ୍ଳୋକଠାରୁ ୨୯ ଶ୍ଳୋକ ଏବଂ ୧୫ ଅଧ୍ୟାୟର ୮ ଶ୍ଳୋକରେ ବର୍ଣ୍ଣିତ ହୋଇଥିବା ତଥ୍ୟରୁ ଜଣାଯାଏ ଯେ ଶ୍ରୀକ୍ଷେତ୍ରର ନୀଳଗିରି (ନୀଳପର୍ବତ) ନାନା ବୃକ୍ଷରେ ଆବୃତ ଥିଲା । ଏହି ଗିରିର ଅଗ୍ରଭାଗରେ ଏକ କ୍ରୋଶ ବ୍ୟାପୀ ଏକ କଳ୍ପବୃକ୍ଷ ଥିଲା । ଏହି ବୃକ୍ଷର ପଶ୍ଚିମରେ ବିଖ୍ୟାତ ରୋହିଣୀ କୁଣ୍ଡ । କୁଣ୍ଡର ପୂର୍ବ ତଟରେ ନୀଳକାନ୍ତମଣି ନିର୍ମିତ ଭଗବାନ ବାସୁଦେବଙ୍କ ମୂର୍ତ୍ତି ବିଦ୍ୟମାନ ଥିଲା । ଗିରିର ପଶ୍ଚିମ ଦିଗରେ ଶବର ଦୀପକ ନାମରେ ଏକ ବିଖ୍ୟାତ ଆଶ୍ରମ ଥିଲା । ଏହା ଶବର ଜାତିର ଗୃହ ସମୂହରେ ବେଷ୍ଟିତ ଥିଲା । ଶବର ପଲ୍ଲୀରୁ ନୀଳଗିରି ଉପରକୁ ଏକ ଏକପଦୀ ପଥ ଥିଲା । ପ୍ରଭୁ ନରସିଂହ ଦେବ ନୀଳଗିରି ଅଗ୍ରଭାଗରେ ଏକ କୃଷ୍ଣାଗୁରୁ ବୃକ୍ଷ ମୂଳରେ ଅବସ୍ଥାନ କରୁଥିଲେ । ସ୍କନ୍ଦ ପୁରାଣର ବର୍ଣ୍ଣନାନୁଯାୟୀ ଶ୍ରୀକ୍ଷେତ୍ର ତଥା ପୁରୁଷୋତ୍ତମ କ୍ଷେତ୍ରଟି ପୂର୍ବେ ଶବର ପଲ୍ଲୀ ଅଞ୍ଚଳ ଥିଲା । ପୁନଶ୍ଚ ବ୍ରହ୍ମ ପୁରାଣର ୪୨ ଅଧ୍ୟାୟରେ ବର୍ଣ୍ଣିତ ଅଛି ଯେ, ସମୁଦ୍ରର ଉତ୍ତର ତୀରରେ ଅବସ୍ଥିତ ଏହି ପବିତ୍ର ପୁରୁଷୋତ୍ତମ କ୍ଷେତ୍ର ପୂର୍ବେ ବାଲୁକାମୟ ଥିଲା । ଏଥିରେ ବିବିଧ ମନୋଜ୍ଞ କୁସୁମ ସମ୍ଭୁଭାସିତ ତରୁ ଓ ଗୁଳ୍ମାଦି ବିରାଜମାନ ଥିଲା । ଏହିପରି ରମଣୀୟ ସ୍ଥାନଟି ଅତି ଶିକ୍ଷିତ ସମ୍ଭ୍ରାନ୍ତ ଲୋକ ସମାଜର ବାସସ୍ଥାନ ଥିଲା । ଉଲ୍ଲେଖଯୋଗ୍ୟ ଯେ ଶ୍ରୀକ୍ଷେତ୍ର ନଗରୀ ସଭ୍ୟତା ଗଙ୍ଗ ବଂଶ ରାଜତ୍ୱରୁ ଯଥାକ୍ରମେ ଅଷ୍ଟ୍ରିକ୍, ଦ୍ରାବିଡ଼, ଆର୍ଯ୍ୟ, ଜୈନ, ବୌଦ୍ଧ, ଶାକ୍ତ, ଶୈବ, ଗାଣପତ୍ୟ ଓ ବୈଷ୍ଣବବାଦି ପଦବାହୀ ଓ ସଂସ୍କୃତିରେ ପରିପୁଷ୍ଟ । ବିଭିନ୍ନ ଧର୍ମାଚାର୍ଯ୍ୟଙ୍କ ମଧ୍ୟରେ ଶଙ୍କରାଚାର୍ଯ୍ୟ, ରାମାନୁଜ, ବଲ୍ଲଭାଚାର୍ଯ୍ୟ, ମାଧ୍ୱାଚାର୍ଯ୍ୟ, ଶ୍ରୀଚୈତନ୍ୟ, କବୀର, ନାନକ, ଶ୍ରୀଚାନ୍ଦ, ନିମ୍ବାର୍କ, ଅତିବଡ଼ୀ ଜଗନ୍ନାଥ ଦାସ, ଶଙ୍କର ଦେବ ପ୍ରଭୃତି ଧର୍ମଗୁରୁ ତଥା ମନିଷୀଗଣଙ୍କ ଆଗମନ ଓ ପ୍ରସାରରେ ସମୃଦ୍ଧ, ସୋମ, ଗଙ୍ଗ, ସୂର୍ଯ୍ୟ ଓ ଭୋଇ ବଂଶୀୟ ରାଜନ୍ୟବର୍ଗଙ୍କର ମହନୀୟତାରେ ସୁଖ୍ୟାତ ତୀର୍ଥ ଭୂମି ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିର ଅଦ୍ୟାବଧି ବିଦ୍ୟମାନ ହୋଇ ଜଗନ୍ନାଥ ସଂସ୍କୃତିର ପ୍ରସାର ଦ୍ୱାରା ବିଶ୍ୱରେ ପ୍ରତିଫଳିତ ହୋଇଆସୁଅଛି ।

ସ୍ୱତନ୍ତ୍ର ପଦାଧିକାରୀ
ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ

# ଆଦିବାସୀ ମହିଳା ସଶକ୍ତିକରଣ ଯୋଜନା

ଅନୁସୂଚିତ ଜନଜାତିର ସାମୂହିକ ଅର୍ଥନୈତିକ ପ୍ରଗତି ଅନେକାଂଶରେ ଆଦିବାସୀ ମହିଳାମାନଙ୍କ ଉପରେ ନିର୍ଭରଶୀଳ, କାରଣ ଏହି ମହିଳାମାନେ ପରିଶ୍ରମୀ ଓ ଉଦ୍ୟୋଗୀ । ଆଦିବାସୀ ମହିଳାମାନଙ୍କୁ ଅର୍ଥନୈତିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରିବା ପାଇଁ ଜାତୀୟ ଅନୁସୂଚିତ ଜନଜାତି ଅର୍ଥଲଗାଣ ଓ ଉନ୍ନୟନ ନିଗମ 'ଆଦିବାସୀ ମହିଳା ସଶକ୍ତିକରଣ ଯୋଜନା' ଓଡ଼ିଶାରେ ଆରମ୍ଭ କରିଅଛନ୍ତି ।

ଉକ୍ତ ଋଣ ନେବା ପାଇଁ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଆଦିବାସୀ ମହିଳାଙ୍କ ପରିବାରର ବାର୍ଷିକ ଆୟ ସର୍ବାଧିକ ୫୫ ହଜାର ଟଙ୍କା ଓ ୪୦ ହଜାର ଟଙ୍କା ହୋଇଥିବା ଦରକାର । ଆଦିବାସୀ ମହିଳା ହିତାଧିକାରୀଙ୍କୁ ୫୦ ହଜାର ଟଙ୍କା ଉକ୍ତ ଯୋଜନା ଦ୍ୱାରା ମିଳିପାରିବ । ବାର୍ଷିକ ୪ ଶତାଂଶ ସୁଧ ଦେଇ ୫ ବର୍ଷ ଭିତରେ ହିତାଧିକାରୀ ଏହି ଋଣ ପରିଶୋଧ କରିପାରିବେ ।

ଉକ୍ତ ଯୋଜନାରେ ଋଣ ପାଇବା ପାଇଁ ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଅର୍ଥଲଗାଣ ସମବାୟ ନିଗମର ସମସ୍ତ ଜିଲ୍ଲା କାର୍ଯ୍ୟାଳୟରୁ ତଥ୍ୟ ହିତାଧିକାରୀମାନେ ପାଇ ପାରିବେ । ଏହି ଯୋଜନା ଦ୍ୱାରା ୨୦୦୪-୦୫ ଆର୍ଥିକ ବର୍ଷ ଶେଷାର୍ଦ୍ଧ ସୁଦ୍ଧା କୋରାପୁଟ, ବରଗଡ଼ ଜିଲ୍ଲାରେ ଅଧିକ ହିତାଧିକାରୀ ଉପକୃତ ହୋଇଛନ୍ତି ବୋଲି ନିଗମ ସୂତ୍ରରୁ ପ୍ରକାଶ ।

# କ୍ଷେତ୍ର ରହସ୍ୟ

ବସନ୍ତ କୁମାର ଦାସ

**ବି**ଜ୍ଞାନର ବହୁଧା ବିଭକ୍ତ ପ୍ରଗତି ଓ ବିବର୍ତ୍ତନମୁଖୀ ମାନବିକ ମୂଲ୍ୟ ବିଧିର ଘଟାନ୍ତର ସତ୍ତ୍ୱେ ଏବେବି ବଡ଼ ଠାକୁର, ଉଦାରତା, ମହନୀୟତା, ବ୍ୟାପକତା ଏବଂ ସମନ୍ୱୟବାଦିତାରେ କୌଣସି ବ୍ୟାଘାତ ସୃଷ୍ଟିକରି ପାରିନାହିଁ । ଏହା ହିଁ ହେଉଛି ସେହି 'ଅପୋଡ଼ା ଭୂଇଁ'ର ବିଶେଷତ୍ୱ ।

ଶହ ଶହ ଜଗନ୍ନାଥ ମନ୍ଦିର ଓ ମୂର୍ତ୍ତିତ ଦେଶ ତଥା ବିଦେଶରେ ଛାଇ ହୋଇ ଯାଇଛି - କିନ୍ତୁ କାହିଁ ଶ୍ରୀକ୍ଷେତ୍ର ପରି ଆକର୍ଷଣ ? କାହିଁ ସେ ସମ୍ଭାର, କ'ଣ ସେ ରହସ୍ୟ ! ସେହି ରହସ୍ୟମୟ ଠାକୁରର ରହସ୍ୟକୁ ଉନ୍ମୋଚିତ କରିବାକୁ ଯାଇ କେତେ ସାଧୁ, ସନ୍ଥ, ସନ୍ୟାସୀ, ମହାତ୍ମା ପରିବ୍ରାଜକ ଏବଂ ଐତିହାସିକମାନେ ଗଳଦ୍‌ଘର୍ମ ପ୍ରୟାସ କରି ସୁଦ୍ଧା କିଛି କୂଳ କିନାରା କିମ୍ବା ସର୍ବସମ୍ମତି ମତ ପ୍ରଦାନ କରିବା ସମ୍ଭବ ହୋଇପାରିନାହିଁ ।

ନୀଳାଚଳ କ୍ଷେତ୍ରର ମାହାତ୍ମ୍ୟ ଓ ପ୍ରାଚୀନତାକୁ ଅନୁଧ୍ୟାନ କଲାବେଳେ ସେହିଭଳି ନାନା ମୁନିଙ୍କର ନାନା ମତର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଆମର ପ୍ରାଚୀନ ସାହିତ୍ୟ ଯାହାକୁ ଆମେ ଶାସ୍ତ୍ର ପୁରାଣ ଆଖ୍ୟାୟିକା ଏବଂ କିମ୍ବଦନ୍ତୀ ଭାବେ ଗ୍ରହଣ କରିଥାଉ ତାହା ବେଶ୍ ହୃଦୟସ୍ପର୍ଶୀ । ଶ୍ରୀମନ୍ଦିର ତଥା ପୁରୁଷୋତ୍ତମ କ୍ଷେତ୍ରର ରହସ୍ୟ ଉଦ୍‌ଘାଟନ କରିବାରେ ଉକ୍ତ ଗ୍ରନ୍ଥ ସମୂହ ଆମକୁ ବେଶ୍ ଖୋରାକ୍ ଯୋଗାଇଥାଏ ।

ଚାରିଯୁଗର ନିର୍ଯ୍ୟାସ ଏହି କ୍ଷେତ୍ରରେ ହିଁ ପ୍ରତିଫଳିତ । ଯୁଗାନୁସାରୀ ଏହି ଭୂଖଣ୍ଡରେ ନିତ୍ୟ ଲୀଳାର ସଂଯୋଗ ସ୍ଥାପିତ ହୋଇପାରିଛି ।

ବିଶ୍ୱାବସୁ ଶବରଙ୍କ ସେବା ସମୟରେ ନୀଳମାଧବଙ୍କ ସହିତ ନୀଳଗିରିରେ ନୃସିଂହ ମଧ୍ୟ ପୂଜା ପାଉଥିବା ସୂଚନାଟି ସ୍କନ୍ଦ ପୁରାଣରୁ ଲିପିବଦ୍ଧ ହୋଇଛି । ଏହି ନୃସିଂହ ଜଗନ୍ନାଥଙ୍କ ମନ୍ଦିରର ଦକ୍ଷିଣକୁ ମୁକ୍ତି ମଣ୍ଡପକୁ ଲାଗି ତାହାର ପଶ୍ଚିମକୁ ରହିଛନ୍ତି । ଶବରମାନଙ୍କ ଛଡ଼ା ଅନ୍ୟ କୌଣସି ଲୋକ ସେସମୟରେ ନୀଳଗିରିକୁ ଯିବା ସମ୍ଭବ ହୋଇ ନଥିବାରୁ ଏ ଦେବତାମାନେ ଶବର ବିଶ୍ୱାବସୁଙ୍କ ଦ୍ୱାରା ହିଁ ପୂଜା ପାଉଥିବା ବର୍ଣ୍ଣନାକୁ ସ୍ୱୀକାର କରିବାକୁ ହେବ ।

ତ୍ରିମୂର୍ତ୍ତିମାନଙ୍କ ଆବିର୍ଭାବ ପୂର୍ବରୁ ସ୍ୱୟଂ ନାରାୟଣ ନୀଳମାଧବ ରୂପରେ ପୂଜା ପାଉଥିଲେ ଏବଂ ପ୍ରଳୟ କାଳରେ ମଧ୍ୟ ତାଙ୍କର ଅସ୍ତିତ୍ୱ ଥିଲା । ମହାପ୍ରଳୟ କାଳରେ ନୀଳଗିରିର ଅକ୍ଷୟବଟ ପ୍ରଳୟ ଜଳରେ ନିମଗ୍ନ ହୋଇ ନଥିଲା ଏବଂ ଏହି ବୃକ୍ଷର ମୂଳରେ ମହର୍ଷି ମାର୍କଣ୍ଡେୟ ନାରାୟଣଙ୍କ କୋଳରେ ଭାସମାନ ଅବସ୍ଥାରେ ଆଶ୍ରୟ ଗ୍ରହଣ କରି ତାଙ୍କର ସାନ୍ନିଧ ଲାଭ କରିଥିଲେ । ନୀଳମାଧବଙ୍କ ସ୍ୱରୂପକୁ ବର୍ଣ୍ଣନା କରିବାକୁ ଯାଇ କୁହାଯାଇଛି - ଯୁଗଳ ମକର ମୁଖ କର୍ଣ୍ଣଭୂଷଣରେ କର୍ଣ୍ଣ ଶୋଭିତ । କଣ୍ଠ ଦେଶରେ ଆକର୍ଷଣୀୟ ଭୂଷଣ, ଏକ ହସ୍ତରେ ଦକ୍ଷିଣାବର୍ତ୍ତ ଶଙ୍ଖ । ଚତୁର୍ବାହୁ । ବାହୁ ଅଜାନୁ ଲମ୍ବିତ । ସ୍କନ୍ଦ ଯୁଗଳ ପୀନ ଓ ଆୟତ୍ତ । ବକ୍ଷସ୍ଥଳରେ ହାର । ଗଳାରେ କୌସ୍ତୁଭ ମଣି, କଣ୍ଠ ଲମ୍ବିତ ମାଳା ନାଭିଦେଶ ପର୍ଯ୍ୟନ୍ତ ସ୍ପର୍ଶ କରୁଛି । ପ୍ରଭୁ ସ୍ଥାଣୁଭଳି ଅଚଳ ଭାବରେ ଅବସ୍ଥାନ କରୁଛନ୍ତି । ସ୍କନ୍ଦଦ୍ୱୟ ଉତ୍ତମ ରତ୍ନମୟ କାଞ୍ଚି ଦାମ ଓ ମୁକ୍ତା ନିର୍ମିତ କିଙ୍କିଣୀ ମାଳାରେ ଶୋଭା ପାଉଛି । ପରିଧାନ ପୀତ ବସନ । ମୁକ୍ତା ମାଳା ଜଙ୍ଘ ପର୍ଯ୍ୟନ୍ତ ପ୍ରସାରିତ । ଚରଣଦ୍ୱୟ ରତ୍ନ ବଳୟରେ ଶୋଭିତ । ହାର, କଙ୍କଣ କେୟୁର ମୁକୁଟ ପ୍ରଭୃତି ଅଳଙ୍କାରରେ ପ୍ରଭୁଙ୍କ ତନୁ ଶୋଭିତ । ଚତୁର୍ବାହୁରେ ଯଥାକ୍ରମେ ଶଙ୍ଖ, ଚକ୍ର, ଗଦା, ପଦ୍ମ । ରୂପ ଜ୍ଞାନ ଅହଙ୍କାର ଐଶ୍ୱର୍ଯ୍ୟ ଓ ଦେବରାଶି ଧାରଣ କରିଛନ୍ତି । ଏହି ନୀଳମାଧବଙ୍କ ପାଖରେ ଲକ୍ଷ୍ମୀ ସର୍ବବଧ ଅଳଙ୍କାରରେ ବିଭୂଷିତା ହୋଇ ଭଗବାନଙ୍କ ମୁଖ ମଣ୍ଡଳକୁ ନୟନ ନିକ୍ଷେପ ପୂର୍ବକ ବୀଣା ବାଦନ କରୁଛନ୍ତି । ପଶ୍ଚାତ୍ ଭାଗରେ ଅନନ୍ତ, ଦେବ ଫଣା ସମୂହ ଛାୟାକାର ରହିଛନ୍ତି । ଅଗ୍ରରେ ଦେହଧାରୀ ସୁଦର୍ଶନ ବିଦ୍ୟମାନ । ପଶ୍ଚାତ୍ ଭାଗରେ କୃତାଞ୍ଜଳି ପୁଟରେ ଗରୁଡ଼ ଅବସ୍ଥାନ କରୁଛନ୍ତି ।

ବଲ୍ଲକୀ ବାଦନ ପରା ଭଗବାନନ୍ମୁଖ ଖ-ଲୋଚନା
ସର୍ବ ଲାବଣ୍ୟ ବସତି ସର୍ବାଳଙ୍କାର ଭୂଷିତା

ବିଦ୍ୟାପତି ଏହି ନୀଳମାଧବଙ୍କୁ ଦର୍ଶନ କରିଥିଲେ । ସହସ୍ର ଜନ୍ମର ଅଭ୍ୟାସ ଦ୍ୱାରା ନୀଳାଚଳବାସୀ ଜଗଦ୍‌ପତି ମାଧବଙ୍କ ଭକ୍ତି ଜାତ ହୁଏ ।

ସହସ୍ର ଜନ୍ମ ସୁଭ୍ୟାସ୍ୟା ଭକ୍ତିର୍ଭବତି ଭୂପତେ
ନୀଳାଚଳ ଗୁହାବାସେ ମାଧବେ ଜଗତାଂ ଧରୌ ।

ଏଥିରୁ ଜଣାଯାଏ ସୃଷ୍ଟିର ଆଦ୍ୟରୁ ନାରାୟଣ ଆରାଧନାର ସ୍ରୋତ ଏଠାରେ ପ୍ରବାହିତ ହୋଇଛି ।

ନୀଳାଚଳ ଧାମର ସର୍ବବାଦୀ ସମ୍ମତ ଭାବେ ମାତ୍ର ଏତିକି କୁହାଯାଇପାରେ ଯେ, ଇନ୍ଦ୍ରଦ୍ୟୁମ୍ନ ପୁଣି ସାର୍ବଭୌମ ରାଜା ଥିବାର ସ୍ୱୀକାର କରାଯାଇଛି । ତେବେ ତାଙ୍କ ଶାସନ ରାଜତ୍ୱ ପରିପ୍ରେକ୍ଷୀରେ ବହୁମତ ଦର୍ଶାଯାଇଥାଏ ।

ଇନ୍ଦ୍ରଦ୍ୟୁମ୍ନ ସତ୍ୟଯୁଗର ରାଜାଭାବେ ଗ୍ରହଣ କରାଯାଇଛି । ନାରଦ ପୁରାଣ ଓ ସ୍କନ୍ଦ ପୁରାଣରେ ମଧ ଏହି ମତକୁ ସ୍ୱୀକାର କରାଯାଇଛି ।

ଅସୀତ୍ କୃତ୍ ଯୁଗେ ବିପ୍ରା ଇନ୍ଦ୍ରଦ୍ୟୁମ୍ନୋ ମହାନୃପଃ
ସୂର୍ଯ୍ୟବଂଶେ ସ ଧର୍ମାତ୍ମା ସୃଷ୍ଟଃ ପଞ୍ଚମ ପୁରୁଷଃ ।

ଦ୍ୱିତୀୟ ଅମରାବତୀ ତୁଲ୍ୟ ସର୍ବ ରତ୍ନମୟୀ ବିଖ୍ୟାତ ଅବନ୍ତୀ ନଗରରେ ଇନ୍ଦ୍ରଦ୍ୟୁମ୍ନ ଅବସ୍ଥାନ କରୁଥିଲେ ଏବଂ ସେ କାୟମନୋ ବାକ୍ୟରେ ବିଷ୍ଣୁଙ୍କ ପ୍ରତି ଅଟଳ ପରମ ଅଦ୍ଭୁତ ଭକ୍ତି ଦେଖାଉଥିଲେ ।

ଏଣୁ ପୁରୁଷୋତ୍ତମ କ୍ଷେତ୍ର ସ୍ୱୟଂ ପୁରୁଷୋତ୍ତମଙ୍କର ବପୁ ସ୍ୱରୂପ ପୁରୁଷୋତ୍ତମ ସର୍ବସଙ୍ଗ ପରିତ୍ୟାଗ କରି ସୁରାସୁରମାନଙ୍କୁ ଅତିକ୍ରମ କରି ଦେହ ଧାରଣ ପୂର୍ବକ ଏହି କ୍ଷେତ୍ରରେ ଅଧିଷ୍ଠାନ କରିଥାଆନ୍ତି । ଏହି କ୍ଷେତ୍ର ସେହି ହେତୁ ସୃଷ୍ଟି ପ୍ରଳୟର ଆକ୍ରମଣରୁ ବହିର୍ଭୂତ । ପୃଥିବୀର ଏହି ସ୍ଥାନଟି ପରମ ଗୂହ୍ୟ ।

ସର୍ବସଙ୍ଗ ପରିତ୍ୟକ୍ତ ସ୍ତତ ତିଷ୍ଠାମି ଦେହଭୃତ
ସୁରାସୁରୀନତିକ୍ରମ୍ୟ ବର୍ତ୍ତେଽହଂ ପୁରୁଷୋତ୍ତମ ।
ସୃଷ୍ଟ୍ୟାଲୟେ ରଜା ତ୍ରାନ୍ତଃ କ୍ଷେତ୍ରମେ ପୁରୁଷୋତ୍ତମମ୍
ପୃଥିବ୍ୟାଂ ଗୋପିତଂ ସ୍ଥାନଂ ତବଚାପି ସୁଦୁର୍ଲଭ୍ୟ ।

ତୈତିରୀୟ ଶ୍ରୁତି ଓ ଅର୍ଥବ ବେଦରେ କ୍ଷେତ୍ରର ପ୍ରାଚୀନତା ତଥା ମାହାତ୍ମ୍ୟକୁ ଦେଖିବାକୁ ମିଳିଥାଏ ।

ପରବର୍ତ୍ତୀ ପର୍ଯ୍ୟାୟରେ ତ୍ରେତୟାରେ ଏ କ୍ଷେତ୍ରକୁ ଏକ ସୁନ୍ଦର ଆଖ୍ୟାୟିକା ଭାବେ ଗ୍ରହଣ କରାଯାଇଛି । ଜଗନ୍ନାଥ - ରାମଙ୍କୁ ଏଠାରେ ଅଭିନ୍ନ ଏବଂ ଏକତ୍ୱ ମଧ୍ୟରେ ଦର୍ଶାଯାଇଛି । ବିଭିନ୍ନ ଚରିତ୍ରର ସମାବେଶକୁ ନେଇ ସମାଜ ଗଠିତ । ଏଥିରେ ଭିନ୍ନ ଭିନ୍ନ ରୁଚିର ଉପାସନା ତଥା ବ୍ୟକ୍ତିଙ୍କୁ ଦେଖିବାକୁ ମିଳିଥାଏ । ଶାସ୍ତ୍ର ରଚନା ପରିପ୍ରେକ୍ଷୀରେ ଏହି ଦିଗ ପ୍ରତି ଶାସ୍ତ୍ରକାରମାନେ ବିଶେଷ ଦୃଷ୍ଟି ଦେଇଥିବାର ଲକ୍ଷ୍ୟ କରାଯାଇଥାଏ ।

ବେଦମତୀ ସୀତାରୂପେ ଆବିର୍ଭାବ ହୋଇଥିଲେ । ପରମ ଧାର୍ମିକ ରାଜର୍ଷି ମିଥିଳାପୁରର ରାଜା ଜନକଙ୍କର ପୁତ୍ରକନ୍ୟା ନ ହେବାରୁ ମନ କଷ୍ଟରେ କାଳାତିପାତ କରୁଥିଲେ । ନିଃସନ୍ତାନ ଥାଇ ଜୀବନ ସୁଖମୟ ହେବା ସମ୍ଭବ ନୁହେଁ । ପୁତ୍ରକନ୍ୟା ପ୍ରାପ୍ତିରେ ସଂକଳ୍ପ କରି ରାଜା ଜନକ ରାଜ୍ୟ ଶାସନ ପାଇଁ ପାତ୍ର ମନ୍ତ୍ରୀଙ୍କ ହାତରେ କ୍ଷମତା ଅର୍ପଣ କରି ବନ ମଧ୍ୟରେ ତପ ଆଚରଣରେ ବ୍ରତୀ ହେଲେ । ତମସା ନଦୀ ତୀରସ୍ଥ ବନରେ ତପ ଆରମ୍ଭ କଲେ । ଜନକ ମହାରାଜ ତପସ୍ୟା କରୁଥିବା ସମୟରେ ଦିନେ ସ୍ୱର୍ଗର ଅପସରା ମେନକା ଆକାଶରେ ଯାଉଥିଲେ, ଜନକ ତାଙ୍କପ୍ରତି ଶ୍ରଦ୍ଧା ପରବେଶ ହେବାରୁ ସେ ଶୂନ୍ୟରେ ଥାଇ ଜନକଙ୍କୁ କହିଲେ, 'ମୋର ରୂପ ଲାବଣ୍ୟ ଦେଖି ତୁମେ ମୋ' ପରି ସୁନ୍ଦର ଏକ କନ୍ୟା ଲାଭ କରିବା ଚିନ୍ତା କରୁଛ, ମୁଁ ଇନ୍ଦ୍ରଙ୍କ ଶାପ ବଶରୁ ବହୁକାଳ ମର୍ତ୍ତ୍ୟରେ ଜନ୍ମ ହୋଇ ରହିଥିଲି, ଏବେ ଶାପ କାଳ ପୂର୍ଣ୍ଣ ହେବାରୁ ମୁଁ ସ୍ୱର୍ଗକୁ ଫେରିଯାଉଛି । ମୋ'ଠାରୁ ଶତଗୁଣ ତୁମ୍ଭର ଏକ କନ୍ୟାପ୍ରାପ୍ତ ହେବ । କୁଶଧ୍ୱଜ ମୁନିସୁତ ବେଦମତୀ ତୁମ୍ଭର ଦୁହିତା ରୂପେ ଜନ୍ମ ଗ୍ରହଣ କରିବେ । ସେ ପୁଣି କହିଲେ, ସମୁଦ୍ର ଦକ୍ଷିଣ ତୀର ବାଲି ଭିତରେ ବେଦମତୀର ଶବ ପଡ଼ି ପୋତି ହୋଇଯାଇଛି । ତୁମେ ସୁବର୍ଣ୍ଣର ଲଙ୍ଗଳରେ ଚାଷକର, କନ୍ୟା ରତ୍ନକୁ ଅବଶ୍ୟ ପାଇବ, ମେନକା ଏତକ କହି ସ୍ୱର୍ଗକୁ ଚାଲିଗଲେ । ଜନକ ମହାରାଜ ସନ୍ତୋଷ ମନରେ ରାଜ୍ୟକୁ ପ୍ରତ୍ୟାଗମନ କରି ପାତ୍ର ମନ୍ତ୍ରୀମାନଙ୍କୁ ସମସ୍ତ ବୃତ୍ତାନ୍ତ ଅବଗତ କରାଇଲେ । 'ମୁଁ ଦକ୍ଷିଣ ମହୋଦଧିରେ ଯଜ୍ଞ ଆରମ୍ଭ କରିବି । ସବୁ ଆୟୋଜନ ସୂଚାରୁ ରୂପେ ଆରମ୍ଭ କର ।'

ମହାରାଜ କାଳ ବିଳମ୍ବ ନକରି ଦକ୍ଷିଣ ସମୁଦ୍ର ଉପକୂଳକୁ ଗମନ କଲେ ଏବଂ ତାଙ୍କ ସଙ୍ଗେ ବହୁ ଋଷି ମଧ ଗଲେ । ପୂର୍ଣ୍ଣାହୂତି ଦେଇ ଯଜ୍ଞ କାର୍ଯ୍ୟ ଉଦ୍‌ଯାପନ କଲେ । ପୂର୍ବରୁ ସ୍ୱର୍ଣ୍ଣ ଲଙ୍ଗଳ ପ୍ରସ୍ତୁତ ହୋଇ ରହିଥିଲା । ସେ ଲଙ୍ଗଳରେ ଯଜ୍ଞ ଭୂମି ଚାଷ କରାଇଲେ । ଫାଳ ମୁନରେ ଲୁହାର ମଞ୍ଜୁଷା ବାହାରିଲା । ମଞ୍ଜୁଷା ଫିଟାଇବାରୁ ତା'ଭିତରେ ଅପୂର୍ବ ରୂପ ଲାବଣ୍ୟମୟୀ ଏକ କନ୍ୟା ଥିବା ଦେଖିଲେ । ସମସ୍ତଙ୍କ ମନ ଆନନ୍ଦିତ ହେଲା । ଜନକ କନ୍ୟାକୁ କୋଳରେ ଧରିଲେ, ଆକାଶରୁ ଦେବତାମାନେ ପୁଷ୍ପ ବୃଷ୍ଟି କଲେ । ସ୍ୱୟଂ ଲକ୍ଷ୍ମୀ କନ୍ୟା ରୂପେ ଅବତୀର୍ଣ୍ଣ ହୋଇଥିଲେ ।

ଫାଳମୁନରୁ ଜାତ ହୋଇଥିବାରୁ ଏହାଙ୍କ ନାମ 'ସୀତା' ବୋଲି ମୁନିଋଷିମାନେ ଘୋଷଣା କଲେ । ବୈଦେହୀ ଯୋଜନାଗନ୍ଧା ମୈଥିଳୀ, ପାର୍ଥବୀ ବୋଲି ତାଙ୍କର ଅନ୍ୟନାମ ହେଲା ।

ଜନକଙ୍କ ଦକ୍ଷିଣ ସମଦ୍ର ଉପକୂଳସ୍ଥ ଯଜ୍ଞଭୂମି ଏହି ପୁରୁଷୋତ୍ତମ କ୍ଷେତ୍ର ବା ଶ୍ରୀକ୍ଷେତ୍ର ବୋଲି କଥିତ । ବର୍ତ୍ତମାନ ଗୁଣ୍ଡିଚା ମନ୍ଦିର ଯେଉଁଠାରେ ଅବସ୍ଥିତ, ସେହି ସ୍ଥାନରେ ମହାରାଜା ଜନକ ଯଜ୍ଞ କରୁଥିଲେ ଏବଂ ଏହି ଅଞ୍ଚଳରେ ଯଜ୍ଞଭୂମି ଚାଷ ହୋଇଥିଲା । ସୀତାଙ୍କର ଆବିର୍ଭାବ ଏହି ସ୍ଥାନକୁ ପବିତ୍ର କ୍ଷେତ୍ର ରୂପରେ ଗ୍ରହଣ କରାଯାଇଥାଏ । ରାମାୟଣ ଚରିତ କିମ୍ବଦନ୍ତୀକୁ ସମର୍ଥନ କରୁଛି ।

ଏହି କିମ୍ବଦନ୍ତୀ ମିଥିଳା ଦେଶରେ ମଧ ପ୍ରଚଳିତ ହୋଇ ଏ ପର୍ଯ୍ୟନ୍ତ ରହି ଆସିଛି । ସେହି ଅଞ୍ଚଳରୁ ଯେଉଁ ହିନ୍ଦୁ ଯାତ୍ରୀମାନେ ପୁରୁଷୋତ୍ତମ କ୍ଷେତ୍ରକୁ ଆସନ୍ତି, ସେମାନଙ୍କ ପକ୍ଷେ ଏହି ଗୁଣ୍ଡିଚା ମଣ୍ଡପ ବା ଯଜ୍ଞ ମଣ୍ଡପ ସୀତାଙ୍କ ଜନ୍ମସ୍ଥାନ ହେତୁ ପରମ ତୀର୍ଥ ସ୍ଥାନ ଅଟେ । ଜଗନ୍ନାଥଙ୍କୁ ରାମ ରୂପେ ମଧ ସେମାନେ ଦେଖନ୍ତି । କୌତୁକ ଛଳରେ କ୍ଷେତ୍ରବାସୀମାନେ ଅର୍ଥାତ୍ ଜଗନ୍ନାଥ ବା ରାମଙ୍କ ଦେଶର ଲୋକେ ସୀତାଙ୍କ ଦେଶ ବା ମିଥିଳା ପୁରର ଲୋକଙ୍କୁ 'ଶାଳକ' ସମ୍ବୋଧନ କରନ୍ତି ଏବଂ କୌତୁକ ଭାବ ବିନିମୟ ହୋଇଥାଏ ।

ପଞ୍ଚଦଶ ଶତକ ତଥା ଷୋଡ଼ଶ ଶତାବ୍ଦୀୟ କବି ଭାବୁକ ତଥା ପଞ୍ଚସଖା ଯୁଗର ସାଧକମାନେ ଶ୍ରୀରାମ ଓ ଜଗନ୍ନାଥଙ୍କ ଅଭ୍ୟୁଦୟ ସମ୍ପର୍କରେ ବର୍ଣ୍ଣନା ମଧ କରି ଯାଇଛନ୍ତି । ଏପରିକି ରାମ, ଲକ୍ଷ୍ମଣ, ସୀତାଙ୍କ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଭାବେ ବର୍ଣ୍ଣନା କରିଯାଇଛନ୍ତି । ପଞ୍ଚସଖା ପରିବାରର ଅନ୍ୟତମ ବରିଷ୍ଠ ସାଧକ କବି ବଳରାମ ଦାସ ତାଙ୍କ ଦାଣ୍ଡି ରାମାୟଣରେ ଏହାକୁ ସୁନ୍ଦର ଭାବେ ବର୍ଣ୍ଣନା କରି ଯାଇଛନ୍ତି ।

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସ୍ୱରଚିତ କାବ୍ୟ 'ବୈଦେହୀ ଓ ବିଳାସ'ରେ ରାମ ସୀତାଙ୍କ ବାହୁଡ଼ା ବିଜେକୁ ରଥଯାତ୍ରା ସହିତ ତୁଳନା କରି ଗୁଣ୍ଡିଚାବାଡ଼ିକୁ ଜନକପୁର ଓ ବଡ଼ଦେଉଳକୁ ସାକେତ ପୁରୀ ବା ଅଯୋଧ୍ୟା ବୋଲି ପ୍ରକାଶ କରିଛନ୍ତି । କେବଳ ସେତିକି ନୁହେଁ, 'ସୁଭଦ୍ରା ପରିଣୟ' କାବ୍ୟରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀରାମ ଜଗନ୍ନାଥ ରୂପରେ ପୂଜା ପାଉଥିବାର ବର୍ଣ୍ଣନା କରିଛନ୍ତି ।

ରାମ ଭକ୍ତ ସନ୍ଥ ତୁଳସୀ ଦାସ ଶ୍ରୀକ୍ଷେତ୍ରରେ ଅବସ୍ଥାନ ସମୟରେ ଦୁଇ ଦୁଇ ଥର ରତ୍ନ ସିଂହାସନରେ ତାଙ୍କର ପରମ ଆରାଧ ପ୍ରାଣ ପ୍ରତିମ ଶ୍ରୀରାମଙ୍କ ଦର୍ଶନ ନପାଇ ବିଫଳ ମନୋରଥ ହୋଇ ଫେରିଯିବା ଅବସରରେ ପଥଭ୍ରାନ୍ତ ହୋଇ ରାତ୍ରିରେ ଶ୍ରୀକ୍ଷେତ୍ରଠାରୁ ଅନତି ଦୂରରେ ବିଶ୍ରାମ ଅବସ୍ଥାରେ ସ୍ୱପ୍ନାବିଷ୍ଟ ହୋଇ ପୁଣି ପ୍ରତ୍ୟୁଷରୁ ଶ୍ରୀକ୍ଷେତ୍ର ଆଗମନ କରି ରତ୍ନ ସିଂହାସନରେ ଧନୁର୍ଦ୍ଧାରୀ ରାମ, ମାତା ସୀତା ଏବଂ ଲକ୍ଷ୍ମଣଙ୍କୁ ଦର୍ଶନ କରି ପରମ ତୃପ୍ତି ଲାଭ କରିଥିଲେ ।

ଏବେ ଦ୍ୱାପର ଯୁଗକୁ ଫେରି ଆସିଲେ ଶ୍ରୀକୃଷ୍ଣଙ୍କ ସହ ଜଗନ୍ନାଥଙ୍କ ଅଭେଦତ୍ୱ ବହୁ ଭାବରେ ପ୍ରତିପାଦିତ ହୋଇଛି । ରାମ, କୃଷ୍ଣ ଜଗନ୍ନାଥଙ୍କୁ ଆଶ୍ରୟ କରି ବହୁ ଗ୍ରନ୍ଥ ଲେଖାଯାଇଛି । ଶ୍ରୀକୃଷ୍ଣଙ୍କ ଅପୋଡ଼ା ପିଣ୍ଡ ଶ୍ରୀକ୍ଷେତ୍ରରେ ଜଗନ୍ନାଥଙ୍କ ବ୍ରହ୍ମ ରୂପରେ ପୂଜା ପାଉଛନ୍ତି ବୋଲି ଓଡ଼ିଆ ସାହିତ୍ୟର ପ୍ରଥିତଯଶା କବି ସାରଳା ଦାସ 'ମହାଭାରତ' କାବ୍ୟର ବନ ପର୍ବରେ ସ୍ପଷ୍ଟ କରିଛନ୍ତି ।

ଶ୍ରୀକୃଷ୍ଣଙ୍କ ଦ୍ୱାରିକା ଲୀଳା ପରିପ୍ରେକ୍ଷୀରେ ରାଣୀ ତଥା ପାଟ ମହାରାଣୀଙ୍କ ଅନୁରୋଧ କ୍ରମେ ମାତା ରୋହିଣୀ କୃଷ୍ଣ ବଳରାମଙ୍କ ବୃନ୍ଦାବନରେ ରାଧାକୃଷ୍ଣଙ୍କ ରାସଲୀଳାର ତାତ୍ପର୍ଯ୍ୟ ତଥା ସେ ଆହ୍ଲାଦିନୀ ଶକ୍ତିର ପରାକାଷ୍ଠାକୁ ଜାଣିବା ପାଇଁ ଅଝଟ କରିବାରୁ ମାତା ରୋହିଣୀଙ୍କ ବାରଣ ସତ୍ତ୍ୱେ ବୋହୂମାନଙ୍କ ସ୍ନେହ ଆକର୍ଷଣରେ ଅଭିଭୂତା ରୋହିଣୀ ଯେଉଁ ରସୋତ୍ତୀର୍ଣ୍ଣ ଗୋପଲୀଳା ପରିବେଷଣ କରିଥିଲେ, ରାଜ କାର୍ଯ୍ୟ ସମ୍ପାଦନ କରୁଥିବା କୃଷ୍ଣ ବଳରାମ ଭକ୍ତ ଆହ୍ଲାଦିନୀ ଶକ୍ତିର ଆକର୍ଷଣରେ ସ୍ଥିର ରହିନପାରି ପ୍ରାସାଦ ଅଭିମୁଖେ ଧାବମାନ ହୋଇଥିଲେ କିନ୍ତୁ ପ୍ରାସାଦର ଅନ୍ତଃପୁରକୁ ପ୍ରବେଶ କରିବା ପୂର୍ବରୁ, ଭଗିନୀ ସୁଭଦ୍ରା ଦ୍ୱାର ଦେଶରେ ସେମାନଙ୍କ ଭିତର ପ୍ରବେଶକୁ ଓଗଳାଇ ଥିଲେ । କାରଣ ମାତାଙ୍କର ତାହା ହିଁ କଡ଼ା ନିର୍ଦ୍ଦେଶ ଥିଲା । କୌଣସି ଅବସ୍ଥାରେ ବଳରାମ କୃଷ୍ଣ ଯେପରି ଏହା ଶୁଣି ନପାରନ୍ତି, ସେଥିପାଇଁ ଦ୍ୱାର ଦେଶରେ ସୁଭଦ୍ରା ଦୁଇ ଭାଇଙ୍କର ଭିତର ପ୍ରବେଶକୁ ନିଷିଦ୍ଧ କରିବା ପାଇଁ ମୃତୟନ ଥିଲେ । ଦୁଇଭାଇ ଦ୍ୱାର ଦେଶରେ ଅଟକି ଯାଇଛନ୍ତି । ବାମ ପଟେ ଶ୍ରୀକୃଷ୍ଣ, ମଝିରେ ସୁଭଦ୍ରା, ଡାହାଣ ପଟେ ବଳରାମ । ନିଭୃତ ଅନ୍ତଃପୁରରୁ ଭାସି ଆସିଛି ସେହି ଆହ୍ଲାଦିନୀ ଶକ୍ତିଯୁକ୍ତ ନୀରବ କଥୋପକଥନ । ସେହି ପ୍ରେମ ମନ୍ଦାକିନୀ ଆହ୍ଲାଦିନୀ ଶକ୍ତିର ପ୍ରବାହରେ ଜଡ଼ ପାଲଟି ଯାଇଛନ୍ତି ତିନିମୂର୍ତ୍ତି । ସବୁ ନୀରବ ନିସ୍ତବ୍ଧ ସେହି ଶକ୍ତିର ଆହ୍ୱାନରେ କ୍ରମଶଃ ଶରୀର ସବୁ ଦାରୁଭୂତ ସଦୃଶ ପ୍ରତୀୟମାନ । ଏହି ସମୟରେ ସବୁ ପୁରକୁ ଅବାଧରେ ପ୍ରବେଶ କରି ପାରୁଥିବା ନାରଦ ପ୍ରଭୁଙ୍କ ଅନ୍ୱେଷଣରେ ଭକ୍ତ କ୍ଷେତ୍ରରେ ଉପଗତ ହୋଇଯାଇଛନ୍ତି, ଏଭଳି ବିଚିତ୍ର କିମ୍ଭୁତ କିମାକାର ମୂର୍ତ୍ତିକୁ ଦେଖି ନାରଦ ଆଚମ୍ବିତ ତଥା ସ୍ତବ୍ଧ ହୋଇ ଯାଇଛନ୍ତି ଏବଂ ଏତାଦୃଶ ଅବସ୍ଥାର ଦର୍ଶନରେ ଆବେଗଭରା କଣ୍ଠରେ ଭଗବାନଙ୍କ ସ୍ତୁତି କରିବାକୁ ଲାଗିଲେ । କିଛି ସମୟ ପରେ ପରିସ୍ଥିତି ସ୍ୱାଭାବିକ ଅବସ୍ଥାକୁ ଆସିଛି । ଉପସ୍ଥିତ ସମସ୍ତେ ପ୍ରକୃତିସ୍ଥ ହୋଇଛନ୍ତି । ସେହି ଅବସରରେ ନାରଦ ଅନୁରୋଧ କରିଛନ୍ତି ପ୍ରଭୁଙ୍କର ସେହି ଅଦ୍ଭୁତ ତଥା ଲାବଣ୍ୟ ମୂର୍ତ୍ତିକୁ ଦେଖିବା ପାଇଁ । ଶ୍ରୀକୃଷ୍ଣ ନାରଦକୁ ପ୍ରତିଶ୍ରୁତି ଦେଇଛନ୍ତି କେବଳ ଏହି ରୂପ ଦେଖିବା ପାଇଁ ତୁମ୍ଭେ ଇଚ୍ଛା କରିନାହଁ ମୋର ପରମ ଭକ୍ତ ଇନ୍ଦ୍ରଦ୍ୟୁମ୍ନ ଏବଂ ମାତା ବିମଳା ମଧ ଏଭଳି ସାନିଧ ପାଇଁ ପ୍ରତିଶ୍ରୁତିବଦ୍ଧ, ତାହା ହିଁ ହେବ । ପରବର୍ତ୍ତୀ ଯୁଗରେ ମହୋଦଧି ତୀରରେ ଆମର ସେହି ଅତ୍ୟାଶ୍ଚର୍ଯ୍ୟ ଦାରୁଭୂତ ମୂର୍ତ୍ତିକୁ ସମସ୍ତେ ଦର୍ଶନ କରିବେ ।

ତାହା ହିଁ ଘଟିଛି ପୂର୍ବ ଅଭିଶାପ ପରିପ୍ରେକ୍ଷୀରେ ଶାମ୍ବକୁ ନାରୀ ବେଶ କରି ମୁନିମାନଙ୍କ ନିକଟରେ ଛଳନା କରିଥିବାରୁ ସେ ଏବେ କାର୍ଯ୍ୟକାରୀ ହୋଇଛି । ଏରକାର ବନରେ ଯଦୁବଂଶ ମଦିରା ମତ୍ତ ହୋଇ ପରସ୍ପର ମଧ୍ୟରେ ଗୋଳକରି ନିହତ ହେଲେ । ବଳରାମ ଯୋଗ ବଳରେ ଶରୀର ଛାଡ଼ିଲେ । ନିଜେ କର୍ତ୍ତା ସେଥିରୁ ବାଦ୍ ଯିବେ କିପରି ? ନରତନୁ ଧାରଣ କରି ଯେତେବେଳେ ଧରାପୃଷ୍ଠକୁ ଆସିଛନ୍ତି ମାନବ ଧର୍ମର ବ୍ୟତିକ୍ରମ ସମ୍ଭବ ନୁହଁ, ଅବଶେଷରେ ମହୋଦଧି ତଟସ୍ଥ ଘଞ୍ଚ ଜଙ୍ଗଲ ପରିବେଷ୍ଟିତ ଶିଆଳୀ ଲତା ତଳେ ଭାରାକ୍ରାନ୍ତ ଶରୀରକୁ ବିଶ୍ରାମ ପରିପ୍ରେକ୍ଷୀରେ ଶରବିଦ୍ଧ ହେଲେ ଜରା ଶବରର ଧନୁ ଟଙ୍କାରରେ ।

ଗୋଟିଏ ଯୁଗର ଅବସାନ ଘଟିଲା । ଯାହାର ଶକ୍ତି ବା କଳା ପ୍ରଦାନରେ ଅର୍ଜ୍ଜୁନ ବଳୀୟାନ ହୋଇପାରିଥିଲେ । କୌଶଳରେ ସେ କଳାକୁ ହରଣ କରି ନେଲେ । ଏବେ ଯେଉଁ ଗାଣ୍ଡିବ ହାତେ, ସେହି ଗାଣ୍ଡିବ ମାଥେ । ଆଜି ଅର୍ଜ୍ଜୁନ ବିଷର୍ଣ୍ଣ । ନିସ୍ତେଜ ଯୁଗାନ୍ତର ବେଳକୁ ଏହା ହିଁ ଘଟିଥାଏ । ପାଣ୍ଡବ ଅନ୍ୟ ଭ୍ରାତାମାନଙ୍କର ଇନ୍ଦ୍ରପ୍ରସ୍ଥରୁ ମହୋଦଧି ତୀରକୁ ଆଗମନ ଏବଂ ଶବ ସଂସ୍କାର । ଶରୀରର ସମସ୍ତ ଅଂଶ ପୋଡ଼ିଗଲା କିନ୍ତୁ କଟିଦେଶ ଅପୋଡ଼ା ରହିଲା । ଶୂନ୍ୟବାଣୀ ହେଲା ଉକ୍ତ ଅଂଶକୁ ମହୋଦଧିକୁ ନିକ୍ଷେପ କରିଦିଅ । ଏହି କଥାକୁ ସ୍ପଷ୍ଟ କରିବାକୁ ଯାଇ ଭାଗବତ୍‌କାର ଲେଖିଲେ -

ଦ୍ୱାପର ଯୁଗ ଶେଷ କାଳେ । କଳି ଆଗମ ଅନ୍ତରାଳେ ॥
ରୂପ ପ୍ରକାଶେ ଚକ୍ରପାପୀ । ଯେସନେ ଇନ୍ଦ୍ର ନୀଳମଣି ॥

କଳିର ଆଗମନ ହେଲା, ରୂପାନ୍ତରିତ ହେଲେ ସେହି ବ୍ରହ୍ମକ୍ଷେତ୍ରରେ ଅପୋଡ଼ା ଭୂଇଁରେ ଜଗନ୍ନାଥ ଭାବେ ।

ଏହିଠାରେ ଭାଗବତ୍‌କାର ଯଥାର୍ଥରେ ଏକ ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି - 'ଜଗନ୍ନାଥ ଯେ ଷୋଳ କଳା । ତହୁଁ କଳାଏ ନନ୍ଦବଳା ॥' ତେବେ ସେ କଳାଟି କେଉଁଠି ?

ଆଜି ସେହି ବ୍ରହ୍ମ ସ୍ୱରୂପର ସନ୍ଧାନ ପାଇଁ ବହୁ ଗବେଷକମାନେ ବ୍ୟସ୍ତ କିନ୍ତୁ ସେ ରହସ୍ୟ ଭେଦ କରିବା ସମ୍ଭବ ହୋଇପାରିନାହିଁ । କେତେ ପଣ୍ଡିତ ଗବେଷକ ସେବକ ଏବଂ ଐତିହାସିକମାନେ ଭିନ୍ନ ଭିନ୍ନ ମତ ପୋଷଣ କରିବାରେ ଲାଗିଛନ୍ତି ।

ସଂପୂର୍ଣ୍ଣ ମାନବ ଧର୍ମର ପ୍ରଦର୍ଶିତ ନବକଳେବରରେ ଜଗନ୍ନାଥଙ୍କ ନାଭି କମଳରେ ଯେଉଁ ବ୍ରହ୍ମ ସ୍ଥାପନ କରାଯାଏ, କିଏ କହେ ଜୀବନ୍ତ ମଞ୍ଜରୀ, କାହାର ଯୁକ୍ତି ଗଣ୍ଡୁକି ନଦୀର ଶାଳଗ୍ରାମ, ଅନ୍ୟ ଯୁକ୍ତି ବୁଦ୍ଧ ଦେବଙ୍କ ଦାନ୍ତ । କିନ୍ତୁ କୃଷ୍ଣଙ୍କର ଅପୋଡ଼ା ଅଙ୍ଗର କିଛି ଅଂଶ ଏକ ସୁରକ୍ଷିତ ତେଜସକ୍ରିୟ ପାତ୍ରରେ ଜଗନ୍ନାଥଙ୍କ ନାଭି ଦେଶରେ କିମ୍ବା ରତ୍ନ ସିଂହାସନରେ ନିମ୍ନ ଭାଗରେ ବ୍ରହ୍ମ ସ୍ୱରୂପରେ ସ୍ଥାପିତ ହୋଇଥିବା ଯୁକ୍ତି ଅଧିକ ପ୍ରଣିଧାନଯୋଗ୍ୟ ।

ପୃଥିବୀର ବିଭିନ୍ନ ପ୍ରାନ୍ତରେ ଶହ ଶହ ଜଗନ୍ନାଥ ମନ୍ଦିରର ପରିବେଶ ତଥା ସମ୍ଭାରଠାରୁ ପୁରୁଷୋତ୍ତମ କ୍ଷେତ୍ରରେ ଅଧିଷ୍ଠିତ ବିଗ୍ରହ ତଥା ସମ୍ଭାରର ଆକର୍ଷଣ ଏବଂ ସ୍ୱତନ୍ତ୍ରତାକୁ ଏଡାଇ ଦେଇ ହେବ କି ?

ଏଣୁ ଯୁଗାନୁସାରୀ ଏ ଭୂଖଣ୍ଡର ମାହାତ୍ମ୍ୟ ଚିର ଉଜ୍ଜୀବିତ ହୋଇ ରହିଛି ।

**ସହାୟକ ଗ୍ରନ୍ଥ**


୧. ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ - ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ
୨. ସ୍କନ୍ଦ ପୁରାଣ
୩. ବ୍ରହ୍ମ ପୁରାଣ
୪. କଠୋପନିଷଦ
୫. ବାଲ୍ମିକୀ ନାରାୟଣ
୬. ଭାଗବତ



ସିଦ୍ଧ ବାରଙ୍ଗପୀଠ
ଜଗତ୍‌ସିଂହପୁର


# ନୂତନ ପ୍ରଣାଳୀରେ ପ୍ରସ୍ତୁତ ଓମ୍‌ଫେଡ୍ ଛେନାପୋଡ଼

ରାଜ୍ୟର ଗ୍ରାହକମାନେ ମିଠା ସାମଗ୍ରୀ ପ୍ରତି ଅତ୍ୟନ୍ତ ଆଗ୍ରହ ପ୍ରକାଶକରି ନିଜ ଘର ଓ ବନ୍ଧୁବାନ୍ଧବଙ୍କୁ ମିଠା ଭେଟି ଦେବାର ପରମ୍ପରା କେଉଁ ଆବହମାନ କାଳରୁ ପ୍ରଚଳିତ ହୋଇ ଆସିଛି । ସେଥିପାଇଁ ଓଡ଼ିଶାର ସମସ୍ତ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ମିଠା ଦୋକାନ ଖୋଲାଯାଇଛି ଓ ମିଠାର ବଜାର ଚାହିଦା ଅଧିକ ହୋଇଥିବାରୁ ଉତ୍କୃଷ୍ଟମାନର ଛେନାପୋଡ଼ ପ୍ରସ୍ତୁତି ହୋଇ ଖାଉଟିମାନଙ୍କୁ ଯୋଗାଇ ଦିଆଯାଉଛି । ଓମ୍‌ଫେଡ୍ ଉତ୍କୃଷ୍ଟମାନରେ ଓ ସ୍ୱାସ୍ଥ୍ୟକର ପରିବେଶରେ ଛେନାପୋଡ଼ ରାଜ୍ୟରେ ଥିବା ବିଭିନ୍ନ ଡେରୀରେ ୧୦୦ ଗ୍ରାମ, ୨୫୦ ଗ୍ରାମ ଓ ୫୦୦ ଗ୍ରାମ୍ ଭାକ୍ୟୁମ୍ ପ୍ୟାକ୍‌ରେ ଛେନାପୋଡ଼ ପ୍ରସ୍ତୁତ କରି ଖାଉଟିମାନଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦେଉଛି । ୧ କିଲୋଗ୍ରାମ ଛେନାପୋଡ଼ରେ କଠିନାଂଶ ଶତକଡ଼ା ୬୫ ଭାଗ ଓ ଆର୍ଦ୍ରତା ଶତକଡ଼ା ୩୫ ଭାଗ ରହିଥାଏ । ୬୫% କଠିନାଂଶରେ ସ୍ନେହସାର ୧୪%, ପୁଷ୍ଟିସାର ୧୭%, ଦୁଗ୍ଧ ଶର୍କରା ୨୦%, ଶର୍କରା (ସୁକ୍ରୋଜ) ୧୦% ତଥା ଶ୍ୱେତସାର ୪% ରହିଥାଏ । ଏହା ସ୍ୱାସ୍ଥ୍ୟପକ୍ଷେ ଖୁବ୍ ହିତକର ।

ଏହି ଉଚ୍ଚମାନର ଛେନାପୋଡ଼ ପ୍ରତି ରାଜ୍ୟର ଅଗଣିତ ଖାଉଟିଙ୍କ ଆଦର ଖୁବ୍ ବଢ଼ି ଯାଇଛି ।



# ପୁରୀ ସାହିଯାତର ଐତିହ୍ୟ

ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର

ଶ୍ରୀଜଗନ୍ନାଥଙ୍କ ଉପାସନାରେ ଶ୍ରୀରାମଲୀଳା ଏକ ଅଙ୍ଗ । ଏହି ଲୀଳା ଶ୍ରୀମନ୍ଦିରରେ ପାଳିତ ହେବା ସହିତ ଶ୍ରୀକ୍ଷେତ୍ରରେ ମଧ୍ୟ ପାଳିତ ହୋଇ ଆସୁଅଛି । ଶ୍ରୀକ୍ଷେତ୍ରରେ ଏହି ଲୀଳା 'ସାହିଯାତ' ନାମରେ ପ୍ରସିଦ୍ଧ । ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଥିବା ଶ୍ରୀରାମଲୀଳା ସହିତ 'ସାହିଯାତ' ସମନ୍ୱିତ । ସାହିଯାତରେ ସମରକଳା, ଲୋକକଳା, ଲୋକନୃତ୍ୟ, ଲୋକଗୀତ ଏବଂ ଲୋକବାଦ୍ୟର ସାଂସ୍କୃତିକ ପରମ୍ପରା ସମ୍ମିଶ୍ରିତ ହୋଇ ବ୍ୟାପକ ପ୍ରଚାର ପ୍ରସାର ଲାଭ କରିଅଛି ।

ଶ୍ରୀରାମଲୀଳା ଏକାଦଶ ଦିନାତ୍ମକ । ଚୈତ୍ର ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିଠାରୁ ବୈଶାଖମାସ କୃଷ୍ଣପକ୍ଷ ଦ୍ୱିତୀୟା ପର୍ଯ୍ୟନ୍ତ ପାଳିତ ହୁଏ । ଏହି ଲୀଳା ରାମଜନ୍ମଠାରୁ ଆରମ୍ଭ ହୋଇ ରାମାଭିଷେକ ଉତ୍ସବରେ ସମାପ୍ତ ହୁଏ । ରାମଜନ୍ମ ନୀତି 'ଶ୍ରୀରାମ ନବମୀ'ରେ ହେଉଥିଲେ ମଧ୍ୟ 'ଅଶୋକାଷ୍ଟମୀ' ଦିନ ଶ୍ରୀରାମଜନ୍ମ ନୀତିର ପୂର୍ବ ପ୍ରସ୍ତୁତି ଅର୍ଥାତ୍ ଗର୍ଭକଷ୍ଟ ଜନିତ ଲୀଳାର କେତେକ ପ୍ରାଥମିକ କାର୍ଯ୍ୟ ହୋଇ ଥାଏ ।(୧) ଅଶୋକାଷ୍ଟମୀ ଦିବସଟି ଆମ ପରମ୍ପରାରେ ଏକ ମହତ୍ୱପୂର୍ଣ୍ଣ ଦିବସ । ଏହିଦିନ ବିଷ୍ଣୁ, ଶିବ ଓ ଦୁର୍ଗାଙ୍କର 'ବାସନ୍ତିକ ଉତ୍ସବ' ପାଳିତ ହୁଏ । ଏହି ଦିନଟି 'ଚରୁ' ଭକ୍ଷଣର ଦିବସ । ଅନେକ ସ୍ଥାନରେ ଅଶୋକ କଳିକା ସେବନକୁ ଚରୁ ଭକ୍ଷଣର ବିଧି ରୂପେ ଗ୍ରହଣ କରନ୍ତି ।(୨)

ବାସ୍ତବରେ ପୁରୀର ସାହିଯାତ 'ରାମନବମୀ' ଦିନଠାରୁ ଆରମ୍ଭ ହୁଏ । କାଳିକା ଦେବୀ ସାହିର ସାହିଯାତରେ ଥିବା ଭୂମିକାକୁ ଏହି ପରିଚ୍ଛେଦର 'ସାହିଯାତ୍ରା ସାରେଣୀ'ର କାଳିକା ଦେବୀ ସାହି ସାରେଣୀରେ ଦିଆଯାଇଛି । ଶ୍ରୀମନ୍ଦିରରେ 'ରାମନବମୀ' ନୀତି ସରିଲେ କାଳିକା ଦେବୀ ସାହି ମେଳ 'ଚରୁ' ନିଅନ୍ତି ।

### ଶ୍ରୀମନ୍ଦିରରେ ନୀତି -

ଶ୍ରୀମନ୍ଦିରରେ ରାମନବମୀ ନୀତି ହେଉଛି - ମଧ୍ୟାହ୍ନ ଧୂପ ଉଠିବା ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଏ । ସୁଦ୍ଧସୁଆର ଭଣ୍ଡାର ଆଗରେ ପୋଛା ମାରିବା ପରେ ପୂଜାପଣ୍ଡା ସାମନ୍ତ ଆସି ପଞ୍ଚୁବର୍ଣ୍ଣ ମୁରୁଜରେ ଜନ୍ମମଣ୍ଡଳ କାଟନ୍ତି । ମଧ୍ୟାହ୍ନ ଧୂପ ସରିବା ପରେ ଦକ୍ଷିଣିଘର ଭୋଗସାରି ଶ୍ରୀରାମଚନ୍ଦ୍ର ବିଗ୍ରହଙ୍କୁ ମହାଜନ ସେବକମାନେ ରତ୍ନସିଂହାସନକୁ ବିଜେ କରାନ୍ତି । ସେଠାରେ ଗଜପତିଙ୍କ ପ୍ରତିନିଧି ମୁଦିରସ୍ତ ଧଣ୍ଡାପ୍ରସାଦ ଲାଗି କରିବା ପରେ ପ୍ରସାଦକୁ 'ଓଲାଗି' କରି ଶ୍ରୀରାମଚନ୍ଦ୍ରଦେବ ଆଜ୍ଞାମାଳ ନେଇ ମହାଜନଙ୍କ ହାତରେ ଜନ୍ମମଣ୍ଡଳ ଉପରକୁ ବିଜେ ହୁଅନ୍ତି । ସେଠାରେ ମହାଜନଙ୍କ ପକ୍ଷରୁ ଦୁଇଜଣ ଦଶରଥ ଓ କୌଶଲ୍ୟା ଭୂମିକାରେ ଅଭିନୟ କରନ୍ତି । ଖଣ୍ଡୁଆପାଟ ଚାରିପଟେ ଘୋଡ଼ାଯାଇ ତା' ଭିତରେ ଜନ୍ମବିଧି କରାଯାଏ ।

ଜନ୍ମନୀତି ପରେ କର୍ପୂର ଆଳତି ଏବଂ ବନ୍ଦାପନା ହୁଏ । ତା'ପରେ ମହାସୁଆର ସେବକ ଗଣ୍ଡୁଶ ମସଲା ଓ କ୍ଷୀର ମଣୋହି କରନ୍ତି । ପୂଜାପଣ୍ଡା ପଇତା ଲାଗି କରାଇ ଶୀଳତ ଭୋଗ ମଣୋହି କରନ୍ତି । ମହାସୁଆର ଜୟ ବିଜୟ ଦ୍ୱାରଠାରେ 'ଚରୁ' ଭାତ ମଣୋହି କରାନ୍ତି । ଏହି ଚରୁ ଅନ୍ନ କାଳିକା ଦେବୀ ସାହି ମେଳ ଗ୍ରହଣ କରିବା ପରେ ସାହିଯାତର ରାମଜନ୍ମ ଲୀଳା ପ୍ରଦର୍ଶନ କରନ୍ତି ।

ଚରୁ ଅନ୍ନ ମଣୋହି ପରେ ଶ୍ରୀରାମଚନ୍ଦ୍ରଙ୍କ ବିଗ୍ରହ ପୁନଃ ଦକ୍ଷିଣି ଘରକୁ ଫେରିଯାନ୍ତି ।

### ସାହିଯାତ୍ରାର ସ୍ୱାତନ୍ତ୍ର୍ୟ

ଶ୍ରୀକ୍ଷେତ୍ରର ସାହିଯାତର ଏକ ସ୍ୱାତନ୍ତ୍ର୍ୟ ରହିଛି । ଶ୍ରୀଜଗନ୍ନାଥଙ୍କ ପ୍ରମୋଦ ଉଦ୍ୟାନ ରୂପେ ପରିଚିତ ଜଗନ୍ନାଥ ବଲ୍ଲଭ ମଠକୁ ଶ୍ରୀରାମ ନବମୀଠାରୁ ଶ୍ରୀରାମ ଓ ଲକ୍ଷ୍ମଣଙ୍କର ଚଳନ୍ତି ବିଗ୍ରହ ଯାଆନ୍ତି । ସେହିଠାରେ ହିଁ ସାହିଯାତର ପ୍ରମୁଖ ଲୀଳାଗୁଡ଼ିକ ପ୍ରଦର୍ଶିତ ହୋଇଥାଏ । ଯଥା- ଯଜ୍ଞରକ୍ଷା, ଶିବଧନୁ ଭଗ୍ନ, ସୀତା ବିବାହ, ପରଶୁରାମ ଲୀଳା, ବନବାସ ଲୀଳା, ମାୟାମୃଗ ଲୀଳା, ଲଙ୍କାପୋଡ଼ି ହନୁମାନଙ୍କ ଲୀଳା, ରାବଣବଦ୍ଧ ଲୀଳା ଓ ରାମାଭିଷେକ ଲୀଳା ଅନୁଷ୍ଠିତ ହୁଏ ।

ସାହିଯାତର ଯେଉଁ ଲୀଳାଟି ଜଗନ୍ନାଥ ବଲ୍ଲଭ ମଠରେ ହୁଏ ନାହିଁ ତାହା ହେଉଛି ସେତୁବନ୍ଧ ପ୍ରତିଷ୍ଠା ଲୀଳା । ସେତୁବନ୍ଧ ପ୍ରତିଷ୍ଠାର ସମସ୍ତ କାର୍ଯ୍ୟ ରାବଣଙ୍କ ଦ୍ୱାରା ଯଜ୍ଞେଶ୍ୱର ମହାଦେବଙ୍କ ମନ୍ଦିରରେ

ହୋଇଥାଏ । ଏହି ଲୀଳାରେ ଯମେଶ୍ୱର ମନ୍ଦିର ପରିସରରେ ଥିବା ନିକୁମ୍ଭିଳା ବୃକ୍ଷ ମୂଳରେ ରାବଣ ସେତୁବନ୍ଧ ଯଜ୍ଞ କରିଥା'ନ୍ତି । ସେହି ନିକଟରେ 'ଦତ୍ତାତ୍ରେୟ'ଙ୍କ ବିଗ୍ରହ ମନ୍ଦିର ସଂଲଗ୍ନ ହୋଇ ରହିଥିଲେ । ଏହି ଦତ୍ତାତ୍ରେୟ ହେଉଛନ୍ତି ପରଶୁରାମଙ୍କ ଗୁରୁ । ସେ ଶ୍ରୀବିଦ୍ୟା ଓ ଶ୍ରୀଯନ୍ତ୍ରର 'ଦ୍ରଷ୍ଟା' ଥିଲେ ।(୩) ସାହିଯାତରେ ଅନୁସୃତ ଶାସ୍ତ୍ରୀୟ ଗ୍ରନ୍ଥମାନଙ୍କରେ ରାବଣ ସେତୁବନ୍ଧ ପ୍ରତିଷ୍ଠା କରିଥିବା କଥା ନାହିଁ । ନିକୁମ୍ଭିଳା ବୃକ୍ଷ ଏବଂ ଦତ୍ତାତ୍ରେୟଙ୍କ ବିଗ୍ରହ ଥିବା ଯମେଶ୍ୱର ମହାଦେବଙ୍କ ନିକଟରେ ରାବଣଙ୍କର ଯୁଦ୍ଧକୁ ଯିବା ପୂର୍ବରୁ ଯଜ୍ଞାନୁଷ୍ଠାନ କରିବା ପଛରେ କିଛି ରହସ୍ୟ ଥିଲା ପରି ମନେ ହୁଏ ।

### ଯମନିକ ତୀର୍ଥ

ଯମେଶ୍ୱର ମହାଦେବ ବିରାଜମାନ କରିଥିବା ସ୍ଥାନଟି ଶ୍ରୀକ୍ଷେତ୍ରର ହରଚଣ୍ଡୀ ସାହିରେ ଅବସ୍ଥିତ । ଶ୍ରୀକ୍ଷେତ୍ରର ପ୍ରାଚୀନ ପରମ୍ପରାରେ ଏହା 'କଣ୍ଡୁଆଶ୍ରମ' ରୂପେ ପରିଚିତ ଥିଲା ।

କୋଟି ଲିଙ୍ଗେଶ୍ୱରଃ ଖ୍ୟାତ ସୋଽ୍ପି ଯମ ସନ୍ତାପନାଶନଃ ।
ତତ୍ପାର୍ଶ୍ୱେ କଣ୍ଡୁନାମାଚ ତିଷ୍ଠେତ୍ ସ ମୁନିସତ୍ତମ ।
(ବାମଦେବ ସଂହିତା-୨/୨୬)

ମହର୍ଷି କଣ୍ଡୁଙ୍କ ସମ୍ବନ୍ଧରେ ରାମାୟଣ ଏବଂ ଅନେକ ସଂସ୍କୃତ ପୁରାଣରେ ବର୍ଣ୍ଣନା ରହିଛି । ମହର୍ଷି କଣ୍ଡୁ ରାମାୟଣ କାଳର ପୂର୍ବବର୍ତ୍ତୀ । ରାମାୟଣ ସମୟକୁ ତାଙ୍କର ପ୍ରସିଦ୍ଧି ବିଖ୍ୟାତ ହୋଇସାରିଥିଲା । ରାମାୟଣ (କିଷ୍କିନ୍ଧ୍ୟା କାଣ୍ଡ ୪/୪୮/୧୧-୧୪)ରେ ସୀତାଙ୍କୁ ଠାବ କରିବା ପାଇଁ ବାନରଗଣ ଦକ୍ଷିଣ ଦିଗର ଏମିତି ଏକ ସ୍ଥାନରେ ପହଞ୍ଚିଥିଲେ, ଯେଉଁଠି ସତ୍ୟବାଦୀ ମହର୍ଷି କଣ୍ଡୁ ନିବାସ କରୁଥିଲେ । ସେହି ସ୍ଥାନରେ ମହର୍ଷିଙ୍କର ୧୦ ବର୍ଷର ଗୋଟିଏ ପୁତ୍ର କୌଣସି କାରଣରୁ ଦିବଂଗତ ହୋଇଯିବାରୁ କ୍ରୋଧାନ୍ୱିତ ସେହି ଅଞ୍ଚଳକୁ ଅଭିଶାପ ଦେଲେ । ଅଭିଶାପରେ ଦୁର୍ଗମ ହୋଇଯିବା ସହ ସେହି ଅଞ୍ଚଳ ମରୁ ପାଲଟି ଯାଇଥିଲା ।

ଉପରେ କୁହାଗଲା ଦକ୍ଷିଣ ଦିଗକୁ ବାନରମାନେ ସୀତାଙ୍କୁ ଠାବ କରିବାକୁ ଯାଇ କଣ୍ଡୁ ମହର୍ଷିଙ୍କ ଆଶ୍ରମରେ ପହଞ୍ଚି ଥିଲେ । ସେହି ରାମାୟଣରେ କୁହାଯାଇଛି ଦକ୍ଷିଣ ଦିଗରେ ଏକ ପ୍ରଦେଶ ଥିଲା ଉତ୍କଳ । ଯେଉଁ ପ୍ରଦେଶକୁ ସୁଗ୍ରୀବ ସୀତାଙ୍କୁ ଠାବ କରିବା ପାଇଁ ଅଙ୍ଗଦଙ୍କୁ ପଠାଇଥିଲେ ।

ଅତଏବ କଣ୍ଡୁ ଆଶ୍ରମ ଦକ୍ଷିଣ ଦିଗରେ ଥିବାବେଳେ, ଉତ୍କଳ ପ୍ରଦେଶ ମଧ୍ୟ ଦକ୍ଷିଣ ଦିଗରେ ଥିଲା । ରାମାୟଣକାଳୀନ ଭାରତବର୍ଷରେ ଉତ୍କଳ ପ୍ରଦେଶର ଅବସ୍ଥିତି ଦକ୍ଷିଣ ଦିଗରେ ଥିଲା ବୋଲି ଜଣାପଡୁଛି । ଆମ୍ଭର ମନେହୁଏ ଉତ୍କଳପ୍ରଦେଶର ମହୋଦଧି କୂଳରେ ବିସ୍ତୀର୍ଣ୍ଣ ବାଲିପ୍ରାନ୍ତରରେ ଆଜିର ଶ୍ରୀକ୍ଷେତ୍ରରେ ଥିବା କଣ୍ଡୁ ଆଶ୍ରମ ରାମାୟଣ ବର୍ଣ୍ଣିତ କଣ୍ଡୁ ଆଶ୍ରମ । ମହର୍ଷି କଣ୍ଡୁଙ୍କ ଅଭିଶାପ ପୂର୍ବରୁ ଫଳମୂଳ ମିଳୁଥିବା ବୃକ୍ଷରାଜି ଶୋଭିତ ପଶୁପକ୍ଷୀ ପରିବେଷ୍ଟିତ ଏହି ଅଞ୍ଚଳ ଅଭିଶାପରେ ମରୁ ପାଲଟି ଯାଇଥିଲା ।

ସେହି ଆଶ୍ରମକୁ ମଧ୍ୟ ଶ୍ରୀରାମଚନ୍ଦ୍ର ସୀତାଙ୍କୁ ଉଦ୍ଧାର କରି ଅଯୋଧ୍ୟା ଫେରିବା ପରେ ମହର୍ଷି କଣ୍ଡୁଙ୍କ ଦର୍ଶନ କରିବାକୁ ଯାଇଥିଲେ । (ଉତ୍ତର ରାମାୟଣ)

ଏହି କଣ୍ଡୁ ଆଶ୍ରମ 'ଯମେଶ୍ୱର ମହାଦେବଙ୍କ ପୀଠ ରୂପେ ସ୍କନ୍ଦ ପୁରାଣ (୩/୫୫, ୪/୩)ରେ ବର୍ଣ୍ଣିତ ହୋଇଅଛି । ଯମେଶ୍ୱର ଶିବ ଯମ-ସଂଯମ-ନାଶନ ବୋଲି କୁହାଯାଇଛି । ଏହି ଯମେଶ୍ୱର କ୍ଷେତ୍ର 'ଯମନିକ ତୀର୍ଥ' ନାମରେ ପରିଚିତ । ଶ୍ରୀକ୍ଷେତ୍ରର ପ୍ରସିଦ୍ଧ ପଞ୍ଚଲିଙ୍ଗ ବା ପଞ୍ଚପାଣ୍ଡବ ପରମ୍ପରାରେ ଯମେଶ୍ୱର 'ଯୁଧିଷ୍ଠିର' ଭାବରେ କେବେ ଓ କାହିଁକି ସମନ୍ୱିତ ହେଲେ ତାହା ଗବେଷଣା ସାପେକ୍ଷ ।

ରାମାୟଣକାଳୀନ ଆଶ୍ରମ ମହାଭାରତ କାଳରେ ଯୁଧିଷ୍ଠିର ଶିବ କ୍ଷେତ୍ର ଭାବରେ ସମନ୍ୱିତ ହେବାର ରହସ୍ୟ ଅବଶ୍ୟ ଅନାଲୋଚିତ ହୋଇ ରହିଅଛି । ଆମ୍ଭର ମନେହୁଏ ସତ୍ୟବାଦୀ, ବିଚାରବନ୍ତ ଓ ତପନିଷ୍ଠ ମହର୍ଷି କଣ୍ଡୁ ଥିବାରୁ ସେହି ସେହି ଗୁଣର ସାମ୍ୟ ଯୁଧିଷ୍ଠିରଙ୍କ ପାଖରେ ରହିଥିବାରୁ ଏପରି ଏକ ତତ୍ତ୍ୱଭିତ୍ତିକ ସମନ୍ୱୟ ଘଟିଅଛି ।

ସାରଳା ଦାସ ମଧ୍ୟ ଓଡ଼ିଆ ମହାଭାରତରେ ବନପର୍ବରେ ଯମନିକ ତୀର୍ଥ କଥା ଉଲ୍ଲେଖ କରିଛନ୍ତି । 'ବ୍ରହ୍ମାଙ୍କ ପୁତ୍ର ଯମନିକ ଋଷି ପିତାଙ୍କ ହଂସ ନେଇ ସପ୍ତବ୍ରହ୍ମାଣ୍ଡ ବୁଲୁଥିଲେ । ଏହି ସମୟରେ ବ୍ରହ୍ମା ଦେବସଭାକୁ ବାହାରିଲେ । ବାହନ ନପାଇ କ୍ରୋଧରେ ପୁତ୍ରଙ୍କୁ ଅଭିଶାପ ଦେଲେ । ସେହି ଅଭିଶାପରେ ଯମନିକ ତୀର୍ଥରେ ପୁତ୍ର ଯମେଶ୍ୱର ହୋଇ ରହିଥିଲେ ଅଭିଶାପ ଥିଲା 'ଯେଉଁଠାରେ ଅଛୁ ସେହିଠାରେ ଯୁଗ ଯୁଗ ଧରି ରହ' ।

ଯମନିକ ତୀର୍ଥର ମାହାତ୍ମ୍ୟ ମଧ୍ୟ ସାରଳାଦାସ ଲେଖିଛନ୍ତି -

ମଉଦଧିରୁ ଯାମୁନିକ ତୀର୍ଥ ପରିଯନ୍ତେ ଯେତେ ଦୂର ବାଲି ।
ସମସ୍ତ ଦେବତାର ଅଛିୟେ ମୁଁ ପ୍ରତ୍ୟକ୍ଷେ ଦେଖିଲି ।।
ବାବୁ ଦେବତାୟେ ମୃତ୍ୟୁ ଇଚ୍ଛନ୍ତି ଯେବଣ ଭୂମି ।
ଚତୁର୍ଦ୍ଦିଗ ଭୁବନ ଭୂମି ନାରାୟେଣ ଯେଥେଂ ବିଶ୍ରାମି ।।

ସାରଳା ଦାସଙ୍କ ମତରେ ଯମନିକ ତୀର୍ଥ ମହୋଦଧି ପର୍ଯ୍ୟନ୍ତ ଦେବଭୂମି । ସମସ୍ତ ଭୁବନ ଭ୍ରମଣ କରି ସାରିବାପରେ ନାରାୟଣ ଏହିଠାରେ ବିଶ୍ରାମ କରନ୍ତି ।

### ମାଜଣାବିଧି

ପୁରୀର ସାହିଯାତ ପୂର୍ବଦିନ ଏକ ମାଜଣାବିଧି ହୁଏ । ପ୍ରତ୍ୟେକ ସାହିର ସାହିଯାତ ବାହାରିବାର ପୂର୍ବଦିନ 'ଦେବୀ'ଙ୍କ ପାଖରେ ମାଜଣା ହୁଏ । ପରଦିନ ସାହିଯାତ୍ରାରେ ସଫଳତା ଅର୍ଜନ କରିବା ପାଇଁ ଦେବୀଙ୍କ

ପାଖରେ କରୁଣାଭିକ୍ଷା କରନ୍ତି । ମାଜଣା ପାଇଁ ସାହିରୁ ଏକ ପଟୁଆର ବାହାରେ । 'ଆଖଡ଼ା'ର ନିଶାଣ ଆଗରେ ଯାଏ ଏବଂ ଆଖଡ଼ାର ଜରିବ୍‌ଦାର ଏବଂ ଏହି ସାହିର ମୂରବୀମାନେ ପାରମ୍ପରିକ ବାଦ୍ୟ ସହ ନିଜ ସାହି ଠାକୁରାଣୀଙ୍କୁ 'ମାଜଣା' କରିବାସହ 'ଦକ୍ଷିଣକାଳୀ'ଙ୍କ ପାଖକୁ ମଧ ମାଜଣା କରିବାକୁ ଯା'ନ୍ତି ।

ସାହିର 'ନିଶାଣ' ହାତୀ ଉପରେ ବସି ଜଣେ ଧାରଣ କରି ପ୍ରଥମେ ବାହାରିବା ପରେ ପଛେ ପଛେ ସାହିର ମୁଖ୍ୟ ଚରିତ୍ରମାନେ ବାହାରନ୍ତି । ତାହା ପରେ ପରେ ନାଗା ଓ ମେଢ଼ ବାହାରନ୍ତି । ନାଗା ଓ ମେଢ଼ ପଛେ ପଛେ ଓଡ଼ିଶାର ପ୍ରାଚୀନ ଘରନାର ସମରକଳା ଜାଗା, ଆଖଡ଼ା, କୋଟ, ଗୁରୁଜ ଓ ଗଡ଼ମାନଙ୍କ ପକ୍ଷରୁ ପ୍ରଦର୍ଶିତ ହୁଏ । ଏହାପରେ ଭ୍ରାମ୍ୟମାଣ ସାଂସ୍କୃତିକ କାର୍ଯ୍ୟକ୍ରମର ସଲଟଣ ବାହାରିଥାଏ ।

ପ୍ରତ୍ୟେକ ଚରିତ୍ରର ବଚନିକା, ଅଭିନୟ ଓ ନୃତ୍ୟ ଅନୁଯାୟୀ ଓଡ଼ିଶାର ପାରମ୍ପରିକ ବାଦ୍ୟକାରମାନେ ଅଲଗା ଅଲଗା ସହଗମନ କରନ୍ତି । ସମରକଳା ପ୍ରଦର୍ଶନ ସମୟରେ ଓଡ଼ିଶାର ପ୍ରାଚୀନ ସମରବାଦ୍ୟ ତାଳ ଅନୁଯାୟୀ ଉତ୍ସାହବର୍ଦ୍ଧକ ଭଙ୍ଗୀରେ ବାଜୁଥାଏ । ପ୍ରତ୍ୟେକ ସମରକଳାର ବାଦ୍ୟ ମଧ ଅଲଗା । କେବଳ ଦୁନ୍ଦୁଭି ବାଦ୍ୟକୁ ଛାଡ଼ି ଦେଲେ ଅନ୍ୟ ସମସ୍ତବାଦ୍ୟ ପୁରୀର ସାହିଯାତରେ ବ୍ୟବହୃତ ହେଉଥିବାର ଜଣାଯାଏ ।

**ସାହଚର୍ଯ୍ୟ ଧାରା**

ଶ୍ରୀକ୍ଷେତ୍ରର ପାରମ୍ପରିକ ସଂସ୍କୃତି ବୋଲି କୁହାଯାଉଥିବା ସାଙ୍ଗ-ଭାଙ୍ଗ, ମେଳା-ମଉଜ, କୁସ୍ତିକସରତ, ଜାଗା ସଂସ୍କୃତିଭିତ୍ତିକ । ପୂର୍ବେ ଜାଗା ସଂସ୍କୃତିରେ ମୁଖ୍ୟ ମାନସିକତା ଥିଲା, ଯେତେ ଦିନ ବଞ୍ଚିବ ସୁସ୍ଥ ହୋଇ ବଞ୍ଚିବା । ଖାଇପିଇ ଜୀବନକୁ ଉପଭୋଗ କରିବା । ସେଥିପାଇଁ ଏକ ବହୁଚର୍ଚ୍ଚିତ କଥନିକା ରହିଛି 'ମରିଗଲେ ପାଣି ପତରେ ପାଇବୁ ମଉଜ ପାଇବୁ କାହୁଁ ।'

ବାସ୍ତବରେ ଜାଗା ସଂସ୍କୃତିରେ ଗୋଟିଏ ମାନସିକତାରେ ବାନ୍ଧି ରଖିବା ପାଇଁ ଯେ କଥନିକା । ମଉଜ ପାଇଁ ମେଣ୍ଢା ଲଢ଼େଇ, ମଠର ଷଣ୍ଢ ଲଢ଼େଇ, ବିଶି ଆଙ୍ଗୁଠିରେ ବସିଥିବା ଗୋବରା ଚଢ଼େଇ ଲଢ଼େଇ ଥିଲା ଅପାର ଆନନ୍ଦ ପାଇବାର ଉତ୍ସ । ବୀର ରସରେ ଆନନ୍ଦ । ନିଜକୁ ବୀର ବା ଯୋଦ୍ଧା ମାନସିକତାରେ ପ୍ରସ୍ତୁତ କରିବା ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର ଓ ଶ୍ରୀମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ସୁରକ୍ଷା ଦେବା ପାଇଁ ।

ସଉକ ଥିଲା କନ୍ଧରେ ପାଟିଲା ଗାମୁଛା । ତୁଣ୍ଡରେ ଛାନ୍ଦ, ଚମ୍ପୂ, ଚଉତିଶା ଏବଂ ଓଡ଼ିଶୀ ।

ଭକ୍ତି ଥିଲା ଶ୍ରୀଜଗନ୍ନାଥ ପ୍ରତି ଓ ହନୁମାନଙ୍କ ପ୍ରତି ଓ ଜାଗାର ଇଷ୍ଟ ଦେବୀଙ୍କ ପ୍ରତି । ଜାଗା ଆଖଡ଼ାର ସେ ପ୍ରାଚୀନ ମହତ୍ୱ ହ୍ରାସ ହୋଇଛି ସତ୍ୟ, କିନ୍ତୁ ସହରବାସୀଙ୍କ ସାମାଜିକ ଜୀବନ ସହିତ ଏହାର ମହତ୍ୱ ଏବେ ବି ଅକ୍ଷୁଣ୍ଣ ଅଛି । ସ୍ମୃତି ଉଜ୍ଜୀବିତ ରହିଛି । କାରଣ ଏହା ଶ୍ରୀମନ୍ଦିରର ଇତିହାସ ସହିତ ସଂପୃକ୍ତ ଥିଲା । ଏବେ ମହାପ୍ରଭୁଙ୍କର ଅନେକ 'ସେବା' ସହିତ ସଂପୃକ୍ତ ରହିଛି ।

ସେଥିପାଇଁ ଜାଗାମାନଙ୍କର ରୀତି/ନୀତି, ଦେବ/ଦେବୀଙ୍କ ଉପାସନା, ଖେଳ/କୁଦ ଆସ୍ଥାନ, ପ୍ରାଚୀନ ବ୍ୟାୟାମ ଉପକରଣ, ସ୍ୱଚ୍ଛ ଜଳର ପୋଖରୀ, ସଂଗୀତର ବିଭିନ୍ନ ବାଦ୍ୟଯନ୍ତ୍ରର ପାରମ୍ପରିକ ପରୀକ୍ଷା ନିରୀକ୍ଷା ଏବେ ଅବ୍ୟାହତ ରହିଛି ।

**ସଂସ୍କୃତିର ସନ୍ତକ**

ଶ୍ରୀକ୍ଷେତ୍ରର ଜାଗା, ଆଖଡ଼ା, କୋଟ ଓ ଗଡ଼ ପ୍ରଭୃତି କେବଳ ଏକ ଅନୁଷ୍ଠାନ ନୁହଁନ୍ତି । ଶ୍ରୀକ୍ଷେତ୍ରର ସାଂସ୍କୃତିକ ପ୍ରାଣକେନ୍ଦ୍ର । ଜାଗା ସଂସ୍କୃତି ଏବଂ ଶ୍ରୀଜଗନ୍ନାଥଙ୍କ ଐତିହ୍ୟ ଅଙ୍ଗାଅଙ୍ଗୀଭାବେ ଜଡ଼ିତ । ବହୁ ସାମାଜିକ ଉତ୍‌ଥାନ ପତନ ମଧରେ ଜାଗାସଂସ୍କୃତି ବଞ୍ଚି ରହିଛି । ବହୁ ତ୍ୟାଗର କାହାଣୀ ଏହା ପଛରେ ରହିଛି । ଶ୍ରୀଜଗନ୍ନାଥ ଚେତନାର ବହୁ ଐତିହ୍ୟର ମୂକସାକ୍ଷୀ ହୋଇ ରହିଛି ଏହି ଜାଗାସଂସ୍କୃତି ।

ଜାଗା କେବଳ ଆମୋଦପ୍ରମୋଦର କେନ୍ଦ୍ର ନୁହେଁ । ଆମୋଦପ୍ରମୋଦ ଜାଗାସଂସ୍କୃତିର ଏକ ମହନୀୟ ଅଙ୍ଗ । ଅନ୍ୟ ଅଙ୍ଗଗୁଡ଼ିକ ଶ୍ରୀଜଗନ୍ନାଥ, ଶ୍ରୀମନ୍ଦିର, ଶ୍ରୀକ୍ଷେତ୍ର ଓ ଶ୍ରୀକ୍ଷେତ୍ର ସଂସ୍କୃତିର ସୁରକ୍ଷା ।

ପୁରୀର ସାହିଯାତରେ କେବଳ 'ସମରକଳା' ପ୍ରଦର୍ଶିତ ହୁଏ ନାହିଁ । ସମରକଳାରେ ନିୟୋଜିତ ପଶୁ ବିଶେଷ ଯଥା- ବାଘ, ଭାଲୁ ପ୍ରଭୃତି ନୃତ୍ୟ ଏବଂ ସମରକୌଶଳ ମଧ ପ୍ରଦର୍ଶିତ ହୁଏ ।

'ଶ୍ରୀରାମଲୀଳା' ସମ୍ବନ୍ଧିତ ଚରିତ୍ରମାନଙ୍କ ସହିତ ଶ୍ରୀକ୍ଷେତ୍ରର ଲୋକକଳା ଏବଂ ଓଡ୍ର ସମରକଳା ସମ୍ମିଶ୍ରିତ ଭାବରେ ପ୍ରଦର୍ଶିତ ହୁଏ । ବାଙ୍କ, ଛଡ଼ି, ପଟା, ପିରାମିଡ଼, ବନାଟି ସହିତ ଶିଖ ପରମ୍ପରାର 'ସଠରା' ଲୋକକଳା ମଧ ମିଶିଥାଏ । ଓଡ଼ିଶା ଜନଜୀବନକୁ ନେଇ ସୁଆଙ୍ଗ, ବ୍ୟଙ୍ଗଗୀତ, ଢଗଢ଼ମାଳି ଏବଂ ବଚନିକା ମଧ ସାହିଯାତ ପଟୁଆରରେ ପ୍ରଦର୍ଶିତ ହୁଏ ।

**ସହାୟକ ସୂଚୀ :**

୧. ଗର୍ଭକଷ୍ଟ ନିବାରଣ ନିମିତ୍ତ 'ଜେଉଡ଼' ଭୋଗର ବ୍ୟବସ୍ଥା ହୁଏ । ଏହି ଭୋଗରେ ବିଭିନ୍ନ ପିଠା ଓ ସ୍ୱାଦିଷ୍ଟ ବ୍ୟଂଜନ ଦିଆଯାଏ । ସାଧାରଣ ଚଳଣିରେ ଯେପରି ଗର୍ଭବତୀ ନାରୀକୁ ଅରୁଚି ପାଇଁ ରୁଚିକର ପଦାର୍ଥ ଭୋଜନ ପାଇଁ ଦିଆଯାଏ, ସେହିପରି ଏହି ବ୍ୟବସ୍ଥା । ଏହା ଏକ ଲୋକ ଚଳଣି ବ୍ୟବସ୍ଥା । ବାମଦେବ ସଂହିତାରେ କୁହାଯାଇଛି -

ତଂ ବଦାମି ଶୃଣୁଷ୍ୱତ୍ୱଂ ଯା କଥା ରାମଜନ୍ମତଃ ।
ସାୟଂ ପୂଜାନାନ୍ତରତଃ କୌଶଲ୍ୟାୟାଶ୍ଚ ଶାନ୍ତୟେ ॥
ପର୍ଯ୍ୟୁଷିତାନ୍ନଂ ପୁପଂଚ ନାନାବ୍ୟଂଜନ ସଂଯୁତମ୍ ।
ଭୋଗଂ କୁର୍ଯ୍ୟାଇନ୍ଦନାନି ସମାପ୍ୟ ନବମୀ ଦିନେ ॥
(୨୪।୧୭-୧୮)

୨.  ଡଃ ଶ୍ରୀନିବାସ ଆଚାର୍ଯ୍ୟ 'ଶ୍ରୀକ୍ଷେତ୍ରରେ ଅଶୋକାଷ୍ଟମୀ' ଶ୍ରୀମନ୍ଦିର, କାର୍ତ୍ତିକ ସଂଖ୍ୟା, ୨୦୦୨ ।

୩.  ଦତ୍ତାତ୍ରେୟ ଏକ ତତ୍ତ୍ୱ ଏବଂ ମହର୍ଷି ବା ଅବତାର । ଦତ୍ତାତ୍ରେୟ ତତ୍ତ୍ୱ ଶୈବାଗମ ଅନ୍ତର୍ଭୁକ୍ତ । ମହର୍ଷି ଅତ୍ରି ଓ ଅନସୂୟାଙ୍କର ପୁତ୍ର ରୂପେ ଜନ୍ମ ନେଇଥିଲେ ଦତ୍ତାତ୍ରେୟ । ତାଙ୍କୁ କୁହାଯାଏ ବିଷ୍ଣୁ । ତାଙ୍କୁ ବି କୁହାଯାଏ ବ୍ରହ୍ମା-ବିଷ୍ଣୁ ଓ ଶିବ ଏହି ତ୍ରୟୀ ଦେବତାଙ୍କର ଅବତାର । କେହି କେହି ସପ୍ତର୍ଷିଙ୍କ ମଧ୍ୟରେ ତାଙ୍କୁ ଗ୍ରହଣ କରନ୍ତି । ସେ ପ୍ରହ୍ଲାଦ, ଅଲର୍କ ଯଦୁରାଜା ଓ କାର୍ତ୍ତବୀର୍ଯ୍ୟଙ୍କୁ ଆତ୍ମଜ୍ଞାନ ପ୍ରଦାନ କରିଥିଲେ । ଦତ୍ତାତ୍ରେୟଙ୍କର ରୂପ ବର୍ଣ୍ଣନା ବଡ଼ ଅଦ୍ଭୁତ । ତାଙ୍କର ତିନୋଟି ମସ୍ତକ । ଯାହା ବ୍ରହ୍ମା-ବିଷ୍ଣୁ-ମହେଶ୍ୱରଙ୍କର ମସ୍ତକ । ତାଙ୍କର ଛଅଟି ହାତ । ବିଭିନ୍ନ ହାତରେ ଶଙ୍ଖ, ଚକ୍ର, ଡମ୍ବରୁ, ତ୍ରିଶୂଳ, ଅକ୍ଷମାଳ ଓ କମଣ୍ଡଳୁ ରହିଅଛି ।

ଚାରୋଟି କୁକୁର ଓ ଗୋଟିଏ ଗାଇ ତାଙ୍କୁ ବେଢ଼ି ରହିଥାନ୍ତି । ଗଳାରେ ରୁଦ୍ରାକ୍ଷମାଳା, ମସ୍ତକରେ ଜଟା ରହିଥାଏ । କୁହାଯାଏ ଚାରୋଟି କୁକୁର ହେଉଛନ୍ତି ଚାରି ବେଦ । କୁକୁର ଯେପରି ମାଲିକଙ୍କୁ ରକ୍ଷା କରିବାକୁ ଚେଷ୍ଟା କରେ, କିନ୍ତୁ ପ୍ରକୃତରେ ମାଲିକ ଦ୍ୱାରା ରକ୍ଷିତ ହୁଏ, ସେହିପରି ଚାରିବେଦ ଓ ଚାରି କୁକୁରଙ୍କର ପ୍ରତୀକାତ୍ମକ ବ୍ୟବସ୍ଥା । ଗାଇ ଭୂଦେବୀ ବା ପୃଥ୍ୱୀଦେବୀଙ୍କର ପ୍ରତୀକ ।

୪.  ରାବଣଙ୍କର ଉପାସିତ ଦେବୀ ନିକୁମ୍ଭିଲା । ଯାହାଙ୍କୁ ରାବଣ ସୁରା ଓ ନରମାଂସ ସମର୍ପଣ କରୁଥିଲେ (ବା.ରା. ୫।୨୪।୪୬-୪୭) । ପୁରୀର ସାହିଯାତରେ ଯମେଶ୍ୱରଙ୍କ ମନ୍ଦିର ସନ୍ନିକଟ ଅଶ୍ୱସ୍ଥ ବୃକ୍ଷକୁ ଦେବୀଙ୍କ ପ୍ରତୀକ ରୂପେ ଗ୍ରହଣ କରି ରାବଣ ସେଠାରେ ଯଜ୍ଞ କରନ୍ତି ।

ଶ୍ରୀଲଙ୍କାର ଏକ ପବିତ୍ର ସ୍ଥାନର ନାମ ଥିଲା ନିକୁମ୍ଭିଲା । ଯେଉଁ ସ୍ଥାନ ଏକ ବିରାଟ ବଟବୃକ୍ଷର ମଧ୍ୟସ୍ଥଳ ଥିଲା । ସେହିଠାରେ ଇନ୍ଦ୍ରଜିତ୍ ଆହୁତି ଦେଉଥିଲେ ଅଗ୍ନିଙ୍କୁ (ବା.ରା.୬।୮୨।୨୫-୨୬) । ସେହି ସ୍ଥାନରେ ମଧ୍ୟ ମେଘନାଦ ଯଜ୍ଞ କରୁଥିବାର ରାବଣ ଦେଖିଥିଲେ । (ବା.ରା.-୬।୨୫।୨-୩) ।

୫.  ପୁରୀର ପାରିଭାଷିକ ଶବ୍ଦରେ ଏହାକୁ 'ପାକଲା' ଗାମୁଛା କୁହାଯାଏ । ଏହା ପ୍ରସ୍ତୁତି ପାଇଁ ଦୁଇ ମାସ ଲାଗେ । କଞ୍ଚସୂତାର ଧଳା ଗାମୁଛା ବିଶେଷତଃ ଚନ୍ଦନପୁର ନିକଟସ୍ଥ ଜାନକାଦେଇପୁର ତନ୍ତବୁଣା ଗାମୁଛା ଏକ ସପ୍ତାହ ପର୍ଯ୍ୟନ୍ତ ପାଣିରେ ବତୁରା ଯାଏ । ପରେ ସୋରିଷ ତେଲରେ ଭିଜାଯାଏ । ତା'ପରେ ମିଶିରି ପାଣିରେ ବତୁରାଯାଏ । ଦଶ ଦିନ ବତୁରାଯିବା ପରେ ଚାଉଳ ଧୂଆ ପାଣିରେ ବତୁରାଯାଏ । ଏହି ପାଣି ଅରୁଆ ଚାଉଳ ଧୂଆ ପାଣି ଯାହା ତିନିଦିନ ପୂର୍ବରୁ ରଖାଯାଇଥାଏ । ପାଣି ସାମାନ୍ୟ ଖଟାଳିଆ ଏବଂ ମଣ୍ଡଆକାର ଧାରଣ କରିଥାଏ । ଏଥିରେ ବତୁରିବାର କିଛି ସମୟ ପରେ ପୋଖରୀରେ ଗାମୁଛା ଧୂଆଯାଇ ତେଲ ଛଡ଼ାଯାଏ । ଗାମୁଛା ବର୍ଣ୍ଣ ହଳଦିଆ ହୋଇଯାଇଥାଏ । ତା'ପରେ ମିଶିରିପାଣି ଓ ଛେନାପାଣିରେ ବାରମ୍ବାର ବତୁରାଯାଇ ଶୁଖାଯାଏ । ପୁଣି ତେଲ ବୁଡ଼ାଯାଇ ପୂର୍ବ ପଦ୍ଧତି ଅନୁସରଣ ପରେ ଗାମୁଛା ନାଲିରଙ୍ଗ ହୁଏ ।

ଗବେଷଣା ଅଧିକାରୀ
ଅଗ୍ରୀୟ ସଂସ୍କୃତ ଗବେଷଣା କେନ୍ଦ୍ର
ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ
ଶ୍ରୀବିହାର, ପୁରୀ-୩

# ଜାତୀୟ ଅନୁସୂଚିତ ଜାତି ଓ ଜନଜାତି ଅର୍ଥ ସମବାୟ ନିଗମ ଦ୍ୱାରା ବିଭିନ୍ନ ଧନ୍ଦା ନିମନ୍ତେ ଋଣ ପ୍ରଦାନ

ଅନୁସୂଚିତ ଜାତି/ଜନଜାତି/ସଂଖ୍ୟାଲଘୁ ସଂପ୍ରଦାୟ ଏବଂ ଅନଗ୍ରସର ବର୍ଗଙ୍କୁ ଜାତୀୟ ଅନୁସୂଚିତ ଜାତି ଓ ଜନଜାତି ଅର୍ଥ ସମବାୟ ନିଗମ ଦ୍ୱାରା ବିଭିନ୍ନ ପ୍ରକାରର ସ୍ୱଳ୍ପ ଆୟକାରୀ ଓ ଉଚ୍ଚ ଆୟକାରୀ ଧନ୍ଦା ନିମନ୍ତେ ଋଣ ପ୍ରଦାନ କରାଯାଉଛି । ସେଗୁଡ଼ିକ ହେଲା - ମଟର ପାର୍ଟସ୍ ଦୋକାନ, ପାଉଁରୁଟି ପ୍ରସ୍ତୁତି କାରଖାନା, ବାଉଁଶ ଓ ବେତରେ ତିଆରି ଆସବାବପତ୍ର, ବେଟାରୀ ତିଆରି, ସାଇକେଲ ମରାମତି ଓ ସାଇକେଲ ସିଟ୍ କଭର ତିଆରି, ଟିଭି କେବୁଲ ପ୍ରସ୍ତୁତ, ବହି ବନ୍ଧାଇ ଓ ବହି ଦୋକାନ ଓ କସ୍‌ମେଟିକ୍ ଦୋକାନ, ବଳଦ ଓ ଓଟଗାଡ଼ି, ମହମବତୀ, କାର୍‌ପେଟ୍, ଔଷଧ ଦୋକାନ, ନଡ଼ିଆକତାରେ ପ୍ରସ୍ତୁତ ଜିନିଷ କାରଖାନା, ଟେରାକୋଟା ପ୍ରସ୍ତୁତି ଓ ବିକ୍ରୟ, ଅଟାକଳ, ଡାଇରିଫାର୍ମ, ଢାବା ଓ ରେଷ୍ଟୁରାଣ୍ଟ, କମ୍ପ୍ୟୁଟର ସେଣ୍ଟର, ଡ୍ରାଇଭିଂ ସେଣ୍ଟର, ହସ୍ତତନ୍ତ, କୃଷି, ମାଛଚାଷ, ବାୟୋଗ୍ୟାସ, ହସ୍ତଶିଳ୍ପ, ଅଟାକଳ, ଧାନକଳ ଏବଂ ଆଖି ଓ ଦାନ୍ତ ପାଇଁ କ୍ଲିନିକ୍ ଇତ୍ୟାଦି ଅନ୍ତର୍ଭୁକ୍ତ ।

ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକମାନଙ୍କର ଆର୍ଥିକ ଉନ୍ନତି ଓ ସେମାନଙ୍କୁ ସ୍ୱରୋଜଗାରକ୍ଷମ କରାଇ ଆଧୁନିକ ସଭ୍ୟତାରେ ସାମିଲ କରିବାର ଲକ୍ଷ୍ୟ ନେଇ ଜାତୀୟ ସ୍ତରର ଏହି ଯୋଜନାଗୁଡ଼ିକ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଅର୍ଥ ସମବାୟ ନିଗମ ଦ୍ୱାରା ରାଜ୍ୟରେ କାର୍ଯ୍ୟକାରୀ କରାଯାଉଛି ବୋଲି ନିଗମ ସୂତ୍ରରୁ ପ୍ରକାଶ ।

# ଶ୍ରୀକ୍ଷେତ୍ର ସଂସ୍କୃତିରେ ଗାନ୍ଧର୍ବ କଳା

ଡକ୍ଟର ଶ୍ରୀନିବାସ ଆଚାର୍ଯ୍ୟ

**ଶ୍ରୀ**କ୍ଷେତ୍ର ହେଉଛି ସମନ୍ୱୟର କ୍ଷେତ୍ର । ଶ୍ରୀକ୍ଷେତ୍ରର ଅନ୍ୟ ନାମଟି ପୁରୁଷୋତ୍ତମ, ଯାହା ସବୁ କ୍ଷେତ୍ରମାନଙ୍କର ରାଜା, ଜଗନ୍ନାଥଙ୍କ ନାମ ମଧ୍ୟ ପୁରୁଷୋତ୍ତମ ଯେ କି ସବୁ ଦେବତାଙ୍କର ରାଜା ଅଟନ୍ତି ।

ସର୍ବେଷାମପି କ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମଃ ।
ସର୍ବେଷାମପି ଦେବାନାଂ ରାଜା ଶ୍ରୀପୁରୁଷୋତ୍ତମଃ ।।
(କପିଳ ସଂହିତା)

ତେଣୁ ଶ୍ରୀକ୍ଷେତ୍ର ଏବଂ ଶ୍ରୀଜଗନ୍ନାଥ ପରସ୍ପର ଅଭିନ୍ନ ରୂପେ ପରିଚିତ । ଶ୍ରୀକ୍ଷେତ୍ର ଶଙ୍ଖ କ୍ଷେତ୍ର, କମ୍ବୁକଟକ, ଭୌମ କ୍ଷେତ୍ର, ଦିବ୍ୟ କ୍ଷେତ୍ର, ନୀଳାଚଳ, ନୀଳଗିରି, ଉଚ୍ଛିଷ୍ଟ କ୍ଷେତ୍ର, ଉଡ୍ଡୀୟାନ୍ କ୍ଷେତ୍ର, ଯାମନିକ କ୍ଷେତ୍ର, କୁଶସ୍ଥଳୀ, ନୀଳାଦ୍ରି ଆଦି ବହୁ ନାମରେ ବିଦିତ । ଶ୍ରୀଜଗନ୍ନାଥ ଧାମ ଶ୍ରୀକ୍ଷେତ୍ରରେ ବିଭିନ୍ନ ସଂସ୍କୃତିର ଅପୂର୍ବ ସମନ୍ୱୟ ଘଟିଛି । ସଂସ୍କୃତିର ଏକ ନିର୍ଦ୍ଦିଷ୍ଟ ସର୍ବସମ୍ମତ ସଂଜ୍ଞା ନିରୂପଣ କରିବା କଷ୍ଟକର, ତଥାପି ସଂସ୍କୃତି କହିଲେ ମାନବର ଚିନ୍ତାଚେତନା, ଗତିବିଧି, ଧର୍ମଧାରଣା ବେଶଭୂଷା, ଚାଲିଚଳନ, ଖାଦ୍ୟପେୟ, କଳାସାହିତ୍ୟ, ସଂଗୀତ ନୃତ୍ୟ ଆଦିର ସାମଗ୍ରିକ ରୂପକୁ ବୁଝାଏ । ତେଣୁ ସଂସ୍କୃତି ସାଗରପରି ଅସୀମ । ସଂସ୍କୃତିର ପରିସର ଅତ୍ୟନ୍ତ ବ୍ୟାପକ । ସଂସ୍କୃତି ହେଉଛି ଜାତିର ଅନ୍ତର୍ନିହିତ ପ୍ରାଣଶକ୍ତି ବା ମୂଳାଧାର, ସଂସ୍କୃତି ବିନା ସଭ୍ୟତାର ଅସ୍ତିତ୍ୱ ଅସମ୍ଭବ । ଶ୍ରୀକ୍ଷେତ୍ର ଏବଂ ଏହାର ସଂସ୍କୃତି ଅତ୍ୟନ୍ତ ପ୍ରାଚୀନ ।

ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ହେଉଛନ୍ତି ଶ୍ରୀକ୍ଷେତ୍ର ସଂସ୍କୃତିର ପ୍ରାଣକେନ୍ଦ୍ର । ତାଙ୍କର ପୁରୁଷୋତ୍ତମ ଚେତନା ମଧ୍ୟରେ ଶାନ୍ତି, ପ୍ରେମ, ମୈତ୍ରୀ, ସଂହତି, ଧର୍ମ, ଜ୍ଞାନ ଉଦାରତା ସର୍ବୋପରି 'ବସୁଧୈବ କୁଟୁମ୍ବକମ୍'ର ଆଦର୍ଶ ନିହିତ । ଶ୍ରୀକ୍ଷେତ୍ରର ସାଂସ୍କୃତିକ ଉତ୍କର୍ଷ, କଳାତ୍ମକ ବୈଚିତ୍ର୍ୟ ଜଗନ୍ନାଥଙ୍କୁ କେନ୍ଦ୍ର କରି ଅନୁଷ୍ଠିତ ବିଭିନ୍ନ ଯାତ୍ରା, ଉତ୍ସବ ଆଦିରେ ସ୍ପଷ୍ଟ ହୋଇଥାଏ । ଶ୍ରୀକ୍ଷେତ୍ରର ସାମାଜିକ ଚଳଣି ମଧ୍ୟ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ବିକଶିତ ହୋଇଛି । ପ୍ରଭୁଙ୍କର ବାରମାସରେ ତେରଯାତ୍ରା ମାଧ୍ୟମରେ ଶ୍ରୀକ୍ଷେତ୍ରରେ ଗୋଷ୍ଠୀଗତ ପାରମ୍ପରିକ ଓ ଆଧ୍ୟାତ୍ମିକ ଚେତନା ପରିଲକ୍ଷିତ ହୁଏ । ମର୍ତ୍ତ୍ୟ ବୈକୁଣ୍ଠ ରୂପେ କଳ୍ପିତ ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ଅପୂର୍ବ ଲୀଳା ବର୍ଷସାରା ନିରବଚ୍ଛିନ୍ନ ଭାବରେ ଚାଲିଥାଏ । ଶ୍ରୀଜଗନ୍ନାଥଙ୍କ ଲୀଳା ମଧ୍ୟରେ କଳାର ପରିପ୍ରକାଶ ଘଟିଥାଏ ।

ଗନ୍ଧର୍ବମାନେ ପୁରାଣ ମତରେ ଦେବତାଙ୍କ ଶ୍ରେଣୀ ବିଶେଷ ଅଟନ୍ତି । ଏମାନେ ସ୍ୱର୍ଗରେ ଗାନ କରନ୍ତି । ଗନ୍ଧର୍ବ, ଗାୟନ କରିବା ଯାହାର ଧର୍ମ । (ଗ = ଗାନ+ଧର୍ମ) । ଗାନ୍ଧର୍ବ, ଗନ୍ଧର୍ବମାନଙ୍କ ସମ୍ବନ୍ଧୀୟ (ଗନ୍ଧର୍ବ+ସମ୍ବନ୍ଧାର୍ଥେଅ) ସଂଗୀତ ଶାସ୍ତ୍ର, ଗାନବାଦ୍ୟ ଶାସ୍ତ୍ର ।

ଆୟୁର୍ବେଦୋ ଧନୁର୍ବେଦୋ ଗାନ୍ଧର୍ବଶ୍ଚେତି ତେ ତ୍ରୟଃ ।
ସ୍ଥାପତଃବେଦମପରମୁପବେଦଶ୍ଚ ତୁର୍ବିଧଃ ।।

ଆତ୍ୟନ୍ତିକ ସୂକ୍ଷ୍ମ ଗବେଷଣା ପୂର୍ବକ ବିଚାର କଲେ ଋଗ୍‌ବେଦର ସ୍ଥାପତ୍ୟ ବେଦ, ଯଜୁର୍ବେଦର ଧନୁର୍ବେଦ, ସାମବେଦର ଗାନ୍ଧର୍ବ ବେଦ ଏବଂ ଅଥର୍ବ ବେଦର ଆୟୁର୍ବେଦ ଉପବେଦ ରୂପେ ପରିଲକ୍ଷିତ ହୁଏ ।

'ବାସ୍ତରୀ କଳାରେ ଗାନ୍ଧର୍ବ ଯେ ଗାୟନାଦି
ଚନ୍ଦ୍ରସ୍ୱରେ ଏମାନେ ସାଧିଲେ ହୋଏ ସିଦ୍ଧି ।'
(ପ୍ରାଚୀ ଶିବ ସ୍ୱରୋଦୟ)

ସାମବେଦର ଉପବେଦ ଭାବରେ ପ୍ରସିଦ୍ଧ ଗାନ୍ଧର୍ବବେଦ ସାମଗାନ ଏବଂ ସଂଗୀତ ବିଦ୍ୟାର ନିରୂପକ ଶାସ୍ତ୍ର ଅଟେ । ଏଥିରେ ଗୀତ, ନୃତ୍ୟବାଦ୍ୟାଦିର ବହୁଳ ଚର୍ଚ୍ଚା ଥିବାର ଜଣାଯାଏ । କିନ୍ତୁ ଗାନ୍ଧର୍ବ ବେଦର ମୌଳିକ ରୂପ ବର୍ତ୍ତମାନ ଲୁପ୍ତ ପ୍ରାୟ ଅଟେ । ଏ ବିଷୟରେ ସାମବ୍ରାହ୍ମଣରେ ସ୍ଥାନେ ସ୍ଥାନେ ତଥ୍ୟ ପ୍ରାପ୍ତ ହୁଏ । ରାଗରାଗିଣୀ, ସ୍ୱରତାଳ, ବାଦ୍ୟର ଭେଦୋପଭେଦର ସାଙ୍ଗୋପାଙ୍ଗ ବର୍ଣ୍ଣନା ଗାନ୍ଧର୍ବ ବିଦ୍ୟାର ବିଶେଷତ୍ୱ । ଏହାର ପ୍ରଚଳନ ପ୍ରାଚୀନ କାଳରୁ ଚାଲିଆସିଛି ଏବଂ ତା'ର ସେହି ପୁରାତନ 'ଘରାନା' ବର୍ତ୍ତମାନ ମଧ୍ୟ ବିଦ୍ୟମାନ । ତଥାପି ସାମଗାନର ଅରଣ୍ୟଗାନ ତଥା ଗେୟଗାନ ଶୀର୍ଷକ ଦୁଇ ପ୍ରଣାଳୀ ଅଧୁନା ଲୁପ୍ତ ଅଟେ । ପ୍ରାଚୀନ ସଂଗୀତ ଶାସ୍ତ୍ରର ଉପଲବ୍ଧ ଗ୍ରନ୍ଥମାନଙ୍କ ମଧ୍ୟରେ ଭରତ ମୁନିଙ୍କର ନାଟ୍ୟଶାସ୍ତ୍ର, ଦତ୍ତିଳ ମୁନିଙ୍କର ଦତ୍ତିଳମ୍, ଶାର୍ଙ୍ଗଦେବଙ୍କର ସଙ୍ଗୀତ ରତ୍ନାକର ଏବଂ ଦାମୋଦରଙ୍କ ସଙ୍ଗୀତ ଦର୍ପଣ ଆଦି ପ୍ରଧାନ । ଏତଦ୍‌ବ୍ୟତୀତ ନାରଦୀୟ ଶିକ୍ଷା, ସଂଗୀତ ମକରନ୍ଦ, ସଂଗୀତ ସମୟସାର ଆଦି ମଧ୍ୟ ଉଲ୍ଲେଖନୀୟ ଗ୍ରନ୍ଥ ପ୍ରାପ୍ତ ହୁଏ ।

ଶ୍ରୀମଦ୍ ଭାଗବତରେ ଉଲ୍ଲେଖଅଛି ଯେ ସଂଯମୀ ଶିରୋମଣି ଭ୍ରାତାଦ୍ୱୟ କୃଷ୍ଣ ଏବଂ ବଳରାମ କେବଳ ୬୪ ଦିବା ରାତ୍ରରେ ହିଁ ୬୪ କଳାର ଜ୍ଞାନ ପ୍ରାପ୍ତ ହୋଇଥିଲେ -

'ଅହୋରାତ୍ରୈଶ୍ଚତୁଷଷ୍ଟ୍ୟା ସଂଯତ୍ତୌ ତାବତୀଃ କଳାଃ ।' ୧୦।୪୫।୩୬

ଉକ୍ତ ୬୪ କଳାର ପ୍ରଥମ ଚାରୋଟି ହେଉଛି ଗାନ୍ଧର୍ବ କଳାର ଅଂଶ ବିଶେଷ ଯଥା ୧. ଗାନ ବିଦ୍ୟା, ୨. ବିଭିନ୍ନ ପ୍ରକାର ବାଦ୍ୟ ବାଦନ କଳା, ୩. ନୃତ୍ୟ ଓ ୪. ନାଟ୍ୟ । କଳା ଏକ ଅନେକାର୍ଥୀ ଶବ୍ଦ ଯାହା ବିଭୂତି, ତେଜ, ଶୋଭା, ଛଟା, ପ୍ରଭା, ଜ୍ୟୋତି, ଲୀଳା, ରଚନା, ସୃଷ୍ଟି ଚାତୁର୍ଯ୍ୟ ଆଦିକୁ ବୁଝାଏ । ଓଡ଼ିଆ ଭାଗବତରେ ବର୍ଣ୍ଣିତ ଅଛି -

ଶ୍ରୀଜଗନ୍ନାଥେ ଷୋଳକଳା । ଏଥୁ କଳାଏ ନନ୍ଦ ବଳା ॥
କଳାକେ ଷୋଳ କଳା ହୋଇ । ଘେନି ଜନ୍ମିଲେ ଗୋପେ ଯାଇ ॥

କଳା କଳେବର ଜଗନ୍ନାଥ ହେଉଛନ୍ତି କଳାପ୍ରିୟ, କଳାଧର, କଳାକର, କଳାକାର, କଳାଧାର, କଳାନାଥ, କଳାନିଧି ଓ କଳାପତି । ସେ ସମସ୍ତ କଳାର ସ୍ରଷ୍ଟା ଏବଂ ନିୟାମକ । ଜଗତରେ ଯେଉଁ ସତ୍ୟ ଓ ସୌନ୍ଦର୍ଯ୍ୟ ନିହିତ ଥାଇ ମଧ୍ୟ ସାଧାରଣ ଦୃଷ୍ଟିରେ ଅଗୋଚର ରହିଅଛି ତାହାକୁ ନିଜର କଳ୍ପନା ଛାଞ୍ଚରେ ଢାଳି ଜଗତ୍ ସମକ୍ଷରେ ପ୍ରକାଶ କରିବାର ରୀତିକୁ ମଧ୍ୟ କଳା କୁହାଯାଏ । ଉପନିଷଦ୍ ବର୍ଣ୍ଣିତ ସଚ୍ଚିଦାନନ୍ଦ, ସତ୍ୟ-ଶିବ-ସୁନ୍ଦର, ପରମେଶ୍ୱର, ପରଂବ୍ରହ୍ମ ହେଉଛନ୍ତି ଦାରୁବ୍ରହ୍ମ ଜଗନ୍ନାଥ, ସେ ହିଁ ଷୋଡଶକଳାର ନିୟାମକ । ପ୍ରଶ୍ନୋପନିଷଦ୍‌ର ଷୋଡଶକଳା ବିଶିଷ୍ଟ ପୁରୁଷ, ଅଖିଳ ବ୍ରହ୍ମାଣ୍ଡର ସ୍ରଷ୍ଟା ସେ ହିଁ ଅଟନ୍ତି ।

ଇନ୍ଦ୍ରଦ୍ୟୁମ୍ନଙ୍କ ସମୟରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମଠାରୁ ଅଦ୍ୟାବଧି ଶ୍ରୀମନ୍ଦିରରେ ପୂଜୋପଚାରରେ ଗୀତ, ନୃତ୍ୟ, ବାଦ୍ୟାଦି ଗାନ୍ଧର୍ବ କଳା ଅଙ୍ଗୀଭୂତ ହେବାର ସ୍ପଷ୍ଟ ପ୍ରମାଣ ସ୍କନ୍ଦ ପୁରାଣରୁ ପ୍ରାପ୍ତ ହୁଏ ।

ତତୋ଼ଶ୍ରୂୟନ୍ତ ନିନଦା ଦିବ୍ୟ ଦୁନ୍ଦୁଭିଜାଃ ଶୁଭାଃ
ମୃଦଙ୍ଗ ବେଣୁ ବୀଣାଦି ତାଳ କାହାଳ ନିସ୍ୱନାଃ ।
ଐରାବତାଦି କରିଣାଂ ବୃଂହିତାନି ବହୂନି ଖେ
ସମନ୍ତାଜ୍ଜୟଶବ୍ଦାଶ୍ଚ ପୁଷ୍ପ ବୃଷ୍ଟି ବିମିଶ୍ରିତାଃ ।
ରମ୍ଭାଦିକାଭିର୍ବେଶ୍ୟାଭିର୍ନୃତ୍ୟତେ ସ୍ମ ସସାଧ୍ୱସମ୍ ।
ହାହାହୂହୂ ପ୍ରଭୃତି ଭିର୍ଗୀୟମାନଶ୍ଚ ଗାୟେକୈଃ ॥

ଶ୍ରୀମନ୍ଦିର ପ୍ରତିଷ୍ଠା ସମୟରେ ଦିବ୍ୟ ଦୁନ୍ଦୁଭିର ନିନାଦ ସହ ମୃଦଙ୍ଗ, ବେଣୁ, ବୀଣା, କାଂସ୍ୟତାଳାଦି ଧ୍ୱନିତ ହେଲା । ଐରାବତାଦି ହସ୍ତୀମାନେ ନାଦ କଲେ । ପୁଷ୍ପବୃଷ୍ଟି ସହ ଦେବଗଣ ଜୟଜୟକାର କଲେ । ରମ୍ଭାଦି ଅପ୍ସରାମାନେ ନୃତ୍ୟ କଲେ । ହାହା,ହୂହୂ ପ୍ରଭୃତି ଗନ୍ଧର୍ବଗଣ ଗାନ କରିବାକୁ ଲାଗିଲେ ।

ପ୍ରଭୁଙ୍କଠାରେ ନିତ୍ୟ ନୃତ୍ୟଗୀତ ପରିବେଷଣର ବ୍ୟବସ୍ଥା କରିବା ପାଇଁ ଅପ୍ସରା ରମ୍ଭାଙ୍କ ସହ ହାହାହୂହୂ ଗନ୍ଧର୍ବଦ୍ୱୟ ଶ୍ରୀକ୍ଷେତ୍ରର କୁମାରୀମାନଙ୍କୁ ଗାନ୍ଧର୍ବ ବିଦ୍ୟା ଶିକ୍ଷାଦାନ କରିଥିଲେ, ଯାହାକି ଶ୍ରୀକ୍ଷେତ୍ରର ଗାନ୍ଧର୍ବ କଳାର କ୍ରମବିକାଶ ସମ୍ପର୍କରେ ସୂଚନା ଦିଏ । ଶ୍ରୀଜଗନ୍ନାଥଙ୍କଠାରେ ଗୀତ ନୃତ୍ୟ ବାଦ୍ୟାଦିର ପରିବେଷଣ ଶାସ୍ତ୍ରୋକ୍ତ ଅଟେ, ଯାହାକୁ ସ୍କନ୍ଦ ପୁରାଣ, ନୀଳାଦ୍ରି ମହୋଦୟ, ବାମଦେବ ସଂହିତା ପ୍ରଭୃତି ପ୍ରମାଣିତ କରନ୍ତି ।

ନାନା ପୂଜୋପହାରୈଶ୍ଚ ଭକ୍ଷଭୋଜ୍ୟାଦିକୈସ୍ତଥା ।
ପୂଜୟିତ୍ୱା ଜଗନ୍ନାଥଂ ତୋଷୟେଦ୍ ଗୀତ ନୃତ୍ୟକୈଃ । (ସ୍କନ୍ଦ ପୁରାଣ)

ଶ୍ରୀଜଗନ୍ନାଥଙ୍କୁ ନାନାବିଧ ଭକ୍ଷଭୋଜ୍ୟ ପୂଜାଦ୍ରବ୍ୟ ନୈବେଦ୍ୟ ଅର୍ପଣ ପୂର୍ବକ ପୂଜନ କରି ଗୀତନୃତ୍ୟ ପରିବେଷଣ ଦ୍ୱାରା ତାଙ୍କର ସନ୍ତୋଷବିଧାନ କରିବ ।

ଗୀତଂ ବାଦ୍ୟଞ୍ଚ ନୃତ୍ୟଞ୍ଚ ନାଟ୍ୟଂ ବିଷ୍ଣୁକଥାଂ ମୁନେ ।
ଯଃ କରୋତି ସ ପୁଣ୍ୟାତ୍ମା ତ୍ରୈଲୋକ୍ୟୋ ପରି ସଂସ୍ଥିତଃ ॥

ସ୍କନ୍ଦ ପୁରାଣର ବିଷ୍ଣୁ ନାରଦ ସଂବାଦରେ କଥିତ ଅଛି ଯେ ଯେଉଁ ପୁଣ୍ୟାତ୍ମା ବ୍ୟକ୍ତି ହରିକଥା ଅବଲମ୍ବନ ପୂର୍ବକ ଗୀତ, ବାଦ୍ୟ, ନୃତ୍ୟ ଏବଂ ନାଟ୍ୟ ପ୍ରସ୍ତୁତ କରିବ ସେ ତିନିଲୋକର ଉପରିସ୍ଥିତ ବୈକୁଣ୍ଠରେ ସ୍ଥାନ ପାଇବ ।

ନୃତ୍ୟତାଂ ଶ୍ରୀପତେରଗ୍ରେ ତାଳିକାବାଦନୈର୍ଭୃଶମ୍ ।
ଉଡ୍ଡୀୟନ୍ତେ ଶରୀରସ୍ଥା ସର୍ବେ ପାତକପକ୍ଷିଣଃ ॥

ଯେଉଁ ବ୍ୟକ୍ତି କମଳାପତିଙ୍କ ସମ୍ମୁଖରେ କରତାଳି ଦେଇ ପୁନଃ ପୁନଃ ନୃତ୍ୟ କରେ, ତା'ର ଶରୀର ମଧ୍ୟସ୍ଥ ପାପରାଶି ପକ୍ଷୀ ପରି ଉଡିଯାନ୍ତି ।

ତେଣୁ ଶ୍ରୀଜଗନ୍ନାଥଙ୍କ ଦୈନିକ ପୂଜୋପଚାରରେ, ବିଭିନ୍ନ ଯାତ୍ରା, ପର୍ବ, ଉତ୍ସବାଦିରେ ଗୀତ, ନୃତ୍ୟ, ବାଦ୍ୟର ବ୍ୟବସ୍ଥା ଆବହମାନ କାଳରୁ ରହିଆସିଅଛି । ଶ୍ରୀମନ୍ଦିର ସ୍ୱତ୍ୱଲିପିର ଉଲ୍ଲେଖ ଅନୁସାରେ ଜଗନ୍ନାଥଙ୍କର ୧୪୦ରୁ ଅଧିକ ପ୍ରକାର ସେବା ରହିଛି । ଉକ୍ତ ସେବା ନିମିତ୍ତ ୧୧୯ ପ୍ରକାର ସେବକଙ୍କ ସୂଚୀ ରହିଛି । ସେବକମାନଙ୍କ ସହଯୋଗରେ ଅଧିକାଂଶ ସେବା ପ୍ରଚଳିତ ରହିଥିଲେ ସୁଦ୍ଧା ଗାନ୍ଧର୍ବକଳା ସମ୍ପର୍କୀୟ ସେବା ଏବଂ ସେବକ ତଥା ସେବିକାମାନଙ୍କର କ୍ରମଶଃ ନ୍ୟୁନତା ପରିଲକ୍ଷିତ ହେବା ଦୁଃଖର ବିଷୟ । ବିଭିନ୍ନ ଯାତ୍ରା ଅବସରରେ ଜଗନ୍ନାଥଙ୍କ ପଟୁଆରକୁ ରଙ୍ଗାରଙ୍ଗ କରୁଥିବା ସେବକ, ସେବିକାମାନଙ୍କର କ୍ରମଶଃ ବିଲୋପ ଉଦ୍‌ବେଗଜନକ । ଗାନ୍ଧର୍ବ କଳା ସହ ଯେଉଁମାନଙ୍କର ପ୍ରତ୍ୟକ୍ଷ ସମ୍ପର୍କ ଲକ୍ଷ୍ୟ କରାଯାଏ ସେମାନେ ହେଲେ ବୀଣାକାର ସେବକ, ଗୀତଗୋବିନ୍ଦ ସେବକ, ଭିତରଗାଏଣୀ ଦେବଦାସୀ, ସମ୍ପ୍ରଦାନିଯୋଗ ଦେବଦାସୀ, ମାଦେଳି, ବୈଜୟନ୍ତୀ ବା ବଜନ୍ତୀ, କାହାଳିଆ, ଶଙ୍ଖୁଆ, ଘଣ୍ଟସେବକ, ଘଣ୍ଟୁଆ ସେବକ, ରଥଡାହୁକ ଆଦି । ପ୍ରଥମ ଚାରୋଟି ସେବା କରିବା ପାଇଁ ସେବକ ସେବିକା ନାହାନ୍ତି । ବହୁଦିନ ହେଲା ଏ ସେବାଗୁଡ଼ିକ ବନ୍ଦ ରହିଛି । ବଜନ୍ତୀ ସେବା ଯେଉଁଥିରେ ପଞ୍ଚମୁଖୀ ମହୁରୀ, ସ୍ୱର (ତୂରୀ/ପେଁକାଳି),

ଢୋଲକୀ, ଝାଞ୍ଜ ଏବଂ ଘଣ୍ଟା ପରି ପାଞ୍ଚୋଟି ବାଦ୍ୟର ବୃନ୍ଦବାଦନ ବ୍ୟବସ୍ଥା ପୂର୍ବେ ଥିଲା । ବର୍ତ୍ତମାନ କର୍ପୂରଯାଇ କନା ପଡ଼ି ରହିଲା ପରି କେବଳ ଘଣ୍ଟା ବା ତେଲିଙ୍ଗୀ ବାଦ୍ୟ ମାତ୍ର ବଞ୍ଚି ରହିଛି । ମନ୍ଦିରର ବିଧିବଦ୍ଧ ମାଦେଳି ସେବକ ନାହାନ୍ତି କିନ୍ତୁ ଶ୍ରୀକ୍ଷେତ୍ରର ମର୍ଦ୍ଦଳ ବାଦକମାନେ ଉକ୍ତ ସେବା କିଛି ପରିମାଣରେ ତୁଲାଉଛନ୍ତି । ତିନିଗଡ଼ିଆ ବୀରକାହାଳି ପ୍ରତ୍ୟହ ବଡ଼ସିଂଗାର, ପୁଷ୍ପାଞ୍ଜଳି, ପହୁଡ଼ ସମୟରେ ଶବ୍ଦାୟିତ ହେଉଛି । ଏତଦ୍‌ବ୍ୟତୀତ ପ୍ରତ୍ୟେକ ଜନ୍ମ, ବନ୍ଦାପନା, ଯାତ୍ରା ଅବସରରେ କାହାଳି ବାଜି ଥାଏ । ଘଣ୍ଟ ସେବକ ଶ୍ରୀମନ୍ଦିରରେ ପ୍ରତ୍ୟେକ ଧୂପରେ, ସବୁ ପର୍ବପର୍ବାଣିରେ ଘଣ୍ଟବାଦନ କରନ୍ତି । ଘଣ୍ଟୁଆ ସେବକମାନେ ସ୍ନାନଯାତ୍ରା ଏବଂ ରଥଯାତ୍ରା ଅବସରରେ ଘଣ୍ଟର ବୃନ୍ଦବାଦନ ପ୍ରସ୍ତୁତ କରନ୍ତି । ସମତାଳ ଲୟତାନରେ ନୃତ୍ୟ ମୁଦ୍ରାରେ ତନ୍ମୟତାର ସହିତ ସେମାନଙ୍କର ବାଦନଶୈଳୀ ବାସ୍ତବିକ ଚିତ୍ତାକର୍ଷକ ।

ଶ୍ରୀଜଗନ୍ନାଥଙ୍କର ସବୁଠାରୁ ପ୍ରିୟ କାନ୍ତ କୋମଳ ପଦାବଳୀ ସମନ୍ୱିତ ଗୀତଗୋବିନ୍ଦ କାବ୍ୟ ଯେଉଁଥିରେ କବି ଜୟଦେବଙ୍କର ପାଣ୍ଡିତ୍ୟ ତଥା କାବ୍ୟିକ ପ୍ରତିଭାର ପଟାନ୍ତର ନାହିଁ । ଭକ୍ତିରସର ଅନୁପମ କାବ୍ୟ 'ଗୀତଗୋବିନ୍ଦ' ଶ୍ରୀକ୍ଷେତ୍ର ସଂସ୍କୃତିକୁ ଏକ ଅନବଦ୍ୟ ଅବଦାନ । ଏହା ୬୪ ଗୀତ, ୧୨ଟି ରାଗ, ୫ଟି ତାଳ ଏବଂ ଦ୍ୱାଦଶ ସର୍ଗରେ ଗୁମ୍ଫିତ । ଗୀତଗୋବିନ୍ଦ ନୃତ୍ୟରେ ଆଠତାଳି ବାଦ୍ୟର ପ୍ରୟୋଗ କରାଯାଏ । ଗୀତଗୋବିନ୍ଦର ତାଳ, ଲୟ, ରାଗ-ରାଗିଣୀର ଏକ ସ୍ୱତନ୍ତ୍ର ଆକର୍ଷଣ ରହିଛି । ସ୍ନେହ, ପ୍ରେମ, ଆନନ୍ଦର ଆବେଗରେ ଏହାର ନୃତ୍ୟ ସୁଲଭ ସଙ୍ଗୀତ ଅଧିକରୁ ଅଧିକ ରସାଣିତ । ଦେବଦାସୀଙ୍କ ମୁଖନିଃସୃତ ଗୀତଗୋବିନ୍ଦ ଗାନ ବନ୍ଦ ହୋଇଯାଇଥିଲେ ସୁଦ୍ଧା ସଙ୍ଗୀତଜ୍ଞ ଭକ୍ତଙ୍କ ମୁଖରେ ବିଭିନ୍ନ ବାଦ୍ୟନାଦ ମଧ୍ୟରେ ଗୀତଗୋବିନ୍ଦର ମଙ୍ଗଳ ଗୀତମ୍ 'ଶ୍ରିତକମଳାକୁଚ ମଣ୍ଡଳ ଧୃତ କୁଣ୍ଡଳଏ', ଶ୍ରୀଦଶାବତାର ସ୍ତୋତ୍ରମ - 'ପ୍ରଳୟପୟୋଧିଜଳେ ଧୃତବାନସି ବେଦମ୍'ର ମୂର୍ଚ୍ଛନା ପରିବେଶକୁ ରସମୟକରେ । ଶ୍ରୀମନ୍ଦିରସ୍ଥ ଝୁଲଣ ମଣ୍ଡପତଳେ, ଲକ୍ଷ୍ମୀଙ୍କ ସ୍ନାନ ମଣ୍ଡପରେ, ପାଟ ଅଗଣାରେ ତଥା ଶ୍ରୀକ୍ଷେତ୍ରରେ ବିଭିନ୍ନ ସଂଗୀତ କାର୍ଯ୍ୟକ୍ରମରେ ପୁରୀର ବାଦ୍ୟଶିଳ୍ପୀ ଏବଂ ସଙ୍ଗୀତଜ୍ଞମାନେ ଆଗ୍ରହର ସହ ସଙ୍ଗୀତ ପରିବେଷଣ କରି ଗାନ୍ଧର୍ବକଳାର ଧାରାକୁ ଅବ୍ୟାହତ ରଖିଛନ୍ତି ।

କାର୍ତ୍ତିକ ପୂର୍ଣ୍ଣିମାର ତିଥିରେ ଶ୍ରୀକ୍ଷେତ୍ରର ପଞ୍ଚକୋଶୀ ଗାଁଗଣ୍ଡାଗୁଡ଼ିକରୁ କୀର୍ତ୍ତନମଣ୍ଡଳୀଗୁଡ଼ିକ ଆସି ଖୋଳ କରତାଳ ବାଦନ ପୂର୍ବକ କୀର୍ତ୍ତନ କରି ପାଞ୍ଚଥର ମନ୍ଦିର ପରିକ୍ରମା କରନ୍ତି । ରଥଯାତ୍ରା ଉପଲକ୍ଷେ ଭାରତର ବିଭିନ୍ନ ପ୍ରାନ୍ତରୁ ଏବଂ ବିଦେଶରୁ ଭକ୍ତବୃନ୍ଦ ସଦଳବଳେ ଆସି ବଡ଼ଦାଣ୍ଡରେ କୀର୍ତ୍ତନ ପୂର୍ବକ ନୃତ୍ୟ କରନ୍ତି ।

ଶ୍ରୀଜଗନ୍ନାଥଙ୍କର ରାମଲୀଳା ପ୍ରସ୍ତାବ ସହ ଶ୍ରୀକ୍ଷେତ୍ରର ସାହିଯାତ୍ରାର ଅଙ୍ଗାଙ୍ଗୀ ସମ୍ପର୍କ ଦେଖାଯାଏ । ଏହି ଅବସରରେ ପ୍ରତି ସାହି ରାମାୟଣର ଏକ ପ୍ରସଙ୍ଗ ଅଭିନୟ ପ୍ରସ୍ତୁତ କରିବା ସହ ସାହିଯାତ୍ରା କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ପ୍ରକାରର ମନୋରଞ୍ଜନ ଧର୍ମୀ ନୃତ୍ୟଗୀତ ଦ୍ୱାରା ଜନମାନସକୁ ରସାପ୍ଲୁତ କରନ୍ତି । ସାହିଯାତ୍ରାରେ ସମରକୌଶଳ ସହ ପରଶୁରାମ ନୃତ୍ୟ, ରାବଣ ନୃତ୍ୟ, ନାଗା ନୃତ୍ୟ, ହନୁମାନ ନୃତ୍ୟ, ତ୍ରିଶିରା-ପଞ୍ଚଶିରା-ସପ୍ତଶିରା- ବିଭିନ୍ନ ପ୍ରକାର ମେଢ଼ ନୃତ୍ୟ ପରିବେଷିତ ହୋଇଥାଏ । ମେଢ଼ ନୃତ୍ୟ ମଧ୍ୟରେ ଦୁର୍ଗାମେଢ଼, କାଳୀମେଢ଼, ଗାୟତ୍ରୀମେଢ଼, ଅର୍ଦ୍ଧନାରୀଶ୍ୱରମେଢ଼, ଶିବମେଢ଼, ଗଣେଶମେଢ଼, ନୃସିଂହ ମେଢ଼ ଆଦି ପ୍ରଧାନ । ମେଢ଼ ନୃତ୍ୟ ଶ୍ରୀକ୍ଷେତ୍ରର ଉନ୍ନତ ଗାନ୍ଧର୍ବ ପରମ୍ପରାର ନିଦର୍ଶନ ଅଟେ । ସାହିଯାତ୍ରା ପଟୁଆରରେ ଯେଉଁ ପଥପ୍ରାନ୍ତ ଲୋକନୃତ୍ୟାଭିନୟ ପରିବେଷିତ ହୋଇଥାଏ, ତାହାକୁ ବାରଭାଗରେ ବିଭକ୍ତ କରାଯାଇପାରେ ଯଥା- ଛୁରୀ, ବାଙ୍କଛୁରୀ, ପହଲପଟା, ପଟନାଚ, ବନ୍ଧ, ଶୂନ୍ୟ ଚହଟା, ନାଗା, ସନ୍ନ୍ୟାସୀ, ମେଢ଼, ସଟରା, ଭୁଆସିକ ବାରଘର ପସରା । ଏମାନଙ୍କ ମଧ୍ୟରେ ଅନ୍ୟତମ ଲୋକନର୍ତ୍ତକ ସଟରା ନିଜକୁ ଆକର୍ଷଣୀୟ ବେଶରେ ଅଳଙ୍କୃତ କରି ଦୁଇଖଣ୍ଡ ଛୋଟ କାଠିକୁ ବଜେଇ ବୋଲିବାଣୀ ଧର୍ମୀ ସରସ ମନୋରଞ୍ଜନ ଗୀତ ପରିବେଷଣ କରି ଚିତ୍ତବିନୋଦନ କରନ୍ତି ।

ଶ୍ରୀକ୍ଷେତ୍ରକୁ ଚୈତନ୍ୟଙ୍କ ଆଗମନ ପରେ ଏଠାରେ ରାୟ ରାମାନନ୍ଦଙ୍କ ପ୍ରବର୍ତ୍ତନାରେ ଗୋଟିପୁଅ ନୃତ୍ୟ ପରମ୍ପରା ସୃଷ୍ଟି ହେଲା । ଶ୍ରୀଜଗନ୍ନାଥଙ୍କ ସପ୍ତଦିନାତ୍ମକ ଝୁଲଣ ଯାତ୍ରା ଏବଂ ଏକବିଂଶ ଦିବସାତ୍ମକ ବହିଃ ଚନ୍ଦନଯାତ୍ରା ଅବସରରେ ନୃତ୍ୟଗୀତର ଆସର ଜମେଇବା ଆମର ଚିରାଚରିତ ପରମ୍ପରା ରହି ଆସିଛି । ପୂର୍ବେ ଝୁଲଣଯାତ୍ରା ଅବସରରେ ସାତ ସାହି ଆଖଡ଼ା ପକ୍ଷରୁ ପ୍ରତ୍ୟହ ଗୋଟିପୁଅ ନୃତ୍ୟ ଏବଂ ଚନ୍ଦନଯାତ୍ରା ସମୟରେ ପ୍ରତ୍ୟେକ ଆଖଡ଼ାର ଗୋଟିପୁଅ ଦଳ ପ୍ରତ୍ୟେକ ତିନିଦିନ ଲେଖାଏଁ ବଡ଼ଚାପରେ ଅର୍ଥାତ୍ ରାମକୃଷ୍ଣ ପଞ୍ଚପାଣ୍ଡବଙ୍କ ଚାପରେ ନୃତ୍ୟ ପରିବେଷଣ କରୁଥିଲେ । ସାନଚାପରେ ଅର୍ଥାତ୍ ଶ୍ରୀଦେବୀ ଭୂଦେବୀ ମଦନମୋହନଙ୍କ ଚାପରେ ମାହାରୀ ନୃତ୍ୟ ପରିବେଷିତ ହେଉଥିଲା । ବର୍ତ୍ତମାନ ମାହାରୀ ସମ୍ପ୍ରଦାୟର ସେବା ପ୍ରଚଳିତ ନାହିଁ । ଜାଗା ଆଖଡ଼ାରେ ଗୋଟିପୁଅ ଦଳଙ୍କ ଅଭ୍ୟାସ ବନ୍ଦ ହୋଇଗଲାଣି । ତଥାପି ଝୁଲଣ, ଚନ୍ଦନ, କାଳୀୟଦଳନ ଯମୁନାଗାଧୁଆ ଉପଲକ୍ଷେ ଗୋଟିପୁଅ ଦଳଙ୍କ ନୃତ୍ୟ ଜାଗା, ଆଖଡ଼ା, ମଠ, ମନ୍ଦିରମାନଙ୍କରେ ଏବେ ମଧ୍ୟ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହୁଏ ।

ଦୂରଦୃଷ୍ଟି ସମ୍ପନ୍ନ ଗଙ୍ଗବଂଶୀୟ ରାଜାମାନଙ୍କ ଶାସନ କାଳରେ ଶ୍ରୀକ୍ଷେତ୍ର ଏବଂ ଶ୍ରୀମନ୍ଦିରର ସୁରକ୍ଷା ଏବଂ ନୀତି ପରିଚାଳନା ପାଇଁ କୋଟ, ଆଖଡ଼ା, ଜାଗା, ଗଡ଼ମାନ ପ୍ରତିଷ୍ଠିତ ହୋଇଥିଲା । ସେସବୁରେ ଶରୀର ଚର୍ଚ୍ଚା ସହ ଗାନ୍ଧର୍ବ କଳାର ଅଭ୍ୟାସ ମଧ୍ୟ ହେଉଥିଲା । କୋଟର ଚାରୋଟି କାର୍ଯ୍ୟ ସମ୍ପର୍କରେ ଉଲ୍ଲେଖ ଅଛି -

ରକ୍ଷଣଂ ଶରୀରସ୍ୟାଦ୍ୟଂ ସଙ୍ଗୀତ ଦ୍ୱିତୀୟଂ ତଥା
ତୃତୀୟଂ କାରୁକାର୍ଯ୍ୟଞ୍ଚ ଚତୁର୍ଥଂ କ୍ଷେତ୍ରରକ୍ଷଣମ୍ ।।
ଏବଂ କର୍ମଚାତୁର୍ବିଧ୍ୟଂ ନିର୍ଣ୍ଣୟତେ ଯଥାବିଧି ।
କୁର୍ଯ୍ୟାତ୍ ଦିଶାନୁପାତେନ କୋଟଂ ଚତୁଷ୍ଟୟଂ ମହତ୍ ।।

ଏଣୁ କୋଟର ଦ୍ୱିତୀୟ କାର୍ଯ୍ୟଥିଲା ସଙ୍ଗୀତଚର୍ଚ୍ଚା । ଜାଗା, ଆଖଡ଼ାଗୁଡ଼ିକ ଶ୍ରୀକ୍ଷେତ୍ରର ସାଂସ୍କୃତିକ କେନ୍ଦ୍ର ଥିଲା । ଆଖଡ଼ା ଶବ୍ଦ

ସଂସ୍କୃତ 'ଆକ୍ରୀଡ଼'ର ଅପଭ୍ରଂଶ, ଯାହା ତିନୋଟି ଅର୍ଥ ପ୍ରକାଶ କରେ ଯଥା- ୧. ମଲ୍ଲବିଦ୍ୟା ତଥା ସମରକଳା ଅଭ୍ୟାସସ୍ଥଳୀ, ୨. ନୃତ୍ୟଗୀତାଦି ଗାନ୍ଧର୍ବ କଳାର ଶିକ୍ଷା କେନ୍ଦ୍ର, ୩. ବୈରାଗୀ ସାଧୁସନ୍ଥ ସମ୍ପ୍ରଦାୟର ବୈଠକ ସ୍ଥାନ । ଆଖଡ଼ାରେ ଝିଅମାନଙ୍କ ପ୍ରବେଶ ନଥିବାରୁ ପୁଅମାନଙ୍କୁ ଗାନ୍ଧର୍ବକଳା ଶିକ୍ଷା ଦିଆଯାଉଥିଲା । ସେମାନଙ୍କୁ ଗୋଟିପୁଅ ବା ଆଖଡ଼ା ପିଲା କୁହାଯାଉଥିଲା । ପୁଅମାନେ ଝିଅ ବେଶ ପିନ୍ଧି ନୃତ୍ୟ ପରିବେଷଣ କରୁଥିଲେ । ଜାଗା ଆଖଡ଼ା ସବୁଥିଲା କିଶୋର ଏବଂ ଯୁବକମାନଙ୍କ ନିମିତ୍ତ ଶିକ୍ଷାକେନ୍ଦ୍ର ଓ ବୟସ୍କ ବ୍ୟକ୍ତିଙ୍କ ପାଇଁ ଅବସର ବିନୋଦନ କେନ୍ଦ୍ର । ସେଠାରେ ନୃତ୍ୟ, ଗୀତ, ମର୍ଦ୍ଦଳବାଦନ, ପଶାଖେଳ, ଚକାସାର ଆଦିର ବ୍ୟବସ୍ଥା ଥାଏ । ମନୁଷ୍ୟର ନୀରସ ଜୀବନକୁ ସରସ, ସୁନ୍ଦର କରିବାପାଇଁ କଳାଚର୍ଚ୍ଚାର ଅପରିହାର୍ଯ୍ୟତା ମନେ ହୁଏ । ଶ୍ରୀକ୍ଷେତ୍ରର ଜାଗା- ଆଖଡ଼ାରେ ପ୍ରଚଳିତ ଗୀତ ମଧ୍ୟରେ ଓଡ଼ିଶୀ ଭଜନ, ଜଣାଣ, ଛାନ୍ଦ, ଚମ୍ପୂ, ମାଳଶ୍ରୀ ଆଦି ଉଲ୍ଲେଖଯୋଗ୍ୟ । ଶାରଦୀୟ ଏବଂ ବାସନ୍ତିକ ଦୁର୍ଗାପୂଜା ଅବସରରେ ସବୁ ଦେବୀପୀଠରେ ମହିଷମର୍ଦ୍ଦିନୀ ମାଳଶ୍ରୀ ହରଚଣ୍ଡୀ ମାଳଶ୍ରୀ, ଆଦି ମର୍ଦ୍ଦଳବାଦନର ତାଳେ ତାଳେ ଗାନ କରାଯାଏ । ଗୀତ, ନୃତ୍ୟ, ସାହିଯାତ୍ରା, ଦିଅଁଙ୍କ ପଟୁଆର, ଝୁଲଣ, ଚନ୍ଦନଯାତ୍ରା ଆଦିରେ ମର୍ଦ୍ଦଳ ବାଦନ କରିବା ପାଇଁ ମର୍ଦ୍ଦଳ ବାଦକମାନେ ଜାଗା ଆଖଡ଼ାରେ ଓସ୍ତାଦ୍‌ଙ୍କ ପାଖରେ ଅଭ୍ୟାସ କରନ୍ତି ।

ଶ୍ରୀଜଗନ୍ନାଥ, ଶ୍ରୀଲୋକନାଥ ତଥା ଅନ୍ୟ ଦେବ ଦେବୀମାନଙ୍କର ବିଭିନ୍ନ ଉତ୍ସବ ଅବସରରେ ସିଂହଦ୍ୱାର, ଶରଧାବାଲି, ଚନ୍ଦନ ଚକଡ଼ା, ପୌରସଦନ, ବେଳାଭୂମି, ଜାଗରପଡ଼ିଆ ପ୍ରଭୃତି ସ୍ଥାନରେ ଶ୍ରୀକ୍ଷେତ୍ରର ବିଭିନ୍ନ ଅନୁଷ୍ଠାନ ଆନୁକୂଲ୍ୟରେ ଭଜନ ସମାରୋହ ଆୟୋଜିତ ହୋଇଥାଏ । ପୁରୀରେ ଯେତେ ଭଜନ ସମାରୋହ ଆୟୋଜିତ ହୁଏ, ଅନ୍ୟ କୌଣସି ସ୍ଥାନରେ ସେତେ ହେବା ଦେଖାଯାଏ ନାହିଁ ।

ଶାସ୍ତ୍ରୀୟ ନିୟମକୁ ଆଶ୍ରୟ କରି ନୃତ୍ୟ ପ୍ରଚଳିତ ଥିଲାବେଳେ ଶାସ୍ତ୍ରୀୟ କଠୋରତାକୁ ପରିହାର କରି ମନୋରଞ୍ଜନ ଧର୍ମୀ ଲୋକନୃତ୍ୟର ପ୍ରଚଳନ ମଧ୍ୟ ଶ୍ରୀକ୍ଷେତ୍ରରେ ଦେଖାଯାଏ । ବୁଢ଼ାବୁଢ଼ୀ ନାଚ, କେଳାକେଳୁଣୀ ନାଚ, ବାଘ ନାଚ ଆଦି ମଧ୍ୟ ଗାନ୍ଧର୍ବ କଳାର ଅଂଶ ବିଶେଷ ରୂପେ ବିବେଚିତ ।

ଶ୍ରୀକ୍ଷେତ୍ରର ଶାକ୍ତ ଉପାସନା ଧାରାରେ ଗାନ୍ଧର୍ବ କଳାର ଅବିଚ୍ଛେଦ୍ୟ ଅଙ୍ଗ 'ଚଇତିଘୋଡ଼ା ନାଚ' ପରମ୍ପରା ବହୁ ପ୍ରାଚୀନ । ଶ୍ୱେତ ବା କୃଷ୍ଣ ଅଶ୍ୱମୁଖୀ କୈବର୍ତ୍ତ ସମ୍ପ୍ରଦାୟର ଇଷ୍ଟଦେବୀ ସିଦ୍ଧ ବାସେଲୀ ବା ଅଶ୍ୱିନୀ ବାସେଲୀ ଅଟନ୍ତି । ବର୍ଷସାରା ଗମ୍ଭୀରା ମଧ୍ୟରେ ପୂଜା ପାଉଥିଲାବେଳେ ତାଙ୍କର ଜୟନ୍ତୀ ଦିବସ ଚୈତ୍ର ପୂର୍ଣ୍ଣିମାଠାରୁ ବୈଶାଖ ପୂର୍ଣ୍ଣିମା ପର୍ଯ୍ୟନ୍ତ ରାତ୍ରିକାଳରେ ସେ ବିଭିନ୍ନ ସାହି ପରିକ୍ରମା କରନ୍ତି । ଗୋଟିଏ ଦଳରେ ଅନ୍ୟୁନ ସାତଜଣ ଅଂଶ ଗ୍ରହଣ କରିଥାନ୍ତି । ଏହି ନୃତ୍ୟଦଳରେ ଥା'ନ୍ତି ଚଢ଼େୟା-ଚଢ଼େୟାଣୀ ବା ରାଉତ-ରାଉତାଣୀ ଯେଉଁମାନେ ନର୍ତ୍ତକ-ନର୍ତ୍ତକୀ ଭୂମିକାରେ ଅବତୀର୍ଣ୍ଣ ହୁଅନ୍ତି । ଜଣେ ପୁରୁଷ ହିଁ ଶାଢ଼ୀ ଏବଂ ଅଳଙ୍କାର ପିନ୍ଧି ଚଢ଼େୟାଣୀ ବେଶ ହୋଇ ନୃତ୍ୟ କରେ । ଦଳରେ ଏ ଦୁହିଁଙ୍କ ବ୍ୟତୀତ ଢୋଲକିଆ, ମହୁରିଆ, ଝାଞ୍ଜୁଆ (ତିନି ବାଦ୍ୟକାର), ସିପାହୀ (ଘୋଡ଼ା ଭିତରେ ପଶି ତାକୁ ନଚାଉଥିବା ବ୍ୟକ୍ତି) ପୂଜକ ଏବଂ ସହଯୋଗୀ, ଲାଇଟ୍‌ବାଲା ଥାଆନ୍ତି । ଚଢ଼େୟା-ଚଢ଼େୟାଣୀ ବାଦ୍ୟର ତାଳେ ତାଳେ ଗୀତ ନୃତ୍ୟ ପରିବେଷଣ କରନ୍ତି । ଗୀତ ମଧ୍ୟରେ ଚର୍ଚ୍ଚିତ ହୁଏ ବାସେଲୀ ଠାକୁରାଣୀଙ୍କ ମହିମା, ବିଭିନ୍ନ ପୌରାଣିକ ଉପାଖ୍ୟାନ, ସାମାଜିକ ଜୀବନର କିଛି ରୋଚକ ଆଲେଖ୍ୟ, ଢଗଢମାଳୀ ଆଦି । ଘୋଡ଼ାନାଚର ରସମୟ ଗୀତ, ବାଦ୍ୟ, ନୃତ୍ୟ ଯୋଗୁଁ ଏହା ଶ୍ରୀକ୍ଷେତ୍ରବାସୀଙ୍କର ଅତ୍ୟନ୍ତ ପ୍ରିୟଭାଜନ ହୋଇପାରିଛି ।

ଶ୍ରୀକ୍ଷେତ୍ରର ଜାଗା ଆଖଡ଼ାମାନଙ୍କରେ ବର୍ତ୍ତମାନ ଗାନ୍ଧର୍ବ କଳାର ଚର୍ଚ୍ଚା ଲୁପ୍ତ ପ୍ରାୟ ହେଲେ ମଧ୍ୟ ଅନେକ ସାଂସ୍କୃତିକ ଅନୁଷ୍ଠାନ ଗାନ୍ଧର୍ବ କଳାର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ପ୍ରୟାସ କରିବା ସ୍ୱାଗତଯୋଗ୍ୟ । ଏ ଦିଗରେ ଓଡ଼ିଶା ସଂଗୀତ ପରିଷଦ, ଶ୍ୟାମ ସୁନ୍ଦର ସଙ୍ଗୀତ ମହାବିଦ୍ୟାଳୟ, ସଙ୍ଗୀତ କଳା ପ୍ରତିଷ୍ଠାନ, ଉଦୟନ ସାଂସ୍କୃତିକ ଏକାଡେମୀ, ଶ୍ରୀଜଗନ୍ନାଥ ସଙ୍ଗୀତ କଳା ମହାବିଦ୍ୟାଳୟ, ପୁରୀ ଡ୍ୟାନ୍‌ସ ଏକାଡେମୀ, ଶୁଭମ୍ ସଂସ୍କୃତି, ଶ୍ରୀକ୍ଷେତ୍ର କଳା ପ୍ରକାଶିକା ପ୍ରମୁଖ ଅନୁଷ୍ଠାନଗୁଡ଼ିକର ଉଦ୍ୟମ ପ୍ରଶଂସନୀୟ ।

ଶ୍ରୀକ୍ଷେତ୍ରର ଗାନ୍ଧର୍ବ କଳା କ୍ଷେତ୍ରରେ ଯେଉଁମାନେ ସ୍ୱୀୟ ଉଲ୍ଲେଖଯୋଗ୍ୟ ଅବଦାନ ଯୋଗୁଁ ଚିରସ୍ମରଣୀୟ ହୋଇଛନ୍ତି, ସେମାନେ ହେଲେ ମହେଶ୍ୱର ମହାପାତ୍ର, ଚିନ୍ତାମଣି ମିଶ୍ର, ଗୋପାଳ ଜେନା, କୃଷ୍ଣଚନ୍ଦ୍ର ଖୁଣ୍ଟିଆ, ସତ୍ୟଯୁଗ ରାମଚନ୍ଦ୍ର ପ୍ରତିହାରୀ, ରଘୁନାଥ ଦେବ ଗୋସ୍ୱାମୀ, ମୋହନ ସୁନ୍ଦର ଦେବ ଗୋସ୍ୱାମୀ, ସିଂହାରୀ ଶ୍ୟାମ ସୁନ୍ଦର କର, ପଙ୍କଜ ଚରଣ ଦାସ, କେଳୁଚରଣ ମହାପାତ୍ର, ହରିହର ଖୁଣ୍ଟିଆ, କ୍ଷେତ୍ରମୋହନ କର, ବାଣୀକଣ୍ଠ ନିମାଇଁ ହରିଚନ୍ଦନ, ପଦ୍ମନାଭ ପଣ୍ଡା ମାର୍କଣ୍ଡେୟ ମହାପାତ୍ର, ଲୋକନାଥ ରଥ, ଲୋକନାଥ ପାଳ, ବିଷ୍ଣୁପ୍ରିୟା ସାମନ୍ତ ସିଂହାର ଆଦି ଗାନ୍ଧର୍ବ ବିଦ୍ୟା ବିଶାରଦ ।

ବର୍ତ୍ତମାନ ସଂଗୀତ କ୍ଷେତ୍ରରେ କାଶୀନାଥ ପୂଜାପଣ୍ଡା, ପ୍ରଫୁଲ୍ଲ କର, ଭୁବନେଶ୍ୱରୀ ମିଶ୍ର, ଗଙ୍ଗାଧର ପ୍ରଧାନ, ମାଗୁଣି ଦାସ, ବିଶ୍ୱନାଥ ପୂଜାପଣ୍ଡା, ବିଶ୍ୱନାଥ ମହାପାତ୍ର, ଗୌରାଙ୍ଗ ଚରଣ ଗୋଚ୍ଛିକାର, ଶରତ ରଥ, ଉମେଶ କର, ବିପିନ ବାରିକ, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ରବିନାରାୟଣ ପଣ୍ଡା, ପଣ୍ଡିତ ବୈକୁଣ୍ଠ ବିହାରୀ ନନ୍ଦ ପ୍ରମୁଖ ସଂଗୀତଜ୍ଞ ସ୍ୱକୀୟ ସାଧନା ଅବ୍ୟାହତ ରଖିଛନ୍ତି ।

ଶ୍ରୀକ୍ଷେତ୍ର ସଂସ୍କୃତିରେ ଗାନ୍ଧର୍ବ କଳା, ସମସ୍ତ କଳାର ଆଧାର ଶ୍ରୀଜଗନ୍ନାଥଙ୍କ କୃପାକଟାକ୍ଷ ଲାଭ କରି ଅଧିକରୁ ଅଧିକ ଋଦ୍ଧିମନ୍ତ ହେଉ, ଏହା ହିଁ କାମନା ।

ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ (ମାନିତ ବିଶ୍ୱବିଦ୍ୟାଳୟ)
ଶ୍ରୀସଦାଶିବ ପରିସର, ପୁରୀ-୧




## ପୁରୀ ଐତିହ୍ୟରେ

# ନାଗାର୍ଜୁନ

ପ୍ରଫୁଲ୍ଲ ଚନ୍ଦ୍ର ସାହୁ

**ପ**ରଂବ୍ରହ୍ମଙ୍କ ପ୍ରତୀକ, ଆଦି ଦେବତା ଶ୍ରୀଜଗନ୍ନାଥ, ବେଦୋକ୍ତି 'ନେତିନତି' ପରି ସମସ୍ତ ବୈଜ୍ଞାନିକ ଓ ଐତିହାସିକ ଗବେଷଣାର ଉର୍ଦ୍ଧ୍ୱରେ ଏକ ସରଳ ଭକ୍ତି ପ୍ରବଣ ଜନତାର ଜାଗ୍ରତ ଜନାର୍ଦ୍ଦନ, ଯିଏ କିମ୍ବଦନ୍ତୀର ପ୍ରବହମାନ ଧାରାରେ ସମୟୋତ୍ତୀର୍ଣ୍ଣ - ଏକମେବ ପୁରାଣ ପୁରୁଷୋତ୍ତମ । ତାଙ୍କ ପ୍ରସାରିତ ବଳିୟାର ଭୁଜ ଓ ପତିତପାବନ ବାନା ସମର୍ପିତ ଭକ୍ତମାନଙ୍କ ସୁରକ୍ଷା ଓ ଉଦ୍ଧାର ପାଇଁ ହିଁ ଅଭିପ୍ରେତ । ତାଙ୍କର ସେବା, ପୂଜା, ଭୋଗ, ଆଚାର ଓ ବେଶଭୂଷାରେ ସେ ନରଲୀଳା ସଂପାଦନ କରନ୍ତି, ଯାହା ମଧ୍ୟରେ ଯୋଦ୍ଧା - ସେବକୋଚିତ ନାଗାର୍ଜୁନ ବେଶ, ଆର୍ତ୍ତ, ଭୟାଚ୍ଛାଦିତ ଭକ୍ତମାନଙ୍କ ଅଭୟ ପାଇଁ ଉଦ୍ଦିଷ୍ଟ । ତ୍ରେତୟାରେ ରାମାବତାରରେ ସେ କହିଛନ୍ତି -

> ସକୃଦେବ ପ୍ରପନ୍ନାୟ ବୋସ୍ମୀତି ଚ ଯାଚତେ ।
> ଅଭୟଂ ସର୍ବଭୂତେଭ୍ୟୋ ଦଦାମ୍ୟେତଦ୍ ବ୍ରତଂ ମମ୍ ॥
> (ବାଲ୍ମୀକି - ୬/୧୮/୩୩)

ଅର୍ଥାତ୍, ଯିଏ ମୋର ଶରଣାପନ୍ନ ହୋଇ ହୃଦୟ ଭିତରୁ ଥରେ 'ମୁଁ ଆପଣଙ୍କର ଶରଣାପନ୍ନ' ବୋଲି କହିଦିଏ, ତାକୁ ମୁଁ ସମସ୍ତ ପ୍ରାଣୀଙ୍କଠାରୁ ଅଭୟ ବା ସୁରକ୍ଷିତ କରିଦିଏ । ଏହା ମୋର ବ୍ରତ ।

ଯେତେବେଳେ ସନାତନ ହିନ୍ଦୁଧର୍ମ ଇତିହାସର ସର୍ପିଳ ପଥରେ ବିଧର୍ମୀମାନଙ୍କ ଅତ୍ୟାଚାରରେ ଅତିଷ୍ଠ ଓ ଭୟ ଜର୍ଜରିତ ହୋଇ ପଡ଼ିଲା, ସେତେବେଳେ ନୀଳାଚଳ ଧାମକୁ ରକ୍ଷା କରିବା ପାଇଁ ଗଜପତି ଅନନ୍ତ ବର୍ମନ ଚୋଡ଼ଗଙ୍ଗଦେବ ଓ ତାଙ୍କ ପୌତ୍ର ଅନଙ୍ଗଭୀମ ଦେବ ୩୮ଟି ଗଡ଼ଜାତର ସୁରକ୍ଷା ବଳୟ ସହିତ, ପୁରୀରେ ଯାଗା, ଗୁରୁଜ, କୋଟ ଓ ଗଡ଼ମାନ ପ୍ରତିଷ୍ଠା କରାଇଥିଲେ, ଯେଉଁଠି ପାଇକ ଯୁବକମାନେ ପାରମ୍ପରିକ ସମର କୌଶଳ ଶିକ୍ଷା କରୁଥିଲେ । 'ସହରୀ ଜାଲମ'ରେ ଅଛି -

> ଶହେ ଭେଣ୍ଡିଆରେ ଗଡ଼ ବୋଲାଇ,
> ପଂଚାଶ ଭେଣ୍ଡିଆ କୋଟକେ ଥାଇ,
> ଯେଗାରେ ଅଂଗିଲା ବାଡ଼ ନଥାଇ,
> ନଗର ରକ୍ଷାକୁ ଯେଗା ଯୋଗାଇ ।

ପୁରୀର ପ୍ରବେଶ ପଥରେ ହାତୀ ଆଖେଡ଼ା, ବାଘ ଆଖେଡ଼ା, ନିର୍ବାଣୀ ଆଖେଡ଼ା ଓ ନିର୍ମୋହୀ ଆଖେଡ଼ା ଶ୍ରୀକ୍ଷେତ୍ରର ଉତ୍ତର ଓ ପୂର୍ବ ଦିଗରୁ ବାହ୍ୟ ଆକ୍ରମଣକୁ ପ୍ରତିହତ କରୁଥିଲେ । ପଶ୍ଚିମ ଦିଗରୁ ମୁସଲମାନଙ୍କ ଆକ୍ରମଣର ପ୍ରତିରୋଧ ପାଇଁ ନାଗାମଠର ସ୍ଥାପନ ହୋଇଥିଲା । ପୁରୀର ସ୍ଥାନୀୟ ଲୋକଙ୍କୁ ସଙ୍ଘବଦ୍ଧ କରି ଏକ ଲଢୁଆ ଜାତିରେ ପରିଣତ କରିବା ହିଁ ଏହି ମଠ, ଆଖେଡ଼ାଗୁଡ଼ିକର ମୂଳ ଉଦ୍ଦେଶ୍ୟ ଥିଲା । ନାଗା ଅର୍ଥାତ୍ ନ ଆଗା । ସେମାନଙ୍କ ଆଗକୁ ପଛକୁ କେହି ନାହିଁ । ଧର୍ମରକ୍ଷା ପାଇଁ ପ୍ରାଣବଳି ଦେବା ହିଁ ସେମାନଙ୍କର ମୂଳମନ୍ତ୍ର ଥିଲା ।

ତେବେ ତତ୍କାଳୀନ ଉତ୍କଳର ଦୁର୍ଦ୍ଧର୍ଷ ଦିଗବିଜୟୀ ସମ୍ରାଟ କପିଳେନ୍ଦ୍ର ଦେବଙ୍କ ଅମଳରେ (ଖ୍ରୀଷ୍ଟାବ୍ଦ ୧୪୩୫ରୁ ୧୪୬୬) ଶ୍ରୀଜଗନ୍ନାଥଙ୍କ ନୀତି ଓ ଯାନିଯାତ୍ରାରେ ଧର୍ମୀୟ ଭାବନାକୁ ପ୍ରତିଫଳିତ କରି କେତେକ ଲୋକପ୍ରିୟ ପରିବର୍ତ୍ତନ କରାଯାଇଥିଲା । ରାମାୟଣ ଓ ମହାଭାରତର ମୁଖ୍ୟ ନାୟକ ଶ୍ରୀରାମଚନ୍ଦ୍ର ଓ ଶ୍ରୀକୃଷ୍ଣଙ୍କୁ, ଶ୍ରୀଜଗନ୍ନାଥଙ୍କ ଅବତାର ରୂପେ ଗ୍ରହଣ କରାଯାଇ ରାଜକୀୟ ଜନ୍ମଲୀଳା ପାଳନ କରାଗଲା । ଚୈତ୍ର ଶୁକ୍ଳ ଅଷ୍ଟମୀଠାରୁ ବୈଶାଖ କୃଷ୍ଣ ଦ୍ୱିତୀୟା ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଶ୍ରୀରାମ ଲୀଳା ଯାତ୍ରାକୁ ସାତ ସାହି ମଧ୍ୟରେ ବାଣ୍ଟି, ଶ୍ରୀରାମ ଜନ୍ମ, ସୀତାବିବାହ, ବନବାସ, ସୀତା ହରଣ, ଲଙ୍କା ଦହନ, ରାବଣ ବଧ ଓ ରାଜ୍ୟାଭିଷେକ ଆଦି ଲୀଳା ଅଭିନୀତ ହେଉଥିବାରୁ ଏହା ଗଣଯାତ୍ରା ବା ପୁରୀର କଥିତ ଭାଷାରେ 'ସାହିଯାତ' ରୂପେ ବିଦିତ ହୋଇଅଛି । କପିଳେନ୍ଦ୍ର ଦେବଙ୍କ ବିରାଟ, ସୈନ୍ୟସଜ୍ଜା ଓ ସାମ୍ରାଜ୍ୟ ବିସ୍ତାର ହିଁ ସାହିଯାତର ରାମ-ରାବଣ ଯୁଦ୍ଧ ରଣକୌଶଳରେ ପ୍ରତିଫଳିତ ହୋଇଛି । ପ୍ରାଚୀନ ଉତ୍କଳୀୟ ସେନାପତିମାନଙ୍କ ଯୋଦ୍ଧାବେଶ ହିଁ ନାଗାର୍ଜୁନ ବେଶ ବା ସଂକ୍ଷେପରେ ନାଗାବେଶରେ ରୂପାନ୍ତରିତ ହୋଇଛି ବୋଲି ଅନେକ ଗବେଷକଙ୍କ ମତ, ଯାହା ଅନେକାଂଶରେ ସତ୍ୟ ଓ ପ୍ରାୟ ସର୍ବଜନ ସ୍ୱୀକୃତ ।

ସେହିପରି ଆଦି ଶଙ୍କରାଚାର୍ଯ୍ୟଙ୍କ ସୃଷ୍ଟ ଦଶନାମୀ ସଂପ୍ରଦାୟର ନାଗା ସାଧୁମାନେ ଏକ ଅବିଚ୍ଛେଦ୍ୟ ଅଂଗ । ଏହି ଯୋଦ୍ଧା ନାଗା ସାଧୁମାନେ ତତ୍କାଳୀନ ହିନ୍ଦୁ ମନ୍ଦିର, ମଠ, ମହନ୍ତ ଓ ଧର୍ମାଚାର୍ଯ୍ୟମାନଙ୍କ

ରକ୍ଷକ ରୂପେ ପରିଚିତ । ବ୍ରହ୍ମଚର୍ଯ୍ୟ ରକ୍ଷାକରି, କଠୋର ଶରୀରଚର୍ଯ୍ୟା ଓ ଅସ୍ତ୍ରଶସ୍ତ୍ର ଶିକ୍ଷା ମାଧ୍ୟମରେ ସେମାନେ ଏକ ଦୁର୍ଦ୍ଧର୍ଷ, ଯୁଦ୍ଧଖୋର ଗୋଷ୍ଠୀରେ ପରିଣତ ହୋଇଥିଲେ, ଯେଉଁମାନେ ପ୍ରଥମେ ବୌଦ୍ଧ ଧର୍ମାବଲମ୍ବୀମାନଙ୍କୁ ପ୍ରତିରୋଧ କରୁଥିଲେ ଓ ପରେ ମୁସଲମାନମାନଙ୍କ ଆକ୍ରମଣରୁ ହିନ୍ଦୁ ମନ୍ଦିରମାନଙ୍କୁ ପ୍ରତିରୋଧ କରୁଥିଲେ ଓ ପରେ ମୁସଲମାନମାନଙ୍କ ଆକ୍ରମଣରୁ ହିନ୍ଦୁ ମନ୍ଦିରମାନଙ୍କୁ ପ୍ରତିରକ୍ଷା ଯୋଗାଇ ଦେଲେ । ତେଣୁ ମୁଖ୍ୟ ଧର୍ମତୀର୍ଥମାନଙ୍କରେ ଆଖେଡ଼ାମାନ ପ୍ରତିଷ୍ଠା କରାଯାଇ, ସେମାନଙ୍କୁ 'ନାଗାସାଧୁ'ର ଆଖ୍ୟା ଦେଇ ରକ୍ଷଣାବେକ୍ଷଣ କରାଯାଇଥିଲା । ସପ୍ତଦଶ ଶତାବ୍ଦୀରେ ଯେତେବେଳେ ଅମୀର ନବାବ ଫତେ ଖାଁ ପୁରୀ ଶ୍ରୀମନ୍ଦିର ଓ ବାଲିସାହିସ୍ଥିତ ପୁରୁଣା ଶ୍ରୀନଅର ଉପରେ ଆକ୍ରମଣ କରି ରାଜା ନରସିଂହ ଦେବଙ୍କୁ ହତ୍ୟାକଲେ ଓ ବିପୁଳ ଲୁଣ୍ଠିତ ଧନ ସଂପତ୍ତି ଧରି କଟକ ଫେରି ଯାଉଥିଲେ, ଏହି ନାଗାସାଧୁମାନେ ହଜାର ହଜାର ସଂଖ୍ୟାରେ ପ୍ରାଣପାତ କରି ମୁସଲମାନମାନଙ୍କୁ ପ୍ରତିରୋଧ କରିଥିଲେ ଏବଂ ପୁରୀ ବଡ଼ଦାଣ୍ଡରେ ଫତେଖାଁର ଅର୍ଦ୍ଧାଧିକ ସୈନ୍ୟଙ୍କୁ ଗୋଡ଼େଇ ଗୋଡ଼େଇ ହତ୍ୟା କରିଥିଲେ । ନାଗାସାଧୁମାନଙ୍କ ଫତେଖାଁକୁ ପ୍ରବଳ ପ୍ରତିରୋଧ, ରକ୍ତାକ୍ତ ସଂଗ୍ରାମ ଓ ହଜାର ହଜାର ସଂଖ୍ୟାରେ ଅକୁଣ୍ଠ ଆତ୍ମୋତ୍ସର୍ଗ, କୃତଜ୍ଞ ଶ୍ରୀକ୍ଷେତ୍ରବାସୀଙ୍କୁ ଏପରି ପ୍ରଭାବିତ କରିଥିଲା ଯେ, ସେମାନେ ନାଗାସାଧୁମାନଙ୍କୁ ବୀରତ୍ୱର ପ୍ରତିମୂର୍ତ୍ତି କରି, ଗୋସାଣୀ ଯାତରେ ନାଗାର୍ଜୁନ ଭାବରେ ପୂଜା କରିବା ଆରମ୍ଭ କରିଦେଲେ ଓ ନାଗାର୍ଜୁନଙ୍କ ଆଦର୍ଶରେ ଯାଗା ଆଖେଡ଼ାମାନଙ୍କରେ ନିଜକୁ ମଧ୍ୟ ଏକ ଲଢୁଆ ଜାତିରେ ପରିଣତ କରିବାର ପ୍ରୟାସ ଜାରି ରଖି ସାହିଯାତର ସମରସଜ୍ଜାରେ ସେନାପତି ରୂପେ ନାଗାର୍ଜୁନ ମେଢ଼ର ପ୍ରଚଳନ କଲେ ।

ସାହିଯାତର ଏହି ନାଗାମାନେ ଏକ ଯୁଦ୍ଧଖୋର, ସମରବିଶାରଦ ସେନାପତି ରୂପେ ବାଦୀସାହିକୁ ଷୋଳ ହତିଆରରେ ଭୂଷିତ ହୋଇ, ଝକ୍‌ଝଡ଼ାକ୍ ଡେମ୍ଫ ବାଦ୍ୟ ତାଳରେ ପାହୁଲ ପକେଇ ଯୋଦ୍ଧାଠାଣି ଓ ଚାହାଁଣୀରେ ଅପୂର୍ବ ବୀରତ୍ୱ ପ୍ରଦର୍ଶନ କରି ଯାଇଥାନ୍ତି । ବଳିଷ୍ଠ ଯୁବକମାନେ ନାଗା ବନ୍ଧାନ୍ତି ଓ ଷୋଳ ହତିଆରିରେ ସଜ୍ଜିତ ହୋଇଥାନ୍ତି । ତେଣୁ (ଧନୁ), ଝୋବା (ବାରୁଦମାଠିଆ), ନଳୀ, ଠୁଙ୍କା (ପିତଳ ରଂଜକଦାନୀ), କଟାରୀ, ବାଘନଖି, ବାଙ୍କଛୁରୀ, କଲିଙ୍ଗ, ଖଣ୍ଡୀ, କୁନ୍ତ, ପସରବାଡ଼ି, ପର୍ଶୁ, ବାହୁଟି, ପିଠିଢାଲ, କଟିଢାଲ ଓ ମୃଗଶିଙ୍ଘା ହିଁ ପ୍ରାଚୀନ ଷୋଳ ହତିଆର । (ହରିହର ଚତୁରଙ୍ଗ) ଦେହରେ ରାମରଜ ବୋଳି, ପିଠିରେ ଢେଣ୍ଟୁ ବାନ୍ଧି (ଢେଣ୍ଟୁରେ ୨୦ଟି ଗଣ୍ଡା ବା ୮୦ଟି ତୀର ଥାଏ ଓ ବର୍ଛା, ତ୍ରିଶୂଳ ସହିତ ୭/୮ଟି ପତାକା ଲାଗିଥାଏ ଏବଂ ଦୁଇପଟେ ଦୁଇଟି ସିଂହ ଲାଗିଥାଏ), କଟିରେ ସାମନା ପଟେ ପିତଳ ଢାଲ ଓ ପଛପଟେ ଗଣ୍ଡା ଚର୍ମ ନିର୍ମିତ ଢାଲଟିଏ ଥାଏ । ଦକ୍ଷିଣପଟେ ବାଙ୍କଛୁରୀ ଓ ଡାହାଣ ଜଙ୍ଘରେ-ଜାନୁଘଣ୍ଟି ସହ ଅନ୍ୟ ଦୁଇଟି ଘଣ୍ଟି ଢେଣ୍ଟୁର ଦୁଇପାଖରେ ବନ୍ଧା ଥାଏ, ଯାହା ନାଗାର ଉପସ୍ଥିତିର ପୂର୍ବ ସୂଚନା ଦେଇଥାଏ । ମୁଣ୍ଡରେ ହାଣ୍ଡିଆ ବା ଶିରସ୍ତ୍ରାଣ ବହୁ ପରିଶ୍ରମରେ ବନ୍ଧାହୁଏ, ଯେଉଁଥିରେ ସୁନାରୂପାର ହାର ଓ ପାଉଁଜି ଆକର୍ଷଣୀୟ ଭାବରେ ସୁଶୋଭିତ ଥାଏ । ହାଣ୍ଡିଆ ତଳୁ ନାଗାର ଜଟର ଅଗ୍ରଭାଗ ମୋଡ଼ି ହୋଇ ହାଣ୍ଡିଆ ଉପରେ ଚୂଳ ଭାବେ ଶୋଲର ପଦ୍ମଫୁଲ ସହିତ ଶୋଭା ପାଉଥାଏ । ନାଗା ଜଟ ଉପରେ ସପୁରିଆ ଥାଏ । ଦୁଇଟି ଓଲଟ ଶୁଆ ଢେଣ୍ଟୁରେ ଲାଗେ । ହାତର ସୁରକ୍ଷା ପାଇଁ ହାତ ହତା ଓ ଓରମାଳ ବନ୍ଧା ଥାଏ । ବେକକୁ ଅସ୍ତ୍ରାଘାତରୁ ରକ୍ଷା କରିବା ପାଇଁ ସୁନାରୂପାର ହରିଡ଼ାମାଳୀ ଓ ରୁଦ୍ରାକ୍ଷ ମାଳୀ ପଡ଼େ । ଛାତି ଓ ପେଟକୁ ବ୍ୟାଘ୍ର ଚର୍ମରେ ଆବୃତ୍ତ ରଖାଯାଏ । ଗୋଡ଼ରେ ଶିକୁଳୀ ଓ ଘୋଡ଼ା ଲୋମରେ ନିର୍ମିତ ମୋଡ଼ା ବନ୍ଧା ହୁଏ । ବେକରେ ବାଘନଖ ପଡ଼େ ଓ ହାଣ୍ଡିଆରୁ ଆଉ ଏକ ବାଘନଖ ଝୁଲାଯାଏ, ଯାହା ଦି'ଆଖି ମଝିରେ ଓହଳି ଆଖିକୁ ସୁରକ୍ଷା ଦିଏ । ଦାଢ଼ି, ଗାଲମୁଚା ଓ ବିରାଟ ହାଣ୍ଡିଆ ବାନ୍ଧି, ମହିଁଷି ଶିଙ୍ଗର ତୁରୀ ଧାରଣ କରି, ହାତରେ ଗଣ୍ଡିଆ ବା ନଳୀ ଧରି, ନାଗା ଯେତେବେଳେ ପାହୁଲ ପକେଇ, ଡେମ୍ଫବାଦ୍ୟର ତାଳେ ତାଳେ ବୀର ଦର୍ପରେ ମାଡ଼ିଚାଲେ, ପ୍ରାଚୀନ ବୀରତ୍ୱର ପ୍ରତିଧ୍ୱନୀ, ପ୍ରତି ଯୁବପ୍ରାଣରେ ଖେଳେଇ ଯାଏ । ପ୍ରଥମେ କାଳିକା ଦେବୀ ସାହିର ଦକ୍ଷିଣକାଳୀଙ୍କୁ ଆଜ୍ଞା ପ୍ରାର୍ଥନା କରି, ନୃସିଂହ ଓ ମହାବୀରଙ୍କୁ ପୂଜାର୍ଚ୍ଚନା କରି ନାଗା ବାହାରେ । ସାହିଯାତ ବ୍ୟତୀତ, ବ୍ରାହ୍ମଣ ଶାସନମାନଙ୍କ ଶୀତଳଷଷ୍ଠୀ, ଚମ୍ପକ ଦ୍ୱାଦଶୀ, ଦୋଳମେଳଣରେ ମଧ୍ୟ ନାଗାମାନେ ବାହାରି ବୀର ଦର୍ପରେ ଜନମାନସ ମୋହି ଥାଆନ୍ତି । ପୁରୀର ସାଂସ୍କୃତିକ ଓ ଧର୍ମୀୟ ଚେତନାରେ ନାଗା ବା ନାଗାର୍ଜୁନ ଏକ ଅମ୍ଳାନ ନକ୍ଷତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ ।

ପୌରାଣିକ କିମ୍ବଦନ୍ତୀର ସିଂହାବଲୋକନରୁ ତୃତୀୟ ପାଣ୍ଡବ ଅର୍ଜୁନଙ୍କ ନାମାନୁସାରେ ଆଉ ତିନିଜଣ ଅର୍ଜୁନ ଦୃଷ୍ଟିଗୋଚର ହୁଅନ୍ତି । ମହାଭାରତରେ ଅର୍ଜୁନଙ୍କ ବନବାସକାଳୀନ ପତ୍ନୀ ନାଗବଳୀର ପୁତ୍ର ନାଗାର୍ଜୁନ, ପାଣ୍ଡବଙ୍କ ଅଶ୍ୱମେଧ ଯଜ୍ଞାଶ୍ୱକୁ ବାନ୍ଧି ଅର୍ଜୁନଙ୍କୁ ପରାସ୍ତ କରିଛନ୍ତି । ସେହି ମହାବୀର ନାଗାର୍ଜୁନ ମହାନ୍ କୃଷ୍ଣଭକ୍ତ ଥିବାରୁ, ତାଙ୍କ ଭକ୍ତି ଓ ବୀରତ୍ୱର ସ୍ମୃତିରେ ଶ୍ରୀଜଗନ୍ନାଥ ନାଗାର୍ଜୁନ ବେଶ ଧାରଣ କରନ୍ତି ।

ଶ୍ରୀମଦ୍ ଭାଗବତରେ ବର୍ଣ୍ଣିତ ଅଛି ଯେ, ହୈହୟ ବଂଶର ରାଜା କାର୍ତ୍ତବୀର୍ଯ୍ୟାର୍ଜୁନ ତପସ୍ୟା କରି ଦତ୍ତାତ୍ରେୟଙ୍କଠାରୁ ସହସ୍ରବାହୁ ବରଲାଭ କରି ସହସ୍ରାର୍ଜୁନ ନାମରେ ଖ୍ୟାତ ହୋଇଥିଲେ । ଜଳକେଳୀ ପାଇଁ ରେବାନଦୀ ଜଳକୁ ନିଜର ସହସ୍ର ହାତରେ ବନ୍ଧପରି ବାନ୍ଧି ଦେବାରୁ ରାବଣ ସହିତ କଳହ ହୋଇଥିଲା ଓ ସହସ୍ରାର୍ଜୁନ ରାବଣକୁ ୪ ମାସ ବନ୍ଦୀ କରି କାରାଗାରରେ ରଖିଥିଲେ । ସେହି ସହସ୍ରାର୍ଜୁନ ଯମଦଗ୍ନୀଙ୍କଠାରୁ ବଳପୂର୍ବକ କାମଧେନୁ ଛଡ଼ାଇ ନେବାରୁ, ପର୍ଶୁରାମ ପିତାଙ୍କ ଅପମାନର ପ୍ରତିଶୋଧ ନେଇ ସହସ୍ରାର୍ଜୁନଙ୍କୁ ହତ୍ୟା କରିଥିଲେ । ସହସ୍ରାର୍ଜୁନର ପ୍ରତିହିଂସା ପରାୟଣ ପୁତ୍ରମାନେ ରାତ୍ରିର ଅନ୍ଧକାରରେ ଯମଦଗ୍ନୀଙ୍କୁ ହତ୍ୟା କରିବାରୁ, କ୍ରୋଧି ପର୍ଶୁରାମ ସହସ୍ରାର୍ଜୁନ ବଂଶ

ନିପାତ କରି ପୃଥିବୀକୁ ଏକବିଂଶବାର ନିକ୍ଷେତ୍ରୀ କରିଥିଲେ । ଅବତାର ପର୍ଶୁରାମଙ୍କର କ୍ରୋଧ ଜର୍ଜରିତ ସହସ୍ରାର୍ଜୁନ ବଧ ସମୟର ବୀର ବେଶ ହିଁ ଶ୍ରୀଜଗନ୍ନାଥଙ୍କ ନାଗାର୍ଜୁନ ବେଶ ।

ମହାଭାରତରେ ଆହୁରି ମଧ ଉଲ୍ଲେଖ ଅଛି ଯେ ପିତୃଶ୍ରାଦ୍ଧ ପାଇଁ ଅର୍ଜୁନ ବଣ୍ୟବରାହ ଶୀକାରକୁ ଯାଇଥିଲେ । ତାଙ୍କ ଶର ବରାହକୁ ବିଦ୍ଧ କଲାବେଳେ, ଆଉ ଏକ ଶର ଏକ ସମୟରେ ସେଇ ବରାହକୁ ବିଦ୍ଧ କରିଥିଲା । ସ୍ୱୟଂ ମହାଦେବ ଶଙ୍କର ଅର୍ଜୁନଙ୍କ ବୀରତ୍ୱ ପରୀକ୍ଷା ପାଇଁ କିରାତ ବା ବ୍ୟାଧ ବେଶରେ ଆସି ଶରବିଦ୍ଧ ବରାହ ତାଙ୍କର ବୋଲି ଦାବି କରି ଯୁଦ୍ଧ କରିଥିଲେ । ଏହି ଯୁଦ୍ଧରେ ଅର୍ଜୁନ ଶଙ୍କରଙ୍କୁ ପରାସ୍ତ କରି ପାଶୁପତ ଅସ୍ତ୍ର ବରଲାଭ କରିଥିଲେ । ଯେହେତୁ ହରିହର ବା କୃଷ୍ଣ ବଳରାମ ଏକ ଆତ୍ମା, ଅଭିନ୍ନ ଓ ଅଭେଦ୍ୟ, ତେଣୁ ଶ୍ରୀଜଗନ୍ନାଥ ଅର୍ଜୁନଙ୍କ ବିଜୟ ସ୍ମୃତିରେ କିରାତ ବେଶ ବା ନାଗାର୍ଜୁନ ବେଶ ଧାରଣ କରନ୍ତି । ସ୍କନ୍ଧ ପୁରାଣରେ ଅଛି -

ନ ଭେଦୋସ୍ତ୍ୱସ୍ତି ଭୋବିପ୍ରାଃ କୃଷ୍ଣସ୍ୟ ବଳସ୍ୟ ଚ ।
ଏକ ଗର୍ଭ ପ୍ରସୂତତ୍ୱାଦ୍ ବ୍ୟବହାରୋ□ୟି ଲୌକିକଃ ।।
ବିଷ୍ଣୁଖଣ୍ଡ ଅଧ୍ୟାୟ ୨୧

ଭାରତର ଉତ୍ତର-ପୂର୍ବାଞ୍ଚଳର ଘଞ୍ଚ ଅରଣ୍ୟ ପର୍ବତ ଘେରା ନାଗାଲ୍ୟାଣ୍ଡ ନିବାସୀ ପାରମ୍ପାରିକ ବେଶଭୂଷାର ନାଗାମାନେ, ସେଇ ପୁରାଣ ବର୍ଣ୍ଣିତ ନାଗା ନୁହନ୍ତି କି ?

ତେବେ ଶ୍ରୀକ୍ଷେତ୍ରର ଶାକ୍ତ ପରମ୍ପରା ଅତି ପ୍ରାଚୀନ ଓ ବ୍ୟାପକ ଥିଲା, ଯେଉଁଥି ପାଇଁ ଆଦି ଶଙ୍କରାଚାର୍ଯ୍ୟ ମା' ବିମଳାଙ୍କୁ କ୍ଷେତ୍ରେଶ୍ୱରୀ ବୋଲି ଅଭିହିତ କରି ଲେଖିଛନ୍ତି -

ଜଗନ୍ନାଥୋ ଦେବତାତ୍ର କ୍ଷେତ୍ରଂ ତୁ ପୁରୁଷୋତ୍ତମମ୍ ।
ଦେବୀତୁ ବିମଳାଦେବୀ ତୀର୍ଥଂ ଚୈବ ମହୋଦଧିଃ ।।
ଶକ୍ତି ସୁଗମ ତନ୍ତ୍ର - ୪-୮/୭୬-୭୭

ଶାରଦୀୟ ଦୁର୍ଗୋତ୍ସବରେ, ଆଶ୍ୱିନମାସ କୃଷ୍ଣପକ୍ଷ ମୂଳାଷ୍ଟମୀଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ଷୋଡ଼ଶ ଦିନାତ୍ମକ ଦେବୀ ଉପାସନା, ଆଦି ଦେବୀ ପୀଠ ବିମଳାଙ୍କ ମନ୍ଦିରରେ ଅନୁଷ୍ଠିତ ହେବାବେଳେ, ଶ୍ରୀମନ୍ଦିରର ଅଗ୍ନୀକୋଣରେ ମା'ଙ୍କର ମୃଣ୍ମୟୀମୂର୍ତ୍ତି 'କାକୁଡ଼ି ଖାଇ' ନାମରେ ସପ୍ତମୀଠାରୁ ନବମୀ ପର୍ଯ୍ୟନ୍ତ ତିନିଦିନ ଧରି ପଶୁବଳି ସହିତ ପୂଜିତା ହୁଅନ୍ତି ଏବଂ ଦଶମୀ ଦଶହରା ଦିନ ରାତିରେ ବିସର୍ଜିତା ହୁଅନ୍ତି । କିନ୍ତୁ ଅନ୍ୟ ଯାଗା, ଆଖେଡ଼ାମାନଙ୍କରେ ପୂଜିତା ମୃଣ୍ମୟୀ ମୂର୍ତ୍ତି, ମଲ୍ଲ, ନାଗା ସଂପାଦି ଆଦି ସହ ଦଶହରା ଦିନ ମନ୍ତ୍ର-ବିସର୍ଜିତା ହୋଇ, ଏକାଦଶୀ ଦିନ ସିଂହଦ୍ୱାରଠାରେ ଏକତ୍ରିତ ହୁଅନ୍ତି ଓ ସେଇ ରାତିରେ ମୂଷା ନଈରେ ବିସର୍ଜିତା ହୁଅନ୍ତି । ଏହି ବିସର୍ଜିତା ମୃଣ୍ମୟୀ ମୂର୍ତ୍ତିମାନଙ୍କୁ ଲୋକଭାଷାରେ ଗୋସାଣୀ କୁହାଯାଏ ଏବଂ ବୀରତ୍ୱର ପ୍ରତୀକ ନାଗାମାନଙ୍କୁ ଅରଣ୍ୟ ନିବାସୀ ବୋଲି ବନଦୁର୍ଗା ମନ୍ତ୍ରରେ ପୂଜା କରାଯାଇଥାଏ ।

ବୀର ପୁଙ୍ଗବ ନାଗାମାନଙ୍କୁ ଗୋସାଣୀ ଯାତରେ ପୂଜା କରାଯିବା ସହିତ ଭକ୍ତମାନଙ୍କୁ ଅଭୟ ଦେବାପାଇଁ ଓ ସମଗ୍ର ହିନ୍ଦୁ ସମାଜକୁ ଏକ ବୀର ଜାତିରେ ଗଢ଼ି ତୋଳିବାର ସଂକେତ ଦେଇ ସ୍ୱୟଂ ଶ୍ରୀଜଗନ୍ନାଥ ନାଗାର୍ଜୁନ ବେଶ କାର୍ତ୍ତିକ ମାସରେ ଧାରଣ କରନ୍ତି । ଆଧ୍ୟାତ୍ମିକ ତତ୍ତ୍ୱ ଓ ଅବତାରବାଦ ଦୃଷ୍ଟିରୁ ଅବତାରୀ ଶ୍ରୀଗନ୍ନାଥ ଚବିଶ ଅବତାର କ୍ରମରେ ଚବିଶଟି ବେଶ ଧାରଣ କରି ଭକ୍ତମନ ରଂଜେଇ ଥାଆନ୍ତି । ଯଥା- ଶ୍ରୀକୃଷ୍ଣ କେନ୍ଦ୍ରିକ ବେଶ - ୭ଟି, ଶ୍ରୀରାମ କେନ୍ଦ୍ରିକ ବେଶ-୨ଟି, ଶ୍ରୀନୃସିଂହ କେନ୍ଦ୍ରିକ ବେଶ-୧ଟି, ଶ୍ରୀବାମନ ବେଶ-୧ଟି, ଶ୍ରୀଗଣେଶ ବେଶ-୧ଟି ଓ ଅନ୍ୟ ବେଶ-୧୨ଟି । ଏମିତି ସମୁଦାୟ ୨୪ଟି ବେଶ । ଏହି ଅନ୍ୟ ୧୨ଟି ସ୍ୱତନ୍ତ୍ର ବେଶ ମଧ୍ୟରେ 'ନାଗାର୍ଜୁନ ବେଶ' ଅତି ଦୁର୍ଲ୍ଲଭ ବେଶ । ଯେଉଁ ବର୍ଷ କାର୍ତ୍ତିକ ମାସର ଶେଷ ପାଞ୍ଚଦିନ (ଯାହାକୁ ପଂଚକ, ଭୀଷ୍ମ ପଂଚକ, ବା ବୁକପଂଚକ କୁହାଯାଏ) ବା ପଂଚକ ମଳଦିନ ସହିତ ୬ ଦିନ ହୁଏ, ସେହି ବର୍ଷ କାର୍ତ୍ତିକ ପୂର୍ଣ୍ଣିମା ପୂର୍ବଦିନ ବା ମଳଦିନ ଶ୍ରୀଜଗନ୍ନାଥଙ୍କର ନାଗାର୍ଜୁନ ବେଶ ହୁଏ । କାର୍ତ୍ତିକ ମାହାତ୍ମ୍ୟ ଦୃଷ୍ଟିରୁ ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କର ବେଶକୁ ରାଇ-ଦାମୋଦର ବେଶ ଓ କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ବେଶକୁ ସାମଗ୍ରିକ ଭାବରେ ଲକ୍ଷ୍ମୀ-ନାରାୟଣ ବେଶ କୁହାଯାଏ । ଯଥା-

କାର୍ତ୍ତିକ ଶୁକ୍ଳ ଏକାଦଶୀ - ଠିଆକିଆ ବେଶ ବା ଲକ୍ଷ୍ମୀ-ନାରାୟଣ ବେଶ,

କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ - ବାଙ୍କଚୂଡ଼ା ବେଶ,

କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ - ଆଡିକିଆ ବେଶ ବା ତ୍ରିବିକ୍ରମ ବେଶ,

କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ - ଡାଳିକିଆ ବେଶ ବା ଲକ୍ଷ୍ମୀ-ନୃସିଂହ ବେଶ,

କାର୍ତ୍ତିକ ଶୁକ୍ଳ ପୂର୍ଣ୍ଣିମା - ରାଜବେଶ ବା ସୁନାବେଶ ।

ତେବେ ପଂଚକ ମଳଦିନ ଅନୁଷ୍ଠିତ ନାଗାର୍ଜୁନ ବେଶରେ ନାଗାର ପୂର୍ବକଥିତ ସମସ୍ତ ବେଶ ସମ୍ଭାର ସହିତ ପ୍ରଭୁ ଶ୍ରୀଜଗନ୍ନାଥ ଦୁଇ ହସ୍ତରେ ଶଙ୍ଖ, ଚକ୍ର ଧାରଣ କରିବା ବେଳେ ଶ୍ରୀବଳଭଦ୍ର ଲଙ୍ଗଳ ଓ ମୂଷଳ ଧାରଣ କରିଥାଆନ୍ତି । ଏ ଦେବଦୁର୍ଲ୍ଲଭ ବେଶ ଦେଖିବା ପାଇଁ ଶ୍ରୀକ୍ଷେତ୍ରରେ ଲକ୍ଷ ଲକ୍ଷ ଭକ୍ତମାନଙ୍କ ସମାବେଶ ହୋଇଥାଏ । ବେଶରେ ବିମୋହିତ ଭକ୍ତକବି ଲେଖିଲେ -

ତୋର ବିବିଧ ବେଶ ଦେଖି
ନିର୍ମଳ ହେଲା ବେନି ଆଖି ।
କିବା ଚବିଶ ଅବତାର
କଳ୍ପିତ ବେଶେ ତୋ ପ୍ରଚାର ।
ନାହିଁ ସେ ବେଶର ଉପମା
ବାକ୍ୟେ କେ ବର୍ଣ୍ଣିବ ମହିମା ?
ପୁରୁଷୋତ୍ତମ ଗୀତା

କାଳର ଅପ୍ରତିହତ ଗତିରେ ଈଶ୍ୱରଙ୍କ ଆଶୀର୍ବାଦରୁ ମନୁଷ୍ୟ ବିସ୍ମରଣର ପ୍ରଲେପ ସହିତ ମାତୃଗର୍ଭରୁ ଭୂମିଷ୍ଠ ହୋଇଥାଏ । କେତେକ ଜାତିସ୍ମରଙ୍କ ବ୍ୟତିକ୍ରମ ଦୃଷ୍ଟିଗୋଚର ହୁଏ, ମାତ୍ର ସେମାନେ ମଧ୍ୟ ସୀମିତ ସମୟର ଯାତ୍ରୀ । ତେଣୁ ସ୍ମରଣାତୀତ ସମୟ ଓ କାର୍ଯ୍ୟକଳାପ, ବିବାଦାସ୍ପଦ ହେବା ସ୍ୱାଭାବିକ । ନାନା ମୁନି - ନାନ ମତ ନ୍ୟାୟରେ, ବିଭିନ୍ନତାକୁ ସମ୍ମାନ ଜଣେଇ ଅନୁସନ୍ଧିତ୍ସା ଓ ଅନ୍ୱେଷଣ ବଳବତ୍ତର ରଖିଲେ, ଐତିହାସିକ ତଥ୍ୟ ଓ ଆଧ୍ୟାତ୍ମିକ ତତ୍ତ୍ୱର ନିର୍ଯ୍ୟାସ ବୋଧଗମ୍ୟ ହୋଇପାରିବ । ମହାଭାରତର ଯୁଧିଷ୍ଠିର - ଯକ୍ଷ ସମ୍ବାଦରେ ଯଥାର୍ଥରେ କୁହାଯାଇଛି -

ତର୍କୋଽପ୍ରତିଷ୍ଠଃ ଶ୍ରୁତୟୋ ବିଭିନ୍ନା
ନୈକୋ ମୁନିର୍ଯସ୍ୟ ମତଂ ପ୍ରମାଣମ୍ ।
ଧର୍ମସ୍ୟ ତତ୍ତ୍ୱଂ ନିହିତଂ ଗୁହାୟାମ୍
ମହାଜନୋ ଯେନ ଗତଃ ସ ପନ୍ଥାଃ ॥

**ପାଦଟୀକା**

୨୦୦୧ର ସାହିଯାତ ପତ୍ରିକାରୁ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀକୃଷ୍ଣଚନ୍ଦ୍ର ମହାପାତ୍ରଙ୍କଠାରୁ କେତେକ ତଥ୍ୟ ସଂଗୃହିତ ।

ବରିଷ୍ଠ ଉପନିର୍ଦ୍ଦେଶକ (ଅଃପ୍ରାଃ)
ଅର୍ଥ ମନ୍ତ୍ରାଳୟ, ଭାରତ ସରକାର
ବୁଢ଼ିମା' ଲେନ୍, ଦଉଡୋଟା, ପୁରୀ

---

# ମହାନାୟକ

ଡକ୍ଟର ପ୍ରସନ୍ନ କୁମାର ମହାନ୍ତି

ତୁମକୁ ବୁଝିବାକୁ
ଓ ବୁଝିବାକୁ ତୁମ
ସୃଷ୍ଟିର ସାରାଂଶ
ଯୁଗ ଯୁଗ ଧରି
ଯେତେ କୌଶଳ କଲେ ବି
ଶେଷକୁ ହୋଇଛି ନିରାଶ ।

ଯୋଜନ ଯୋଜନ ବ୍ୟାପି
ଖର୍ବ ନିଖର୍ବ ଶାଖା ପ୍ରଶାଖାରେ
ସାରା ମହାଶୂନ୍ୟକୁ ଆବୋରି
ଗଢ଼ିଛ ଗୋଟେ ମହାଦ୍ରୁମ
ଯାହାର ମୂଳ ନିଜେ ତୁମେ,
କାହିଁ କୋଉ ମଥାନରେ ମୋତେ
କ୍ଷୁଦ୍ର କାକୁସ୍ଥ ପତ୍ରଟେ କରିଛ
କେମିତି ଜାଣିବି ମୁଁ
ମୂଳମୋର କିଏ ଓ କେମିତି ସେ ...
ଏପରିକି ଶୁଖି ଝଡ଼ିଯିବି ଯେବେ
ମୂଳକୁ ଛୁଇଁବାର ଅନେକ ପୂର୍ବରୁ
କେଉଁ ଝଡ଼ପବନରେ ଉଡ଼ିଯିବି ନିଶ୍ଚେ
ଅଜଣା କେଉଁ ଇଲାକାର ଅଂଧାରକୁ ।

ହେ ଅନନ୍ତ ରହସ୍ୟମୟ !
ତୁମ ସ୍ୱରୂପ କଳନା ଲାଗି
ଶହ ଶହ ଭକ୍ତ, କବି, ବାଗ୍ମୀ
ଯୁଗ ଯୁଗ ହେଲା ନିଷ୍ଫଳ ସାଉଁଟିଛନ୍ତି
ତର୍କ, ତତ୍ତ୍ୱ, ରୂପ, ଶବ୍ଦ ।
ଏବଂ ବ୍ୟୟ କରିକରି ନିଃସ୍ୱ ହୋଇଛନ୍ତି
ଜ୍ଞାନ, ବୁଦ୍ଧି, ଧ୍ୟାନ, କଳ୍ପନା
ଭାବ, ଆବେଗ, ଭକ୍ତି, ପ୍ରେମ
ତଥାପି ଜାଣିଚାଏ ତୁମ ଭେଦ
ପାଇବାକୁ ହୋଇନାହାନ୍ତି କ୍ଷମ ।

ହେ ପ୍ରିୟ ସଖା !
ଛନ୍ଦକପଟ ସବୁବେଳେ
ଭଲ ନୁହେଁ ...
ସାମନ୍ତ ଓ ସେବକ ଅନ୍ତତଃ
ଥରେ ଅଧେ ନିଷ୍କପଟ ଭାବେ
ସାମ୍ନାସାମ୍ନି ହେବା ହିଁ
ସହଜ ସ୍ୱାଭାବିକତା,
ଏପରିକି ଏହା ନିଶ୍ଚେ ଗୋଟେ
ଈଶ୍ୱରୀୟ ଆବଶ୍ୟକତା -
କିନ୍ତୁ ତୁମକୁ ବୁଝାଇବ କିଏ
ସେଇ ଛୋଟ ଗୋଟେ କଥା !

ଅକ୍ଷତ ହସଟିଏ ନିରବଧି
ଫୁଟାଇ ରଖିଚ ରକ୍ତ ଅଧରରେ
ବିସ୍ଫାରିତ ଆଖି ଦୁଇଟିରେ ପଲକ ନାହିଁ -
ହେ ମହାଖେଳର ନାୟକ !
ଛଳନା, ପ୍ରତାରଣା, ଅମାନୁଷିକତା
ହତ୍ୟା, ଧର୍ଷଣ, ରକ୍ତପାତର ଏ
ଖେଳ ଦେଖି ଦେଖି କ୍ଳାନ୍ତ ହୁଅନି ତୁମେ ?

କେବେ ସରିବ ତୁମ ଖେଳ
କେବେ ତୁମେ କ୍ଳାନ୍ତ ହେବ
ଲିଭାଇ ଦେବ ସବୁ ଆଲୁଅ
ଓ କହିବ : ଢେର୍ ହେଲା ବାବା
ଏଥର ଟିକେ ବିଶ୍ରାମ କରିବା !!

ରିଡର୍, ଓଡ଼ିଆ ବିଭାଗ
ରେଭେନ୍ସା ଜୁନିଅର୍ କଲେଜ୍
କଟକ-୭୫୩୦୦୩

# ଶକ୍ତିପୀଠ ଶ୍ରୀକ୍ଷେତ୍ରର ଅଧୀଶ୍ୱର ଶ୍ରୀଜଗନ୍ନାଥ ସ୍ୱୟଂ କାଳିକା

ଦୁର୍ଗାପ୍ରସାଦ ମହାପାତ୍ର

'ନୀଳାଦ୍ରୌ ଶଙ୍ଖ ମଧ୍ୟେ ଶତଦଳ କମଳେ ରତ୍ନ ସିଂହାସନସ୍ଥଂ
ସର୍ବାଳଙ୍କାର ଯୁକ୍ତଂ ନବଘନ ରୁଚିରଂ ସଂଯୁତଂ ଚାଗ୍ରଜେନ ।
ଭଦ୍ରାୟା ବାମଭାଗେ ରଥଚରଣଯୁତଂ ବ୍ରହ୍ମରୁଦ୍ରେନ୍ଦ୍ର ବନ୍ଦ୍ୟଂ
ବେଦାନାଂ ସାରମେକଂ ସ୍ୱଜନ ପରିବୃତଂ ବ୍ରହ୍ମଦାରୁଂ ସ୍ମରାମି ।'

ମହାନିର୍ବାଣ ତନ୍ତ୍ର ଗ୍ରନ୍ଥର ପ୍ରଣେତା ଶ୍ରୀଜଗନ୍ନାଥଙ୍କୁ ପୁରୀ ଗୋଲକଧାମରେ ଶ୍ରୀ ଶ୍ରୀ ଦକ୍ଷିଣକାଳିକା ମହାଶକ୍ତି ଭାବରେ ବିରାଜିତା ବୋଲି ଉଲ୍ଲେଖ କରୁଥିବାବେଳେ ବୈଷ୍ଣବ ତନ୍ତ୍ର ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଜଗନ୍ନାଥଙ୍କର ବ୍ରହ୍ମରେ ଲୀନ ହୋଇଯିବାରୁ ଦୃଷ୍ଟିରେ ରଖି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସ୍ୱୟଂ ବିଷ୍ଣୁ ବୋଲି ଅଭିହିତ କରି ତାଙ୍କୁ ବୈଷ୍ଣବ ଧର୍ମର ଠାକୁର ବୋଲି ଦୃଢ଼ ଦାବି କରିଛନ୍ତି । ମାତ୍ର ଶ୍ରୀଜଗନ୍ନାଥ ସମସ୍ତ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବିଶ୍ୱବାସୀଙ୍କର ବଡ଼ଠାକୁର ରୂପେ ପ୍ରସିଦ୍ଧି ଲାଭ କରି ଆସୁଛନ୍ତି । ଶ୍ରୀଜଗନ୍ନାଥ ହେଉଛନ୍ତି ହିନ୍ଦୁମାନଙ୍କର ପରମ ଆରାଧ୍ୟ ଦେବତା । ତିନୋଟି ଅପୂର୍ଣ୍ଣ ମୂର୍ତ୍ତି । ଶ୍ୱେତାଶ୍ୱେତ ଉପନିଷଦ ଅନୁଯାୟୀ -

'ଅପାଣି ପାଦୋ ଜବନଗ୍ରହୀତଃ
ପଶ୍ୟତାଂ ଚକ୍ଷୁ ଶୃଣୋତ୍ୟ କର୍ଣ୍ଣ୍ୟ
ସବେତ୍ତି ବେଦ୍ୟଂ ନଚ ତସ୍ୟାସ୍ତି ବେତ୍ତି
ତମାହୁରଂ ପ୍ରଶ୍ୟଂ ପୁରୁଷ ମହାନ୍ତଂ ।'

ଅର୍ଥାତ୍, ହସ୍ତପାଦ ବିହୀନ, କର୍ଣ୍ଣ, ନାଶା ନାହିଁ । କେବଳ ଅଛି ଗଣ୍ଡି । ରୂପ ଅଛି ବୋଲି କହି ନହେଲେ ମଧ ରୂପ ନାହିଁ ବୋଲି ଅସ୍ୱୀକାର କରିହେବ ନାହିଁ । ଦର୍ଶନ ମାତ୍ରକେ ଚକ୍ଷୁ ପଲକହୀନ । ସୁଦର୍ଶନ ଶ୍ରୀଜଗନ୍ନାଥଙ୍କ ବାମପାର୍ଶ୍ୱରେ ଏକ ଗୋଲେଇ କାଷ୍ଠସ୍ତମ୍ଭ । ବିଚିତ୍ର କଳ୍ପନା ଏହି ପ୍ରାଣସ୍ପର୍ଶୀ ମୂର୍ତ୍ତିମାନଙ୍କର ।

ଏଥିନିମନ୍ତେ କୁହାଯାଇଅଛି -

'ଗୁଣକ୍ରିୟାନୁସାରେଣ ଦେବ୍ୟାରୂପ ପ୍ରକଳ୍ପିତଂ ।'

ଆମ ଓଡ଼ିଶାରେ ଏହି ବିଚିତ୍ର ମୂର୍ତ୍ତିମାନଙ୍କର ଆବାସସ୍ଥଳୀ । ବ୍ରହ୍ମାଣ୍ଡପୁରାଣ ମତରେ ବୈତରଣୀ ନଦୀ ଓ ମହେନ୍ଦ୍ର ପର୍ବତ ମଧ୍ୟବର୍ତ୍ତୀ ଅଞ୍ଚଳ ଏହାଙ୍କର ଲୀଳାସ୍ଥଳୀ । ଯଥା-





'ଦତ୍ରାସ୍ତେ ଭାରତବର୍ଷେ ଦକ୍ଷିଣୋଦଧି ସଂସ୍ଥିତଃ
ଉତ୍ତରଦେଶ ଇତିଖ୍ୟାତଃ ସର୍ବମୋକ୍ଷ ପ୍ରଦାୟକ
ସମୁଦ୍ରାଦ୍ୟୁତ୍ତର ତୀରେ ଯାବତ୍ ବିରଜାମଣ୍ଡଳଂ ।'

ଅନ୍ୟ ଅର୍ଥରେ -

'ଯତ୍ରନାଥୋ ଜଗନ୍ନାଥ ମହେନ୍ଦ୍ରାପି କୁଳାଚଳଃ
ନଦୀ ମହାନଦୀ ଯତ୍ର ତନଧିଶ ମହୋଦଧିଃ
ସ୍ୱର୍ଗଦ୍ୱାରଂ ଶବସ୍ଥାନଂ ଦ୍ରୁମଃ କଳ୍ପଦ୍ରୁମଃସ୍ତଥା ।'

ଏହି ଜଗନ୍ନାଥ ଜଗତର ନାଥ ରୂପେ ବିଦିତ । ସେ ସର୍ବଧର୍ମ ସମନ୍ୱୟର କ୍ଷେତ୍ରାଧିଶ୍ୱର । କିମ୍ବଦନ୍ତୀ ରହିଛି ଯେ, ସମୁଦ୍ର ତଟରେ ନିଘଞ୍ଚ ଅରଣ୍ୟାନୀ ମଧ୍ୟରେ ନୀଳମାଧବ ରୂପରେ ଶବରମାନଙ୍କ ଦ୍ୱାରା ସେ ପୂର୍ବରୁ ପୂଜା ପାଇ ଆସୁଥିଲେ । ମାତ୍ର ବହୁ ପୂର୍ବରୁ ଏହାଙ୍କର ସ୍ଥିତି । ରାମାୟଣରେ ଏହାଙ୍କର ନାମ ରହିଥିବା ଦେଖିବାକୁ ମିଳେ । କିନ୍ତୁ ଏ ପ୍ରକାର ରୂପର କଳ୍ପନା କେବେଠାରୁ ତାହା ଏପର୍ଯ୍ୟନ୍ତ ସମର୍ଥିତ ନୁହେଁ । କିନ୍ତୁ ସ୍ୱୀକୃତ ମତରେ ମୂର୍ତ୍ତିରେ ପରିପ୍ରକାଶ ନିମନ୍ତେ ଅଙ୍ଗଦ, ଜାରାଶବର, ଶ୍ରୀକୃଷ୍ଣ, ବିଶ୍ୱାବସୁ ଲୋକଲୋଚନକୁ ଆସନ୍ତି । ତେବେ ସେ ଯାହା ହେଉନା କାହିଁକି ସର୍ବୋପରି ସେ ଦାରୁ ବିଗ୍ରହ ରୂପରେ ବ୍ରହ୍ମାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇ ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ସ୍ଥାପିତ ହୋଇଥିବା ବର୍ତ୍ତମାନ ସର୍ବସମ୍ମତ ବୋଲି ଧରି ନିଆଯାଇଥିଲେ ହେଁ ଏ ବିଗ୍ରହ ପ୍ରକୃତରେ କିଏ ? ଏହା ଏକ ବିବଦମାନ ପ୍ରଶ୍ନ । ଶୈବ, ଶାକ୍ତ, ଗାଣପତ୍ୟ, ସୌର, ବୈଷ୍ଣବ, ଜୈନ, ବୁଦ୍ଧ ସମସ୍ତେ ଏହି ବିଗ୍ରହକୁ

ତାଙ୍କର ଦେବତା ବୋଲି କହି ଅଧିକାର ଜାହିର କରିବା ସହ ଯେ ଯାହାର ଯୁକ୍ତିରେ ଅଟଳ । ତେଣୁ କୁହାଯାଇଅଛି -

'ଯଂଶୈବା ସମୁପାସତେ ଶିବଇତିବ୍ରହ୍ମେତି ବେଦାନ୍ତିନୋ ।
ବୌଦ୍ଧ ବୁଦ୍ଧ ଇତି ପ୍ରମାଣ ପଟ୍ଟବଃ କର୍ତ୍ତେତି ନୈୟାୟିକାଃ
ଅର୍ହନିତଃ୍ୟ ଜୈନ ଶାସନରତା କର୍ମେତି ମୀମାଂସକାଃ
ସ୍ୱୟଂ ବୋ ବିଧାଦୁ ବାଞ୍ଛିତ ଫଳଂ ସର୍ବସ୍ୱରୂପୋହରିଃ ।'

ଏହାଙ୍କର ରୀତି ନୀତି ସବୁ ଅଲଗା । ୧୨ ବର୍ଷରେ ଥରେ ଘଟ ପରିବର୍ତ୍ତନ ହୁଏ । କିନ୍ତୁ ପୁରୁଣା ଅସ୍ତିତ୍ୱ ଅପରିବର୍ତ୍ତନୀୟ । ସେ ଅଚିନ୍ତ୍ୟ, ଅନିତ୍ୟ, ନିତ୍ୟ, ସଗୁଣ ଓ ନିର୍ଗୁଣର ଆଧାର । ସେ ଶାଶ୍ୱତ । ମର୍ତ୍ତ୍ୟର ସେ ଦେବତା, ମର୍ତ୍ତ୍ୟ ମାନବମାନଙ୍କର ଆଚାରରେ ଚଳନୀ ତଥାପି ତାଙ୍କଠାରେ ଦେବଯୋଗ୍ୟ ରୀତି ପ୍ରଚଳିତ । ନବକଳେବର ସମୟରେ ଜଗନ୍ନାଥଙ୍କ ଭିତରେ ଥିବା ଜିନିଷଟି ଅଦେଖା, ଅନୁପଲବ୍ଧ, ଅସ୍ପୃଶ୍ୟଭାବେ ପରିବର୍ତ୍ତିତ ହୋଇଥାଏ । ତାହାକୁ କେହି କେହି ବ୍ରହ୍ମ, ବାମାବର୍ତ୍ତ କୁଣ୍ଡଳିନୀ, ଦେବୀଯନ୍ତ୍ର ଇତ୍ୟାଦି ନାମରେ ନାମିତ କରିଥାନ୍ତି । କିନ୍ତୁ ପ୍ରକୃତରେ ତାହା କ'ଣ ତାହା ଏପର୍ଯ୍ୟନ୍ତ ସଠିକ୍ କରାଯାଇ ପାରିନାହିଁ । ତଥାପି ଏହି ପରିବର୍ତ୍ତନ ପରେ ଶ୍ରୀଜଗନ୍ନାଥ ରୂପରେ ପୂଜିତ ହୁଅନ୍ତି ।

ସଂସ୍କୃତ ସାହିତ୍ୟରେ ବର୍ଣ୍ଣିତ ଉଡ୍ରଦେଶ ତନ୍ତ୍ର ସାହିତ୍ୟର ଉଡ୍ଡୀୟାନପୀଠ । ଦେବୀ ପୀଠ ମଧ୍ୟରେ ପ୍ରାଧାନ୍ୟ ଲାଭ କରିଥିବା ଚର୍ତୁପୀଠ ମଧ୍ୟରେ ଉଡ୍ଡୀୟାନ୍ ଅନ୍ୟତମ । ଶ୍ୟାମାର୍ଚ୍ଚନ ତରଙ୍ଗିଣୀରେ ଉଲ୍ଲେଖ ଅଛି -

'ଉଡ୍ଡୀୟାନଃ ପୂର୍ଣ୍ଣଗିରି ଜାଳଂଧର ତଥୈବଚ,
କାମରୂପଇତିଖ୍ୟାତଂ କୌଳପୀଠ ଚତୁଷ୍ଟୟମ୍ ।'

ପୁନଶ୍ଚ କାଳିକା ପୁରାଣ ମତାନୁଯାୟୀ -

'ଉଡ୍ରାଣଂ ପ୍ରଥମଂ ପୀଠଂ ଦ୍ୱିତୀୟଂ ଜାଳଶୈଳଜଂ,
ତୃତୀୟଂ ପୂର୍ଣ୍ଣପୀଠନ୍ତୁ କାମରୂପଂ ଚତୁର୍ଥକଂ ।'

ସେହିପରି ବିରାଚାର ମତରେ -

'ନୀଳଶୈଳଂ ମହାପୀଠ ଶାକ୍ତାନଂ ପରମଂ ବିଦୁଃ ।'

ଉପରୋକ୍ତ ଦୃଷ୍ଟିକୋଣରୁ ବିଚାର କଲେ ଶ୍ରୀକ୍ଷେତ୍ର, ନୀଳାଚଳ, ଜଗନ୍ନାଥଧାମ ଯେ ଏକ ଶକ୍ତିପୀଠ ଏଥିରେ ସନ୍ଦେହର ଅବକାଶ ନାହିଁ । ଆହୁରି ମଧ୍ୟ ଉଲ୍ଲେଖ ଅଛି - ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ଦାରୁ ବିଗ୍ରହ ନିର୍ମିତ ହୋଇ ପ୍ରତିଷ୍ଠା ହେବା ସମୟରେ ଯେତେବେଳେ ଶ୍ରୀମନ୍ଦିର ମଧ୍ୟକୁ ଆନୀତ ହେଲେ ସେତେବେଳେ ସେହି ସ୍ଥାନରେ ବହୁ ପୂର୍ବରୁ ରହି ଆସିଥିବା ଦେବୀ ବିମଳା ତାଙ୍କୁ ମନ୍ଦିର ମଧ୍ୟକୁ ପ୍ରବେଶ କରି ପ୍ରତିଷ୍ଠିତ ହେବା ନିମନ୍ତେ ଅନୁମତି ପ୍ରଦାନ କରି ନଥିଲେ । ଏହି ଦ୍ୱନ୍ଦ୍ୱରେ ସ୍ୱୟଂ ବ୍ରହ୍ମଦେବ ମଧ୍ୟସ୍ଥତା କରି ତାହା ମୀମାଂସା କରିଥିଲେ । ଯଥା-

୧. ଶ୍ରୀମନ୍ଦିର ମଧ୍ୟରେ ବିମଳାଙ୍କର ଶକ୍ତିପୀଠର ପ୍ରାଧାନ୍ୟତା ରହିବ ।

୨. ବିମଳା ସେହିଠାରେ ହିଁ ଅବସ୍ଥାନ କରିବେ ।

୩. ଜଗନ୍ନାଥଙ୍କ ନୈବେଦ୍ୟ ବିମଳାଙ୍କୁ ସମର୍ପଣ କରାଯିବା ପରେ ହିଁ ତାହା ମହାପ୍ରସାଦ ରୂପେ ପରିଣତ ହେବ ।

୪. ବିମଳା ଭୈରବୀ ରୂପେ ଓ ଜଗନ୍ନାଥ ଭୈରବ ରୂପେ ରହିବେ ।

'ଉତ୍କଳେ ନାଭିଦେଶଶ୍ଚ ବିରଜା କ୍ଷେତ୍ର ମୁଚ୍ୟତେ
ବିମଳାସା ମହାଦେବୀ ଜଗନ୍ନାଥସ୍ତୁ ଭୈରବ ।'

ତନ୍ତ୍ରାତରେ ମଧ୍ୟ ଉଲ୍ଲେଖ ଅଛି 'ଲକ୍ଷଯୋନୀଂ ଚ ବିମଳା' । ବିମଳାଙ୍କ ମନ୍ଦିର ଏକ ଯୋନୀର ଆକୃତି ଥିଲା । କାଳକ୍ରମେ ତାକୁ ସିମେଣ୍ଟ ଦ୍ୱାରା ଆଚ୍ଛାଦିତ କରାଯାଇଅଛି । ଶ୍ରୀମନ୍ଦିର ମଧ୍ୟ ଶକ୍ତିପୀଠ ଅନୁଯାୟୀ ପରିକଳ୍ପିତ ଓ ନିର୍ମିତ ଯଥା- ଏକ କୋଣରେ ଦେବୀ ବିମଳା । ଦ୍ୱିତୀୟ କୋଣରେ ଶ୍ରୀମହାଲକ୍ଷ୍ମୀ । ନିମ୍ନକୋଣରେ ସ୍ୱୟଂ ଜଗନ୍ନାଥ ।

ଏହା ଶକ୍ତି ତ୍ରିକୋଣ ଅଟେ । ପୁନଶ୍ଚ ଏକ ପାର୍ଶ୍ୱରେ ବିଶ୍ୱନାଥ, ଅପରପାର୍ଶ୍ୱରେ ବାମନ ଓ ଊର୍ଦ୍ଧ୍ୱରେ ନୃସିଂହ ରହି ଶିବ ତ୍ରିକୋଣ ସୃଷ୍ଟି କରିଛନ୍ତି ।

ଏହିପରି ଭାବରେ ଏହି ମନ୍ଦିର ତ୍ରିକୋଣ ଷଟ୍‌କୋଣ କଳ୍ପିତ ପରିସର ମଧ୍ୟରେ ବିରାଜିତ ହୋଇଅଛି । ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରା ଓ ଶ୍ରୀସୁଦର୍ଶନ ଏମାନେ ହେଲେ ଚତୁର୍ଦ୍ଧା ମୂର୍ତ୍ତି । ଜଗନ୍ନାଥ କହିଲେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ହିଁ ବୁଝାଇଥାଏ । ଜଗନ୍ନାଥ ଏହି ଚାରି ଅକ୍ଷର ଚାରି ମୂର୍ତ୍ତିର ନିଦର୍ଶନ । ଶୂନ୍ୟସଂହିତା ଅନୁସାରେ, ଜକାରସ୍ତୁ ଜଗନ୍ନାଥ, ବଳଭଦ୍ର ଗକାର, ନାକାର ସୁଭଦ୍ରା ପ୍ରୋକ୍ତା ଥକାରୁସ୍ତ ସୁଦର୍ଶନଃ । ଏହି ଶକ୍ତିପୀଠର ସ୍ୱାତନ୍ତ୍ର୍ୟ ଓ ପ୍ରାଧାନ୍ୟ ତନ୍ତ୍ର ମତରେ ସ୍ୱୀକୃତ ହୋଇଛି । ଯଥା -

'ଉତ୍କଳକାଳୀ ଦେଶସ୍ୟାତ୍ ଜଗନ୍ନାଥସ୍ତୁ କାଳିକା
ସୁଭଦ୍ରାଚ ରକ୍ତକାଳୀ ବଳିଶ୍ଚ ଶ୍ୱେତକାଳିକା
ବିମଳା ଭଦ୍ରକାଳୀଶ୍ଚ କାଳୀପୀଠଂ ତଦୁଚ୍ୟତେ ।'

ବିରାଚାର ମତରେ ମଧ୍ୟ କୁହାଯାଇଛି -

'ନୀଳଶୈଳଂ ମହାପୀଠଂ ଶାକ୍ତାନଂ ପରମବିଦୁଃ
ନୀଳସୁନ୍ଦର ନୀଳାଦ୍ରୀ କାଳିକାୟାଃ ପ୍ରିୟକରୋ
ଶ୍ୟାମାକାଳୀ ଜଗନ୍ନାଥ ଦକ୍ଷିଣାଜ୍ଞାନ ଦାୟିନୀ
ସୁନ୍ଦରୀ ସା ସୁଭଦ୍ରା ଚ ରକ୍ତକାଳୀତୀ କଥ୍ୟତେ
ବଳଭଦ୍ରଃ ଶ୍ୱେତକାଳୀ ଚକ୍ରସ୍ତୁ ଭଦ୍ରକାଳୀକା
ବିମଳା ଚ ମହାକାଳୀ କାଳୀପୀଠ ହି ଶଙ୍କରୀ ।'

ପୁନଶ୍ଚ ମହାନିର୍ବାଣ ତନ୍ତ୍ର ମତରେ -

'ତାରା ସାକ୍ଷାତ୍ ଶୂଳପାଣି ସୁଭଦ୍ରା ଭୁବନେଶ୍ୱରୀ
ନିଳାଦ୍ରୌତୁ ଜଗନ୍ନାଥ ସାକ୍ଷାତ୍ ଦକ୍ଷିଣକାଳୀକା ।'

ଏହି ତିନିମୂର୍ତ୍ତି ବିଭିନ୍ନ ମତରେ ବିଭିନ୍ନ ଦେବୀ ରୂପେ ବର୍ଣ୍ଣିତ ହୋଇଥିଲେ ହେଁ ସେମାନଙ୍କର ରୂପ ଦେବୀ ତତ୍ତ୍ୱ ଉପରେ ପର୍ଯ୍ୟବସିତ । ସୁଭଦ୍ରା ଶକ୍ତି ସ୍ୱରୂପିଣୀ । ଗାୟତ୍ରୀ କଳ୍ପରେ ନିମ୍ନୋକ୍ତ ମତେ କୁହାଯାଇଛି ଯଥା-

'ଯୋଗମାୟା ମହାଦେବୀ ମହାମାୟା ନମୋସ୍ତୁତେ
ଈଶ୍ୱରୀ ଅଙ୍ଗଭଜନଂ ବ୍ରହ୍ମସ୍ଥାନେସ୍ଥିତେସଦା ।'

ଏହି ଦେବୀ ସୁଭଦ୍ରା ଅର୍ଦ୍ଧମାତ୍ରା । ଅନାଦି ଶକ୍ତି ସ୍ୱରୂପିଣୀ । ବଳଭଦ୍ର ମତାନ୍ତରେ ହେଉଛନ୍ତି ଶିବ । ତେଣୁ ସୃଷ୍ଟିର ପ୍ରକୃତି ପୁରୁଷ ତତ୍ତ୍ୱ ମଧ୍ୟ ଏହିଠାରେ ଦେଖିବାକୁ ମିଳେ ।

ଏଥିନିମନ୍ତେ କୁହାଯାଇଛି -

'ଜୟଭଦ୍ରେ ସୁଭଦ୍ରେ ତ୍ୱଂ ସର୍ବେଷାଂ ଭଦ୍ରଦାୟିନୀ
ଭଦଭଦ୍ର ସ୍ୱରୂପାଂ ତ୍ୱଂ ଭଦ୍ରକାଳୀ ନମସ୍ତୁତେ ।'

ଶ୍ରୀଜଗନ୍ନାଥଙ୍କୁ କାଳୀକା କହିବା ଅସମିଚୀନ ନୁହେଁ । କାରଣ ତାଙ୍କର ନବକଳେବର ସମୟରେ ଦାରୁ ଆହରଣ ବେଳେ ପ୍ରତିଷ୍ଠିତା ଦେବୀ ମା' ମଙ୍ଗଳାଙ୍କର ଆଜ୍ଞା ଲାଭ ଓ ସ୍ୱପ୍ନାଦେଶ ସମସ୍ତେ ଜାଣନ୍ତି । ଦାରୁ ବିଗ୍ରହଙ୍କ ପ୍ରତିଷ୍ଠା ସମୟରେ ତାନ୍ତ୍ରିକ କ୍ରିୟା ମଧ୍ୟରେ 'କାଳୀଷୋଢ଼ା' ନ୍ୟାସ ପ୍ରୟୋଗ ପ୍ରଧାନ କର୍ମ ଅଟେ । ଜଗନ୍ନାଥଙ୍କ ରୂପ ମାଧୁରୀ ଯଦିଓ କଦାକାର ତଥାପି ବିଶ୍ୱର ସମଗ୍ର ସୁନ୍ଦରବସ୍ତୁଠାରୁ ସେ ସୁନ୍ଦର । ଅପଲକ ନେତ୍ରରେ ଦର୍ଶନାର୍ଥିମାନେ ତାଙ୍କର ପ୍ରଭୁଙ୍କୁ ଚାହିଁ ରହନ୍ତି । ଏଇଥିରୁ ଶ୍ରୀଜଗନ୍ନାଥଙ୍କର ଦେବୀ ତତ୍ତ୍ୱ ପ୍ରତିପାଦିତ ହୁଏ ।

ଯେପରି କାଳୀ, ଚାମୁଣ୍ଡା, ଛିନ୍ନମସ୍ତା, ଧୂମାବତୀ, କରାଳ ବିକଟାଳ ରୂପ ଧାରଣ କରିଥିଲେ ହେଁ ସେ ଦେବୀ ଭୁବନେଶ୍ୱରୀ, ମାତଙ୍ଗୀ ଓ କମଳା ରୂପରେ ସୌମ୍ୟା ଓ ଆହ୍ଲାଦିନୀ । ସେହିପରି ଜଗନ୍ନାଥଙ୍କ ବର୍ଣ୍ଣ କଳା । କାରଣ -

'ପ୍ରବିଶ୍ୟନ୍ତି ଯଥା କାଲ୍ୟା ସର୍ବଭୂତାନି ଶୈଳଜେ ।'

ଜଗନ୍ନାଥଙ୍କର ମୁଖର ୨ଟି ଗୋଲାକାର ଆଖି ମଧ୍ୟରେ ଶୂନ୍ୟ ମହାଶୂନ୍ୟର ପରିକଳ୍ପନା କରାଯାଇଛି । ଯେପରି କାଳୀଙ୍କର ମହାଶୂନ୍ୟରେ ଅବସ୍ଥାନ ସୃଷ୍ଟିର ପ୍ରାରମ୍ଭରୁ ଓ ଚନ୍ଦ୍ର ସୂର୍ଯ୍ୟାଗ୍ନି ଲୋଚନର ଏହା ଦ୍ୟୋତକ ଅଟେ । ସୃଷ୍ଟି ଇଚ୍ଛା କରି ଆଦ୍ୟା ଅର୍ଦ୍ଧନାରୀଶ୍ୱରଙ୍କଠାରୁ ବିଚ୍ଛିନ୍ନ ହୋଇ ଦୟାଦ୍ର ଚିତ୍ତରେ ମହାଶୂନ୍ୟରେ ରହି ଦୃଷ୍ଟି ନିକ୍ଷେପ କଲାମାତ୍ରେ ସେଥିରୁ ତାରା ଓ ଭୁବନେଶ୍ୱରୀଙ୍କର ବିକାଶ ଘଟିଥିଲା । ଶ୍ରୀଜଗନ୍ନାଥଙ୍କର ଚକାଡୋଳା ତା'ରି ହିଁ ନିଦର୍ଶନ । ତେଣୁ ପୁରୁଷ ଓ ପ୍ରକୃତି ତତ୍ତ୍ୱ ଏହିଠାରେ ହିଁ ସନ୍ନିହିତ । ଶ୍ରୀଜଗନ୍ନାଥ ପୁରୁଷ ଦେବତା ରୂପେ ପୂଜିତ ହେଉଥିଲେ ମଧ୍ୟ ସ୍ତ୍ରୀ ଭାବେ ସଜ୍ଜିତ ଓ ଭୂଷିତ । ନାସାଗ୍ରରେ ବସୁଣୀ, ଅଧର ରକ୍ତବର୍ଣ୍ଣ । ଭାଲପଟରେ ତ୍ରିକୋଣାକାର ଚିତା ଶୋଭାମାନ ହୋଇ ଶକ୍ତି ତତ୍ତ୍ୱକୁ ବହନ କରିଥାନ୍ତି । ପାଟପଟନୀ ଛଡ଼ା ପୁରୁଷ ବସ୍ତ୍ର ତାଙ୍କୁ ଲାଗି କରାଯାଏ ନାହିଁ । ବେକରେ ଯେଉଁ ଧଣ୍ଡାମାଳ ପିନ୍ଧିଥାନ୍ତି ତାହା ମୁଣ୍ଡମାଳର ପ୍ରତୀକ ସ୍ୱରୂପ । କେବଳ ଏତିକି ନୁହେଁ, ତନ୍ତ୍ର ମତରେ ତାଙ୍କୁ ନୈବେଦ୍ୟ ଉତ୍ସର୍ଗୀକୃତ ହୁଏ । ଐଂ ହ୍ରୀଂ କ୍ଲୀଂ ବୀଜ ପ୍ରଧାନ ପୀଠପୂଜା । ଦିନରେ ଦକ୍ଷିଣାଚାର । ବୈଷ୍ଣବ ମତରେ ଷୋଡ଼ଶ ଉପଚାର ଦ୍ୱାରା ଅର୍ଚ୍ଚନା । ରାତ୍ରୀର ଶେଷଧୂପ ତନ୍ତ୍ରାନୁସରିତ ପଞ୍ଚମକାର ବିଧି ଅନୁଯାୟୀ ଉତ୍ସର୍ଗୀକୃତ ହୋଇଥାଏ ।

ମଦ୍ୟ - କାଂସ୍ୟପାତ୍ରରେ ପଇଡ଼ପାଣି

ମାଂସ - ଶାଗଭଜା

(ମତ୍ସ୍ୟ) ମୀନ - ମୀନରୂପୀ ଅଦାର ସାମଗ୍ରୀ

ମୁଦ୍ରା - ବର୍ତ୍ତୁଳାକାର ବିରିରେ ତିଆରି ପିଠା

ମୈଥୁନ - ଦେବଦାସୀ ନୃତ୍ୟ, ମନ୍ଦିର ନିର୍ମାଣ ଶିଳ୍ପ ଶାସ୍ତ୍ରାନୁଯାୟୀ ମୈଥୁନ ମୂର୍ତ୍ତି । ସର୍ବୋପରି ବଡ଼ସିଂହାରର ଅବ୍ୟବହିତ ପୂର୍ବରୁ ଅପରାଜିତା ପୁଷ୍ପ ସମର୍ପଣ ଶକ୍ତିକୁ ଶାକ୍ତ ମତରେ ଅର୍ଚ୍ଚନାର ନିଛକ ପରାକାଷ୍ଠା । କେବଳ ଏତିକିରେ ଏହା ପର୍ଯ୍ୟବସିତ ନୁହେଁ । ଏହାଙ୍କର ନୈବେଦ୍ୟ ଶକ୍ତି ସ୍ୱରୂପିଣୀ ବିମଳାଙ୍କ ନିକଟରେ ସମର୍ପଣରେ ମହାପ୍ରସାଦରେ ପରିଣତ ହୋଇଥାଏ । ଏହାକୁ ସେବନ କଲାବେଳେ ଭେଦାଭେଦର ବିଚାର କରାଯାଇନଥାଏ । ସମସ୍ତେ ସମସ୍ତଙ୍କଠାରୁ ପାଇବାକୁ ଓ ସେବନ କରିବାକୁ ଆଗ୍ରହୀ ହୋଇଥାଆନ୍ତି । ତେଣୁ ଏହା କୌଣସି ରୂପେ ବୈଦିକ ରୀତି ସମ୍ମତ ହୋଇନପାରେ । କେବଳ ନିୟନ୍ତ୍ରିତ ଓ ପ୍ରଚଳିତ ।

ଏଥିପାଇଁ କୁହାଯାଇଛି -

'ପ୍ରବୃତ୍ତେ ଭୈରବୀ ଚକ୍ରେ ସେର୍ବ ବର୍ଣ୍ଣା ଦ୍ୱିଜାତୟଃ ।'

ଯେଉଁଠାରେ ଉଚ୍ଛିଷ୍ଟ ବା ଭେଦାଭେଦ ଭାବର ପ୍ରଶ୍ନ ଉଠେ ନାହିଁ । ଭୈରବୀ ଶକ୍ତି ସମସ୍ତଙ୍କ ନିମନ୍ତେ ଉନ୍ମୁକ୍ତ । ଶାକ୍ତ ମାତ୍ରେ ହିଁ ଦ୍ୱିଜ । ପରମ ଗୋପନୀୟ ଓ ଦୁର୍ଲ୍ଲଭ ମହାପ୍ରସାଦ ତନ୍ତ୍ର ସମ୍ମତ ବାମାଚାର ବିଧିରେ ମହାମାୟୀଙ୍କ ନିକଟରେ ଚର୍ଚ୍ଚିତ । ପତିତମାନଙ୍କୁ ତ୍ରାଣ କରିବା ନିମନ୍ତେ ଶ୍ରୀଜଗନ୍ନାଥ ରୂପୀ କାଳୀକା ପରମ ଗୋପନୀୟ ମହାପ୍ରସାଦକୁ ସମସ୍ତଙ୍କୁ ସୁଲଭ କରିବା ଉଦ୍ଦେଶ୍ୟରେ ଏହାକୁ ଏକ ଲୀଳାୟିତ ପ୍ରକାଶ୍ୟ ପ୍ରଥାରେ ପରିଣତ କରିଛନ୍ତି । ଏପରି ଏକ ଅପୂର୍ବ ସାମଞ୍ଜସ୍ୟ ଅନ୍ୟ କୁତ୍ରାପି ଦେଖିବାକୁ ମିଳେ ନାହିଁ ।

ଅପରନ୍ତୁ ବର୍ଷକେ ଥରେ ଯେଉଁ ରଥଯାତ୍ରା ଅନୁଷ୍ଠିତ ହୁଏ ଏବଂ ତିନି ବିଗ୍ରହଙ୍କ ନିମନ୍ତେ ଯେଉଁ ତିନିଗୋଟି ରଥ ନିର୍ମିତ ହୁଏ ସେଥିରେ ମଧ୍ୟ ଶକ୍ତିତତ୍ତ୍ୱ ପରିସ୍ଫୁଟିତ -

ଜଗନ୍ନାଥ ଯେଉଁ ରଥାରୂଢ଼ ହୁଅନ୍ତି ତା'ର ନାମ ନନ୍ଦିଘୋଷ । ତା'ର ଦେବୀ ହେଉଛନ୍ତି ଯୋଗମାୟା । ଶକ୍ତି ହେଉଛନ୍ତି ବିମଳା । ଯୋଗିନୀ ହେଉଛନ୍ତି କୃଷ୍ଣା, ଯୋଗାଆଜ୍ଞା, ଅନୁଜ୍ଞା, ପ୍ରଜ୍ଞା ଓ ସମିଧା ।

ବଳଭଦ୍ରଙ୍କର ରଥର ନାମ ତାଳଧ୍ୱଜ, ଏହାର ଶକ୍ତି ହେଉଛନ୍ତି ତୁଙ୍ଗା, ତୁଙ୍ଗ, ଭଦ୍ରା ଯୋଗିନୀ ହେଉଛନ୍ତି ପ୍ରଭା, ସୁପ୍ରଭା, ଧାତ୍ରୀ, ବିଧାତ୍ରୀ, ନନ୍ଦା ଓ ସୁନନ୍ଦା ।

ସୁଭଦ୍ରାଙ୍କ ରଥର ନାମ ଦେବଦଳନ - ଧ୍ୱଜରେ ତ୍ରିପୁରସୁନ୍ଦରୀ, ରଥରେ ରହନ୍ତି ଚାମୁଣ୍ଡା, ଭଦ୍ରକାଳୀ, ହରଚଣ୍ଡୀ, ବାରାହୀ, କାତ୍ୟାୟିନୀ, ଜୟଦୁର୍ଗା ଓ କାଳୀ ।

ସର୍ବଧର୍ମ ସମନ୍ୱୟର କ୍ଷେତ୍ର ଶ୍ରୀକ୍ଷେତ୍ରର ସର୍ବ ଉପାସକର ଦେବତା ଶ୍ରୀଜଗନ୍ନାଥ ହେଲେ ହେଁ ତାନ୍ତ୍ରିକ ମତର ବହୁଳତା ଏଠାରେ ଉପଲବ୍ଧ ହୋଇଥାଏ । ପ୍ରମାଣ ସ୍ୱରୂପ ମହାଷ୍ଟମୀ ଦିନ ଅର୍ଦ୍ଧରାତ୍ରରେ ଶ୍ରୀମନ୍ଦିର ମଧ୍ୟରେ ବିମଳାଙ୍କ ନିକଟରେ ଦିଆଯାଉଥିବା ପଶୁବଳୀ ନିଶ୍ଚିତ ଭାବେ ବୈଦିକ ବିଧାନ ସମ୍ମତ ନୁହେଁ । ଏହା କେବଳ ତନ୍ତ୍ର ବିଧାନରେ ହିଁ ସହନୀୟ ଓ କରଣୀୟ । ଶପ୍ତଶତୀ ଚଣ୍ଡୀରେ ଶକ୍ତିଙ୍କୁ ନିମ୍ନୋକ୍ତ ପ୍ରକାରେ ସ୍ତୁତି କରାଯାଇଅଛି, ଯଥା-

'କାଳରାତ୍ରୀ, ମହାରାତ୍ରୀ, ମୋହରାତ୍ରୀଶ୍ଚଦାରୁଣା ।'

ଏହି ରାତ୍ରଗୁଡ଼ିକରେ ଶାକ୍ତମାନଙ୍କ ମଧ୍ୟରେ ଶକ୍ତିପୂଜା ନିମନ୍ତେ ଗୋଟିଏ ଗୋଟିଏ ଦୁର୍ଲ୍ଲଭ ସମୟ । ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଏହି ଚାରିଗୋଟି ରାତ୍ରୀରେ ଚାରିଗୋଟି ବିଧାନ ମହାଆଡ଼ମ୍ବରପୂର୍ଣ୍ଣ ଭାବେ ପାଳନ କରାଯାଇଥାଏ । ଯଥା-

ଦୀପାବଳୀ ବିଧାନ - କାଳରାତ୍ରୀ ପୂଜା

ହରିହର ଭେଟ ଶିବଚତୁର୍ଦ୍ଦଶୀ - ମହାରାତ୍ରୀ ପୂଜା

କୃଷ୍ଣ ଜନ୍ମାଷ୍ଟମୀ - ମୋହରାତ୍ରୀ ପୂଜା

ମହାଷ୍ଟମୀ ରାତ୍ରୀରେ ବିମଳାଙ୍କ ନିକଟରେ ପଶୁପ୍ରୋକ୍ଷଣ ଦାରୁଣରାତ୍ରୀ ପୂଜା । ଏଥିରୁ ଶାକ୍ତ ପ୍ରଧାନ ପୂଜା ଓ ବିଧାନ ବିସ୍ତୃତ ଭାବେ ପରିସ୍ଫୁଟ ।

ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କୁ ବର୍ତ୍ତମାନ ଶ୍ରୀକୃଷ୍ଣଙ୍କର ଦେହାବଶେଷ ଭାବରେ ପୂଜାର୍ଚ୍ଚନା କରାଯାଉଛି । ଏହା ବୈଷ୍ଣବ ସମ୍ମତ ହେଲେ ହେଁ ଶାକ୍ତ ସମ୍ପ୍ରଦାୟରେ ମଧ୍ୟ ଏହାକୁ ସ୍ୱୀକୃତି ପ୍ରଦାନ କରାଯାଇଛି, କାରଣ ଆପ୍ତବଚନାନୁଯାୟୀ 'ଶ୍ରୀକୃଷ୍ଣ ସାକ୍ଷାତ କାଳିକା' ଅଟନ୍ତି । ଶପ୍ତଶତୀରେ ଦେବୀ ଦୁର୍ଗା ନିଜେ କହିଛନ୍ତି, ଯଥା-

'ନନ୍ଦଗୋପ ଗୃହେ ଜାତ ଯଶୋଦା ଗର୍ଭ ସମ୍ଭବା
ଦତସ୍ତୌ ନାଶୟିଷ୍ୟାମି ବିନ୍ଧ୍ୟାଚଳ ନିବାସିନୀ ।'

ଏଣୁ ଶ୍ରୀଜଗନ୍ନାଥ ଯେ କାଳୀ ଏବଂ ଶ୍ରୀକ୍ଷେତ୍ର ଗୋଟିଏ ଶକ୍ତିପୀଠ ଏଥିରେ ଦ୍ୱିମତ ହୋଇ ନପାରେ । ଶ୍ରୀଜଗନ୍ନାଥ ବିଶ୍ୱଧର୍ମର ଏକ ପ୍ରଧାନ ବିଗ୍ରହ । ସେ ପରଂବ୍ରହ୍ମ, ପୁରୁଷୋତ୍ତମ । କାଳୀ ମଧ୍ୟ ବ୍ରହ୍ମ ରୂପିଣୀ । ଏ ଦୁହିଁଙ୍କର ଏକତ୍ୱ ଓ ସାମ୍ୟତାକୁ ଦୃଷ୍ଟିରେ ରଖିବା ବିଧେୟ । କାରଣ ଶକ୍ତିଙ୍କୁ ନିମ୍ନମତେ ସ୍ତୁତି କରାଯାଇଛି ଯଥା-

'ଯଦାନୈବ ଧାତା ନ ବିଷ୍ଣୁ ନ ରୁଦ୍ରୋ
ନକାଳେ ନବାପଞ୍ଚ ଭୂତାନି ନାମ୍ବା
ତଦାକାରିଣୀ ଭୂତ ଶକ୍ତୈକ ମୂର୍ତ୍ତି
ତ୍ୱମେକା ପରଂବ୍ରହ୍ମ ରୂପେଣ ସିଦ୍ଧା ।'

ଗବେଷକମାନଙ୍କ ମତରେ ବର୍ତ୍ତମାନ ଓଡ଼ିଶାର ଆଧାତ୍ମିକ ପ୍ରାଣକେନ୍ଦ୍ର ଶ୍ରୀକ୍ଷେତ୍ର ବା ପୁରୀ ଶକ୍ତିପୀଠ ରୂପେ ପୂର୍ବରୁ ସ୍ୱୀକୃତି ଲାଭ କରିଥିଲା ଓ ଶ୍ରୀଜଗନ୍ନାଥ ପ୍ରଥମେ ଶକ୍ତିରୂପରେ ଆରାଧିତ ହେଉଥିଲେ । ଏହାକୁ ଦୃଢ଼ୀଭୂତ କରିବା ପାଇଁ ମଧୁକୈଟଭ ବଧକାରିଣୀ ଅନ୍ଧକାର ରୂପା ମହାକାଳୀ ଯେ କି ବିଷ୍ଣୁଙ୍କୁ ଯୋଗନିଦ୍ରାରେ ଆଚ୍ଛନ୍ନ କରି ରଖିଛନ୍ତି, ଯାହାଙ୍କୁ ଶିବ, ବ୍ରହ୍ମା ସ୍ୱାହା, ସ୍ୱଧା ଓ ବଷଟ୍‌କାର ବୋଲି ଭକ୍ତିରେ ସ୍ତୁତି କରିଥିଲେ ।

ସେ ହେଉଛନ୍ତି ବର୍ତ୍ତମାନର ଶ୍ରୀଜଗନ୍ନାଥ । ତେଣୁ ଜଗନ୍ନାଥ ଯେ ସାକ୍ଷାତକାଳୀ ଓ ଶ୍ରୀକ୍ଷେତ୍ର ଯେ ଶାକ୍ତପୀଠ ଏଥିରେ ସନ୍ଦେହର ଅବକାଶ ନାହିଁ ।

ଜିଲ୍ଲା କୋଷାଗାର
ପୁରୀ

# ଶ୍ରୀକ୍ଷେତ୍ରର ପ୍ରାଚୀନ ସଂସ୍କୃତି : ଜେଗା ଆଖଡ଼ା

ଲୋକନାଥ ପୂଜାପଣ୍ଡା

**ଶ୍ରୀ**କ୍ଷେତ୍ର ଶଙ୍ଖକ୍ଷେତ୍ର, ପୁରୁଷୋତ୍ତମ କ୍ଷେତ୍ର, କୈବଲ୍ୟ ଧାମ, ମର୍ତ୍ତ୍ୟ ବୈକୁଣ୍ଠ, ନୀଳକନ୍ଦର, ନୀଳାଞ୍ଚଳ - ଏହିଭଳି ଭାବରେ ଅନେକ ନାମରେ ନାମିତ । ସାରା ଭାରତବର୍ଷର ଚାରିଦିଗରେ ଚାରୋଟି ଧାମ ସୁପ୍ରସିଦ୍ଧ । ପୂର୍ବରେ ପୁରୁଷୋତ୍ତମ ଧାମ, ପଶ୍ଚିମରେ ଦ୍ୱାରକା ଧାମ, ଉତ୍ତରରେ ବଦ୍ରୀନାଥ ଧାମ ଓ ଦକ୍ଷିଣରେ ରାମେଶ୍ୱର ଧାମ । ଏହି ଚାରିଧାମରୁ ପୁରୁଷୋତ୍ତମ ଧାମ ଶ୍ରେଷ୍ଠ ଧାମ ବୋଲି ସ୍କନ୍ଦ ପୁରାଣ, ନୀଳାଦ୍ରି ମହୋଦୟ, ବାମଦେବ ସଂହିତା, ବ୍ରହ୍ମବୈବର୍ତ୍ତ ପୁରାଣ ଓ ବ୍ରହ୍ମାଣ୍ଡ ପୁରାଣ ପ୍ରଭୃତିରେ ବର୍ଣ୍ଣିତ ଅଛି ।

ଫର୍ଗୁସନ ସାହେବଙ୍କ ମତରେ ୧୦୯୮ରେ ଅନଙ୍ଗ ଭୀମଦେବ ମନ୍ଦିର ନିର୍ମାଣ କରି ମନ୍ଦିରର ଚତୁଃପାର୍ଶ୍ୱରେ ନଗର ସ୍ଥାପନ କରିଥିଲେ । କିନ୍ତୁ ଐତିହାସିକ ଉଇଲିୟମ ହଣ୍ଟର ସାହେବ ୧୧୭୪ରୁ ୧୧୯୮ ମଧ୍ୟରେ ମନ୍ଦିର ନିର୍ମାଣ ଶେଷ ହୋଇଥିଲା ବୋଲି ଓଡ଼ିଶା ଇତିହାସରେ ଉଲ୍ଲେଖ କରିଛନ୍ତି । ପୂର୍ବରୁ କେଶରୀ ବଂଶ ଦ୍ୱାରା ନିର୍ମିତ ମନ୍ଦିରର ଭଗ୍ନାବଶେଷକୁ ପୁନରୁଦ୍ଧାର କରି ଚୋଡ଼ଗଙ୍ଗ ଦେବ ଏହି ମନ୍ଦିର ନିର୍ମାଣ କରାଇଥିବାର ଅନୁମାନ କରାଯାଏ । ବିଭିନ୍ନ ଐତିହାସିକ ଚୋଡ଼ଗଙ୍ଗ ଦେବ ଏକାଦଶ ଶତାବ୍ଦୀରେ ଯେଉଁ ମନ୍ଦିର ତୋଳାଇଥିଲେ, ତାହା ଏହି ମନ୍ଦିର ନୁହେଁ ବୋଲି ପ୍ରମାଣିତ କରିଛନ୍ତି । କିନ୍ତୁ ଚୋଡ଼ଗଙ୍ଗ ଦେବଙ୍କ ନାମାନୁସାରେ ବର୍ତ୍ତମାନ ଚୂଡ଼ଙ୍ଗ ସାହି ବିଦ୍ୟମାନ । ଆଉ କେହି କେହି ଐତିହାସିକ କହନ୍ତି, ମହାଲକ୍ଷ୍ମୀ ମନ୍ଦିର, ଇନ୍ଦ୍ରାୟଣୀ ମନ୍ଦିର, ଭୁବନେଶ୍ୱରୀ ମନ୍ଦିର ଚୋଡ଼ଗଙ୍ଗ ଦେବଙ୍କ ସମୟରେ ପ୍ରତିଷ୍ଠିତ । ବର୍ତ୍ତମାନର ମୁଖ୍ୟ ମନ୍ଦିରର ଶିଳ୍ପ କଳା ଓ ପୂର୍ବ ଉଲ୍ଲିଖିତ ମନ୍ଦିରର ଶିଳ୍ପକଳା ମଧ୍ୟରେ ସାମଞ୍ଜସ୍ୟ ଥିବାର ପ୍ରତୀୟମାନ ହୁଏ ନାହିଁ ।

ଏହି ପ୍ରାଚୀନ ଧର୍ମ ସଂସ୍କୃତିର ପୀଠକୁ ପୂର୍ବକାଳରେ କିଭଳି ଭାବରେ ସୁରକ୍ଷା କରାଯାଉଥିଲା, ତାହା ମାଦଳାପାଞ୍ଜି ଜେଗା ଚକଡ଼ା ଓ ଭଉଁରିଆ ପ୍ରଭୃତିରେ ଉଲ୍ଲେଖ ରହିଛି । ସେସମୟରେ ଶ୍ରୀଧାମକୁ ବିଧର୍ମୀମାନଙ୍କ କବଳରୁ ସୁରକ୍ଷା କରିବା ପାଇଁ ଗଜପତି ମହାରାଜା ଚୋଡ଼ଗଙ୍ଗ ଦେବ ଓ ଅନଙ୍ଗଭୀମ ଦେବଙ୍କ ସମୟରୁ ଜେଗା, ଗଡ଼ ଓ କୋଟ ପ୍ରତିଷ୍ଠା ହୋଇଥିଲା । ପ୍ରାଚୀନ କବି ଜଗଦେବ ମିଶ୍ର ତାଙ୍କ ଲିଖିତ 'ସହରୀ ଜାଲମ' ବହିରେ ଉଲ୍ଲେଖ କରିଛନ୍ତି -

ଶହେ ଭେଣ୍ଡିଆରେ ଗଡ଼ ବୋଲାଇ,
ପାଞ୍ଚଶ ଭେଣ୍ଡିଆ କୋଟକେ ଥାଇ ।
ଜେଗାରେ ଆଙ୍ଗିଳା ବାଡ଼ ନଥାଇ,
ନଗର ରକ୍ଷାକୁ ଜେଗା ଯୋଗାଇ ।

ଏହି କବିତାରୁ ଜଣାପଡ଼େ, ସେ ଯୁଗରେ ଏକଶତ ବଳଶାଳୀ ଯୁବକ ଗଡ଼ମାନଙ୍କରେ ବିଭିନ୍ନ ପ୍ରକାର ସମର କୌଶଳ ଶିକ୍ଷାଲାଭ କରୁଥିଲେ । ଠିକ୍ ସେହିଭଳି ପାଞ୍ଚଶହ ବଳଶାଳୀ ଯୁବକ କୋଟମାନଙ୍କରେ ସମର କୌଶଳ ଇତ୍ୟାଦି ଶିକ୍ଷାଲାଭ କରୁଥିଲେ । ଜେଗାମାନଙ୍କରେ ବ୍ୟକ୍ତିଗତ ଭାବରେ ବା ଆନୁଷ୍ଠାନିକ ତତ୍ତ୍ୱାବଧାନରେ ସେହି ଅଞ୍ଚଳର ଯୁବକମାନଙ୍କୁ ବିଭିନ୍ନ ସମର କୌଶଳ ଶିକ୍ଷା ଦିଆଯାଉଥିଲା । ଗଜପତିଙ୍କ ଆଦେଶାନୁସାରେ ପ୍ରତି ସାହିର ସାହି ନାୟକଙ୍କ ତତ୍ତ୍ୱାବଧାନରେ ଏହା ପରିଚାଳିତ ହେଉଥିଲା ।

ଗଜପତିଙ୍କ ଦ୍ୱାରା ନଗରର ବିଭିନ୍ନ ବସ୍ତି ବା ସାହି ସ୍ଥାପନ କରାଗଲା । ପ୍ରତି ସାହିର ନାମକରଣ ସେ ସାହିର ଇଷ୍ଟ ଦେବଦେବୀ ବା କୌଣସି ସୁପ୍ରସିଦ୍ଧ ପୀଠକୁ ନେଇ କରାଗଲା । ଉଦାହରଣ ସ୍ୱରୂପ - ଦକ୍ଷିଣ କାଳିକାଙ୍କ ନାମାନୁସାରେ କାଳିକାଦେବୀ ସାହି, ହରଚଣ୍ଡୀ ଠାକୁରାଣୀଙ୍କ ନାମାନୁସାରେ ହରଚଣ୍ଡୀ ସାହି, ବାସେଳୀ ଠାକୁରାଣୀଙ୍କ ନାମାନୁସାରେ ବାସେଳୀ ସାହି, ମାର୍କଣ୍ଡେୟ ମହାଦେବଙ୍କ ନାମାନୁସାରେ ମାର୍କଣ୍ଡେଶ୍ୱର ସାହି, ମଣିକର୍ଣ୍ଣିକା ତୀର୍ଥାନୁସାରେ ମଣିକର୍ଣ୍ଣିକା ସାହି । ପୂର୍ବେ ବର୍ତ୍ତମାନ ବିଦ୍ୟମାନ ଥିବା ରାମଚଣ୍ଡୀ ଠାକୁରାଣୀଙ୍କ ନିକଟରେ ଶ୍ରୀଜୀଉଙ୍କ ବେଣ୍ଟଯାତ୍ରା (ପାରିଧି) ଅନୁଷ୍ଠିତ ହେଉଥିଲା ଓ ସମସ୍ତ ପ୍ରକାର ଶିଳ୍ପୀ ଯଥା- ଚିତ୍ରକାର, ମୂର୍ତ୍ତିକାର, ଲୌହକାର, କୁମ୍ଭକାରମାନଙ୍କର ଏହି ସାହିରେ ପ୍ରାଧାନ୍ୟ ଯୋଗୁଁ ଏହାକୁ ରୂପପାଟଣା ବୋଲି ଅତୀତରେ କହୁଥିଲେ । (ଯାହାକି କବି ହରିକୃତ ମଥୁରାହାଟରେ ବର୍ଣ୍ଣିତ ଅଛି) ରୂପ ଶବ୍ଦକୁ ଅପଭ୍ରଂଶ କରି କୁଣ୍ଢାଇ ଓ ବେଣ୍ଟଯାତ୍ରା ହେଉଥିବାରୁ କୁଣ୍ଢାଇ+ବେଣ୍ଟ=କୁଣ୍ଢାଇବେଣ୍ଟ ସାହି ହୋଇଛି । ପୂର୍ବେ ଶ୍ରୀଜଗନ୍ନାଥଙ୍କର ଦୋଳଯାତ୍ରା ଅଧୁନା ଦୋଳମଣ୍ଡପ ସାହିରେ ଥିବା ଜହ୍ନି ମୁଣ୍ଡିଆ ମଣ୍ଡପ ଉପରେ ଅନୁଷ୍ଠିତ ହେଉଥିଲା । ଯାହାକି ଚତୁର୍ଦ୍ଦଶ ଶତାବ୍ଦୀର ଘଟଣା । କୌଣସି କାରଣରୁ ଦୋଳ ଛିଣ୍ଡି ପଡ଼ିବାରୁ

ଶ୍ରୀ ବିଗ୍ରହ ଆଘାତପ୍ରାପ୍ତ ହେଲେ । ତତ୍‌ପରେ ବର୍ତ୍ତମାନର ଦୋଳବେଦୀ ମନ୍ଦିର ନିକଟରେ ନିର୍ମାଣ କରାଗଲା । ଶ୍ରୀଜଗନ୍ନାଥଙ୍କ ଦୋଳଯାତ୍ରାର ମଣ୍ଡପ ଥିବା ଯୋଗୁଁ ଉକ୍ତ ସାହି ଦୋଳମଣ୍ଡପ ସାହି ଭାବରେ ପରିଚିତ । କେହି କେହି ଦେଉଳ ମୁଣ୍ଡ ସାହି ଅପଭ୍ରଂଶ ହୋଇ ଦୋଳମଣ୍ଡପ ସାହି ହୋଇଛି ବୋଲି କହନ୍ତି । ପ୍ରାଚୀନ କାଳରେ ଗଜପତି ମହାରାଜାଙ୍କର ଶ୍ୟାମାକାଳୀ ଓ ଅଷ୍ଟଶମ୍ଭୁଙ୍କ ଚତୁର୍ଦ୍ଦିଗରେ ନହର ଅବସ୍ଥିତ ଥିଲା । ସମ୍ଭବତଃ ତତ୍କାଳୀନ ଯୁଗରେ ଅଷ୍ଟଶମ୍ଭୁ ଓ ଶ୍ୟାମାକାଳୀ ନହର ମଧ୍ୟରେ ପୂଜିତ ହେଉଥିଲେ । ପୁରୀର ବୟୋବୃଦ୍ଧ ବ୍ୟକ୍ତିମାନେ ଏହି ନଅରର ଭଗ୍ନାବଶେଷ ନିଶ୍ଚୟ ଦେଖିଥିବେ । ଏହି ନଅରକୁ ବାଲି ନଅର ବୋଲି ଓଡ଼ିଶା ଇତିହାସରେ ଲିଖିତ ଅଛି । ସମ୍ଭବତଃ ବାଲି ନଅର ଥିବାରୁ ଏହି ସାହିର ନାମ ବାଲିସାହି ହୋଇଅଛି । ଗୌଡ଼ଦେଶର ରାଜା ଲକ୍ଷ୍ମଣ ସେନ ମୁସଲମାନମାନଙ୍କ ଦ୍ୱାରା ପରାଜିତ ହୋଇ ପ୍ରଥମ ମୁକୁନ୍ଦଦେବଙ୍କ ସହିତ ବନ୍ଧୁତା କରି ତାଙ୍କର ଶରଣାପନ୍ନ ହେଲେ । ଗଜପତି ମହାରାଜା ଗୌଡ଼ ଦେଶର ରାଜାଙ୍କୁ ଯମେଶ୍ୱର ମହାଦେବଙ୍କ ନିକଟରେ ଶିବ ଆରାଧନା କରି ନିଜର ଅତୀତର ଶ୍ରୀ ଫେରିପାଇବା ପାଇଁ ତାଙ୍କୁ ସେଠାରେ ଦୁଇ ମାଣ ଦୁଇଗୁଣ୍ଠ ଜମି ପ୍ରଦାନ କରିଥିଲେ । ବନ୍ଧୁତାର ନିଦର୍ଶନ ସ୍ୱରୂପ ରାଜା ମୁକୁନ୍ଦଦେବ ଉକ୍ତ ସାହିର ନାମ ଗୌଡ଼ବାଡ଼ ସାହି ଦେଇଥିଲେ । କ୍ରମେ ଏହି ସାହିମାନଙ୍କରେ ଅନେକ ଉପସାହି ସୃଷ୍ଟି ହେଲା । ଏହି ଉପସାହିର ନାମ ସଂଖ୍ୟାଗରିଷ୍ଠ ବାସିନ୍ଦା ବା ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ନେଇ କରାଗଲା ବୋଲି ଅନୁମେୟ । ଯଥା- ସୁଆର ସାହି, କରତି ସାହି, ବଢ଼େଇ ସାହି, ମିଶ୍ର ସାହି, ରଥ ସାହି, ବିମାନବଡୁ ସାହି, ହଜୁରି ଗଳି, ଦଇତାଗଳି, ବାଣୁଆଗଳି, ଖଟୁଆସାହି, ଅଙ୍ଗାରୁଆ ସାହି, ତିଳକ ମାଟିଆ ସାହି, ଖୁଣ୍ଟିଆ ସାହି, ତିଆଡ଼ି ସାହି, ତଳୁଛ ସାହି ଇତ୍ୟାଦି ।

ଏହି ସାହିମାନଙ୍କ ମଧ୍ୟରେ ସୀମା ସରହଦ ମଧ୍ୟ ଥିଲା । ଯାହାକି ଜେଗା ଚକଡ଼ାରେ ଉଲ୍ଲେଖ ଅଛି । ବର୍ତ୍ତମାନ ଥିବା ଜେଗା, ଆଖଡ଼ା ଓ କୋଟଗୁଡ଼ିକ ସେହି ସାହିର ସୀମା ମଧ୍ୟରେ ପ୍ରତିଷ୍ଠିତ । ଶ୍ରୀମନ୍ଦିର ବା ଶ୍ରୀକ୍ଷେତ୍ରକୁ ଆସିବାପାଇଁ ଚାରୋଟି ପ୍ରବେଶ ପଥ ବିଦ୍ୟମାନ । ସେହି ରାସ୍ତା ମଧ୍ୟରେ ଆସିଲେ ଯେ କେହି ଏକାଧିକ ଜେଗା, ଆଖଡ଼ା, କୋଟ ଦେଖିବାକୁ ପାଇବେ । ଏଥିରୁ ଅନୁମାନ କରାଯାଉଛି, ବହିଃଶତ୍ରୁ ଯେଉଁ ଦିଗରୁ ଜଗନ୍ନାଥ ମନ୍ଦିରକୁ ଆକ୍ରମଣ କରିବାକୁ ଇଚ୍ଛା କରିବ, ପ୍ରତି ଦିଗରୁ ପ୍ରତିରୋଧ ପାଇବ ।

**ଜେଗା ବା ଜାଗା -** ଜେଗାରେ ସାହି ବା ବସ୍ତିର ଯୁବକମାନେ କିଶୋର ଅବସ୍ଥାରୁ ଶାରୀରିକ ଚର୍ଚ୍ଚା ଯଥା- କୁସ୍ତି, ବୈଠକି (ବସାଉଠା) ଦଣ୍ଡ, ନିଝାମ ଝାଡ଼ିବା, ମୁଦଗର ଚାଳନା, ତରବାରୀ ଚାଳନା, ବନାଟି, ଚକ୍ର ବନାଟି, ହୁଳାବନାଟି ଏସବୁ ବିଦ୍ୟା ସାଧନା କରୁଥିଲେ । ଏଥିସହିତ ସମରସଜ୍ଜା, ବ୍ୟୂହ ରଚନା ପ୍ରଭୃତି ପାରମ୍ପରିକ ସମରକୌଶଳ ତତ୍କାଳୀନ ଗୁରୁ ବା ସମର ବିଶାରଦମାନଙ୍କଠାରୁ ଶିକ୍ଷାଲାଭ କରୁଥିଲେ । ଅବସର ସମୟରେ ପ୍ରାଚୀନ ସଙ୍ଗୀତ, ଚମ୍ପୂ, ଛାନ୍ଦ, ଚୌପଦୀ, ଓଡ଼ିଶୀ ପ୍ରଭୃତି ପଖାଉଜର ତାଳେ ତାଳେ ଅଭ୍ୟାସ କରୁଥିଲେ । ଶ୍ରୀକ୍ଷେତ୍ରର ବିଭିନ୍ନ ଯାନିଯାତ୍ରା ମଧ୍ୟରେ ଗଜପତିଙ୍କ ଆଦେଶାନୁସାରେ ସାହିନାୟକଙ୍କ ତତ୍ତ୍ୱାବଧାନରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବାରେ ଗଜପତିଙ୍କ ପାଇକମାନଙ୍କୁ ମଧ୍ୟ ସାହାଯ୍ୟ କରୁଥିଲେ । ଦୈବୀ ଦୁର୍ଘଟଣା ସମୟରେ ଜେଗାର ଶିକ୍ଷାର୍ଥୀମାନେ ନିଃସ୍ୱାର୍ଥପର ଭାବରେ ବିପନ୍ନ ଲୋକମାନଙ୍କୁ ମଧ୍ୟ ସାହାର୍ଯ୍ୟ କରୁଥିଲେ । ଏହି ଜେଗାମାନଙ୍କରେ ବର୍ଷସାରା ଯାହା ଶିକ୍ଷା ଦିଆଯାଇଥାଏ, ତାହା ସାହି ଯାତ୍ରା ମାଧ୍ୟମରେ ପ୍ରଦର୍ଶିତ କରାଯାଇଥାଏ । ଏହିସବୁ ପ୍ରଦର୍ଶନ ସମୟରେ ଜନସାଧାରଣ ଉକ୍ତ ବିଦ୍ୟାର ସାଧନା କେତେଦୂର ଫଳବତୀ ହୋଇଛି, ତାହା ଉପଭୋଗ କରିବା ସଂଗେ ସଂଗେ କଳାକାରମାନଙ୍କୁ ଉତ୍ସାହିତ କରିଥାନ୍ତି । ଫଳରେ ଏହି ବିଦ୍ୟାଶିକ୍ଷା କରୁଥିବା ଶିକ୍ଷାର୍ଥୀମାନଙ୍କୁ ଅଧିକ ଉତ୍ସାହିତ ହୋଇ ପରବର୍ଷକୁ ଅଧିକ ସଫଳତାର ସହିତ ପ୍ରଦର୍ଶନ କରିବାକୁ ଚେଷ୍ଟା କରନ୍ତି ଏବଂ କିଶୋରମାନେ ଏଥିପ୍ରତି ଆଗ୍ରହ ପ୍ରକାଶ କରି ଏହି ବିଦ୍ୟା ଶିକ୍ଷାପାଇଁ ଆଗଭର ହୋଇଥାନ୍ତି । ଏହି ପ୍ରଦର୍ଶନରେ ଶ୍ରେଷ୍ଠ ବିବେଚିତ କଳାକାରମାନଙ୍କୁ ଗଜପତି ମହାରାଜା ବିଭିନ୍ନ ଉପହାର ମାଧ୍ୟମରେ ଉତ୍ସାହିତ କରିବାର ଦୃଷ୍ଟାନ୍ତ ଅତୀତରେ ଦେଖାଯାଉଥିଲା ।

ଏହି ଜେଗାଗୁଡ଼ିକ ବସ୍ତି ବା ସାହିର ଉପାନ୍ତରେ ଥିବା ବିସ୍ତୀର୍ଣ୍ଣ ପ୍ରାନ୍ତର ମଧ୍ୟରେ ସ୍ଥାପନ କରାଯାଇଥିଲା । ପ୍ରତି ଜାଗାରେ ହନୁମାନଙ୍କ ମୂର୍ତ୍ତି ସ୍ଥାପନ କରାଯାଇଥିଲା । ତତ୍‌ସହିତ କାଳୀ, ଦୁର୍ଗା, ନୃସିଂହ, ମହାଦେବ ପ୍ରଭୃତି ଆରାଧ୍ୟ ଦେବତାମାନଙ୍କୁ ସ୍ଥାପନ କରାଯାଇଥିଲା । ଏହି ପ୍ରତିଷ୍ଠିତ ଦେବଦେବୀଙ୍କୁ ଆରାଧନା କରି ଶିକ୍ଷାର୍ଥୀମାନେ ସାଧନାରେ ବ୍ରତୀ ହେଉଥିଲେ । ପ୍ରତି ଜାଗାରେ ଗୋଟିଏ ବଡ଼ ଘର ତିଆରି କରାଯାଇଥିଲା । ଏହି ଘରକୁ ଯେପରି ସ୍ୱଚ୍ଛନ୍ଦରେ ପବନ ଯାତାୟାତ କରିପାରିବ, ତାହାର ସୁବନ୍ଦୋବସ୍ତ କରାଯାଇଥିଲା । ସେହି ଗୃହ ମଧ୍ୟରେ ସମର ଶିକ୍ଷାରେ ବ୍ୟବହୃତ ବିଭିନ୍ନ ଅସ୍ତ୍ରଶସ୍ତ୍ର, ସଙ୍ଗୀତ ଉପକରଣ ଓ କଳା ଭାସ୍କର୍ଯ୍ୟର ଶିକ୍ଷାପାଇଁ ଆବଶ୍ୟକ ବିଭିନ୍ନ ସାଜସରଞ୍ଜାମ ସଜ୍ଜିତ ହୋଇ ରହୁଥିଲା । ଏହି ଘର ନିକଟରେ ଗୋଟିଏ ବଡ଼ ଚଟାଣ ଉପରେ ଅସ୍ତ୍ରଶସ୍ତ୍ର ବିଦ୍ୟା, ନାଗା, ମେଢ଼ ରାବଣ, ପର୍ଶୁରାମ ଇତ୍ୟାଦି ନୃତ୍ୟ ଶିକ୍ଷା ଦିଆଯାଇଥାଏ । ଚଟାଣ ନିକଟରେ ଖେଳ ଜାଗାମାନ ବିଦ୍ୟମାନ । ଏହି ଖେଳ ଜାଗାଗୁଡ଼ିକ ସ୍ଥଳ ବିଶେଷରେ ବର୍ଗାକାର ବା ଆୟତାକାର ହୋଇଥାଏ । ଯାହାର କି ଲମ୍ବ ଓସାର ୨୪ ଫୁଟରେ ୩୦ ଫୁଟ କିମ୍ବା ୨୪ ଫୁଟରେ ୨୪ ଫୁଟ ବା ୩୦ ଫୁଟରେ ୩୦ ଫୁଟ ଓ ଗଭୀରତା ୫/୬ ଫୁଟ ହୋଇଥାଏ । ଏହି କ୍ଷେତ୍ର ମଧ୍ୟରେ (ଖେଳଜାଗା) ମାଟିକୁ କମଣ କରି ରଖାଯାଇଥାଏ । ନିମ୍ବପତ୍ର, ଫଗୁ, ତୈଳ ଓ ବିଭିନ୍ନ ଶରୀର ଉପଶମକାରୀ ଦ୍ରବ୍ୟ ଉକ୍ତ ମାଟିରେ ମିଶି ରହିଥାଏ । ତଦ୍ୱାରା ସେହି ଖେଳ ଜାଗାରେ ଯୁବକମାନେ କୁସ୍ତି, କସରତ ତଥା ବିଭିନ୍ନ ଜଟିଳ ସମର କୌଶଳ ଶିକ୍ଷାଲାଭ

ସମୟରେ ଯଦି କେହି ତଳେ ପଡ଼ିଯାଏ, ତେବେ ତାର ଶରୀରରେ ବିଶେଷ ଆଘାତ ଲାଗେ ନାହିଁ ଓ କମଣ ମାଟିର ପ୍ରଲେପ ଶରୀରରେ ଲାଗିବା ଦ୍ୱାରା ବିଭିନ୍ନ ପ୍ରକାର ଚର୍ମରୋଗରୁ ମଧ୍ୟ ରକ୍ଷା ମିଳେ । ଜେଗାଘର ସନ୍ନିକଟରେ ଗୋଟିଏ ସୁନିର୍ମଳ ପୁଷ୍କରିଣୀ ରହିଥାଏ । ପୁଷ୍କରିଣୀରେ ଯୁବକମାନେ ଶିକ୍ଷାଲାଭ କରିବା ପରେ ବା ସମର କୌଶଳ ସାଧନା କରିବା ପରେ ସ୍ନାନ କରିଥାନ୍ତି ଓ ସନ୍ତରଣ ମଧ୍ୟ ଶିକ୍ଷା କରିଥାନ୍ତି । ଜେଗାଘର ଚତୁଃପାର୍ଶ୍ୱରେ ସୁଶୋଭିତ ପୁଷ୍ପ ଉଦ୍ୟାନ ଓ ବିଭିନ୍ନ ଆୟକାରୀ ଫଳଉଦ୍ୟାନ ମଧ୍ୟ ରହିଥାଏ ।

ପ୍ରତି ସାହିର ଜେଗାଗୁଡ଼ିକ ସେହି ସାହିର ଆଖଡ଼ା ମାଧ୍ୟମରେ ପରିଚାଳିତ ହୁଅନ୍ତି । ଏହି ଆଖଡ଼ାମାନଙ୍କର ମୁଖ୍ୟମାନଙ୍କୁ ଗଜପତି ମହାରାଜା ସାହି ନାୟକ ବୋଲି ଅଭିହିତ କରିଥିଲେ । ବର୍ତ୍ତମାନ ମଧ୍ୟ ଏହି ପରମ୍ପରା ଦୃଷ୍ଟିଗୋଚର ହେଉଅଛି । ପ୍ରାଚୀନ କାଳରେ ଶ୍ରୀକ୍ଷେତ୍ରର ସାହି ସରହଦ ମଧ୍ୟରେ ଥିବା ଜେଗାମାନଙ୍କର ନାମ ହେଲା - କାଳିକାଦେବୀ ସାହିର ଗଣ୍ଡମାଳ ଜାଗା, ହରଚଣ୍ଡୀ ସାହିର ବଡ଼ ଆଖଡ଼ା ଜାଗା, ବାରବାଟୀ ଜାଗା, ତାପଙ୍ଗଗଡ଼ ଜାଗା, ନୃସିଂହ ବଲ୍ଲଭ ଜାଗା, ଜମେଇ ଖୁଣ୍ଟିଆ ଜାଗା, ଧ୍ୱଜାଗଡ଼ ଜାଗା, ଶଙ୍ଖକୋଟ, ଈଶ୍ୱର ବଲ୍ଲଭ ଜାଗା, କୁସୁନି ଖୁଣ୍ଟିଆ ଜାଗା, ମୁଦୁଲି ଜାଗା ଓ ଦୀକ୍ଷିତ ବଡ଼ ପୋଖରୀ ଜାଗା । ଚୂଡ଼ଙ୍ଗ ସାହିର ଚୂଡ଼ଙ୍ଗ କୋଟ (ବଡୁ ମହାପାତ୍ର ଜାଗା) । ମାଟିମଣ୍ଡପ ସାହିର ଭୋଗଜାଗା । ମାର୍କଣ୍ଡେଶ୍ୱର ସାହିର ଦୁଆରୀ ଜାଗା, ସାତବଖରା ଜାଗା, ପାଣ୍ଡଜାଗା, ଭଟ୍ଟଜାଗା, ରାହାସ ମହାନ୍ତି ଜାଗା ଓ ଗଦା ସାହାଣ ବଡ଼ ପୋଖରୀ ଜାଗା । କୁଣ୍ଠାଇ ବେଣ୍ଟ ସାହିର ସୁନ୍ଦରଜାଗା, ବିସୁନି ଜାଗା, ଗୋପାଳି ଜାଗା, ମରିଚିକୋଟ, ମଲ୍ଲୀଗଡ଼ ଜାଗା, ଅଲ୍ଲୀକୋଟ, ଗଣେଶ ଗୁରୁଜ ଜାଗା, ବ୍ରହ୍ମାଜାଗା, ମାଜଣା ଜାଗା, ମାଳିଜାଗା, ମକରଧ୍ୱଜ ଜାଗା, ଖାକିକୋଟ, ଜାଡୁ କୋଟ, ବଳଭଦ୍ର ବଲ୍ଲଭ ଜାଗା, ନରସିଂହ ଗଡ଼ ଜାଗା, ବଡ଼ଜାଗା, ଗୋପୀନାଥ ବଲ୍ଲଭ ଜାଗା, ଦିବ୍ୟସିଂହ କୋଟ, ବେଳଦଳ ଜାଗା ଓ ସୁଡଙ୍ଗ କୋଟ । ଦୋଳମଣ୍ଡପ ସାହିର ଯଦୁତିଆଡ଼ି ଜାଗା, ବଜ୍ରଗଡ଼ ଅମୀନ ଜାଗା, ଚମ୍ପାଗଡ଼ ଜାଗା, ଅମୀନ ଜାଗା, ଜଗତପ୍ରତିହାରୀ ଜାଗା ଓ ନୂଆତୋଟା ଜାଗା, ବାଲି ସାହିର ଖୁଣ୍ଟିଆ ଜାଗା, ହିଞ୍ଜଳଗଡ଼ ଜାଗା, ଲୁହାଗଡ଼ ଜାଗା, ଗୁରୁଜଙ୍ଗ ଜାଗା, କଦମ୍ବଗଡ଼ ଜାଗା, ନାଗାକୋଟ, ପଞ୍ଚୁଆତି ଜାଗା, ଡୁବେଇ ଜାଗା ଓ କାଳିକାକୋଟ । ଗୌଡ଼ବାଡ଼ ସାହିର ଅଡଙ୍ଗ ତିଆଡ଼ି ଜାଗା, ଖାସୁକୋଟ ଓ ଜୁଆଣି ଗଡ଼ ଜାଗା ।

ଏହି ଜାଗାମାନଙ୍କ ମଧ୍ୟରୁ କାଳର କରାଳ ଗତିରେ ବହୁଜେଗା ଆଖଡ଼ା ଲୋପ ପାଇଗଲାଣି । ଏପରିକି କେତେକ ଜାଗାର ଅସ୍ତିତ୍ୱ ମଧ୍ୟ ଆଉ ଦେଖିବାକୁ ମିଳେ ନାହିଁ । ସେଠାରେ ଜନବସତି ଗଢ଼ି ଉଠିଲାଣି । ସେ ଯୁଗରୁ ଜେଗା ଆଖଡ଼ାଗୁଡ଼ିକ ସୁନାଗରିକ ଗଢ଼ିବା ସହିତ ଶ୍ରୀଜଗନ୍ନାଥ ସଂସ୍କୃତିକୁ କାଳକାଳ ଧରି ବହନ କରି ଆସୁଛି ।

ସଭାପତି
ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ଚେତନା କେନ୍ଦ୍ର
ହରିଧାମ, ଦୋଳମଣ୍ଡପ ସାହି, ପୁରୀ

# ୫ଟି ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମାନ୍ୟତା

ସରକାର ସ୍ୱୟଂଶାସିତ ମାନ୍ୟତା ଦେବା ପାଇଁ ନିଷ୍ପତ୍ତି ନେବା ପରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପର୍ଯ୍ୟାୟକ୍ରମେ ୧୮ ଗୋଟି ସରକାରୀ କଲେଜକୁ ସ୍ୱୟଂଶାସିତ ଅନୁଷ୍ଠାନ ମାନ୍ୟତା ଦେଇଥିଲେ, ପରେ ଏହି ମାନ୍ୟତା ରାଜ୍ୟରେ ଥିବା ପୁରାତନ ଅଗ୍ରଣୀ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟମାନଙ୍କୁ ଦେବା ବିଷୟ ସରକାରଙ୍କ ବିଚାରାଧୀନ ଥିଲା ।

ବର୍ତ୍ତମାନ ସରକାରୀ ଅନୁଦାନପ୍ରାପ୍ତ ପ୍ରାଣନାଥ କଲେଜ, ଖୋର୍ଦ୍ଧା, ବାଙ୍କି କଲେଜ, ବାଙ୍କି, କେନ୍ଦ୍ରାପଡ଼ା କଲେଜ, କେନ୍ଦ୍ରାପଡ଼ା, ନୟାଗଡ଼ କଲେଜ, ନୟାଗଡ଼, ଏସ୍.ଭି.ଏମ୍. କଲେଜ, ଜଗତସିଂହପୁର ମହାବିଦ୍ୟାଳୟମାନଙ୍କୁ ସ୍ୱୟଂଶାସିତ ମହାବିଦ୍ୟାଳୟର ମାନ୍ୟତା ପ୍ରଦାନ କରାଯାଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି । ଉକ୍ତ ମହାବିଦ୍ୟାଳୟଗୁଡ଼ିକ ନିଜସ୍ୱ ପାଠ୍ୟ ଖସଡ଼ା, ପରୀକ୍ଷା ପରିଚାଳନା ଓ ପରୀକ୍ଷା ଫଳ ପ୍ରକାଶନର ନିଷ୍ପତ୍ତି ନେଇ ପାରିବେ । ତା' ସଂଗେସଂଗେ ୟୁ.ଜି.ସି.ଠାରୁ ଅନୁଦାନ ପାଇବାର ସୁବିଧା ପାଇ ପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ସୂତ୍ରରୁ ପ୍ରକାଶ ।

# ଶ୍ରୀକ୍ଷେତ୍ରର ମହକ : ମହାପ୍ରସାଦ

ଡଃ ଶରତ ଚନ୍ଦ୍ର ପରିଡ଼ା

**ଭା**ରତର ଚାରି ଦିଗରେ ଚାରୋଟି ଧାମ । ସେଠି ପ୍ରତିଷ୍ଠିତ ଚାରିଜଣ ନାଥ । ପୌରାଣିକ ମତ ଅନୁଯାୟୀ ଭାରତର ଉତ୍ତରରେ ଭଗବାନ ବିଷ୍ଣୁଙ୍କର ସ୍ନାନମୂର୍ତ୍ତି ବଦ୍ରିନାଥ, ଦକ୍ଷିଣରେ ଶୟନମୂର୍ତ୍ତି ରାମନାଥ, ପଶ୍ଚିମରେ ଶୃଙ୍ଗାରମୂର୍ତ୍ତି ଦ୍ୱାରିକାନାଥ ଏବଂ ପୂର୍ବରେ ଅନ୍ନକ୍ଷେତ୍ର ପୁରୁଷୋତ୍ତମ ଧାମରେ ଭୋଜନମୂର୍ତ୍ତି ଜଗନ୍ନାଥ ଅଧିଷ୍ଠିତ ହୋଇଛନ୍ତି । ଭାରତୀୟ ଧର୍ମୀଣ ଇତିହାସରେ ଅନ୍ୟ କୌଣସି ଦେବଦେବୀଙ୍କ ନିକଟରେ ଅନ୍ନ ପ୍ରସାଦ ରୂପେ ଭୋଗ ହୁଏ ନାହିଁ କିମ୍ବା ସେମାନଙ୍କ ପାଖରେ ଲାଗୁଥିବା ପ୍ରସାଦକୁ ମହାପ୍ରସାଦ କୁହାଯାଏ ନାହିଁ ।

ମହାପ୍ରସାଦ ଭକ୍ତ ପାଖରେ ଅତି ପରିଚିତ । ବହୁ ଘନିଷ୍ଠ । ନିତାନ୍ତ ଅନ୍ତରଙ୍ଗ । ପ୍ରତ୍ୟେକର ପ୍ରିୟ । ଏହାର ଲୋକପ୍ରିୟତା ହିଁ ଏହାର ମହନୀୟତା । ଏହାର ଗୁରୁତ୍ୱ ହିଁ ଏହାର ଗୌରବ । ଏହାକୁ ପାଇବା ପାଇଁ ଆକୁଳତା ହିଁ ଏହାର ଆଦର । ବ୍ୟାକୁଳତା ହିଁ ବଳ । ସାଢ଼େ ତିନିକୋଟି ତୀର୍ଥରେ ସ୍ନାନଦାନ କଲେ ଯେଉଁ ଫଳ ନମିଳେ ମହାପ୍ରସାଦ ସେବନ କଲେ ତାହା ମିଳିଥାଏ ବୋଲି ଫଳଶ୍ରୁତି ରହିଛି । ଗଙ୍ଗାଜଳ ଅପବିତ୍ର ହୋଇପାରେ ଶିବଙ୍କଠାରେ ଅର୍ପିତ ପ୍ରସାଦରେ ସ୍ପର୍ଶଦୋଷ ଲାଗିପାରେ ମାତ୍ର ପରଂବ୍ରହ୍ମଙ୍କଠାରେ ସମର୍ପିତ ଦ୍ରବ୍ୟ ଛୁଆଁଅଛୁଆଁ ଦୋଷର ଦୂଷିତ ହୁଏ ନାହିଁ ବୋଲି 'ପ୍ରାଣତୋଷିଣୀ ତନ୍ତ୍ର' ଘୋଷଣା କରେ । ମହାପ୍ରସାଦ ଆଘ୍ରାଣ କଲେ ମାନସିକ, ସେବନ କଲେ ବାକ୍ ଓ ଶ୍ରବଣ ଇନ୍ଦ୍ରିୟଜନିତ, ଦର୍ଶନ କଲେ ଦୃଷ୍ଟିଗତ ଓ ସ୍ପର୍ଶ କଲେ ମିଥ୍ୟା ଆଳାପଜନିତ ପାପ କ୍ଷୟ ହୋଇଥାଏ ବୋଲି ପୁରାଣମାନଙ୍କରେ କୁହାଯାଇଛି । ତେଣୁ ହିନ୍ଦୁମାନେ ଅତି ଶ୍ରଦ୍ଧାରେ ନିର୍ମାଲ୍ୟ ଘରେ ଘରେ ସାଇତି ରଖି ଥାଆନ୍ତି । ସ୍ନାନପୂଜା ସାରି ସେଥିରୁ ଟିକେ ନପାଇବା ପର୍ଯ୍ୟନ୍ତ ଅନ୍ୟକିଛି ଆହାର କରନ୍ତି ନାହିଁ । ମହାପ୍ରସାଦ ସେବନ କଲେ ଅନ୍ତଃକରଣ ଶୁଦ୍ଧ ହୁଏ, ପୁଣ୍ୟ ଅର୍ଜନ ହୁଏ ଓ ଦାନ କଲେ ପ୍ରଭୁଙ୍କଠାରେ ଅଚଳା ଭକ୍ତି ଉଦ୍ରେକ ହୁଏ । ଶ୍ରାଦ୍ଧକାଳରେ ପିତୃପୁରୁଷ ଓ ଦେବତାଙ୍କ ଉଦ୍ଦେଶ୍ୟରେ ଏହି ପବିତ୍ର ମହାପ୍ରସାଦ ଦାନ କଲେ ପିତୃପୁରୁଷ ଓ ଦେବତାମାନେ ତୃପ୍ତ ହୁଅନ୍ତି ଓ ବୈକୁଣ୍ଠରେ ବାସ କରିଥାନ୍ତି । ତେଣୁ କୁହାଯାଇଛି -



ମହାପବିତ୍ରଂ ହି ହରେର୍ନିବେଦିତଂ
ନିୟୋଜୟେହ ଯଃ ପିତୃଦେବକର୍ମସୁ
ତୃପ୍ୟନ୍ତି ତସ୍ମୈ ପିତରଃ ସୁରାଶ୍ଚ
ପ୍ରୟାନ୍ତି ଲୋକଂ ମଧୁସୂଦନସ୍ୟ ॥ ଶବ୍ଦ କଳ୍ପଦ୍ରୁମଃ

ମହାପ୍ରସାଦର କଣିକାଟିଏ ପାଖରେ ଥିଲେ ଭକ୍ତ ଅନୁଭବ କରେ ସତେ ଯେପରି ପ୍ରଭୁ ଜଗନ୍ନାଥ ତା' ନିକଟରେ ଅଛନ୍ତି । ପ୍ରସାଦ ହିଁ ଜଗନ୍ନାଥଙ୍କ ଅବିକଳ ସ୍ୱରୂପ । ସେଥିପାଇଁ ଯଥା- ବିଷ୍ଣୁଃ ତଥୈବ ତତ୍ (ସ୍କନ୍ଦପୁରାଣ) ବୋଲି ପ୍ରସିଦ୍ଧି ରହିଛି । ମହାପ୍ରସାଦ ଜଗନ୍ନାଥଙ୍କର ଅନନ୍ତ କରୁଣାର ପ୍ରତୀକ । ହିନ୍ଦୀରେ ଏକ ପ୍ରବାଦ ପ୍ରଚଳିତ ଅଛି - ଜଗନ୍ନାଥ କା ଭାତ୍, ଜଗତ ପସାରେ ହାତ୍ । ଅର୍ଥାତ୍, ଜଗନ୍ନାଥଙ୍କ ଭାତ କଣିକାଏ ପାଇଁ ସମଗ୍ର ଜଗତ ହାତ ବଢ଼ାଇଛି । ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମାତା ସୁଭଦ୍ରା ଏହି ତିନିଜଣଙ୍କ ଅଧରାମୃତ ଲାଗି ହୋଇଥିବା ଏହି ମହାପ୍ରସାଦକୁ ସ୍ୱର୍ଗର ଦେବତାମାନେ ଓହ୍ଲାଇ ନରରୂପରେ ସେବନ କରିଥାନ୍ତି । କାରଣ ଯେତେ ହବ୍ୟକବ୍ୟ ବସ୍ତୁସବୁ ରହିଛି ମହାପ୍ରସାଦଠୁଁ ଶ୍ରେଷ୍ଠ କିଛି ନାହିଁ ବୋଲି ସ୍କନ୍ଦପୁରାଣରେ କୁହାଯାଇଛି ।

ଜଗନ୍ନାଥଙ୍କର ସବୁ ବଡ଼ (ମହାନ୍) । ତାଙ୍କର ଦେଉଳ ବଡ଼ - ବଡ଼ ଦେଉଳ । ତାଙ୍କର ଦାଣ୍ଡ ବଡ଼ - ବଡ଼ଦାଣ୍ଡ । ତାଙ୍କର ବାହୁ ମହାନ୍ - ମହାବାହୁ । ସେ ନିଜେ ବଡ଼ - ବଡ଼ଠାକୁର । ତାଙ୍କର ସମୁଦ୍ର ବିଶାଳ - ମହୋଦଧି । ତାଙ୍କର ସେବକ ବଡ଼ - ମହାପାତ୍ର । ତେଣୁ ତାଙ୍କର

ପ୍ରସାଦ ମହାପ୍ରସାଦ ହେବା ସ୍ୱାଭାବିକ । ଶବ୍ଦ କଳ୍ପଦ୍ରୁମରେ ବିଷ୍ଣୁ ନୈବେଦ୍ୟ ବିଶେଷ ମହାପ୍ରସାଦ ବୋଲି କୁହାଯାଇଛି । ବିଷ୍ଣୁଙ୍କୁ ନିବେଦନ କରାଯାଇଥିବା ପାଦଧୋଇବା ନିମନ୍ତେ ଜଳ, ଶୋଭା ନିମନ୍ତେ ପୁଷ୍ପମାଲ୍ୟ ଓ ଭକ୍ଷଣ ନିମନ୍ତେ ଅନ୍ନବିଶେଷକୁ ମହାପ୍ରସାଦ କୁହାଯାଏ ଏବଂ ଏହାକୁ ଯତ୍ନର ସହିତ ଗ୍ରହଣ କରିବା ଉଚିତ ବୋଲି ସେଥିରେ ଉଲ୍ଲେଖ ରହିଛି -

ପାଦୋଦକଂ ନିର୍ମାଲ୍ୟଂ ନୈବେଦ୍ୟଂ ଚ ବିଶେଷତଃ ।
ମହାପ୍ରସାଦ ଇତ୍ୟୁକ୍ତ୍ୱା ଗ୍ରାହ୍ୟଂ ବିଷ୍ଣୋଃ ପ୍ରଯତ୍ନତଃ ॥

ପୁନଶ୍ଚ 'ପ୍ରସାଦସ୍ତୁ ପ୍ରସନ୍ନତା' କୁହାଯାଇ ଅତିଶୟ ପ୍ରସନ୍ନତାକୁ ମଧ୍ୟ ମହାପ୍ରସାଦ କୁହାଯାଇଥାଏ । ବାସ୍ତବରେ ଦେଖିବାକୁ ଗଲେ ଶୁଦ୍ଧ ଚିତ୍ତରେ ଭକ୍ତି ସହକାରେ ନମ୍ରତା ପୂର୍ବକ ମହାପ୍ରସାଦ ସେବନ କଲେ ମନରେ ପ୍ରସନ୍ନତା ଆସିଥାଏ ଏବଂ ଯଦି ଭଗବାନ୍ ଜଗନ୍ନାଥ ଭକ୍ତ ଉପରେ ପ୍ରସନ୍ନ ଅଛନ୍ତି ତେବେ ତାହା ମଧ୍ୟ ଭକ୍ତପାଇଁ ମହାପ୍ରସାଦ । ତେଣୁ କାଳିଦାସଙ୍କ ଉକ୍ତି 'ପ୍ରସାଦଚିହ୍ନାନି ପୁରଃଫଳାନି' ଅନୁସାରେ ଶ୍ରୀଜଗନ୍ନାଥ ପ୍ରସନ୍ନ ଥିବାରୁ ତା'ର ଫଳ ସ୍ୱରୂପ ଆମକୁ ତାଙ୍କର ମହାପ୍ରସାଦ ମିଳିପାରୁଛି ।

ଶ୍ରୀମନ୍ଦିରର ଅଗ୍ନିକୋଣରେ ଥିବା ରୋଷଘରେ ଏକ ଅଗ୍ନି ରାତିଦିନ ଜଳୁଥାଏ । ଏହା କେବେ ଲିଭେ ନାହିଁ । ବେଦୋକ୍ତ ମନ୍ତ୍ରରେ ଏହାର ସଂସ୍କାର କରାଗଲା ପରେ ଏହା ହୁଏ ବୈଷ୍ଣବାଗ୍ନି । କାରଣ ବିଷ୍ଣୁଙ୍କ ସେବାପାଇଁ ଏହା ଉଦ୍ଦିଷ୍ଟ । ତା'ର ଆବାହନ କରାଯାଇ ସେଥିରେ ଅନ୍ନ ପାକ କରାଯାଏ । ଜଣେ ମରିଗଲା ପରେ ତା'ର ସଂପର୍କୀୟମାନେ ରୋଷଘରୁ ହିଁ ଅଗ୍ନି ନିଅନ୍ତି । ଏହାଦ୍ୱାରା ମୃତକଟି ପ୍ରଭୁଙ୍କ ପରିବାରର ସଦସ୍ୟ ହୋଇଯାଏ ବୋଲି ବିବେଚନା କରାଯାଏ । ରୋଷଘରେ ଥାଏ ୨୫୦ଟି ଚୁଲି, ପ୍ରତି ଚୁଲିରେ ଛଅଟି ଝିଙ୍କା । ଏହି ଛଅଟି ଝିଙ୍କା ହେଉଛି ଷଟ୍ କୋଣାତ୍ମକ ଅଗ୍ନି ଯନ୍ତ୍ର । ଏଥିରେ ଥରକେ ନଅ ଗୋଟି ହାଣ୍ଡି ଗୋଟିକ ପରେ ଗୋଟିଏ ବସେ । ବାମ୍ଫରେ ଶେଷ ହାଣ୍ଡିର ଅନ୍ନ ପ୍ରଥମେ ସିଦ୍ଧ ହୁଏ । 'ସାରଦାତିଳକ ଗ୍ରନ୍ଥ'ରେ ଏହି ନଅ ଶବ୍ଦର ମାହାତ୍ମ୍ୟ ମହାପ୍ରସାଦର ଗୁଣକୁ ବହୁଗୁଣିତ କରିଥାଏ ବୋଲି କୁହାଯାଇଛି । ମହାପ୍ରସାଦର ରୋଷକାର୍ଯ୍ୟ ପାଇଁ ଶ୍ରୀମନ୍ଦିର ବେଢ଼ା ଭିତରେ ଥିବା ଗଂଗା ଯମୁନା ନାମକ ଦୁଇଟି କୂପର ଜଳ ଅଣାଯାଇଥାଏ । ପାକଶାଳା ଦ୍ୱାରରେ ବିଘ୍ନରାଜ ଗଣେଶ ବିଦ୍ୟମାନ । ପାକକାର୍ଯ୍ୟ ନିର୍ବିଘ୍ନରେ ସମାପନ ପାଇଁ ପ୍ରଥମତଃ ତାଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ । ପୁରାଣକାରମାନେ କହନ୍ତି ସ୍ୱୟଂ ଲକ୍ଷ୍ମୀ ଏହି ଅନ୍ନକୁ ରନ୍ଧନ କରନ୍ତି ଓ ବିଷ୍ଣୁ ଭୋଜନ କରନ୍ତି । ତେଣୁ ଏହି ମହାପ୍ରସାଦ ବିପ୍ର ଓ ଦେବଗଣଙ୍କ ପକ୍ଷରେ ଦୁର୍ଲ୍ଲଭ ଅଟେ । ପଦ୍ମ ପୁରାଣରେ କୁହାଯାଇଛି -

ତତ୍ରାନ୍ନପାଚିକା ଲକ୍ଷ୍ମୀଃ ସ୍ୱୟଂ ଭୋକ୍ତା ଜନାର୍ଦ୍ଦନଃ ।
ତସ୍ମାଦନ୍ନଂ ବିପ୍ରର୍ଷୈର୍ଦ୍ଦେବତୈରପି ଦୁର୍ଲ୍ଲଭମ୍ ॥

ଲକ୍ଷ୍ମୀ ପ୍ରସାଦ ପ୍ରସ୍ତୁତିରେ ଅସନ୍ତୁଷ୍ଟ ହେଲେ ଆଶ୍ଚର୍ଯ୍ୟଜନକ ଭାବେ ଏକ କୁକୁରର ଆବିର୍ଭାବ ଘଟେ । କଡ଼ା ସୁରକ୍ଷାବଳୟ ଭିତରେ ଥିବାରୁ କୁକୁର ସେଠାକୁ ଆସେ କୁଆଡୁ ? ବାସ୍ତବରେ ସେ ହେଉଛନ୍ତି ଜଣେ ତାନ୍ତ୍ରିକ ଦେବୀ, କୁତମଚଣ୍ଡୀ କୁକୁର ଦେଖାଦେଲେ ସବୁଯାକ ଭୋଗ ମାଟିରେ ପୋତି ଦିଆଯାଏ ଓ ଆଉ ଥରେ ଭୋଗ ପ୍ରସ୍ତୁତି ଆରମ୍ଭ ହୁଏ । ଅନ୍ନପାକ ହେଲାପରେ ବଡ଼ ଦେଉଳର ରତ୍ନସିଂହାସନରେ ବିରାଜିତ ତ୍ରିମୂର୍ତ୍ତିଙ୍କ ପାଖକୁ ଯାଏ । ତାହା ନିମ୍ନୋକ୍ତ ମନ୍ତ୍ରରେ ପୂଜାର୍ପଣ ଉତ୍ତାରୁ ମହାପ୍ରସାଦ ହୋଇଥାଏ ବୋଲି ଦିବାକର ଦାସ କହନ୍ତି -

ଶ୍ରୀଁ ବୀଜ ବଳଭଦ୍ର ହୋନ୍ତି । ହ୍ରୀଁ ବୀଜ ସୁଭଦ୍ରା ମୂରତି ॥
କ୍ଲୀଁ ବୀଜ ଜଗନ୍ନାଥ ଭାବ । ଏ ରୂପେ ନୈବେଦ୍ୟ ଦେବ ॥
ଯେ ଦ୍ରବ୍ୟ ଅମଣେହା ହେବ । ତା ବଳଦେବ ସମର୍ପିବ ॥
ସେ ଦେବେ ସୁଭଦ୍ରାଙ୍କ ପାଖେ । ସେ ଦେବେ ଜଗନ୍ନାଥ ମୁଖେ ॥
ଏ ଭାବେ ପ୍ରଭୁଙ୍କ ଆସ୍ୱାଦ । ଶେଷେ ହୁଏ ମହାପ୍ରସାଦ ॥

ଶ୍ରୀକ୍ଷେତ୍ର ଏକ ତନ୍ତ୍ରପୀଠ । ଉଡ୍ଡୀୟାନ୍ ତନ୍ତ୍ରରେ ଜଗନ୍ନାଥଙ୍କୁ ଭୈରବ ଓ ଦେବୀ ବିମଳାଙ୍କୁ ଭୈରବୀ ବୋଲି କୁହାଯାଇଛି । କାଳିକା ପୁରାଣରେ ୭୭ତମ ଅଧ୍ୟାୟରେ କ୍ଲେଶ ଯାହାକୁ ଭୟ କରେ, ଯାହାଙ୍କର ରବ (ଶବ୍ଦ) ଭୟଙ୍କର, ଯିଏ ଦୁଃଖ ସମୂହ (ଭୈର)କୁ ଦୂର କରନ୍ତି, ଯିଏ ଭୟଭୀତ କରି (ଦୁଷ୍ଟମାନଙ୍କୁ) କନ୍ଦାନ୍ତି, ଯିଏ ବିଶ୍ୱକୁ ସଂପୂର୍ଣ୍ଣ କରନ୍ତି ଓ ଧାରଣ ତଥା ପୁଷ୍ଟ କରନ୍ତି, ଯିଏ ଭ-ଭରଣ, ର-ରମଣ ଓ ବ-ବମନ କରନ୍ତି ଅର୍ଥାତ୍ ବିଶ୍ୱକୁ ଭରଣ, ରମଣ ଓ ବମନରୂପକ ସୃଷ୍ଟି-ସ୍ଥିତି-ସଂହାରକାରୀ ରୂପ ଶିବ ହିଁ ଭୈରବ । ତନ୍ତ୍ରରେ ଶ୍ରୀକ୍ଷେତ୍ରକୁ ଜିହ୍ୱାପୀଠ ବା ଉଚ୍ଛିଷ୍ଟପୀଠ ରୂପେ ବର୍ଣ୍ଣନା କରାଯାଇଛି । ଦେବୀ ବିମଳା ମହାପ୍ରସାଦ ଆସ୍ୱାଦନ କରିଥା'ନ୍ତି । ଶ୍ରୀମନ୍ଦିରରେ ଜଗନ୍ନାଥଙ୍କୁ ଭୋଗ ଲାଗୁଥିବା ଅନ୍ନ ମହାକାଳୀ, ମହାସରସ୍ୱତୀ ଓ ମହାଲକ୍ଷ୍ମୀଙ୍କ ସମନ୍ୱୟ ବିଗ୍ରହ ବିମଳାଙ୍କଠାରେ ସମର୍ପିତ ହେଲା ପରେ ତାହା ମହାପ୍ରସାଦ ନାମରେ ପରିଚିତ ଓ ପରିଗଣିତ ହୁଏ । ପୂଜକ ବିମଳାଙ୍କୁ ପ୍ରସାଦ ସମର୍ପଣ ପୂର୍ବକ କହିଥାନ୍ତି :

କୈବଲ୍ୟ ଭୋଜନି ଦେବି ବିମଳେ ବିମଳେ ପ୍ରଦେ ।
ଗୃହଣାତୁ ହରିକୈବଲ୍ୟଂ ସୃଷ୍ଟି-ସ୍ଥିତ୍ୟନ୍ତ-କାରିଣୀ ॥

ମା' ବିମଳାଙ୍କୁ ଅର୍ପିତ ପ୍ରସାଦ ମା' ପ୍ରସାଦ ଧୀରେ ଧୀରେ ହୋଇଛି ମହାପ୍ରସାଦ ବୋଲି କେତେକ ମତ ଦିଅନ୍ତି । ପଣ୍ଡିତ ନୀଳକଣ୍ଠ ଦାସଙ୍କ ମତ ଅନୁସାରେ ଜଗନ୍ନାଥଙ୍କ ଆଗରେ ଯେଉଁଠାରେ ଭୋଗ ବଢ଼ା ହୋଇ ମହାପ୍ରସାଦ ହୁଏ ତାକୁ ଭୈରବୀଚକ୍ର ବୋଲି କହନ୍ତି ଓ ସେଥିପାଇଁ ସିଂହାସନରେ ଗୋଟିଏ ଭୈରବ (ଗର୍ତ୍ତ) ଖୋଳା ହୋଇଛି । କୁଳାର୍ଣ୍ଣବତନ୍ତ୍ରରେ ଅଛି ଭୈରବୀ ଚକ୍ରରେ ମହାପ୍ରସାଦ ପ୍ରବୃତ୍ତ ହେଲେ ତାହା ସେବନ କରି ସମସ୍ତ ଜାତି ବ୍ରାହ୍ମଣ ପାଲଟି ଯାନ୍ତି । ସେଥିରୁ ନିବୃତ୍ତ ହେଲେ ଅର୍ଥାତ୍ ତନ୍ତ୍ରପୀଠ ଛାଡ଼ି ଅନ୍ୟତ୍ର ବେଦୋକ୍ତ ମତରେ ସାଧାରଣ ପକ୍ୱାନ୍ନ ଭକ୍ଷଣ କରି ଲୋକମାନେ ଭିନ୍ନ ଜାତିର ହୋଇଥାନ୍ତି । ସେଥିପାଇଁ ଉକ୍ତ ଗ୍ରନ୍ଥରେ ଉଲ୍ଲେଖ ଅଛି -

ପ୍ରବୃତ୍ତେ ଭୈରବୀଚକ୍ରେ ସର୍ବେ ବର୍ଣ୍ଣାଃ ଦ୍ୱିଜାତୟଃ ।

ଶ୍ରୀଜଗନ୍ନାଥ ଯେଉଁ ରତ୍ନବେଦୀରେ ବିରାଜମାନ କରିଛନ୍ତି ତାହା କୋଟି ସଂଖ୍ୟକ ଶାଳଗ୍ରାମ ଉପରେ ଅବସ୍ଥିତ । ଏହି ରତ୍ନବେଦୀ ଉପରେ ଶାକ୍ତଧର୍ମ ପ୍ରଭାବିତ ଯନ୍ତ୍ର ଅଛି । ଏହି ଯନ୍ତ୍ର ଉପରେ ଦାରୁବ୍ରହ୍ମ ବିରାଜମାନ । ଏହି ଦାରୁବ୍ରହ୍ମଙ୍କ ମଧ୍ୟରେ ବ୍ରହ୍ମଶୀଳା ବା ଜୀବନ୍ତ ଶାଳଗ୍ରାମ ବ୍ରହ୍ମପଦାର୍ଥ ରୂପେ ବିଦ୍ୟମାନ । ଏହିଭଳି ପରମ ପବିତ୍ର ବ୍ରହ୍ମଙ୍କୁ ଅର୍ପିତ ନୈବେଦ୍ୟ ହେଉଛି ମହାପ୍ରସାଦ ।

ମହାଲକ୍ଷ୍ମୀଙ୍କ ଦ୍ୱାରା ବୈଷ୍ଣବାଗ୍ନିରେ ରନ୍ଧନ, ଶ୍ରୀଯନ୍ତ୍ରରୂପକ ଠାଆ ମୁରୁଜରେ ନୈବେଦ୍ୟ ନିମନ୍ତେ ସ୍ୱର୍ଣ୍ଣମୟ ପାତ୍ରରେ ପରିବେଷଣ, ଦ୍ୱାବିଂଶାକ୍ଷରୀ ନୃସିଂହ ମନ୍ତ୍ରରେ ପ୍ରେକ୍ଷଣ, ଗୋବିନ୍ଦ ଅଷ୍ଟାଦଶାକ୍ଷର ଗୋପାଳମନ୍ତ୍ରରେ ନିବେଦନ, ଭୈରବୀ ଚକ୍ରର ଉଚ୍ଛିଷ୍ଟ ଭୈରବୀ ବିମଳାଙ୍କୁ ସମର୍ପଣ, ବିଶ୍ୱକ୍ସେନ, ଶୁକ, ପ୍ରହଲ୍ଲାଦ, ହନୁମାନ, ନାରଦ, ବୈନତେୟ, ଦେବଳ ଓ ଇନ୍ଦ୍ରଦ୍ୟୁମ୍ନ ପ୍ରମୁଖ ଅଷ୍ଟ ସାତ୍ତ୍ୱିକ ବୈଷ୍ଣବଙ୍କୁ ଅବଶେଷ ଅନ୍ନବଳି ପ୍ରଦାନ କରାଯାଉଥିବାରୁ ଏହାକୁ ମହାପ୍ରସାଦ କୁହାଯାଏ ।

ମହାପ୍ରସାଦ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ - ସଂଖୁଡ଼ି ଓ ନିଃସଂଖୁଡ଼ି (ଶୁଖିଲା) । ସଂଖୁଡ଼ି ମହାପ୍ରସାଦ ମଧ୍ୟରେ ସାଦା ଅନ୍ନ, ଘିଅ ଅନ୍ନ, କାନିକା, ଖେଚେଡ଼ି, ଦହି ପଖାଳ, ମିଠା ପଖାଳ, ଅଦା ପଖାଳ, ଓଡ଼ିଆ ପଖାଳ ଆଦି ଅନ୍ନ, ବିରିଡାଲି, ମୁଗଡାଲି, ଡାଲମା, ମହୁର ବେସର, ଶାଗ, ପୋଟଳରସା, ଗୋଟି ବାଇଗଣ, ଖଟା ରାଇତା ପିତା ଆଦି ଡାଲି, ଶୁଖିଲା ମହାପ୍ରସାଦ ମଧ୍ୟରେ ଖଜା, ଗଜା, ଦହିବରା, ଆରିସା, ଖିରିଖୁଆ ରସାବଳି, ଛେନାଖାଇ, ଝିଲି ଓ ପୋଡ଼ପିଠା ପ୍ରଭୃତି ପ୍ରଧାନ । ମହାପ୍ରସାଦ ଦୈନିକ ୫୬ ପ୍ରକାର ଭୋଗ କରାଯାଏ । ଏହାକୁ ଛପନ ପଉଟି ଭୋଗ କହନ୍ତି । ଏହି ମହାପ୍ରସାଦ ଭକ୍ତମାନଙ୍କ ପାଇଁ ଶ୍ରୀମନ୍ଦିରର ଐଶାନ୍ୟ କୋଣରେ ଥିବା ଆନନ୍ଦବଜାରରେ ବିକ୍ରୟ କରାଯାଏ । ଅନ୍ୟପାତ୍ରରେ ବଢ଼ାଯାଏ ନାହିଁ, କେହି କାହାପାଇଁ ଦେବା ଦରକାର ପଡ଼େ ନାହିଁ ବୋଲି 'ଅବଢ଼ା' । ଯେ ଯାହାର ଆବଶ୍ୟକତା ଅନୁସାରେ ମୂଳପାତ୍ରରୁ ନେଇ ଭୋଜନ କରନ୍ତି । ସାଲବେଗଙ୍କ ସମୟରେ ବାଇଶି ପାହାଚର ଦୁଇ ପାର୍ଶ୍ୱରେ ମହାପ୍ରସାଦର ପସରା ମେଲିଥିଲା । ଚଣ୍ଡାଳ, ବ୍ରାହ୍ମଣ ଓ ଶୂଦ୍ର ନିଜ ନିଜ ମଧ୍ୟରେ କିଛି ବାରଣ ନ ରଖି ମହାପ୍ରସାଦ ସେବନ କରୁଥିଲେ । ସାଲବେଗଙ୍କ ଆବେଗମୟବାଣୀ ତା'ର ଜ୍ୱଳନ୍ତ ପ୍ରମାଣ ଦିଏ,

ବାଇଶି ପାବଚ୍ଛେ ଗଲେ ସୁଖେ
କୈବଲ୍ୟ ପସରା ବେନି ପାଖେ
ଚଣ୍ଡାଳୁ ବ୍ରାହ୍ମଣ ଶୂଦ୍ର ପରିଯନ୍ତେ
କୈବଲ୍ୟ ଭୁଞ୍ଜନ୍ତି ମୁଖେ ମୁଖେ ।

ନିଜେ ନେଇ ଭୋଜନ କରିବା ଶୈଳୀର ଆଧୁନିକ ନାମ 'ବଫେ' । ହେଲେ ଅବଢ଼ା ସଂସ୍କୃତି ଓ ବଫେ ସଂସ୍କୃତି ପଛରେ ଥିବା ଦୃଷ୍ଟିଭଙ୍ଗୀରେ ଅନେକ ପାର୍ଥକ୍ୟ ପରିଲକ୍ଷିତ ହୁଏ । କାକ, କୁକୁର, ବିରାଡ଼ି ପ୍ରଭୃତି ପ୍ରାଣୀମାନେ ଅବଢ଼ା ପାତ୍ରରୁ ଭକ୍ଷଣ କରିଥାନ୍ତି । ତଦ୍ୱାରା ମହାପ୍ରସାଦ ଛୁଆଁ ବା ଉଚ୍ଛିଷ୍ଟ ହୁଏ ନାହିଁ । ବରଂ ମନୁଷ୍ୟମାନେ ବିନାଦ୍ୱିଧାରେ ଦେବଦୁର୍ଲ୍ଲଭ ମହାପ୍ରସାଦ ପରମ ଆନନ୍ଦର ସହିତ ଗ୍ରହଣ କରନ୍ତି । 'ବଫେ'ରେ ମନୁଷ୍ୟର ଖାଲି ଉଦର ପୂର୍ତ୍ତି ହୁଏ ମାତ୍ର ଅବଢ଼ା ସେବନ କରିବା ଦ୍ୱାରା ଉଦର ପୂର୍ତ୍ତି ସହିତ ପରମ ଆତ୍ମାତୃପ୍ତି ମଧ୍ୟ ମିଳିଥାଏ । 'ବଫେ' ସଂସ୍କୃତିରେ ଖାଦ୍ୟ ପ୍ରତି ଯେଉଁ ଲାଳସା ଥାଏ ସେଥିରେ ଅବଢ଼ା ସେବନ ଜନିତ ଭକ୍ତି ବା ମୁକ୍ତି ଚିନ୍ତନର ଲେଶ ମାତ୍ର ନଥାଏ ।

ବହୁ ଅଭିଳଷିତ ପବିତ୍ର ମହାପ୍ରସାଦର ସେବନ ନିମନ୍ତେ କେତେକ ଲୋକାଚାର ଓ ପୌରାଣିକ ବିଧି ରହିଛି । ଗର୍ବ ବା ଅଭିମାନ ନରଖି ନିର୍ମଳ ମନରେ ଏହାର ସେବନ କରିବାକୁ କୁହାଯାଇଛି । ଅନ୍ୟକୁ ଦେଲାବେଳେ ପର ଆପଣା ଭାବ ବା କୌଣସି ବିକାର ମନରେ ସ୍ଥାନ ଦିଆଯାଏ ନାହିଁ । ଏହା ସେବନ କରିବାର କାଳବେଳ, ବର୍ଣ୍ଣବିଚାର, ଛୋଟବଡ଼ ଭାବ, ଶୌଚ ଅଶୌଚ ବିଚାର ବା ପାପୀତପୀ ଭାବନା ନଥାଏ । ମହାପ୍ରସାଦକୁ କେହି ପ୍ରତ୍ୟାଖ୍ୟାନ କରନ୍ତି ନାହିଁ କି ନିନ୍ଦା କରନ୍ତି ନାହିଁ । ଭଗବାନ୍ ଶ୍ରୀଜଗନ୍ନାଥ କହିଛନ୍ତି - ମୋତେ ନିନ୍ଦା କର ପଛକେ ମୋର ମହାପ୍ରସାଦକୁ ନିନ୍ଦା କର ନାହିଁ । ଶୁଷ୍କ ହେଉ ବା ବାସୀ ହେଉ ବା ଦୂରଯାଗାକୁ ଯାଇଥାଉ ମହାପ୍ରସାଦ ପାଇଲାମାତ୍ରେ କିଛି ବିଚାର ନକରି ସେବନ କରିବା ପାଇଁ କୁହାଯାଇଛି, ପ୍ରାପ୍ତିମାତ୍ରେଣ ଭୋକ୍ତବ୍ୟଂ ନାତ୍ର କାର୍ଯ୍ୟା ବିଚାରଣା (କୂର୍ମ ପୁରାଣ) । ମତିମାନ୍ ଭକ୍ତ ଜ୍ଞାତିକୁଟୁମ୍ବ ବନ୍ଧୁବାନ୍ଧବ ସାଙ୍ଗସାଥୀଙ୍କୁ ସଙ୍ଗରେ ନେଇ ନିଜର ସକଳ ଇନ୍ଦ୍ରିୟ ଓ ସଂପୂର୍ଣ୍ଣମନକୁ ଭଗବାନଙ୍କ ପାଦପଦ୍ମରେ ଅର୍ପଣ ପୂର୍ବକ ପରମାତ୍ମା ପରଂବ୍ରହ୍ମଙ୍କ ମହାପ୍ରସାଦ ସେବନ କରି ଧନ୍ୟ ହୋଇଥାଏ ।

ଅବଢ଼ା ସଂସ୍କୃତି ଶବର ସଂସ୍କୃତିର ପ୍ରତୀକ । ଶବର ଗୋଷ୍ଠୀ ଯେଉଁ ପାତ୍ରରେ ଅନ୍ନ ପ୍ରସ୍ତୁତି କରନ୍ତି ସମସ୍ତେ ସେଇ ପାତ୍ରର ଚାରିପାଖେ ଘେରି ଭୋଜନ କରନ୍ତି । ସଂଖ୍ୟା ଅଧିକ ହେଲେ ପତ୍ରଠୋଲା ବ୍ୟବହାର କରନ୍ତି । ଏହା ହିଁ ଅବଢ଼ା କୋଡୁଆ ମଝିରେ ଥୋଇ ପ୍ରସାଦ ସେବନ କରିବାର ମୂଳ ପରମ୍ପରା । କଥାରେ ଅଛି - ଗାଈର ପ୍ରୀତି ଲାଇରେ, ମଣିଷ ପ୍ରୀତି ଖାଇରେ । ଅର୍ଥାତ୍, ଗାଈକୁ ଗାଈ ଭଲ ପାଇଲେ ଚାଟେ ଓ ମଣିଷ ମଣିଷକୁ ଭଲ ପାଇଲେ ଏକାଠି ବସି ଖାଏ, ଖୁଆଏ । ପଂକ୍ତି ବଢ଼ାଏ ପ୍ରୀତି । ଏହି ସଂସ୍କୃତି ଆର୍ଯ୍ୟ ବା ଦ୍ରାବିଡ଼ ସଂସ୍କୃତିରେ ଦେଖାଯାଏ ନାହିଁ । ତେଣୁ ଖାଣ୍ଟି ଶବର ସଂସ୍କୃତି । ଏହି ମନସ୍ତାତ୍ତ୍ୱିକ ଦିଗଟି ଅପେକ୍ଷା ଏହା ଏକ ସୁସ୍ଥ ସାମାଜିକ ପରମ୍ପରାର ସଙ୍କେତ ମଧ୍ୟ ବହନ କରିଥାଏ । ମହାପ୍ରସାଦ ସେବନ ବିଧି ସମସ୍ତ ପ୍ରକାର ଭେଦାଭେଦ ଓ ସଂକୀର୍ଣ୍ଣତାବୋଧର ଉର୍ଦ୍ଧ୍ୱରେ ଥାଏ । ତେଣୁ ପରୋକ୍ଷରେ ଏହା ସାମ୍ୟ, ମୈତ୍ରୀ, ବିଶ୍ୱଭ୍ରାତୃତ୍ୱ ଓ ଆତ୍ମୀୟ ଚେତନାର ଏକ ସମନ୍ୱିତ ଧାରା ପ୍ରବାହିତ କରାଏ ଓ ଜାତୀୟ ସଂହତିର ଏକ ଭିତ୍ତିଭୂମି ପ୍ରସ୍ତୁତ କରେ । ମହାପ୍ରସାଦର ଏହି ଗୌରବ ଶାବର ଓ ବ୍ରାହ୍ମଣ୍ୟ (ତାନ୍ତ୍ରିକ ଓ ବୈଦିକ) ଉଭୟ ଗୋଷ୍ଠୀକୁ ଏକାଠି କରି ରଖି ପାରିଛି । ଏକତା ସୂତ୍ରରେ ବାନ୍ଧି ସହାବସ୍ଥାନ, ସହୋପାସନା ଓ ଗୋଷ୍ଠୀ ଭୋଜନର ମନ୍ତ୍ର ଶିଖାଇ ଆସିଛି । ତେଣୁ କୁହାଯାଇଛି -

ଛାଡ଼ ଉଚ୍ଚ ନୀଚ ଭେଦ ଅହଂକାର
ହେଉ ନୀଳାଚଳୁ ସମତା ପ୍ରଚାର ।। ଗୋପବନ୍ଧୁ

ମହାପ୍ରସାଦ ଦ୍ୱାରା ଏକ ବଳିଷ୍ଠ ସାଂସ୍କୃତିକ ଧାରା ପ୍ରବାହିତ ହେଉଛି ଓ ଆମର ସାମାଜିକ ଚଳଣି ଗଭୀର ଭାବରେ ପ୍ରଭାବିତ ହୋଇଛି । ଏହା ଅନେକ ଧର୍ମ ଧାରଣାର ଉତ୍ସ । ବହୁ ପ୍ରଚଳିତ ବିଶ୍ୱାସର ପ୍ରତିଫଳନ । ଜନଜୀବନ ସହ ଓତଃପ୍ରୋତ ଭାବେ ଜଡ଼ିତ । ଦୈନିକ ଜୀବନଧାରାର ସ୍ରୋତ । ସେହି ଦୃଷ୍ଟିରୁ ଜଗନ୍ନାଥ ଓଡ଼ିଆ ଘରର ମୁରବି । ମହାପ୍ରସାଦ ପ୍ରତି ହିନ୍ଦୁଜାତିର ପ୍ରତ୍ୟେକ ଶୁଭକର୍ମରେ ବିଧି ରୂପେ ପ୍ରଚଳିତ । ଶିଶୁଟିଏ ଜନ୍ମ ହେଲେ ମହାପ୍ରସାଦ ଆନନ୍ଦରେ ବଣ୍ଟାଯାଇଥାଏ । କୌଣସି ଦୁଃସାଧ୍ୟ ରୋଗରୁ ମୁକ୍ତି ପାଇଲେ ଜଣେ ୧୦୮ ଜଣ ଦରିଦ୍ର ବ୍ରାହ୍ମଣଙ୍କୁ ମହାପ୍ରସାଦ ସେବନ କରାଇବାର ନୀତି ରହିଛି । ଏହି ମହାପ୍ରସାଦ ଯିଏ ଯାହା ହାତରେ ଦିଏ ସେ ତାହାର ମିତ୍ର ହୁଏ । କଦାପି ଶତ୍ରୁତା କରିବାକୁ ଯାଏ ନାହିଁ । କୌଣସି ପ୍ରତିଶ୍ରୁତିକୁ ରକ୍ଷା କରିବା ପାଇଁ ଦୁଇବନ୍ଧୁ ଗୋଟିଏ ମହାପ୍ରସାଦର କୋଡୁଆକୁ ଏକାଠି ଧରନ୍ତି । ଏଥିରୁ ମିଶି ଖାଆନ୍ତି । ଅବଢ଼ା ଅର୍ଥ ଯାହାକୁ ଅଲଗା କରିହେବ ନାହିଁ । ସେହି ବନ୍ଧୁମାନେ ପରସ୍ପରକୁ କହିଥାନ୍ତି, ତୁମେ ମୋ' ମହାପ୍ରସାଦ, ତୁମେ ମୋ ଅବଢ଼ା । ଏହାକୁ ମାହାର୍ଦ୍ଦିଆ ବନ୍ଧୁ ବା ମହାପ୍ରସାଦଦିଆ ବନ୍ଧୁ ବୋଲି ଆଖ୍ୟା ଦିଆଯାଇଥାଏ । ବିବାହ ପୂର୍ବରୁ ଯେଉଁ ନିର୍ବନ୍ଧ ହୁଏ ବରକନ୍ୟା ଏହି ମହାପ୍ରସାଦକୁ ଛୁଇଁ ଶପଥ କରନ୍ତି ଯେ ସେମାନେ ଚିରକାଳ ବାନ୍ଧି ହୋଇ ରହିବେ । ପରସ୍ପରକୁ ପ୍ରତାରଣା କରିବେ ନାହିଁ । ତେଣୁ ଏହି ପର୍ବଟିର ଅନ୍ୟନାମ ମହାପ୍ରସାଦ ନିର୍ବନ୍ଧ । ମହାପ୍ରସାଦ ଆଦାନପ୍ରଦାନ ଦ୍ୱାରା ଯେଉଁ ସଂପର୍କ ଗଠିତ ହୁଏ ତାହା ରକ୍ତର ସଂପର୍କଠାରୁ ମଧ୍ୟ ନିବିଡ଼ ହୋଇଥାଏ । ମହାପ୍ରସାଦ ହିନ୍ଦୁଜୀବନର ନୀତି, ଗତି ଓ ନିୟତି । ମଣିଷ ମଲାବେଳେ ତୁଳସୀ ସହିତ ନିର୍ମାଲ୍ୟ ଟିକେ ପାଟିରେ ଦେଲେ ମୃତ୍ୟୁପରେ ଆତ୍ମା ଶାନ୍ତିରେ ରହେ ଓ ଯମଦଣ୍ଡ ଭୋଗିବାକୁ ପଡ଼ି ନଥାଏ । ତେଣୁ କବି ବନମାଳୀ ଦାସଙ୍କଭାଷାରେ -

ମରଣ କାଳରେ ତବ ଛଡ଼ା ଫୁଲ
ମୁଖରେ ଥିବ ତୁଳସୀ
ମନେ ମନେ ମୁହିଁ ଘୋଷି ହେଉଥିବି
ତୁମେ ହେ ନୀଳାଦ୍ରିବାସୀ ।

ଭକ୍ତମାନେ ମହାପ୍ରସାଦକୁ ବିଭିନ୍ନ ନାମରେ ଅଭିହିତ କରିଥାନ୍ତି । ଭୌତିକ ଦୃଷ୍ଟିରେ ମହାପ୍ରସାଦ, ମାନସିକ ସ୍ତରରେ ନିର୍ମାଲ୍ୟ ଓ ଆତ୍ମିକ ସ୍ତରରେ କୈବଲ୍ୟ ବୋଲି ଆଲୋଚନା କରିପାରିବା । ମହାପ୍ରସାଦକୁ ପେଟଭରି ଖାଇଥାନ୍ତି । ଜ୍ଞାନର ଜଳରେ ଅଜ୍ଞାନ ଧୋଇ ହୋଇଗଲା ପରି ସମର୍ପିତ ବୁଦ୍ଧିରେ ମହାପ୍ରସାଦ ସେବନ କଲେ ତାହା ମନର ମଳ ପୋଛି ଦେଇଥାଏ । ବାସନା ନିର୍ମଳ ହୁଏ । ତେଣୁ ନିର୍ମାଲ୍ୟ । 'ନିର୍ମାଲ୍ୟଂ ପତିତାଦୟଃ' ପତିତକୁ ଉଦ୍ଧାର ଓ ଉର୍ଦ୍ଧ୍ୱମୁଖୀ କରୁଥିବାରୁ ତାହା ନିର୍ମାଲ୍ୟ । ମହାପ୍ରସାଦ ସ୍ଥୂଳରୁ ସୂକ୍ଷ୍ମ (ନିର୍ମାଲ୍ୟ) ଓ ଅତି ସୂକ୍ଷ୍ମ (କୈବଲ୍ୟ) ଭାବନା ପ୍ରକାଶ କରିଥାଏ । ତେଣୁ ଭକ୍ଷଣ ପ୍ରସଙ୍ଗ ନଥିବାରୁ ମହାପ୍ରଭୁଙ୍କ ପୁଷ୍ପ, ଚନ୍ଦନ, ମାଳ, ଧଣ୍ଡା ପ୍ରଭୃତି ଶ୍ରୀଅଙ୍ଗରୁ ଉଲାଗି ହେଲେ ତାହା ନିର୍ମାଲ୍ୟ । ଶ୍ରୀଜଗନ୍ନାଥଙ୍କ ନାମରେ ଥିବା 'ନ୍ନ' 'ଅନ୍ନ' ମହାପ୍ରସାଦର ଦ୍ୟୋତକ ବୋଲି କହନ୍ତି । ସଂସାର ଭାବନା ଧୀରେ ଧୀରେ ଅପସରି ଗଲେ ଅବଶିଷ୍ଟ ଯାହା ରହେ ତାହା କେବଳ ପରମାତ୍ମା । କେବଳସ୍ୟ ସର୍ବୋପାଧି ବର୍ଜିତସ୍ୟ ଭାବା କୈବଲ୍ୟସ । ମୁକ୍ତି, ସ୍ୱସ୍ୱରୂପରେ ଅବସ୍ଥାନ କରିବା କୈବଲ୍ୟ । କଳିଯୁଗରେ ଅନ୍ନବିନା ମଣିଷ ବଞ୍ଚିପାରିବ ନାହିଁ । ଅନ୍ନରେ ଜୀବନୀ ଶକ୍ତି ରହିଛି । ସେହି ଅନ୍ନ ହିଁ ବ୍ରହ୍ମ । ଗୀତାରେ ଶ୍ରୀକୃଷ୍ଣ କହନ୍ତି - ଅହଂ ବୈଶ୍ୱାନରୋ ଭୂତ୍ୱା ... ମୁଁ ସମସ୍ତଙ୍କ ଶରୀରରେ ବୈଶ୍ୱାନର ରୂପରେ ଅଛି । ମୁଁ ସମସ୍ତ ପ୍ରକାର ଅନ୍ନକୁ (ଖାଦ୍ୟକୁ) ଶକ୍ତିରେ ରୂପାନ୍ତରିତ କରେ ଓ ସେହି ଶକ୍ତି ପ୍ରାଣ, ଅପାନ, ସମାନ, ଉଦାନ ଓ ବ୍ୟାନ ରୂପରେ କାର୍ଯ୍ୟ କରେ । ଯିଏ ଅନ୍ନ ଅର୍ପଣ କରୁଛନ୍ତି ଓ ଯେଉଁ ଅଗ୍ନିରେ ଅର୍ପଣ କରାଯାଉଛି ତାହା ବ୍ରହ୍ମ । ବ୍ରହ୍ମମୟ ସ୍ଥିତିରେ ପହଞ୍ଚିବା ହିଁ କୈବଲ୍ୟ । ଏହି ପ୍ରସଙ୍ଗରେ ପାତଞ୍ଜଳୀଙ୍କ ଉକ୍ତିଟି ଆଲୋଚନା ସାପେକ୍ଷ -

ଆଜ୍ଞୟୈବ କୈବଲ୍ୟଂ ବିନୋପାୟୈଃ ପ୍ରଜାୟତେ ।
ତମେ କଜମୀଶାନଂ ଚିଦାନନ୍ଦମୟଂ ସ୍ମୃତଃ ।।

ଶ୍ରୀମନ୍ଦିରରେ ମହାପ୍ରସାଦ ପ୍ରଚଳନ କେବେଠାରୁ ଏହା ନିର୍ଦ୍ଦିଷ୍ଟ ଭାବରେ କହିବା କଠିନ । ଜଗଦ୍‌ଗୁରୁ ଆଦିଶଙ୍କରାଚାର୍ଯ୍ୟଙ୍କ ପରାମର୍ଶରେ ଯଯାତିକେଶରୀଙ୍କ ସମୟରେ ଶ୍ରୀଜଗନ୍ନାଥଙ୍କ ସେବା ନୀତିରେ ଅନ୍ନପ୍ରସାଦ ପ୍ରଚଳିତ ହୋଇଥିଲା ଓ ଆନନ୍ଦ ବଜାର ମଧ୍ୟ ନିର୍ମିତ ହୋଇଥିଲା ବୋଲି କେତେକ ମତ ଦିଅନ୍ତି । ଅନ୍ୟ କେତେକ କହନ୍ତି ମହାରାଜା ଅନଙ୍ଗ ଭୀମ ଦେବଙ୍କ ସମୟରେ ୧୨୩୦ ଖ୍ରୀଷ୍ଟାବ୍ଦରେ ଶ୍ରୀମନ୍ଦିରର ପ୍ରତିଷ୍ଠା ଓ ବିଗ୍ରହ ପ୍ରତିଷ୍ଠା ପରେ ସେଠାରେ ଛତିଶା ନିଯୋଗ ପ୍ରବର୍ତ୍ତନ କରାଯାଇଥିଲା, ଭୋଗ ପ୍ରସ୍ତୁତକାରୀ ସୂପକାର ପରେ ସୁଆର ନାମରେ ପରିଚିତ ହେଲେ ।

ମହାପ୍ରସାଦ ବିଷୟରେ ଥିବା ଇତିହାସ ଅପେକ୍ଷା କିମ୍ବଦନ୍ତୀ ଦୁଇଟି ବେଶ୍ କୌତୁହଳପୂର୍ଣ୍ଣ ଲାଗେ । ଲକ୍ଷ୍ମଣଙ୍କ ପତ୍ନୀ ଉର୍ମିଳା ରାମଚନ୍ଦ୍ରଙ୍କୁ କହିଲେ - ମୋ' ସ୍ୱାମୀ ଆପଣଙ୍କର ନିଷ୍କାମ ସେବା କରି ସୌଭାଗ୍ୟ ଅର୍ଜନ କଲେ । ମୋତେ ମଧ୍ୟ ସୁଯୋଗ ମିଳୁ । ରାମଚନ୍ଦ୍ର କହିଥିଲେ - ତୁମେ କଳିକାଳକୁ ଅପେକ୍ଷା କର । ମୁଁ ଜଗନ୍ନାଥ ହୋଇ ରତ୍ନସିଂହାସନରେ ନୀଳାଚଳଧାମରେ ଅଧିଷ୍ଠିତ ହେବି । ଏ ଜନ୍ମର ଅନୁଜ ଲକ୍ଷ୍ମଣ ସେ କାଳରେ ମୋର ଜ୍ୟେଷ୍ଠଭ୍ରାତା ବଳଭଦ୍ର ହେବେ । ମା' ବିମଳାଙ୍କ ପାଖରେ ଯେଉଁ ପ୍ରସାଦ ଲାଗିବ ସେ ହେବ ମହାପ୍ରସାଦ ଓ ତୁମେ ସେହି ମହାପ୍ରସାଦ ରୂପେ ପୂଜା ପାଇବ ଓ ଜଗତକୁ ମହକାଇ ଦେବ । ଉର୍ମିଳା ଆଉ ଗୋଟିଏ ବର ମାଗିଥିଲେ - ଆପଣ ରତ୍ନସିଂହାସନରେ ଉପବିଷ୍ଟ ହୋଇଥିବାବେଳେ ବଙ୍ଗୋପସାଗରରେ ମୁଁ ଉର୍ମି ରୂପେ ଆପଣଙ୍କ ପଦସ୍ପର୍ଶ କରିବି ।

ବ୍ରଜପୁରରେ ଥରେ ଶ୍ରୀକୃଷ୍ଣ ରାଧାଙ୍କର ସ୍ୱହସ୍ତ ରନ୍ଧା ଖାଦ୍ୟଦ୍ରବ୍ୟ ଭୁଞ୍ଜୁଥିଲେ । ନାରଦ ସେହି ଅଧରାମୃତ ଉଚ୍ଛିଷ୍ଟରୁ କିଛି

ପାଇବା ପରେ କୈଳାସପୁରକୁ ଗମନ କଲେ । ସେଠାରେ ଶିବ ସବୁ ଅବଗତ ହେଲେ । ନାରଦଙ୍କ ଦାଢ଼ିରେ ଲାଗିଥିବା କଣିକାଟିଏ ପ୍ରସାଦ ରୂପେ ପାଇ ତୃପ୍ତ ହେଲେ । କିନ୍ତୁ ଗୌରୀ ପ୍ରାର୍ଥନା କରି ନିରାଶ ହେଲେ । ଗୌରୀ ବିଷାଦ ମନରେ ଶ୍ରୀକୃଷ୍ଣଙ୍କୁ ଧ୍ୟାନ କଲେ । ଭଗବାନ୍ ପ୍ରସନ୍ନ ହୋଇ ବରଦାନ କରିଥିଲେ - ତୁମେ ବିମଳା ରୂପରେ ରହି ଏହି ପ୍ରସାଦ ପାଇବ ।

ସତରେ, ମହାପ୍ରସାଦର ମହିମା ଶବ୍ଦରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ । ଏହାକୁ କେବଳ ଶୁଦ୍ଧ ପୂତ ପବିତ୍ର ହୃଦୟରେ ଅନୁଭବ କରି ହେବ । ମହାପ୍ରସାଦ ଆମର ପୂର୍ତ୍ତି, କୀର୍ତ୍ତି, ପ୍ରୀତି, ମତି, ଗତି, ପ୍ରଗତି, ଭକ୍ତି, ଶାନ୍ତି ଓ ମୁକ୍ତି । କାୟମନୋବାକ୍ୟରେ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ନିଜକୁ ସମର୍ପଣ କରି ମହାପ୍ରସାଦ ସେବନ କଲେ ଏହାର ଉପାଦେୟତା ଉପଲବ୍‌ଧି କରିହେବ । ଜଗନ୍ନାଥଙ୍କ ପୁରରେ ପହଞ୍ଚିବା ନିମନ୍ତେ ମହାପ୍ରସାଦ ଏକ ପଥ । ମହାପ୍ରସାଦ ସେବନ କରି ପଥ, ପଥିକ ଓ ଲକ୍ଷ୍ୟ ଏକାକାର ହୋଇଗଲେ ଭକ୍ତର ଜୀବନ କୃତାର୍ଥ ହୋଇଯାଏ । ମହାପ୍ରସାଦ ଶ୍ରୀକ୍ଷେତ୍ରର ଆକର୍ଷଣ, ଶ୍ରୀକ୍ଷେତ୍ରର ଗୌରବ । ଶ୍ରୀକ୍ଷେତ୍ରର ଗାମ୍ଭୀର୍ଯ୍ୟ । ଶ୍ରୀକ୍ଷେତ୍ରର ସଂପଦ । ଶ୍ରୀକ୍ଷେତ୍ରର ମହକ । ଆସନ୍ତୁ, ଆମେ ସବୁ ସୁଗନ୍ଧିତ ମହାପ୍ରସାଦ ପାଲଟିଯିବା । ଭକ୍ତିରେ ମହାପ୍ରସାଦ ସେବନ କରି ବିଷ୍ଣୁଙ୍କ ପାଖକୁ ଯିବା । 'ଚତୁର୍ବର୍ଗଯୋଗୀଶ୍ୱର' ଗ୍ରନ୍ଥର ଉକ୍ତିଟି ଯଥାର୍ଥ ହେଉ -

ଭକ୍ତ୍ୟା ମମାନ୍ନଂ ଭୁକ୍ତ୍ୱା ତୁ
ସାନ୍ନିଧ୍ୟଂ ମମ ଗଚ୍ଛତି ॥

ସଂଗଠନ ସଂପାଦକ 'ବର୍ଷା'
ବି-୯୩/୧, ନାଲ୍‌କୋ
ଦାମନଯୋଡ଼ି, କୋରାପୁଟ-୭୬୩୦୦୮

---

# ସଫଳ କାହାଣୀ

ବିଂଶ ବର୍ଷୀୟା ଅନୁଢା କୁମାରୀଟିଏ, ନାଁ ତା'ର ବିଜୟଲକ୍ଷ୍ମୀ ପଣ୍ଡା । ଆଖିରେ ଅସୁମାରି ସ୍ୱପ୍ନ ନେଇ ଟୀକାବାଲି ବ୍ଲକ୍ ଅନ୍ତର୍ଗତ ଗଦଗୁଡ଼ା ଗ୍ରାମପଞ୍ଚାୟତ ନିକଟସ୍ଥ ରୁଦାଙ୍ଗିଆ ଗ୍ରାମର ଗୋକୁଳାନନ୍ଦ ପାତ୍ରଙ୍କ ହାତ ଧରିଥିଲା ସେ । ବିବାହ ପରେ କିଛି ମାସ ସୁଖରେ କଟିଯାଇଥିଲା । କିନ୍ତୁ ଅଭାବ ଓ ଆର୍ଥିକ ଅନଟନ ଯୋଗୁଁ ଆନନ୍ଦର ଦିନଗୁଡ଼ିକ ବେଶି ଦିନ ରହିଲା ନାହିଁ । ସ୍ୱାମୀ ଗୋକୁଳାନନ୍ଦଙ୍କର ନା ଜମିବାଡ଼ି ଥିଲା, ନା ଥିଲା ବ୍ୟବସାୟ, ନା ଥିଲା ଚାକିରି । ତଥାପି ସେମାନେ ଦୁଃଖ କଷ୍ଟରେ ଚଳିଯାଉଥିଲେ । କିଛି ବର୍ଷ ପରେ କୋଳକୁ ଆସିଲେ ଦୁଇଟି ପୁତ୍ର ସନ୍ତାନ । ସେମାନେ ଖାଇବେ କ'ଣ ? ପଢ଼ିବେ କେମିତି ? ଖର୍ଚ୍ଚ ବଢ଼ି ବଢ଼ି ଚାଲିଲା । ଆୟ ଘର ଶୂନ ।

ଏହି ଦୁଃସମୟରେ ଦେବଦୂତ ପରି ତାଙ୍କ ଗ୍ରାମପଞ୍ଚାୟତର ଗ୍ରାମ ସେବକ ତାଙ୍କ ଘରେ ପହଞ୍ଚିଲେ । ସେମାନଙ୍କୁ ଆଶ୍ୱାସନା ଦେଇ ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା ବିଷୟରେ ବୁଝେଇଲେ ଏବଂ ଟୀକାବାଲି ବ୍ଲକ୍‌ର ଶିଳ୍ପ ବିକାଶ ଅଧିକାରୀଙ୍କୁ ସାକ୍ଷାତ କରିବାକୁ ପରାମର୍ଶ ଦେଲେ । ସମସ୍ତ ବିଷୟ ବୁଝିବା ପରେ ବିଜୟ ଲକ୍ଷ୍ମୀ ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନାରେ ଋଣ ପାଇବା ପାଇଁ ଆବେଦନ କଲେ । କିଛି ଦିନ ପରେ ସାକ୍ଷାତକାର ନିମନ୍ତେ ଫୁଲବାଣୀସ୍ଥିତ ଜିଲ୍ଲା ଶିଳ୍ପ କେନ୍ଦ୍ରରୁ ସନ୍ଦେଶ ଆସି ପହଞ୍ଚିଲା । ସାକ୍ଷାତକାର ପରେ ସେ ଋଣ ପାଇବା ପାଇଁ ଯୋଗ୍ୟା ବିବେଚିତ ହେଲେ । ତାଙ୍କ ଆବେଦନପତ୍ରଙ୍କୁ କୃଷି ଉନ୍ନୟନ ବ୍ୟାଙ୍କ (ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ) ଘୁ.ଉଦୟଗିରି ଶାଖାକୁ ପ୍ରେରଣ କରାଗଲା । ଗଦଗୁଡ଼ା ପରି ଏକ ସ୍ୱଳ୍ପ ଜନ ସଂଖ୍ୟା ବିଶିଷ୍ଟ ଗ୍ରାମରେ କିରାନୀ ଦୋକାନ ସ୍ଥାପନ କଲେ, କିଣିବ କିଏ ? ବ୍ୟବସାୟ ନ ଚାଲିଲେ ସେମାନେ ବଞ୍ଚିବେ କିପରି ? ଋଣ ଶୁଝିବେ କେମିତି ? ଏହିସବୁ ବିଷୟ ଦୃଷ୍ଟିରେ ରଖି ଘୁ.ଉଦୟଗିରିଠାରେ କିରାନୀ ଦୋକାନ ଖୋଲିବା ପାଇଁ ସର୍ବସମ୍ମତି କ୍ରମେ ବିଜୟ ଲକ୍ଷ୍ମୀ ଓ ଗୋକୁଳାନନ୍ଦ ନିଷ୍ପତ୍ତି ନେଲେ ।

କୃଷି ଉନ୍ନୟନ ବ୍ୟାଙ୍କ, ଘୁ.ଉଦୟଗିରି ଶାଖା ଦୋକାନଗୃହ ଏବଂ ଆସବାବପତ୍ର ନିର୍ମାଣ ନିମନ୍ତେ ଟ.୧୦,୦୦୦/- ମଂଜୁର କଲେ ୨୦୦୪ ମସିହା ମାର୍ଚ୍ଚ ମାସରେ । ଦୋକାନଘର ତିଆରି ସରିଲା । ତା'ପରେ ବ୍ୟବସାୟ ନିମନ୍ତେ ଏକ କ୍ୟାଶ୍-କ୍ରେଡିଟ୍ ଜମାଖାତା ଖୋଲାଗଲା । ସେଥିରେ ମଂଜୁର କରାଯାଇଥିବା ଟ.୫୦,୦୦୦/- ଜମା କରାଗଲା । ଋଣ ପରିଶୋଧକୁ ଦୃଷ୍ଟିରେ ରଖି ଅଧିକ ଋଣ ପ୍ରଦାନ କରାଯିବ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ପ୍ରଦାନ କଲେ । ବର୍ତ୍ତମାନ କିରାନୀ ଦୋକାନଟି ଘୁ.ଉଦୟଗିରିର କେନ୍ଦ୍ରସ୍ଥଳରେ ସ୍ଥାପିତ । ବ୍ୟବସାୟ ଠିକ୍ ଚାଲିଛି । ମାସକୁ ପ୍ରାୟ ଟ.୫୦୦୦/- ଲାଭ ହେଉଛି । ବିଜୟଲକ୍ଷ୍ମୀ ଠିକ୍ ସମୟରେ ଋଣ ପରିଶୋଧ କରୁଛନ୍ତି । ସରକାରଙ୍କ ଏହି ଯୋଜନା ଯୋଗୁଁ ସେମାନଙ୍କ ଶୁଖିଲା ଓଠରେ ହସ ପୁଣିଥରେ ଫୁଟି ଉଠିଛି । ସେମାନଙ୍କ ଭାଷାରେ ଧନ୍ୟ ସରକାର । ଧନ୍ୟ ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା । ସେମାନଙ୍କ ସଫଳ କାହାଣୀ ଅନେକଙ୍କୁ ପ୍ରେରଣା ଯୋଗାଇଛି ।

ସୌଜନ୍ୟ : ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ, ଘୁ.ଉଦୟଗିରି

# ନୀଳାଦ୍ରୌ ତୁ ଜଗନ୍ନାଥଃ ସାକ୍ଷାତ୍ ଦକ୍ଷିଣ କାଳିକା

ପଣ୍ଡିତ ହରହର ମହାପାତ୍ର

ନୀଳାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ
ବଳଭଦ୍ର ସୁଭଦ୍ରାଭ୍ୟାଂ ଜଗନ୍ନାଥୟତେ ନମଃ ।

ଶ୍ରୀକ୍ଷେତ୍ର, ନୀଳାଦ୍ରି, ଶ୍ରୀମନ୍ଦିର, ଶ୍ରୀତୀର୍ଥ ଓ ଶ୍ରୀଜଗନ୍ନାଥ ସର୍ବଜନ ବିଦିତ ଶ୍ରୀମନ୍ଦିରର ରତ୍ନସିଂହାସନରେ ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କୁ ଭକ୍ତଗଣ ସାଧାରଣରେ ଦର୍ଶନ କରୁଥିବାବେଳେ ତାହାଙ୍କ ନିକଟରେ ଶ୍ରୀସୁଦର୍ଶନ, ଭୂଦେବୀ, ଶ୍ରୀଦେବୀ ଓ ମାଧବ ବିଗ୍ରହମାନ ସିଂହାସନାରୂଢ଼ ଅଟନ୍ତି । କୌଣସି ଭକ୍ତଙ୍କ ପକ୍ଷରେ ସିଂହାସନର ନିକଟବର୍ତ୍ତୀ ହୋଇ ଶପ୍ତଧା ବିଗ୍ରହଙ୍କୁ ଦର୍ଶନ ଓ ଭକ୍ତପୂତ ପ୍ରଣାମରେ କୌଣସି ପ୍ରତିବନ୍ଧକ ନାହିଁ, ତେବେ ଉପର ଲିଖିତ ଶ୍ଳୋକରେ ତିନି ଦେବତାଙ୍କର ସମଷ୍ଟି ଅର୍ଥାତ୍ ବଳଭଦ୍ର ଓ ସୁଭଦ୍ରାଙ୍କ ସହିତ ଅଭିନ୍ନ (ପୃଥକ୍ ନଥିବା) ଶ୍ରୀଜଗନ୍ନାଥଙ୍କୁ ଶ୍ରୀଶଙ୍କରାଚାର୍ଯ୍ୟ ସ୍ତୁତି କରିଅଛନ୍ତି ।

ତ୍ରିମୂର୍ତ୍ତିର ସମଷ୍ଟି ଶ୍ରୀପୁରୁଷୋତ୍ତମ ଅଟନ୍ତି । ତାଙ୍କରି ଉଦ୍ଦେଶ୍ୟରେ ଉପର ଲିଖିତ ଶ୍ଳୋକ ରଚିତ ହୋଇଥିଲା, ପରବର୍ତ୍ତୀ ସମୟରେ ବର୍ଣ୍ଣିତ ପୁରୁଷୋତ୍ତମ ବିଗ୍ରହ କେଶରୀ ବା ଗଙ୍ଗ ରାଜତ୍ୱ କାଳରୁ ପୃଥକ୍ ତିନି ମୂର୍ତ୍ତିରେ ବିରାଜିତ ଅଛନ୍ତି । ଶଙ୍କରାଚାର୍ଯ୍ୟ ଶ୍ରୀଜଗନ୍ନାଥଙ୍କୁ ଶିବ ରୂପରେ ଆରାଧନା କରିଥିବା ତତ୍ତ୍ୱବିତ୍‌ମାନେ ଦର୍ଶାଇ ଅଛନ୍ତି । ତ୍ରିମୂର୍ତ୍ତିର କଳ୍ପନା ଶାକ୍ତମାନଙ୍କ ମତରେ ପୃଥକ୍ ପ୍ରତିପାଦିତ ହୁଏ । ସେମାନଙ୍କ ମତରେ ଶ୍ରୀବଳଭଦ୍ର ଉଗ୍ରତାରା, ଭୁବନେଶ୍ୱରୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥ ଦକ୍ଷିଣକାଳୀ ଅଟନ୍ତି । ସେଥିପାଇଁ କୁହାଯାଇଛି :

ଉଗ୍ରତାରା ଶୂଳପାଣିଃ ସୁଭଦ୍ରା ଭୁବନେଶ୍ୱରୀ
ନୀଳାଦ୍ରୌ ତୁ ଜଗନ୍ନାଥଃ ସାକ୍ଷାତ ଦକ୍ଷିଣ କାଳିକାଃ ।

ଏଥିରୁ ବୋଧ ହେଉଛି ଯେ ଶ୍ରୀକ୍ଷେତ୍ର ଏକ ଶାକ୍ତକ୍ଷେତ୍ର ଥିବାରୁ ଶ୍ରୀପୁରୁଷୋତ୍ତମଙ୍କ ଆରାଧନା ପୂର୍ବରୁ ସିଂହାସନରେ ତାରା, ଭୁବନେଶ୍ୱରୀ ଓ କାଳୀ ବିଗ୍ରହର ଆରାଧନା ଥିଲା । ସନାତନ ଧର୍ମାବଲମ୍ବୀ ହିନ୍ଦୁ ଓ ବୌଦ୍ଧ ସନ୍ନ୍ୟାସୀଙ୍କ ଦ୍ୱାରା ସ୍ୱୀକୃତ ଓ ଆରାଧିତ ଥିବାର ଜଣାଯାଏ । ସେଥିମଧ୍ୟରୁ ଉକ୍ତ ବିଗ୍ରହମାନେ ମହାଲକ୍ଷ୍ମୀ ଓ ବିମଳା ଯଯାତିଙ୍କ ଦ୍ୱାରା ଶ୍ରୀମନ୍ଦିରର ବେଢ଼ା ମଧ୍ୟରେ ପୃଥକ୍ ମନ୍ଦିରରେ ସ୍ଥାନିତ ହୋଇଥିବାବେଳେ ଗଙ୍ଗବଂଶ ରାଜତ୍ୱ ଆରମ୍ଭରେ ଦକ୍ଷିଣକାଳୀ ଅନ୍ୟ ଏକ ମନ୍ଦିରରେ (ଯାହାକି ଶ୍ରୀମନ୍ଦିର ବେଢ଼ା ମଧ୍ୟରେ ନୁହେଁ) ସ୍ଥାପିତ ହୋଇଛନ୍ତି । ଏହି ପୃଥକ୍ ସ୍ଥାନରେ ଆରାଧିତା କାଳିକା ବର୍ତ୍ତମାନ ଦକ୍ଷିଣକାଳୀ ଅଟନ୍ତି ।

**ଦକ୍ଷିଣକାଳିକା :** ପୁରୀ ଶ୍ରୀକ୍ଷେତ୍ର ପ୍ରାଥମିକ ଅବସ୍ଥାରେ ସାତ ସାହି ଓ ବୟାଳିଶ କନ୍ଦିରେ ବିଭକ୍ତ ଥିବା କିମ୍ବଦନ୍ତୀ ଅଛି । ସେହି ସାହିମାନଙ୍କ ମଧ୍ୟରୁ କାଳିକା ଦେବୀ ସାହି ଅନ୍ୟତମ । ଏହି କାଳିକା ଦେବୀ ସାହି ସାହିମାନଙ୍କ ମଧ୍ୟରେ ପ୍ରଥମ ଓ ତାହାର ଅଧିଷ୍ଠାତ୍ରୀ ଦେବୀ ଦକ୍ଷିଣ କାଳିକା ଅଟନ୍ତି । ଏହି ଦକ୍ଷିଣ କାଳୀଙ୍କ ମନ୍ଦିର ସିଂହଦ୍ୱାରଠାରୁ ସ୍ୱର୍ଗଦ୍ୱାର ମଧ୍ୟରେ ଥିବା ରାସ୍ତାର ବାମ ଭାଗରେ ଅବସ୍ଥିତ । ସିଂହଦ୍ୱାରର ଅନତି ଦୂରରେ ଶ୍ୱେତଗଙ୍ଗା ତୀର୍ଥର ପୂର୍ବରୁ ସମାଧି ମଠର ସମ୍ମୁଖରେ ପୂର୍ବକୁ ଥିବା ଗଳିର ପ୍ରାୟ ଏକ ଶହ ଫୁଟ ଦୂରରେ ଅବସ୍ଥିତ । ଏହି ମନ୍ଦିରର ଉଚ୍ଚତା ପ୍ରାୟ ପଚାଶ ଫୁଟ ହେବ କିନ୍ତୁ ଭୂମିତଳ ସ୍ପର୍ଶୀ ହେଲେ ମଧ୍ୟ ଏକ ବେଦୀ ବା ଚକଡ଼ା ଉପରେ ଅବସ୍ଥାନ କରିବାପରି ବୋଧହୁଏ । ମନ୍ଦିରର ସମ୍ମୁଖ ଦ୍ୱାର ପୂର୍ବ ଦିଗକୁ ପ୍ରସାରିତ । ମାତ୍ର ଏଠାରେ ପହଞ୍ଚିବାକୁ ଉତ୍ତର ଓ ପଶ୍ଚିମରୁ ୧୧+୫=୧୬ ସଂଖ୍ୟକ ପାବଚ୍ଛ ଅତିକ୍ରମ କରିବାକୁ ହୁଏ । ସମ୍ମୁଖ ଦ୍ୱାରର ଅଳ୍ପ ଦୂରରେ ଜଗମୋହନ ସିଂହମୂର୍ତ୍ତି ବିଦ୍ୟମାନ । ଏହାଛଡ଼ା ଜଗମୋହନର ଉତ୍ତର ଓ ପୂର୍ବ ଦିଗରେ ପ୍ରଶସ୍ତ ଚକଡ଼ା ବା ମଣ୍ଡପ ସଂଲଗ୍ନ ରହିଅଛି । ରୋଷଶାଳା ପ୍ରଭୃତି ଏହା ଅନ୍ତର୍ଭୁକ୍ତ । ମନ୍ଦିରର ପାଶ୍ଚାତ ଭାଗରେ ମଣ୍ଡପ ବା ଚକଡ଼ା ରହିଅଛି । ଉନ୍ମୁକ୍ତ ହେଲେ ମଧ୍ୟ ଉପରିଭାଗଗୁଡ଼ିକ ଛାତ (ପକ୍କା) ଦ୍ୱାରା ଆବୃତ ହେବା ଫଳରେ ଏହାର ମନ୍ଦିର ସଂଲଗ୍ନ ଦେବୀ ପ୍ରାସାଦ ବୋଲି କୁହାଯାଏ ।

ଦେବୀ ବିଗ୍ରହ ସମ୍ମୁଖ ଦ୍ୱାରରୁ ମନ୍ଦିରରେ ପ୍ରବେଶ କରିବାକୁ ହେଲେ ଅନ୍ୟ ଏକ ଗମ୍ଭୀରାଘର ଓ ଗୁମୁଟି ଦ୍ୱାର ଦେଇ ଦେବୀଙ୍କ ନିକଟକୁ ପ୍ରବେଶ କରିବାକୁ ହୁଏ ।

ଦେବୀ ବିଗ୍ରହ କଳା ମୁଗୁନି ପଥରରେ ନିର୍ମିତ । ତେଣୁ ଏହା ମଣି ବିଗ୍ରହ ଅଟେ । ବିଗ୍ରହର ଉଚ୍ଚତା ଦେଢ଼ଫୁଟ ଏବଂ ପ୍ରସ୍ଥ ଏକ

ଫୁଟ । ଦେବୀ ଶବାସନା ଶବାରୂଢ଼ ନୁହଁନ୍ତି । ତାହାଙ୍କ ମସ୍ତକରେ ଜୁଡ଼ା ଓ କିରୀଟ, ଦକ୍ଷିଣ ଉର୍ଦ୍ଧ୍ୱ ହସ୍ତରେ ଖଡ୍ଗ, ଦକ୍ଷିଣ ନିମ୍ନ ହସ୍ତରେ ଅକ୍ଷାମାଳୀ, ବାମ ଉର୍ଦ୍ଧ୍ୱ ହସ୍ତରେ ପାକପାତ୍ର (ମୁଖ ସଂଲଗ୍ନ), ବାମ ନିମ୍ନ ହସ୍ତରେ ମୁଣ୍ଡ ଓ ଆବକ୍ଷ ମୁଣ୍ଡମାଳା ଶୋଭିତ । ଦକ୍ଷିଣ ପାଦ ଲମ୍ୱମାନ ଥିବାବେଳେ ବାମପାଦ ତାହାରି ଉପରେ ସଂସ୍ଥାପିତ । ଦେବୀ ଚତୁର୍ଭୁଜା ଓ ତ୍ରିନେତ୍ରା ଅଟନ୍ତି । ତାହାଙ୍କ ବାମ ପାର୍ଶ୍ୱରେ ମହାକାଳ ଲିଙ୍ଗ ରୂପେ ବିଦ୍ୟମାନ ।

ସମ୍ମୁଖ ଦ୍ୱାରର ଦକ୍ଷିଣ ଦିଗରେ ବିମଳା ଓ ବାମପାର୍ଶ୍ୱରେ ଭୁବନେଶ୍ୱରୀ ଅବସ୍ଥିତା । ବେଢ଼ାର ଦକ୍ଷିଣରେ ବରାହୀ, ପଶ୍ଚିମରେ ଗଣେଶ ଏବଂ ଉତ୍ତରରେ ନରସିଂହୀ ବିଦ୍ୟମାନ ।

**ମନ୍ଦିର ଦ୍ୱାରସ୍ଥ ପାର୍ଶ୍ୱଦେବୀ :** ଦକ୍ଷିଣ ଦିଗରେ ସିଂହମୁଖୀ, ଗଙ୍ଗା ଓ ଛାୟା, ବାମ ଦିଗରେ ବ୍ୟାଘ୍ରମୁଖୀ, ଯମୁନା ଓ ମାୟା । ଉର୍ଦ୍ଧ୍ୱର ମଧ୍ୟଦେଶରେ ଗଣେଶ ଓ ଏହାଙ୍କ ଦକ୍ଷିଣରେ ମହାଲକ୍ଷ୍ମୀ ଓ ବାମରେ ସରସ୍ୱତୀ ବିଗ୍ରହ ବିଦ୍ୟମାନ । ଏହି ମନ୍ଦିର ବେଢ଼ାର ଅନତି ଦୂରରେ ଉତ୍ତରପୂର୍ବ କୋଣରେ ମହାକାଳେଶ୍ୱର ମନ୍ଦିର ଅବସ୍ଥିତ । ଦକ୍ଷିଣକାଳୀଙ୍କର ବହିସ୍ଥ ବେଢ଼ାକୁ ପ୍ରଦକ୍ଷିଣ କରାଯାଇପାରିବ ।

**ଶ୍ରୀଜଗନ୍ନାଥଙ୍କ ସହ ଶ୍ରୀଦକ୍ଷିଣକାଳୀଙ୍କ ପ୍ରଚଳିତ ସମ୍ପର୍କ -**

ଶ୍ରୀଦକ୍ଷିଣକାଳୀଙ୍କର ଦୈନିକ ପାକ ଭୋଗର ବ୍ୟବସ୍ଥା ନଥିଲା । କେବଳ ସମର୍ପଣ ଭୋଗ ହିଁ ତାଙ୍କର ଦୈନନ୍ଦିନ ବ୍ୟବସ୍ଥା ଥିଲା । କିନ୍ତୁ ବର୍ତ୍ତମାନ ଶ୍ରୀଦକ୍ଷିଣକାଳୀ ଟ୍ରଷ୍ଟ ଘୃତପାକ ତ୍ରିକାଳ ପୂଜାର ବ୍ୟବସ୍ଥା କରିଅଛନ୍ତି । ପୂର୍ବରୁ ଥିବା ସମର୍ପଣ ଭୋଗ ମଧ୍ୟରେ ଜଗନ୍ନାଥ ଟ୍ରଷ୍ଟ ପକ୍ଷରୁ (୧) ବଡ଼ାଏ ବଲ୍ଲଭ (ବଡ଼) ଓ ଚାରିଗୋଟି ବଡ଼ କୋରା, (୨) ସକାଳ ଧୂପର ବଡ଼ାଏ ଖେଚେଡ଼ି ଓ ବଡ଼ାଏ ଶାଗ, (୩) ମଧ୍ୟାହ୍ନ ଧୂପରେ ବଡ଼ାଏ ଓରିଆ ଓ ବଡ଼ାଏ ମରିଚି ପାଣି, (୪) ସଂଧ୍ୟା ଧୂପରେ ଏକ ଅମାଲୁ । ଏସବୁର ବ୍ୟବସ୍ଥା ଥିଲେ ମଧ୍ୟ ବର୍ତ୍ତମାନ ସକାଳ ଧୂପ ଖେଚେଡ଼ି ଓ ମଧ୍ୟାହ୍ନ ଧୂପ ଓରିଆ ଦୈନିକ ଆସୁନାହିଁ । ଆଶ୍ୱିନ ଷୋଳପୂଜାବେଳେ ଦୈନିକ (୧) ମୁଆଁ ପାଞ୍ଚଗୋଟା, (୨) ଗୁଡ଼ ଖଇ ଏକ ବଡ଼ା, (୩) ଗୁଡ଼ କୋରା ଛୋଟ ପାଞ୍ଚଗୋଟା, (୪) ସକଳ ଧୂପ ଖେଚେଡ଼ି ଗୋଟାଏ, ଏଣ୍ଡୁରି ଚଉଠେ ଓ ଶାଗ ଏକ ବଡ଼ା, (୫) ମଧ୍ୟାହ୍ନ ଧୂପର ଓରିଆ ଏକ ଗୋଟା, ମରିଚିପାଣି ଏକ ବଡ଼ା ଓ ମୁଗ ଏକ ବଡ଼ା, (୬) ସଂଧ୍ୟା ଧୂପରେ ଦହିପଖାଳ ଓ ଶାକର ଏକବଡ଼ାର ବ୍ୟବସ୍ଥା ଅଛି ଓ ଏହା ଅଦ୍ୟାବଧି ନିୟମିତ ଆସୁଅଛି । ଏହି ଷୋଳପୂଜା ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ବରଣୀୟ ବ୍ରାହ୍ମଣଙ୍କ ଦ୍ୱାରା ସଂପାଦିତ ହୋଇଥାଏ ଏବଂ ଉକ୍ତ ଷୋଳଦିନ ବରଣୀୟ ବ୍ରାହ୍ମଣଙ୍କ ଦ୍ୱାରା ଚଣ୍ଡୀପାଠର ବ୍ୟବସ୍ଥା (ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ) ଅଛି । ଏହାଛଡ଼ା ସପ୍ତପୁରୀ ଅମାବାସ୍ୟାରେ ଶ୍ରୀଜଗନ୍ନାଥଙ୍କଠାରୁ ଶ୍ରୀଦକ୍ଷିଣକାଳୀଙ୍କ ନିକଟକୁ ଆଜ୍ଞାମାଳ ଆସିବା ସଙ୍ଗେ ସଙ୍ଗେ ଶ୍ରୀଦକ୍ଷିଣକାଳୀଙ୍କ ନିକଟରୁ ଆଜ୍ଞାମାଳ ଯାଇ ଶ୍ରୀମନ୍ଦିର ରୋଷଶାଳାରେ ସ୍ଥାପିତ ହୋଇଥାଏ ଏବଂ ଶ୍ରୀମନ୍ଦିରରେ ସାତପୁରୀ ଭୋଗ ହୁଏ । ଶ୍ରୀମନ୍ଦିର ବେଢ଼ା ମଧ୍ୟରେ ଅବସ୍ଥିତ ଶ୍ରୀବିମଳା ଦେବୀଙ୍କ ପରି ଶ୍ରୀଦକ୍ଷିଣକାଳୀଙ୍କ ନିକଟରେ ଷୋଳପୂଜା ବ୍ୟତୀତ ଅନ୍ୟ ଦିନମାନଙ୍କରେ କୌଣସି ଭୋଗରାଗର ବ୍ୟବସ୍ଥା ନଥିଲା ଏବଂ ଉପରୋକ୍ତ ଶ୍ରୀଜଗନ୍ନାଥ ମନ୍ଦିରର ଖଇ ସହିତ ବାହାରର ଭକ୍ତ ଜନସାଧାରଣଙ୍କ ଦ୍ୱାରା ପ୍ରଦତ୍ତ ଶୁଖିଲି ଅହ୍ଲୁଣିଆ ସମର୍ପିତ ହେଉଥିଲା । ଖଇ ଓ ଦହି ତାଙ୍କର ପ୍ରିୟ ଭେଦ୍ୟ ଭାବେ ବିବେଚିତ ହୁଏ । ଷୋଳପୂଜାର ନିର୍ଦ୍ଦିଷ୍ଟ ତିନିଦିନ ସପ୍ତମୀ, ଅଷ୍ଟମୀ ଓ ନବମୀ ତିଥିରେ ଓ କାର୍ତ୍ତିକ ମାସର କାଳୀପୂଜା ଦିନ ଏଠାରେ ସଂଖୁଡ଼ି ଓ ଆମିଷ ଭୋଗର ବ୍ୟବସ୍ଥା ଅଛି । ଏହାଙ୍କ ନିକଟରେ ବାସନ୍ତୀ ନବପତ୍ରିକା ପୂଜାର ବିଧାନ ଥିଲେ ମଧ୍ୟ ଏହା ସଂଖୁଡ଼ି ଭୋଗ ନୁହେଁ ।

**ଶ୍ରୀଦକ୍ଷିଣକାଳିକାଙ୍କ ନାମକରଣର ସାର୍ଥକତା -** ମନ୍ଦିରର ମୁଖ୍ୟଦ୍ୱାର ପୂର୍ବାଭିମୁଖୀ ହେତୁ ଦେବୀଙ୍କର ମୁଖ ପୂର୍ବ ଦିଗକୁ ରହିବା ସ୍ୱାଭାବିକ । ଦକ୍ଷିଣକାଳୀଙ୍କର ଆୟୁଧ ଅବସ୍ଥିତି, ପ୍ରଚଳିତ ପୂଜାବିଧି ଓ ଆରାଧନାର ମନ୍ତ୍ର ଏବଂ ଧ୍ୟାନାଦି ଦକ୍ଷିଣକାଳୀ ନାମରେ ପରିପୂରକ ନୁହେଁ । ଏହାଛଡ଼ା ଶ୍ରୀଜଗନ୍ନାଥଙ୍କର ଠିକ୍ ଦକ୍ଷିଣ ଦିଗର ଦେବୀ ବିରାଜିତା ନୁହଁନ୍ତି । ତେଣୁ ଦେବୀଙ୍କର ଉପଯୁକ୍ତ ନାମକରଣରେ ଭକ୍ତ ଜନସାଧାରଣଙ୍କର ସନ୍ଦେହ ଅଯଥାର୍ଥ ନୁହେଁ । ତେଣୁ ଦେବୀଙ୍କର ଅତୀତ ଅବସ୍ଥିତି ଓ ଶ୍ରୀମନ୍ଦିରର ଅତୀତ ଅବସ୍ଥିତି ଅବଶ୍ୟ ପ୍ରଣିଧାନ୍ୟଯୋଗ୍ୟ ।

**ଶ୍ରୀମନ୍ଦିରର ଅତୀତ ଅବସ୍ଥିତି -** ବର୍ତ୍ତମାନର ଶ୍ରୀମନ୍ଦିର ଗଙ୍ଗବଂଶୀୟ ରାଜା ଚୋଡ଼ଗଙ୍ଗଙ୍କ ଦ୍ୱାରା ନିର୍ମିତ ଓ ଏହା ଏକାଦଶ ଶତାବ୍ଦୀର ବିଷୟ । ଏଥିପୂର୍ବରୁ ଶ୍ରୀମନ୍ଦିରର ନାଟିକଟା ମଣ୍ଡପ ଓ ଶ୍ରୀଜଗନ୍ନାଥଙ୍କ ପାଦୁକାନଳା ମଧ୍ୟବର୍ତ୍ତୀ ସ୍ଥାନରେ ଦକ୍ଷିଣାଭିମୁଖୀଭାବେ ଅବସ୍ଥିତ ଥିବା ଜଣାଯାଏ । ଉକ୍ତ ମନ୍ଦିରର କଳା ଓ ଭାସ୍କର୍ଯ୍ୟ ଖ୍ରୀଷ୍ଟୀୟ ଦ୍ୱିତୀୟ କିମ୍ବା ତୃତୀୟ ଶତକର ବୋଲି କେହି କେହି ପ୍ରତ୍ନତାତ୍ତ୍ୱିକ ପରିଦୃଶ୍ୟମାନ ଭଗ୍ନ ମନ୍ଦିରର ମୂଳଭିତ୍ତିରୁ ଅନୁମାନ କରନ୍ତି । ଏହି ମନ୍ଦିରର ମୂଳଭିତ୍ତି ଉପରେ ବର୍ତ୍ତମାନ ଅମୁହଁ ଦେଉଳ ବା ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଅବସ୍ଥିତ । ବର୍ତ୍ତମାନ ମଧ୍ୟ ଏହି ମନ୍ଦିରର ମୁଖ ଶ୍ରୀଜଗନ୍ନାଥଙ୍କ ବାହାର ଗମ୍ଭୀରା ବା ଜଗମୋହନ ଦିଗକୁ ରହିଅଛି । ପୂର୍ବ ଦିଗସ୍ଥ ଜୟବିଜୟ ଦ୍ୱାର ବ୍ୟତୀତ ଉକ୍ତ ଗମ୍ଭୀରାକୁ ଗମନାଗମନର ଅପର ଏକ ଦ୍ୱାର ଦକ୍ଷିଣାଭିମୁଖରେ ଅବସ୍ଥିତ । ବେଢ଼ା ମଧ୍ୟରୁ ଉକ୍ତ ଦ୍ୱାର ଦେଇ ପ୍ରବେଶ କରିବାକୁ ହେଲେ ଦ୍ୱାରଦେଶରେ ପହଞ୍ଚିବା ନିମନ୍ତେ କେତୋଟି ପାହାଚ ଚଢ଼ିବାକୁ ପଡ଼େ । ଉକ୍ତ ପାବଚ୍ଛ ଶ୍ରେଣୀର ଉଭୟ ପାର୍ଶ୍ୱରେ ଦୁଇଟି ସିଂହମୂର୍ତ୍ତି ବିଦ୍ୟମାନ । ତେଣୁ ଏହାକୁ ଏକ ସିଂହଦ୍ୱାର କୁହାଯାଇପାରେ । ଦ୍ୱାର ପ୍ରବେଶ ପଥର ପୂର୍ବରେ ମାଜଣା ମଣ୍ଡପ ଓ ପଶ୍ଚିମରେ ଦକ୍ଷିଣିଘର ଅବସ୍ଥିତ । ଉକ୍ତ ପ୍ରବେଶ ପଥର ଅନତି ଦୂରର ଦକ୍ଷିଣରେ ମୁକ୍ତିମଣ୍ଡପ, ଯେଉଁ ସ୍ଥାନରେ କି ଝୁଲଣଯାତ୍ରା ଅନୁଷ୍ଠିତ ହୋଇଥାଏ । ମୁକ୍ତି ମଣ୍ଡପର

ପଶ୍ଚିମ ଦିଗରେ ଶ୍ରୀନୃସିଂହ ମନ୍ଦିର ବା ପୁରୁଷୋତ୍ତମ ମନ୍ଦିର ଏବଂ ପୂର୍ବ ଦିଗରେ କ୍ଷେତ୍ରପାଳ ମନ୍ଦିର ରହିଅଛି । କ୍ଷେତ୍ରପାଳ ମନ୍ଦିରର ମୁଖ ଦକ୍ଷିଣ ଦିଗକୁ ଏବଂ ଏହି ମନ୍ଦିରରେ ଶକ୍ତି ଯୁକ୍ତ ଶିବଲିଙ୍ଗ ପୂଜା ପାଉଥିଲେ ମଧ୍ୟ ବିଗ୍ରହର ପଶ୍ଚାତ ଭାଗର ଭିତ୍ତିଚିତ୍ର ଶିବଙ୍କର ନହୋଇ ଭୈରବ ନାମରେ ଅଭିହିତ । ମନ୍ଦିରର ତିନିପାର୍ଶ୍ୱରେ କାର୍ତ୍ତିକ, ପାର୍ବତୀ ଓ ଗଣେଶଙ୍କ ପରିବର୍ତ୍ତେ ନୃମୁଣ୍ଡମାଳିନୀ ଖଡ୍ଗଧାରିଣୀ ଭୈରବୀ ମୂର୍ତ୍ତିମାନ ରହିଅଛନ୍ତି । ଏଥିମଧ୍ୟରୁ ପୂର୍ବ ପାର୍ଶ୍ୱଗଡ଼ା ଭୈରବୀ କୁତାମଚଣ୍ଡୀ ରୂପେ ସର୍ବଜନ ପରିଚିତା ଓ ଆରାଧିତା ଅଟନ୍ତି । ମନ୍ଦିରର ପୂର୍ବଦିଗରେ ଅନନ୍ତଶୟନ ବାସୁଦେବ, ଦକ୍ଷିଣ ପଶ୍ଚିମ କୋଣରେ ମୁକ୍ତେଶ୍ୱର ମହାଦେବ, ପଶ୍ଚିମରେ ମୁକ୍ତିମଣ୍ଡପ ଏବଂ ଉତ୍ତର ଦିଗରେ ସୂର୍ଯ୍ୟ ପୂଜା ମଣ୍ଡପାଦି ଦ୍ୱାରା ପରିବେଷ୍ଟିତ ରହି ଏକ ପ୍ରକାର ଅବହେଳିତ ତଥା ଲୋକଲୋଚନର ଅଗୋଚରରେ ରହିଅଛି ।

ଅନ୍ୟ ଏକ ବିଚାରଣୀୟ ବିଷୟ ଏହି ଯେ ଜଗମୋହନର ଦକ୍ଷିଣ ଦ୍ୱାର ଦେଇ ଦକ୍ଷିଣି ଘରେ ଥିବା ଚଳନ୍ତି ପ୍ରତିମାଗୁଡ଼ିକ ଆବଶ୍ୟକୀୟ ଆଜ୍ଞାମାଳ ନିମନ୍ତେ ଯାଉଥିବା ବେଳେ ମାଜଣା ମଣ୍ଡପକୁ ଦେବୀ ବିଗ୍ରହ ଆସିପାରନ୍ତି କିନ୍ତୁ ରତ୍ନସିଂହାସନସ୍ଥ ଅନ୍ୟ କୌଣସି ପ୍ରତିମାମାନଙ୍କର ଏହା ଗମନା ଗମନ ମାର୍ଗ ନୁହେଁ । ଏପରିକି ଝୁଲଣମଣ୍ଡପ ଏହି ଦ୍ୱାରର ଅତ୍ୟନ୍ତ ନିକଟବର୍ତ୍ତୀ ହେଲେ ମଧ୍ୟ ଝୁଲଣ ସମୟରେ ଦେବାଦେବୀମାନେ ଏହି ମାର୍ଗ ଦେଇ ଯାତାୟାତ କରି ନଥାନ୍ତି ।

ଆହୁରି ଏକ ଜ୍ଞାତବ୍ୟ ବିଷୟ ଯେ ନବକଳେବର ସମୟରେ ବିସର୍ଜିତ ଦାରୁବିଗ୍ରହମାନ ଏହି ମାର୍ଗରେ ନିଆଯାଇଥାଏ । ଏତଦ୍‌ବ୍ୟତୀତ ଭିତର ବେଢ଼ାର ସିଂହଦ୍ୱାର ଦକ୍ଷିଣାଭିମୁଖ ଥିବାବେଳେ ଗଜପତି ମହାରାଜା ଦକ୍ଷିଣଦ୍ୱାର ଦେଇ ଦେବଦର୍ଶନ ନିମନ୍ତେ ମନ୍ଦିରରେ ପ୍ରବେଶ କରିଥାଆନ୍ତି ।

ପରିଶେଷରେ ବକ୍ତବ୍ୟ ଏହିକି ଯେ ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରର ପ୍ରାୟ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତକଠାରୁ ଖ୍ରୀଷ୍ଟୀୟ ଅଷ୍ଟମ ଶତକ ପର୍ଯ୍ୟନ୍ତ ବ୍ରାହ୍ମଣ୍ୟ ସଂସ୍କୃତି ପରିବର୍ତ୍ତେ ବୌଦ୍ଧ ସଂସ୍କୃତିର ପରିବ୍ୟାପ୍ତ ଥିବା ଓ ଏହି ସଂସ୍କୃତି ହୀନଯାନ ଓ ମହାଯାନ ରୂପେ ଦ୍ୱିଧା ବିଭକ୍ତ ହୋଇଥିବା ଏବଂ ଏହି ହୀନଯାନ ପନ୍ଥୀଙ୍କ ଦ୍ୱାରା ଏହି କ୍ଷେତ୍ରରେ ଭୈରବୀ ଓ ଭୈରବ ଉପାସନ ପ୍ରଚଳିତ ଥିବା 'ନୀଳାଚଳ ଓ ଶ୍ରୀଜଗନ୍ନାଥ' ଶୀର୍ଷକ ପ୍ରବନ୍ଧରେ ଉଲ୍ଲେଖ କରାଯାଇଅଛି ।

ତେଣୁ ସେହି ବୌଦ୍ଧ ପନ୍ଥୀଙ୍କ ଦ୍ୱାରା 'ଭୈରବୀ' ଭାବେ ଆରାଧିତା ଦେବୀ ଆଜିର ଦକ୍ଷିଣକାଳୀ ହେବାର ସନ୍ଦେହର ଅବକାଶ ରହୁନାହିଁ । ଉକ୍ତ ଦକ୍ଷିଣାଭିମୁଖୀ ଭୈରବୀ ପରବର୍ତ୍ତୀ ସମୟରେ ବ୍ରାହ୍ମଣ୍ୟ ସଭ୍ୟତାରେ ଦକ୍ଷିଣକାଳିକା ହେବା ବିଚିତ୍ର ନୁହେଁ । ପରିଦୃଶ୍ୟମାନ ଶ୍ରୀମନ୍ଦିର ନିର୍ମାଣ କାଳରେ ବା ତତ୍‌ପୂର୍ବରୁ ଏହି ଦକ୍ଷିଣାଭିମୁଖୀ ମନ୍ଦିର ଭଗ୍ନ ବା ଜରାଜୀର୍ଣ୍ଣ ହେବା ଫଳରେ ଦେବୀ ସ୍ଥାନାନ୍ତରିତ ହୋଇ ବର୍ତ୍ତମାନର ଦକ୍ଷିଣକାଳୀ ମନ୍ଦିରରେ ଅବସ୍ଥାନ କରୁଛନ୍ତି ଓ ତାହାଙ୍କର ଭୈରବ ମହାକାଳ ରୂପେ ଅଭିହିତ ହୋଇ ବାମପାର୍ଶ୍ୱରେ ରହି ପୂଜା ପାଉଛନ୍ତି । ପ୍ରାଚୀନ ଦକ୍ଷିଣାଭିମୁଖ ଶ୍ରୀମନ୍ଦିର ସମ୍ମୁଖ ଓ ଅନ୍ତରସ୍ଥ କ୍ଷେତ୍ରଫଳ ଭୈରବଙ୍କ ମନ୍ଦିର ପରି ମହାକାଳେଶ୍ୱର ମନ୍ଦିର ନିର୍ମିତ ହୋଇଛି । କ୍ଷେତ୍ରପାଳ ଭୈରବ ଶକ୍ତିଯୁକ୍ତ ଶିବଲିଙ୍ଗରେ ପରିଣତ ହେଲାପରି ଉକ୍ତ ମହାକାଳ ଭୈରବ ଶକ୍ତିଯୁକ୍ତ ଶିବ ଲିଙ୍ଗ ରୂପରେ ମହାକାଳେଶ୍ୱର ରୂପେ ପୂଜା ପାଉଅଛନ୍ତି ।

ପରବର୍ତ୍ତୀ କାଳରେ ପରିଦୃଶ୍ୟମାନ ଶ୍ରୀମନ୍ଦିର ନିର୍ମିତ ହେବାପରେ ଦକ୍ଷିଣକାଳିକାଙ୍କ ସ୍ଥାନରେ ଜଗନ୍ନାଥଙ୍କ ବିଗ୍ରହ ସ୍ଥାପିତ ହେବା ଯୋଗୁଁ ପରବର୍ତ୍ତୀ ସାହିତ୍ୟ ବା ତନ୍ତ୍ର ଶାସ୍ତ୍ରରେ ଏଭଳି ଶ୍ଳୋକ ସ୍ଥାନ ପାଇଅଛି । ଦକ୍ଷିଣକାଳୀଙ୍କ ମଣିବିଗ୍ରହ ଶ୍ରୀମନ୍ଦିରରୁ ସ୍ଥାନାନ୍ତରିତ ହୋଇଥିବା ଫଳରେ ପୂର୍ବସ୍ଥାନକୁ ପ୍ରତ୍ୟାବର୍ତ୍ତନ ବିଧି ନଥିବାରୁ ଶ୍ରୀମନ୍ଦିରକୁ ଫେରି ନାହାନ୍ତି । ଫଳରେ ଶ୍ରୀମନ୍ଦିର ପକ୍ଷରୁ ଶ୍ରୀଦକ୍ଷିଣକାଳୀଙ୍କ ପୂଜା ଆରାଧନା ନିମନ୍ତେ ପରିବର୍ତ୍ତିତ ଦ୍ରବ୍ୟ ଖଞ୍ଜାଯିବା ସହିତ ଶ୍ରୀଜଗନ୍ନାଥଙ୍କ ବର୍ଣ୍ଣ, ବେଶଭୂଷା, ବୀଜମନ୍ତ୍ର ଓ ଆରାଧନା ଦିଗରେ ଶ୍ରୀଦକ୍ଷିଣକାଳିକାଙ୍କ ସହ କେତେକ ସାମଞ୍ଜସ୍ୟ ରଖାଯାଇଛି ।

ଏଥିପୂର୍ବରୁ ସ୍ଥାନାନ୍ତରିତ ବିମଳା ଓ ମହାଲକ୍ଷ୍ମୀଙ୍କ ପୂଜା ଆରାଧନାରେ ସମସ୍ତ ବିବରଣୀ ପ୍ରବନ୍ଧାନ୍ତରରେ ପ୍ରକାଶିତ ହୋଇ ସାରିଅଛି । ସିଂହାସନରେ ବିରାଜିତ ଅନ୍ୟ ଚତୁର୍ଦ୍ଧାମୂର୍ତ୍ତି (ଶ୍ରୀସୁଦର୍ଶନ, ଶ୍ରୀମାଧବ, ଶ୍ରୀଭୂଦେବୀ ଓ ଶ୍ରୀଦେବୀ)ଙ୍କ ଅବସ୍ଥିତି ଓ ପୂଜା ଆରାଧନାର ବିବରଣୀମାନ ପୃଥକ୍ ଭାବେ 'ଶ୍ରୀକ୍ଷେତ୍ରରେ ମାଧବ ସଭ୍ୟତା' ଶୀର୍ଷକ ପ୍ରବନ୍ଧରେ ପ୍ରକାଶିତ ହେବ ।

**ସହାୟକ ପୁସ୍ତକ**


୧. ସ୍କନ୍ଦ ପୁରାଣ

୨. ମାଦଳାପାଞ୍ଜି (ଆର୍ତ୍ତବଲ୍ଲଭ ମହାନ୍ତି କୃତ)

୩. ତନ୍ତ୍ରାର୍ଣ୍ଣବ

୪. ଶ୍ରୀଜଗନ୍ନାଥ ମନ୍ଦିର ରେକର୍ଡ଼ ଅଫ ରାଇଟସ୍

୫. ନୀଳାଦ୍ରି (ପତ୍ରିକା)



ଶ୍ରୀମନ୍ଦିର ପୁରୋହିତ
ମାଟିମଣ୍ଡପ ସାହି, ପୁରୀ

# ସ୍ମୃତିଧାର

କୃଷ୍ଣପ୍ରିୟା ଦାସ

ଭାରତ ସଲିଳେ, ଉତ୍କଳ କମଳ ।
ତା'ମଧ୍ୟେ କେଶର, ପୁଣ୍ୟ ନୀଳାଚଳ ।।

ବିଶ୍ୱବିଦିତ ପୁଣ୍ୟ ନୀଳାଚଳ ତଥା ପୁରୀର ଇତିହାସ କିଏ ବର୍ଣ୍ଣିପାରିବ ? ଯେଉଁଠି - ରଥ କହେ ମୁଁ ଦେବତା, ପଥ କହେ ମୁଁ ଦେବତା । ପୁଣି - ରଥ, ପଥ, କିଛି ନାହିଁ, ସବୁ ସେ ଜଗତ ସାଇଁ ।

ଏଠାରେ ଠାକୁର ଯେପରି ଐଶ୍ୱର୍ଯ୍ୟ, ମାଧୁର୍ଯ୍ୟର ପ୍ରତୀକ, ତାଙ୍କ ଭକ୍ତ ଓ ବାସୀନ୍ଦାମାନେ ମଧ୍ୟ ତଦ୍ରୁପ । ଏଠାରେ ଧନୀ, ଗରୀବ, ଉଚ୍ଚ ନୀଚର ପରି କଳ୍ପନା ନଥାଏ । ଯାହା ହାତରେ ଯିଏ ଚଉଦ ପା' । ସ୍ୱତନ୍ତ୍ର ମନବୃତ୍ତି । ଯାହାର ଯେତିକି ସମ୍ବଳ ସେ ସେତିକିରେ ରସିକତା ଆରମ୍ଭ କରେ । ମଜ୍ଜା ମଜ୍‌ଲିସରେ ଦିନ କଟାଏ ।

ସୁସ୍ଥ ଶରୀର, ସୁସ୍ଥ ମନ ପାଇଁ ଯୁବକମାନଙ୍କ ଉଦ୍ୟମ ବାସ୍ତବରେ ପ୍ରଶଂସନୀୟ । ସ୍ଥାନେ, ସ୍ଥାନେ ଯାଗ, ଆଖଡ଼ା, ଗଢ଼ି ଉଠିଛି । ଯେଉଁଠାରେ ସମୂହ ଭାବେ କୁସ୍ତି, କସରତ, ବନାଟି, ଖେଳ ଇତ୍ୟାଦି ଶିକ୍ଷା କରାଯାଇ ପାରିବ ।

ପୁରୀବାସୀ ଅତ୍ୟନ୍ତ ସଂସ୍କୃତି ପ୍ରିୟ । ବର୍ଷସାରା କିଛିନା କିଛି ସାଂସ୍କୃତିକ କାର୍ଯ୍ୟକ୍ରମରେ ଲିପ୍ତ ରହି ସବୁରି ମନୋରଞ୍ଜନ କରାଉଥାନ୍ତି । ଏଥିରେ 'ଶ୍ରୀକ୍ଷେତ୍ର ମହୋତ୍ସବ' ଅନ୍ୟତମ ।

ସାହିତ୍ୟ କ୍ଷେତ୍ରରେ ପୁରୀର ଅଗ୍ରଗତି ସର୍ବାଧିକ । ବାରମାସ ସାରା ସାହିତ୍ୟ, ସଂସ୍କୃତି, କବିତା, ସଙ୍ଗୀତ ଆସର ଜମୁଥାଏ । ପ୍ରାୟ କବି, ଲେଖକ, ସାହିତ୍ୟିକ, ପ୍ରାବନ୍ଧିକ ଓ ସଂଗୀତଜ୍ଞ । ରାଜନୀତିଠାରୁ କୁଟନୀତି ଯାଏଁ, ନେତାଠାରୁ, ବକ୍ତା ପର୍ଯ୍ୟନ୍ତ । ସମସ୍ତ କଳାକୌଶଳରେ ପରିପୂର୍ଣ୍ଣ । ବର୍ତ୍ତମାନ ଓ ଅତୀତ ଆଡ଼କୁ ଦୃଷ୍ଟି ଦେଲେ ଆଉ ଟିକିଏ ପରିଷ୍କାର ହୋଇଯିବ ।

ଅତୀତର ସକାଳ ଆସୁଥିଲା ତେଲ ଗିନାରେ । ବୁଢ଼ାଠାରୁ ଟୋକା ପର୍ଯ୍ୟନ୍ତ ତେଲ ମାଲିସ୍ ହୋଇ, ଗାମୁଛା, ଦାନ୍ତକାଠି ନେଇ ଚାଲିଯାଆନ୍ତି ଯାଗାକୁ । ସେଠାରେ ବେଶ୍ କୁସ୍ତି କସରତ ଜମେ । ତା'ପରେ ଜାଗା ପୋଖରୀରେ ଗାଧୁଆ ସାରି, ଘରେ ଗଜାମୁଗ, ଗଜା ବୁଟ, ନଡ଼ିଆ, ନବାତ ନହେଲେ ଚୁଡ଼ା, ନଡ଼ିଆ, କଦଳୀ, ଯାହାକୁ ଯାହା ମିଳିଲା । ଜଳଖିଆ ପର୍ବ ସରିଲେ - ଖଣ୍ଡେ ଖିଲିପାନ ଦରକାର । ତା'ପରେ ଟୋକାମାନେ ଧୋବ ଧଉଳିଆ ଧୋତି, ପଞ୍ଜାବୀ ଗଳେଇ, ପାଟିଲା ଗାମୁଛା ଖଣ୍ଡେ ଖଣ୍ଡେ କାନ୍ଧରେ ପକାଇ କିଏ ପାଠକୁ ଯାଉଥିଲା ତ କିଏ ଖାଠକୁ । ବୟସ୍କମାନେ ପ୍ରାୟ ପାଟ, ମକୁଟସହ ପାଟିଲା ଗାମୁଛା ବ୍ୟବହାର କରୁଥିଲେ ।

ବର୍ତ୍ତମାନ ବେଶ ପୋଷାକର ପରିବର୍ତ୍ତନରେ ପାଟିଲା ଗାମୁଛା ପ୍ରାୟ ଲୁପ୍ତ ହେଲାଣି । ସେଥିପାଇଁ ପାଟିଲା ଗାମୁଛାର ତାତ୍ପର୍ଯ୍ୟ ଏଠାରେ ଉଲ୍ଲେଖଯୋଗ୍ୟ । ଖଣ୍ଡେ ଗାମୁଛା ଉତାରିବା ପାଇଁ ପନ୍ଦର ଦିନରୁ ଅଧିକ ଲାଗୁଥିଲା ପ୍ରତିଦିନ ପଇଡ଼ ପାଣି, ଛେନାପାଣି, ନବାତ, ଲହୁଣୀ, କର୍ପୂର ଦେଇ ସକାଳୁ ଗାମୁଛା ବତୁରାଯାଏ ଓ ସଂଜରେ ଶୁଖେ । ଏହିପରି ପନ୍ଦର କୋଡ଼ିଏ ଦିନ କରିବା ପରେ ଗାମୁଛାର ରଙ୍ଗ ଉକୁଟେ ଓ ବାସ ଚହଟେ । ଧନୀଠାରୁ ଗରୀବ ପର୍ଯ୍ୟନ୍ତ ଖଣ୍ଡେ ପାଟିଲା ଗାମୁଛା କାନ୍ଧରେ ନ ପକାଇଲେ ମନ ମାନେନି । କିନ୍ତୁ ଗାମୁଛାଟିକୁ ଜଗି ରଖି ନଶୁଖାଇଲେ ମାଙ୍କଡ଼ ନେଇ ଚୋବେଇ ଚୋବେଇ ଖିନ୍‌ଭିନ୍ କରିପକାଏ । ହୁଏତ ଗାମୁଛାରୁ କିଛି ସ୍ୱାଦ ବାହାରୁ ଥିବ, ନହେଲେ ଏପରି କରନ୍ତେ କାହିଁକି ?

ଖାଦ୍ୟପେୟ ଉପରେ ବିଚାର କଲେ ତତ୍କାଳୀନ ଲୋକମାନେ ଅଳ୍ପ ପଇସାରେ ଉତ୍ତମ ଖାଦ୍ୟ ପାଉଥିଲେ । ଆମିଷ ଅପେକ୍ଷା ଖିର, ଘିଅ, ଛେନା, ରାବେଡ଼ି, ପନିପରିବା, ଡାଲି ଇତ୍ୟାଦି ଖାଦ୍ୟ ଦ୍ରବ୍ୟ ପ୍ରାକୃତିକ ଭାବେ ମିଳୁଥିଲା । ପିଠାପଣା ଘରେ ଘରେ ପର୍ବପର୍ବାଣି, ସାହିପଡ଼ିଶା ଦିଆନିଆ ପ୍ରିୟାପ୍ରୀତିରେ ଆପ୍ୟାୟିତ ହେଉଥିଲା ସଂସାର । ପୁରୀରେ ଚୁଡ଼ାଘଷା ପ୍ରସିଦ୍ଧ ଅଟେ ।

ବର୍ତ୍ତମାନ ମୁଦ୍ରାସ୍ଫିତି ମାନବର ମାନବିକତାକୁ ଏକପ୍ରକାର ବିକଳାଙ୍ଗ କରିବାକୁ ଚେଷ୍ଟା କରୁଛି । ସହଜେ ଭେଜାଲ୍ ଖାଦ୍ୟ, ଖାଦ୍ୟରୁ ମନ, ମନରୁ ଚୈତନ୍ୟ ଯାହା ବିବେକ ବୋଲି କୁହାଯାଏ । ସେ ସବୁରେ କିଛିଟା ବ୍ୟତିକ୍ରମ ତ ନିଶ୍ଚୟ ଆସିବ । ଆଗେ ରାତି ପାହିଲେ ମା'ମାନେ ପିଲାକୁ ବଡ଼ାଭାତ ଖୁଆଉ ଥିଲେ । ଏବେତ 'ଫାଷ୍ଟଫୁଡ଼୍'ର ଯୁଗ ।

ଗହ୍ମା ପୁନେଇର ମଣ୍ଡା, ଚିତଉ ଅମାବାସ୍ୟାର ଚିତଉ, ରଜର ପୋଡ଼ପିଠା, କୁଆଁର ପୁନେଇର ଚାନ୍ଦଚକଟା, ଜନ୍ମଦିନର ନକ୍ଷତ୍ର ବନ୍ଦାପନା, ଆଧୁନିକ ଯୁଗରେ 'ହାପି ବାର୍ଥଡ଼େ ଟୁ ୟୁ'ରେ ପ୍ରାୟ ହଜିଯିବାକୁ ବସିଲାଣି । ତଥାପି ପୁରୀରେ କିଛିଟା ସୁରକ୍ଷିତ ଥିବାପରି ମନେହୁଏ । କାରଣ ଏଠାର ଝିଅବୋହୂଙ୍କ ସଣ୍ଣା ଅନ୍ୟ ସ୍ଥାନ ଅପେକ୍ଷା ଉତ୍କୃଷ୍ଟ । ଏବେ ବି ପର୍ବପର୍ବାଣି, ରୀତିନୀତିର ମହକ ରହିଛି । କିଏ ଜାଣେ ଆଗକୁ ଇଂରାଜୀ ମିଡିୟମ୍ ଶିକ୍ଷା ଆମ ଉତ୍ତରାଧିକାରୀମାନଙ୍କୁ କେଉଁଠିଆଡ଼େ ନେଇପାରୁଛି । ଓଡ଼ିଶା କହିଲେ ପୁରୀ କି ବୁଝାଏ । ଯାତ୍ରୀମାନେ କୁହାକୁହି ହୁଅନ୍ତି - 'ଚାଲ ଓଡ଼ିଶା ଯିବା' କାଳିଆକୁ ଦର୍ଶନ କରିବା ।

ପୁରୀ ହେଉଛି ଉତ୍କଳର ପ୍ରାଣକେନ୍ଦ୍ର । ଏହିଠାରୁ ହିଁ ଶୁଦ୍ଧ ଓଡ଼ିଆର ଉତ୍ପତ୍ତି । ପୁରୀ ଭାଷା ହିଁ ସାହିତ୍ୟିକ ଭାଷା । ସମସ୍ତ କାରୁକାର୍ଯ୍ୟ ପୁରୀ ଜିଲ୍ଲା ହସ୍ତଶିଳ୍ପୀଙ୍କ ପାଖରେ ଥାଇ ମଧ୍ୟ କିପରି ନ୍ୟୁନତା ଅନୁଭବ ହେଉଛି । ଏହାର କାରଣ ହେଉଛି, ନିଜ ପ୍ରଦେଶର ନେତୃତ୍ୱ ନେବା ପାଇଁ ଉତ୍କଳର ସମକାଳୀନ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ମଧ୍ୟରେ ନିଜକୁ ଜଣେ ବୋଲି ପ୍ରତିଷ୍ଠା କରିବାକୁ ଦୃଢ଼ ପରିକର ହେବାକୁ ହେବ । ନଚେତ୍ ପୁରୀର ସ୍ୱାଭିମାନ ପ୍ରତି ଯେଉଁ ପ୍ରବଳ ବିଶ୍ୱାସ ରହିଛି, ତାହା ତୁଟି ଯାଇପାରେ । କୌଣସି ଆତ୍ମ ସମ୍ମାନ ଜ୍ଞାନ ନରହିଲେ ବ୍ୟକ୍ତି ତଳକୁ ଖସିଯାଏ ଏବଂ ହୀନମନ୍ୟତାର ଶିକାର ହୁଏ ।

ତଥାପି ପୁରୀର ଶାନ୍ତି ଶୃଙ୍ଖଳା ଅନ୍ୟ ସ୍ଥାନମାନଙ୍କ ଅପେକ୍ଷା ଯଥେଷ୍ଟ ଭଲ । ସତ କହିବାକୁ ଗଲେ 'ନାରୀ ଯଦି ଶାନ୍ତି ଶୃଙ୍ଖଳା ରକ୍ଷା କରେ ସେ ଦେଶର ପୁରୁଷ ପରସ୍ତ୍ରୀଗାମୀ ହେବ କାହିଁକି ?

ଯେତ ଗଲା ପୁରୀବାସୀଙ୍କ ଖାଦ୍ୟପେୟ, ଚାଲିଚଳନ । ଏଥର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଖାଦ୍ୟପେୟ ଉପରେ ସାମାନ୍ୟ ବିଚାର କରିବା । ତାଙ୍କର ତ ବାର ମାସରେ ତେର ପର୍ବ । ସତେଇଶି ଉପପର୍ବ । ଏପରି ଶହେ ଆଠ ପର୍ବାଣି । ତେଣୁ ତାଙ୍କ ରୀତିନୀତିକୁ ବାଖ୍ୟା କରିବାକୁ ସମର୍ଥ ବା କାହାର ? କେବଳ ସମୁଦ୍ରକୁ ଶଙ୍ଖେ ପରି କିଛିଟା ଲେଖିବା କଥା । ଯେଉଁ ଠାକୁର ସକାଳର ବାଲଭୋଗଠାରୁ, ରାତ୍ରିର ବଡ଼ସିଂହାର ପର୍ଯ୍ୟନ୍ତ ଗ୍ରାସ କରୁଥାନ୍ତି, ତିନିଧୂପ, ଚାରି ଅବକାଶରେ ଖାଇ, ଭୁଞ୍ଜି, ହସ୍ତ ପ୍ରକ୍ଷାଳନରେ ବେଳଯାଏ - କଥାରେ ଅଛି, ଚଉଷଠି ପଉଟି ଅନ୍ନ, ଛପନ ପ୍ରକାର ଭୋଗ ଯାହାଙ୍କୁ ନିଅଣ୍ଟ ସେ ବିଶ୍ୱରୂପୀଙ୍କ ମାୟା କିଏ ବୁଝିବ ?

ଛପନ ଭୋଗରୁ କାଳକ୍ରମେ ଅନେକ ମୂଲ୍ୟବାନ ଖଜା, ପିଠା ବନ୍ଦ ହୋଇଯାଇଛି । ବର୍ତ୍ତମାନ ଯାହାସବୁ ହେଉଛି - ଅନ୍ନ ମଧ୍ୟରେ ସାଦାଅନ୍ନ, ଘିଅଅନ୍ନ, କାନିକା, ଓରିଆ, ସାଦା ଖେଚୁଡ଼ି, ହଳଦୀ ଖେଚୁଡ଼ି, ଅଦା ହେଙ୍ଗୁ ପଖାଳ, ଦହି ପଖାଳ, ବାସି ପଖାଳ, ଖିରି, କ୍ଷୀରିସା ଇତ୍ୟାଦି । ତରକାରୀ ମଧ୍ୟରେ ଡାଲି, ଡାଲମା, ଗୋଟାମୁଗ, ମରିଚିପାଣି, ଖୁଦୁପିତା, ରାଇତା, ସାକେରା, ଖଟା, ବେସର, ମହୁର, ଶାଗ ଓ ଭଜା । ପୁଷ ମାସ ପହିଲି ଭୋଗରେ - ଦହିବରା, ଦହିକଡ଼ି ସ୍ୱତନ୍ତ୍ର । ଧନୁମୁଆଁ, ଖେଚେଡ଼ିର ମହକ ଅନ୍ୟତମ ।

ପିଠା, ଖଜା ମଧ୍ୟରେ - ଆରିଷା, କାକେରା, ମାଲପୁଆ, ମଣ୍ଡା, ପୁଳି, ଘିଅପୁଳି, ସରପୁଳି, ସରାପିଠା, ବିରିଚକୁଳି, ବରା, କାନ୍ତି, ଜଳପି, ଲଡୁ, ନାଡ଼ି, ଗଜା, ଖଜା, କେଳି, ମିଠା ଖୁରୁମା, ଲୁଣି ଖୁରୁମା, ସାତପୁରୀ, ମଗଜଲଡୁ, ଗୁଡ଼ନଡୁ, ନଡ଼ିଆ କୋରା, ଜଗନ୍ନାଥ ବଲ୍ଲଭ, ମହନଭୋଗ, ଫେଣା, ଖଇ, ଚଢ଼େଇନେଦା ଇତ୍ୟାଦି । ଏତଦ୍‌ବ୍ୟତୀତ ପର୍ବଦିନ, 'ବେଶ' ଦିନମାନଙ୍କରେ କେତେକ ସ୍ୱତନ୍ତ୍ର ଭୋଗ ରହିଛି ।

ଶ୍ରୀଜଗନ୍ନାଥ ମହାପ୍ରଭୁ ଯେପରି ରହସ୍ୟାବୃତ୍ତ ତାଙ୍କ ଆହାର, ବିହାର, ଦେଶ, କାଳ, ସବୁକିଛି ସେହିପରି ରହସ୍ୟାବୃତ୍ତ । ତଥାପି ସେ ଭକ୍ତବତ୍ସଳ । ଶ୍ରୀଜଗନ୍ନାଥ ନାମକୁ ସ୍ୱାର୍ଥକ କରାଇ ଜଗତବାସୀଙ୍କ ଅତି ଆପଣାର ଅତି ନିକଟତର ହୋଇପାରିଛନ୍ତି । କେତେବେଳେ ଦାସିଆ ବାଉରୀ ହାତରୁ ନଡ଼ିଆ ଖାଆନ୍ତି ତ, କେତେବେଳେ ମାଣିକ ଗଉଡୁଣୀଠାରୁ ବସାଦହି । କେତେବେଳେ ଯୁଦ୍ଧ ଯାତ୍ରା ତ କେତେବେଳେ ପ୍ରେମଯାତ୍ରା । କେବେ ଚଳନ୍ତି ଠାକୁର ତ କେବେ ଅଚଳ ମହାମେରୁ । ତଥାପି ସେ ସମସ୍ତଙ୍କ ମନ ଗହନର କଳାଠାକୁର ! ପ୍ରିୟ ! ପ୍ରିୟତମ ! ପ୍ରିୟତର ... !

ଶ୍ରୀଜଗନ୍ନାଥଙ୍କୁ ନେଇ ତ ପୁରୀବାସୀ ମହାନ୍ । ମହାନ୍ ଏ ଉତ୍କଳ । ମହାନ୍ ଜାତି ଓଡ଼ିଆ । ଆଜି ପୁରୀରେ ପ୍ରାଚୁର୍ଯ୍ୟ ଓ ଅବସରର ଘୋର ଅଭାବ ଘଟିତ ହେବାକୁ ଯାଉଛି । ସବୁ ବ୍ୟବସ୍ଥା ଉପରେ ସରକାରଙ୍କ ଉପରେ ନିର୍ଭରଶୀଳ ନହୋଇ ଶିକ୍ଷିତ, ସଚେତନ, ବିଶିଷ୍ଟବର୍ଗ ଆଜି ପ୍ରାଚୁର୍ଯ୍ୟ ପଛରେ ଅନ୍ଧ ନହୋଇ କୌଶଳ ପୂର୍ବକ ଗଣତାନ୍ତ୍ରିକ ବ୍ୟବସ୍ଥାକୁ କରାୟତ କରି ଅଳ୍ପ ପରିଶ୍ରମରେ କିପରି ଅଧିକ ପ୍ରାଚୁର୍ଯ୍ୟ ହାସଲ କରିହେବ ସେଥିପ୍ରତି ଦୃଷ୍ଟି ଦେବା ଦରକାର ।

ପବିତ୍ର ସାଗର ବେଳାରୁ ମୁକ୍ତିମାର୍ଗ ବଡ଼ଦାଣ୍ଡ ବାଇଶି ପାହାଚ ଯାଏଁ କେତେ ସ୍ମୃତିଧାର ... ଯେମିତି ପୃଥିବୀର ସମସ୍ତଙ୍କୁ ସାମ୍ୟ ଭାବରେ ବାନ୍ଧି ରଖି ଚେତାଇ ଦେଉଛି ... 'ଜଳ, ସ୍ଥଳ, ଅନ୍ତରୀକ୍ଷେ ମୁକ୍ତି ଶ୍ରୀପୁରୁଷୋତ୍ତମେ ।' ନିରବଧି ବ୍ରହ୍ମାଣ୍ଡର ଆପଣା ଇଲାକା ... ।

ଗଜପତି ନଗର
ମୈଥିଳୀ ନିବାସ, ଜି.ପି.ଏଚ୍.-୫୮
ପୁରୀ-୨

# ଓଡ଼ିଶାର ଧାର୍ମିକ ବିଭବ - ଶ୍ରୀକ୍ଷେତ୍ରର ମଠ ସଂସ୍କୃତି

ଅଧ୍ୟାପକ ପବିତ୍ର ମୋହନ ବାରିକ



ଗୌଡ଼ୀୟ ମଠ

**ଶ୍ରୀ**ଜଗନ୍ନାଥ ସଂସ୍କୃତିକୁ କେନ୍ଦ୍ର କରି ଅନେକ ଧାର୍ମିକ ଅନୁଷ୍ଠାନମାନ ଓଡ଼ିଶା ତଥା ଓଡ଼ିଶା ବାହାରେ ଗଢ଼ି ଉଠିଛି । ପୁରୀ ଓଡ଼ିଆ ଜାତିର ସାଂସ୍କୃତିକ ପ୍ରାଣକେନ୍ଦ୍ର । ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ଦିଗରେ ପୁରୀରେ ଗଢ଼ି ଉଠିଥିବା ଅନେକ ଆଧ୍ୟାତ୍ମିକ ସଂସ୍ଥାମାନଙ୍କର ଭୂମିକାକୁ କେବେ ଅସ୍ୱୀକାର କରାଯାଇପାରିବ ନାହିଁ । ଶ୍ରୀକ୍ଷେତ୍ର ପୁରୀର ମାହାତ୍ମ୍ୟ ଓ ମହିମା ବିଶ୍ୱ ବିଦିତ । ପୁଣ୍ୟ କ୍ଷେତ୍ର ପୁରୀ ବିଶ୍ୱ ଆଧ୍ୟାତ୍ମିକ ଦିଗ୍‌ବଳୟର ଏକ ଦିପ୍ତିମନ୍ତ ଉଜ୍ଜ୍ୱଳ ଜ୍ୟୋତିଷ୍କ । ସାଂସ୍କୃତିକ ଓ ଆଧ୍ୟାତ୍ମିକ ବିଶ୍ୱର ବିସ୍ମୟ ରୂପେ ଶ୍ରୀକ୍ଷେତ୍ର ପୁରୀ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସମର୍ଥ ହୋଇଛି । ଓଡ଼ିଶାର ଐତିହ୍ୟ, ସଂସ୍କୃତି, ପରମ୍ପରା, ରୀତି, ନୀତି, ବିଶ୍ୱାସ ଓ ମହିମା ବିମଣ୍ଡିତ ଶ୍ରୀକ୍ଷେତ୍ର ପୁରୀ ସହିତ ଓତଃପ୍ରୋତ ଭାବରେ ଜଡ଼ିତ । ଅତୀତ ଓଡ଼ିଶାର ଧର୍ମ, ରାଜନୀତିରେ ଲୀଳା କ୍ଷେତ୍ର ପୁରୀ ଏକ ଉଲ୍ଲେଖନୀୟ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲା । ଧର୍ମ, ସାହିତ୍ୟ, ଦର୍ଶନ ଓ ତତ୍ତ୍ୱଭଳି ସଂସ୍କୃତିର ବିଭିନ୍ନ ଅଙ୍ଗକୁ ପରିପୁଷ୍ଟ ଓ ସମୃଦ୍ଧ କରିବା ଦିଗରେ ମର୍ତ୍ତ୍ୟ ବୈକୁଣ୍ଠ ତଥା ନିତ୍ୟ ବୃନ୍ଦାବନ ପୁରୀ ଏକ ସାର୍ଥକ ଭୂମିକା ଗ୍ରହଣ କରି ଆସିଥିଲା । ଶ୍ରୀକ୍ଷେତ୍ର ପୁରୀର ମହିମା ଓ ମହତ୍ତ୍ୱ ଅସୀମ, ଅନନ୍ୟ ତଥା ଅସାଧାରଣ । ଶ୍ରୀଜଗନ୍ନାଥ ସଂସ୍କୃତିକୁ କେନ୍ଦ୍ର କରି ଶ୍ରୀକ୍ଷେତ୍ରର ନିତ୍ୟ ମହୋତ୍ସବ ବିଶ୍ୱ ବିରଳ । ପବିତ୍ର ଶ୍ରୀକ୍ଷେତ୍ର ଧାମ ବହୁ ଗବେଷକ, ବିଦ୍ୱାନ, ଐତିହାସିକ, ସଂସ୍କୃତିପ୍ରେମୀ, ଧର୍ମପ୍ରାଣ ବ୍ୟକ୍ତି ଓ ଶ୍ରଦ୍ଧାଳୁ ସାଧୁ, ସିଦ୍ଧ, ସନ୍ନ୍ୟାସୀ, ସାଧକମାନଙ୍କୁ ସାଦରେ ଆକର୍ଷିତ କରେ । ସାମ୍ପ୍ରଦାୟିକ ସଦ୍‌ଭାବ ଓ ସଂପ୍ରୀତି, ଧାର୍ମିକ ଏକତା ଓ ସମନ୍ୱୟ, ବିଶ୍ୱଭ୍ରାତୃତ୍ୱ ଓ ପ୍ରେମ ଶ୍ରୀକ୍ଷେତ୍ର ପୁରୀରୁ ସମଗ୍ର ବିଶ୍ୱକୁ ପ୍ରଚାରିତ ଓ ପ୍ରସାରିତ ହୁଏ । ଶ୍ରୀକ୍ଷେତ୍ରର ମହାନାୟକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ମହିମାକୁ ବିଶ୍ୱବାସୀଙ୍କ ନିକଟରେ ଉପସ୍ଥାପନା କରିବା ଉଦ୍ଦେଶ୍ୟରେ ଏଠାରେ ଅନେକଗୁଡ଼ିଏ ମଠ ଗଢ଼ି ଉଠିଥିଲା । ହିନ୍ଦୁଧର୍ମର ବିଭିନ୍ନ ସଂପ୍ରଦାୟ ପୁରୀରେ ଅନେକ ମଠ ସ୍ଥାପନ କରି ଆଧ୍ୟାତ୍ମିକ ଦିଗ୍‌ବଳୟକୁ ଉଦ୍‌ଭାସିତ କରିବାରେ ସହାୟତା ପ୍ରଦାନ କରିଥିଲେ । ଶ୍ରୀଜଗନ୍ନାଥଙ୍କ ଦର୍ଶନ ତଥା କୃପାଭିକ୍ଷା କରିବାକୁ ଆସିଥିବା ବରେଣ୍ୟ ସାଧୁ, ସନ୍ଥ ଓ ସନ୍ନ୍ୟାସୀମାନେ ଶ୍ରୀକ୍ଷେତ୍ରରେ ଅନେକ ମଠ ପ୍ରତିଷ୍ଠା କରିଥିଲେ । ପୁରୀର ସର୍ବପ୍ରାଚୀନ ମଠ ରୂପେ ଗୋବର୍ଦ୍ଧନ ମଠକୁ ମାନ୍ୟତା ମିଳେ । ଆଦି ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଏହି ମଠ ନିର୍ମାଣ କରାଯାଇଥିଲା । ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିର ସହିତ ଶଙ୍କରାଚାର୍ଯ୍ୟ ମଠର ନିବିଡ଼ ସଂପର୍କ ଥିଲା । ଶ୍ରୀମନ୍ଦିରରୁ ମହାପ୍ରସାଦ ଏହି ମଠକୁ ଆଜି ପର୍ଯ୍ୟନ୍ତ ଆସିବାର ବ୍ୟବସ୍ଥା ଅଛି । ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଶ୍ରୀମନ୍ଦିରକୁ ଶ୍ରୀଜୀଉମାନଙ୍କର ଦର୍ଶନ କରିବାକୁ ଗଲେ ତାଙ୍କୁ ସ୍ୱତନ୍ତ୍ର ସୁବିଧା ଯୋଗାଇ ଦିଆଯାଇଥାଏ । ମଠ ପକ୍ଷରୁ ଗୁଣ୍ଡିଚା ମନ୍ଦିର ଓ ବାହୁଡ଼ା ପହଣ୍ଡି ସମୟରେ ପନ୍ତୀ ଭୋଗର ବ୍ୟବସ୍ଥା ଅଛି । ପୁରୀର ଅନ୍ୟ ଏକ ପ୍ରାଚୀନ ମଠ 'ଶଙ୍କରାନନ୍ଦ' ମଠ ନାମରେ ପରିଚିତ । ଶୃଙ୍ଗେରୀ ଶାରଦା ପୀଠର ଏହା ଏକ ଶାଖା ମଠ । ଶଙ୍କରାନନ୍ଦ ସରସ୍ୱତୀ ଏହି ମଠର ନିର୍ମାଣକର୍ତ୍ତା । ପୁରୀର ବାଲିସାହିସ୍ଥିତ ତିଆଡ଼ି ସାହିରେ ଏହି ମଠ ଅବସ୍ଥିତ । ଶ୍ରୀମନ୍ଦିର ସହିତ ମଠ ସଂପର୍କ ଅତି ଘନିଷ୍ଠ । ମଠ ତରଫରୁ ରଥଯାତ୍ରା ଓ ନିଳାଦ୍ରୀବିଜେରେ ପନ୍ତୀ ଭୋଗ କରାଯାଇଥାଏ । ମୁକ୍ତିମଣ୍ଡପ ଉପରେ ବସିବାର ଅଧିକାର ଏହି ମଠାଧୀଶଙ୍କର ଅଛି ।

ଶ୍ରୀଜଗନ୍ନାଥ ବଲ୍ଲଭ ମଠ ଶ୍ରୀମନ୍ଦିର ଓ ଗୁଣ୍ଡିଚା ମନ୍ଦିର ମଧ୍ୟସ୍ଥଳରେ ଅବସ୍ଥିତ । ଏହି ମଠରେ ଏକ ସୁମନୋହର ଉଦ୍ୟାନ ଅଛି । ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ଯଥାର୍ଥରେ ଶ୍ରୀଜଗନ୍ନାଥ ମନ୍ଦିରର ବଗିଚା ବୋଲି କୁହାଯାଏ । ଏହି ମଠର ପ୍ରତିଷ୍ଠାତା ଥିଲେ ବିଷ୍ଣୁସ୍ୱାମୀ ସଂପ୍ରଦାୟକର ବାବା ବ୍ରହ୍ମଚାରୀ । ଏହି ମଠର ସୌନ୍ଦର୍ଯ୍ୟ ବିମୋଣ୍ଡିତ ଉଦ୍ୟାନକୁ ଶ୍ରୀଜଗନ୍ନାଥଙ୍କର ଚଳନ୍ତି ପ୍ରତିମାମାନେ ବିଭିନ୍ନ ଉତ୍ସବରେ ଭ୍ରମଣରେ ଆସିଥାନ୍ତି । ଶ୍ରୀମନ୍ଦିରର ବିଭିନ୍ନ ରୀତି, ନୀତି, ପ୍ରଥା, ବିଶ୍ୱାସ, ପର୍ବପର୍ବାଣି ସହିତ ଶ୍ରୀଜଗନ୍ନାଥ ବଲ୍ଲଭ ମଠର ଗଭୀର ସଂପର୍କ ଅଛି । ଶ୍ରୀଜଗନ୍ନାଥଙ୍କର ବଡ଼ସିଂହାର ବେଶ ଉଦ୍ଦେଶ୍ୟରେ ଏହି ମଠରୁ ପ୍ରତିଦିନ ଫୁଲହାର ଯୋଗାଇ ଦେବାର ବ୍ୟବସ୍ଥା ଅଛି । ଶ୍ରୀଜଗନ୍ନାଥଙ୍କର ବଡ଼ସିଂହାର ବେଶ ଉଦ୍ଦେଶ୍ୟରେ ଏହି ମଠରୁ ପ୍ରତିଦିନ ଫୁଲହାର

ଯୋଗାଇ ଦେବାର ବ୍ୟବସ୍ଥା ରହିଛି । ପୁରୀ ମଠ ସଂସ୍କୃତିର ଅନ୍ୟ ଏକ ଉଜ୍ଜ୍ୱଳ କୀର୍ତ୍ତି ବଡ଼ ଓଡ଼ିଆ ମଠ । ଏହି ମଠର ପ୍ରତିଷ୍ଠାତା ପ୍ରସିଦ୍ଧ ଓଡ଼ିଆ ଭାଗବତର ରଚୟିତା ଅତିବଡ଼ି ଜଗନ୍ନାଥ ଦାସ । ପୁରୀ ବାସେଲୀ ସାହିରେ ଏହି ମଠ ଅବସ୍ଥିତ । ଗଜପତି ପ୍ରତାପରୁଦ୍ର ଦେବଙ୍କ ପାଟ ମହିଷୀ ଗୌରୀ ପାଟ ମହାଦେଈ ଏହି ସ୍ଥାନଟିକୁ ଜଗନ୍ନାଥ ଦାସଙ୍କୁ ଦାନ ସୂତ୍ରରେ ପ୍ରଦାନ କରିଥିଲେ । ରାଜକୀୟ ପୃଷ୍ଠପୋଷକତାରେ ଏହି ମଠ ତା'ର ଗୌରବକୁ ବହୁଗୁଣରେ ପ୍ରସାରିତ କରିଥିଲା । ଏହି ମଠର ଅଧୀନରେ ୨୦ଟି ମଠ ଥିବାର ଜଣାଯାଏ ଏବଂ ୨୦,୦୦୦ ଶିଷ୍ୟ ଏହି ମଠର ଅନୁଗାମୀ । ମହାପୁରୁଷ ଅତିବଡ଼ୀ ଜଗନ୍ନାଥ ଦାସ ସମୁଦ୍ରକୂଳରେ ଏକ କୁଡ଼ିଆ ନିର୍ମାଣ କରି ଆଧ୍ୟାତ୍ମିକ ଚର୍ଚ୍ଚାରେ ନିମଗ୍ନ ରହିଥିଲେ ଏବଂ ଏଠାରେ ଦେବତ୍ୱ ପ୍ରାପ୍ତି ହୋଇଥିଲେ । ଏହା ସାତ ଲହଡ଼ି ମଠ ନାମରେ ପରିଚିତ । ସାତ ଲହଡ଼ି ମଠ ଦୁଇଏକର ଜମି ଉପରେ ଅବସ୍ଥିତ । ମଠରେ ଜଗନ୍ନାଥ ଦାସ ଗୋସ୍ୱାମୀ, ପତିତପାବନ, ରାଧାକୃଷ୍ଣ, ଶାଳଗ୍ରାମ ଓ ଭାଗବତ ବାସୁଦେବ ପୋଥିଙ୍କୁ ପୂଜା ଅର୍ଚ୍ଚନା କରାଯାଏ । ପୁରୀର ଅନ୍ୟ ଏକ ପ୍ରସିଦ୍ଧ ମଠ ସୁନାଗୋସ୍ୱାମୀ ବା ସୁନାଗୋସେଇଁ ମଠ ନାମରେ ପରିଚିତ । ପୁରୀ ସହରର ଗୌଡ଼ବାଡ଼ ସାହିରେ ଏହି ମଠ ପ୍ରତିଷ୍ଠିତ । ଏହି ମଠଟି ଗୌଡ଼ୀୟ ସଂପ୍ରଦାୟରେ ଅନ୍ତର୍ଭୁକ୍ତ । ଶ୍ରୀମନ୍ଦିରର ଅଧିକାଂଶ ସେବାୟତମାନେ ଏହି ମଠରୁ ଗୁରୁମନ୍ତ୍ରରେ ଦୀକ୍ଷିତ ହୁଅନ୍ତି । ପ୍ରତିଦିନ ଶ୍ରୀମନ୍ଦିରର ଶ୍ରୀଜୀଉମାନଙ୍କ ପାଇଁ ସୁନାଗୋସାଇଁ ମଠ ତରଫରୁ ଶ୍ରୀପୟର ମାଳ ଯୋଗାଇ ଦିଆଯାଇଥାଏ । ଶ୍ରୀମନ୍ଦିରର ନୀତି ସହିତ ଏହି ମଠ ଅଙ୍ଗାଙ୍ଗୀ ଭାବରେ ସଂପୃକ୍ତ । ଏହି ମଠର ଆରାଧ୍ୟା ଦେବୀ ଅନ୍ନପୂର୍ଣ୍ଣା । ଏହି ମଠରେ ମଧ୍ୟ ଶ୍ରୀକୃଷ୍ଣ, ଗଣେଶ, ଶାଳଗ୍ରାମ ଇତ୍ୟାଦି ମୂର୍ତ୍ତି ପୂଜା ପାଇ ଆସୁଛନ୍ତି । ଏହି ମଠର ପ୍ରାୟ ୧୦ ଏକର ଧାନ ଜମି ରହିଅଛି । ଶ୍ରୀମନ୍ଦିରର ଦକ୍ଷିଣ-ପୂର୍ବ କୋଣସ୍ଥ ବାଲିରେ ରାଘବ ଦାସ ମଠ ଅବସ୍ଥିତ । ବିଦ୍ୱାନମାନଙ୍କ ମତରେ ୧୬୦୦ ଖ୍ରୀଷ୍ଟାବ୍ଦୀରେ ଏହି ମଠ ନିର୍ମାଣ କରାଯାଇଥିଲା । ଏହି ମଠ ପ୍ରତିଷ୍ଠା କରିଥିଲେ ରଘୁଦାସ । ଦୁଇ ଏକର ଜମି ଉପରେ ଏହି ମଠ ପ୍ରତିଷ୍ଠିତ । ଏହି ମଠର ୧୭ଜଣ ମହନ୍ତ ଆଜି ପର୍ଯ୍ୟନ୍ତ ଗାଦିନାସୀନ ଥିବାର ଜଣାଯାଏ । ୧୮୮୬ ଖ୍ରୀଷ୍ଟାବ୍ଦରେ ଶ୍ରୀରାମାନୁଜ ଏହି ମଠର ମହନ୍ତ ଥିଲେ । ଶ୍ରୀମନ୍ଦିରର ଅଧିକାଂଶ ଓଷା-ବ୍ରତ, ଯାନି-ଯାତ୍ରା, ପର୍ବପର୍ବାଣି ସହିତ ଏହି ମଠ ନିବିଡ଼ ଭାବରେ ସମ୍ବନ୍ଧ ଅଛି । ବହୁ ବଦାନ୍ୟ ବ୍ୟକ୍ତି ଅନେକ ସଂପତ୍ତି ଏହି ମଠକୁ ଦାନ କରିଛନ୍ତି । ଭୋଇବଂଶର ରାଜନ୍ୟ ମଣ୍ଡଳି ଓ ମରହଟ୍ଟା ଶାସକମାନେ ରାଘବ ଦାସ ମଠକୁ ଅନେକ ଭୂ-ସଂପତ୍ତି ଦାନ କରିଥିବାର ଜଣାଯାଏ । ଶ୍ରୀମନ୍ଦିରରେ ପ୍ରତିଦିନ ପ୍ରସ୍ତୁତ କରାଯାଉଥିବା ବଲ୍ଲଭ ଭୋଗ ନିମନ୍ତେ ଆବଶ୍ୟକ ପଦାର୍ଥ ଏହି ମଠରୁ ଯୋଗାଇ ଦିଆଯାଏ । ପୂର୍ବରୁ ଶ୍ରୀଜୀଉମାନଙ୍କର ବନକଲାଗି ପାଇଁ ଏହି ମଠରୁ ଆବଶ୍ୟକ ପଦାର୍ଥ ଯୋଗାଇ ଦିଆଯାଉଥିଲା କିନ୍ତୁ ବର୍ତ୍ତମାନ ଏହା ବନ୍ଦ ରହିଛି ।

ଜଗନ୍ନାଥବଲ୍ଲଭ ମଠ



ଶ୍ରୀକ୍ଷେତ୍ରରେ ସୁପ୍ରତିଷ୍ଠିତ ମଠମାନଙ୍କ ମଧ୍ୟରେ 'ଦର୍ପନାରାୟଣ ମଠ' ଅନ୍ୟତମ । କିନ୍ତୁ ଜନସାଧାରଣଙ୍କ ନିକଟରେ ଏହା ଦର୍ପଣମଠ ନାମରେ ଅଧିକ ପରିଚିତ । ପୁରୀ ମାର୍କଣ୍ଡେଶ୍ୱର ସାହିରେ ଏହି ମଠ ଅବସ୍ଥିତ । ବର୍ତ୍ତମାନ ଏହି ମଠଟି ଦେବୋତ୍ତର କମିଶନରଙ୍କ ପରିଚାଳନାରେ ଅନ୍ତର୍ଭୁକ୍ତ । ଏହି ମଠରେ ଦର୍ପନାରାୟଣ ଦେବଙ୍କ ବିଗ୍ରହକୁ ପୂଜା କରାଯାଏ । ଅନ୍ୟାନ୍ୟ ପାର୍ଶ୍ୱ ଦେବତାଙ୍କ ମଧ୍ୟରେ ଚନ୍ଦ୍ରଶେଖର, ରାଧାକୃଷ୍ଣ, ଲଡୁଗୋପାଳ ଓ ଶାଳଗ୍ରାମଙ୍କୁ ପୂଜା କରାଯାଏ । ଶ୍ରୀମନ୍ଦିର ଚୂଡ଼ାକୁ ଅକ୍ଷୁଣ୍ଣ ରଖିବାର ଦାୟିତ୍ୱ ଏହି ମଠକୁ ଦିଆଯାଇଅଛି । ମଠାଧୀଶ ଶ୍ରୀମନ୍ଦିରରେ ଆଲଟ ଓ ଚାମର ସେବାରେ ଅଧିକାର ପାଇଛନ୍ତି । ଦୋଳପୂର୍ଣ୍ଣିମା ସମୟରେ ଦୋଳଗୋବିନ୍ଦଙ୍କର ବିଜେ ଓ ବାହୁଡ଼ା ସମୟରେ ଦୁଇଟି ପନ୍ତୀ ଭୋଗ ଦିଆଯାଏ । ପୁରୀର ଅନ୍ୟତମ ପ୍ରାଚୀନ ମଠ ଭାବରେ 'ଶ୍ରୀରାଧାକାନ୍ତ ମଠ'ର ସୁଖ୍ୟାତି ଅଛି । ବାଲିସାହିର ମୁଖ୍ୟ ରାସ୍ତାରେ ଏହି ମଠଟି ଅବସ୍ଥିତ । ଶ୍ରୀଚୈତନ୍ୟ ମହାପ୍ରଭୁ ଏହି ମଠରେ ଅବସ୍ଥାନ କରିଥିଲେ । ଶ୍ରୀଚୈତନ୍ୟ ବା ଗୌରାଙ୍ଗ ମହାପ୍ରଭୁଙ୍କ ନାମାନୁସାରେ ଏହି ମଠର ଅନ୍ୟଏକ ନାମ ଗୌରାଗମ୍ଭୀରା । ଶ୍ରୀରାଧାକାନ୍ତ ମଠରେ ରାଧାକାନ୍ତ, ରାଧାରାଣୀ, ଚୈତନ୍ୟ ମହାପ୍ରଭୁ, ଲଡୁଗୋପାଳ ପ୍ରଭୃତିଙ୍କୁ ପୂଜା କରାଯାଏ । ରାଧାକାନ୍ତ ମଠ ଶ୍ରୀମନ୍ଦିର ଏବଂ ଶ୍ରୀଜୀଉମାନଙ୍କର ବିଭିନ୍ନ ପର୍ବପର୍ବାଣିମାନଙ୍କରେ ସଂକୀର୍ତ୍ତନ କରିବାର ଅଧିକାର ଗଜପତି ପ୍ରତାପରୁଦ୍ର ଦେବଙ୍କ ସମୟରୁ ପାଇ ଆସିଛନ୍ତି । ଗୁଣ୍ଡିଚା ମନ୍ଦିରର ଭିତର ବେଢ଼ା ଏହି ମଠଦ୍ୱାରା ପରିଷ୍କାର କରାଯାଏ । ଶ୍ରୀମନ୍ଦିର ସିଂହଦ୍ୱାର ବାମପାର୍ଶ୍ୱରେ 'ଛାଉଣୀମଠ' ଅବସ୍ଥିତ । ଏହି ମଠ ଗଜପତି ମହାରାଜା ତଥା ମହାରାଣୀମାନଙ୍କର ଗୁରୁଗାଦି ରୂପେ ନାମିତ । ରଘୁନାଥ ଦାସ ଏହି ମଠର ପ୍ରତିଷ୍ଠାତା । ଦେବୋତ୍ତର ବିଭାଗ ଅଧୀନରେ ଏହି ମଠ ପରିଚାଳିତ । ମୋଗଲମାନଙ୍କ ଶ୍ରୀଜଗନ୍ନାଥ ମନ୍ଦିର ଆକ୍ରମଣ ସମୟରେ ହଜାର ହଜାର ସାଧୁ, ସନ୍ଥ, ସନ୍ନ୍ୟାସୀମାନଙ୍କ ଏଠାରେ ଏକତ୍ରୀତ ବା ଛାଉଣୀ ହୋଇ ପ୍ରତିରୋଧ କରୁଥିଲେ । ମଠ

ସଂସ୍କୃତିକୁ ଉଜ୍ଜୀବିତ କରିଥିବା ପୁରୀର ମଠମାନଙ୍କ ମଧ୍ୟରେ 'ସିଦ୍ଧବକୁଳ ମଠ' ଅନ୍ୟତମ । ଏହି ମଠର ପ୍ରତିଷ୍ଠାତା ଶ୍ରୀ ହରି ଦାସ । କାର୍ତ୍ତିକ ମାସରେ ଶ୍ରୀଜୀଉମାନଙ୍କୁ ବାଳଧୂପ ଭୋଗ ନିମନ୍ତେ ପ୍ରତିଦିନ ଏହି ମଠରୁ ଭୋଗ ଯୋଗାଇ ଦିଆଯାଇଥାଏ । ପୁରୀ ବାଲି ସାହିର ଶ୍ୱେତଗଙ୍ଗା ପୁଷ୍କରିଣୀ ସମ୍ମୁଖରେ ଗଙ୍ଗାମାତା ମଠ ପ୍ରତିଷ୍ଠିତ । ଚାରିଶହ ବର୍ଷର ପୁରାତନ ଏହି ମଠଟି । ଏହି ମଠର ଐତିହାସିକ ଗୁରୁତ୍ୱ ଏଠାରେ ଥିବା ଏକ ଗୁପ୍ତ ସୁଡଙ୍ଗ । ଏହି ସୁଡଙ୍ଗକୁ ବିପଦ ସମୟରେ ଗଜପତି ମହାରାଜା ଓ ଅନ୍ୟାନ୍ୟ ମୁଖ୍ୟ କର୍ମଚାରୀମାନେ ବ୍ୟବହାର କରୁଥିବାର ବିଶ୍ୱାସ କରାଯାଏ । ପୁରୀର ଦୋଳମଣ୍ଡପ ସାହିରେ 'ରାଧାବଲ୍ଲଭ ମଠ' ଅବସ୍ଥିତ । ଶ୍ରୀରାଧାବଲ୍ଲଭ ଜୀଉ ମଠର ଆରାଧ୍ୟ ଦେବତା । ମଠରେ ଝୁଲଣଯାତ୍ରା ମହାସମାରୋହରେ ପାଳନ କରାଯାଏ । 'ବଡ଼ସନ୍ଥ ମଠ' ପୁରୀ ମାର୍କଣ୍ଡେଶ୍ୱର ସାହିରେ ଅବସ୍ଥିତ । ଉକ୍ତ ମଠଟି ରାମାନନ୍ଦୀ ସଂପ୍ରଦାୟର । ଲୋକକଥାରେ ଶୁଣାଯାଏ ପୂର୍ବେ ଏଠାରେ ଶତାଧିକ ସାଧୁ, ସନ୍ଥ, ସନ୍ନ୍ୟାସୀମାନେ ଏହି ମଠରେ ଆଶ୍ରୟ ନେଉଥିବାରୁ ଏହାକୁ 'ବଡ଼ସନ୍ଥ ମଠ' ବୋଲି କୁହାଯାଏ ।

ରଥଯାତ୍ରା ସମୟରେ ଗୁଣ୍ଡିଚା ମନ୍ଦିରରେ ଓ ରଥ ଉପରେ ମଠ ପକ୍ଷରୁ ରଥଭୋଗ କରାଯାଏ । ପୁରୀର କାଳିକା ଦେବୀ ସାହିରେ 'ନରସିଂହଚାରୀ ମଠ' ଅବସ୍ଥିତ । ଏହି ମଠିଟି ରାମାନୁଜ ସଂପ୍ରଦାୟର । ଏହାକୁ ଆଚାରୀ ମଠ ବୋଲି ମଧ୍ୟ କୁହାଯାଏ । ଶ୍ରୀନୃସିଂହ ଏହି ମଠର ଆରାଧ୍ୟ ଦେବତା । ପୁରୀର ମଠମାନଙ୍କ ମଧ୍ୟରେ 'ପାପୁଡ଼ିଆ ମଠ' ଅନ୍ୟତମ । ସ୍ୱାମୀ ପିପ୍ଲାୟନଜୀ ମହାରାଜାଙ୍କ ନାମରେ 'ପିପ୍ଲାୟନ' ମଠ ନାମିତ ହୋଇଥିଲେ ମଧ୍ୟ ଜନସାଧାରଣ ଏହାକୁ ପାପୁଡ଼ିଆ ମଠ ବୋଲି କହିଥାନ୍ତି । ଏହି ମଠରେ ବହୁ ନାଗା ଶ୍ରେଣୀୟ ସାଧୁମାନେ ଆଶ୍ରୟ ନେଉଥିଲେ । ପାପୁଡ଼ିଆ ମଠର ମୁଖ୍ୟ ଦେବତା ଶ୍ରୀରଘୁନାଥ ଜୀଉ । ପୁରୀର କାଳିକାଦେବୀ ସାହିରେ 'ବଳରାମ କୋଟମଠ' ଅବସ୍ଥିତ । ଏହା ପଞ୍ଚସଖା ଯୁଗର ପ୍ରସିଦ୍ଧ ଭକ୍ତ ବଳରାମ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ । ଅତୀତରେ ନିରାଶୟମାନଙ୍କୁ ଏହି ମଠରେ ଆଶ୍ରୟ ଦିଆଯାଉଥିଲା ଏବଂ ଅନ୍ନଛତ୍ର ପ୍ରଦାନ କରାଯାଉଥିଲା । ବର୍ତ୍ତମାନ ଅନ୍ନଛତ୍ର ବନ୍ଦ ଅଛି । କିନ୍ତୁ କେତେକ ଆଶ୍ରୟହୀନ ଛାତ୍ର ଓ ବୈଷ୍ଣବମାନଙ୍କୁ ଏହି ମଠରେ ଆଶ୍ରୟ ଓ ପ୍ରସାଦ ସେବନର ସୁଯୋଗ ଯୋଗାଇ ଦିଆଯାଉଅଛି । ପୁରୀର ମରିଚିକୋଟ ଛକ ନିକଟରେ କାପୁଡ଼ିଆ ମଠ ଅବସ୍ଥିତ । ଏହି ମଠର ପ୍ରତିଷ୍ଠାତା ସାଧୁ ମଣିରାମ ଦାସଜୀ । ପ୍ରତିବର୍ଷ ରଥଯାତ୍ରା ସମୟରେ ଏହି ମଠକୁ ବହୁ ସାଧୁସନ୍ଥମାନଙ୍କର ଆଗମନ ହୋଇଥାଏ । ପୁରୀର ବଳଗଣ୍ଡି ସାହିରେ 'କାଚରାମଠ' ଅବସ୍ଥିତ । କାଚରା ସଂପ୍ରଦାୟର ବ୍ୟକ୍ତିମାନଙ୍କ ଦ୍ୱାରା ଏହି ମଠ ପ୍ରତିଷ୍ଠିତ । ୧୯୦୧ ମସିହାରେ କଟକ ଜିଲ୍ଲାର ହାଜିପୁର ବାସିନ୍ଦା ଭୋଳିନନ୍ଦୀଙ୍କ ଉଦ୍ୟମରେ ଏହି ମଠ ପ୍ରତିଷ୍ଠା କରାଯାଇଥିଲା । ବଡ଼ଦାଣ୍ଡରେ 'ଶୁଭଲକ୍ଷ୍ମୀ ନାରାୟଣ ଛତାମଠ' ଅବସ୍ଥିତ ।

ସାଧାରଣରେ ନାରାୟଣୀ ଛତା ମଠ ନାମରେ ବିଦିତ । ମଠର ଇଷ୍ଟଦେବତା ରୂପେ ଶୁଭଲକ୍ଷ୍ମୀ ନାରାୟଣ ଦେବଙ୍କ ବିଗ୍ରହ ପୂଜା ପାଇ ଆସୁଛନ୍ତି । ଦିଲ୍ଲୀ ବାଳକ 'ରାମ ଦାସ ମଠ' ନାମରେ ଏକ ମଠ ପୁରୀ ଗୁଣ୍ଡିଚା ମନ୍ଦିରର ବାମପାର୍ଶ୍ୱରେ ଅବସ୍ଥିତ । ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ଏହି ମଠଟି ପରିଚାଳିତ । ପୁରୀର ଝାଡ଼େଶ୍ୱରୀ ସାହିରେ 'ଚାଉଳିଆ ମଠ' ଅବସ୍ଥିତ । ଲୋକମୁଖରୁ ଶୁଣାଯାଏ ପୂର୍ବେ ଶ୍ରୀମନ୍ଦିରର ଶ୍ରୀଜୀଉମାନଙ୍କ ପାଇଁ ଏହି ମଠରୁ ଚାଉଳିଆ (ଫଳ) ବଲ୍ଲଭ ଭୋଗ ପାଇଁ ଯାଉଥିଲା । ବର୍ତ୍ତମାନ ଏ ବ୍ୟବସ୍ଥା ବନ୍ଦ ରହିଛି । ପୁରୀ ସମୁଦ୍ର କୂଳରେ 'ସତାସନ ମଠ' ବିଦ୍ୟମାନ । ଏହା ସାତଟି ମଠର ସମାହାର ନେଇ ଗଠିତ । ବଡ଼ଆସନ ମଠ, କଦଳିପଟୁକା ଆସନ ମଠ, ଗିରିଧାରୀ ଆସନ ମଠ, ଗୁମ୍ଫା ଆସନ ମଠ, ଶ୍ୟାମସୁନ୍ଦର ଆସନ ମଠ, କୃଷ୍ଣ ବଳରାମ ଆସନ ମଠ ଓ ମଦନମୋହନ ଆସନ ମଠକୁ ନେଇ ସତାସନ ମଠ ଗଠିତ । ଏହି ସାତଟି ମଠ ମଧ୍ୟରୁ ତିନୋଟି ମଠ ସଂପୂର୍ଣ୍ଣ ରୂପେ ଧ୍ୱଂସ ପାଇଛି । ପୁରୀରେ ଗଢ଼ି ଉଠିଥିବା ମଠଗୁଡ଼ିକ ଅତୀତର ଧର୍ମ, ସଂସ୍କୃତି, ଶିକ୍ଷା ବ୍ୟବସ୍ଥାର ବିକାଶରେ ସହାୟତା ପ୍ରଦାନ କରୁଥିଲେ । ନିରାଶ୍ରୟମାନଙ୍କୁ ଆଶ୍ରୟ ଓ ଅନ୍ନଛତ୍ର ପ୍ରଦାନ କରି ମଠଗୁଡ଼ିକ ନିଜ ମହନୁଭବତାର ପରିଚୟ ଦେଇଛନ୍ତି । ଦୂରଦୂରାନ୍ତରୁ ଆସୁଥିବା ସିଦ୍ଧ, ସାଧୁ, ସନ୍ନ୍ୟାସୀମାନଙ୍କୁ ପୁରୀ ମଠଗୁଡ଼ିକ ସୁନ୍ଦର ଆତିଥେୟତା ପ୍ରଦାନ କରିବା ସହିତ ସମ୍ବର୍ଦ୍ଧିତ କରୁଥିଲେ । ପୁରୀରେ ଅବସ୍ଥିତ ଥିବା ମଠମାନଙ୍କର ଐତିହ୍ୟ ଓ ଇତିହାସ ସମୃଦ୍ଧ । ଏମାନେ ଓଡ଼ିଶାର ଧାର୍ମିକ ଆକାଶର ଗୋଟିଏ ଗୋଟିଏ ଉଜ୍ଜ୍ୱଳ ନକ୍ଷତ୍ର । ଓଡ଼ିଶାର ଧାର୍ମିକ ଇତିହାସରେ ପୁରୀର ମଠ ସଂସ୍କୃତି ଏକ କାଳଜୟୀ ଅଧ୍ୟାୟ । ଓଡ଼ିଶାର ଧାର୍ମିକ ବିଭବ ରୂପେ ଶ୍ରୀକ୍ଷେତ୍ରର ମଠ ସଂସ୍କୃତିକୁ ବିବେଚିତ କରାଯାଏ ।

**ସହାୟକ ଗ୍ରନ୍ଥସୂଚୀ**


୧. ପୁରୀର ମଠ ସଂସ୍କୃତି, ଭାସ୍କର ମିଶ୍ର ।

୨. ବିଭିନ୍ନ ମଠ ସହ ଶ୍ରୀନ୍ଦିର ସମ୍ପର୍କ, ମହିମୋହନ ତ୍ରିପାଠୀ ।



ଇତିହାସ ବିଭାଗ
ସନାତନ ହରିଚନ୍ଦନ ମହାବିଦ୍ୟାଳୟ
ମଦନପୁର, ଖୋର୍ଦ୍ଧା-୭୫୨୦୫୪

# ଜଗନ୍ନାଥ ସଂସ୍କୃତିରେ ଜାଗା ଆଖଡ଼ାର ତାତ୍ପର୍ଯ୍ୟ

ଡଃ ବିନୋଦିନୀ ଦାସ

ଶ୍ରୀପୁରୁଷୋତ୍ତମେ ଭଦେ ଶ୍ରୀପୁରୁଷୋତ୍ତମ,
ଯାହା ତତ୍ତ୍ୱ ଖୋଜି ନପାରନ୍ତି ବୁଦ୍ଧୋତ୍ତମ ।
ଶଙ୍ଖ ନାଭି ମଣ୍ଡଳେ ପରିଖା ମହୋଦଧି,
ପାପୀ ପାପ ନାଶନେ ଅବ୍ୟର୍ଥ ମହୌଷଧି ।

- ନୀଳାଚଳ ମାଧୁରୀ

ଚନ୍ଦ୍ରଶେଖର ପଟ୍ଟନାୟକଙ୍କର ନୀଳାଚଳ ମାଧୁରୀ ୧୯୭୭ ପ୍ରକାଶିତ ହେବାର ଯଥେଷ୍ଟ ପୂର୍ବରୁ ଚିନ୍ତାମଣି ମହାନ୍ତିଙ୍କ ରଚିତ କାବ୍ୟରେ କବି ଉଲ୍ଲେଖ କରିଛନ୍ତି ଯେ, 'ଏହି ମହୋଦଧି ବେଳାଭୂମିର ସୁଷମାରେ ମୁଗ୍ଧ ହୋଇ ଶ୍ରୀଜଗନ୍ନାଥ ଏଠାରେ ନିଜର ନିବାସ ବାଛି ନେଇଛନ୍ତି । ସେ ମୌନ ଅଥଚ ତାଙ୍କରି ସ୍ତୁତି ଗାନରେ ଶ୍ରୀକ୍ଷେତ୍ର ଅହରହ ମୁଖରିତ । ଶ୍ରୀଜଗନ୍ନାଥ ଏବଂ ମନ୍ଦିରରେ ଚତୁର୍ବର୍ଗ ଠୁଳ ହୋଇଛନ୍ତି । ଐତିହାସିକ ଦୃଷ୍ଟିକୋଣୁ ବିଚାର କଲେ ଜଗନ୍ନାଥ ସଂସ୍କୃତିର ଅଙ୍କୁରୋଦଗମ ଗଙ୍ଗବଂଶ ନରପତି ଅନଙ୍ଗବର୍ମନ୍ ଚୋଡ଼ଗଙ୍ଗ ଦେବଙ୍କ ଦ୍ୱାରା ୧୨ଶତ ଶତାବ୍ଦୀର ପ୍ରାରମ୍ଭରେ ହୋଇଥିଲା । ସମ୍ରାଟ ଅଶୋକଙ୍କର କଳିଙ୍ଗ ଆକ୍ରମଣ ସମୟରେ ଓଡ଼ିଶାର ପ୍ରଚଳିତ ଧର୍ମ ଉପରେ ସବିଶେଷ ବିବରଣୀ ଏ ଯାବତ୍ ହସ୍ତଗତ ହୋଇନାହିଁ । ହେଲେ ଏହା ସୁସ୍ପଷ୍ଟ ଯେ ସମୟର ଘୂର୍ଣ୍ଣନ ପ୍ରକ୍ରିୟାରେ ଓଡ଼ିଶା ମାଟିରେ ବିଭିନ୍ନ ସମୟରେ ଅନେକ ଧର୍ମ ନିଜ ନିଜର କାୟା ବିସ୍ତାର କରି ସ୍ୱନିହିତ ସାରତତ୍ତ୍ୱକୁ ଆପୋଷ ବୁଝାମଣା ମାଧ୍ୟମରେ ପରସ୍ପର ସହିତ ସଂଶ୍ଳିଷ୍ଟ ହୋଇ ଏକ ନୂତନ ଧର୍ମର ଉତ୍ପତ୍ତିକୁ ଲାଗି ବିଶାଳ କ୍ଷେତ୍ର ପ୍ରସ୍ତୁତ କରି ଦେଇଥିଲେ । ଯାହାର ଫଳ ସ୍ୱରୂପ ଆଜିର ଶ୍ରୀଜଗନ୍ନାଥ ସଂସ୍କୃତି ଏକ ସର୍ବଧର୍ମ ସମନ୍ୱୟ ସଂସ୍କୃତି ଭାବରେ ସମଗ୍ର ବିଶ୍ୱରେ ଆଦୃତ ହୋଇଅଛି ।

ଅନେକ ଅନୁକୂଳ ଏବଂ ପ୍ରତିକୂଳ ପରିସ୍ଥିତି ଦେଇ ଏକ ମାନବ ସଂସ୍କୃତିର ସଂଜ୍ଞା ବହନ କରି ଅନେକ ଧର୍ମକୁ ନିଜ ଭିତରେ ବିଲୀନ କରିଦେଇଛି । ଜୈନଧର୍ମ ଓ ବୌଦ୍ଧ ଧର୍ମର ବର୍ଣ୍ଣ ବୈଷମ୍ୟ ଦୂରୀକରଣ ଏବଂ ନାରୀ ସ୍ୱାଧୀନତାର ବାର୍ତ୍ତା ଜଗନ୍ନାଥ ସଂସ୍କୃତି କେବଳ ଓଡ଼ିଶାବାସୀଙ୍କୁ ନୁହେଁ ସମଗ୍ର ବିଶ୍ୱକୁ ଅବଗତ କରାଇଅଛି । ନାରୀ ଯେ ଅବଳା ଦୁର୍ବଳା ନୁହେଁ ଏବଂ ଜଣେ ଦୃଢ଼ମନା, ସଂକଳ୍ପବଦ୍ଧ । ବୁଦ୍ଧିମତି ନାରୀ ଏକାକୀ ଭାବରେ ପୁରୁଷ କୈନ୍ଦ୍ରିକ ସମାଜ ଭିତରେ ସ୍ୱର ଉତ୍ତୋଳନ କରିବା ଉଚିତ୍ ବୋଲି ଜଗନ୍ନାଥ ସଂସ୍କୃତି କାହିଁ କେଉଁ କାଳରୁ ଜନମାନସ ଚେତନାରେ ଏକ ବିପ୍ଳବର ବାର୍ତ୍ତା ପ୍ରଦାନ କରିଅଛି । ନାରୀ ଜାତିର ମହାନତାକୁ ଉତ୍‌ଥାପିତ କରିବାକୁ ଯାଇ ମହାଲକ୍ଷ୍ମୀଙ୍କ କଣ୍ଠରେ ଜାତି, ଧର୍ମ, ବର୍ଣ୍ଣବୈଷମ୍ୟର ବିଭେଦ ବିରୁଦ୍ଧରେ ଏବଂ ଏହାର ଦୂରୀକରଣ ନିମିତ୍ତ ଏକ ବୈପ୍ଳବିକ ଚେତନା ସୃଷ୍ଟି କରିଛି । ଭକ୍ତରନାଥ ଜଗନ୍ନାଥ, ଦାସିଆ ବାଉରୀର ନାଥ ଜଗନ୍ନାଥ, ସାଲବେଗର ନାଥ ଜଗନ୍ନାଥ, ଜଗନ୍ନାଥ ସଂସ୍କୃତିରେ ଜାତି କାହିଁ ? ଜଗନ୍ନାଥ ସଂସ୍କୃତିରେ ମାନବ ସମାଜର ଦୁଇଟି ଜାତିକୁ ସ୍ୱୀକୃତି ପ୍ରଦାନ କରାଯାଇଛି, ଜଣେ ହେଉଛି ନାରୀ ଆଉ ଜଣେ ପୁରୁଷ ।

୧୮୦୩ ଖ୍ରୀଷ୍ଟାବ୍ଦରେ ଇଂରେଜମାନଙ୍କ ଦ୍ୱାରା ଓଡ଼ିଶା ଅଧିକୃତ ହେବାପରେ ଖ୍ରୀଷ୍ଟଧର୍ମୀ ଗୋରା ସାହେବମାନେ ଓଡ଼ିଆ ଲୋକମାନଙ୍କର ଧାର୍ମିକ ସ୍ୱାଭିମାନରେ କୌଣସି ଆଞ୍ଚ ଆସିଲା ଭଳି କାର୍ଯ୍ୟ କରିନଥିଲେ । ବରଂ ମରହଟ୍ଟାମାନଙ୍କୁ ଅନୁକରଣ କରି ମନ୍ଦିରର ନୀତି ନିୟମ ରକ୍ଷଣାବେକ୍ଷଣ ଆଦିର ସମସ୍ତ କାର୍ଯ୍ୟକୁ ଯାତ୍ରୀ କର ଆଦାୟ କରି ତୁଲାଉଥିଲେ । ଖ୍ରୀଷ୍ଟିଆନ ପାଦ୍ରୀମାନଙ୍କର ବିରୋଧ ସତ୍ତ୍ୱେ ୧୮୪୦ ପର୍ଯ୍ୟନ୍ତ ବ୍ରିଟିଶ ସରକାର ମନ୍ଦିରର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହିଥିଲେ । ତଥାପି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ମନ୍ଦିରର କୌଣସି ବ୍ୟତିକ୍ରମ ଘଟିନଥିଲା କିମ୍ବା ଜଗନ୍ନାଥ ସଂସ୍କୃତିରେ କୌଣସି କ୍ଷୟ ହୋଇନଥିଲା । ମନ୍ଦିରର ସେବକ ପୁରୀ ପଣ୍ଡାମାନଙ୍କର ଆତ୍ମସ୍ୱାର୍ଥ ଏବଂ ଉଚ୍ଚାଭିଳାଷ ପୁଣିଥରେ ସଂକୀର୍ଣ୍ଣତାକୁ ଦୋହରାଇବାରୁ ଏହାର ତୀବ୍ର ବିରୋଧ କରି ଏକ ପ୍ରତିକ୍ରିୟାଶୀଳ ସାମାଜିକ ସଂସ୍କାର ପ୍ରକ୍ରିୟାରେ ଉନବିଂଶ ଶତାବ୍ଦୀର ମଧ୍ୟଭାଗରେ ଜନ୍ମଲାଭ କଲା ମହିମାଧର୍ମ । ଉତ୍କଳ ଦୀପିକାରେ ପ୍ରକାଶିତ ତଥ୍ୟାନୁଯାୟୀ ୧୮୮୧ ମସିହା ମାର୍ଚ୍ଚ ମାସ ୧ ତାରିଖରେ ମହିମାଧର୍ମରେ ଦୀକ୍ଷିତ ଦଶାରାମ ସର୍ଦ୍ଦାରର ନେତୃତ୍ୱରେ ୧୨ ଜଣ ପୁରୁଷ ଓ ୩ ଜଣ ନାରୀ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ବିଗ୍ରହମାନଙ୍କୁ ଅଗ୍ନିସଂଯୋଗ କରି ତା'ର ପାଉଁଶକୁ ନିଜ ଶରୀରରେ ଲେପନ କରି ମନ୍ଦିରରେ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ । ହେଲେ ସେମାନେ କୃତକାର୍ଯ୍ୟ ହୋଇପାରିନଥିଲେ । ବଙ୍ଗଳାରୁ ବ୍ରାହ୍ମ

ସମାଜର ସାଂସ୍କୃତିକ ଅନୁପ୍ରବାହ ମଧ୍ୟ ଜଗନ୍ନାଥ ସଂସ୍କୃତି ଉପରେ କୌଣସି ପ୍ରବାହ ପକାଇ ପାରିନଥିଲା । ଜଗନ୍ନାଥ ସଂସ୍କୃତି ଏକ ବୁଦ୍ଧିମନ୍ତ ସଂସ୍କୃତି । ଏହାର ଭାବଧାରାକୁ ଦାର୍ଶନିକ ଏବଂ ମନସ୍ତାତ୍ତ୍ୱିକ ଭିତ୍ତିରେ ବିଚାର କଲେ ଜଣାଯାଏ ଯେ ଏହା ମାନବ ସମାଜକୁ ପୁରୁଷାର୍ଥ କର୍ମ କରିବା ପାଇଁ ପ୍ରେରଣା ଓ ଉତ୍ସାହ ପ୍ରଦାନ କରି ସମାଜକୁ ପ୍ରଗତିଶୀଳ କରାଇ ଆସୁଅଛି ।

ଜଗନ୍ନାଥ ସଂସ୍କୃତିର ଆଦିପୀଠ ପୁରୀ ଯାହା ଶ୍ରୀକ୍ଷେତ୍ରଧାମ ପୁରୀ ବୋଲି ଓଡ଼ିଶା କାହିଁକି ସମଗ୍ର ଭାରତବର୍ଷରେ ବିଦିତ । ଖାଣ୍ଟି ଓଡ଼ିଆ ମଫସଲି ଭାଷାରେ ପୁରୀକୁ କହନ୍ତି ପୁରୁଷୋତ୍ତମ । ଜଗନ୍ନାଥ ସଂସ୍କୃତିର ଜାଗା ଆଖଡ଼ା ଘରର ତାତ୍ପର୍ଯ୍ୟକୁ ବିଚାର କଲେ ଅନୁଭବ କରିହୁଏ ଯେ ଏହା ତତ୍କାଳୀନ ସମାଜର ଏକ ମନୋରଞ୍ଜନ କେନ୍ଦ୍ର ରୂପରେ ପ୍ରତିଷ୍ଠା ଲାଭ କରିଥିଲା । କୁହାଯାଏ ଯେ, ରମେଇ ରାଉତରାୟ ଓରଫ୍ ରାମଚନ୍ଦ୍ର ଦେବ (୧୫୬୪ରୁ ୧୫୯୨)ଙ୍କ ସମୟରେ ସୃଷ୍ଟି ଏ ସାହିଯାତ । ପୁରୀର ମୁଖ୍ୟ ବାସିନ୍ଦା କହିଲେ ମହାପ୍ରଭୁଙ୍କ ପଣ୍ଡା, ସେବକ, ସୁଆର, ମାଳୀ ଇତ୍ୟାଦିଙ୍କୁ ବୁଝାଏ । ମନ୍ଦିର ସେବାରେ ନିମଗ୍ନ ଏହି ବ୍ୟକ୍ତିମାନଙ୍କୁ ଆମୋଦପ୍ରମୋଦ କରିବା ପାଇଁ ଏବଂ ସେମାନଙ୍କ ମନରେ ନିଷ୍ଠା ଓ ପରସ୍ପର ସହିତ ସୌହାର୍ଦ୍ଦ ସ୍ଥାପନ କରିବା ଲାଗି ହୁଏତ ରାଜା ରାମଚନ୍ଦ୍ର ଦେବ ଆମୋଦ ପ୍ରମୋଦ ସ୍ଥଳୀ ଭାବରେ ପ୍ରତିଷ୍ଠା କରିଥିଲେ । ବାସ୍ତବରେ ବୁଝିବାକୁ ଗଲେ ଜାଗା ଆଖଡ଼ା ଘର ସଂସ୍କୃତିର ଏକ ବିରାଟ ବିଦ୍ୟାଳୟ । ଏହା ସହିତ ସଂପୃକ୍ତ ପ୍ରତ୍ୟେକ ବ୍ୟକ୍ତି ବିଭିନ୍ନ ପ୍ରକାର କଳାରେ ନୈପୁଣ୍ୟତା ଲାଭ କରିବା ଲାଗି ଯଥେଷ୍ଟ ଉତ୍ସାହ ପ୍ରଦାନ କରାଯାଇଥାଏ । ପ୍ରତ୍ୟେକ ଲୋକ ଗୀତ, ବାଦ୍ୟ, କୁସ୍ତି, ସଂସ୍କୃତ ଶ୍ଳୋକ ଜାଣିଥିବେ କିଛି ସନ୍ଦେହ ନାହିଁ ।

ପ୍ରତ୍ୟେକ ଜାଗା ଆଖଡ଼ା ଘର ପାଖରେ ଏକ ସ୍ୱଚ୍ଛ ପୁଷ୍କରିଣୀ ଥାଏ । ଯହିଁରେ ସାହିର ଜୁଆନ ଟୋକାମାନେ କଳିକତି ଗାମୁଛା ପିନ୍ଧି କାନ୍ଧରେ ପାଚିଲା ଗାମୁଛା ପକାଇ, କାନରେ ଗୁଡ଼ାଖୁ ଖୋସି, ବସି ସକାଳୁ ଜାଗା ଆଖଡ଼ା ଘରେ ପହଞ୍ଚି ଯାଇଥାନ୍ତି । ଆସିଲାବେଳେ ଦୋକାନଘରୁ, ଗଞ୍ଜେଇ, ପତି, ମରିଚ ମସଲା ଆଦି କିଣି ଆଣିବାକୁ ଭୁଲନ୍ତି ନାହିଁ । କେତେକ ରସିକ ନାଗରଚୂଡ଼ାମଣି ପରି କାନ୍ଧରେ ଗୋବରା ଚଢ଼େଇ, ପାତି ମାଙ୍କଡ଼ ବା ଝିଙ୍କ ନେଇ ଆସିଥାନ୍ତି । ସେଠାରେ ପହଞ୍ଚିବା ପରେ ସେମାନଙ୍କ ମଧ୍ୟରୁ କେତେ ଜଣ ଶିଳରେ ଭାଙ୍ଗ ବାଟନ୍ତି । ଆଉ କେତେ ଜଣ ଚକ୍ର ଦାଣ୍ଡି ଓ ଠେଲାପେଲା ସହ କୁସ୍ତି କରନ୍ତି । ଏହା ପୁରୀବାସୀଙ୍କ ଭାଷାରେ ମେହେନତ । ତତ୍ପରେ କିଛି ସମୟ ବିଶ୍ରାମ ନେଇ ଦେହରୁ ଝାଳମାରି ଗୁଣୁ ଗୁଣୁ ଗୀତ ଗାଇ ନିଗୁଦି ଓ ଭାଙ୍ଗ ପାଣି ପିଅନ୍ତି । ତତ୍ପରେ ପୁଷ୍କରିଣୀକୁ ଲମ୍ଫ ପ୍ରଦାନ କରି ଗାଧୁଆ କାମ ସାରି ଜାଗା ଆଖଡ଼ା ଘରେ ଥିବା ଦିଅଁଙ୍କୁ ପ୍ରଣାମ କରି ଦୈନନ୍ଦିନ କର୍ମ ଅଭିମୁଖେ ବାହାରି ଆସନ୍ତି ।

ଚନ୍ଦନ ଯାତ ସମୟରେ ଜାଗା ଆଖଡ଼ା ଘରୁ ନାଗା, ମେଢ଼, ସଂକୀର୍ତ୍ତନ ପ୍ରଭୃତି ଆସି ମନ୍ଦିରରୁ ନରେନ୍ଦ୍ର ପୁଷ୍କରିଣୀ ଯିବା ବାଟରେ ପଟୁଆରରେ ସାମିଲ ହୁଅନ୍ତି । ସେମାନଙ୍କ ସହିତ ମାହାରୀମାନେ ମଧ୍ୟ ପଟୁଆରରେ ଯୋଗ ଦିଅନ୍ତି । ଚାପ ଖେଳ ସମୟରେ ଆଗ ଚାପରେ ଆଖଡ଼ାପିଲା ନୃତ୍ୟ କରୁଥାନ୍ତି । ଖାଲି ସେତିକି ନୁହେଁ ଅନ୍ୟମାନେ ମଧ୍ୟ ଅଭିନୟ ସହିତ ନୃତ୍ୟ କରୁଥାନ୍ତି । ଜାଗା ଆଖଡ଼ା ଘରର ଅନ୍ୟ ଯେଉଁ ସଦସ୍ୟମାନେ ଅନ୍ୟ ଘରେ ନଥାନ୍ତି, ସେମାନେ କଳରେ ପାନ ଜାକି ସମଗ୍ର ଶରୀରରେ ଚନ୍ଦନ ଲେପନ କରି ଭାଙ୍ଗ ବଟା ପିଇ ହାତରେ ମର୍ଦ୍ଦଳ କିମ୍ବା ହାରମୋନିୟମ ଧରି ସୋଲହଂସ ଅଥବା ମଟର ଟିଉବ୍ ଧରି ବନ୍ଧ ଉପରୁ ପାଣିରେ ଲମ୍ଫ ପ୍ରଦାନ କରନ୍ତି । ଆଉ କେତେକ ମଧ୍ୟ ହାତରେ ଦିହୁଡ଼ି କିମ୍ବା ପେଟ୍ରୋମାକ୍ସ ଲାଇଟ୍ ନେଇ ପାଣି ଭିତରକୁ ଯାଆନ୍ତି । ଚମ୍ପୂ, ଛାନ୍ଦ, ମାଳଶ୍ରୀ ଆଦି ରାଗରେ ବିଭିନ୍ନ ଗୀତ ଗାଇ ଦର୍ଶକମାନଙ୍କ ମନକୁ ମୋହି ନେଇଥାନ୍ତି । ଯାତ୍ରା ସରିବା ସମୟରେ ଗାଧୋଇ ଜାଗା ଆଖଡ଼ା ଘରକୁ ଯାଇ ପୂର୍ବରୁ ପ୍ରସ୍ତୁତ ଶରପୂଳି, ମାଣ୍ଡୁଆ, ଖଳିରୁଟି, ଅମାଲୁ, ମାଠପୁଳି, ଖୁଆମଣ୍ଡା, ରସାବଳୀ, ରାବିଡ଼ି, ଛେନାଚକଟା, ଡାଲମା ପ୍ରଭୃତି ସୁମିଷ୍ଟ ପଦାର୍ଥ ଖାଇସାରି ଯେଝା ଘରକୁ ଯାଆନ୍ତି । ଏତଦ୍‌ବ୍ୟତୀତ ମାର୍ଗଶିର ମାସ କୃଷ୍ଣ ଚତୁର୍ଦ୍ଦଶୀ ତିଥିରେ ଶ୍ରୀମନ୍ଦିରରେ ଦେବଦୀପାବଳୀ ଉତ୍ସବରେ ତାଙ୍କ ପିତୃଦେବ ନନ୍ଦ, ଯଶୋଦା, ଦେବକୀ, ବସୁଦେବ, ଦଶରଥ ଆଦି ପୂର୍ବପୁରୁଷଙ୍କୁ ପିଣ୍ଡଦାନ କରିବା ଅବସରରେ ଜାଗା ଆଖଡ଼ାର ଲୋକମାନେ ମଧ୍ୟ ନୃତ୍ୟ ନାଟକରେ ଭାଗ ନେଇ ଏହାକୁ ସରସ ସୁନ୍ଦର କରିଥାନ୍ତି ।

ବର୍ତ୍ତମାନ ପରିସ୍ଥିତିରେ ଦେଖିବାକୁ ଗଲେ ଜାଗା ଆଖଡ଼ାର ସଂସ୍କୃତି କ୍ରମଶଃ ଅବକ୍ଷୟ ପଥରେ ଗତି କରୁଅଛି । କାରଣ ଆଧୁନିକତାର ପ୍ରଭାବ ଜଗନ୍ନାଥ ସଂସ୍କୃତି ମଧ୍ୟରେ ମଧ୍ୟ ମନ୍ଥର ଗତିରେ ପ୍ରବେଶ କରିବାର ପ୍ରଚେଷ୍ଟାରେ ଆଗେଇ ଚାଲିଛି । ଜଗନ୍ନାଥ ସଂସ୍କୃତି ଯୁଗୋପଯୋଗୀ ସଂସ୍କୃତି ଏହାର ଅନ୍ତ ନାହିଁ । ଏହା ମାନବ ସମାଜକୁ ପ୍ରଗତି ପଥରେ ଆଗେଇ ଯିବା ଲାଗି ସମସ୍ତ ପ୍ରକାର ସାହାଯ୍ୟ କରି ଚାଲିଛି ।

ଜୟ ଜଗନ୍ନାଥ

ସ୍ନାତକୋତ୍ତର ଇତିହାସ ବିଭାଗ
ରେଭେନ୍ସା ମହାବିଦ୍ୟାଳୟ
କଟକ

# ଶ୍ରୀକ୍ଷେତ୍ରର ବିବିଧ ନଦୀର ଇତିହାସ

ସୁଶାନ୍ତ କୁମାର ସ୍ୱାଇଁ

ଶ୍ରୀକ୍ଷେତ୍ର ଶ୍ରୀଧାମ ଆଜି ସହରରେ ପରିଣତ ପୂର୍ବକ ନିଜର ପ୍ରାଚୀନ ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ଅକ୍ଷୁଣ୍ଣ ରଖିପାରିଛି । ତଥାପି ଅତ୍ୟାଧୁନିକ ବାତାବରଣ ଓ ପରିବେଶରେ ଛନ୍ଦି ହୋଇ ନିଜର ଭୌଗଳିକ ସତ୍ତା ହରାଇ ବସିଛି । ସେଥିପାଇଁତ ଗବେଷକ, ଐତିହାସିକ, ସାହିତ୍ୟିକ, ପଣ୍ଡିତମାନେ ଶ୍ରୀକ୍ଷେତ୍ରର ପ୍ରାଚୀନ ଇତିବୃତ୍ତ ଗବେଷଣା କରି ଚାଲିଛନ୍ତି । ଶ୍ରୀକ୍ଷେତ୍ରର ସଂସ୍କୃତି ଉପରେ ଯେତେ ଗବେଷଣା କଲେ ମଧ ତାହା ଶେଷ ହେବ ନାହିଁ । ଏ ଅନନ୍ତ ଓ ଅସୀମ ସଂସ୍କୃତି ଆମ ଜାତି ପାଇଁ ପର୍ବ ଓ ଗୌରବ । ଆଲୋଚ୍ୟ ପ୍ରବନ୍ଧର ମୁଖ୍ୟ ଉପଜୀବ୍ୟ ହେଉଛି ଶ୍ରୀକ୍ଷେତ୍ରର ବିଭିନ୍ନ ନଦୀ ବିଷୟରେ କିଛି ଆଲୋକପାତ କରିବା ।

ପୁରୀ ସହର ସଂପ୍ରତି ସଡ଼କ ପଥ ଓ ରେଳପଥ ଦ୍ୱାରା ଓଡ଼ିଶା ତଥା ଭାରତର ବିଭିନ୍ନ ସ୍ଥାନ ସହିତ ସଂଯୁକ୍ତ ହୋଇଅଛି । ମାତ୍ର ପୂର୍ବେ ଗମନାଗମନ ଓ ଯାତାୟାତର ସୁବିଧା ସୁଯୋଗ ଏତେଟା ନଥିଲା । ଜଳପଥ ହିଁ ଏକମାତ୍ର ମାର୍ଗ ଥିଲା ଶ୍ରୀକ୍ଷେତ୍ରରେ ପହଞ୍ଚିବା ପାଇଁ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଭକ୍ତଗଣ ଭ୍ରମଣକାରୀ ଯାତ୍ରୀମାନେ ନଦୀନାଳ, ବନପର୍ବତ, ବିଲ ପ୍ରଭୃତି ଅତିକ୍ରମ କରି ଆସୁଥିବାର ପ୍ରମାଣ ମିଳେ । ସେହିପରି ବିଦେଶୀ ପର୍ଯ୍ୟଟକ କଳିଙ୍ଗ ସାଗର (ଅଧୁନା ବଙ୍ଗୋପସାଗର)ରେ ଆସୁଥିବାର ଜଣାଯାଏ । ସେ ଯାହା ହେଉ ପୂର୍ବଭଳି ଶ୍ରୀକ୍ଷେତ୍ରରେ ଆଉ ଏତେଟା ନଦୀ ପରିଦୃଷ୍ଟ ହୁଏ ନାହିଁ । ସମୟ ସ୍ରୋତରେ ଏହା ପରିବର୍ତ୍ତନଶୀଳ ଓ ଲୁପ୍ତପ୍ରାୟ ।

ଭୁବନେଶ୍ୱରରୁ ଦୁଇଶହ ତିନି ନମ୍ବର ଜାତୀୟ ରାଜପଥ ଦେଇ ପୁରୀ ସହରକୁ ପ୍ରବେଶ କଲେ ଆମକୁ ଅଠରନଳା ଦେଇ ଯିବାକୁ ହୁଏ । ଏହି ଅଠରନଳା ପୋଲ ମୂଷାନଦୀ ଉପରେ ଅବସ୍ଥିତ । କିନ୍ତୁ ଏବେ ଲୋକାଚାର ମତରେ ଏହି ନଦୀକୁ ଅଠରନଳା ନଦୀ କୁହାଯାଉଛି । ଏହି ଅଠରନଳା ସଡ଼କ ମାର୍ଗ ପୁରୀ ସହର ସହିତ ବାହାର ଦୁନିଆର ସଂଯୋଗସ୍ଥଳ କହିଲେ ଭୁଲ ହେବ ନାହିଁ । ମୂଷାନଦୀ ବା ମଧୁପୁର ନଦୀରେ ନିର୍ମିତ ଅଠରନଳା ପୋଲରେ ପ୍ରକୃତରେ ଉଣେଇଶିଟି ନଳା ଥିବାର ଦୃଷ୍ଟିଗୋଚର ହୁଏ । ଏଠାରେ କହିରଖେ ଏହି ଅଠରନଳାକୁ ସୋମବଂଶୀ କେଶରୀବଂଶ ସମ୍ରାଟ ମତ୍ସ୍ୟ କେଶରୀ ଏହାର ନିର୍ମାଣ କର୍ତ୍ତା । ଏହାର ନିର୍ମାଣ ସମୟ ହେଉଛି ଖ୍ରୀ:୯୭୫ରୁ ଖ୍ରୀ:୯୫୫ ମଧ୍ୟରେ । ସେ ଏହି ପୋଲ ମଧୁପୁର ନଦୀ ଉପରେ ନିର୍ମାଣ କରିଥିଲେ ।

ଏହି ପୋଲରେ ଥିବା ଅଠରଟି ନଳା ବା ଫୁକାରମାନଙ୍କରେ ଖିଲାଣ କାମ ନହୋଇ ପଥରମାନଙ୍କ ଦ୍ୱାରା ଲହଡ଼ି ମୁଦ କରାଯାଇଛି । ପ୍ରତ୍ୟେକ ନଳା ଉପର ଅଂଶର ସଂଯୁକ୍ତ ସ୍ଥାନକୁ ଓଲଟା ପାହାଚ ପୂର୍ବକ ଯୋଡ଼ି ଦିଆଯାଇଛି । ଏଥିରେ ଅଠରଟି ନଳା ପରିବର୍ତ୍ତେ ଉଣେଇଶିଟି ନଳା ରଖାଯିବାର କାରଣ ଭୂମି ସହିତ ସଠିକ୍ ସମତଳ ଆଣିବା ପାଇଁ ଏପରି କରାଯାଇଛି । ଏଥିରେ ୧୯ଟି ନଳା ଥାଇ ସୁଦ୍ଧା ଏହାକୁ ଅଠରନଳା କହିବାର ତାତ୍ପର୍ଯ୍ୟ ହେଉଛି ଅଠର ଏକ ଶୁଭ ସଂଖ୍ୟା, କାରଣ ହିନ୍ଦୁଧର୍ମରେ ୧୮ଟି ପୁରାଣ, ୧୮ ଖଣ୍ଡ ଉପପୁରାଣ । ପ୍ରାୟତଃ ପ୍ରତ୍ୟେକ ପୁରାଣକୁ ୧୮ ସ୍କନ୍ଧରେ ବିଭକ୍ତ କରାଯାଇଛି । ସେଥିପାଇଁ ବୋଧହୁଏ ଭକ୍ତର ବିଶ୍ୱାସରେ ଆଧାତ୍ମିକ ମହତ୍ତ୍ୱ ଅପରିବର୍ତ୍ତିତ ରହିଛି । ପୂର୍ବେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥରେ ୧୮ଟି ଚକ ହେବାର ପ୍ରମାଣ ରହିଛି । ସେହିପରି ସିଂହଦ୍ୱାର ଭିତରକୁ ପ୍ରବେଶ କଲେ ପଡ଼େ ବାଇଶି ପାହାଚ । ପ୍ରକୃତରେ ଏହା ବାଇଶିଟି ପାହାଚ ନୁହେଁ ୧୮ଟି ପାହାଚ ଏବଂ ଜୟ ବିଜୟ ଦ୍ୱାର ପାଖରେ ୪ଟି ପାହାଚ ଅବସ୍ଥିତ । ଏହି ୧୮ ପାହାଚ ଅଠରଖଣ୍ଡ ପୁରାଣ ଓ ଅପର ଚାରୋଟି ପାହାଚ ଆମର ଚାରୋଟି ବେଦ ସହ ସମତୁଲ ରକ୍ଷା ପୂର୍ବକ ପ୍ରାଚୀନ କାଳରେ ଶିଳ୍ପୀ ତା'ର ଚେତନା ମାନସରେ ଶିଳ୍ପଚାତୁରୀର ପୁଷ୍ପ ଫୁଟେଇଲା ପରି ବାଇଶି ଗୋଟି ପାହାଚ ନିର୍ମାଣ କରିଛି । ଅଠରନଳା ସହ ସଙ୍ଗାତ ବସିବାର ଏକ ପ୍ରବାଦ ଓଡ଼ିଶାରେ ବହୁ ସ୍ଥାନରେ ଲୋକପ୍ରିୟ ହୋଇପାରିଛି । ଯେଉଁ ଭାଗ୍ୟବତୀ ମା' ଅଠରଟି ସନ୍ତାନର ଜନକ ସେ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରି ଅଠରନଳାର ପୋଲ ଉପରେ ଉପସ୍ଥିତ ହୋଇ ଅଠରନଳା ପୋଲକୁ ମହାପ୍ରସାଦ ଅର୍ପଣ କରି ତା'ସହ ସଙ୍ଗାତ ବସନ୍ତି । ଏହା ହିଁ ଓଡ଼ିଆ ଜାତିର ମହାନ୍ ସଂସ୍କୃତିର ପ୍ରତିଛବି ।

ମୂଷା ନଈର ଉତ୍ସ ଭାର୍ଗବୀ ନଦୀ । ଭାର୍ଗବୀ ନଦୀର ଏକ ଧାର ପୁରୀ ସହର ଅଞ୍ଚଳର ଉତ୍ତରକଣାରେ ଛିଡ଼ିଥିଲା । ସେହି ବନ୍ଧରେ

ଏକ ମୂଷା ଗାତ ଫିଟାଇ ଦେବାପରେ ପାଣିଘଳିଆ ପଡ଼ି ଏକ ନୂଆ ନଈଟିଏ ସୃଷ୍ଟି ହେଲା । ଏହାର ନାମ ମୂଷାନଈ ନାମରେ ଅଭିହିତ ହେଲା । ଏସବୁ ଲୋକାଚାର ମତ । ତେବେ ସେ ସ୍ଥାନଟି ଜଗନ୍ନାଥଙ୍କ ଗଡ଼ଖାଇ ଭାବେ ଖ୍ୟାତ । ମୂଷାନଈ ପ୍ରବାହିତ ହୋଇ ଖରାଖାଇ ଠାକୁରାଣୀଙ୍କ ନିକଟରେ ଏହାର ଏକ ଗଣ୍ଡ ସୃଷ୍ଟି ହୋଇଥିଲା । ସେଠାରୁ ନଈଟି ଦୁଇଭାଗରେ ବିଭକ୍ତ ପୂର୍ବକ ଏକଧାର ଅଠରନଳା ହୁଳୁହୁଳିଆ ପୋଲ ଦେଇ କଞ୍ଚ ନଈ ସହ ମିଶିଗଲା । ଅପର ଧାରଟି ମାଟିତୋଟା ପଛପଟ ଦେଇ ମଙ୍ଗଳାଘାଟ ନଦୀ ସହ ମିଶିଲା । ମାତ୍ର ଅଶୀଦଶକ ପ୍ରାରମ୍ଭରେ ଗବକୁଣ୍ଡକଟ୍ ସୃଷ୍ଟି ହେବା ପରେ ସବୁକିଛି ଓଲଟପାଲଟ ହୋଇଗଲା । ଭାର୍ଗବୀ ନଦୀରୁ ଉଦ୍‌ବୃତ୍ତ ଜଳ ଆଉ ମୂଷା ନଈକୁ ଆସିଲା ନାହିଁ । ଯାହାର ପ୍ରକାଶ୍ୟ ପରିଣତି ମୂଷାନଈରେ ଦେଖିବାକୁ ମିଳୁଛି ।

ଶ୍ରୀକ୍ଷେତ୍ରର ପ୍ରବେଶ ଦ୍ୱାରରେ ମା' ଅଲାମଚଣ୍ଡୀଙ୍କ ମନ୍ଦିର ଅବସ୍ଥିତ । ମୋଗଲ ଓ ମରହଟ୍ଟାମାନଙ୍କ ସମୟରେ ଯାତ୍ରୀ ଟିକସ ଆଦାୟ ହେଉଥିବାବେଳେ ଏଠାରେ ଏକ ଘାଟଥିଲା । ଏହି ଘାଟର ଅପର ପାର୍ଶ୍ୱରେ ଲୋକମାନେ ଆସି ଅବସ୍ଥାନ କରି ଅନୁମତି ପତ୍ର ପାଇବା ପରେ ପୁରୀ ମଧ୍ୟକୁ ପ୍ରବେଶ କରୁଥିବାର ଜଣାଯାଏ । ପୁନର୍ବାର ମାଟିଆଣି ନଦୀ ଏହି ଠାକୁରାଣୀଙ୍କ ପାଖକୁ ଲାଗିଥିବାରୁ ରଥ କାଠ ବା ମହାଦାରୁ ନଦୀ ଜଳରେ ଏହି ସ୍ଥାନକୁ ଅଣାଯାଉଥିବାର ଅନୁମାନ କରାଯାଏ । ଏହି ମନ୍ଦିର ଅନତୀ ଦୂରରେ ହୁଳୁହୁଳିଆ ଘାଟ । ସମ୍ଭବତଃ ନବକଳେବର ସମୟରେ ଦାରୁବ୍ରହ୍ମ ଏବଂ ନବକଳେବର ସମୟରେ ରଥକାଠ ଏହି ଘାଟରେ ପହଞ୍ଚିଲା ପରେ ଯଥାବିଧି ରୀତିନୀତି ପୂର୍ବକ ପୂଜା ଓ ବନ୍ଦାପନା ସହ ଧର୍ମପ୍ରାଣ ମହିଳାମାନେ ହୁଳୁହୁଳି ଓ ଶ୍ରୀଜଗନ୍ନାଥଙ୍କ ସେବାଦାସୀ/ଦେବଦାସୀ ପକାଉଥିବାରୁ ବୋଧହୁଏ ଉକ୍ତ ଘାଟର ନାମ ଏପରି ହୋଇଛି । ସେହିପରି ମଙ୍ଗଳାଘାଟଠାରେ ପ୍ରାଚୀନ କାଳରେ ଶ୍ରୀକ୍ଷେତ୍ରର ବାଣିଜ୍ୟ କାରବାର ନିକଟସ୍ଥ ଚନ୍ଦନପୁର, ସାତଶଙ୍ଖ, ଚାରିନଳା, ବାଟମଙ୍ଗଳା, ବୀରହରେକୃଷ୍ଣପୁର, ସାକ୍ଷୀଗୋପାଳ ପ୍ରଭୃତି ଗ୍ରାମ ସହିତ ନିଶ୍ଚିତ ରୂପେ ସଂପୃକ୍ତ ଥିବା ଏହି ଘାଟକୂଳରେ ବାଣିଜ୍ୟ କାରବାର ପୂର୍ବକ ଧର୍ମବିଶ୍ୱାସୀ ମାନବ ସମାଜ ଘାଟର ସୁରକ୍ଷା କର୍ତ୍ତୀ ଦେବୀ ମା' ମଙ୍ଗଳାଙ୍କୁ ଅବସ୍ଥାନ କରି ପୂଜାର୍ଚ୍ଚନା କରୁଥିବେ । ପ୍ରାୟତଃ ପରବର୍ତ୍ତୀ ସମୟରେ ଏହି ଘାଟର ନାମ ମଙ୍ଗଳାଘାଟ ପୂର୍ବକ ଲୋକମତରେ ମୂଷାନଦୀକୁ ମଙ୍ଗଳାନଦୀ ନାମରେ ରୂପାନ୍ତରିତ କରିବା କୌଣସି ଅଯୌକ୍ତିକ ନୁହେଁ । ଏହି ମଧୁପୁର ନଦୀ, ସମୟର ତାଳେ ତାଳେ ମଙ୍ଗଳାନଦୀ, ହୁଳୁହୁଳିଆ ନଦୀ, ମିଟିଆଣୀ ବା ମାଟିନଦୀ ନାମରେ ଅଭିହିତ ହୋଇ ଯୁଗେ ଯୁଗେ ପ୍ରବାହିତ ହେଉଛି । ଏହି ମୂଷାନଦୀ ପାଣି ଯୋଗାଏ ନରେନ୍ଦ୍ର ସରୋବରକୁ । ପୁଷ୍କରିଣୀର ଉତ୍ତର ଦିଗରେ ଏକ ଛୋଟ ପଥ ଦେଇ ମୂଷାନଦୀ ପାଣି ମିଶିଥାଏ ।

ଅଠରନଳା ପୋଲ ନିକଟରେ ପୂଜା ପାଉଥିଲେ ଶ୍ରୀକ୍ଷେତ୍ରେଶ୍ୱର ମହାଦେବ । ଦୂରଦୂରାନ୍ତରୁ ଜଗନ୍ନାଥ ଦର୍ଶନ ପାଇଁ ଆସିଥିବା ତୀର୍ଥଯାତ୍ରୀମାନେ ସେଠାରେ ପିଣ୍ଡଦାନ ସଂକଳ୍ପ କରୁଥିଲେ । ଲୋକମାନଙ୍କର ସୁବିଧାକୁ ଆଖି ଆଗରେ ରଖି ସେଠି ମଧ୍ୟ ଯାତ୍ରୀକର ଆଦାୟ କରାଯାଉଥିଲା । କୁହାଯାଏ ଯେ ଅଠରନଳା ନିକଟରୁ ପୁରୀର ପେଟ ଚିରି ବହି ଯାଉଥିଲା ମାଳିନୀ ନଦୀ । ବାଙ୍କି ମୁହାଣ ଦେଇ ଏହା ମିଶିଥିଲା ସମୁଦ୍ର ଗର୍ଭରେ । ଏହି ମାଳିନୀ ନଦୀ ସମ୍ଭବତଃ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ପ୍ରବାହିତ ହେଉଥିଲା । ଯାହାକୁ ଆଜି ଶରଧାବାଲି କୁହାଯାଉଛି । ଶ୍ରୀମନ୍ଦିରରୁ ଶ୍ରୀଗୁଣ୍ଡିଚା ପକ୍କାରାସ୍ତାକୁ ସାଧାରଣତଃ ବଡ଼ଦାଣ୍ଡ କୁହାଯାଏ । ଏହାର ଦୈର୍ଘ୍ୟ ୨.୪୯ କି.ମି. ଏହି ରାସ୍ତାକୁ ଅନୁଧ୍ୟାନ କଲେ ଜଣାପଡ଼େ ଗୁଣ୍ଡିଚା ମନ୍ଦିର ପାଖେ ଏହାର ଚଉଡ଼ା ଏତେ ପ୍ରଶସ୍ତ ହୋଇଛି ଯେ ବୋଧହୁଏ ବଡ଼ଦାଣ୍ଡ ଏତେ ପ୍ରଶସ୍ତ କେଉଁଠି ଦେଖାଯାଏ ନାହିଁ । ତେଣୁ ଏହି ସବୁ କାରଣରୁ ପ୍ରାୟତଃ ସେହି ବାଟ ଦେଇ ମାଳିନୀ ନଦୀ ପ୍ରବାହିତ ହୋଇଥିବ । ସେହିପରି ମେଡ଼ିକାଲ ଛକ କଥା ବିଚାରକୁ ନେଲେ ବର୍ଷାଋତୁରେ ସେଠାରେ ପାଣି ଆଣ୍ଠୁଏ । ସେଠାରେ ବହୁ ପରିମାଣରେ ପାଣି ଜମି ରୁହେ, ଯେପରିକି ଏକ କୃତ୍ରିମ ନଦୀ ସୃଷ୍ଟି ହୋଇଥାଏ । ଅଲାମଚଣ୍ଡୀ ଦେଇ ଯେଉଁ ପକ୍କାରାସ୍ତା ନିର୍ମିତ ହୋଇ ମେଡ଼ିକାଲ ଛକ ପର୍ଯ୍ୟନ୍ତ ବ୍ୟାପ୍ତ, ସମ୍ଭବତଃ ମୂଷାନଈରୁ ମିଟିଆଣୀ ନଦୀ ସେଠାରୁ ସୃଷ୍ଟି ପୂର୍ବକ ବଡ଼ଦାଣ୍ଡ ଦେଇ ଚକ୍ରତୀର୍ଥ ନିକଟରେ ସାଗର ପଦକୁ ସ୍ପର୍ଶ କରିଥିଲା । ଏଥିରୁ ସ୍ପଷ୍ଟ ସୂଚିତ ହୁଏ ଯେ, ବଡ଼ଦାଣ୍ଡରେ ଏକାଧିକ ନଦୀ ପ୍ରବାହିତ ପୂର୍ବକ ଯାତ୍ରୀମାନଙ୍କ ପାଇଁ ଓ ରଥଯାତ୍ରାକୁ ବାଧା ସୃଷ୍ଟି କରୁଥିଲା । ଦେବୀ ମାଉସୀମାଙ୍କର ଅନ୍ୟନାମ ଅର୍ଦ୍ଧଶୋଷଣୀ । ଏଭଳି ନାମ ହେବାର ତାତ୍ପର୍ଯ୍ୟ କ'ଣ ଥାଇପାରେ । ବହୁ ଗବେଷକଙ୍କ ମତରେ ନଦୀର ଜଳକୁ ମହାପ୍ରଭୁଙ୍କ ମାଉସୀ ମା' ଅର୍ଦ୍ଧଶୋଷଣୀ ଶୋଷି ଦେଉଥିବାରୁ ନଦୀରେ ଯାତାୟାତ ପାଇଁ ସ୍ୱଳ୍ପ ମାତ୍ରାରେ ସୁବିଧା ସୁଯୋଗ ହେଉଥିବାରୁ ଏପରି ନାମକରଣ ହୋଇଛି । ଅନେକଙ୍କ ମତରେ ଶଙ୍ଖୁଆନଦୀର ଶାଖାନଦୀ ଭାବେ ମାଳିନୀ ବା ମିଟିଆଣୀ ବହନ କରିଥିଲା । ତାହା ହେଲେ ସେ ଶଙ୍ଖୁଆ ନଦୀ ଗଲା କୁଆଡ଼େ । ଏହା ଏକ ପ୍ରଶ୍ନବାଚୀ ?

ତ୍ରୟୋଦଶ ଶତାବ୍ଦୀ ବେଳକୁ ଏହି ବଡ଼ଦାଣ୍ଡର ବଳଗଣ୍ଡି ମଧ୍ୟରେ ଏକାଧିକ ନଦୀ ପ୍ରବାହିତ ହେଉଥିଲା ଏବଂ ଏହା ଥିଲା ଚିରସ୍ରୋତା । ଏହାକୁ ଶଙ୍ଖୁଆନଦୀ/ମିଟିଆଣି ମାଳିନୀ/ହାତୀ ଗାଧୁଆ/ ଶ୍ରଦ୍ଧାନଦୀ ପ୍ରଭୃତି ନାମରେ ନାମାଙ୍କିତ କରାଯାଇଥିଲା । ସମ୍ଭବତଃ ପୂର୍ବେ ରାଜା ମହାରାଜାମାନେ ତାଙ୍କ ସୈନ୍ୟବାହିନୀ ଓ ନିଜର ଗମନାଗମନ ପାଇଁ ରଖିଥିବା ହାତୀଙ୍କୁ ମାଳିନୀ ନଦୀରେ ଗାଧୋଇ ଦେଉଥିବାରୁ ଏପରି ନାମ ବହନ କରିଥିବା ସମୀଚୀନ ମନେହୁଏ । ଦ୍ୱିତୀୟ ଅନଙ୍ଗଭୀମ ଦେବଙ୍କ ପୁତ୍ରରାଜା ଭାନୁଦେବଙ୍କ ସମୟରେ

ତାଙ୍କ ପତ୍ନୀ ମହାରାଣୀ ଶ୍ରଦ୍ଧାଦେବୀଙ୍କ ପ୍ରବର୍ତ୍ତନାରେ ମାଳିନୀନଦୀ ପୋତା ହୋଇଥିଲା ଏବଂ ଏକ ଶଙ୍ଖ ନିର୍ମାଣ କରାଯାଇଥିଲା । ଯାହା ଆଜି ବଡ଼ଶଙ୍ଖ ନାମରେ ପରିଚିତ । ରାଣୀ ଶ୍ରଦ୍ଧାଦେବୀ ବଡ଼ଦାଣ୍ଡରୁ ଅସୁବିଧା ପୂର୍ବକ ପୂର୍ବରୁ ହେଉଥିବା ଛଅଗୋଟି ରଥ ପରିବର୍ତ୍ତେ ତିନୋଟି ରଥ ନିର୍ମାଣ ହୋଇ ତାହା ସଂପୂର୍ଣ୍ଣ ରୂପେ ଶ୍ରୀମନ୍ଦିରରୁ ଶ୍ରୀଗୁଣ୍ଡିଚା ପର୍ଯ୍ୟନ୍ତ ରଥଟଣା ହେଲା ଏବଂ ସେହି ପ୍ରଥା ଆଜି ପର୍ଯ୍ୟନ୍ତ ରହିଆସିଛି ?

ଶ୍ରୀକ୍ଷେତ୍ରର ପୂର୍ବଦିଗ ଅର୍ଥାତ୍ ପୁରୀ-କୋଣାର୍କ ସଡ଼କରେ ଗଲେ ଦୃଷ୍ଟିଗୋଚର ହୋଇଥାଏ ନୂଆନଈ । ଏହି ନଦୀକୁ ନୂଆନଈ କହିବାର ତାତ୍ପର୍ଯ୍ୟ ୧୯୮୧/୮୨ ମସିହାରେ ଭାର୍ଗବୀ ନଦୀର ମହାବନ୍ୟାରେ ଏହାର ସୃଷ୍ଟି । ଏହାର ଦୈର୍ଘ୍ୟ ବହୁ କମ୍ ଅର୍ଥାତ୍ ମାତ୍ର ୭/୮ କି.ମି. ବ୍ୟାପୀ ଏହି ନଦୀଟି । ଏହା ଉତ୍ତର-ପୂର୍ବ ହୋଇ ବଙ୍ଗୋପସାଗରରେ ପଡିଛି ।

ପୁରୀ-ବ୍ରହ୍ମଗିରି ପଥରେ ପଡ଼େ ଯମୁନାନଦୀ । ଏହି ଯମୁନାନଦୀ ପ୍ରାଚୀନ ନଦୀ କିନ୍ତୁ ସମୟର ଗତିପଥରେ ଏହାର ନାମକରଣ ପରିବର୍ତ୍ତନ କରାଯାଇଛି । ଏହି ଯମୁନା ନଦୀର ପାଣି ଅତ୍ୟନ୍ତ ଗୋଳିଆ ଓ ଲାଲଯୁକ୍ତ । ଏହି ନଦୀ ସମୁଦ୍ର ବେଳାଭୂମିର ଧାରେ ଧାରେ ଯାଇ ବାଲିହରଚଣ୍ଡୀ ପାଖେ ବଙ୍ଗୋପସାଗର ସହିତ ମିଶିଅଛି । ମଙ୍ଗଳାଘାଟ ପାଣି, ବିଲପାଟ ପାଣି ସବୁ ଏହି ଯମୁନାନଦୀ ସହିତ ମିଶେ । ଆଶ୍ଚର୍ଯ୍ୟର କଥା ନୂଆନଦୀର ପାଣି ଅତ୍ୟନ୍ତ ସ୍ୱଚ୍ଛ ଓ ପରିଷ୍କାର ବେଳେ ଯମୁନା ନଦୀର ପାଣି ଏତେ ଲାଲ କିପରି ? ସେ ଯାହାହେଉ ଶ୍ରୀକ୍ଷେତ୍ରର ନଦୀ ଉପରେ ଅଧିକ ଗବେଷଣା ସାପେକ୍ଷ । ଯାହାକି ପରବର୍ତ୍ତୀ ପିଢ଼ି ପାଇଁ ଯେ ଖୋରାକ୍ ଯୋଗାଇବ ଏଥିରେ ତିଳେମାତ୍ର ଦ୍ୱିଧା ନାହିଁ ।

**ଉପାଦାନର ଉତ୍ସ :**


୧. ଅଧ୍ୟାପିକା ମଦୁସ୍ମିତା ମିଶ୍ର : ପୁରୀର ଅଠରନଳା : ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ, ତୃତୀୟ ସ୍ତବକ : ଉତ୍କଳ ପାଠକ ସଂସଦ

୨. ଶ୍ରୀହରିହର ବାହିନୀପତି : ନରେନ୍ଦ୍ର ପୁଷ୍କରିଣୀ : ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ, ତୃତୀୟ ସ୍ତବକ : ଉତ୍କଳ ପାଠକ ସଂସଦ

୩. ଦୈନିକ ସମାଜ : ଆମ ସହର : ପୃ.-ଗ

୪. ମାଦଳା ପାଞ୍ଜି : ସଂପାଦନା : ମୃତ୍ୟୁଞ୍ଜୟ ନାୟକ

୫. ସୁଶାନ୍ତ କୁମାର ସ୍ୱାଇଁ : ବଡ଼ଦାଣ୍ଡରେ ବଡ଼ଠାକୁର : ଅନୁପମ ଭାରତ : ରଥଯାତ୍ରା ବିଶେଷାଙ୍କ, ୨୦୦୪

୬. ମଧୁପୁର ଗ୍ରାମବାସୀ ଓ ମଙ୍ଗଳାଘାଟ ଗ୍ରାମବାସୀ

୭. ଡଃ ରାମଚନ୍ଦ୍ର ମିଶ୍ର : ଶ୍ରୀକ୍ଷେତ୍ରର ଆଲାମଚଣ୍ଡୀ : ନୀଳାଦ୍ରି, ପୃ. ୧୧-୧୨



ଗୌରୀନଗର
ପ୍ଲଟ ନଂ-୪୫୮୬
ପୁରୁଣା ଭୁବନେଶ୍ୱର-୭୫୧୦୦୨


# ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ଗୋ-ଉନ୍ନୟନ ଯୋଜନା ପାଇଁ ଭାରତ ସରକାରଙ୍କ ୫ କୋଟି ୫୬ ଲକ୍ଷ ଟଙ୍କା ମଞ୍ଜୁର

ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲା ନିମନ୍ତେ ଓମ୍‌ଫେଡ୍‌ର ପ୍ରସ୍ତାବିତ ଗୋ-ଉନ୍ନୟନ ଯୋଜନା ପାଇଁ ଭାରତ ସରକାରଙ୍କ କୃଷି ମନ୍ତ୍ରଣାଳୟ ଅଧୀନସ୍ଥ ପଶୁପାଳନ ଓ ଡେରୀ ବିଭାଗ, ନୂଆଦିଲ୍ଲୀ ଆର୍ଥିକ ମଞ୍ଜୁର ପ୍ରଦାନ କରିଛନ୍ତି । ଏଥିପାଇଁ ୫ କୋଟି ୫୬ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ୨ କୋଟି ୧୧ ଲକ୍ଷ ଟଙ୍କା ଭାରତ ସରକାର ଓମ୍‌ଫେଡ୍‌କୁ ପ୍ରଦାନ କଲାପରେ ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ବ୍ୟାପକ ଗୋ-ଉନ୍ନୟନ ଯୋଜନାର କାର୍ଯ୍ୟ ଆରମ୍ଭ ହୋଇଛି । ଏହି ଯୋଜନାର ମୂଳ ଲକ୍ଷ୍ୟ ହେଲା ନୂତନ ଭାବେ ୧୭୫ଟି ଦୁଗ୍ଧ ସମବାୟ ସମିତି ଗଠନ କରି ଦୁଗ୍ଧ ଚାଷୀଙ୍କ ଅର୍ଥନୈତିକ ଉନ୍ନତି କରିବା । ଏହାଛଡ଼ା ବାଲେଶ୍ୱର ଡେରୀର ୧୦ ହଜାର ଲିଟର ଦୁଗ୍ଧ ଶୀତଳୀକରଣ କ୍ଷମତାକୁ ୩୦ ହଜାର ଲିଟର କ୍ଷମତାକୁ ବୃଦ୍ଧି କରିବା । ଏହି ପାଞ୍ଚବର୍ଷିଆ ଯୋଜନା ଦ୍ୱାରା ଦୁଗ୍ଧ ଚାଷୀମାନଙ୍କର ଅର୍ଥନୈତିକ ଉନ୍ନତି ଯଥେଷ୍ଟ ପରିମାଣରେ ବୃଦ୍ଧି ପାଇବ । ବର୍ତ୍ତମାନ ଏହି ଅଞ୍ଚଳରୁ ଦୈନିକ ୨୦ ହଜାର ଲିଟର ଦୁଗ୍ଧ ସଂଗ୍ରହ କରାଯାଉଛି । ଆସନ୍ତା ୩ ବର୍ଷ ମଧ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି କରାଯାଇ ଦୈନିକ ୬୦ ହଜାର ଲିଟର ଦୁଗ୍ଧ ସଂଗ୍ରହର ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ।

# ଶ୍ରୀକ୍ଷେତ୍ରରେ ମାହାରୀ ନୃତ୍ୟ ପରିବେଷଣର ପ୍ରାସଙ୍ଗିକତା

ପଙ୍କଜ ସାହୁ

ମାହାରୀ ସେବା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପୂଜାବିଧିର ଏକ ବଳିଷ୍ଠ ବିଭବ । ସେଥିପାଇଁ ମାହାରୀ ନୃତ୍ୟସେବାର ପୁଷ୍କଳ ପରମ୍ପରା କିପରି ଶ୍ରୀଜଗନ୍ନାଥଙ୍କ ଦୈନିକ ପୂଜାନୀତି ତଥା ସାମ୍ବତ୍ସରିକ ବିଭିନ୍ନ ପର୍ବପର୍ବାଣି ସହ ଓତଃପ୍ରୋତ ଭାବେ ସମ୍ବନ୍ଧାନ୍ୱିତ, ତାହା ଯଥାକ୍ରମେ 'ଶ୍ରୀ ଶ୍ରୀ ପୁରୁଷୋତ୍ତମ ଜଗନ୍ନାଥ ମନ୍ଦିର ସେବକ ଖଟଣୀ ନିଯୋଗ କର୍ମାଙ୍ଗୀ' ଓ 'ଶ୍ରୀଜଗନ୍ନାଥ ମନ୍ଦିର ସ୍ୱତ୍ୱଲିପି'ରେ ସୁନିର୍ଦ୍ଦିଷ୍ଟ ହୋଇଅଛି । ଅନନ୍ତବର୍ମନ ଚୋଡ଼ଗଙ୍ଗ ଦେବଙ୍କ ସମୟରୁ ପୁରୀ ଶ୍ରୀନଅର ସାମ୍ନାରେ ଚୋଡ଼ଗଙ୍ଗ କର୍ତ୍ତୃକ ପ୍ରତିଷ୍ଠିତ ଚୁଡ଼ଙ୍ଗ ସାହିରେ ଯେଉଁ 'ଅଙ୍ଗଅଳସ ପାଟଣା' ନାମରେ ସୁବିଦିତ ମାହାତ୍ମ୍ୟ ପଲ୍ଲୀ ବସ୍ତିରେ ମାହାରୀମାନେ ଅବସ୍ଥାପିତ ହୋଇଥିଲେ, ସେବାପାଳିଦିନ ସେମାନେ ସେଠାରୁ ବେଶପ୍ରସାଧନ ନେଇ ମୀନ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲି ଚାଲି ସେବାଖଟଣୀ ପାଇଁ ଶ୍ରୀମନ୍ଦିରକୁ ଆସିବା ସମୟରେ ସେମାନଙ୍କ ଦୃଷ୍ଟି କେବଳ ନିଜପାଦର ବୃଦ୍ଧାଙ୍ଗୁଳି ଉପରେ ନିବଦ୍ଧ ରହୁଥିଲା । ଦୈନିକ ରାଜଧୂପ ସମୟରେ ମାହାରୀମାନେ ଯେତେବେଳେ ଶ୍ରୀଜୀଉଙ୍କର ରତ୍ନସିଂହାସନ ଓ ଗରୁଡ଼ସ୍ତମ୍ଭ ମଧ୍ୟବର୍ତ୍ତୀ ନାଟ୍ୟମଣ୍ଡପରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଖଣ୍ଡନୃତ୍ୟ/ଅଳସାନାଚ ପରିବେଷଣ କରୁଥିଲେ, ତତ୍କାଳରେ ଉଭୟପାର୍ଶ୍ୱରେ ମୁହାଁମୁହିଁ ହୋଇ ଦଣ୍ଡାୟମାନ ଥିବା ପର୍ଯ୍ୟାପ୍ତ ଭକ୍ତ ଜନତାଙ୍କୁ ନିୟନ୍ତ୍ରଣ କରିବା ପାଇଁ ରାଜଗୁରୁ ସୁନାବେତ ଧରି ଉପସ୍ଥିତ ରହୁଥିଲେ । ସମବେତ ଦର୍ଶନାର୍ଥୀ ହୁଳହୁଳି ପକାଇବା ସହିତ ନୃତ୍ୟରତା ମାହାରୀ ଉପରକୁ ଫୁଲ ଏପରିକି ଟଙ୍କାସୁନା ମଧ୍ୟ ଦର୍ଶନୀ ସ୍ୱରୂପ ନିକ୍ଷେପ କରୁଥିବାର ଦୃଷ୍ଟାନ୍ତ ରହିଛି । ପ୍ରତ୍ୟହ ରାତ୍ରିରେ ବଡ଼ସିଂହାର ଭୋଗପରେ ଶୟନଠାକୁର ଭିତରକୁ ବିଜେ କଲେ, କଳାହାଟ ଦ୍ୱାରଠାରେ ବୀଣାକାର ସେବକଙ୍କ ସହ ଦେବଦାସୀ ମାହାରୀମାନେ 'ଗୀତଗୋବିନ୍ଦ ସେବା' କରୁଥିଲେ । ବାସ୍ତବରେ ଏହା ଥିଲା ଶ୍ରୀମନ୍ଦିରର ସାଂସ୍କୃତିକ ପରମ୍ପରାରେ ଏକ ବିଜ୍ଞାପନୀ କଳା ପରିବେଷଣ ମାତ୍ର ।

ପ୍ରାତ୍ୟହିକ ସେବା ସହିତ କେତେକ ବିଶେଷ ପର୍ବନୀତିରେ ମାହାରୀମାନେ ଶ୍ରୀଜୀଉମାନଙ୍କୁ ସେବାସମର୍ପଣ ମଧ୍ୟ କରୁଥିଲେ । ବୈଶାଖ ମାସରେ ନିଦାଘ ଉପଚାର ପାଇଁ ଅକ୍ଷୟ ତୃତୀୟାଠାରୁ ଏକୋଇଶି ଦିନବ୍ୟାପୀ ନରେନ୍ଦ୍ର ସରୋବରରେ ନୌକାବିହାର ସମୟରେ ମଦନମୋହନଙ୍କର ଭଦ୍ରା/ବରାଟିକା ଚାପରେ ମାହାରୀ ନୃତ୍ୟ ସଂଗୀତ ପରିବେଷଣ କରିବା ସହିତ ଚାପଲେଉଟାଣି ବେଳେ ରାଜପଥରେ ପଟୁଆର ମଧ୍ୟରେ ନୃତ୍ୟଗୀତ ପରଷି ପରଷି ଶ୍ରୀମନ୍ଦିର ପର୍ଯ୍ୟନ୍ତ ଆଗମନ କରୁଥିଲେ । ଏତାଦୃଶ ଭାବେ ମୁକ୍ତାକାଶ ତଳେ ସେବା ସମର୍ପଣ କରିବା ସହିତ ଭିତର ଚନ୍ଦନକାଳୀନ ଆଳଟଲାଗି ସମୟରେ ଅଣସର ପିଣ୍ଡିରେ ଠିଆହୋଇ ମାହାରୀମାନେ ପ୍ରଥମ ୨୧ ଦିନ ଭଜନ ଓ ପରବର୍ତ୍ତୀ ୨୧ ଦିନ ସ୍ନାନ ଉତ୍ସବଗୀତ ଗାନ ସହ ୪୨ ଦିନବ୍ୟାପୀ ଚନ୍ଦନ ଲାଗି କାଳରେ ଜଗମୋହନରେ ପଟୁଆରରେ ନୃତ୍ୟ କରୁଥିଲେ । ଜ୍ୟେଷ୍ଠ ମାସର ରୁକ୍ମିଣୀ ହରଣ ଏକାଦଶୀରେ ଲକ୍ଷ୍ମୀଙ୍କ ଜଗମୋହନରେ ଉପବେସନ ପୂର୍ବକ ମାହାରୀକୁଳ ଛାନ୍ଦଗୀତ ବୋଲି ହୁଳହୁଳି ଦେଇ ଚିଟାଉ (ପ୍ରେମପତ୍ର) ଲେଖି ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରୁଥିଲେ, ଯାହା ପାଠ ପରେ ଶ୍ରୀଜୀଉଙ୍କ ଅର୍ଚ୍ଚାବିଗ୍ରହ ମଦନମୋହନ ବିମଳା ମନ୍ଦିରକୁ ବିଜେ କରୁଥିଲେ । ଲକ୍ଷ୍ମୀଠାକୁରାଣୀ- କଉଡ଼ି ପୂଜା ପାଇଁ ବିମଳା ମନ୍ଦିର ବିଜେ କାଳରେ ତାଙ୍କ ସହ ଦାସୀ ରୂପେ 'ଖଦିଚାମର ସେବା' ମାହାରୀମାନେ ନିର୍ବାହ କରୁଥିଲେ । ସେଠାରେ ଶିଶୁପାଳ (ଜନୈକ ସେବକ) ଓ କୃଷ୍ଣ/ ମଦନମୋହନଙ୍କ ମଧ୍ୟରେ ସଂଘଟିତ ଯୁଦ୍ଧ ପରେ ରୁକ୍ମିଣୀ ହରଣରେ ମାହାରୀମାନେ ଦୂତୀ ଭାବରେ ମହାପ୍ରଭୁଙ୍କୁ ଯଥୋଚିତ ସହାୟତା ପ୍ରଦାନ କରୁଥିଲେ । ରୁକ୍ମିଣୀ ବିଭାରେ ମାଜଣା ମଣ୍ଡପସ୍ଥ ବିଭାବେଦୀରେ ମାହାରୀମାନେ 'ମେଳସେବା' ରୂପେ ମଙ୍ଗଳନାରୀ ଭାବରେ ମଙ୍ଗଳଗାନ କରିବା ସହିତ ହୁଳହୁଳି ଦେଉଥିଲେ । ତା'ପରଦିନ ଚମ୍ପକ ଦ୍ୱାଦଶୀରେ ବରକନ୍ୟାଙ୍କ ସହ ସେମାନେ 'ଗୁଆଲୀ ପଟୁଆର'ରେ ଗଜପତିଙ୍କ ଶ୍ରୀନଅରକୁ ଯାଇ କନକ ଦୁର୍ଗାଙ୍କ ସମକ୍ଷରେ ଯେଉଁ 'ଗଇଣ୍ଠାଳ ଫିଟାସେବା' ସମ୍ପନ୍ନ କରୁଥିଲେ, ତାହା 'ଆଇସେବା' ନାମରେ ସୁବିଦିତ । ତତ୍‌ସହିତ ସ୍ନାନଯାତ୍ରାରେ ସ୍ନାନବେଦୀ ତଳେ ପଟୁଆର ମଧ୍ୟ କରୁଥିଲେ ।

ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ଶ୍ରୀଜୀଉମାନେ ରଥାରୂଢ଼ ହେବାପାଇଁ ଧାଡ଼ି ପହଣ୍ଡିରେ ବିଜେ କରିବା ସମୟରେ ଅତୀତରେ ମହାପ୍ରଭୁଙ୍କ ପୁରୋଭାଗରେ ମାହାରୀଗଣ ପଟୁଆରୀ ଭାବେ ନୃତ୍ୟ ପରିବେଷଣ କରି ରଥ ପର୍ଯ୍ୟନ୍ତ ଆଗମନ କରୁଥିଲେ । ସମ୍ପ୍ରତି

ଗୋଟିପୁଅ ନୃତ୍ୟ ପରିବେଷଣ କରୁଥିବା ପରିଦୃଷ୍ଟ ହୋଇଥାଏ । ପୁନଶ୍ଚ ଗୁଣ୍ଡିଚା ମଣ୍ଡପରେ ଶ୍ରୀଜୀଉମାନେ ଅବସ୍ଥାନ କାଳରେ ମାହାରୀମାନେ ପ୍ରତ୍ୟହ ପଟୁଆର ମଧ୍ୟରେ ନୃତ୍ୟସେବା ଅର୍ପଣ କରୁଥିଲେ । ହେରାପଞ୍ଚମୀ ଦିନ ଶ୍ରୀଜୀଉଙ୍କୁ ସଙ୍ଖୋଳିବା ପାଇଁ ମହାଲକ୍ଷ୍ମୀ ଗୁଣ୍ଡିଚା ମନ୍ଦିରକୁ ବିଜେ କରିଥାନ୍ତି । ଶ୍ରୀକ୍ଷେତ୍ର ପାଟରାଣୀ କୁଳଭୂଆସୁଣୀ ମହାଲକ୍ଷ୍ମୀ ରାଜଦାଣ୍ଡରେ ଏକାକିନୀ ଯିବେବା କିପରି ? ତେଣୁ ତାଙ୍କ ସହ ପରିଚାରିକା ରୂପେ ମାହାରୀମାନେ ହାନ୍ଦୋଳାରେ ଗୁଣ୍ଡିଚା ମନ୍ଦିରକୁ ଯାଇ ସେଠାରେ 'ଦଣ୍ଡମୁଣ୍ଡସେବା' କ୍ରମରେ ଲକ୍ଷ୍ମୀ ତରଫରୁ ଦଇତାଙ୍କୁ ଦଣ୍ଡସ୍ୱରୂପ ତାଙ୍କ ଗନ୍ତା (କୁର୍ତା) ଚିରିବା ପରେ 'ରଥଭଙ୍ଗା ସେବା' ନିର୍ବାହ ପୂର୍ବକ ଶ୍ରୀମନ୍ଦିର ପ୍ରତ୍ୟାବର୍ତ୍ତନ କରୁଥିଲେ । ବାହୁଡ଼ାଯାତ୍ରା ଅବସରରେ ଶ୍ରୀଜୀଉମାନେ ନୀଳାଦ୍ରି ପ୍ରତ୍ୟାଗମନ କାଳରେ ନନ୍ଦିଘୋଷ ରଥ ଶ୍ରୀନଅର ସମ୍ମୁଖରେ ପହଞ୍ଚିଲେ, ଲକ୍ଷ୍ମୀ ଯେତେବେଳେ ଶ୍ରୀଜୀଉଙ୍କୁ ସ୍ୱାଗତିକା ଜଣାଇବା ପାଇଁ ସେଠାକୁ ବିଜେ କରନ୍ତି, ତାଙ୍କ ସହିତ ମାହାରୀଗଣ ସହଚରୀ ରୂପେ ଗୀତବୋଲି - ହୁଳହୁଳି ପକାଇ ରାଜନବର ପର୍ଯ୍ୟନ୍ତ ଯାଇ ଗଜପତିଙ୍କ ସହାୟତାରେ ମିଳନ କ୍ରିୟା ସ୍ୱରୂପ 'ଭେଟସେବା' ମଧ୍ୟ କରୁଥିଲେ । ତତ୍‌ପରେ ନନ୍ଦିଘୋଷ ରଥ ସିଂହଦ୍ୱାରରେ ପହଞ୍ଚିଲା ପରେ ମାହାରୀମାନେ ଲକ୍ଷ୍ମୀଙ୍କ ସହ ଚାହାଣି ମଣ୍ଡପକୁ ଆସି ମହାପ୍ରଭୁଙ୍କର ପ୍ରତ୍ୟାବର୍ତ୍ତନ ଶୋଭା ସନ୍ଦର୍ଶନ କରୁଥିଲେ । ନୀଳାଦ୍ରିବିଜେ ସମୟରେ ଲକ୍ଷ୍ମୀଙ୍କ ନିର୍ଦ୍ଦେଶରେ କଳାହାଟ 'ଦ୍ୱାରପକା ସେବା'ରେ ଭକ୍ତମାନଙ୍କ ଗହଣରେ ମହାପ୍ରଭୁଙ୍କ ପ୍ରତିନିଧି ଦଇତାପତିଙ୍କ ସହ ସେମାନେ ମା'ଙ୍କ ତରଫରୁ 'ବଚନିକା ସେବା' ମଧ୍ୟ କରୁଥିଲେ । ସମ୍ପ୍ରତି ଶ୍ରୀମନ୍ଦିରର ଶେଷ ମାହାରୀ ଭାବେ ପରଶମଣି ଏହି 'ଲକ୍ଷ୍ମୀନାରାୟଣ ବଚନିକା ସେବା' ସମ୍ପାଦନ କରୁଅଛନ୍ତି ।

ଏତଦ୍‌ଭିନ୍ନ ଭାଦ୍ରବ ମାସରେ କୃଷ୍ଣ ଜନ୍ମରେ ମାହାରୀମାନେ 'ଯଶୋଦା-ରୋହିଣୀ ସେବା' କରୁଥିଲେ । ଏବେ ଶ୍ରୀମନ୍ଦିରର ଅନ୍ୟତମ ମାହାରୀ ଶଶିମଣି ଏହି 'ବାତ୍ସଲ୍ୟସେବା' ନିର୍ବାହ କରୁଛନ୍ତି । ଶ୍ରାବଣ ମାସରେ ଅନୁଷ୍ଠିତ ଝୁଲଣଯାତ୍ରାରେ ଅଗଣିତ ଭକ୍ତସେବକଙ୍କ ଗହଣରେ ମାହାରୀମାନେ ଝୁଲଣ ମୁଣ୍ଡିରେ ଅଭିସାରିକା ରୂପେ ରାତିସାରା 'କୁଞ୍ଜସେବା'ରେ ଅତିବାହିତ କରୁଥିଲେ । ଆଶ୍ୱିନମାସ ଷୋଳପୂଜାରେ ମହାଭୈରବ ଶ୍ରୀଜଗନ୍ନାଥଙ୍କ ଭୈରବୀ ବିମଳାଙ୍କ ମନ୍ଦିରରେ ମାହାରୀମାନେ ପଟୁଆର କରିବା ସହିତ ପହଡ଼ମାଜଣା ବେଳେ ମାଳଶ୍ରୀଗାନ ମାଧ୍ୟମରେ 'ପାର୍ବତୀସେବା' ନିର୍ବାହ କରୁଥିଲେ । ପୁନଶ୍ଚ ଶ୍ରୀନଅରରେ କନକଦୁର୍ଗା ପୂଜାରେ ଦେବୀଙ୍କ ସମ୍ମୁଖରେ ପଟୁଆରରେ ନୃତ୍ୟ ପରିବେଷଣ କରୁଥିଲେ । ଫାଲ୍‌ଗୁନ ମାସରେ ଫଗୁ ଦଶମୀଠାରୁ ଦୋଳପୂର୍ଣ୍ଣମୀ ପର୍ଯ୍ୟନ୍ତ ଭୋଗବେଳେ ଦୋଳବେଦୀ ତଳେ ପଟୁଆର କରିବା ସହିତ ଶୁକ୍ଳ ଚତୁର୍ଦ୍ଦଶୀରେ ଲକ୍ଷ୍ମୀ ମନ୍ଦିରରେ ଫଗୁ ଓ ଦୋଳପୂର୍ଣ୍ଣମୀଦିନ ଦୋଳମଣ୍ଡପରେ 'ଚର୍ଚ୍ଚରୀ ସେବା' ନିଷ୍ପାଦନ କରୁଥିଲେ । ସର୍ବୋପରି ନବକଳେବର ସମୟରେ ନୂତନ ବିଗ୍ରହ ନିର୍ମାଣ ନିମିତ୍ତ ଆନୀତ ଦାରୁଶଗଡି ସହ ସେମାନେ ଅଠରନଳାଠାରୁ କୋଇଲି ବୈକୁଣ୍ଠ ପର୍ଯ୍ୟନ୍ତ ହୁଳହୁଳି ପକାଇ ଆସୁଥିଲେ ।

ଉପଯୁକ୍ତ ଅବତାରଣାରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଶ୍ରୀମନ୍ଦିରର ମାହାରୀ ସେବା ସମ୍ପୂର୍ଣ୍ଣତଃ ଭକ୍ତ ଦର୍ଶନାର୍ଥୀମାନଙ୍କ ମନରେ ଭକ୍ତିଭାବ ସଞ୍ଚାର କରିବା ନିମିତ୍ତ ଶ୍ରୀଜୀଉଙ୍କ ବିଭିନ୍ନ ପର୍ବନୀତିରେ ବିପୁଳ ଜନସମାବେଶରେ ପ୍ରକାଶ୍ୟ ଭାବେ ଅନୁଷ୍ଠିତ ହୋଇ ଏହାର 'ପଟୁଆରୀ ସେବା' ନାମକରଣକୁ ସାର୍ଥକ କରୁଥିଲା । ଧାରାବାହିକ ତଥା ସମୟାନୁବନ୍ଧ ଏତାଦୃଶ ବିସ୍ତୃତ ବିବରଣୀ ଉପସ୍ଥାପନ ସତ୍ତ୍ୱେ ଯଦି କେହି ଏହାର କଳାତ୍ମକ ଦିଗପ୍ରତି ଉପେକ୍ଷା ପ୍ରଦର୍ଶନ ପୂର୍ବକ ଏହାକୁ ଗୁପ୍ତସେବା ବୋଲି ଅଭିହିତ କରୁଥାନ୍ତି, ତେବେ ତାହା ସେମାନଙ୍କର ନିଜସ୍ୱ ରୁଗ୍‌ଣ ମତ ବୋଲି ବୁଝିବାକୁ ହେବ । ପ୍ରକାଶ ଥାଉକି, ସମ୍ପ୍ରତି ମାହାରୀ ନୃତ୍ୟ ଓ ଗୋଟି ପିଲାନୃତ୍ୟ ସମ୍ମିଶ୍ରଣରୁ ଉଦ୍ଭବ ଓଡ଼ିଶୀନୃତ୍ୟ, ଶାସ୍ତ୍ରୀୟନୃତ୍ୟ ଭାବେ ଆନ୍ତର୍ଜାତିକ ସ୍ୱୀକୃତି ଲାଭ କରିଛି । ବିଶେଷତଃ ଓଡ଼ିଶୀ ନୃତ୍ୟ ପାଇଁ ମାହାରୀ ନୃତ୍ୟ ଯୁଗଯୁଗ ଧରି ମାର୍ଗଦର୍ଶକ ହୋଇ ରହିଆସିଛି । ଓଡ଼ିଶୀ ନୃତ୍ୟର ମୌଳିକତା ରକ୍ଷା ନିମିତ୍ତ ମାହାରୀର ଭାବ ନୃତ୍ୟ ଶୈଳୀକୁ ଜାତି ପାଇଁ ସାଇତା ନଗଲେ, ଓଡ଼ିଶୀନୃତ୍ୟ ବିକୃତ ରୂପରେ ପରିବେଷିତ ହୋଇ କ୍ରମଶଃ ତା'ର ଶାସ୍ତ୍ରୀୟତା ହରାଇ ବସିବ । ପୁନଶ୍ଚ ବିଶ୍ୱସ୍ତରରେ ଓଡ଼ିଶୀ ନୃତ୍ୟର ଶାସ୍ତ୍ରୀୟ ରୂପ ବୈଭବକୁ ମର୍ଯ୍ୟାଦାବନ୍ତ ଆସନରେ ପ୍ରତିଷ୍ଠିତ କରିବାକୁ ହେଲେ ଆଗାମୀ ଦିନରେ ଓଡ଼ିଶୀ ନୃତ୍ୟଶିଳ୍ପୀମାନଙ୍କୁ ସଂଯତ/ନିୟନ୍ତ୍ରିତ କରାନଗଲେ ଏ ନୃତ୍ୟ ଅଚିରେ ଦିଗ୍‌ଭ୍ରଷ୍ଟ ହୋଇଯିବ । ଏଣୁ ପ୍ରତ୍ୟେକ ଓଡ଼ିଶୀ ନୃତ୍ୟଶିଳ୍ପୀ ମାହାରୀ ନୃତ୍ୟଶୈଳୀକୁ ଯଥାର୍ଥ ଅନୁଶୀଳନ/ ଅନୁସରଣ କରିବା ଏକାନ୍ତ ଅପରିହାର୍ଯ୍ୟ । ସେହି ପରିପ୍ରେକ୍ଷୀରେ ମାହାରୀ ନୃତ୍ୟର ଅବକ୍ଷୟ ଫଳରେ ତାହା ଉପଭୋକ୍ତା ତଥା ଶିକ୍ଷାର୍ଥୀ ମନରୁ କ୍ରମଶଃ ଅପସରି ଯାଉଥିଲାବେଳେ, କେତେକ ସଂସ୍କୃତି ସଚେତନ ବ୍ୟକ୍ତି ତଥା ଅନୁଷ୍ଠାନ ଭକ୍ତ ମାହାରୀ ନୃତ୍ୟର ସଂରକ୍ଷଣ ନିମିତ୍ତ ଆଜି ଶ୍ରୀମନ୍ଦିରରେ ଜୀବିତାବସ୍ଥାରେ ଥିବା ଅବଶିଷ୍ଟ ମାତ୍ର ଦୁଇଜଣ ମାହାରୀ (ପରଶମଣି ଓ ଶଶିମଣି)ଙ୍କ ମାଧ୍ୟମରେ ମାହାରୀ ନୃତ୍ୟ ମଞ୍ଚରେ ପରିବେଷଣ କରାଇ ଜନମାନସରେ ଶ୍ରୀଜଗନ୍ନାଥ ସଂସ୍କୃତିର ଏତାଦୃଶ ଏକ ବଳିଷ୍ଠ ବିଭବକୁ ଉଜ୍ଜୀବିତ ରଖିବାର ଉଦ୍ୟମ ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ତେଣୁ ଗୁପ୍ତସେବାର ଦ୍ୱାହି ଦେଇ ଏହାର ମଞ୍ଚ ପରିବେଷଣ ଉପରେ ନକାରାତ୍ମକ ମତପୋଷଣ କରିବା ଆଦୌ ସ୍ପୃହଣୀୟ ନୁହେଁ । ସର୍ବୋପରି ପ୍ରୋକ୍ତ ଦୁଇଜଣ ମାହାରୀ ଦିବଂଗତ ହୋଇଯିବା ପରେ ମାହାରୀ ନୃତ୍ୟ ତା'ର ପ୍ରାମାଣିକତା ହରାଇ ବସିବା ସହିତ ତାହା କେବଳ କଥା- କଥନିକାରେ ପର୍ଯ୍ୟବସିତ ହୋଇଯିବ । ଫଳରେ ଆଦୌ ଗୁରୁତ୍ୱ ନଥିବା ଗୁରୁମନ୍ୟମାନେ ତୁଳସୀ ସମ ପବିତ୍ର ଓ ମହାପ୍ରସାଦ ତୁଲ୍ୟ ମହନୀୟ ଏହି ମାହାରୀ ନୃତ୍ୟକୁ କାବେରେ ନୃତ୍ୟ ବୋଲି ପ୍ରଚାର କରିବା ପାଇଁ ଆଦୌ ଦ୍ୱିଧାବୋଧ କରିବେ ନାହିଁ ।

ନୂଆଗାଁ, ଇଡିପୁର
ଭୁବନେଶ୍ୱର-୨

# ପୌରାଣିକ ଦୃଷ୍ଟିକୋଣରୁ ଶ୍ରୀକ୍ଷେତ୍ରର ସ୍ଥାନ

ଡକ୍ଟର ଜ୍ୟୋତିର୍ମୟୀ ସାମନ୍ତରାୟ

**ଶ୍ରୀ**କ୍ଷେତ୍ର ବା ପୁରୁଷୋତ୍ତମ କ୍ଷେତ୍ର ବଙ୍ଗୋପସାଗରର ପଶ୍ଚିମ ଉପକୂଳରେ ଅବସ୍ଥିତ । ଏହା ପୁରୀ ସମେତ ଆଖପାଖର ଷୋହଳ କିଲୋମିଟର ପରିମିତ ଅଞ୍ଚଳକୁ ନେଇ ଗଠିତ । ପୂର୍ବରେ ବାଲୁକେଶ୍ୱର, ପଶ୍ଚିମରେ ଲୋକନାଥ, ଉତ୍ତରରେ ମାଟିଆ ନଈ ଓ ଦକ୍ଷିଣରେ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ବିସ୍ତୃତ । ଏହି ଶ୍ରୀକ୍ଷେତ୍ରରେ ଅଷ୍ଟଶମ୍ଭୁ ବିଦ୍ୟମାନ । ମାର୍କଣ୍ଡେଶ୍ୱର, ଶ୍ରୀଲୋକନାଥ, ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ନିକଟରେ ଥିବା ନୀଳକଣ୍ଠେଶ୍ୱର, ଶ୍ୱେତଗଙ୍ଗା ଓ ନରେନ୍ଦ୍ର ସରୋବରସ୍ଥ ଅଧିପତି ଦେବଗଣ ଶ୍ରୀକ୍ଷେତ୍ରର ମାହାତ୍ମ୍ୟ ବଢ଼ାଇଛନ୍ତି । ଏ ପବିତ୍ର କ୍ଷେତ୍ରର ଅନେକ ନାମ ରହିଛି - ଉଚ୍ଛିଷ୍ଟ କ୍ଷେତ୍ର, ଉଡ୍ଡୀୟ କ୍ଷେତ୍ର, ପୁରୁଷୋତ୍ତମ କ୍ଷେତ୍ର, ଯମନିକ କ୍ଷେତ୍ର, ଶଙ୍ଖ କ୍ଷେତ୍ର, କୁଶସ୍ଥଳୀ, ଶ୍ରୀକ୍ଷେତ୍ର, ନୀଳାଦ୍ରି, ମର୍ତ୍ତ୍ୟବୈକୁଣ୍ଠ, ପୁରୀ ଇତ୍ୟାଦି

ବହୁ ପ୍ରାଚୀନ କାଳରେ ଶ୍ରୀକ୍ଷେତ୍ର ପୁରୁଷୋତ୍ତମ କ୍ଷେତ୍ର ନାମରେ ବିଶେଷ ଭାବରେ ପରିଚିତ ଥିଲା । ଏହି ପୁଣ୍ୟ କ୍ଷେତ୍ରର ମାହାତ୍ମ୍ୟ ଉପରେ ବ୍ରହ୍ମପୁରାଣ, ସ୍କନ୍ଦ ପୁରାଣ, ପଦ୍ମପୁରାଣ ପ୍ରଭୃତିରେ ସ୍ୱତନ୍ତ୍ର ପରିଚ୍ଛେଦ ରହିଛି । ସର୍ବକ୍ଷେତ୍ର ଭିତରେ ଶ୍ରେଷ୍ଠ ଥିବାରୁ ଏହାକୁ 'ଶ୍ରୀକ୍ଷେତ୍ର' ବୋଲି କୁହାଯାଏ । ପୁରୀ ହେଉଛି ଦଶାବତାର କ୍ଷେତ୍ର, ଭୌମ କ୍ଷେତ୍ର, ଦିବ୍ୟ କ୍ଷେତ୍ର । ଏହି କ୍ଷେତ୍ରରୁ ସବୁ ଅବତାରଙ୍କ ଉତ୍ପତ୍ତି । ସ୍ୱୟଂ ପୁରୁଷୋତ୍ତମ ଅବତାର ଗ୍ରହଣ କରି ଲୀଳା ଶେଷରେ ପୁଣି ଶ୍ରୀକ୍ଷେତ୍ରକୁ ଫେରି ଆସନ୍ତି ।

ତତ୍ରାପି ଲୋକରକ୍ଷାର୍ଥଂ ଯେଽବତାରାକୃତା ପୁରା
ସମ୍ଭ୍ୟାଦ୍ୟା ଦିବ୍ୟ ରୂପାବୈ ପୁରା ପ୍ରତେ କଥିତା ମାୟା (୧୦)
ଅତ୍ର କ୍ଷେତ୍ରବରେ ବସ ତାଂସ୍ତାନ୍ ପ୍ରକୁରୁତେ ବିଭୁଃ
ଏତଦ୍ଧି ପରମଂ ସ୍ଥାନଂ ଦିବ୍ୟଂ-ଭୌମଞ୍ଚ କଥ୍ୟତେ (୧୧)
ମୁଳାୟତନ ମେ ତଦ୍ଧି ସୃଷ୍ଟି ପାଳନ ସଂହୃତେଃ
ଅତ୍ରାବୀର୍ଯ୍ୟ ଭଗବାନ୍ ପ୍ରଜାତ୍ୟନ୍ୟତ୍ର କାର୍ଯ୍ୟତଃ (୧୨)
ବିଷ୍ଣାଦ୍ୟ କୃତ୍ୟ ପୃଥ୍ୱାହ ପୁନରତୈବ ତିଷ୍ଟତି
ଅତୋ ଦଶାବତାରାଣାଂ ଦର୍ଶନାଦୈସ୍ତୁ ଯଦ୍ ଫଳମ୍ (୧୩)
ତତ୍‌ଫଳଂ ଲଭତେ ମର୍ତ୍ତ୍ୟୋ ଦୃଷ୍ଟା ଶ୍ରୀପୁରୁଷୋତ୍ତମମ୍
ଦଶାବତାର ସଂଜ୍ଞସ୍ୟ କଥିତା ପୁତ୍ର ମେ ତୟା (୧୪)

ବାଲ୍ମୀକି ରାମାୟଣରେ ଜଗନ୍ନାଥ କିମ୍ବା ପୁରୁଷୋତ୍ତମ କ୍ଷେତ୍ର ସମ୍ବନ୍ଧରେ କୌଣସି ଉଲ୍ଲେଖ ନଥିଲେ ମଧ୍ୟ ପାରିପାର୍ଶ୍ୱିକ ଘଟଣାବଳୀରୁ ପୁରୁଷୋତ୍ତମ କ୍ଷେତ୍ରରେ ସୀତାଙ୍କର ଜନ୍ମ ନିରୂପଣ କରାଯାଇପାରେ । ବ୍ୟାସଦେବଙ୍କ ମହାଭାରତରେ ଜଗନ୍ନାଥ କିମ୍ବା କ୍ଷେତ୍ରର ଉଲ୍ଲେଖ ନଥିଲେ ମଧ୍ୟ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ଚରିତ ଓ ମହାଦେବୀ ମାହାତ୍ମ୍ୟ ବର୍ଣ୍ଣିତ ଅଛି । ପୁରାଣ ଅନୁସାରେ ଏହି ଶ୍ରୀକ୍ଷେତ୍ରର ଅକ୍ଷୟବଟ ପ୍ରଳୟ କାଳରେ ମଧ୍ୟ ପ୍ରଳୟ ଜଳରେ ଲୀନ ନ ହୋଇ ଅକ୍ଷୁଣ୍ଣ ରହିଥିଲା । ଏହି ପ୍ରଳୟ ସମୟରେ ସ୍ୱୟଂ ନାରାୟଣ ଓ ଶ୍ରୀକ୍ଷେତ୍ର ଏ ଦୁଇ କେବଳ ବିଦ୍ୟମାନ ଥିଲେ । ଭାରତର ପ୍ରଥମ ତାନ୍ତ୍ରିକ ପୀଠ ରୂପରେ 'ଓଡ଼ିଶା ଜଗନ୍ନାଥ' କାଳିକା ପୁରାଣରେ ସ୍ଥାନ ପାଇଛି । ବିଷ୍ଣୁ ପୁରାଣର ଏକ ପ୍ରାଚୀନ ପୋଥିରେ ରାଜ୍ୟ ବିସ୍ତୃତି ପ୍ରସଙ୍ଗରେ 'ଓଡ୍ର' ଓ ସମୁଦ୍ରତଟ ପୁରୀର ନାମ ଉଲ୍ଲେଖ ରହିଛି ।

ମହାତ୍ମା ଶଙ୍କରାଚାର୍ଯ୍ୟ ପୁରୁଷୋତ୍ତମ କ୍ଷେତ୍ରକୁ ଆସି କ୍ଷେତ୍ରର ସଂସ୍କାର କରିଥିବା କିମ୍ବଦନ୍ତୀ ପ୍ରଚଳିତ ଅଛି । ଶଙ୍କରାଚାର୍ଯ୍ୟଙ୍କ ସମୟରେ ପୁରୀ କ୍ଷେତ୍ର ପୁରୁଷୋତ୍ତମ କ୍ଷେତ୍ର, ଜଗନ୍ନାଥ କ୍ଷେତ୍ର, ଶ୍ରୀକ୍ଷେତ୍ର ନାମରେ ପରିଚିତ ଥିଲା । ନବମ ଶତାବ୍ଦୀ ବେଳକୁ ପୁରୁଷୋତ୍ତମ କ୍ଷେତ୍ର ଓ ପୁରୁଷୋତ୍ତମ ଜଗନ୍ନାଥଙ୍କ ମାହାତ୍ମ୍ୟ ଭାରତର ଅନ୍ୟାନ୍ୟ ଅଞ୍ଚଳରେ ପ୍ରାଧାନ୍ୟ ଲାଭ କରିଥିଲା ।

ପୁରୁଷୋତ୍ତମ କ୍ଷେତ୍ର ଭାରତର ଚାରିଧାମ ଭିତରେ ଅନ୍ୟତମ କ୍ଷେତ୍ର । ପଶ୍ଚିମରେ ଦ୍ୱାରକା, ଉତ୍ତରରେ ବଦ୍ରିନାଥ, ଦକ୍ଷିଣରେ ରାମେଶ୍ୱର ଓ ପୂର୍ବରେ ପୁରୁଷୋତ୍ତମ କ୍ଷେତ୍ର ଏହି ଚାରିଧାମ ହିନ୍ଦୁମାନଙ୍କ ପକ୍ଷେ ଅତି ପବିତ୍ର । ଅନ୍ୟ ତିନି ଧାମ ଅପେକ୍ଷା ପୁରୀ ଧାମ ମହାପ୍ରସାଦ ଯୋଗୁଁ ପ୍ରସିଦ୍ଧି ଲାଭ କରିଛି ।

ପୁରୁଷୋତ୍ତମ କ୍ଷେତ୍ର ସ୍ୱୟଂ ପୁରୁଷୋତ୍ତମଙ୍କର ବପୁସ୍ୱରୂପ । ପୁରୁଷୋତ୍ତମ ସର୍ବସଙ୍ଗ ପରିତ୍ୟାଗ କରି ସୁରାସୁରମାନଙ୍କୁ ଅତିକ୍ରମ କରି, ଦେହଧାରଣ ପୂର୍ବକ ଏହି କ୍ଷେତ୍ରରେ ଅଧିଷ୍ଠାନ କରନ୍ତି । ତେଣୁ, ଏହି କ୍ଷେତ୍ର ସୃଷ୍ଟି ଓ ପ୍ରଳୟର ଆକ୍ରମଣରୁ ବାଦ ପଡ଼ିଥାଏ । ବ୍ରହ୍ମା, ସୁର, ଅସୁର ସମସ୍ତଙ୍କ ପାଇଁ ଏହା ଅତି ଦୁର୍ଲଭ ସ୍ଥାନ । ଦାରୁରୂପୀ

ଜଗନ୍ନାଥଙ୍କ ଅବସ୍ଥିତି ଯୋଗୁଁ ଏହି କ୍ଷେତ୍ର ପରମ ପବିତ୍ର ସ୍ଥାନ - ରୂପେ ଗଣ୍ୟ ଏବଂ ଏହି କ୍ଷେତ୍ର ଯୋଗୁଁ ଉତ୍କଳଦେଶ ପୁଣ୍ୟତମ ସ୍ଥାନ । ଇନ୍ଦ୍ରାଦି ଦେବତାମାନେ ଏହି କ୍ଷେତ୍ରରେ ସର୍ବଦା ବାସ କରନ୍ତି ।

'ଶ୍ରୀପୁରୁଷୋତ୍ତମ' ଧାମ ସର୍ବବିଧରେ ବୃହତ୍ ଧାମର ନାମ ପୁରୁଷୋତ୍ତମ ଧାମ ଅର୍ଥାତ୍ ପୁରୁଷମାନଙ୍କ ଭିତରେ ଉତ୍ତମ ବା ବଡ଼ ଯେ ସେ ପୁରୁଷୋତ୍ତମ । ସେହି ପୁରୁଷୋତ୍ତମଙ୍କ କ୍ଷେତ୍ର ପୁରୁଷୋତ୍ତମ କ୍ଷେତ୍ର । ଏହି କ୍ଷେତ୍ରର ଅନ୍ୟନାମ ଶ୍ରୀକ୍ଷେତ୍ର ବା ସର୍ବପ୍ରଥମ ବା ସର୍ବପ୍ରଧାନ ବା ସର୍ବୋତ୍ତମ କ୍ଷେତ୍ର । ଠାକୁରଙ୍କ ନାମ 'ଜଗନ୍ନାଥ' ବା ଜଗତରନାଥ । ବଳଭଦ୍ର ମଧ ବଡ଼ ଠାକୁର । ଦେଉଳର ଅନ୍ୟନାମ 'ବଡ଼ ଦେଉଳ' । ଦାଣ୍ଡର ନାମ 'ବଡ଼ଦାଣ୍ଡ । ପ୍ରସାଦର ନାମ 'ମହାପ୍ରସାଦ' । ସମୁଦ୍ରର ନାମ 'ମହୋଦଧି' । ଜଗନ୍ନାଥଙ୍କ ରୋଷେଇଘର ପୃଥିବୀର ବୃହତ୍ତମ ରୋଷେଇଘର । ଏକ ସମୟରେ ଏକ ଲକ୍ଷ ଲୋକଙ୍କ ନିମନ୍ତେ ଆହାର ସାମଗ୍ରୀ ଏଠାରେ ପ୍ରସ୍ତୁତ ହୋଇପାରେ । ପୁରୀର ରଥଯାତ୍ରା ପୃଥିବୀର ବୃହତ୍ତମ ଯାତ୍ରା । ଏଠାର ରଥ ଆକାର ଓ ଉଚ୍ଚରେ ପୃଥିବୀର ସର୍ବବୃହତ୍ । ଜଗନ୍ନାଥଙ୍କ ବାହୁ 'ମହାବାହୁ' ।

ପ୍ରାଚୀନ ପୁରାଣ ଶାସ୍ତ୍ରମାନଙ୍କ ବ୍ୟତୀତ ଆହୁରି ଅନେକ ପୁରାଣ ସଂହିତା ଓ ତନ୍ତ୍ରଶାସ୍ତ୍ରମାନଙ୍କରେ ଜଗନ୍ନାଥ ଧାମର ପ୍ରଶସ୍ତି ଓ ମହାପ୍ରସାଦର ମାହାତ୍ମ୍ୟ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି । ବାୟୁ ପୁରାଣରେ ପୁରୁଷୋତ୍ତମ କ୍ଷେତ୍ରକୁ ଭୂସ୍ୱର୍ଗ ବୋଲି ବର୍ଣ୍ଣନା କରାଯାଇଛି । ପୁରୁଷୋତ୍ତମ କ୍ଷେତ୍ର ବିଷୟରେ ବାମନ ପୁରାଣରେ ଉଲ୍ଲେଖ ରହିଛି । ମନ୍ତ୍ର ମଧ୍ୟରେ 'ଗାୟତ୍ରୀ ମନ୍ତ୍ର' ଯେପରି ଶ୍ରେଷ୍ଠ ସେହିପରି କ୍ଷେତ୍ର ମଧ୍ୟରେ ପୁରୁଷୋତ୍ତମ କ୍ଷେତ୍ର ସର୍ବଶ୍ରେଷ୍ଠ ଅଟେ ।


୧. ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ - ପଣ୍ଡିତ ଶ୍ରୀ ସୂର୍ଯ୍ୟନାରାୟଣ ଦାଶ, ଫ୍ରେଣ୍ଡସ୍ ପବ୍ଲିସର୍ସ, ୧୯୭୬

୨. ଜଗତ ଓ ଜଗନ୍ନାଥ - କୁମାର କବି ଅରକ୍ଷିତ ପ୍ରଧାନ, ଶ୍ରୀ ଗୋପାଳ ପ୍ରେସ୍, ପୁରୀ, ୧୯୮୩



ସହସୂଚନା ଅଧିକାରୀ
ସୂଚନା ଓ ଲୋକ ସଂପର୍କ ବିଭାଗ
ଭୁବନେଶ୍ୱର


# ଜାନୁଆରୀ ମାସରୁ ଦୂରଦର୍ଶନରେ ଲୋକ ସଂପର୍କ ବିଭାଗ ପକ୍ଷରୁ 'ନିଉଜ୍ ମାଗାଜିନ୍' ପ୍ରସାରଣ

ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଦୂରଦର୍ଶନରେ ଏକ ସାପ୍ତାହିକ 'ନିଉଜ୍ ମାଗାଜିନ୍' ପ୍ରସାରଣ ସଂପର୍କରେ ଗତ ଡିସେମ୍ବର ୫, ୨୦୦୫ରେ ସୂଚନା ଓ ଲୋକ ସଂପର୍କ ତଥା କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ଦେବାଶିଷ ନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଏହି ପ୍ରସାରଣର ବିଭିନ୍ନ ଦିଗ ସଂପର୍କରେ ବିଶଦ ଆଲୋଚନା କରାଯାଇ ଆସନ୍ତା ଜାନୁଆରୀ ମାସରୁ ପ୍ରତ୍ୟେକ ଶନିବାର ସଂଧ୍ୟା ଘ.୭.୧୫ମି.ରୁ ଘ.୭.୩୦ମି. ପର୍ଯ୍ୟନ୍ତ ୧୫ ମିନିଟ୍ ପାଇଁ ଏହା ପ୍ରସାରଣ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ନିଉଜ୍ ମାଗାଜିନ୍‌କୁ ସଂପୂର୍ଣ୍ଣ ତଥ୍ୟଭିତ୍ତିକ ଏବଂ ମନୋରଂଜନଧର୍ମୀ କରି ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ପ୍ରସାରଣ କରାଯିବାର ବ୍ୟବସ୍ଥା କରିବାକୁ ମନ୍ତ୍ରୀ ଶ୍ରୀ ନାୟକ ପରାମର୍ଶ ଦେଇଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ରାଜ୍ୟ ସରକାରଙ୍କର ବିଭିନ୍ନ ପ୍ରଗତିମୂଳକ କାର୍ଯ୍ୟକ୍ରମକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇ ସେସବୁର ସଫଳ ରୂପାୟନ ନିମନ୍ତେ ମନ୍ତ୍ରୀ ଶ୍ରୀ ନାୟକଙ୍କ ପରାମର୍ଶ ଏବଂ ଉଦ୍ୟମରେ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ସହଯୋଗରେ ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ପ୍ରସାରଣ ହେବାକୁ ଯାଉଥିବା ଏହି କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇପାରିଛି । ଏହା ଏକ ଅଭିନବ ଉଦ୍ୟମ ବୋଲି କୁହାଯାଇପାରେ ।

ବିଧାନସଭାସ୍ଥିତ ମନ୍ତ୍ରୀ ଶ୍ରୀ ନାୟକଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ଉକ୍ତ ବୈଠକରେ ସୂଚନା ଓ ଲୋକ ସଂପର୍କ ବିଭାଗ ଶାସନ ସଚିବ ଶ୍ରୀ ଦିଗମ୍ବର ମହାନ୍ତି, ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ନିର୍ଦ୍ଦେଶକ ଶ୍ରୀ ବରାହ କୁମାର ମହାନ୍ତି, ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ବୈଷ୍ଣବ ପ୍ରସାଦ ମହାନ୍ତି ଓ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ଲୋକନାଥ ତନ୍ତୀ ପ୍ରମୁଖ ଯୋଗ ଦେଇଥିଲେ ।



# ଓଡ଼ିଶାର ସଂସ୍କୃତି ସମ୍ପନ୍ନ ସମରକଳା ବନାଟି


**ବ**ନାଟି ହେଉଛି ଓଡ଼ିଶାର ପ୍ରାଚୀନ ସଂସ୍କୃତି ସମ୍ପନ୍ନ ସମରକଳା । ଏହାର ପ୍ରୟୋଗ ବ୍ୟୂହ ଯୁଦ୍ଧରେ କରାଯାଉଥିଲା । ଯୋଦ୍ଧା ବନାଟି ବୁଲାଇବା ସମୟରେ ଧନୁଶର, ବର୍ଚ୍ଛାଦି ଆକ୍ରମଣରୁ ନିଜ ପକ୍ଷରୁ ସୈନ୍ୟମାନଙ୍କୁ ରକ୍ଷା କରିପାରୁଥିଲା । କାଳକ୍ରମେ ଏହା ଚାରିଆଡ଼ୁ ଲୋପପାଇ ଶ୍ରୀଜଗନ୍ନାଥଧାମ ପୁରୀ ସହରର ସାହିଯାତ୍ରାରେ ପ୍ରଦର୍ଶନ ଖେଳ ରୂପେ ପ୍ରଦର୍ଶିତ ହେଉଥିଲା । ଯାହାର ସ୍ୱରୂପ ଥିଲା ନିଆଁ ବନାଟି । ବନାଟିର ସଂଜ୍ଞା ରୂପେ ଆମକୁ କହିବାକୁ ପଡ଼ିବ ସାଢ଼େ ତିନି ହାତ ଲମ୍ବ ଦଉଡ଼ି ବା ରସିର ଦୁଇ ମୁଣ୍ଡରେ ଦୁଇଟି ପିଣ୍ଡୁଳା ବା ଗୁଳା ଖଚିତ ପଦାର୍ଥ ହିଁ ବନାଟି । ଆବଶ୍ୟକସ୍ଥଳେ ଏହାକୁ ଅଗ୍ନି, ଛୁରୀ ବନାଟି ରୂପେ ମଧ ବ୍ୟବହାର କରାଯାଏ । ୧୯୯୦ ମସିହା ବେଳକୁ ବନାଟି ପ୍ରାୟତଃ ଲୁପ୍ତ ହୋଇ ଆସିଥିଲା । ସେହି ସମୟରେ ପୁରୀ ସହରରେ ଦେଖିବାକୁ ମିଳିଥାଏ ମାତ୍ର ଏଗାର ଜଣ ବନାଟି ଖେଳାଳି, ଯେଉଁ ଖେଳାଳିମାନେ ବନାଟିର ସମସ୍ତ କୌଶଳ ଜାଣି ନଥିଲେ କିନ୍ତୁ ଉକ୍ତ ସମୟରେ ପୁରୀ ବାସେଳୀ ସାହି ନୀଳମାଧବ ଲେନ୍ ନିବାସୀ ତଥା ପଞ୍ଚମୁଖୀ ବ୍ୟାୟାମ ବିଦ୍ୟାଳୟ (ରାହାସ ମହାନ୍ତି ଜାଗା)ର ରାମଚନ୍ଦ୍ର ସୁଆର ନାମକ ଜଣେ ଶିକ୍ଷାର୍ଥୀ ସେଠାରେ ଗୁରୁ ଶ୍ରୀ ରଘୁନାଥ ସୁଆରଙ୍କଠାରୁ ବନାଟି ଖେଳର ସମସ୍ତ କୌଶଳ ଶିକ୍ଷା ଗ୍ରହଣ କରିବା ପରେ ନିଜେ ବନାଟିର ବିଭିନ୍ନ ଉନ୍ନତିମାନର ଚାଳନା କୌଶଳ ଉଦ୍ଭାବନ କରି ସେଗୁଡ଼ିକୁ ବଞ୍ଚାଇ ରଖିବା ପାଇଁ ବିଭିନ୍ନ ଉପାୟ ଚିନ୍ତା କଲେ । ୧୯୮୯ ମସିହାରେ ସେ 'ସହଜ ବନାଟି ଶିକ୍ଷା' ନାମକ ଏକ ପାଣ୍ଡୁଲିପି ରଚନା କଲେ । ରାମଚନ୍ଦ୍ର ସୁଆରଙ୍କ ଦ୍ୱାରା ୧୯୯୦ ମସିହାରେ ଶ୍ରୀଜଗନ୍ନାଥ ସମରକଳା ପ୍ରଶିକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ ନାମକ ସଂସ୍ଥା ଗଠିତ ହେଲା । ଓଡ଼ିଶାର ଏହି ଐତିହ୍ୟପୂର୍ଣ୍ଣ ସଂସ୍କୃତି ସମ୍ପନ୍ନ ଶରୀର ପକ୍ଷେ ଉପଯୋଗୀ ତଥା ଲୋକ ଉପକାରୀ ଆକର୍ଷକ ସମରକଳା ବନାଟି କେବଳ କ୍ରୀଡ଼ା ବିଭାଗ ଦ୍ୱାରା କ୍ରୀଡ଼ା ରୂପେ ମାନ୍ୟତା ପାଇ ପାରିଲେ ହିଁ ସମାଜର ଅନେକ ଉପକାର ହୋଇପାରିବ ବୋଲି ହୃଦୟଙ୍ଗମ କରି ରାମଚନ୍ଦ୍ର ସୁଆର ୧୯୯୧ ମସିହାଠାରୁ ପୁରୀର ବିଭିନ୍ନ ବିଦ୍ୟାଳୟମାନଙ୍କରେ ବନାଟି ଶିକ୍ଷାଦାନ କରି ପ୍ରତିବର୍ଷ ନିଜ ଖର୍ଚ୍ଚରେ ବାର୍ଷିକ ପ୍ରତିଯୋଗିତା କରାଇଲେ । ଶ୍ରୀ ସୁଆରଙ୍କ ପ୍ରତ୍ୟକ୍ଷ ଶିକ୍ଷାଦାନ କ୍ଷେତ୍ରରେ ବିଶେଷତ୍ୱ ଥିଲା ବାଳିକାମାନଙ୍କୁ ଶିକ୍ଷା ପ୍ରଦାନ କରିବା ଯାହାକି ବନାଟି ଶିକ୍ଷା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲା । ୧୯୯୨ ମସିହାରେ ଶ୍ରୀଜଗନ୍ନାଥ ସମରକଳା ପ୍ରଶିକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ପୁରୀ ଜିଲ୍ଲା ସ୍କୁଲଠାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଦ୍ୟାଳୟ ସ୍ତରୀୟ ବନାଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ମୁଖ୍ୟମନ୍ତ୍ରୀଙ୍କୁ ବନାଟିକୁ କ୍ରୀଡ଼ା ଜଗତରେ ସାମିଲ କରିବା ପାଇଁ ଶ୍ରୀ ରାମଚନ୍ଦ୍ର ସୁଆର ବାରମ୍ବାର ଅନୁରୋଧ କଲେ । ଏ ମଧ୍ୟରେ ସେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଖୋର୍ଦ୍ଧାସ୍ଥିତ ରାଜ୍ୟ ସମରକଳା ଶିକ୍ଷା ଏକାଡେମୀରେ ବନାଟି ଗୁରୁ ରୂପେ ଦାୟିତ୍ୱ ନିର୍ବାହ କରିଥିଲେ । ରାଜ୍ୟସ୍ତରୀୟ ଓ ଜିଲ୍ଲାସ୍ତରୀୟ ବିକାଶ ଲାଗି ଓଡ଼ିଶା ବନାଟି ଆସୋସିଏସନ, ପୁରୀ ଜିଲ୍ଲା ବନାଟି ଆସୋସିଏସନ ନାମକ ଆଉ ଦୁଇଟି ସଂସ୍ଥା ଗୁରୁ ଶ୍ରୀ ରାମଚନ୍ଦ୍ର ସୁଆରଙ୍କ ଦ୍ୱାରା ପ୍ରତିଷ୍ଠିତ ହେଲା । ସମସ୍ତ ସଂସ୍ଥାମାନଙ୍କର ପ୍ରତିଷ୍ଠା, ପଞ୍ଜୀକରଣ, ଶିକ୍ଷାଦାନ ଏବଂ ପ୍ରତିଯୋଗିତା ନିମିତ୍ତ ପ୍ରାୟ ସମସ୍ତ ଖର୍ଚ୍ଚ ୨୦୦୦ ମସିହା ପର୍ଯ୍ୟନ୍ତ ଗୁରୁ ଶ୍ରୀ ସୁଆର ନିଜେ ବହନ କରୁଥିଲେ । କିଛି ଚାନ୍ଦା ବା ଦାନ ମାଗି ଅନୁଷ୍ଠାନ ଚଳାଇବା ତାଙ୍କୁ ଲଜ୍ଜାବୋଧ ହେଉଥିଲା । ତେଣୁ ସୌଜନ୍ୟମୂଳକ ଭାବେ ନିଜର ଏବଂ ବନାଟିର ସମ୍ମାନ ରକ୍ଷା ପାଇଁ ଯେଉଁ କିଛି ଦାନ ମିଳୁଥିଲା, ତାହା ଅତି ସାମାନ୍ୟ ଥିଲା । ସମାଲୋଚନା ଏବଂ ଦୟାମୂଳକ ବ୍ୟବହାର ମଧ୍ୟରେ ଗତିକରି ଗୁରୁ ଶ୍ରୀ ରାମଚନ୍ଦ୍ର ସୁଆର ବନାଟି କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ତମ ଶିକ୍ଷକ (କୋଚ୍) ଏବଂ ବିଚାରକ ରୂପେ ଗଢ଼ିତୋଳିବା ପାଇଁ ଏବଂ ସେମାନଙ୍କୁ ପ୍ରମାଣିତ କରିବାପାଇଁ ୨୦୦୦ ମସିହାଠାରୁ 'ବନାଟି କୌଶଳୀ' 'ବନାଟି ବିଶାରଦ' ଏବଂ 'ବନାଟି ଆଚାର୍ଯ୍ୟ' ନାମକ ସାର୍ଟିଫିକେଟ ପରୀକ୍ଷାର ପ୍ରଚଳନ ପ୍ରତିଷ୍ଠିତ ଶ୍ରୀଜଗନ୍ନାଥ ସମରକଳା ପ୍ରଶିକ୍ଷଣ ପ୍ରତିଷ୍ଠାନ ଓ ଗବେଷଣା ମାଧ୍ୟମରେ କରାଇଲେ । ଏହା ପ୍ରଥମ ପରୀକ୍ଷା ଗଦାଧର ହାଇସ୍କୁଲଠାରେ ହୋଇଥିଲା, ଉକ୍ତ ପରୀକ୍ଷାରେ ବିଷ୍ଣୁଦତ୍ତ ଦାସ ନାମକ ଛାତ୍ର ବନାଟି ଆଚାର୍ଯ୍ୟ, ଛାତ୍ରୀ ମିଲିରାଣୀ ସାସମଲ ବନାଟି ବିଶାରଦ ଏବଂ ଭାନୁପ୍ରିୟା ସୁଆର, ମନୋଜ କୁମାର ସାମନ୍ତ, କୃଷ୍ଣଚନ୍ଦ୍ର ବେହେରା, ଗଙ୍ଗାଧର ସାହୁ, ଗୁରୁପ୍ରସାଦ ରଥ ପ୍ରମୁଖ ଶିକ୍ଷାର୍ଥୀ ବନାଟି କୌଶଳୀ ରୂପେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ଉକ୍ତ ପରୀକ୍ଷାର ସମସ୍ତ ପାଠ୍ୟପୁସ୍ତକ ଓ ନିୟମାବଳୀ ଗୁରୁ ଶ୍ରୀ ରାମଚନ୍ଦ୍ର ସୁଆରଙ୍କ ଦ୍ୱାରା ରଚିତ ହୋଇଥିଲା । ବର୍ତ୍ତମାନ ଗୁରୁ ଶ୍ରୀ ସୁଆରଙ୍କ ଦୀର୍ଘ ଦିନର ପ୍ରଚେଷ୍ଟାରେ ସେହି ଦିନର ସମରକଳା ବନାଟି ବର୍ତ୍ତମାନ ରାଜ୍ୟ ସରକାରଙ୍କଠାରୁ କ୍ରୀଡ଼ା ଅନୁଦାନ ପାଇ ଆସୁଅଛି । ଓଡ଼ିଶା ବନାଟି ଆସୋସିଏସନକୁ ରାଜ୍ୟସ୍ତରୀୟ କ୍ରୀଡ଼ାସଂସ୍ଥା ରୂପେ ରାଜ୍ୟ ଅଲମ୍ପିକ ଆସୋସିଏସନ ମାନ୍ୟତା ପ୍ରଦାନ କରିଛି । ଆଗ୍ରହୀ ଶିକ୍ଷାର୍ଥୀମାନେ ପରୀକ୍ଷାରେ ସମ୍ମିଳତ ହୋଇ କୃତିତ୍ୱ ଅର୍ଜନ କରୁଛନ୍ତି । ଭବିଷ୍ୟତରେ ସର୍ବଭାରତୀୟ ସ୍ତରରେ ତଥା ବିଶ୍ୱସ୍ତରରେ ଏବଂ ବିଶ୍ୱ ଅଲମ୍ପିକ ଖେଳରେ ବନାଟିକୁ ସାମିଲ କରିବାପାଇଁ ଗୁରୁ ଶ୍ରୀ ରାମଚନ୍ଦ୍ର ସୁଆରଙ୍କ ସଂଗ୍ରାମ ଜାରି ରହିଛି ।

# ରାଧାନାଥୀୟ ଦରବାର ଓ ସାମନ୍ତ ଚନ୍ଦ୍ରଶେଖର

ନିର୍ମଳା କୁମାରୀ ମହାପାତ୍ର

**କ**ବିବର ରାଧାନାଥଙ୍କ କବିତା-କଳ୍ପଲତାରେ ପ୍ରସ୍ଫୁଟିତ ଅନେକ ସୁରଭିତ କାବ୍ୟ ସୁମନ ମଧ୍ୟରୁ 'ଦରବାର' ସ୍ୱତନ୍ତ୍ର ରୁଚିର । କବିଙ୍କର ଭାବ-ପ୍ରବଣତା, ସୌନ୍ଦର୍ଯ୍ୟବୋଧ, କାବ୍ୟ କାରିଗରୀର ସୂକ୍ଷ୍ମ କୌଶଳର ସ୍ପଷ୍ଟ ମୁଦ୍ରାଙ୍କ ତାଙ୍କର ଅନ୍ୟାନ୍ୟ ରଚନା ଯଥା- ମେଘଦୂତ, କେଦାରଗୌରୀ, ଚନ୍ଦ୍ରଭାଗା, ନନ୍ଦିକେଶ୍ୱରୀ, ଉଷା, ପାର୍ବତୀ (ଅସଂପୂର୍ଣ୍ଣ), ଚିଲିକା, ମହାଯାତ୍ରା (ଅସଂପୂର୍ଣ୍ଣ)ରେ ପ୍ରତିଫଳିତ ହୋଇଅଛି । ଦରବାର କାବ୍ୟର ବିଶେଷ ବିଶେଷତ୍ୱ ହେଲା ଏହାର ଶାଣିତ ବ୍ୟଙ୍ଗ (Sharp Satire) । ଏଥିରେ ନା ଅଛି ନାରୀ ଚରିତ୍ର, ନା ଅଛି ପ୍ରୀତି । ଅଥଚ ଅନନ୍ୟ କାବ୍ୟ, ଏକ ମୌଳିକ ଆତ୍ମ-ସଂପୂର୍ଣ୍ଣ ବ୍ୟଙ୍ଗ ବିଦ୍ରୂପାତ୍ମକ କାବ୍ୟ । ଶାଶ୍ୱତ ଚିରନ୍ତନ ସତ୍ୟର ଉପସ୍ଥାପନା ସହିତ ତା'ର ବିଶ୍ଳେଷଣ କ୍ରମେ ଆପ୍ତବଚନ-ଧର୍ମୀୟ ସଂଶ୍ଳେଷଣାତ୍ମକ ପଦପୁଞ୍ଜରେ ସାରାତିସାର ତଥ୍ୟର ଝଲକ ଏହି ଦରବାର କାବ୍ୟର ଆତ୍ମା । ଅହଂକାର, ଦମ୍ଭ-ଦର୍ପ ଆଦି କ୍ଷଣିକ ଅଟଇ, ତୋଷାମଦୀର ଜୀବନ ନାରକୀୟ ଅଟେ, ଆତ୍ମ-ବିଶ୍ଳେଷଣ ଦେଇ ମନୁଷ୍ୟର ବିବେକ-ବୁଦ୍ଧି ପରିପକ୍ୱ ହୁଏ, ଧର୍ମ ହିଁ ଚିରସ୍ଥାୟୀ । ଅତଏବ ସତ୍ୟାନୁସରଣ କର୍ତ୍ତବ୍ୟ - ଏଇ ଚିନ୍ତା-ଚେତନାକୁ କାବ୍ୟିକ ଢଙ୍ଗରେ ପରିପ୍ରକାଶ କରିବାରେ ରାଧାନାଥୀୟ ଶୈଳୀର ଯେଉଁ ଅପୂର୍ବ ଶବ୍ଦ ନିର୍ବାଚନ, ଉପଯୋଗର କ୍ରମଜ୍ଞାନ, ଉପସ୍ଥାପନାର ଚମତ୍କାରିତା ଓ ମୂଲ୍ୟାୟନ କରାଯାଇଛି, ତା'ର ତୁଳନା ନାହିଁ । ପଣ୍ଡିତ ନୀଳକଣ୍ଠଙ୍କ ଭାଷାରେ 'x x x x ଦରବାର କବିତାଟି ହେଉଛି ବ୍ୟଙ୍ଗ କବିତା (Satire)ର ଶିରୋଭୂଷଣ । (ରାଧାନାଥ ପରିଚିତି, ପୃ.୮୮)

'ଦରବାର' କାବ୍ୟର ରଚନା କାଳ ୧୮୯୬ ମସିହା । ତତ୍କାଳୀନ ଓଡ଼ିଶାର ଜଏଣ୍ଟ ଡିରେକ୍ଟର (Joint Director) ରାଧାନାଥ ରାୟ ଥିଲେ ଅତ୍ୟନ୍ତ ସ୍ୱାଭିମାନୀ ନାଗରିକ, ପ୍ରଚଣ୍ଡ ବୌଦ୍ଧିକ ସତ୍ତ୍ୱର ଅଧିକାରୀ । 'ଦରବାର' କାବ୍ୟର ପୃଷ୍ଠଭୂମି ହେଲା ୧୮୯୪ ମସିହା ଅଗଷ୍ଟ ୨୯ ତାରିଖରେ 'ବାରବାଟୀ' ଦୁର୍ଗ ପ୍ରାଙ୍ଗଣରେ ଅନୁଷ୍ଠିତ ଉପାଧି ପ୍ରଦାନ ଉତ୍ସବ ବା ଅନ୍ୟ ଭାବେ କହିଲେ ହେବ ଯେ ବ୍ରିଟିଶ ସରକାରଙ୍କର 'ଦରବାର' ଆୟୋଜନ । ଆୟୋଜିତ 'ଦରବାର'ରେ ଏକତ୍ରିତ ହୋଇଥିଲେ ଦେଶୀୟ ରାଜା, ଜମିଦାର, ପୁଲିସ,



ରାଜକର୍ମଚାରୀ, ସର୍ଜେଣ୍ଟ (ପାଇକନାହା), ଉଚ୍ଚପଦାଧିକାରୀ, ଡିପୋଟୀ ଆଦି । କବିବର ରାଧାନାଥଙ୍କ ଭଗ୍ନିପତି କାଉପୁର (ବାଲେଶ୍ୱର ଜିଲ୍ଲା) ଜମିଦାର ଶ୍ରୀ ଗୋବିନ୍ଦ ବଲ୍ଲଭ ରାୟ ସେହି ଦରବାରରେ ଉପସ୍ଥିତ ଥିଲେ 'ରାୟ ବାହାଦୁର' ଉପାଧି ପାଇବା ପାଇଁ । ଅଧିକନ୍ତୁ ସେହି 'ଦରବାର'ରେ ଉପସ୍ଥିତ ଥିଲେ ସାମନ୍ତ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ତାଙ୍କର ଯୁଗାନ୍ତକାରୀ ପ୍ରାମାଣିକ ଗ୍ରନ୍ଥ 'ସିଦ୍ଧାନ୍ତ ଦର୍ପଣ' ପାଇଁ ପ୍ରଦତ୍ତ ଉପାଧି 'ମହାମହୋପାଧ୍ୟାୟ' ଲାଭ କରିବାକୁ । ପ୍ରୋକ୍ତ ପ୍ରାଜ୍ଞ ପୁରୁଷ ପଠାଣି ସାମନ୍ତ ନାମରେ ସର୍ବ ପରିଚିତ । ସେ 'ସିଦ୍ଧାନ୍ତ ଦର୍ପଣ' ରଚନାର ସ୍ୱୀକୃତି ସ୍ୱରୂପ ଭାରତର ତତ୍କାଳୀନ ଭାଇସ୍‌ରାୟ ଓ ଗଭର୍ଣ୍ଣର ଜେନେରାଲଙ୍କ ପ୍ରଦତ୍ତ ପୂର୍ବୋକ୍ତ ମହାମହୋପାଧ୍ୟାୟ ଉପାଧି, ସନନ୍ଦ ଓ ବୃତ୍ତିପତ୍ର କଟକ (ବାରବାଟୀ ଦୁର୍ଗ ପରିସର)ରେ ବସିଥିବା କମିଶନର କୁକ୍ ସାହେବଙ୍କଠାରୁ ଗ୍ରହଣ କରିଥିଲେ । ଦରବାରର ପ୍ରଶାସନିକ ଅବ୍ୟବସ୍ଥା ତଥା ଅସାଂସ୍କୃତିକ ଆଚରଣ ଦେଖି କ୍ଷୁବ୍‌ଧ ହୋଇଥିବା କବି ପ୍ରାଣକୁ ଆହୁରି ଦୋହଲାଇ ଦେଇଥିଲା ସମକାଳୀନ ଲୋକମାନଙ୍କର ମୂର୍ଖତା, ସ୍ୱାର୍ଥପରତା ଓ ଅନୁଦାର ମନୋଭାବ ।

କବିବରଙ୍କର ଅତ୍ୟନ୍ତ ଉଦ୍‌ବେଗର କାରଣ ଥିଲା ତତ୍କାଳୀନ ସରକାରଙ୍କର ଉପାଧି ପ୍ରଦାନ ନୀତି । ଧୁଆଁ ମୂଳା ଓ ଅଧୁଆମୂଳାକୁ ଏକା ଠାଆରେ ରଖିବା ପରି କଥା । ସାମନ୍ତ ଚନ୍ଦ୍ରଶେଖର ସିଂହଙ୍କ ପରି ଅସାମାନ୍ୟ ପ୍ରତିଭାଧରଙ୍କୁ ସ୍ୱତନ୍ତ୍ର ଉସବରେ ସମ୍ମାନିତ କରି ମହାମହୋପାଧ୍ୟାୟ ଉପାଧି ସନନ୍ଦ ପ୍ରଦାନ କରାଯିବା କଥା । ତାହା କରାନଯାଇ ଏକ ସାଧାରଣ ଦରବାର ଡକାଇ ଯେଉଁ ଗହଣରେ ଗର୍ବୀ ଅହଂକାରୀ ସ୍ୱାର୍ଥପର, ଉପାଧିଲୋଭୀଙ୍କୁ ରାୟ ସାହେବ, ରାୟବାହାଦୂର ଆଜି ଉପାଧି ଦିଆଯାଉଥିଲା, ସେହି ପରିସରରେ ଜ୍ଞାନ-ତପସ୍ୱୀ ଉତ୍କଳଶେଖର ଭାରତର ଦ୍ୱିତୀୟ ଭାସ୍କରାଚାର୍ଯ୍ୟ ପଠାଣି ସାମନ୍ତଙ୍କୁ ସମ୍ମାନିତ କରାଯାଉଥିଲା ।

ନିର୍ମଳ ବ୍ୟକ୍ତିତ୍ୱର ନିଦା ଖାଣ୍ଟି ମଣିଷଟି ଥିଲେ ପଠାଣି ସାମନ୍ତ । ଘନ ଘୋର ବର୍ଷାକାଳର ବେଙ୍ଗରଡ଼ି ପାଖରେ କୋଇଲି ମୌନ ରହିଲା ପରି ପାଶ୍ଚାତ୍ୟ ସଂସ୍କୃତିର ହନୁକରଣ ଅବସରରେ ଗହଗହ କମ୍ପୁଥିବା ଉପାଧିହାଟର ସଭାଘର ଭିତରେ ପଠାଣି ସାମନ୍ତ ଥିଲେ ଆସନ ମଣ୍ଡିଥିବା ମୌନୀ ଦେବତାଟିଏ । ପବିତ୍ର ଚିତ୍ରୋତ୍ପଳାର ମଧୁର ନୀର ପାନକାରୀ ପଙ୍କିଳ ପୁଷ୍କରିଣୀରେ ପ୍ରବେଶ କରିବା ଯାହା, ସାମନ୍ତ ଚନ୍ଦ୍ରଶେଖରଙ୍କର ଏ 'ଦରବାର'ରେ ପଦାର୍ପଣ କରିବା ତାହା । ତେଣୁ ବିସ୍ମୟରେ ପ୍ରଶ୍ନିଳ ଦୃଷ୍ଟି ନେଇ କବି ଲେଖିଛନ୍ତି -

'କହ ପେଡ଼ି, ପଡ଼ି କେଉଁ ଭ୍ରମ ଜାଲେ
ସତ୍ୟ ଲୋକୁ ଖସି ଆସିଲ ପାତାଳେ ?
ଲୋଡୁଅଛ କି ହେ ବିଶ୍ୱପୂଜାସ୍ପଦ,
ଖଦ୍ୟୋତନ ହୋଇ ଖଦ୍ୟୋତର ପଦ ?
(ରାଧାନାଥ ଗ୍ରନ୍ଥାବଳୀ, ପୃ.୨୦୩)

ପଠାଣି ସାମନ୍ତ ଖଦ୍ୟୋତନ ଅର୍ଥାତ୍ ସୂର୍ଯ୍ୟଙ୍କ ପରି ବିରାଟ ବ୍ୟକ୍ତିତ୍ୱ ସଂପନ୍ନ ପୂଜାସ୍ପଦ ମାନବ । ଲୋଭୀଜନ ସମାଗମ ସ୍ଥଳ ପ୍ରୋକ୍ତ ଦରବାରେ ତାଙ୍କର ଉପସ୍ଥିତି ହେବା ଯାହା ସୂର୍ଯ୍ୟଙ୍କର ଖଦ୍ୟୋତିକା ବା ଜୁଳୁଜୁଳିଆ ପୋକ ପଦବୀ ପାଇବା ପାଇଁ ଇଚ୍ଛା ପ୍ରକଟ କରିବା ସେଇଆ ।

ପଠାଣି ସାମନ୍ତଙ୍କର ଗତାନୁଗତିକ ଜୀବନର ଚିତ୍ରଣରେ ତାଙ୍କର ମହତ୍ୱ ପ୍ରତିପାଦନ କରନ୍ତି କବିବର ନିମ୍ନଭାବେ, ଯଥା-

'ସବୁବେଳେ ଧ୍ୟାନ କରୁଛ ଭାସ୍ୱତୀ
ହିରଣ୍ୟ ଗର୍ଭର ମୂରତି ଶାଶ୍ୱତୀ
ତୁମ୍ଭ ଆଗେ ଭାସେ ପ୍ରତି ନେତ୍ରୋନ୍ମେଷେ
କୋଟି କୋଟି ବିଶ୍ୱ ସମାତୀତ ଦେଶେ
କୋଟି ଗ୍ରହ ଉପଗ୍ରହ, ଧୂମକେତୁ
ତୁମ୍ଭ ତପେ ତୁଷ୍ଟ ବାଗ୍‌ଦେବୀ ସଂକେତୁ ।'
(ରାଧାନାଥ ଗ୍ରନ୍ଥାବଳୀ, ପୃ.୨୦୩)

ପଠାଣି ସାମନ୍ତ ରାତ୍ରକାଳରେ ଗ୍ରହନକ୍ଷତ୍ରମାନଙ୍କର ଗତିବିଧି ଲକ୍ଷ୍ୟ କରୁଥିଲେ । ଅନେକ ନକ୍ଷତ୍ର ଏକତ୍ର ହୋଇ ଗୋଟିଏ ଗୋଟିଏ ଜ୍ୟୋତିର୍ମୟ ପୁରୁଷ ରୂପେ କଳ୍ପିତ । ସେହି ନକ୍ଷତ୍ର ପୁରୁଷମାନଙ୍କର ତାଣ୍ଡବନୃତ୍ୟ ଦେଖିବାରେ ଚିର ଅଭ୍ୟସ୍ତ ଥିଲେ ପଠାଣି ସାଆନ୍ତେ । ଜ୍ୟୋତିର୍ବିଦ୍ ଶ୍ରୀ ସାମନ୍ତ ଜ୍ୟୋତିର୍ଲୋକବାସୀ ମହାମୁନିମାନଙ୍କର ନିତ୍ୟ ସହଚର ଥିଲେ । ଯାବତ ଚନ୍ଦ୍ରାର୍କେ ତାଙ୍କର ଯଶଖ୍ୟାତି ଅମଳିନ ରହିବ, କାରଣ ତାଙ୍କର ଗଣନାରୁ ବିଶୁଦ୍ଧ ପଞ୍ଜିକା ପ୍ରସ୍ତୁତି ସମ୍ଭବପର ହୋଇପାରିଥିଲା ।

ଗଭୀର ଅନୁଧ୍ୟାନରୁ ଜଣାଯାଏ ଯେ ପୂର୍ବବର୍ତ୍ତୀ ଜ୍ୟୋତିର୍ବିଦ ଯଥା- ପାଟଳୀପୁତ୍ରର ଆର୍ଯ୍ୟଭଟ୍ଟ, ବିକ୍ରମାଦିତ୍ୟଙ୍କ ରାଜସଭା ଅବନ୍ତୀ (ଉଜ୍ଜୟନୀ)ର ବରାହ ମିହିର, ରେଓ୍ୱାର ବ୍ରହ୍ମଗୁପ୍ତ, ସହ୍ୟାଦ୍ରିର ମହାପଣ୍ଡିତ ଭାସ୍କର, ନନ୍ଦୀଗ୍ରାମର ପଣ୍ଡିତ ଶ୍ରୀ ଗଣେଶ ଆଦିଙ୍କର କେତେଗୁଡ଼ିଏ ଗଣନାକୁ ପଠାଣି ସାମନ୍ତ ତ୍ରୁଟିଯୁକ୍ତ ପ୍ରମାଣ କରିଥିଲେ । ତାଙ୍କର କ୍ରମାଗତ ଅନୁଧ୍ୟାନ ଓ ଗବେଷଣା ଯୋଗୁଁ 'ସିଦ୍ଧାନ୍ତ ଦର୍ପଣ' ପରି ନିର୍ଭୁଲ ଶାସ୍ତ୍ରଟି ରଚନା କରିବା ସମ୍ଭବପର ହୋଇପାରିଥିଲା । ସିଦ୍ଧାନ୍ତ ଦର୍ପଣର ମୋଟ ଶ୍ଳୋକ ସଂଖ୍ୟା ପଚିଶ ଶହ ମାତ୍ର (୨୫୦୦) । ଏହା ୨୪ ଗୋଟି ପ୍ରକାଶ (ଅଧ୍ୟାୟ)ରେ ବିଭକ୍ତ ହୋଇଅଛି । ପ୍ରୋକ୍ତ ୨୫୦୦ ଶ୍ଳୋକ ମଧ୍ୟରୁ ୨୨୮୪ଟି ଶ୍ଳୋକ ଶ୍ରୀ ସାମନ୍ତଙ୍କର ନିଜସ୍ୱ ରଚନା ଓ ଅବଶିଷ୍ଟ ୨୧୬ଟି ଅନ୍ୟ ଗ୍ରନ୍ଥମାନଙ୍କରୁ ଉଦ୍ଧୃତ ହୋଇଅଛି । ଏହି ଗ୍ରନ୍ଥରେ ସେ ପୂର୍ବସୂରୀମାନଙ୍କର ସିଦ୍ଧାନ୍ତଗୁଡ଼ିକୁ ଅନୁଧ୍ୟାନ କରିଥିଲେ ମଧ୍ୟ ମୁଖ୍ୟତଃ ଭାରତର ଆଦି ସିଦ୍ଧାନ୍ତ ଭାବେ ଗୃହୀତ 'ସୂର୍ଯ୍ୟ ସିଦ୍ଧାନ୍ତ'କୁ ମୂଳତଥ୍ୟ ଏବଂ ଦ୍ୱାଦଶ ଶତାବ୍ଦୀର ଭାସ୍କରାଚାର୍ଯ୍ୟଙ୍କ ପ୍ରଣୀତ 'ସିଦ୍ଧାନ୍ତ ଶିରୋମଣି'କୁ ନିଜର ଦିଗ୍‌ଦର୍ଶନ ରୂପେ ବ୍ୟବହାର କରିଥିଲେ । ଏଥିରେ ଗ୍ରହ ଆୟନମ୍, ଗ୍ରହସ୍ଫୁଟୀକରଣମ୍ ଚନ୍ଦ୍ର ଗ୍ରହଣମ୍, ସୂର୍ଯ୍ୟ ଗ୍ରହଣମ୍ (ସୂର୍ଯ୍ୟପରାଗ) ମହାପାତ ବର୍ଣ୍ଣନମ୍, ଭୂଗୋଳସ୍ଥିତି, ଭୂଗୋଳ ବିବରଣମ୍, ଖଗୋଳ ବର୍ଣ୍ଣନମ୍, ଗୋଳ ଯନ୍ତ୍ରମ୍, ମାନଯନ୍ତ୍ର ଓ ସୂକ୍ଷ୍ମପଞ୍ଜିକା ଆଦିର ସୁନ୍ଦର ବର୍ଣ୍ଣନା ହୋଇଅଛି । ତା' ସହିତ ଆଗାମୀ ଦଶ କୋଟି ଦିନ ପାଇଁ ରବିଙ୍କ ବର୍ଣ୍ଣନା ମଧ୍ୟ ରହିଅଛି । ପଦକ ବା ସୂକ୍ଷ୍ମ ପଞ୍ଜିକା ନିର୍ମାଣର ଅଭ୍ରାନ୍ତ ଗଣନା ପଦ୍ଧତି ଏହି ଗ୍ରନ୍ଥରେ ଶ୍ରୀ ସାମନ୍ତ ଲେଖିଯାଇଛନ୍ତି ।

ଶ୍ରୀ ସାମନ୍ତଙ୍କର ଅମୂଲ୍ୟଗ୍ରନ୍ଥ 'ସିଦ୍ଧାନ୍ତ ଦର୍ପଣ' ୧୮୬୮ ମସିହା ବେଳକୁ ତାଳପତ୍ର ପୋଥିରେ ଓଡ଼ିଆ ଲିପିରେ ସଂସ୍କୃତ ଭାଷାରେ ଲେଖା ସରିଥିଲା । ଏହା ତାଙ୍କର ପାଖାପାଖି ୨୩ ବର୍ଷ ଅଧ୍ୟୟନ ଓ ଗବେଷଣାର ଫଳ । ସୁଖର କଥା ଯେ, ୧୮୭୦ ମସିହାରେ ଓଡ଼ିଶାର ତତ୍କାଳୀନ ଗଜପତି ପଠାଣି ସାମନ୍ତଙ୍କୁ ପ୍ରୋକ୍ତ ଗ୍ରନ୍ଥ ରଚନା ପାଇଁ 'ହରିଚନ୍ଦନ ମହାପାତ୍ର' ଉପାଧି ପ୍ରଦାନ କରିଥିଲେ । ଏହାପରେ ୧୮୭୬ ମସିହାରେ ପୁରୀଠାରେ ଆହୂତ ପଣ୍ଡିତ ସଭାରେ ନିଷ୍ପତ୍ତି ନିଆଗଲା ଯେ 'ସିଦ୍ଧାନ୍ତ ଦର୍ପଣ'ର ଗଣନାନୁସାରେ ପାଞ୍ଜି ତିଆରି

କରାଯିବ ଓ ଶ୍ରୀମନ୍ଦିରର ସମସ୍ତ ପୂଜାବିଧି ସେହି ପଞ୍ଜିକାନୁସାରେ ହିଁ ହେବ ।

ଏତେ ବଡ଼ ଅମୂଲ୍ୟଗ୍ରନ୍ଥ ହେଲେ ହେଁ 'ସିଦ୍ଧାନ୍ତ ଦର୍ପଣ' ରଚିତ ହେବାର ୩୦ ବର୍ଷ (ତିରିଶ ବର୍ଷ) ପରେ ପ୍ରଚାର-ପ୍ରସାରକୁ ଆସି ପାରିଥିଲା । ରେଭେନ୍ସା ମହାବିଦ୍ୟାଳୟ, କଟକର ପ୍ରଫେସର ଶ୍ରୀ ଯୋଗେଶ ଚନ୍ଦ୍ର ରାୟ ଓ କଲିକତା ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ ମହେଶ ଚନ୍ଦ୍ର ନ୍ୟାୟରତ୍ନଙ୍କ ସାହଚର୍ଯ୍ୟ ହିଁ ଜନଜଗତକୁ ଶ୍ରୀ ପଠାଣି ସାମନ୍ତଙ୍କ ସହ ପରିଚିତି କରାଇଥିଲା । ଉଭୟଙ୍କ ଚେଷ୍ଟାରୁ ପଠାଣି ସାମନ୍ତଙ୍କ ପ୍ରତିଭା ଓ କୃତିପ୍ରତି ବ୍ରିଟିଶ ସରକାରଙ୍କର ଦୃଷ୍ଟି ଆକର୍ଷିତ ହୋଇଥିଲା । ତାଙ୍କର ସ୍ୱୀକୃତି ସ୍ୱରୂପ ତତ୍କାଳୀନ ଭାଇସ୍‌ରାୟ ତଥା ଭାରତର ଗଭର୍ଣ୍ଣର ଜେନେରାଲ୍ (Governor General)ଙ୍କ ପ୍ରଦତ୍ତ ମହାମହୋପଧ୍ୟାୟ ଉପାଧି ସନନ୍ଦ ଓ ମାସିକ ୫୦ ଟଙ୍କାର ବୃତ୍ତିପତ୍ରଙ୍କୁ ସାମନ୍ତ ଚନ୍ଦ୍ରଶେଖର ପୂର୍ବ ଆଲୋଚିତ 'ଦରବାର'ରୁ ଗ୍ରହଣ କରିଥିଲେ । ଏହାର ସତ୍ୟତା ନିମ୍ନ ଉଦ୍ଧୃତିରୁ ସ୍ପଷ୍ଟ ହୁଏ । ଯଥା- 'The case being a curious and interesting one devotion to learning, the Lieutenant Governor (of Bengal) believes that the Govt. is honouring such a student would honour itself. Excerpts from a letter of 1903 from Finance Deptt., Govt. of India recommending him a pension of Rs.50/- per mensem.'

ବ୍ୟାସକବି ଫକୀରମୋହନ ସେନାପତି ତାଙ୍କର 'ଉତ୍କଳ ଭ୍ରମଣଂ' କାବ୍ୟରେ ପ୍ରୋକ୍ତ ପ୍ରଫେସର ଯୋଗେଶ ଚନ୍ଦ୍ର ରାୟଙ୍କ ପ୍ରତି କୃତଜ୍ଞତା ଜ୍ଞାପନ ପୂର୍ବକ ଲେଖିଛନ୍ତି -

ବଣର ମାଳତୀ ପରି ପଠାଣି ସାଆନ୍ତେ
କାହିଁ ପଡ଼ିଥିଲେ ବଣ ଭିତରେ ଏକାନ୍ତେ
କେବେ କେହି ଲୋକ ତାଙ୍କୁ ନ ପଚାରେ ଥରେ
ଯୋଗେଶ ଚିହ୍ନାଇ ଦେଲେ ଭାରତ ମଧରେ ।
ଆମ୍ଭମାନଙ୍କର କଲ ଭାରି ଉପକାର
ହେ ଯୋଗେଶ ଚନ୍ଦ୍ର ରାୟ ଜୁହାର, ଜୁହାର ।'

(ଫକୀର ମୋହନ ଗ୍ରନ୍ଥାବଳୀ, ପୃ.୨୦୮)

ପୁନରାୟ ଫକୀର ମୋନହ ସେହି 'ଉତ୍କଳ ଭ୍ରମଣଂ' କାବ୍ୟରେ ପଠାଣି ସାମନ୍ତଙ୍କ ପ୍ରତି ଲେଖନ୍ତି ନିମ୍ନଭାବେ -

ବନ୍ଦଇ ପଠାଣି ସା'ନ୍ତେ ତୁମ୍ଭ ଶ୍ରୀଚରଣ
ଖଣ୍ଡପଡ଼ା ମଣ୍ଡଳରେ ଅମୂଲ୍ୟ ରତନ ।
ନୁହେଁ ତୁମ୍ଭେ ସିଂହାସନେ ଲଗ୍ନଝୁଟା ମୋତି
ଜ୍ଞାନ ସିଂହାସନେ ସଦା ସ୍ଥିର ତୁମ୍ଭ ମତି ।
ଯେ କୀର୍ତ୍ତି ଉଡାଇ ଦେଲ ଭାରତ ମଧରେ
ରାଜାମାନେ ନ ଦେଖିବେ ସପନରେ ଥରେ ।'

(ଫକୀରମୋହନ ଗ୍ରନ୍ଥାବଳୀ, ପୃ.୨୧୧-୨୧୨)

ଏ ସବୁ କଥା / ଘଟଣା ହେଲା ଊନବିଂଶ ଶତାବ୍ଦୀର ଶେଷ ଦଶକର କଥା । ସେତେବେଳେ ମୟୂରଭଂଜର ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ବାମଣ୍ଡାର ରାଜା ବାସୁଦେବ ସୁଢଳ ଦେବ, ଆଠମଲ୍ଲିକର ରାଜା ଶ୍ରୀ ମହେନ୍ଦ୍ର ଦେଓ ବାହାଦୂର, ମିଷ୍ଟର ମଧୁସୂଦନ ଦାସ (ପରବର୍ତ୍ତୀ କାଳରେ ଉତ୍କଳଗୌରବ ଓ କୁଳବୃଦ୍ଧ ମଧୁସୂଦନ ଦାସ) ଆଦି ଗୁଣଗ୍ରାହୀ ପରମ ପ୍ରୋତ୍ସାହକ ମନିଷୀମାନେ ଓଡ଼ିଶାରେ ଥିଲେ ହେଁ ପଠାଣି ସାମନ୍ତଙ୍କ ବିଦ୍‌ବତ୍ତାକୁ କେହି ସ୍ୱୀକାର ନକରିବା ଥିଲା ପରିତାପର ବିଷୟ । ଏଣୁ କବିବର ଘୋର ଦୁଃଖରେ 'ଦରବାର' କାବ୍ୟରେ ବର୍ଣ୍ଣନା କରିଛନ୍ତି, ଯଥା-

'ଥାଉଁ କି ଶ୍ରୀରାମଚନ୍ଦ୍ର ନରରାଣ
ବୟସେ କିଶୋର, ଜ୍ଞାନେ ବର୍ଷିୟାନ୍
ଥାଉଁ ଥାଉଁ ବାସୁଦେବ ନୃପବର
ବିଦ୍ୱାନ୍-ମରାଳ-କୁଳ-ପଦ୍ମାକର
ନରେଶ ମହେନ୍ଦ୍ର, ସ୍ୱଦେଶ ଗୌରବ
ଗୁଣିବୃନ୍ଦ-ଅନିବନ୍ଧନ-ବାନ୍ଧବ
ତୁମ୍ଭ ପରି ଜ୍ଞାନତରୁ ମଉଳିଲା
ଏହା ଦେଖିବାକୁ ବିହି ଲେଖିଥିଲା ।'

(ରାଧାନାଥ ଗ୍ରନ୍ଥାବଳୀ, ପୃ.୨୦୪)

ଉପରଲିଖିତ କ୍ଷୋଭ ଓ ଦୁଃଖର କଥା 'ଦରବାର' କାବ୍ୟ ଜରିଆରେ ପ୍ରକାଶିତ ହୁଏ ୧୮୯୬ ମସିହାରେ । ୧୮୯୭ ମସିହାରେ 'ସିଦ୍ଧାନ୍ତ ଦର୍ପଣ'ର ପ୍ରଥମ ମୁଦ୍ରଣ କଲିକତାରେ ସମ୍ଭବପର ହୁଏ ପ୍ରଫେସର ଯୋଗେଶ ଚନ୍ଦ୍ର ରାୟଙ୍କ ସଂପାଦନାରେ । ଆଠମଲ୍ଲିକ ଓ ମୟୂରଭଂଜର ରାଜାମାନେ ଏଥିପାଇଁ ଆବଶ୍ୟକ ଅର୍ଥ ସହାୟତା କରନ୍ତି । ଆଠମଲ୍ଲିକର ରାଜା ଶ୍ରୀ ମହେନ୍ଦ୍ର ଦେଓ ରାୟବାହାଦୁରଙ୍କର ସଦୟ ସ୍ୱୀକୃତିର ସ୍ୱୀକାର ପୂର୍ବକ କୃତଜ୍ଞତା ଦୃଷ୍ଟିରୁ ଏହି ଗ୍ରନ୍ଥକୁ ସେହି ଗୁଣଗ୍ରାହୀ ରାଜା ଶ୍ରୀ ମହେନ୍ଦ୍ର ଦେଓ ବାହାଦୁରଙ୍କ ନାମରେ ଉତ୍ସର୍ଗ କରାଯାଇଥିଲା । ସଂସ୍କୃତ ଭାଷାରେ ଦେବନାଗରୀ ଲିପିରେ ପ୍ରକାଶିତ ଏହି ଗ୍ରନ୍ଥ (ସିଦ୍ଧାନ୍ତ ଦର୍ପଣ)ର ମୂଳରେ ୫୬ ପୃଷ୍ଠାର ଉପକ୍ରମଣିକା (Introduction) ଇଂରାଜୀରେ ଲେଖିଥିଲେ ପ୍ରଫେସର ଯୋଗେଶ ଚନ୍ଦ୍ର ରାୟ ପ୍ରୋକ୍ତ ଇଂରାଜୀ ଉପକ୍ରମଣିକାଟି ପାଶ୍ଚାତ୍ୟ ଜଗତର ଜ୍ୟୋତିର୍ବିଦ୍‌ମାନଙ୍କ ପାଇଁ 'ସିଦ୍ଧାନ୍ତ ଦର୍ପଣ'ରେ ପ୍ରବେଶର ଛୋଟ ଦ୍ୱାରଟି ଖୋଲି ଦେଇଥିଲା । ସେହିବର୍ଷ ଅର୍ଥାତ୍ ୧୮୯୯ ମସିହାରେ ବ୍ରିଟେନ୍‌ରୁ ପ୍ରକାଶିତ ବିଜ୍ଞାନ ପତ୍ରିକା 'Nature' ଓ ଆମେରିକାରୁ ପ୍ରକାଶିତ 'Knowledge-Volume-22'ରେ ପଠାଣି ସାମନ୍ତଙ୍କ ପ୍ରତିଭା ସମ୍ବନ୍ଧରେ ବିଲାତର ବିଖ୍ୟାତ ଜ୍ୟୋତିର୍ବିଜ୍ଞାନୀ E.W.

Munderଙ୍କର ସ୍ୱତନ୍ତ୍ର ପ୍ରବନ୍ଧ ପ୍ରକାଶିତ ହେବାରୁ ସେ ହଲାଣ୍ଡ, ଇଂଲଣ୍ଡ, ଜର୍ମାନ, ଇଟାଲି ଆଦି ଦେଶରେ ପରିଚିତ ହେଲେ । 'Nature' ପତ୍ରିକାରେ ସିଦ୍ଧାନ୍ତ ଦର୍ପଣ ଓ ସାମନ୍ତ ଚନ୍ଦ୍ରଶେଖରଙ୍କ ସଂପର୍କରେ ଲେଖା ଯାଇଥିବା କଥାବସ୍ତୁର ସାମାନ୍ୟ ଝଲକ ନିମ୍ନରେ ପ୍ରଦତ୍ତ -

'xxx The result of the patient and industrious enquiry of one, who, unaided by the accumulated knowledge of the western astronomers resolutely set himself to solve the problem of celestial mechanics by the aid of such instruments which he could fashion himself.' ***Nature-*** British Science Journal, March 9, 1899

ସେତେବେଳକୁ ଓଡ଼ିଶାର ଜ୍ଞାନୀ-ଗୁଣୀଜନ ତାଙ୍କୁ (ସାମନ୍ତ ଚନ୍ଦ୍ରଶେଖର)ଙ୍କୁ ସ୍ୱୀକୃତି ଦେଇ ନଥା'ନ୍ତି । ତେଣୁ ଦୁଃଖ-କ୍ଷୋଭ ପ୍ରକାଶ କରି କବିବର ରାଧାନାଥ ଦରବାର' କାବ୍ୟରେ ଲେଖିଛନ୍ତି ନିମ୍ନମତେ -

'ଦୂରୁ ଦେଖି ତବ ଦିବ୍ୟ ଜ୍ୟୋତିରାଶି
ଚିହ୍ନିଲେ ତୁମ୍ଭଙ୍କୁ ଦୂର ଦେଶବାସୀ
ଉତ୍କଳ ଉଦୟ-ଅଚଳେ ଭାସ୍କର
ହେଲ ଭାରତର ଦ୍ୱିତୀୟ ଭାସ୍କର ।
ମାତ୍ର ହେଲା ଯହୁଁ ତୁମ୍ଭର ପ୍ରସୂତି
ନ ଚିହ୍ନିଲା ସେ' ତ ନିଜର ବିଭୂତି ।
ଗୁଣଜ୍ଞ ଉତ୍କଳେ ଜଣେ କେହି ନାହିଁ
ଗୁଣୀନ୍ଦ୍ର ତୁମ୍ଭର ହେବ ଗୁଣଗ୍ରାହୀ ।'
(ରାଧାନାଥ ଗ୍ରନ୍ଥାବଳୀ, ପୃ.୨୦୪)

ପ୍ରଫେସର ଯୋଗେଶ ଚନ୍ଦ୍ର ରାୟ ସିଦ୍ଧାନ୍ତ ଦର୍ପଣର ଉପକ୍ରମଣିକାରେ ପଠାଣି ସାମନ୍ତଙ୍କୁ ଭାରତର ଟାଇକୋ ଭାବେ ସମ୍ବୋଧନ କରିଛନ୍ତି । ଷୋଡଶ ଶତାବ୍ଦୀର ଇଉରୋପୀୟ ଜ୍ୟୋତିର୍ବିଜ୍ଞାନୀ ଟାଇକୋଙ୍କର ପୂରା ନାଁ ହେଲା ଟାଇକୋ ବ୍ରାହେ । ଟାଇକୋଙ୍କର ସୂର୍ଯ୍ୟ ଭ୍ରମଣ ଓ ପୃଥିବୀର ସ୍ଥିରତା ସମ୍ବନ୍ଧୀୟ ମତ ପଠାଣି ସାମନ୍ତଙ୍କ ସହିତ ମିଶି ଯାଉଅଛି / ଯାଉଥିଲା । ଏହି ମତ ସହ ଆର୍ଯ୍ୟଭଟ୍ଟଙ୍କ ବ୍ୟତୀତ ଅନ୍ୟ ସମସ୍ତ ଭାରତୀୟ ବୈଜ୍ଞାନିକ ଏକମତ ଓ ସହମତ । ସେହି ସ୍ଥିର ପୃଥିବୀ ମତଟି ଆଜି ପଠାଣି ସାମନ୍ତ ମଡେଲ ବା ଟାଇକୋ - ସାମନ୍ତ ମଡେଲ (Tycho-Samanta Model) ନାମରେ ପରିଚିତ । ପ୍ରଫେସର ରାୟ ଟାଇକୋ ଓ ଚନ୍ଦ୍ରଶେଖର ସାମନ୍ତଙ୍କ ମଧ୍ୟରେ ଥିବା ସାମଞ୍ଜସ୍ୟ ନେଇ ଉପକ୍ରମଣିକାରେ ଲେଖିଛନ୍ତି - '...This system, formulated a new by our author, forcibly reminds one of Tycho Brahe and bearing in mind Chandrasekhar's life, we may regard him as the veritable Tycho of India. Like Tycho, our author belongs to a noble family which had for a series of years claimed Independence. Tycho's early education was in Latin, and what Latin is to Europe, Sanskrit is to India. Young Chandrasekhara was early acquainted with the sacred love of Sanskrit. His knowledge was so far advanced as to enable him to compose verses in it, as Tycho could in Latin. Tycho had been destined to lead a soldier's life but his uncle who adopted him made him study Law. While he was so engaged, his attention was drawn to astronomy by the prediction of a solar eclipse in 1560 AD. Like him Chadrasekhara received his education from his uncle, and the same search after the unknown led our Indian Tycho to penetrate the mysterious destinies of men with the help of astrology. It is said that all sciences had their origin in wonder, and it is pre-eminently true to astrology. Nothing but star-gazing could have excited the simple yet noble utterances of the Vedic Rishis, and star-gazing has given birth to a Hipparchus and a Galileo, may we add to the Tycho of Europe and Tycho of India ?' (ସିଦ୍ଧାନ୍ତ ଦର୍ପଣଃ - Introduction - page-LIII, Edition-1998)

ଇଉରୋପର ଟାଇକୋ ବ୍ରାହେ ଓ ଭାରତର ସାମନ୍ତ ଚନ୍ଦ୍ରଶେଖର (ପଠାଣି ସାମନ୍ତ)ଙ୍କ ମତରେ ପୃଥିବୀ ସ୍ଥିର । ପାଞ୍ଚଗୋଟି ଦୃଶ୍ୟମାନ ଗ୍ରହ, ଯଥା- ବୁଧ, ଶୁକ୍ର, ମଙ୍ଗଳ, ବୃହସ୍ପତି ଓ ଶନି ସୌର କୈନ୍ଦ୍ରିକ ଅଟନ୍ତି ଅର୍ଥାତ୍ ସୂର୍ଯ୍ୟଙ୍କୁ କେନ୍ଦ୍ର କରି ଘୂରୁଛନ୍ତି । ଖାଲି ଆଖିରେ ପର୍ଯ୍ୟବେକ୍ଷଣ କରି ଏପରି ଏକ ସିଦ୍ଧାନ୍ତରେ ପହଞ୍ଚିଥିବା ଯୋଗୁଁ ଶ୍ରୀ ସାମନ୍ତଙ୍କର ସିଦ୍ଧାନ୍ତକୁ ଦୃକ୍‌ସିଦ୍ଧ ସିଦ୍ଧାନ୍ତ କୁହାଯାଏ । 'ପ୍ରତ୍ୟକ୍ଷାନୁଭବଂ ନ ଲଙ୍ଘତି ବଚୋ ଯୁକ୍ତିଯୁକ୍ତମ୍' - ବାସ୍ତବରେ ଏ କ୍ଷେତ୍ରରେ ପ୍ରଣିଧାନଯୋଗ୍ୟ ।

ଶ୍ରୀ ସାମନ୍ତ ତାଙ୍କର 'ସିଦ୍ଧାନ୍ତ ଦର୍ପଣ'ର ୨୪ତମ ପ୍ରକାଶ, ଶ୍ଳୋକ ସଂଖ୍ୟା ୧୫୮ରେ ପାଶ୍ଚାତ୍ୟ ଜଗତର ବିଶେଷ କରି ଇଂଲଣ୍ଡର ଜ୍ୟୋତିର୍ବିଦ୍‌ମାନଙ୍କୁ ଅସ୍ୱୀକାର କରି ନିଜସ୍ୱ ମତରେ ଗୁରୁତ୍ୱ ପ୍ରତିପାଦନ

କରିଛନ୍ତି । ୧୮୬୮ ମସିହାରେ ଭାରତବର୍ଷରେ ତଥା ଓଡ଼ିଶାରେ ଇଂରେଜ ସରକାରଙ୍କ ଏପରି ସତ୍ୟ ସିଦ୍ଧାନ୍ତ ପ୍ରକାଶ କରିବାରେ ପଠାଣି ସାମନ୍ତଙ୍କର ବୀରୋଚିତ ସାହସ ପ୍ରମାଣିତ ହୁଏ ।

ଟାଇକୋ ବିଶ୍ୱବିଦ୍ୟାଳୟ ଶିକ୍ଷା ହାସଲ କରିଥିଲେ, ରାଜପୃଷ୍ଠପୋଷକତାରେ ଗବେଷଣା ଚଳାଉଥିବାରୁ ଆପଣାର ଇଚ୍ଛା ଓ ଆବଶ୍ୟକତାନୁଯାୟୀ ବିଭିନ୍ନ ଯନ୍ତ୍ରପାତି ପାଇପାରିଥିଲେ । ଡେନ୍‌ମାର୍କର ତତ୍କାଳୀନ ରାଜା ମହାମାନ୍ୟ ଦ୍ୱିତୀୟ ଫ୍ରେଡ୍‌ରିକ୍‌ଙ୍କ ସହ ବନ୍ଧୁତ୍ୱ ଦୃଷ୍ଟିରୁ ଆର୍ଥିକ ଅବସ୍ଥା ତାଙ୍କର ଅତ୍ୟନ୍ତ ସ୍ୱଚ୍ଛଳ ଥିଲା, କାରଣ ରାଜା ତାଙ୍କୁ ଏକ ଇଷ୍ଟେଟ ସହ ବାର୍ଷିକ ୪୦୦ ପାଉଣ୍ଡ ପେନ୍‌ସନ ଦେଉଥିଲେ । ଗବେଷଣାର ମାନମନ୍ଦିର ପାଇଁ ଉପଯୁକ୍ତ ଜମି ସହ ୨୦,୦୦୦ ପାଉଣ୍ଡ ମଧ୍ୟ ଦେଇଥିଲେ । ବିଭିନ୍ନ ରାଜକୀୟ ଅତିଥି, ଦାର୍ଶନିକ, ରାଜନ୍ୟବର୍ଗ ସହ ଆଚରଣ-ବିଚରଣ ଓ ବିଚାରବିମର୍ଷ କରିବାର ସୁଯୋଗ ଟାଇକୋଙ୍କର ଥିଲା । ସେ ତୁଳନାରେ ଦେଖିବା ଆମର ଭାରତୀ ଟାଇକୋ ସାମନ୍ତ ଚନ୍ଦ୍ରଶେଖରଙ୍କୁ କି କି ସୁବିଧା ସୁଯୋଗ ଦିଆଯାଇଥିଲା ?

ପ୍ରୋତ୍ସାହନ ହୀନତା, ଦାରିଦ୍ର୍ୟ, ଅନ୍ନକଷ୍ଟ, ବହୁ କୁଟୁମ୍ବିତାରୁ କୁଟୁମ୍ବଭାର, ତପୋଧନ ପରି ଚଳୁଥିବା ମଣିଷ ସାମନ୍ତ ଚନ୍ଦ୍ରଶେଖରଙ୍କୁ ଅଯଥା ଦୋଷାରୋପ, ଈର୍ଷା-ବିଦ୍ୱେଷ ବ୍ୟତୀତ ଅନ୍ୟକିଛି ତତ୍କାଳୀନ ଭାରତବର୍ଷ ବା ଓଡ଼ିଶା ଦେଇପାରିନଥିଲା । ପରିଣତ ବୟସରେ ଖାଲି ଶୁଖିଲା ଉପାଧି ଶୁଷ୍କ ବନ୍ଧ୍ୟାଯଶସମ ତାଙ୍କର ପ୍ରତିଭାକୁ ବିକଶିତ କରାଇବାରେ କୌଣସି ସାହଯ୍ୟ କରି ନଥିଲା । ସମସ୍ତ ପ୍ରତିକୂଳତା ସତ୍ତ୍ୱେ ଗଭୀର ଅଧ୍ୟବସାୟୀ, ଭଗବଦ୍ ପ୍ରେମୀ ଏହି ବୈଜ୍ଞାନିକ ପଠାଣି ସାମନ୍ତ ଅବିରତ ଗବେଷଣା ଚଳାଇ ସଂସ୍କୃତ ଭାଷାରେ 'ସିଦ୍ଧାନ୍ତ ଦର୍ପଣଃ', 'ଦର୍ପଦୀପିକା' ଓ ଓଡ଼ିଆ ଭାଷାରେ 'ଦର୍ପଣସାର' ନାମକ ଗ୍ରନ୍ଥରାଜି ପ୍ରସ୍ତୁତ କରିଥିଲେ ଯେଉଁଥିରେ ତାଙ୍କର ଜୀବନଭରି ସାଧନାର ଅନୁଭବ ଓ ଉପଲବ୍ଧ ସତ୍ୟ ଉଦ୍‌ଘୋଷିତ ହୋଇଅଛି ।

ପଠାଣି ସାମନ୍ତ ବ୍ୟବହାର କରୁଥିବା ଯନ୍ତ୍ରଗୁଡ଼ିକ ଥିଲା ଖୁବ୍ ସରଳ । ଇଂରାଜୀ T ଅକ୍ଷର ପରି ତାଙ୍କର ମାନଯନ୍ତ୍ର ଥିଲା ସହଜ ଓ ସରଳ । ସରଳ କାଠି, କାଠପଟା ଓ ବାଉଁଶନଳୀ ସାହାଯ୍ୟରେ ସେ ପର୍ଯ୍ୟବେକ୍ଷଣ ଜାରି ରଖୁଥିଲେ । ତାଙ୍କ ବ୍ୟବହୃତ ଚକ୍ରଯନ୍ତ୍ର, ଚାପଯନ୍ତ୍ର, ଗୋଲାର୍ଦ୍ଧ ଯନ୍ତ୍ର, ସ୍ୱୟଂବହ ଯନ୍ତ୍ର, ମାନଯନ୍ତ୍ର, ଗୋଲଯନ୍ତ୍ର, ଶଙ୍କୁ ଓ ନଳିକା ଯନ୍ତ୍ର - ଏ ସବୁଗୁଡ଼ିକୁ ସେ ନିଜେ ପ୍ରସ୍ତୁତ ବା ସଂଗ୍ରହ କରିଥିଲେ । ନିଜ ଘରର ଅଗଣା ଥିଲା ତାଙ୍କ ପାଇଁ ମାନମନ୍ଦିର । ଖାଲି ଆଖିରେ ଆପଣାର ଗୃହଅଙ୍ଗନରେ ବିନିଦ୍ର ରଜନୀ କଟାଇ ସେ ପର୍ଯ୍ୟବେକ୍ଷଣ କରୁଥିଲେ ଓ ଉପଲବ୍ଧ ସତ୍ୟକୁ ତାଳପତ୍ରର ପୋଥିପୃଷ୍ଠା ଓ ଲେଖନୀରେ ଲେଖି ରଖୁଥିଲେ । ୧୮୯୯ ମସିହାର 'Knowledge' ପତ୍ରିକା କହେ - 'The work is of importance and interest to us Westerns also. It demonstrates the degree of accuracy which was possible in astronomical observations before the invention of telescopes.' Knowledge - American Science Journal, Vol-XXII, Jan-Dec.-1899

ବିଜ୍ଞାନ ଦଗନ୍ତର ମନ୍ତବ୍ୟ ନିମ୍ନ ମତେ -

'... ଦୂରବୀକ୍ଷଣ ଆଦି ଯନ୍ତ୍ରର ବିନା ଉପଯୋଗରେ ସାମନ୍ତଙ୍କ ଖାଲି ଆଖି ପର୍ଯ୍ୟବେକ୍ଷଣରେ ଯେଉଁ ସଠିକତା ଅଛି, ସେପରି ସାଫଲ୍ୟ ଅନ୍ୟ କେହି ଅର୍ଜନ କରିପାରିନାହାନ୍ତି । ଅନ୍ୟପକ୍ଷରେ ସେ ସଠିକତାର ଶେଷ ସୀମା (Limit of accuracy)ରେ ପହଞ୍ଚି ପାରିଛନ୍ତି । ତେଣୁ ଚନ୍ଦ୍ରଶେଖର ଖାଲି ଆଖି ଜ୍ୟୋତିର୍ବିଜ୍ଞାନୀ (Naked-eye astronomy) କ୍ଷେତ୍ରରେ ପୃଥିବୀରେ ସର୍ବୋତ୍ତମ ସ୍ଥାନ ଚିରକାଳ ପାଇଁ ଅଧିକାର କରିବେ । ଏହା ହିଁ ତାଙ୍କର ଆନ୍ତର୍ଜାତିକ ଜ୍ୟୋତିର୍ବିଜ୍ଞାନରେ ପ୍ରକୃତ ଆସନ ।' (ବିଜ୍ଞାନ ଦିଗନ୍ତ, ପୃ.୫୬, ନଭେମ୍ବର-ଡିସେମ୍ବର-୧୯୯୭ ସଂଖ୍ୟା)

ଜ୍ୟୋତିଃଶାସ୍ତ୍ର ଅଧ୍ୟୟନରେ ସମଗ୍ର ଜୀବନ ବିତାଇଥିବା ପଠାଣି ସାମନ୍ତ ଥିଲେ ପାଞ୍ଚପୁଅ ଓ ଛଅଝିଅର ଜନକ । ପିତା ଶ୍ୟାମବନ୍ଧୁଙ୍କ ଅନ୍ତେ ଭଉଣୀମାନଙ୍କର ବିବାହ ଦାୟିତ୍ୱ ସେ ନିଜ ମୁଣ୍ଡକୁ ଉଠାଇ ନେଇଥିଲେ ସେ । କର୍ତ୍ତବ୍ୟ ପରାୟଣ, ଧର୍ମପରାୟଣ ସତ୍ୟନିଷ୍ଠ ତଥା ବିନୀତ ଋଷିପ୍ରାଣ ଏଇ ବୈଜ୍ଞାନିକଙ୍କର ଶେଷ ଜୀବନ ଘୋର ଅଭାବରେ କଟିଥିଲା । ତାଙ୍କର ପୁତୁରା ତଥା ଖଣ୍ଡପଡ଼ା ଦେଶୀୟ ରାଜ୍ୟର ତତ୍କାଳୀନ ରାଜା ସାମନ୍ତ ଶ୍ରୀ ନଟବର ମର୍ଦ୍ଦରାଜ ଭ୍ରମରବର ରାୟ ଥିଲେ ଘୋର ଅସହିଷ୍ଣୁ, ସେ ଚନ୍ଦ୍ରଶେଖରଙ୍କର ପ୍ରତିଭା ଓ ସୁଖ୍ୟାତିକୁ ଆଦୌ ସହି ପାରୁନଥିଲେ । ପଠାଣି ସାମନ୍ତଙ୍କ ଜୀବନ ଇତିହାସରେ ଘଟିତ ଘଟଣାନିଚୟର ସାମଗ୍ରିକ ଓ ସଂକ୍ଷିପ୍ତ ପ୍ରତିଫଳନ ହୋଇଛି 'ଦରବାର' କାବ୍ୟରେ - କବିବର ରାଧାନାଥ ରାୟଙ୍କ କଲମ ମୂନରେ ନିମ୍ନୋକ୍ତ ଭାଷାରେ -

'ସବୁବେଳେ ଜଳୁଅଛ ଚିନ୍ତାନଳେ
ଏହାପରେ ପୁଣି କ୍ରୁର ଭାଗ୍ୟଫଳେ
ପ୍ରାକୃତ ପାଶବ-ଶକ୍ତି-ଅଧିକାରୀ
ତୁମ୍ଭ ପରେ କରେ ପ୍ରଭୁପଣ ଜାରି
ଯା'ର ଈର୍ଷା ଯୋଗୁ ତୁମ୍ଭର ଏ ଦଶା
ଦେହେ ରାଜା ହେଲେ ମନେ ସେହି ଚଷା
ମୋତି ମୂଲ କାହୁଁ ବୁଝିବ ଶବର
ମୋତି ଫିଙ୍ଗି କରେ ଗୁଞ୍ଜରେ ଆଦର ...'

ସାମନ୍ତ ପରିବାରରେ ଜନ୍ମ ହୋଇଥିଲେ ହେଁ ଋଣଭାର, ରୋଗ ଯନ୍ତ୍ରଣା ଓ ଚିନ୍ତା ଯୋଗୁଁ ପଠାଣି ସାମନ୍ତ ବଡ଼ କଷ୍ଟରେ ଚଳୁଥିଲେ ।

ତାଙ୍କ ପ୍ରତିଭାକୁ ମାନ୍ୟତା ନ ଦେବା ବା ଖାଲି ଶୁଖିଲା ଉପାଧିରେ ଭୂଷିତ କରିବା କଥାକୁ ଲକ୍ଷ୍ୟ କରି କବିବର ରାଧାନାଥ ରାୟ ଲେଖିଛନ୍ତି -

'ତୁମ୍ଭ ପରି ଜ୍ଞାନ ତରୁ ମଉଳିଲା
ଏହା ଦେଖିବାକୁ ବିହି ଲେଖିଥିଲା ।
ଶୁଷ୍କ ବନ୍ଧ୍ୟ ଯଶ ସଙ୍ଗେ ଅର୍ଦ୍ଧାଶନ
ପ୍ରତିଭାର ପରା ଲଲାଟ-ଲେଖନ
ଲକ୍ଷ୍ମୀଙ୍କ ସପତ୍ନୀ ହେବାରୁ ବରଦା
ଦାରିଦ୍ର୍ୟ ତୁମ୍ଭର ସଙ୍ଗୀ ହେଲା ସଦା ।'
(ରାଧାନାଥ ଗ୍ରନ୍ଥାବଳୀ, ପୃ.୨୦୪)

ଅନୁରୂପ ମନ୍ତବ୍ୟ ଦିଅନ୍ତି ପ୍ରଫେସର ଯୋଗେଶ ଚନ୍ଦ୍ର ରାୟ ସିଦ୍ଧାନ୍ତ ଦର୍ପଣଃର ଉପକ୍ରମଣିକା (Introduction)ରେ ନିମ୍ନମତେ -

'And what did our Indian Tycho receive ? He met with sneers from his equals in position, because he shook off the aristocratic prejudice against star-gazers and fortune-tellers. He had no one to encourage him in his pursuit, and no notice was taken of his work. Our Government could only confer upon him an empty title which he had never coveted. Geniuses are like delicate plants, never plentiful any where, and depend upon tender care for growth and development and fertility. Let me therefore hope that the past neglect of his countrymen may yet be compensated, and that better days may yet dawn upon our old and crippled observer of heavenly bodies' (ସିଦ୍ଧାନ୍ତ ଦର୍ପଣଃ, Introduction, p.LV)

ଉପରୋକ୍ତ ମନ୍ତବ୍ୟ ଥିଲା, ନଭେମ୍ବର ୧୮୯୭ ମସିହାର କଥା । ଦରବାରରେ ଆସୀନ ଶ୍ରୀ ସାମନ୍ତଙ୍କର ଶୀର୍ଣ୍ଣ ଅଙ୍ଗ ଆସନ୍ନ ନିର୍ବାଣ ପ୍ରାତଃ ପ୍ରଦୀପ ପରି ମ୍ଳାନ ଦିଶୁଥିଲା । ରୋଗ ଦୁଃଖ, ଋଣ ଦୁଃଖ ଓ ଦାରୁଣଚିନ୍ତାରେ ସେ ମଳିନ ଦିଶୁଥିଲେ । କବିଙ୍କର (ରାଧାନାଥ ରାୟଙ୍କର) କ୍ରାନ୍ତିକାରୀ ଦୃଷ୍ଟି ଥିଲା ଅଭ୍ରାନ୍ତ, କାରଣ ନିମ୍ନ ପ୍ରଦତ୍ତ ଘଟଣାକ୍ରମରୁ ନିଷ୍ପନ୍ନ କରାଯାଇପାରେ ।

୧୮୯୦ ମସିହାରେ ଯୋଗେଶ ଚନ୍ଦ୍ରଙ୍କ ସହ ପଠାଣି ସାମନ୍ତଙ୍କର ପରିଚୟ ଘଟେ । ପ୍ରୋକ୍ତ ଯୋଗେଶ ଚନ୍ଦ୍ରଙ୍କ ଯୋଗୁଁ ପଠାଣି ସାମନ୍ତ ଲୋକଲୋଚନକୁ ଆସନ୍ତି । କଟକର ବାରବାଟୀ ଦୁର୍ଗରେ ଦରବାର ଅନୁଷ୍ଠିତ ହୁଏ ତା.୨୯.୮.୧୮୯୪ (କେତେକ ପୁସ୍ତକ ଅନୁସାରେ ୫.୧୦.୧୮୯୩ ତାରିଖ)ରେ । ଏହିଦିନ ପଠାଣି ସାମନ୍ତଙ୍କୁ ମହାମହୋପାଧ୍ୟାୟ ଉପାଧି, ସନନ୍ଦ ଓ ବୃତ୍ତିପତ୍ର ପ୍ରାପ୍ତ ହୋଇଥିଲା । ଦରବାର କାବ୍ୟର ପ୍ରକାଶନ ୧୮୯୭ ଜାନୁଆରୀରୁ ଧାରାବାହିକ ହୋଇଥିଲେ ହେଁ ବାସ୍ତବରେ ଏହା ୧୮୯୬ ବା ତାହାର କିୟତ୍ ପୂର୍ବ ସମୟର ରଚନା ବୋଲି ଅନୁଭବ କରାଯାଏ । ୧୮୯୬ରେ ତତ୍କାଳୀନ ସରକାର ମଧ୍ୟ ସ୍ୱୟଂ ରାଧାନାଥ ରାୟଙ୍କୁ ରାୟ ବାହାଦୂର ଉପାଧିରେ ଭୂଷିତ କରିଥିଲେ । ୧୮୯୭ ମସିହାରେ ସିଦ୍ଧାନ୍ତ ଦର୍ପଣରେ ପ୍ରଥମ ପ୍ରକାଶନ ହୁଏ । ୧୯୦୪, ଜ୍ୟୋଷ୍ଠମାସ, କୃଷ୍ଣ ତ୍ରୟୋଦଶୀ ତିଥି, ଇଂରାଜୀ ତା.୧୧.୬.୧୯୦୪ରେ ସାମନ୍ତ ଚନ୍ଦ୍ରଶେଖରଙ୍କର ପୁରୀରେ ଦେହାନ୍ତ ହୁଏ ।

'ଆହା ଶୀର୍ଣ୍ଣ ଅଙ୍ଗ ଦିଶେ କେଡ଼େ ମ୍ଳାନ
ପ୍ରାତେ ଦୀପ ଯଥା ଆସନ୍ନ ନିର୍ବାଣ ।'

ଏପରି ଲେଖିବା କବିଙ୍କର କ୍ରାନ୍ତିଦର୍ଶୀ ଦୃଷ୍ଟିର ପ୍ରମାଣ ନୁହେଁ କି ?

ପ୍ରତିଭା ମରେନା, ପ୍ରତିଭାର ପ୍ରଦୀପ ଉତ୍ସାହ ଅଭାବରୁ ମଉଳିଯାଏ । ପ୍ରତିଭାଧାରୀଙ୍କ ଜୀବନରେ ଆସେ ବହୁ ଝଡ଼ଝଞ୍ଜା । ସତେ ଯେପରି ପରୀକ୍ଷା ପରେ ପରୀକ୍ଷାର ଭିଡ଼ । ସେଥିରୁ ଜନ୍ମ ନିଅନ୍ତି ଅଗଣିତ ଶତ୍ରୁ । ଈର୍ଷା-ବିଦ୍ୱେଷ ଅଗ୍ନିରେ ଶତ୍ରୁମାନେ ଜାଳନ୍ତି ଓ ଜଳନ୍ତି । ପ୍ରତିଭାର ପ୍ରଦୀପକୁ ଲିଭାଇ ନିଃଶେଷ କରିବାକୁ ସେମାନେ ଚାହାନ୍ତି । ଶ୍ରୀ ସାମନ୍ତଙ୍କ ଜୀବନରେ ତାହା ହିଁ ସବୁ ଘଟି ଚାଲିଥିଲା । ନାଟକର ମହାନାୟକ ମହତ୍ ଜୀବନରେ ସବୁବେଳେ ଥାଆନ୍ତି ଅବିଚଳିତ । ସ୍ଥିତପ୍ରଜ୍ଞ ପରି ସାଧାରଣ ଜନଜୀବନରୁ ସେ ଥାଆନ୍ତି ବହୁ ଊର୍ଦ୍ଧ୍ୱରେ । ଏହି ଐତିହାସିକ ସତ୍ୟନିଚୟକୁ ସଂକ୍ଷେପରେ ସଂଶ୍ଳେଷିତ ରୀତିରେ ଅଥଚ ମନଛୁଆଁ ଭାଷାରେ କବି ଲେଖିଛନ୍ତି ନିମ୍ନୋକ୍ତ ଭାବେ -

'ଧୀରମଣି ଏଥିଲାଗି ବିଚଳିତ
ହେବାର ତୁମ୍ଭର ନୁହଁଇ ଉଚିତ ।
ମଳିନ କରଇ ସିନା ମୁହୂର୍ତ୍ତକ
ଧ୍ରୁବତାରା ଜ୍ୟୋତି ଉଲ୍କାର ଝଟକ ।'
ରାଧାନାଥ ଗ୍ରନ୍ଥାବଳୀ (ଦରବାର), ପୃ.୨୦୪

ବିଳାସୀର ବିଳାସ-ବିଷ ଶ୍ରୀ ସାମନ୍ତଙ୍କ ପାଇଁ ପରିତ୍ୟଜ୍ୟ ଦ୍ରବ୍ୟ । ଭୋଗ-ବିଳାସର ବହୁଊର୍ଦ୍ଧ୍ୱରେ ସ୍ଥିତ ସେ ତପସ୍ୱୀପ୍ରବର, ସତେ ଅବା ବଜ୍ରସାର । ବିଳାସୀର ଉପଭୋଗ୍ୟ କୋଟି କୋଟି ଟଙ୍କା ମୂଲ୍ୟରେ ଗଢ଼ା ପ୍ରାସାଦ ମାଟିରେ ମିଶିଯାଏ ଓ ଯିବ । କିନ୍ତୁ ପଠାଣି ସାମନ୍ତଙ୍କର କୃତି-ଅମୂଲ୍ୟ-ବିଭୂତି ହେଲା ଉତ୍କଳର ଗର୍ବ ଓ ଗୌରବର କଥା, ଏହା କାଳଜୟୀ । ପରୋକ୍ଷରେ ତାଙ୍କ ମହାନ୍ ବ୍ୟକ୍ତିତ୍ୱର ପରିଚୟ

ଦେଇ ପ୍ରତ୍ୟକ୍ଷରେ ତାଙ୍କର ଅମୂଲ୍ୟ ଗ୍ରନ୍ଥ ସିଦ୍ଧାନ୍ତ ଦର୍ପଣଃ ସଂପର୍କରେ କବି ଲେଖିଛନ୍ତି -

'ମାତ୍ର ଉତ୍କଳର ଦର୍ପ, ଚିତ୍-ପ୍ରସୂତି
ଜ୍ୟୋତିଷ୍କ ଦର୍ପଣ, ଦରିଦ୍ରର କୃତି
'ସିଦ୍ଧାନ୍ତ ଦର୍ପଣ' ହେବ ନାହିଁ ଲୟ
ନର ଦେହେ ଥିବ ଯାବତ ହୃଦୟ ।'

ରାଧାନାଥ ଗ୍ରନ୍ଥାବଳୀ (ଦରବାର), ପୃ.୨୦୪

**ଉପସଂହାର**

ଦରବାର କାବ୍ୟରେ କବିବର ରାଧାନାଥ ରାୟ ଦାର୍ଶନିକ, ସମାଜ ସମାଲୋଚକ ଓ ସଂସ୍କାରକ ଭୂମିକାରେ ଅବତୀର୍ଣ୍ଣ ହୋଇ କ୍ରାନ୍ତକାରୀ ଦୃଷ୍ଟିରେ କଲମ ଚଳାଇଛନ୍ତି । ବ୍ୟଙ୍ଗ-ବିଦ୍ରୁପକୁ ଆଙ୍ଗିକ ଓ ଆତ୍ମିକ ଉପାଦାନ ଭାବେ ଗ୍ରହଣ କରି ନେଇ ସତ୍ୟ ଓ ବିବେକବୋଧକୁ କବିତା/କାବ୍ୟର ନାଭିକେନ୍ଦ୍ର (Epicentre) ଭାବେ ରଖି ସମସାମୟିକ ଚିତ୍ର ପ୍ରତିଫଳନ କରାଇବାରେ ସଫଳକାମ ହୋଇଛନ୍ତି କବିବର ଶ୍ରୀ ରାୟ । ଉପାଧିକ୍ରୟର ହାଟବଜାରରେ ତୋଷାମଦୀର କଦର୍ଯ୍ୟ ଓ ନାରକୀୟ ଜୀବନଯାତ୍ରାର ଝଲକ ଦେଖାଇ ଚିତ୍ରଗୁପ୍ତ ପାଞ୍ଜିରେ ଚରିତ୍ରଲିପି ଲିଖନର ସ୍ପଷ୍ଟ ଆଲେଖ୍ୟରେ କବିଙ୍କୁ ଟପିଗଲା ଭଳି ସାହିତ୍ୟ ବୋଧହୁଏ ବିଶ୍ୱଦରବାରରେ ବିରଳ ।

ଅସାର ବସ୍ତୁବିଭବ, ଲୋକ ଦେଖାଣିଆ ଚାକଚକ୍ୟ ତଥା ଅହଂକାର-ଦମ୍ଭ-ଦର୍ପର ପ୍ରଦର୍ଶନରେ ମାନବ ଜୀବନର କ୍ଷୁଦ୍ରତା ପ୍ରକଟ ହୁଏ, ଅପର ପକ୍ଷରେ ଦିବ୍ୟଚେତନା ଅନ୍ୱେଷଣ ପାଇଁ ସହାନୁଭୂତିର ପ୍ରଲେପଯୁକ୍ତ ଇଙ୍ଗିତ ଦେଇ କବିବର ରାଧାନାଥ ରାୟ ଲିପି-ସୌନ୍ଦର୍ଯ୍ୟ ଓ ପ୍ରକାଶ ଚାତୁର୍ଯ୍ୟର ଯେଉଁ କଥାକୁହା ଚିତ୍ରଟିଏ ଅଙ୍କନ କରିଛନ୍ତି, ତାହା ଯୁଗଜୟୀ ଓ ଅମର ନିଶ୍ଚିତ । ମନେହୁଏ 'ଦରବାର' କାବ୍ୟ ଥିଲା ଅଭିଷେକକାଳୀନ ଆପ୍ତବାଣୀ ।

କାବ୍ୟର ଶେଷଭାଗରେ କବିଙ୍କର ତୀକ୍ଷ୍ଣ କଲମର ବଳମରୂପ ବଦଳିଛି କିଛିମାତ୍ରାରେ, ବରଂ ଏଇଠି କବି ଉତ୍କଳର ସୁଯୋଗ୍ୟ ସନ୍ତାନ ସାମନ୍ତ ଚନ୍ଦ୍ରଶେଖର ସିଂହଙ୍କୁ ବହୁ ସମ୍ମାନ ଜଣାଇ ତାଙ୍କ ସାଧନାକୁ ସାଧୁବାଦରେ ଅଳଙ୍କୃତ କରି ତାଙ୍କର ସିଦ୍ଧ ପ୍ରାମାଣିକ ଶାସ୍ତ୍ର 'ସିଦ୍ଧାନ୍ତ ଦର୍ପଣଃ'ର ବହୁ ପ୍ରଶଂସା କରିଛନ୍ତି । ତତ୍‌ସହିତ ସମକାଳୀନ/ ତତ୍‌କାଳୀନ ଉତ୍କଳୀୟ ରାଜନ୍ୟବର୍ଗଙ୍କର ପ୍ରୋତ୍ସାହନହୀନତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ପଠାଣି ସାମନ୍ତଙ୍କୁ ତୀବ୍ର ଈର୍ଷାନଳରେ ଜଳାଇଥିବା ବ୍ୟକ୍ତିଙ୍କ ପ୍ରତି ବିଷୋଦ୍‌ଗାର କରିଛନ୍ତି । ଏହା ରାଧାନାଥ ରାୟଙ୍କର ଜୀବନ ଦର୍ଶନ ଓ ମୌଳିକତାର ପରିଚୟ ଦିଏ । ପରିପକ୍ୱ ବୟସରେ ଅଭିଜ୍ଞତାର ସାର ରସାଣିତ ପରଖ ପାଇଁ 'ଦରବାର' କାବ୍ୟ ଏକ ଉତ୍କୃଷ୍ଟ ସାହିତ୍ୟର ନମୁନା, ଚିରଭାସ୍ୱର ତା'ର ଚିନ୍ତା-ଚେତନାର ଦ୍ୟୋତକ, ବାସ୍ତବିକ ଏହା ମଧ୍ୟ ନ୍ୟାୟ ନିକିତିର ନମୁନା, ସାମନ୍ତ ଚନ୍ଦ୍ରଶେଖରଙ୍କ ପ୍ରତି ଶ୍ରଦ୍ଧା ସମ୍ମାନ ପ୍ରକଟର ଏକ ବିରାଟ ଭିତ୍ତିଖଣ୍ଡ ।

ଟିଚର ଏଡୁକେଟର
ଡି.ଆଇ.ଇ.ଟି., ଟିକାବାଲି
କନ୍ଧମାଳ ଜିଲ୍ଲା

# ଓ.ଏସ୍.ଆର୍.ଟି.ସି. ପକ୍ଷରୁ ଗତ ସେପ୍ଟେମ୍ବର ମାସରେ ୨୨୮.୧୭ ଲକ୍ଷ ଟଙ୍କା ଆୟ

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓ.ଏସ୍. ଆର୍.ଟି.ସି.) ପକ୍ଷରୁ ୨୦୦୪ ମସିହା ସେପ୍ଟେମ୍ବର ମାସରେ ୨୨୩.୨୭ ଲକ୍ଷ ଟଙ୍କା ଆଦାୟ କରାଯାଇଥିବା ବେଳେ ୨୦୦୫ ମସିହା ସେପ୍ଟେମ୍ବର ମାସରେ ୨୨୮.୧୭ ଲକ୍ଷ ଟଙ୍କା ଆଦାୟ କରଯାଇପାରିଛି । ଏହାବ୍ୟତୀତ ଭୁବନେଶ୍ୱରର ବରମୁଣ୍ଡା ଓ କଟକ ବାଦାମବାଡ଼ି ବସ୍‌ଷ୍ଟାଣ୍ଡରେ ରହଣି ମାହାସୁଲ ବାବଦରେ ୪ ଲକ୍ଷ ୬୯ ହଜାର ୩୨୧ ଟଙ୍କା ଆଦାୟ କରାଯାଇଛି ବୋଲି ବାଣିଜ୍ୟ ଓ ପରିବହନ ବିଭାଗ ସୂତ୍ରରୁ ପ୍ରକାଶ ।

ସେହିପରି ନିଗମ ପକ୍ଷରୁ ଗତ ସେପ୍ଟେମ୍ବର ମାସରେ ୨ ଗୋଟି ନୂତନ ଚେସିସ୍ କିଣା ଯାଇଥିବା ବେଳେ ଗୋଟିଏ ନୂତନ ବସ୍‌ର ବଡ଼ି ବିଲିଡିଂ କାର୍ଯ୍ୟ ଶେଷ ହୋଇଛି ବୋଲି ଉକ୍ତ ସୂତ୍ରରୁ ପ୍ରକାଶ ।

# କ୍ଷମତାର ବିକେନ୍ଦ୍ରୀକରଣ ଓ ମହିଳା

ସୁବ୍ରତ କୁମାର ମିଶ୍ର

ଗ୍ରାମ୍ୟ ସ୍ତରରେ ଶାସନକୁ ଲୋକାଭିମୁଖୀ କରିବା ପାଇଁ ଏବଂ ଏଥିରେ ପ୍ରତ୍ୟେକଙ୍କୁ ଅଂଶ ଗ୍ରହଣର ସୁଯୋଗ ଦେବା ପାଇଁ ଭାରତ ସରକାର ୧୯୯୨ ମସିହାରେ ପଞ୍ଚାୟତିରାଜର ୭୩ତମ ସମ୍ବିଧାନ ସଂଶୋଧନ ଆଇନ୍ ପ୍ରଣୟନ କଲେ । କ୍ଷମତାର ବିକେନ୍ଦ୍ରୀକରଣ ଓ ସର୍ବସାଧାରଣଙ୍କର ସ୍ଥାନୀୟ ଶାସନରେ ଭାଗୀଦାର ଉକ୍ତ ଆଇନ୍‌ର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ଆଇନ୍‌ରେ ମହିଳାମାନଙ୍କର ଗୁରୁତ୍ୱକୁ ଉପଲବ୍ଧି କରାଯାଇଥିଲା ।

ସମଗ୍ର ଭାରତବର୍ଷରେ ମହିଳାମାନଙ୍କର ସଂଖ୍ୟା ମୋଟ ଜନସଂଖ୍ୟାର ପ୍ରାୟ ଅଧା ଅଟେ । ତେଣୁ ଗଣତନ୍ତ୍ରର ସଫଳତା ପାଇଁ ମହିଳାମାନଙ୍କର ନିଜ କ୍ଷମତା ବିଷୟରେ ସଚେତନତା ରହିବାର ଆବଶ୍ୟକତା ରହିଛି । ମହିଳାମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଅଂଶ ଗ୍ରହଣର ସୁବିଧା ସୁଯୋଗ ଦେବା ପାଇଁ କେନ୍ଦ୍ର ଓ ବିଭିନ୍ନ ରାଜ୍ୟର ସରକାରମାନେ ସ୍ୱାଧୀନତା ପ୍ରାପ୍ତିଠାରୁ ଅନବରତ ଉଦ୍ୟମ କରି ଆସିଛନ୍ତି । ୧୯୯୩ ମସିହାର ୭୩ତମ ଓ ୭୪ତମ ସଂବିଧାନ ସଂଶୋଧନ ଉକ୍ତ ପ୍ରୟାସମାନଙ୍କ ମଧ୍ୟରୁ ଅନ୍ୟତମ । ଉକ୍ତ ଆଇନ୍ ଅନୁସାରେ ଗ୍ରାମାଞ୍ଚଳରେ ପଞ୍ଚାୟତିରାଜ ବ୍ୟବସ୍ଥା ଓ ସହରାଞ୍ଚଳରେ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ ପ୍ରତିନିଧି ନିର୍ବାଚନରେ ମହିଳାମାନଙ୍କ ପାଇଁ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ରହିଛି । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ, ତଫସିଲଭୁକ୍ତ ଜାତି, ଜନଜାତିଙ୍କ ପାଇଁ ଜନସଂଖ୍ୟା ଅନୁପାତରେ ଆସନ ସଂରକ୍ଷିତ ରହିଅଛି । ସମଗ୍ର ଭାରତବର୍ଷରେ ତିନୋଟିଯାକ ସ୍ତରରେ ସରପଞ୍ଚ, ସମିତି ଅଧ୍ୟକ୍ଷ ଏବଂ ଜିଲ୍ଲା ପରିଷଦ ଅଧ୍ୟକ୍ଷମାନଙ୍କ ପାଇଁ ମଧ୍ୟ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି । ଯଦି ଅଧ୍ୟକ୍ଷ ପଦବୀରେ ପୁରୁଷ ପ୍ରତିନିଧି ଥାଆନ୍ତି, ତେବେ ଉପାଧ୍ୟକ୍ଷା ପଦବୀରେ ମହିଳା ରହିବେ । ଯେଉଁ ପଞ୍ଚାୟତରେ ସରପଞ୍ଚ ମହିଳା ନୁହନ୍ତି, ସେହି ପଞ୍ଚାୟତରେ ନାଏବ ସରପଞ୍ଚ ପଦବୀ ମହିଳାମାନଙ୍କ ନିମନ୍ତେ ସଂରକ୍ଷିତ କରାଯାଇଛି । ଏହାବ୍ୟତୀତ ଯେଉଁ ପଞ୍ଚାୟତ ସମିତିରେ ଅଧ୍ୟକ୍ଷ ପଦବୀଟି ମହିଳାମାନଙ୍କ ପାଇଁ ସଂରକ୍ଷିତ ହୋଇନଥିବ, ସେହି କ୍ଷେତ୍ରରେ ଉପାଧ୍ୟକ୍ଷା ପଦବୀଟି ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିବ । ନିକଟ ଅତୀତରେ ସ୍ଥାନୀୟ ସମସ୍ୟାର ସମାଧାନ ଓ ନିଷ୍ପତ୍ତି ନେବା କ୍ଷେତ୍ରରେ ମହିଳାଙ୍କ ପାଇଁ ପଲ୍ଲୀ ସଭାର ଉପସ୍ଥିତ ସଦସ୍ୟମାନଙ୍କ ମଧ୍ୟରୁ ଏକ ଦଶମାଂଶ ମହିଳା ଉପସ୍ଥିତ ରହିବା ପାଇଁ ପଲ୍ଲୀସଭାର ଉଦ୍‌ଯୋକ୍ତା ଚେଷ୍ଟା କରିବେ ଓ ଗ୍ରାମ ସଭାରେ ଉପସ୍ଥିତ ଥିବା ସଦସ୍ୟମାନଙ୍କ ମଧ୍ୟରୁ ଏକ ତୃତୀୟାଂଶ ମହିଳାଙ୍କ ଉପସ୍ଥାନ ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ରାଜ୍ୟର ଜିଲ୍ଲା ପରିଷଦର ଏକ ତୃତୀୟାଂଶ ସଭାପତି ପଦବୀ ମଧ୍ୟ ମହିଳାମାନଙ୍କ ପାଇଁ ସଂରକ୍ଷିତ । ସେହିପରି ସବୁ ରାଜ୍ୟର ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀମାନଙ୍କ ମଧ୍ୟରୁ ଏକ ତୃତୀୟାଂଶ ଅଧ୍ୟକ୍ଷ ପଦବୀ ମହିଳାମାନଙ୍କ ନିମନ୍ତେ ସଂରକ୍ଷିତ ହେବା ପାଇଁ ସଂଶୋଧିତ ଆଇନ୍‌ରେ ବ୍ୟବସ୍ଥା ଅଛି ଏବଂ ଏକ ତୃତୀୟାଂଶ ସରପଞ୍ଚ ପଦବୀ ମହିଳାମାନଙ୍କ ଦ୍ୱାରା ପୂରଣ ହେବ । ଓଡ଼ିଶା ସରକାର ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତି କାର୍ଯ୍ୟର ସୁପରିଚାଳନା ପାଇଁ ସମିତି ସ୍ତରରେ ସାତଗୋଟି ସ୍ଥାୟୀ କମିଟି ଗଠନ କରିଅଛନ୍ତି । ଉକ୍ତ କମିଟିଗୁଡ଼ିକ ହେଲା -

୧. ଯୋଜନା ଅର୍ଥ, ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ଓ ସମନ୍ୱୟ ସ୍ଥାୟୀ କମିଟି ।

୨. କୃଷି, ପଶୁପାଳନ, ମୃତ୍ତିକା ସଂରକ୍ଷଣ, ଫଳଚାଷ, ଜଳଛାୟା ଉନ୍ନୟନ ଓ ମତ୍ସ୍ୟ ସ୍ଥାୟୀ କମିଟି ।

୩. ନିର୍ମାତା, ଜଳସେଚନ, ବିଦ୍ୟୁତ୍, ପାନୀୟ ଜଳ ଯୋଗାଣ ଓ ଗ୍ରାମ୍ୟ ପରିମଳ ସ୍ଥାୟୀ କମିଟି ।

୪. ସ୍ୱାସ୍ଥ୍ୟ, ସମାଜ କଲ୍ୟାଣ, ମହିଳା ଓ ଶିଶୁ ବିକାଶ ସ୍ଥାୟୀ କମିଟି ।

୫. ସାଧାରଣ ବଣ୍ଟନ, ଦୁର୍ବଳ ଶ୍ରେଣୀର ବିକାଶ, ଜଙ୍ଗଲ, ଇନ୍ଧନ ଓ ଗୋଖାଦ୍ୟ ସ୍ଥାୟୀ କମିଟି ।

୬. ହସ୍ତଶିଳ୍ପ, କୁଟୀରଶିଳ୍ପ, ଖଦୀ ଓ ଗ୍ରାମୋଦ୍ୟୋଗ ଶିଳ୍ପ ଓ ଗ୍ରାମ୍ୟ ଗୃହ ନିର୍ମାଣ ସ୍ଥାୟୀ କମିଟି ।

୭. ଶିକ୍ଷା, କ୍ରୀଡ଼ା ଓ ସାଂସ୍କୃତିକ ସ୍ଥାୟୀ କମିଟି ।

ଉପରୋକ୍ତ ସ୍ଥାୟୀ କମିଟିଗୁଡ଼ିକ ମଧ୍ୟରୁ ନଂ-୩ ଓ ୪ରେ ଉକ୍ତ ପଞ୍ଚାୟତ ସମିତିର ମହିଳା ଅଧ୍ୟକ୍ଷା/ଉପାଧ୍ୟକ୍ଷା କେବଳ ସଭାପତିତ୍ୱ କରିପାରିବେ । ଓଡ଼ିଶା ଜିଲ୍ଲା ପରିଷଦ ଅଧିନିୟମ ୧୯୯୧ର ଧାରା ୪ ଓ ଓଡ଼ିଶା ଜିଲ୍ଲା ପରିଷଦ ସ୍ଥାୟୀ କମିଟି ନିୟମାବଳୀ ୨୦୦୦ର ଧାରା ୩ରେ ଥିବା ବ୍ୟବସ୍ଥା ଅନୁଯାୟୀ ପ୍ରତ୍ୟେକ ଜିଲ୍ଲା ପରିଷଦ ତାହାର କାର୍ଯ୍ୟର ସୁପରିଚାଳନା ପାଇଁ ଉକ୍ତ ସାତଗୋଟି ସ୍ଥାୟୀ କମିଟି ଗଠନ କରିବେ । ୧, ୩, ୪ ସ୍ଥାୟୀ କମିଟିମାନଙ୍କରେ ଯଥାକ୍ରମେ ସଭାପତି, ଉପସଭାପତି ଓ ମହିଳା ସଭ୍ୟ ଅଧକ୍ଷା ରହିବେ ।

ସମାଜର ସାମାଜିକ ଏବଂ ଅର୍ଥନୈତିକ ପ୍ରଗତିରେ ମହିଳାମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ମହିଳାମାନଙ୍କୁ ଏହି ପ୍ରକ୍ରିୟାରେ ସାମିଲ୍ କରିବା ପାଇଁ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ସୁବିଧା ଦିଆଯାଇଛି, ଯେପରିକି ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନାରେ ଗୋଟିଏ ବ୍ଲକ୍‌ରେ ଗଠନ କରାଯାଇଥିବା ସ୍ୱୟଂ ସହାୟକ ଦଳ ମଧ୍ୟରୁ ୫୦ ପ୍ରତିଶତ ମହିଳାମାନଙ୍କ ପାଇଁ ସଂରକ୍ଷିତ । ସଂପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନାରେ ୩୦ ପ୍ରତିଶତ କର୍ମ ନିଯୁକ୍ତିର ସୁଯୋଗ ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିଛି । ଇନ୍ଦିରା ଆବାସ ଯୋଜନାରେ ବାସଗୃହ ହିତାଧିକାରୀ ପରିବାରର ମହିଳା ସଦସ୍ୟ ବା ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମିଳିତ ନାମରେ ପଞ୍ଜୀକୃତ କରାଯାଏ ।

ସମସ୍ତଙ୍କର ସାମଗ୍ରିକ ପ୍ରଚେଷ୍ଟା ଦ୍ୱାରା ମହିଳାଙ୍କ ପାଇଁ ପୃଷ୍ଠଭୂମି ତିଆରି ହୋଇପାରିଲେ, ସେଠାରେ ସେମାନେ କାର୍ଯ୍ୟ କରି କେବଳ ନିଜ ପାଇଁ ନୁହେଁ ବରଂ ଦେଶର ଓ ସମାଜର ଉନ୍ନତି ପାଇଁ ଭୂମିକା ଗ୍ରହଣ କରିପାରିବେ । ମହିଳାମାନଙ୍କୁ କ୍ଷମତା ପ୍ରଦାନ କରିବା ଓ ଶାସନ ଦାୟିତ୍ୱ ନେବାର ଅଭିନବ ପ୍ରକ୍ରିୟା ସମୟକ୍ରମେ ଏକ ପରିବର୍ତ୍ତିତ ସ୍ଥିତି ସୃଷ୍ଟି କରିବ, ଯେଉଁଥିରେ ମହିଳାମାନେ ସାମାଜିକ ନ୍ୟାୟ ପାଇପାରିବେ ।

**ସୌଜନ୍ୟ :**


୧. ୭୩ତମ ସମ୍ବିଧାନ ସଂଶୋଧନ, ଭାରତ ସରକାର

୨. ପଞ୍ଚାୟତ ସମାଚାର, ଜାନୁଆରୀ-ମାର୍ଚ୍ଚ ୨୦୦୫, ଓଡ଼ିଶା ସରକାର



ଅଧ୍ୟାପକ
ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ
ଭୁବନେଶ୍ୱର


## ମହିଳାମାନଙ୍କୁ କ୍ରୀଡ଼ା ନିମନ୍ତେ ସ୍ୱତନ୍ତ୍ର ବୃତ୍ତି

ରାଜ୍ୟର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମହିଳାମାନଙ୍କୁ ଦକ୍ଷ କ୍ରୀଡ଼ାବିତ୍ କରାଇ, ରାଜ୍ୟ ଓ ଦେଶର ସୁନାମ ଆଣିବା ଏବଂ ଅଧିକ ମାତ୍ରାରେ ମହିଳାମାନଙ୍କୁ କ୍ରୀଡ଼ାରେ ଜଡ଼ିତ କରାଇବାର ଲକ୍ଷ୍ୟ ନେଇ ଭାରତ ସରକାରଙ୍କ କ୍ରୀଡ଼ା ଅଥୋରିଟ୍ ସେମାନଙ୍କ ପାଇଁ କ୍ରୀଡ଼ା କ୍ଷେତ୍ରରେ ସ୍ୱତନ୍ତ୍ର ତାଲିମ୍ ଓ ବୃତ୍ତିର ବ୍ୟବସ୍ଥା କରିଛନ୍ତି ।

ଯେଉଁ ମହିଳାମାନେ ଫିଜିକାଲ ସାଇନ୍ସରେ ପି.ଏଚ୍.ଡି. ଓ ଏମ୍.ଫିଲ୍ କରିଥିବେ କିମ୍ବା ଡିପ୍ଲୋମା କୋର୍ସ କରିଥିବେ କିମ୍ବା କ୍ରୀଡ଼ାରେ ଅଂଶଗ୍ରହଣ କରି ପ୍ରଥମ, ଦ୍ୱିତୀୟ କିମ୍ବା ତୃତୀୟ ସ୍ଥାନ ଅଧିକାର କରିଥିବେ, ସେହିମାନଙ୍କ ପାଇଁ ସ୍ୱତନ୍ତ୍ର ତାଲିମ୍ ଓ ବୃତ୍ତିର ବ୍ୟବସ୍ଥା ରହିଛି ବୋଲି ମହିଳା ଶିଶୁ ବିକାଶ ବିଭାଗ ସୂତ୍ରରୁ ପ୍ରକାଶ ।

# ସଫଳ କାହାଣୀ

କନ୍ଧମାଳ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ ଦୁର୍ଗାଚରଣ ନାୟକ ଗତ ତା.୨୩.୮.୦୫ରିଖ ଦିନ ଜିଲ୍ଲାର ଖଜୁରୀପଡ଼ା ବ୍ଲକ୍ ଅଂଚଳ ଗସ୍ତକରି ମିଶନ୍ ଶକ୍ତି ଯୋଜନାରେ ଗଠିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର କାର୍ଯ୍ୟାବଳୀ ଅନୁଧାନ କରିଥିଲେ ।

ଖଜୁରୀପଡ଼ା ବ୍ଲକ୍‌ର ଆରାପାଜୁ ଗ୍ରାମରେ ସ୍ୱେଚ୍ଛାସେବୀ ସଂସ୍ଥା 'ଚାର୍ମ'ର ପ୍ରେରଣାକ୍ରମେ ଗଠିତ ଜୟ ଶ୍ରୀରାମ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଶିବାନୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଭବାନୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଗାୟତ୍ରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସାବିତ୍ରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମାଳତୀ ସ୍ୱୟଂ ସହାୟକ ଗୋଷ୍ଠୀ, ବୃନ୍ଦାବତୀ ସ୍ୱୟଂ ସହାୟକ ଗୋଷ୍ଠୀ, ବରାଳୀ ସ୍ୱୟଂ ସହାୟକ ଗୋଷ୍ଠୀ ଗଠିତ ହୋଇଛି । ଉପରୋକ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରୁ ବୃନ୍ଦାବତୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କାର୍ଯ୍ୟାବଳୀ ସନ୍ତୋଷଜନକ ଅଟେ । ଗତ ତା.୧୯.୧୦.୦୧ରେ ସୂର୍ଯ୍ୟକାନ୍ତୀ ଜାନୀଙ୍କ ସଭାପତିତ୍ୱରେ ଓ ନମିତା ସାହୁଙ୍କ ସଂପାଦନାରେ ଦଶ ଜଣ ସଭ୍ୟଙ୍କୁ ନେଇ ଗଠିତ ବୃନ୍ଦାବତୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଉତ୍ସାହ ଓ ସଂଚୟ ମନୋବୃତ୍ତି ଯୋଗୁଁ ନାବାର୍ଡ଼ ସହାୟତାରେ ଦୁତୀପଡ଼ାସ୍ଥିତ କଳାହାଣ୍ଡି ଆଂଚଳିକ ଗ୍ରାମ୍ୟ ବ୍ୟାଙ୍କ ପ୍ରଥମ କିସ୍ତିରେ ୩ ହଜାର, ଦ୍ୱିତୀୟ କିସ୍ତିରେ ୮ ହଜାର ଓ ତୃତୀୟ କିସ୍ତିରେ ୨୦ ହଜାର ଟଙ୍କା ଋଣ ଆକାରରେ ପ୍ରଦାନ କରିଥିଲେ । ନିର୍ଦ୍ଧାରିତ ସମୟ ପୂର୍ବରୁ ସମସ୍ତ ଟଙ୍କା ପୈଠ କରାଯିବା ପରେ ଗତ ତା.୧୭.୧୨.୦୪ରିଖ ଦିନ ସଂପୃକ୍ତ ଗୋଷ୍ଠୀଙ୍କୁ ୭୦ ହଜାର ଟଙ୍କା ଋଣ ମିଳିଛି । ଆଲୋଚନା ସମୟରେ ସେଥିରୁ ୧୯,୯୪୪ ଟଙ୍କା ପରିଶୋଧ ହୋଇଥିବା ବିଷୟ ସଂଘର ସଂଚୟ ଖାତାରୁ ଜଣାପଡ଼ିଛି । ବର୍ତ୍ତମାନ ଉକ୍ତ ଗୋଷ୍ଠୀରେ ୧୭ ଜଣ ସଭ୍ୟ ଅଛନ୍ତି ଓ ସେମାନେ ପ୍ରଭାବତୀ ପଣ୍ଡାଙ୍କୁ ସଭାପତି ଓ ଭାଗ୍ୟବତୀ ଦେହୁରୀଙ୍କୁ ସଂପାଦିକା ଭାବେ ନିର୍ବାଚିତ କରିଛନ୍ତି । ଋଣ ଅର୍ଥରେ ସେମାନେ ଗ୍ରାମରେ ୪ଟି ଦୋକାନ ଗୃହ ପରିଚାଳନା କରିବା ସହିତ ବଡ଼ି, ପାମ୍ପଡ଼, ଆଚାର ଇତ୍ୟାଦି ତିଆରି କରି ବାହାରକୁ ରପ୍ତାନୀ କରୁଛନ୍ତି । ମୂଳ ଉଦ୍ଦେଶ୍ୟ ବିନ୍ସ ଚାଷ ସହିତ ଅନ୍ୟାନ୍ୟ ପନିପରିବା ଓ ଆଳୁ ଚାଷ କରିବା ସଂଗେସଂଗେ ଆବଶ୍ୟକ ସମୟରେ ଇଟା ତିଆରି କରୁଛନ୍ତି । ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ଦ୍ୱାରା ସେମାନଙ୍କର ଆର୍ଥିକ ପରିସ୍ଥିତିରେ ଉନ୍ନତି ହୋଇଛି ବୋଲି ସଭ୍ୟମାନେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀଙ୍କୁ ଜଣାଇଥିଲେ ।

ଖଜୁରୀପଡ଼ା ବ୍ଲକ୍‌ର ଭାଲିଆପଡ଼ା ଗ୍ରାମରେ ତା.୧୦.୭.୦୫ରେ ଗଠିତ ମା' ପିତାବଳୀ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମେ ୧୫ ଜଣ ସଭ୍ୟଙ୍କୁ ନେଇ ଗଠିତ ହୋଇଥିଲା । କୃଷି କାର୍ଯ୍ୟରେ ଆନୁଷଙ୍ଗିକ ସହାୟତା ପ୍ରଦାନ ସ୍ୱରୂପ ଖଜୁରୀପଡ଼ାସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ସଂପୃକ୍ତ ଗୋଷ୍ଠୀକୁ ଋଣ ଆକାରରେ ୨ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରିଥିଲେ । ପ୍ରାପ୍ତ ୨ ଲକ୍ଷ ୫୦ ହଜାର ଟଙ୍କା ମଧ୍ୟରୁ ଏକ ଲକ୍ଷ ୨୫ ହଜାର ଟଙ୍କା ବିନିମୟରେ ପନିପରିବା ରପ୍ତାନୀ ପାଇଁ ଗୋଟିଏ ଟେମ୍ପୋ ଟ୍ରଲି କିଣା ଯାଇଥିଲା । ଏକ ଲକ୍ଷ ୨୫ ହଜାର ଟଙ୍କା ସବ୍‌ସିଡି ଅର୍ଥରୁ ସ୍ୱୟଂ ସହାୟକ ଗୋଷ୍ଠୀ ଗୃହ ନିର୍ମାଣ ପାଇଁ ୧୨,୫୦୦ ଟଙ୍କା, ସଭ୍ୟମାନଙ୍କର ପୂର୍ବ ଋଣ ପରିଶୋଧ ପାଇଁ ୨୦ ହଜାର ଟଙ୍କା, ଚାଷ କାମ ପାଇଁ ଉଦ୍ଦିଷ୍ଟ ହଳ, ବିହନ, ସାର, ଖତ ଆଦି କିଣିବା ପାଇଁ ୯୨ ହଜାର ୫୦୦ ଟଙ୍କା ସଭ୍ୟମାନଙ୍କ ମଧ୍ୟରେ ବିତରଣ କରାଯାଇଛି । କିଣା ଯାଇଥିବା ଟ୍ରଲି ଅଟୋ କ୍ଷତିରେ ଚାଲୁଥିବା ବିଷୟ ସଭ୍ୟଗଣ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀଙ୍କ ନିକଟରେ ଜଣାଇଥିଲେ । ଋଣ ଅର୍ଥ ଏକ ଲକ୍ଷ ୨୫ ହଜାର ଟଙ୍କା ମଧ୍ୟରୁ ଅଦ୍ୟାବଧି ୧୧ ହଜାର ଟଙ୍କା ପରିଶୋଧ ହୋଇଛି । ଏତଦ୍‌ବ୍ୟତୀତ ସଂଚୟ ଜମା ଖାତାରେ ୩୮ ହଜାର ୬୭୮ ଟଙ୍କା ଅଛି । ବର୍ତ୍ତମାନ ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ଗୌର ଦିଗାଲ ସଭାପତି ଅଛନ୍ତି ଓ ବିମ୍ବାଧର ମହାପାତ୍ର ସଂପାଦକ ଅଛନ୍ତି । ଟ୍ରଲି ଅଟୋ ଯୋଗୁଁ ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ଯଥେଷ୍ଟ ଲାଭ ହେଉନଥିବା ବିଷୟ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଜିଲ୍ଲାପାଳଙ୍କୁ ଜଣାଇବା ପରେ, ଜାତୀୟ ଖାଦ୍ୟ ପାଇଁ କାମ ଯୋଜନା ଚାଉଳ ନେବା ଆଣିବା କାର୍ଯ୍ୟରେ ଉକ୍ତ ଟ୍ରଲି ଅଟୋକୁ ବିନିଯୋଗ କରିବା ପାଇଁ ଖଜୁରୀପଡ଼ାସ୍ଥିତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

ସେହିପରି, ସରଚୂଡ଼ ଗ୍ରାମରେ ୧୩ ଜଣ ସଭ୍ୟାଙ୍କୁ ନେଇ ଗଠିତ ଭଗବତ ସ୍ୱାମୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମେ ନିଜ ନିଜ ମଧ୍ୟରେ ୧୦ ଟଙ୍କା ଲେଖାଏଁ ସଂଚୟ କରିବା ପରେ ବିନ୍ସ ଚାଷର ଉନ୍ନତିକରଣ ପାଇଁ ନାବାର୍ଡ଼ ସହାୟତାରେ ଦୁତୀପଡ଼ାସ୍ଥିତ କଳାହାଣ୍ଡିସ୍ଥିତ କଳାହାଣ୍ଡି ଆଂଚଳିକ ଗ୍ରାମ୍ୟ ବ୍ୟାଙ୍କ ଦ୍ୱାରା ଋଣ ଆକାରରେ ପ୍ରାପ୍ତ ପ୍ରଥମ କିସ୍ତିରେ ଏକ ହଜାର ଓ ଦ୍ୱିତୀୟ କିସ୍ତିରେ ୯ ହଜାର ଟଙ୍କା ପରିଶୋଧ କରିବା ପରେ ଛେଳି କିଣିବା ପାଇଁ ୨ ଲକ୍ଷ ୫୦ ହଜାର ଟଙ୍କା ମଂଜୁର ଋଣ ମଧ୍ୟରୁ ଏକ ଲକ୍ଷ ୨୫ ହଜାର ଟଙ୍କା ବିନିଯୋଗ କରି ୯୦ଟି ଛେଳି କିଣାଯାଇଛି । କ୍ରମଶଃ ସେମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଛି । ବର୍ତ୍ତମାନ ପ୍ରତ୍ୟେକ ସଭ୍ୟ ମାସିକ ୧୫ ଟଙ୍କା ଲେଖାଏଁ ସଂଚୟ କରୁଛନ୍ତି ।

ସୌଜନ୍ୟ : ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, କନ୍ଧମାଳ, ଫୁଲବାଣୀ

ସମ୍ପାଦକୀୟ

# ଶ୍ରୀକ୍ଷେତ୍ର ଉତ୍ସବ

ଦେଖ ଯେ ନିତ୍ୟ ନୀଳାଚଳ - ସକଳ ତୀର୍ଥଙ୍କର ଆଳ ।
ଗୋପ ମଥୁରା ବୃନ୍ଦାବନ - ଦ୍ୱାରକା ଆଦି ଯେତେ ସ୍ଥାନ ।।
ସକଳ ଏହି ସ୍ଥାନେ ପାଇ - ଆବର କାଶୀ ମଧ୍ୟେ ହୋଇ ।
କୋଟିଏ ତୀର୍ଥ ଏ କ୍ଷେତ୍ରରେ - ମହିମା କହିଲେ ନ ସରେ ।।

କବି କଣ୍ଠର ଏ ଅମୃତ ଉଚ୍ଚାରଣ ମାଧୁରୀଭରା ଉଚ୍ଛ୍ୱାସରେ ଶ୍ରୀକ୍ଷେତ୍ର ମାହାତ୍ମ୍ୟ ଯେମିତି ଉଚ୍ଛୁଳି ଉଠିଛି, ସାଂସ୍କୃତିକ ଐକ୍ୟ, ଆଧ୍ୟାତ୍ମିକ ସନ୍ତୁଳନ, ଆଧିଭୌତିକ ଭାବମୟତା ଓ ଆଧିଦୈବିକ ତନ୍ମୟତାର ଏକ ମନୋଜ୍ଞ ସମନ୍ୱୟରେ ବିଚିତ୍ର ଏଇ ପୁଣ୍ୟ-କ୍ଷେତ୍ର- ଶ୍ରୀକ୍ଷେତ୍ର । ଯାହାର ବାଲିକଣାରେ ଭରି ରହିଛି ଅଖଣ୍ଡ ଆଶିଷର ସମ୍ମୋହିତ ସ୍ପର୍ଶ, ଯାହାର ଜଳଧାରାରେ ଭରି ରହିଛି ପାବକତାର ଅମୃତ ଅନୁଭବ, ଯାହାର ଆକାଶରେ ପରିପୂର୍ଣ୍ଣ ସମର୍ପଣର ପ୍ରତୀତି, ଯାହାର ବେଳାଭୂମିରେ ଆନତ ଅତୀନ୍ଦ୍ରିୟତାର ମାଦକତା, ଯାହାର ପବନରେ ଭାରତୀୟ ମହାମାନବର ପରମ୍ପରାର ପୂତ ଉଦ୍‌ଘୋଷଣା, ତାହାର ନାମ ସ୍ମରଣ ମାତ୍ରେ ଶୂନ୍ୟ ଅନ୍ତରାତ୍ମା ପରିପୂର୍ଣ୍ଣ ହୋଇଯାଏ । ବିଶ୍ୱାସ ଓ ସନ୍ତୋଷର ସେ କ୍ଷେତ୍ର - ଶ୍ରୀକ୍ଷେତ୍ର, ଚକ୍ରକ୍ଷେତ୍ର, ଶଙ୍ଖକ୍ଷେତ୍ର, ମର୍ତ୍ତ୍ୟବୈକୁଣ୍ଠ, ମୋକ୍ଷପୁରୀ, ପତିତପାବନ କ୍ଷେତ୍ର ହିଁ କେବଳ ହୋଇପାରେ । ସାଗରର ପୂର୍ବତଟରେ ଏକ ଅନନ୍ୟ ତାତ୍ତ୍ୱିକ, ଐତିହାସିକ ଓ ପ୍ରବାଦ ପ୍ରସିଦ୍ଧ କ୍ଷେତ୍ର ଏ ଶ୍ରୀକ୍ଷେତ୍ର ।

ପୁରୀର ଏହି ଭୌତିକ ଭୌଗୋଳିକ ସ୍ଥୂଳ ଶରୀର ଏକ ଆଧ୍ୟାତ୍ମିକ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଦାର୍ଶନିକ ମହତ୍ତ୍ୱ ସମ୍ବଳିତ ଆତ୍ମା ହେଉଛି ଏହି ଶ୍ରୀକ୍ଷେତ୍ର । ପରଂବ୍ରହ୍ମଙ୍କର ଏକ ବିସ୍ମୟ ଉଦ୍ରେକକାରୀ ବିଚିତ୍ର ମନଲୋଭା ରୂପର ବିରଳ ଉପସ୍ଥିତି ଏହାର ପ୍ରମାଣ । ବହୁ ତଥ୍ୟ, ତତ୍ତ୍ୱ, ଆଖ୍ୟାୟିକା, ପ୍ରବାଦରୂପୀ ପ୍ରମାଣ ଭିତରେ ତାଙ୍କୁ ଧରି ରଖିବା ପାଇଁ ଯେ ଚେଷ୍ଟା କରିଛି, ତାକୁ ଆନାସିକ ବୁଡ଼ିବାକୁ ହୋଇଛି । ସବୁ କବି, ଭକ୍ତ, ସନ୍ଥଙ୍କର ଅନୁଭୂତି, ସନ୍ଥବାଣୀ ଓ ଅଭିଭୂତିରେ ମହନୀୟ ହୋଇ ଉଠିଛି ଏ ମାଟି । ଏଇଠି ବହୁ ଦର୍ପୀଙ୍କର ଦର୍ପ ଆଖି ପିଛୁଳାକେ ଚୂରମାର୍ ହୋଇଯାଇଛି । ସମର୍ପଣ ସୁରରେ ଚମତ୍କୃତ ହୋଇଯାଇଛନ୍ତି, ଅହଙ୍କାରରେ ଉବୁଟୁବୁ ହେଉଥିବା ଅନେକ ଚରିତ୍ର । ଏ କ୍ଷେତ୍ରରେ ଅନେକଙ୍କର ଜୀବନର ଗତିପଥ ପରିବର୍ତ୍ତିତ ହୋଇଯାଇଛି । ପୁଣି ଏହି କ୍ଷେତ୍ର ସବୁ ଶୂନ୍ୟତାକୁ ପଛରେ ପକାଇ ପୂର୍ଣ୍ଣତାରେ ମହକିତ କରିଦିଏ ସବୁରି ସତ୍ତାକୁ । ଚେତନାର ଉତ୍‌କ୍ରମଣ ଉଦ୍‌ବୁଦ୍ଧ କରି ଦିଏ ବିବିଧ ଧାର୍ମିକ ବିଶ୍ୱାସକୁ, ମତବାଦକୁ । ଉଦ୍‌ବାହୁ ସ୍ୱୀକାର କରିନିଏ ସବୁକୁ । ନିଜ ଭିତରେ କାହିଁ କେଉଁଠି ହଜେଇ ଦିଏ ବିବିଧତାକୁ । ଆତୁର ଭକ୍ତର ନିର୍ମଳ ହୃଦୟରେ ଏଇ ଶ୍ରୀକ୍ଷେତ୍ରରେ ପ୍ରତିଦିନ ଅଲୌକିକ ପୁଲକର ଦିବ୍ୟରେଣୁ ଲେସି ହୋଇଯିବା ବିଚିତ୍ର ନୁହେଁ ।

ଏଠି ଶାସ୍ତ୍ର ନଗଣ୍ୟ, ଶାସ୍ତ୍ରୀୟ ଆଚରଣବିଧି ନଗଣ୍ୟ, ଦର୍ଶନ ନଗଣ୍ୟ, ସବୁରି ଉର୍ଦ୍ଧ୍ୱରେ ପଲକହୀନ ଚକ୍ଷୁର ବିସ୍ତାର, ଅସୀମ ହସ୍ତର ପ୍ରସାର, ବ୍ୟାପ୍ତିହୀନ ପାଦଦ୍ୱୟର ସଞ୍ଚାର । ଅଭିଭୂତ କରେ ନିରାକାରବାଦୀମାନଙ୍କୁ, ଶୂନ୍ୟବାଦୀଙ୍କୁ, ଦାର୍ଶନିକଙ୍କୁ ଅଥଚ

କେତେ ସହଜରେ । ସଂଶୟହୀନ ସମର୍ପଣରେ ପରିପୂର୍ଣ୍ଣ କରିଦିଏ ଅହଙ୍କାରଶୂନ୍ୟ ହୃଦୟକୁ - ସମୁଦ୍ରର ବାଲିରଥରେ, କାହାର ବହୁ ଦୂରରୁ ସମର୍ପିତ ନଡ଼ିଆରେ ଓ କାହାର ନିର୍ବଂଶ ହେବାର ଆଶିଷ ଭିକ୍ଷାରେ ।

ଏହି ମାଟିରେ ପାଦ ଦେଲେ ସବୁ ବୁଝି ହୁଏ । ଜୀବନର ସମସ୍ତ ଶୃଙ୍ଖଳ ଏଇଠି ଖୋଲିଯାଏ । ମନର ସବୁ ଅସମାହିତ ପ୍ରଶ୍ନ ଆପେ ଆପେ ସମାହିତ ହୋଇଯାଏ । ସବୁ ଅସ୍ପୃଷ୍ଟ ଇଲାକାକୁ ଛୁଇଁ ହୋଇଯାଏ । ସବୁ ଅଦୃଶ୍ୟ ଦୃଶ୍ୟମାନ ହୋଇଆସେ । ସବୁ ଆକାଂକ୍ଷାର ପୂର୍ଣ୍ଣତା ମିଳିଯାଏ କ୍ଷଣକରେ ।

କିଏ ବା କ'ଣ ନ ପାଇଛି ଏଠି ? କେଉଁ ଲୀଳା ନାହିଁ ଏ ଲୀଳାମୟ ନିକଟରେ । ରତ୍ନସିଂହାସନ ଉପରେ ବିବିଧ ପୂଜାବିଧିରେ, ବିଚିତ୍ର ବେଶ ପୋଷାକରେ, ରସରାଜ ହୋଇଯାଏ ସେ । ରାଜକୀୟତାର ଅନ୍ତରାଳରେ ଏ କି ଶୁଦ୍ଧ ପ୍ରତୀତିରେ ଚହଲାଇ ଦିଏ ଐଶ୍ୱର୍ଯ୍ୟ । ପୁଣି ବାହାରି ଆସିଲେ - ରାଜଦାଣ୍ଡରେ ସେ ସବୁରି ହୋଇଯାଏ ହୃଦୟର ମଣି, ଆଖିର ତାରା, ଅସନ୍ତୋଷର ସନ୍ତୋଷ, ଅନ୍ଧକାରର ଆଲୋକ ଓ ଅପ୍ରାପ୍ତିର ପ୍ରାପ୍ତି - ମାଧୁର୍ଯ୍ୟ ଲୀଳାରେ ଲୀଳାୟିତ ହୋଇଯାଏ ଶରଧାବାଲିର ରେଣୁକଣା ।

ଏଇତ ପ୍ରସିଦ୍ଧି ଏ କ୍ଷେତ୍ରର । କୈବଲ୍ୟରେ, ମୁକ୍ତିରେ, ନୀଳଚକ୍ରରେ, ନୀଳକନ୍ଦରରେ ଓ ସମୁଦ୍ରର ନୀଳିମାରେ । ସବୁଠି ମୋହ, ମୁକ୍ତିର ଏ ପରମ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶାନ୍ତି । ସାଂସ୍କୃତିକ ଜୀବନଧାରାର ଏକ ମନୋଜ୍ଞ ପ୍ରାଣକେନ୍ଦ୍ର । ଇହକାଳ ଓ ପରକାଳର ଆଲୋକିତ ଦିଶାରୀ । ସେହି ପ୍ରତ୍ୟୟର ପୁନଃ ସଂସ୍ଥାପନ ପାଇଁ ଆଧ୍ୟାତ୍ମିକ ତୃଷ୍ଣାର ପରିତୃପ୍ତି ପାଇଁ ଏକ ବଳିଷ୍ଠ ସରକାରୀ ଉଦ୍ୟମ ବିଶ୍ୱର ଅନ୍ତରାତ୍ମାରେ ଏ କ୍ଷେତ୍ର ପରମ କ୍ଷେତ୍ର ହୋଇଥାଉ - ଏଇ ପ୍ରୟାସର ଏ ଆୟାସ-ଶ୍ରୀକ୍ଷେତ୍ର ଉତ୍ସବ ।

# ଉତ୍କଳ ପ୍ରସଙ୍ଗ

**The Utkal Prasanga**

୬୨ ଭାଗ | ୫ମ ସଂଖ୍ୟା | ମାର୍ଗଶିର-ପୌଷ | ଡିସେମ୍ବର - ୨୦୦୫



**ଦିଗମ୍ବର ମହାନ୍ତି**
କମିଶନର ତଥା ଶାସନ ସଚିବ

**ବୈଷ୍ଣବ ପ୍ରସାଦ ମହାନ୍ତି**
ନିର୍ଦ୍ଦେଶକ

**ଶରତଚନ୍ଦ୍ର ସାମନ୍ତରାୟ**
କାର୍ଯ୍ୟ ନିର୍ବାହୀ ସମ୍ପାଦକ

ସମ୍ପାଦନା ସହଯୋଗୀ
**ଗୋବିନ୍ଦଚନ୍ଦ୍ର ମଲ୍ଲିକ**
**ସଚ୍ଚିଦାନନ୍ଦ ବାରିକ**

ପ୍ରଚ୍ଛଦପଟ ଓ ଲେ-ଆଉଟ ଡ଼ିଜାଇନିଂ
**ମାନସ ନାୟକ**
ଫଟୋ :
**ରାଜୁ ସିଂ**
**ମାନସ ରଂଜନ ମହାନ୍ତି**

କମ୍ପ୍ୟୁଟର ସେଟିଂ ଓ ଡ଼ିଜାଇନିଂ
**ମନୋଜ କୁମାର ପାତ୍ର**
**ହେମନ୍ତ କୁମାର ସାହୁ**



***ବାର୍ଷିକ ଦେୟ : ଟ.୫୦.୦୦***
***ପ୍ରତିଖଣ୍ଡ : ଟ.୫.୦୦***



ଉତ୍କଳ ପ୍ରସଙ୍ଗ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।




ଓଡ଼ିଶା ସରକାରଙ୍କର ସୂଚନା ଓ ଲୋକ ସମ୍ପର୍କ ବିଭାଗଦ୍ୱାରା ପ୍ରକାଶିତ ଏବଂ ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ - ୧୦ରେ ମୁଦ୍ରିତ ।

ଠିକଣା : 'ଉତ୍କଳ ପ୍ରସଙ୍ଗ', ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ, ଲୋକ ସଂପର୍କ ଭବନ, ଭୁବନେଶ୍ୱର - ୭୫୧୦୦୧
ଫୋନ : ୨୪୦୪୫୧୩, ଇ-ମେଲ୍ : iprsec@rediffmail.com, ୱେବ୍‌ସାଇଟ୍ : www.orissagov.nic.in

# ସୂଚୀ


| | | | |
|---|---|---|---|
| • ଶ୍ରୀକ୍ଷେତ୍ରରେ ଶ୍ରୀକ୍ଷେତ୍ର ମହୋତ୍ସବ | ରାଜକିଶୋର ମିଶ୍ର | --- | ୧ |
| • ପ୍ରବାଦ କ୍ଷେତ୍ର 'ପୁରୀ'ର ପ୍ରାଧାନ୍ୟ | ଶରତ କୁମାର କର | --- | ୩ |
| • ସମୟ ସ୍ରୋତରେ ଶ୍ରୀକ୍ଷେତ୍ର | ଡକ୍ଟର ନୀଳକଣ୍ଠ ମିଶ୍ର | --- | ୬ |
| • ରହସ୍ୟମୟ ପୁରୁଷୋତ୍ତମ ଧାମ | ପଣ୍ଡିତ ନରହରି ଦାଶ | --- | ୧୪ |
| • ଶ୍ରୀକ୍ଷେତ୍ର : ମାଣବସା ଗୁରୁବାର | ଓମ୍ ପ୍ରକାଶ ମହାପାତ୍ର | --- | ୧୯ |
| • ଶ୍ରୀକ୍ଷେତ୍ରର ପ୍ରାଚୀନତା ଓ ମହନୀୟତା | ଡକ୍ଟର ଜନ୍ମେଜୟ ଚୌଧୁରୀ | --- | ୨୦ |
| • ପୁରୁଷୋତ୍ତମ କ୍ଷେତ୍ରର ଶ୍ରୀଜଗନ୍ନାଥ ସଂସ୍କୃତି | ଭାସ୍କର ମିଶ୍ର | --- | ୨୩ |
| • କ୍ଷେତ୍ର ରହସ୍ୟ | ବସନ୍ତ କୁମାର ଦାସ | --- | ୨୫ |
| • ପୁରୀ ସାହିଯାତର ଐତିହ୍ୟ | ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର | --- | ୨୯ |
| • ଶ୍ରୀକ୍ଷେତ୍ର ସଂସ୍କୃତିରେ ଗାନ୍ଧର୍ବ କଳା | ଡକ୍ଟର ଶ୍ରୀନିବାସ ଆଚାର୍ଯ୍ୟ | --- | ୩୩ |
| • ପୁରୀ ଐତିହ୍ୟରେ ନାଗାର୍ଜୁନ | ପ୍ରଫୁଲ୍ଲ ଚନ୍ଦ୍ର ସାହୁ | --- | ୩୭ |
| • ମହାନାୟକ | ଡକ୍ଟର ପ୍ରସନ୍ନ କୁମାର ମହାନ୍ତି | --- | ୪୦ |
| • ଶକ୍ତିପୀଠ ଶ୍ରୀକ୍ଷେତ୍ରର ଅଧିଶ୍ୱର ଶ୍ରୀଜଗନ୍ନାଥ ସ୍ୱୟଂ କାଳିକା | ଦୁର୍ଗାପ୍ରସାଦ ମହାପାତ୍ର | --- | ୪୧ |
| • ଶ୍ରୀକ୍ଷେତ୍ରର ପ୍ରାଚୀନ ସଂସ୍କୃତି : ଜେଗା ଆଖଡ଼ା | ଲୋକନାଥ ପୂଜାପଣ୍ଡା | --- | ୪୫ |
| • ଶ୍ରୀକ୍ଷେତ୍ରର ମହକ : ମହାପ୍ରସାଦ | ଡଃ ଶରତଚନ୍ଦ୍ର ପରିଡ଼ା | --- | ୪୮ |
| • ନୀଳାଦ୍ରୌ ତୁ ଜଗନ୍ନାଥଃ ସାକ୍ଷାତ୍ ଦକ୍ଷିଣ କାଳିକା | ପଣ୍ଡିତ ହରହର ମହାପାତ୍ର | --- | ୫୩ |
| • ସ୍ମୃତିଧାର | କୃଷ୍ଣପ୍ରିୟା ଦାସ | --- | ୫୬ |
| • ଓଡ଼ିଶାର ଧାର୍ମିକ ବିଭବ - ଶ୍ରୀକ୍ଷେତ୍ରର ମଠ ସଂସ୍କୃତି | ଅଧ୍ୟାପକ ପବିତ୍ର ମୋହନ ବାରିକ | --- | ୫୮ |
| • ଜଗନ୍ନାଥ ସଂସ୍କୃତିରେ ଜାଗା ଆଖଡ଼ାର ତାତ୍ପର୍ଯ୍ୟ | ଡଃ ବିନୋଦିନୀ ଦାସ | --- | ୬୧ |
| • ଶ୍ରୀକ୍ଷେତ୍ରର ବିବିଧ ନଦୀର ଇତିହାସ | ସୁଶାନ୍ତ କୁମାର ସ୍ୱାଇଁ | --- | ୬୩ |
| • ଶ୍ରୀକ୍ଷେତ୍ରରେ ମାହାରୀ ନୃତ୍ୟ ପରିବେଷଣର ପ୍ରାସଙ୍ଗିକତା | ପଙ୍କଜ ସାହୁ | --- | ୬୬ |
| • ପୌରାଣିକ ଦୃଷ୍ଟିକୋଣରୁ ଶ୍ରୀକ୍ଷେତ୍ରର ସ୍ଥାନ | ଡକ୍ଟର ଜ୍ୟୋତିର୍ମତୀ ସାମନ୍ତରାୟ | --- | ୬୮ |
| • ଓଡ଼ିଶାର ସଂସ୍କୃତି ସଂପନ୍ନ ସମରକଳା ବନାଟି | | --- | ୭୦ |
| • ରାଧାନାଥୀୟ ଦରବାର ଓ ସାମନ୍ତ ଚନ୍ଦ୍ରଶେଖର | ନିର୍ମଳା କୁମାରୀ ମହାପାତ୍ର | --- | ୭୧ |
| • କ୍ଷମତାର ବିକେନ୍ଦ୍ରୀକରଣ ଓ ମହିଳା | ସୁବ୍ରତ କୁମାର ମିଶ୍ର | --- | ୭୮ |



ପରମ ତୀର୍ଥକ୍ଷେତ୍ର ପୁରୀ ଶ୍ରୀକ୍ଷେତ୍ର ପୁରୁଷୋତ୍ତମ କ୍ଷେତ୍ର ନାମରେ ପ୍ରସିଦ୍ଧ । ଏହାର ଅନ୍ୟନାମ ଶଙ୍ଖକ୍ଷେତ୍ର । ସ୍କନ୍ଦ ପୁରାଣ ଅନ୍ତର୍ଗତ ଉତ୍କଳ ଖଣ୍ଡ ଅନୁଯାୟୀ ଏହି କ୍ଷେତ୍ରର ଆକାର ଶଙ୍ଖ ସଦୃଶ ଥିବାରୁ ଏହାକୁ ଶଙ୍ଖକ୍ଷେତ୍ର କୁହାଯାଏ । ଏହି କ୍ଷେତ୍ରର ଆୟତନ ପଞ୍ଚକ୍ରୋଶ ଏବଂ ଆକାର ତ୍ରିକୋଣ । ପଞ୍ଚକ୍ରୋଶ ଆୟତନରୁ ପ୍ରାୟ ଅର୍ଦ୍ଧଭାଗ ସମୁଦ୍ର ଜଳରେ ନିମଗ୍ନ ଏବଂ ଉପରିଭାଗର ଆକୃତି ଶଙ୍ଖ ସଦୃଶ ।

ଏହି ଶଙ୍ଖାକାର କ୍ଷେତ୍ରର ମୂର୍ଦ୍ଧନୀ ହେଉଛି ପଶ୍ଚିମ ସୀମା । ନୀଳକଣ୍ଠ (ଇନ୍ଦ୍ରଦ୍ୟୁମ୍ନ ସରୋବର କୂଳରେ) ଏହି ଶଙ୍ଖର ଅଗ୍ରଭାଗରେ ଅବସ୍ଥାନ କରୁଛନ୍ତି । ଶଙ୍ଖର ନାଭିଦେଶରେ ରୋହିଣୀ କୁଣ୍ଡ, ଅକ୍ଷୟ ବଟ ଓ ଜଗନ୍ନାଥଙ୍କ ଆସ୍ଥାନ । ଅର୍ଦ୍ଧାଶିନୀ (ମାଉସୀ ମା) ଶଙ୍ଖର ମଧ୍ୟଭାଗରେ ଅବସ୍ଥାନ କରୁଛନ୍ତି । ନୀଳଗିରି ଏହି କ୍ଷେତ୍ରରେ ଶୋଭା ପାଉଛି । ଏହି ନୀଳଗିରି ପୁରୁଷୋତ୍ତମ ଜଗନ୍ନାଥଙ୍କ ନିବାସ ସ୍ଥଳ ।

## ପୁରାଣ ବର୍ଣ୍ଣନା ଅନୁସାରେ ଶଙ୍ଖକ୍ଷେତ୍ରରେ ଅବସ୍ଥିତ ପ୍ରସିଦ୍ଧ ସ୍ଥାନମାନଙ୍କର ନାମ

୧. ବଳଭଦ୍ର, ଜଗନ୍ନାଥ, ସୁଭଦ୍ରା ଓ ସୁଦର୍ଶନ
୨. ଶ୍ରୀକ୍ଷେତ୍ରେଶ୍ୱରୀ ବିମଳା
୩. ଶ୍ରୀମହାଲକ୍ଷ୍ମୀ
୪. ଉତ୍ତର ଦୁର୍ଗ
୫. ବାଟମଙ୍ଗଳା
୬. ଗରୁଡ଼ସ୍ତମ୍ଭ
୭. ଭୋଗମଣ୍ଡପ
୮. କଳ୍ପବୃକ୍ଷ
୯. ରୋହିଣୀକୁଣ୍ଡ
୧୦. ବାଟଗଣେଶ
୧୧. ଉତ୍ସ ଗଣପତି
୧୨. ଶ୍ରୀସରସ୍ୱତୀ ଦେବୀ
୧୩. ନବଗ୍ରହ
୧୪. କୋଣାର୍କ ସୂର୍ଯ୍ୟଦେବ
୧୫. ପାଦପଦ୍ମ
୧୬. ଯଜ୍ଞବଟ
୧୭. ଅଗ୍ନେଶ୍ୱର
୧୮. ଇନ୍ଦ୍ରାଣିଦେବୀ
୧୯. କ୍ଷେତ୍ରପାଳ
୨୦. ସ୍ନାନ ଭୈରବୀ
୨୧. ମୁକ୍ତେଶ୍ୱରୀ
୨୨. ଛତ୍ରକାଳୀ
୨୩. ବାଟ ମାର୍କେଣ୍ଡେୟ
୨୪. କାତ୍ୟାୟନୀ
୨୫. ଗୋପେଶ୍ୱର
୨୬. ବେଦ କାଳୀ
୨୭. ପାତାଳେଶ୍ୱର
୨୮. ଭୁବନେଶ୍ୱରୀ
୨୯. ବୈକୁଣ୍ଠେଶ୍ୱର
୩୦. ଯାଜ୍ଞ୍ୟଶ୍ୱେରୀ
୩୧. ଈଶାନେଶ୍ୱର
୩୨. ଶୀତଳା ଦେବୀ
୩୩. ପାକଶାଳା
୩୪. ଦକ୍ଷିଣେଶ୍ୱର
୩୫. କୁଣ୍ଡଳେଶ୍ୱର
୩୬. ରାମ ଚୈତନ୍ୟ ମନ୍ଦିର
୩୭. ବରଭୈ ହନୁମାନ
୩୮. ନିର୍ମାଲ୍ୟ ହନୁମାନ
୩୯. ଅଳକା ବାଟିକା
୪୦. ଚକ୍ର ନାରାୟଣ
୪୧. ରାମେଶ୍ୱର
୪୨. ଚତୁର୍ଧାମ
୪୩. କାନପଟା ହନୁମାନ
୪୪. ନିଳାଦ୍ରୀ ବିହାରୀ
୪୫. ବଟେଶ୍ୱର
୪୬. ଶିଆଳି ଲଟା
୪୭. କୋଇଲି ବୈକୁଣ୍ଠ
୪୮. ତପସ୍ୱୀ ହନୁମାନ
୪୯. ସୁବର୍ଣ୍ଣ କୂପ
୫୦. ଆନନ୍ଦ ବଜାର
୫୧. ଦେବସ୍ନାନ ମଣ୍ଡପ
୫୨. ମେଘନାଦ ପାଚେରୀ
୫୩. ସିଂହଦ୍ୱାର (ପୂର୍ବଦ୍ୱାର)
୫୪. ଅରୁଣ ସ୍ତମ୍ଭ
୫୫. ବଡ଼ଛାଟ ମଠ
୫୬. ଛାଉଣି ମଠ
୫୭. ପଜନତା
୫୮. ପ୍ରହରୀ ହନୁମାନ
୫୯. ଦକ୍ଷିଣ ଦ୍ୱାର
୬୦. ଦୁର୍ଗାମାଧବ
୬୧. ମଙ୍ଗଳେଶ୍ୱରୀ
୬୨. ପଶ୍ଚିମ ଦ୍ୱାର
୬୩. ଉତ୍ତର ଦ୍ୱାର
୬୪. ଶ୍ରୀଲୋକନାଥ
୬୫. ରାମେଶ୍ୱର
୬୬. କାନ୍ଦୁ ନୃସିଂହ
୬୭. କାନ୍ଦୁ ଆଶ୍ରମ
୬୮. ନିକୁମ୍ଭିଳାବଟ
୬୯. ହରଚଣ୍ଡୀ
୭୦. ଚାମୁଣ୍ଡେଶ୍ୱରୀ
୭୧. ବନଦୁର୍ଗା
୭୨. ବାସେଳୀ
୭୩. କପାଳମୋଚନ
୭୪. ମଣିକର୍ଣ୍ଣିକା ତୀର୍ଥ
୭୫. ଘାଟମଙ୍ଗଳା
୭୬. ଭଗବତୀ
୭୭. ମାର୍କେଣ୍ଡେଶ୍ୱର
୭୮. ମାର୍କେଣ୍ଡେୟ ତୀର୍ଥ
୭୯. ସପ୍ତମାତୃକା
୮୦. ଅଳମ୍ବା ଦେବୀ
୮୧. ଅଠରନାଥ
୮୨. ମକରଧ୍ୱଜ ହନୁମାନ
୮୩. ଭାର୍ଗବୀ ନଦୀ
୮୪. ମୁକ୍ତାଶ୍ୱର
୮୫. ବାଟମଙ୍ଗଳା
୮୬. କପାଟେଶ୍ୱର
୮୭. ଭିଲ୍ୱେଶ୍ୱର
୮୮. ସିଦ୍ଧ ହନୁମାନ
୮୯. ଇନ୍ଦ୍ରଦ୍ୟୁମ୍ନ ତୀର୍ଥ
୯୦. ନୀଳକଣ୍ଠେଶ୍ୱର
୯୧. ଆଦି ନୃସିଂହ
୯୨. ଗୁଣ୍ଡିଚା ମଣ୍ଡପ
୯୩. ଅର୍ଦ୍ଧ ସୁଶାନି (ମାଉସୀମା)
୯୪. ମାର୍ଚ୍ଚିକା ଦେବୀ
୯୫. ଚର୍ଚ୍ଚିକା ଦେବୀ
୯୬. ଷୋଡ଼ଶ ପୁତ୍ରୀ
୯୭. ନାରାୟଣୀ
୯୮. ଅଙ୍ଗିରାଶ୍ରମ
୯୯. ଅଙ୍ଗିରାବଟ
୧୦୦. ଦକ୍ଷିଣକାଳୀ
୧୦୧. ଉଗ୍ରେଶ ଆଶ୍ରମ
୧୦୨. ଶ୍ୱେତଗଙ୍ଗା
୧୦୩. ମୁକ୍ତିଶୀଳା
୧୦୪. ଆଦିଶଙ୍କର ପୀଠ
୧୦୫. ସ୍ୱର୍ଗଦ୍ୱାର
୧୦୬. ବରାହୀ ଦେବୀ
୧୦୭. ଶ୍ୟାମାକାଳୀ
୧୦୮. ବଟ ହନୁମାନ
୧୦୯. ଚକ୍ରତୀର୍ଥ
୧୧୦. ଚକ୍ର ନାରାୟଣୀ
୧୧୧. ମହୋଦଧୀ ତୀର୍ଥ
୧୧୨. ଜଗନ୍ନାଥ ବଲ୍ଲଭ
୧୧୩. କାଶୀ ବିଶ୍ୱନାଥ
୧୧୪. ବିଶ୍ୱେଶ୍ୱରୀ
୧୧୫. ନରେନ୍ଦ୍ର ସରୋବର